
# ଭଗବାନଙ୍କ ନାଁରେ ମିଛ



ସହଦେବ ସାହୁ

# ଭଗବାନଙ୍କ ନାଁରେ ମିଛ

ସହଦେବ ସାହୁ

# ଭଗବାନଙ୍କ ନାଁରେ ମିଛ

ଲେଖକ : ସହଦେବ ସାହୁ

ପ୍ରକାଶକ : ଷ୍ଟାମ୍ପସ ଆଣ୍ଡ ଷ୍ଟାମ୍ପସ
ଶାଶ୍ୱତ, ଡି-୩, ବି.ଜେ.ବି. ନଗର,
ଭୁବନେଶ୍ୱର -୭୫୧୦୧୪ଥ

ପ୍ରଚ୍ଛଦ ଓ ମୁଦ୍ରଣ :ଷ୍ଟାମ୍ପସ ଆଣ୍ଡ ଷ୍ଟାମ୍ପସ
ଶାଶ୍ୱତ, ଡି-୩, ବି.ଜେ.ବି. ନଗର,
ଭୁବନେଶ୍ୱର -୭୫୧୦୧୪

ପ୍ରକାଶ :୨୧ ଅଗଷ୍ଟ ୨୦୧୫

ମୂଲ୍ୟ: ଟ. ୨୦୦/-

**BHAGABANANKA NAN RE MICHHA**
(Lies in the name of Supreme Lord)

Author : Sahadeva Sahoo
email.sahadevas@yahoo.com
www.sahadevasahoo.in

**Publisher :** Stamps & Stamps
Saswat , D-3, B.J.B. Nagar
Bhubaneswar -751014

Layout & Printer : Stamps & Stamps
Saswat , D-3, B.J.B. Nagar
Bhubaneswar -751014

**Publication** : 21st August 2015

Price : Rs. 200.00

**ISBN 81-87912-10-3**

Available :
1. *from* the publisher
2. *at* Charcha Prakasan ,
Plot # 866 Sector - 6,
Markata Nagar, Cuttack -753014

## ବିଭିନ୍ନ ଧର୍ମର ଶ୍ରଦ୍ଧାଳୁମାନଙ୍କଠାରୁ କ୍ଷମା ଭିକ୍ଷା

ଧର୍ମ ବିଷୟରେ ଗଢି ଉଠିଥିବା ଭ୍ରାନ୍ତ ଧାରଣା ବିଷୟରେ ବିଭିନ୍ନ ଦିଗରୁ ଆଲୋଚିତ ମୋର ପ୍ରବନ୍ଧମାନ ଗତ ପନ୍ଦର କୋଡିଏ ବର୍ଷ ଧରି ହେତୁବାଦୀ ପତ୍ରିକା 'ଚର୍ଚ୍ଚା'ରେ ଓ କେତେକ ଦୈନିକ ସମ୍ବାଦ ପତ୍ରରେ ପ୍ରକାଶ ପାଇଛି । ସେଗୁଡିକ ସହିତ ଅନ୍ୟ ପତ୍ରିକାରେ ପ୍ରକାଶିତ ଆଉ କେତୋଟି ପ୍ରବନ୍ଧ ଯୋଡି ମୁଁ ଏ ବହିଟିର କଳ୍ପନା କରିଛି । 'ଚିନ୍ତା ଓ ଚେତନା'ର 'ବର୍ଷା' ଉତ୍ସବ ପାଳନ ଅବସରରେ ଏହାର ଉନ୍ମୋଚନ କରିବାର ସୁଯୋଗ ଚିନ୍ତା ଓ ଚେତନାର ମହାସଚିବ ଶ୍ରଦ୍ଧେୟ ସୁରେନ୍ଦ୍ର ଦାସ ଦେଇଥିବାରୁ ବହିଟିର ଉନ୍ମୋଚନ ଆଜି ହେଉଛି - ରାଜ୍ୟପାଳ ଶ୍ରୀଯୁକ୍ତ ଏସ୍. ସି. ଜମିରଙ୍କ ହସ୍ତରେ । ଏଥିଲାଗି ମୁଁ ରାଜ୍ୟପାଳ ମହୋଦୟଙ୍କ ନିକଟରେ କୃତଜ୍ଞ ଏବଂ ସୁରେନ୍ଦ୍ର ବାବୁଙ୍କ ପାଖରେ ଋଣୀ ।

ନିକଟରେ କେତେଗୁଡିଏ ଅଘଟଣ ଧର୍ମ ଧାରଣା ଦ୍ୱାରା ପ୍ରେରିତ କେତେକ ଶ୍ରଦ୍ଧାଳୁଙ୍କୁ ଚମକାଇ ଦେଇଛି, ସେମାନଙ୍କୁ ଅଧିକ ଚମକାଇବା ଏ ବହିର ଉଦ୍ଦେଶ୍ୟ ନୁହେଁ, ସେମାନଙ୍କ ଧର୍ମଧାରଣାରେ ମାତିଯାଇଥିବା କେତେ ଗୁଡିଏ ବୁଢିଆଣୀ ଜାଲ ଛିଣ୍ଡାଇଦେବା ଏ ବହିର ଉଦ୍ଦେଶ୍ୟ । କାହାରି ଧର୍ମଧାରଣା ଉପରେ ଆଘାତ ଦେବା ମୋର ଉଦ୍ଦେଶ୍ୟ ନୁହେଁ, ତଥାପି ଯଦି କେହି ମୋର ମତ ଦ୍ୱାରା ଆହତ ହୁଅନ୍ତି ସେମାନଙ୍କଠାରୁ କ୍ଷମା ମାଗି ନେଉଛି ।

ଏ ବହିଟିରେ ମୋର କେତେକ ଚିନ୍ତା ଅନ୍ୟ ବହୁତ ଲୋକଙ୍କ ଚିନ୍ତା ସହିତ ଟକ୍କର ଦେଇପାରେ, ସେମାନଙ୍କ ମତାମତ ପାଇଲେ ପରବର୍ତ୍ତୀ ସଂସ୍କରଣରେ ତାହାର ଆଲୋଚନା କରି ପାରିବି ବୋଲି ଆଶା ରଖିଛି ।

ସହଦେବ ସାହୁ

# ସୂଚୀପତ୍ର


| | | |
|---|---|---|
| ୧. | ଧର୍ମର ଜନ୍ମ | ୧ |
| ୨. | ଧର୍ମ ଓ ଆଧ୍ୟାତ୍ମିକତା | ୫ |
| ୩. | ସ୍ୱର୍ଗ ନାହିଁ କି ନର୍କ ନାହିଁ | ୧୧ |
| ୪. | ଧର୍ମ ନୁହେଁ, ଉତ୍ତମ ସ୍ୱଭାବ ମଣିଷକୁ ଧାର୍ମିକ କରିଥାଏ | ୧୯ |
| ୫. | ମଣିଷ ତିଆରିରେ ଭଗବାନଙ୍କ ଭୂମିକା | ୨୬ |
| ୬. | ଧର୍ମର (ଅପ)ବ୍ୟବହାର | ୩୩ |
| ୭. | ଧର୍ମଗ୍ରନ୍ଥ ଈଶ୍ୱରଙ୍କ ମୁଖନିଃସୃତ ନୁହେଁ | ୩୮ |
| ୮. | ଧର୍ମଗ୍ରନ୍ଥର ଭାଷା ଆଞ୍ଚଳିକ | ୪୪ |
| ୯. | ଧର୍ମ ମଣିଷ ତିଆରି | ୪୯ |
| ୧୦. | ଭଗବାନ ଧାରଣା ଓ ପୁରୋହିତ ବ୍ୟବସ୍ଥା | ୫୪ |
| ୧୧. | ଭଗବାନଙ୍କ ମିଜାଜ୍ ମଣିଷ ତିଆରି କରେ | ୫୭ |
| ୧୨. | ଧର୍ମର ଅନୁଶାସନ ଓ ରାଜୁତା ଶାସନ | ୬୮ |
| ୧୩. | ନିର୍ବାଚନରେ (ଗଣତନ୍ତ୍ର)ରେ ଧର୍ମ | ୭୦ |
| ୧୪. | ପୂଜାପୂଜି ଆମକୁ ଲାଞ୍ଚ ଶିଖାଉଛି | ୭୪ |
| ୧୫. | ସଂସ୍କୃତ ଉଚ୍ଚାରଣ ଓ ପୁରୋହିତଗିରି | ୭୮ |
| ୧୬. | ନାରୀ ହେୟ ଓ ଅସୂର୍ଯ୍ୟଂପଶ୍ୟା ହୋଇଗଲା | ୮୭ |
| ୧୭. | ଧର୍ମ ଏକ ମୋହ, ଏକ ପାଗଳାମି | ୯୧ |
| ୧୮. | ନିଜ ଭାଗ୍ୟ ନିଜେ ନିୟନ୍ତ୍ରଣ କରୁଛ | ୯୬ |
| ୧୯. | ଈଶ୍ୱର ସେବାର ଭାଷା | ୧୦୩ |
| ୨୦. | ପରମ୍ପରା ଓ ଧର୍ମ | ୧୦୫ |
| ୨୦. | ଧର୍ମ ସହିଷ୍ଣୁତା ଶିଖାଏ, କିନ୍ତୁ ଧର୍ମଗୁରୁମାନେ ଅସହିଷ୍ଣୁ | ୧୧୪ |
| ୨୧. | ଆତ୍ମା ଏକ ଧାରଣା ମାତ୍ର | ୧୨୦ |
| ୨୨. | ଭଗବାନ କଣ ଜଣେ ଯାଦୁକର | ୧୨୩ |
| ୨୩. | ଅଦ୍ୱୈତବାଦ ସମ୍ବାଦବାଦର କାରଣ | ୧୨୯ |
| ୨୪. | ଗଣତନ୍ତ୍ର ଧର୍ମକୁ ସହନଶୀଳ କରିଦେବ | ୧୩୧ |
| ୨୫. | ଧର୍ମନିରପେକ୍ଷତା ବନାମ ଧର୍ମର ରାଜନୀତି | ୧୩୫ |
| ୨୬. | ଭଗବାନ ପୁରୋହିତଙ୍କ ସମ୍ପତ୍ତି | ୧୪୯ |
| ୨୭. | ଧର୍ମରେ ଯୁକ୍ତିଯୁକ୍ତତା | ୧୫୫ |
| ୨୮. | କୋର୍ଟ ନ୍ୟାୟ ଓ ଧର୍ମ ଆଚରଣ | ୧୫୮ |
| ୨୯. | ପ୍ରଳୟର ଚିହ୍ନ | ୧୬୨ |
| ୩୦. | କର୍ମ ହିଁ ଧର୍ମ, ସେବା ହିଁ ପୂଜା | ୧୬୯ |

# ଧର୍ମର ଜନ୍ମ

ଲକ୍ଷାଧିକ ବର୍ଷ ତଳେ ବଣ ଜଙ୍ଗଲରେ ଫଳମୂଳ ଆହରଣ କରୁଥିବା ବେଳେ ବା ଶିକାର ଚେଷ୍ଟାରେ ମଣିଷ ବିଫଳ ହୋଇଥିବ । ପାଖଆଖରେ ଘଟୁଥିବା ଘଟଣା ତାକୁ ବିପଦରେ ପକାଇଥିବ । ପ୍ରକୃତିର ବିଭିନ୍ନ ଘଟଣା କିପରି ଘଟୁଛି, କିଏ ଘଟାଉଛି, ଆମେ କେଉଁଠୁ ଆସିଛୁ, କିଏ ଆମକୁ ତିଆରି କରିଛି, ସବୁବେଳେ ଭଲ ବେଳ ଆସୁନାହିଁ କାହିଁକି, ସବୁ ଚେଷ୍ଟା ସତ୍ତ୍ୱେ ଖରାପ ବେଳ କାହିଁକି ଆସୁଛି, ଏମିତି କେତେ ପ୍ରଶ୍ନ ମଣିଷକୁ ବିବ୍ରତ କରିଥିବ । ଏ ସବୁର କାରଣ ସେ ଖୋଜିଥିବ । ଫଳମୂଳ ଆହରଣ ସ୍ତରରୁ ଚାଷ ବାସ ସ୍ତରକୁ ଆସିଲା ପରେ ମଣିଷ ବର୍ଷା, ଖରା, ବନ୍ୟା, ମରୁଡି ଆଦିର ପ୍ରଭାବରେ ଅଭିଭୂତ ହୋଇ ପଡିଥିବ । ସୂର୍ଯ୍ୟର ଆତଯାତ କିପରି ଶୀତ ଗ୍ରୀଷ୍ମ ଭଳି ଋତୁ ତିଆରି କରୁଛି, ପାଣିପାଗ କିପରି ବଦଳୁଛି ସେ ବିଷୟରେ ଆଶ୍ଚର୍ଯ୍ୟ ହେଇଥିବ, ଅନୁଧ୍ୟାନ କରିଥିବ । ଯେଉଁଠି ସେ କାର୍ଯ୍ୟ-କାରଣ ସମ୍ପର୍କ ବୁଝି ପାରି ନଥିବ, ମନେ ମନେ ଏକ ଅଲୌକିକ ଶକ୍ତିର ଧାରଣା ଆଣିଥିବ । କାର୍ଯ୍ୟ କାରଣ ସମ୍ପର୍କ ବୁଝିବାର ଚେଷ୍ଟାରେ ଯାହା ବିଫଳତା ମିଳିଲା ତହିଁରୁ ଧର୍ମ ଜନ୍ମ ନେଲା । ସବୁ ଘଟଣା ପଛରେ କେହି ନା କେହି ଲୁଚି ରହିଛି । କାହାର ଅଲକ୍ଷ୍ୟ ହାତ ରହିଛି, ସେ ହିଁ ସ୍ରଷ୍ଟା । ସ୍ରଷ୍ଟା ଧାରଣାରୁ ଉଦ୍ଭାବନ ହେଲା ଭଗବାନ । ମଣିଷ ତାର ଛବିରେ ଭଗବାନ ତିଆରି କଲା । ତାହାର ମିଜାଜ ବା ମାନସିକ ଅବସ୍ଥା ଘେନି ସେ ଭଗବାନଙ୍କ ଠାରେ ମାନସିକତା ରୋପଣ କଲା । ଭଲ ସମୟ ମାନେ ଭଗବାନ ଖୁସି । ଭଗବାନ ରାଗି ଗଲେ ଖରାପ କାଳ ପଡ଼େ । ଆରମ୍ଭ ହେଲା ଭଗବାନଙ୍କୁ ଖୁସି କରିବାର ଉପାୟ । ତୋଷାମଦ, ପ୍ରାର୍ଥନା, ଭୋଗ, ଲାଞ୍ଚ । ଯେଉଁମାନେ ସୂର୍ଯ୍ୟ ପରାଗ, ଚନ୍ଦ୍ର ଗ୍ରହଣ ଭଳି କେତେକ ଘଟଣା ବୁଝାଇ ପାରିଲେ ସେମାନେ ଭଗବାନଙ୍କୁ ବୁଝିପାରିଛନ୍ତି ବୋଲି ଧାରଣା ହେଲା ଓ ସେମାନେ ହେଲେ ପୁରୋହିତ ଓ ଭବିଷ୍ୟଦ୍‌ବକ୍ତା । ସେମାନଙ୍କ ଜ୍ଞାନ ଅନ୍ୟମାନଙ୍କୁ ଅଜଣା ରହିଲା ଓ ବଂଶାନୁକ୍ରମରେ ସନ୍ତାନମାନେ ହିଁ ଜାଣିଥିବାରୁ ପୁରୋହିତ ବଂଶ ସୃଷ୍ଟି ହେଲା ।

ଦୁଃଖ, ଅନୁତାପ, କ୍ଷମା-ପ୍ରାର୍ଥନା ଭଳି ମନୋଭାବ ମଣିଷକୁ ସାନ୍ତ୍ୱନା ଓ ପବିତ୍ରଭାବ ଆଣିଦେଲା, ମନକୁ ଖୁସି ରଖିଲା । ତାର ଆତ୍ମଯାତନା ଉଭେଇଗଲା, ସେ ସ୍ୱାଭାବିକ ଅବସ୍ଥାକୁ ଫେରିଲା । ସେଭଳି ମନୋଭାବକୁ ଧର୍ମର ଉପଚାର ଭିତରେ ରଖାଗଲା । ପ୍ରାୟଶ୍ଚିତ ହେଲା ପାପକୁ ଧୋଇ ଦେବାର ଓ ଧର୍ମକୁ ଫେରିବାର ଉପାୟ । ଏତେ ଧୀରେ ଧୀରେ ଏସବୁ

ପରିବର୍ତ୍ତନ ଘଟିଲା ଯେ ତାହା ମଣିଷର ଭାବପ୍ରବଣତାକୁ ରୂପ ଦେଲା । ମଣିଷ କାର୍ଯ୍ୟ କାରଣ ସମ୍ପର୍କ ବୁଝିବାର ସ୍ଥାନ ପାଇଲା ବେଳକୁ, ହେତୁବାଦୀ ହେଲା ବେଳକୁ, ମଣିଷ ସମାଜରେ ଧର୍ମର ଚେର ଗଭୀରରୁ ଗଭୀରତର ସ୍ତରକୁ ଚାଲିଗଲାଣି । ସଭ୍ୟତାର ଆରମ୍ଭ ବେଳକୁ ଧର୍ମଭାବ ମଣିଷର ଅସ୍ଥିମଜ୍ଜାଗତ ହୋଇଗଲାଣି । ମହାପୁରୁଷମାନେ ଯେଉଁ ଧର୍ମ ପ୍ରଚାର କରିଛନ୍ତି, ତାହା ନୂଆ ଧାରଣା ନୁହେଁ, ପୁରୁଣା ବୋତଲରେ ନୂଆ ମଦ ଭଳି । ଭଗବତ୍ ପୁରୁଷ ମାନେ, ଗଡ୍ ମେନ୍, ନୂଆ ଶବ୍ଦ ବ୍ୟବହାର କରିଛନ୍ତି, କିନ୍ତୁ ପୁରୁଣା ଧାରଣାକୁ ବଳବତ୍ତର କରିଛନ୍ତି । ତେଣୁ ଧର୍ମ ପ୍ରତିଷ୍ଠା ବା ସ୍ଥାପନ କୁହା ନ ଯାଇ କୁହାଯାଏ ଧର୍ମର ସଂସ୍ଥାପନ; ଗୀତାରେ ଏହି ଶବ୍ଦ ପ୍ରୟୋଗ ହୋଇଛି । ଶିକ୍ଷା ଓ ସଭ୍ୟତା ପ୍ରସାରର ବହୁତ ପୂର୍ବରୁ ଧର୍ମ ବୋଲି ଗୋଟିଏ ଜିନିଷକୁ ସମସ୍ତେ ଗ୍ରହଣ କରିନେଇ ସାରିଥିଲେ ।

କିଛି ଅଲୌକିକ ଘଟଣା ବା କାରଣ ଉପରେ ବିଶ୍ୱାସ କରିବା ହିଁ ଧର୍ମର ମୂଳଦୁଆ । ପ୍ରତ୍ୟେକ ଲୋକର ଭାବପ୍ରବଣତା ଓ ଯୁକ୍ତିତର୍କ ମୂଳରେ ଧର୍ମ ରହିଗଲା । ଏପରିକି ଆଜିର ଧର୍ମ ନିରପେକ୍ଷ ଆବହାୱାରେ ବି ଧର୍ମଭାବର ପ୍ରଭାବକୁ ଏଡାଇ ହେଉ ନାହିଁ, ଉପରେ ଯେତେ ଅନ୍ଧବିଶ୍ୱାସ କହି ହେଉଥିଲେ ବି ଭିତରେ ସେସବୁ ଭରି ରହିଛି । ଶାରୀରିକ, ମାନସିକ ବା ମନସ୍ତାତ୍ତ୍ୱିକ ହେଉ ସବୁ ସ୍ତରରେ ଧର୍ମ ଏକ ପ୍ରକାରର ଶୃଙ୍ଖଳା ଆଣି ଦେଇଛି ।

ଯେଉଁ ସମାଜରେ ସରକାରୀ ଧର୍ମ ନାହିଁ ସେଠି ବି ଦୀର୍ଘକାଳର ଧାର୍ମିକ ଧାରଣା ଏକ ଦୀର୍ଘ ପରମ୍ପରା ରୂପରେ ଲୋକଙ୍କୁ ପ୍ରଭାବିତ କରି ରଖିଛି । ଲୋକଙ୍କ ଚିହ୍ନଟ ହୋଇପଡିଛି ସେମାନଙ୍କ ବେଶ ଭୂଷା ଓ ଆଚାର ବିଚାର; ବେଶ ଭୂଷା ଓ ଆଚାର ବିଚାରରେ ପଡିଛି ଧର୍ମର ଛାପ । ଦେଖିଦେଲେ କହିହେବ ଅମୁକ ଜଣକ ଭାରତର ଲୋକ, ଭାରତୀୟଙ୍କ ଭିତରେ ଅମୁକ ପଞ୍ଜାବର ଲୋକ । ଦେଖିଦେଲେ କହିହେବ ଲୋକଟି ପାକିସ୍ଥାନୀ କି ସାଉଦୀ, ମୁସଲମାନ ନ କହି । କାରଣ ଭୂଗୋଳ ମଣିଷର ବେଶଭୂଷା ଓ ଚାଲିଚଳଣକୁ କାଳକ୍ରମେ ସେମିତି କରି ଦେଇଛି । ଭୂଗୋଳ ହିଁ ଧର୍ମର ରୀତିନୀତିକୁ ରୂପ ଦେଇଛି । ଯିଏ କୌଣସି ପ୍ରଚାରିତ ଧର୍ମର ଅନୁଗତ ହୋଇନାହିଁ, ସେ ପଡୋଶୀମାନଙ୍କ ଦ୍ୱାରା ପ୍ରଭାବିତ । ଗାଁ ବା ପଡିଶାର ଅନ୍ୟମାନଙ୍କ ସହ ମିଳିମିଶି ରହୁଥିବାରୁ, ସମ୍ପ୍ରଦାୟ ସହିତ ପଙ୍ଗତରେ ଚଳୁଥିବାରୁ, ଅନାସକ୍ତ ଲୋକ ବି ସମ୍ପୃକ୍ତ ଧର୍ମାନୁଗତମାନଙ୍କ ସହିତ ଚିହ୍ନିତ ହୋଇଯାଏ, ସେ ଚାହୁଁ ବା ନ ଚାହୁଁ ।

ଦୁନିଆରେ ସମସ୍ତଙ୍କର କିଛି ନା କିଛି ଦୁଃଖ, କିଛି ନା କିଛି କଷ୍ଟ ଅଛି, କିଛି ନା କିଛି ଅପୂରଣୀୟ ଆଶା ରହିଛି । ସେଗୁଡ଼ିକୁ ଦୂର କରିବା ପାଇଁ ବା ସେଗୁଡ଼ିକୁ କାହା ଉପରେ ଛାଡ଼ି ଦେଇ ଶାନ୍ତି ପାଇବା ଲାଗି କିଛି ଗୋଟିଏ ପନ୍ଥା ଲୋଡା, ତାହା ହିଁ ଧର୍ମ ଯୋଗାଇଥାଏ । ଭଗବାନଙ୍କୁ ଡାକୁଥିବା ମଣିଷଟିଏ ଭାବେ ଅନ୍ୟଠାରୁ ସେ ମହତ୍; ଅନ୍ୟମାନେ ସାଂସାରିକ ସେ ଆଧ୍ୟାତ୍ମିକ; ଅନ୍ୟମାନେ ତାମସିକ ସେ ସାତ୍ତ୍ୱିକ । ଏଥିରେ ଯେଉଁ ଆତ୍ମ-ସନ୍ତୋଷ ଆସେ ତାହା କେବଳ ଧର୍ମରେ ବିଶ୍ୱାସ ଯୋଗୁଁ । ଅନ୍ୟକୁ ନ୍ୟୂନ ଭାବେ ଦେଖିବା, ଘୃଣା କରିବା, ଏ ସବୁ ମନ ଭିତରେ ଥିଲେ ବି ଧର୍ମ ଭାବ ଯୋଗୁଁ ସେ ନିଜକୁ କ୍ଷମା କରିଦିଏ, ଏହାକୁ କହନ୍ତି ଆତ୍ମବଡିମା ବା ସ୍ୱକୀୟ କ୍ଷମା (ସେଲ୍‌ଫ ଏକ୍ସକ୍ୟୁଜାଲ) । ଲୋକେ ଗୋଟିଏ ଗୋଟିଏ ସାଧାରଣ ସୂତ୍ରରେ ବନ୍ଧା ହେବାର ବହୁତ ଉଦାହରଣ ଅଛି । ଏକା କ୍ଲବ୍ ବା ଟିମ୍‌ର ମେମ୍ବର ହେବା, ବା ସମର୍ଥନକାରୀ ହେବା, ଏକା ଜାଗା ବା ଏକ କାରଖାନାରେ କାମ କରିବା, ଏକା ସାହିର ପର୍ବ ପର୍ବାଣୀରେ ଭାଗୀଦାର ହେବା, ଏଭଳି ଗୋଷ୍ଠୀ କାମରେ ଯେଉଁ ସାଧାରଣ ବନ୍ଧନ ଅଛି ତହିଁରେ ଧର୍ମର ଇଲିମେଣ୍ଟ ବା ଉପାଦାନ ରହିଛି - ସାଧାରଣ ବିଶ୍ୱାସ ଓ ମୂଲ୍ୟବୋଧ । ଯେଉଁମାନେ ଏ ମୂଲ୍ୟବୋଧର ଅବମାନନା କରନ୍ତି ବା ଘୃଣା କରନ୍ତି ସେମାନେ ଗୋଷ୍ଠୀ ପ୍ରତି ବିପଦ, ସେମାନଙ୍କୁ ଗୋଷ୍ଠୀରୁ ତଡିବା ଦରକାର । ଯିଏ ଧର୍ମ ମାନୁନାହିଁ ତାକୁ ବାସନ୍ଦ କର, ତାକୁ ହଇରାଣ କର । ଧର୍ମ ବ୍ୟକ୍ତି ବିଶେଷକୁ ଗୋଷ୍ଠୀର ଅଙ୍ଗ କରିଦିଏ, ପ୍ରତି ବ୍ୟକ୍ତି କେତେ ଗୁଡିଏ ସାଧାରଣ ବିଶ୍ୱାସ, ସାଧାରଣ ଆଦର୍ଶ, ମିଳିମିଶି ଚଳିବାର କେତେ ଗୁଡିଏ ନିୟମ ମାନନ୍ତି । ତାହା ହିଁ ସେମାନଙ୍କ ସମାଜର ସ୍ୱରୂପ ହୋଇଯାଏ ।

ଆଜିକାଲିର ଧର୍ମବିଦ୍ୱେଷ ଓ ତହିଁରୁ ଜାତ ସନ୍ତ୍ରାସବାଦୀ ହତ୍ୟା ଦେଖିଲେ ଆଉ ଗୋଟିଏ ପ୍ରଶ୍ନ ଉଠେ - ଈଶ୍ୱର କୌଣସି ଗୋଟିଏ ସମ୍ପ୍ରଦାୟର କି ? ଖିରସ୍ତାନ, ନା ମୁସ୍ଲିମ, ନା ହିନ୍ଦୁ, ନା ପାର୍ସି, ନା ଇହୁଦୀ ନା ଜୈନ ? କେତେକ ଲୋକ କହନ୍ତି ହଁ ; ତା ସମ୍ପ୍ରଦାୟର ଈଶ୍ୱର ହିଁ ଈଶ୍ୱର, ଅନ୍ୟ ସମ୍ପ୍ରଦାୟର ଧର୍ମକୁ ସେ ମାନେ ନାହିଁ ତ ତାର ଈଶ୍ୱର ଆସିବ କେଉଁଠୁ ? ହିନ୍ଦୁଙ୍କ ଈଶ୍ୱର ଆଦିବାସୀଙ୍କ ଈଶ୍ୱର ନୁହନ୍ତି, ମୁସଲମାନଙ୍କ ଆଲ୍ଲା ହିନ୍ଦୁଙ୍କ ଈଶ୍ୱର ନୁହନ୍ତି। ଇତ୍ୟାଦି, ଇତ୍ୟାଦି । ଯେଉଁମାନେ ଏମିତି କହନ୍ତି ସେମାନେ ଈଶ୍ୱରଙ୍କ ରୂପ ବା ଗଠନ ବିଷୟରେ କଣ ଜାଣନ୍ତି ? ଈଶ୍ୱର ଗୋରା, କଳା, ଏସୀୟ ବା ଆରବିକ୍ ନୁହନ୍ତି । ଗୋଟିଏ ରଙ୍ଗର ବା ଭାଷାର ଲୋକଙ୍କ ଏକ ଗୋଷ୍ଠୀକୁ ସାରା ବିଶ୍ୱର ଲୋକ କହିବା ଯାହା, 'ଈଶ୍ୱର ଏକ ଗୋଷ୍ଠୀର ଓ ଅନ୍ୟ କୌଣସି ଗୋଷ୍ଠୀର ନୁହେଁ' ବୋଲି କହିବା ତାହା । ଈଶ୍ୱର

ମଣିଷ ଭଳି ଏକ ଅଙ୍ଗାରଭିତ୍ତିକ ଜୀବ ନୁହେଁ, ବା ଜଳ ଓ ବାୟୁ ଉପରେ ନିର୍ଭର କରୁଥିବା ପାର୍ଥିବ ଜୀବ ନୁହେଁ । ରକ୍ତମାଂସର ଦେହ ନୁହେଁ, ତାଙ୍କର ବଂଶଗୁଣ ବା ଜେନେଟିକ ଐତିହ୍ୟ ନାହିଁ । ଈଶ୍ୱରଙ୍କ ଦେହକୁ ଆମ ଦେହ ସାଙ୍ଗେ ତୁଳନା କରିବା ଯାହା, ଆମ୍ବର ଓଜନକୁ ତାହାର ରଙ୍ଗ ସାଙ୍ଗେ ତୁଳନା କରିବା ସେଇଆ । ଜଗନ୍ନାଥଙ୍କ ପଣ୍ଡାମାନେ କହନ୍ତି ସେମାନେ ଜଗନ୍ନାଥଙ୍କ (ଈଶ୍ୱରଙ୍କ) ସେବକ, କିନ୍ତୁ କାମରେ ଦେଖାନ୍ତି ଜଗନ୍ନାଥ ସେମାନଙ୍କ ଆଜ୍ଞାଧୀନ। ଜଗନ୍ନାଥ ତାଙ୍କ କଥାରେ ଚାଲନ୍ତି, ସେମାନେ ଜଗନ୍ନାଥଙ୍କୁ ଭୋକରେ ରଖିଦେଇ ପାରିବେ । ଜଗନ୍ନାଥଙ୍କୁ ମଣିଷ ଭଳି ସର୍ଦ୍ଦି ହୁଏ, ସେ ମାଉସୀ ଘରେ ଶୁଅନ୍ତି । ଯେ ପର୍ଯ୍ୟନ୍ତ ଆମେ ଈଶ୍ୱରଙ୍କୁ ଏକ ଆଧ୍ୟାତ୍ମିକ ପ୍ରକାଶ ବୋଲି ନ ଭାବିଛୁ ସେ ପର୍ଯ୍ୟନ୍ତ ମଣିଷ ମଣିଷ ଭିତରେ ଧର୍ମ ବିବାଦ ଓ ବିଦ୍ୱେଷ ଲାଗି ରହିବ ।

ଏକା ଧର୍ମ ଭିତରେ ପୁଣି ଜାତିଭେଦ, ବର୍ଣ୍ଣଭେଦ ଅଛି ; ଜାତି ଓ ବର୍ଣ୍ଣ ଭେଦରେ ସଂଘର୍ଷ ଜାରି ରହୁଛି । ଧର୍ମ ଧର୍ମ ଭିତରେ ସଂଘର୍ଷ ଅତୀତରେ ଯୁଦ୍ଧର ରୂପ ନେଇଛି, ଏବେ ନିରୀହ ଲୋକଙ୍କ ହତ୍ୟାର କାରଣ ହୋଇଛି । ରାଜନେତାମାନେ ମଣିଷର ପ୍ରକୃତି ଜାଣି ଜାତି, ଧର୍ମ, ଆଦିର ଘୃଣା ପ୍ରଚାର କରି ନିଜର ଭିତ୍ତି ଦୃଢ଼ କରିଛନ୍ତି । ଧର୍ମନେତାମାନେ ବି ଅତି ନିମ୍ନ ସ୍ତରକୁ ଯାଇ ନିଜର ରୁଆବ ବଢାଇଛନ୍ତି । ଧର୍ମ ବିଦ୍ୱେଷ ଜାତିବିଦ୍ୱେଷରେ ପରିଣତ ହୋଇଛି ଏବଂ ଧର୍ମଗୁରୁମାନେ ନିଜର ଅନୁଗତ ସଂଖ୍ୟା ବଢାଇବାର ଏକ ଅସ୍ତ୍ର ହୋଇଛି । ଆଗରୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଥିବା ଇଲାକାରେ ଏବେ ସାମ୍ପ୍ରଦାୟିକ ଦଙ୍ଗା ବଢୁଛି । ଆଧ୍ୟାତ୍ମିକତା ସମ୍ବେଦନଶୀଳତା ଆଣେ, ହିନ୍ଦୁ ମୁସଲିମ ଦଂଗାରେ ପଡିଶା ମୁସଲମାନ ପରିବାରକୁ ହିନ୍ଦୁ ଆଶ୍ରୟ ଦେବା ବା ପଡିଶା ହିନ୍ଦୁ ପରିବାରକୁ ମୁସଲମାନ ଆଶ୍ରୟ ଦେବା ଘଟଣା ପ୍ରଶଂସନୀୟ କାର୍ଯ୍ୟ ଭାବେ ଖବର ବାହାରିଥାଏ ।

****

# ଧର୍ମ ଓ ଆଧ୍ୟାତ୍ମିକତା

ଧର୍ମ ବହୁତ ପ୍ରକାରର, ତାହା ମଣିଷ ମଣିଷ ଭିତରେ ବିଭିନ୍ନତା ଆଣିଦିଏ, ତାହା ଲିଖିତ ବା ଉଲ୍ଲିଖିତ କେତେଗୁଡିଏ ନିୟମ ପାଳିବାର ଏକ ବ୍ୟବସ୍ଥା । ନିୟମ ଗୁଡିକ ଲେଖା ହୋଇଥିବା ଗ୍ରନ୍ଥଟିଏ ବା ଗ୍ରନ୍ଥସମୂହ ଧର୍ମର ମାର୍ଗଦର୍ଶକ ହୋଇଥାଏ । ଧର୍ମଗ୍ରନ୍ଥ ବାହାରୁ ମଣିଷ ଉପରେ ଲଦା ହୋଇଥାଏ, ମଣିଷର ଅନ୍ତରରୁ ଆସିନଥାଏ । ତାହା ଭିତରେ ଆଧ୍ୟାତ୍ମିକତା ଥାଇପାରେ, କିନ୍ତୁ ଧର୍ମ ଓ ଆଧ୍ୟାତ୍ମିକତା ସମାନ ନୁହେଁ, ଏକା କଥା ନୁହେଁ । କୌଣସି ଧର୍ମର ଅନୁଗତ ନ ହୋଇ ଜଣେ ଆଧ୍ୟାତ୍ମିକ ହୋଇପାରେ । ଆଧ୍ୟାତ୍ମିକତାର ଗ୍ରନ୍ଥ ନାହିଁ, ଆଧ୍ୟାତ୍ମିକତା ସମସ୍ତଙ୍କ ପାଇଁ ସମାନ । ପିଲା ବେଳୁ ବାପା ମା ଧର୍ମ ଶିଖାଇଥାନ୍ତି । ଏକ ବା ଏକାଧିକ ଗ୍ରନ୍ଥରୁ ଉଦ୍ଧାର କରି ସେମାନେ ନିୟମ ଶିଖାନ୍ତି । ବାପା ମାଆଙ୍କ କଥାନୁସାରେ, ସାହି ପଡିଶାଙ୍କ ଅନୁକରଣରେ ଜନ୍ମ ବେଳୁ ଧର୍ମର ଦୀକ୍ଷା ମିଳିଯାଏ । ମାନସିକ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମଣିଷର ନିଜ ବିବେକ ଓ ବିବେଚନା ଆଧ୍ୟାତ୍ମିକ ଆଣିଦିଏ । ଆଧ୍ୟାତ୍ମିକତା ଆପେ ଆପେ ଆସେ; ଏହା ଏକ ଅନ୍ତର୍ଦୃଷ୍ଟି । ଧର୍ମ ବହିର୍ଦୃଷ୍ଟି ।



ଶାନ୍ତି ଓ ପ୍ରେମର ବାହକ ଧର୍ମ

କୌଣସି ଗୋଟିଏ ଧର୍ମର ଅନୁଗତ ହେଲେ ବା ମନ୍ଦିର, ଗୀର୍ଜା କି ମସ୍‌ଜିଦକୁ ଗଲେ ଆଧ୍ୟାତ୍ମିକତା ଆସେ ନାହିଁ । ବରଂ ଅନ୍ୟ ଧର୍ମର ଲୋକଙ୍କ ପ୍ରତି ଶତ୍ରୁତା ଜନ୍ମେ । ଧର୍ମ ଅନ୍ଧ କରେ, ଆଧ୍ୟାତ୍ମିକତା ଆଖି ଖୋଲିଦିଏ । ଯିଏ ଅନ୍ତରର କଥା ଶୁଣେ ତାହା ପାଇଁ ଆଧ୍ୟାତ୍ମିକତା, ଯିଏ ଆଉ କାହାଠାରୁ ବାଟ ଖୋଜେ ତାହା ପାଇଁ ଧର୍ମ । ଧର୍ମର ଅନୁଗତ ଧର୍ମଗ୍ରନ୍ଥର ଲେଖା ନିୟମ ମାନ ମାନିବାକୁ ବାଧ୍ୟ, ତା ଉପରେ ପ୍ରଶ୍ନ ଉଠାଇପାରେ ନାହିଁ । ଧର୍ମ ଡରାଏ, ପାପ ଓ ଦୋଷ କଥା କହେ । ପିଲା ବେଳୁ ଆମକୁ ଧର୍ମ ପିଆଇ ଦିଆଯାଇଥାଏ, କିନ୍ତୁ ଆଧ୍ୟାତ୍ମିକତାକୁ ଆମେ ଖୋଜୁ । ଆଧ୍ୟାତ୍ମିକତା ଅସୀମ ଚେତନା, ତାହା ହିଁ ଭଗବାନ । ଧର୍ମ ବିଭେଦ, ବିଦ୍ୱେଷ ବଢାଏ । ଆଧ୍ୟାତ୍ମିକତା ଏକତା ଆଣେ । ଆଧ୍ୟାତ୍ମିକତା ଅନ୍ୱେଷଣ ବଢାଏ । ଆଧ୍ୟାତ୍ମିକତା ଇହ ଧାମରେ ଏବଂ ବର୍ତ୍ତମାନରେ ବଞ୍ଚିବା ଶିଖାଏ, ଧର୍ମ ଅତୀତ ଓ ଭବିଷ୍ୟତ ଭିତରେ ବଞ୍ଚିଥାଏ । ସହଜରେ କହିହେବ ଯେ ଆଧ୍ୟାତ୍ମିକତା ଅଭାବର ପୂରଣ ହିଁ ଧର୍ମ । ଜୀବନ କାହିଁକି ଆସିଲା ଓ ଜୀବନର ଉଦ୍ଦେଶ୍ୟ କଣ ତାହା ବୁଝିବା ଲାଗି ମଣିଷ ଭଗବାନର ଅବତାରଣା କରିଛି । ବୈଷୟିକ ଜ୍ଞାନର ଯୁଗରେ ବହୁତ ଜିନିଷ ସାଧାରଣ ଲୋକ ଆଗରେ ଅବୁଝା ରହିଲେ ବି ତାହା ଧର୍ମ ଭାବ ଆଣେ ନାହିଁ, କାରଣ ତାହା ବ୍ୟକ୍ତିବିଶେଷର ଅବୋଧ୍ୟ ହେଲେ ହେଁ ମଣିଷ ଜାତିର ଅବୋଧ୍ୟ ନୁହେଁ । ଯେ ପର୍ଯ୍ୟନ୍ତ କେହି ନା କେହି ବୁଝେଇ ପାରିବ, ଦେଖାଇ ପାରିବ, ସେ ପର୍ଯ୍ୟନ୍ତ ତାହା ଆଧ୍ୟାତ୍ମିକ ନୁହେଁ । ଜଣେ ଟେଲିଭିଜନ କଣ ବୁଝି ପାରୁନାହିଁ ବୋଲି ତାକୁ ଭଗବାନଙ୍କ କାମ କୁହାଯାଏ ନାହିଁ; କାରଣ ସମାଜରେ କେହି ନା କେହି ଟେଲିଭିଜନର କାର୍ଯ୍ୟପ୍ରଣାଳୀ ଜାଣେ, କେହି ନା କେହି ତାକୁ ତିଆରି କରିଛି; ତାକୁ ବୁଝାଇବା ଲାଗି ଲୋକ ଅଛନ୍ତି ।

ଧୃ ବା ପୋଷଣ, ଧାରଣ, କରିବା ଅର୍ଥରେ ଧର୍ମ ଶବ୍ଦର ବ୍ୟବହାର, ତେଣୁ ସମାଜକୁ ସଜାଡି ରଖିବା, ଶୃଙ୍ଖଳିତ କରି ରଖିବା ଧର୍ମର କାମ । ଧର୍ମର ଅନ୍ୟ ଅର୍ଥ ଆଇନ ବା ଅନୁଶାସନ । ଧର୍ମ ସବଳକୁ ବାନ୍ଧି ରଖିବାର ଚେଷ୍ଟା କରେ, ଦୁର୍ବଳ ଉପରେ ଅତ୍ୟାଚାର ବା ଦମନ ବିରୁଦ୍ଧରେ ନୈତିକତା ଶିଖାଏ । ଜଙ୍ଗଲରାଜ ବନ୍ଦ କରେ । ମାନବିକତା ଯେଉଁ ଗଣତନ୍ତ୍ର ଶାସନର ଆଧାର, ଗଣତନ୍ତ୍ର ପ୍ରଥା ପ୍ରଚଳନ ହେବା ବହୁ ପୂର୍ବରୁ, ସମାଜରେ ଆଇନର ଶାସନ ଆସିବାର ବହୁପୂର୍ବରୁ ସେହି ମାନବିକତା ବା ଆଇନର ଶାସନ ଆଣିଥିଲେ ଧର୍ମ-ପ୍ରବକ୍ତାମାନେ । ଆଇନର ପ୍ରାଚୀନ ନାମ ଧର୍ମ । ସମାଜ ସଂଗଠିତ ହୋଇ ରହିଲେ, ଶୃଙ୍ଖଳା ଭିତରେ ରହିଲେ ଅଶାନ୍ତି, ଦୁଃଖ, କଷ୍ଟ ଆଦି କମିବ, ଶାନ୍ତି ସୁଖ ବଢିବ । ସରକାର ସମାଜରେ

ଆଇନ ଓ ଶୃଙ୍ଖଳା ରକ୍ଷା କରେ, ସରକାର ନ ଥଲେ ଜୋର୍ ଯାହାର ମୂଲକ ତାର ହୋଇ ପଡନ୍ତା; ବଳବାନ୍‌ର ଆଚରଣ ହିଁ ନୈତିକତା ହୋଇଥାନ୍ତା । ସାଧାରଣତଃ ବଳବାନ ଲୋକେ ସରକାରର ଦଉଡି ଧରିଥାଆନ୍ତି ତେଣୁ ଚଳିତ ସମାଜରେ ବି ବଳବାନ୍‌ର ଆଚରଣ ଉପରେ କେହି ପ୍ରଶ୍ନ କରେ ନାହିଁ, କାରଣ ସେ ପ୍ରକାରର ପ୍ରଶ୍ନ ଉଠାଇବା ଲୋକର ବଞ୍ଚିବା ଅସମ୍ଭବ ହୋଇପଡିବ । ଆଇନ ବାହାରର ଆଚରଣ ନିୟନ୍ତ୍ରଣ କରେ, ଆଚରଣ ଭୁଲ ହେଲେ ଶାସନ ତରଫରୁ ଦଣ୍ଡ ମିଳେ । କିନ୍ତୁ ମନ ଭିତରର ଆଚରଣ, ମନ୍ଦ ବୁଦ୍ଧି ଓ ମନ୍ଦ କ୍ରିୟାକଳାପର ଚିନ୍ତା ଆଦିକୁ ନିୟନ୍ତ୍ରଣ କରିବା ଲାଗି ଦରକାର ପ୍ରଶାସନିକ ଅଧିକାରୀ ଠାରୁ ଆହୁରି ଶକ୍ତିଶାଳୀ କର୍ତ୍ତା, ଭଗବାନ ଧାରଣା ତାହା ହିଁ ଆଣିଦିଏ । ଧର୍ମରେ ବିଶ୍ୱାସ, ଏକ ଅପାର୍ଥିବ ଶକ୍ତିର ଅବତାରଣା, ଯାହା ଅଦୃଶ୍ୟରେ ବି ମଣିଷକୁ ନିୟନ୍ତ୍ରଣ କରିପାରୁଥିବା ଏକ ଶକ୍ତି ଏବଂ ଯାହା ଆମ ମନର ଖରାପ-କାମ-ଚିନ୍ତାକୁ ବି ଦଣ୍ଡ ଦେଇପାରେ ।

ସମାଜରେ ନିର୍ବଳ ସଂଖ୍ୟା ଶତକଡା ୯୯; ସବଳ ଶତକଡା ୧ ଏପରି ବିଶୃଙ୍ଖଳା ରଚିଲେ, ବାକି ଶତକଡା ୯୯ ଲୋକଙ୍କ ଶାନ୍ତି, ସୁଖ ହଜିଯାଏ । ଥିଲାବାଲାଏ ଆଇନକୁ ବାଟେଇଦିଅନ୍ତି ବା ବାଟ କଢେଇ ନିଅନ୍ତି; ଆଇନ ତା ବାଟ ହରାଏ । ଆଇନର ଶକ୍ତି ଯେଉଁଠି ଓ ଯେତେବେଳେ ଅନୁଭୂତ ହୁଏ ନାହିଁ ମଣିଷ ବିଶୃଙ୍ଖଳ ଓ ନୀତିହୀନ ହୋଇଯାଏ । ବାହାରକୁ ଦିଶୁଥିବା ରୀତି ନୀତି ବ୍ୟକ୍ତି, ପରିବାର, ବା ସମାଜ ବିରୁଦ୍ଧରେ ଗଲେ ସରକାର ପଦକ୍ଷେପ ନିଏ, ନେବା କଥା । ବାହାରକୁ ଦିଶୁ ନଥିବା ଆଚରଣ ଉପରେ ଅଙ୍କୁଶ ନଥାଏ । ତା ଉପରେ ଅଙ୍କୁଶ ଦେବା ଲାଗି ଆଧ୍ୟାତ୍ମିକ ଭାବ ଦରକାର । ଆଧ୍ୟାତ୍ମିକତାର ବାହ୍ୟ ରୂପ ହେଉଛି ଧର୍ମ । ସାଧାରଣ ଲୋକ ଆଧ୍ୟାତ୍ମିକତା ବୁଝେ ନାହିଁ ବୋଲି ଧର୍ମ-ସଂସ୍ଥାପକମାନେ ଧର୍ମର ଆଚରଣ ବା ରୀତିନୀତି ପ୍ରଚାର କରିଥାନ୍ତି । ଧର୍ମ ବ୍ୟକ୍ତିର ମନ ଭିତରେ, ଅନ୍ତରରେ, ଉଠୁଥିବା ବିଶୃଙ୍ଖଳ ଆଚରଣ, ଅଶାନ୍ତି, ଆଦିକୁ ଦବାଇ ଦିଏ । ଦୁଃଖର କାରଣ ଲୋଭ, ତାହାର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଲୋକକୁ ସୁଖୀ କରାଏ । ଲୋକ ସୁଖୀ ହେବା ଲାଗି ନିଜର ଲୋଭ ନିୟନ୍ତ୍ରଣ କରିବା ଉଚିତ ବୋଲି କହୁଥିବା ସାଧୁସନ୍ଥମାନେ ଧନୀମାନଙ୍କୁ ପାଖରେ ପାଇବାକୁ ଚାହାଁନ୍ତି ବା ମୁଖ୍ୟ ଶିଷ୍ୟ ଶ୍ରେଣୀରେ ଗଣନା କରିଥାନ୍ତି । ନିଜେ ପ୍ରାଧାନ୍ୟ ବିସ୍ତାର ପାଇଁ ଧନ ଚାହାଁନ୍ତି କିନ୍ତୁ ଗରିବକୁ ଗରିବିରେ ସନ୍ତୁଷ୍ଟ ରହିବାକୁ ପ୍ରବଚନ ଦିଅନ୍ତି । ଯିଏ ଧର୍ମବିରୋଧୀ ଆଚରଣକୁ ଜାବୁଡି ଧରେ ତାକୁ ଏ ଲୋକରେ ନ ହେଲେ ବି ପରଲୋକରେ ଦଣ୍ଡ ଦେବାର ଏକ ଅଶରୀରୀ ଶକ୍ତି ଅଛି । ସେହି ଅଶରୀରୀ ଶକ୍ତିର ନାମ ଭଗବାନ, ବିଭିନ୍ନ

ଭାଷାରେ ବିଭିନ୍ନ ସ୍ଥାନ ଅନୁସାରେ ତାଙ୍କର ନାମ ବିଭିନ୍ନ ।

ସେହି ଅଶରୀରୀ ଶକ୍ତିକୁ ହେଜି ଜୀବନକୁ ଶୃଙ୍ଖଳିତ କରିବା ହିଁ ଆଧ୍ୟାତ୍ମିକତା । ନିର୍ଦ୍ଦିଷ୍ଟ ବେଶ ପୋଷାକ ପିନ୍ଧିବା, ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବା, ପୂଜା ଉପାସନାର ପଦ୍ଧତି ଠିକ୍ କରିବା ହେଉଛି ସ୍ଥାନ କାଳ ପାତ୍ର ଅନୁଯାୟୀ ଆପେକ୍ଷିକ, ଜଳବାୟୁ ଦ୍ୱାରା ନିର୍ଦ୍ଦିଷ୍ଟ । ଏ ଗୁଡିକ ହେଉଛି ଆଧ୍ୟାତ୍ମିକତା ହୃଦୟଙ୍ଗମ କରି ପାରୁନଥିବା ଲୋକ ପାଇଁ ଧର୍ମ, ଆଧ୍ୟାତ୍ମିକତାର ବାହ୍ୟ ରୂପ । ଆଧ୍ୟାତ୍ମିକତା ବିଶ୍ୱ ସାରା ସମାନ; କିନ୍ତୁ ଧର୍ମ ପାରିପାର୍ଶ୍ୱିକ ପରିସ୍ଥିତି, ଭୌଗୋଳିକ ଅବସ୍ଥିତି ଦ୍ୱାରା ନିରୂପିତ ହୋଇଥାଏ । ଲୋକେ ଜାଣି ନଥିବା, ଶୁଣି ନଥିବା ରୀତି ନୀତି ଓ ଆଚାର ବିଚାର ଗ୍ରହଣ କରିବାକୁ ରାଜି ହୁଅନ୍ତି ନାହିଁ; ଗ୍ରହଣୀୟତା ବିନା ଧର୍ମର ସଂସ୍ଥାପନ ଅସମ୍ଭବ; – ଏ କଥା ଧର୍ମ ପ୍ରଚାରକମାନେ ଜାଣନ୍ତି । କେହି ନୂଆ ଧର୍ମ ପ୍ରଚାର କରେ ନାହିଁ, ସମସ୍ତେ ପୁରୁଣା ଧର୍ମର ନୂତନ ସଂସ୍କରଣ ପ୍ରଚାର କରିଥାନ୍ତି, ପୁରୁଣା ଧର୍ମର ଗ୍ଲାନି ସବୁ ଦୂର କରି ନୂତନ ନିୟମାବଳି ପ୍ରଣୟନ କରନ୍ତି । ଗୀତା ଲେଖା ହେଲା ବେଳକୁ ତ ଭାରତରେ ହିନ୍ଦୁ ଧର୍ମ ପ୍ରଚଳିତ ଥିଲା ତଥାପି ଗୀତାରେ କୃଷ୍ଣ 'ଯଦା ଯଦା ହି ହିନ୍ଦୁ ଧର୍ମସ୍ୟ ଗ୍ଲାନି' ନ କହି 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନି' ଦୂର କରିବା କଥା କହିଛନ୍ତି, ତେଣୁ ସ୍ଥାପନାର୍ଥାୟ ଆବିର୍ଭାବ ହୋଇଥିବା ନ କହି ସଂସ୍ଥାପନାର୍ଥାୟ ସମ୍ଭବ ହୋଇଛନ୍ତି ବୋଲି କହିଛନ୍ତି । ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି – ପୁରୁଣା ଧର୍ମକୁ ସଫା ସୁତୁରା କରି ଥୋଇବାରେ ଯେଉଁମାନେ ଜୀବନ ବିତାଇଛନ୍ତି ସେମାନଙ୍କୁ ମହାପୁରୁଷ ବା ଅବତାର କୁହାଯାଏ ।

ସବୁ ଜିନିଷ ଭଳି ଧର୍ମ ବି ବହୁ ଦିନ ଚଳି ଆସିଲେ ମଇଳା ହୋଇଯାଏ, ଅପସଂସ୍କୃତି ଅନ୍ଧବିଶ୍ୱାସରେ ଭରିଯାଏ । ତାକୁ ସଫା କରି ଯିଏ ପ୍ରଚାର କରେ ସେ ଯଦି ନିଜକୁ ଈଶ୍ୱରଙ୍କ ବରପୁତ୍ର ବୋଲି ନ କହେ ତାକୁ ଶୁଣିବ କିଏ? ସେ ଯଦି କିଛି ଯାଦୁକରୀ କାମ ନ ଦେଖାଏ, ସେ ଯଦି ରୋଗ ବା ପୀଡା ଉପଶମ କରିବାରେ ସାଧାରଣ ଚିକିତ୍ସକଠାରୁ ବେଶି କରାମତି ଦେଖାଇ ନପାରେ ତାକୁ ଲୋକେ ଈଶ୍ୱରଙ୍କ ପୁତ୍ର, ଚେଲା ବା ଦୂତ ରୂପେ ସହଜରେ ମାନିବେ କି? କୌଣସି ଲୋକ ଅଲୌକିକ କାର୍ଯ୍ୟକଳାପ ନ ଦେଖାଇ ମହାପୁରୁଷ ବା ସନ୍ଥ ବୋଲାଇ ପାରିବ ନାହିଁ । କେବଳ ଅଲୌକିକ କାର୍ଯ୍ୟ ଦେଖାଇଲେ ହେବ ନାହିଁ, ଏଭଳି ଅଲୌକିକ ସାମର୍ଥ୍ୟ ପାଇଥିବାର ପ୍ରମାଣ ବି ଦେବ, ଅର୍ଥାତ୍ ସେ କିଛି ଦିନ ନିର୍ଜନତା ଭିତରେ ଧ୍ୟାନ ବା ତପସ୍ୟା କରିଥିବ, ତହିରୁ ଜ୍ଞାନ ପାଇଛି ବୋଲି କହୁଥିବ, ବୁଦ୍ଧ ହେଉ କି ଜିନ୍ ହେଉ କି ସିଦ୍ଧ ହେଉ,

ନୂତନ ଆଲୋକ ପ୍ରାପ୍ତ ହୋଇଛି ବୋଲି କହିବ, ନ ହେଲେ ଲୋକେ ଶୁଣିବେ ନାହିଁ । କେତେକ ବ୍ୟକ୍ତି ଉପସ୍ଥିତ ଧର୍ମ ଭାବନାରେ ସୁଖ ଓ ଶାନ୍ତି ପାଆନ୍ତି ନାହିଁ । ସେମାନେ ଦୁଃଖ ଓ ଅଶାନ୍ତିର କାରଣ ଖୋଜନ୍ତି । କିଏ ମଣିଷକୁ ସୃଷ୍ଟି କରିଛି, ତାହାର ଉଦ୍ଦେଶ୍ୟ କଣ, କଣ କଲେ ତାଙ୍କ ନିକଟରେ ପହଞ୍ଚିବା, କଣ କଲେ ପୁନରାୟ ମଣିଷ ହେବା ନାହିଁ କି ମାନବୀୟ ଦୁଃଖ ଭୋଗିବା ନାହିଁ – ଏଭଳି ଚିନ୍ତା ସେମାନଙ୍କୁ ବିବ୍ରତ କରେ, ସେମାନେ ଚିନ୍ତାମଗ୍ନ ହୁଅନ୍ତି, ତପସ୍ୟାରତ ହୁଅନ୍ତି । ଧ୍ୟାନ ଓ ନିରବ ଚିନ୍ତାରୁ ସେମାନେ ଯାହା ନୂଆ ଭାବନ୍ତି ତାହା ଜ୍ଞାନ-ଆଲୋକ ବୋଲି କହନ୍ତି । ଯାହାଙ୍କ ମହିମାରେ ଆମେ ଭୂପୃଷ୍ଠସ୍ଥ ହୋଇଛୁ ତାଙ୍କ ମହିମା ପାଇବା ଲାଗି ଆମର ଆଚରଣ ବଦଳାଇବାକୁ ପଡିବ ଓ କେତେ ଗୁଡିଏ ଅପ୍ରଚଳିତ ଆଚରଣ ଗ୍ରହଣ କରିବାକୁ ପଡିବ । ଏତକ ବୁଝାଇ ସେମାନେ ପ୍ରଚଳିତ ଧର୍ମର ରୀତିନୀତିରେ ଥିବା କୁସଂସ୍କାର ଓ ଦୋଷତ୍ରୁଟିକୁ ତ୍ୟାଗ କରି ନୂଆ ରୀତି ନୀତି ପ୍ରଚାର କରନ୍ତି ।

## ବିଭିନ୍ନ ଧର୍ମର ସଂକେତ




ଈଶ୍ୱରଙ୍କୁ ପାଇବା ବା ଈଶ୍ୱରଙ୍କ ନିକଟ ହେବା ଚେଷ୍ଟା ସେମାନଙ୍କୁ ସଂସାରରୁ ଦୂରେଇ ନିଏ, କିନ୍ତୁ ବଞ୍ଚି ରହିବାର ଚାହିଦା ତ ସମାଜ ଭିତରକୁ ଟାଣେ, ନ ହେଲେ ଖାଦ୍ୟ ମିଳିବ କିପରି ? ପୁଣି ଧର୍ମ ପ୍ରତି ଅନୁରକ୍ତି ଦେଖାଇବା ଲାଗି ବଞ୍ଚି ରହିବା ତ ଦରକାର, ଭଗବାନ୍ ଚିନ୍ତା ତ ପେଟ ଭରି ଦେବ ନାହିଁ ! ଅର୍ଥାତ୍ ଖାଦ୍ୟ ସଂଗ୍ରହ ଲାଗି ସାଧାରଣ ସମାଜ ଭିତରକୁ ପଶିବାକୁ ପଡିବ । ସବୁ ଧର୍ମର ପ୍ରବକ୍ତା ଆଧ୍ୟାତ୍ମିକ ଧାରଣା ସହିତ ସାମାଜିକ ନିୟମ ଭିତରେ ସେ ଧାରଣାକୁ କିପରି ବଳବତ୍ତର କରିବ ତାହା ବୁଝାଇଥାନ୍ତି । ପ୍ରବକ୍ତାଙ୍କ ବାଣୀ ଉକ୍ତ ଧର୍ମର ଶାସ୍ତ୍ର ହୋଇଯାଏ । କିନ୍ତୁ ଜୀବନ ଧାରଣ ଲାଗି ଆବଶ୍ୟକ ହେଉଥିବା ସାମଗ୍ରୀ କେବଳ ସମାଜରୁ ମିଳିବ, ଅଥଚ ସେହି ସମାଜରୁ ଗ୍ଲାନି ଦୂର କରିବା ଲାଗି ପ୍ରଚାର ଦରକାର ।

ଯେ କୌଣସି ଧର୍ମ-ସଂସ୍ଥାପକଙ୍କ ବାଣୀ ବୁଝିବା ଲାଗି ତାଙ୍କର ପାରିପାର୍ଶ୍ୱିକ ଅବସ୍ଥା ଓ ତାଙ୍କ ସମୟର ଜୀବନଧାରଣର ବ୍ୟବସ୍ଥା ଜାଣିବା ଦରକାର, ନଚେତ୍ ନୂତନ ଧର୍ମ ବୁଝିବା ସମ୍ଭବ ହେବ ନାହିଁ । ଏ କଥା ସବୁ ଧର୍ମ ପାଇଁ ପ୍ରଯୁଜ୍ୟ, ହିନ୍ଦୁ, ଖିରସ୍ତାନ, ଇସ୍‌ଲାମ୍, ବୌଦ୍ଧ ଯାହା କିଛି ହେଉ । ମନେ ରଖିବା କଥା ଯେ ଧର୍ମରେ ଅନୁରକ୍ତ ବ୍ୟକ୍ତି ଯେପରି ଭାବାବେଶ ହୋଇ ସଂସ୍ଥାପକଙ୍କ ଧାରଣା ଓ ଚିନ୍ତା ବୁଝାଇଥାଏ, ଉକ୍ତ ଧର୍ମରେ ଲିପ୍ତ ହୋଇନଥିବା ବ୍ୟକ୍ତି ସେପରି କରିପାରିବ ନାହିଁ । ତେଣୁ ସାଧାରଣ ଲେଖକଟିଏ କୌଣସି ଧର୍ମର ଆଧ୍ୟାତ୍ମିକତା ସହ ତାହାର ଆଚାର ବିଚାର ସମ୍ପର୍କରେ ବୁଝାଇବା ଉକ୍ତ ଧର୍ମରେ ଅନୁରକ୍ତ ଲୋକଟିଏର ବୁଝାଇବା ଠାରୁ ନ୍ୟୂନ ଧରଣର ହେବ ।

ଭଗବାନଙ୍କୁ ଗୋଟିଏ ଘର ବା ମନ୍ଦିରରେ ବାନ୍ଧି ରଖିବ କିପରି ? ସେ ତ ସବୁଆଡେ ବ୍ୟାପ୍ତ, ଭଗବାନଙ୍କୁ ଗୋଟିଏ ମୂର୍ତ୍ତି ଭିତରେ କିପରି ସଂକ୍ଷିପ୍ତ କରି ରଖିଦେବ । ଅଦ୍ୱୈତବାଦ କହେ ଏକାଧିକ ଈଶ୍ୱର ନାହାନ୍ତି । ସେ ଶୂନ୍ୟ, ତାଙ୍କୁ ଦେଖିହେବ ନାହିଁ । ଭଗବାନଙ୍କୁ ଶୂନ୍ୟ ଭାବରେ ଦେଖୁଥିବା ମହିମାଧର୍ମୀମାନେ ବି ସାମାଜିକ କୁସଂସ୍କାରରୁ ବର୍ତ୍ତି ନାହାନ୍ତି । ଧୋବା ବାରିକ ବ୍ରାହ୍ମଣ ରାଜା ଏମାନଙ୍କଠାରୁ ମହିମାଭକ୍ତମାନେ ଭିକ୍ଷା ଗ୍ରହଣ କରନ୍ତି ନାହିଁ । ନିର୍ଗୁଣ ଅଲେଖ ଉପାସନା କରନ୍ତି । ପରିବାରରୁ ସନ୍ନ୍ୟାସ ନେବ, କିନ୍ତୁ ଖାଦ୍ୟ ସଂଗ୍ରହ ପାଇଁ ଗ୍ରାମକୁ ଆସିବ, ପରିବାରରୁ ଦୂରରେ ରହିଲେ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପ୍ରକୃତି ଉପରେ ନିର୍ଭର କରିବ, ତେଣୁ ଡାକ୍ତର ହେବା ଦରକାର, ରୋଗ ଭଲ କରିବାର ଶକ୍ତି ଦରକାର । ତେଣୁ ଧର୍ମ ପ୍ରଚାରକ, ବିଶେଷତଃ ଧର୍ମ ସଂସ୍ଥାପକଙ୍କୁ ଯାଦୁକର ଭାବେ ଦେଖାଇଦିଆଯାଏ, ସେ ମିରେକ୍ଲ ବା ଯାଦୁ ଦେଖାଇପାରନ୍ତି, ପ୍ରକୃତିରେ ବା ସ୍ୱାଭାବିକ ଭାବେ ଯାହା ଘଟେ ନାହିଁ ତାହା କରି ଦେଖାନ୍ତି । ଅସୁସ୍ଥଙ୍କୁ ସୁସ୍ଥ କରିବା ଭଗବାନୀୟ ଶକ୍ତି ବୋଲି ଖିରସ୍ତାନମାନେ ଯେପରି ଦେଖାନ୍ତି ସବୁ ଧର୍ମର ଭକ୍ତମାନେ ସେମାନଙ୍କ ଭଗବାନୀୟ ଶକ୍ତିକୁ ସେପରି ଦେଖାନ୍ତି । ତା ପରେ ସଂସ୍ଥା ବା ସଂଗଠନଟିଏ ଦରକାର । ମାନସିକ ସ୍ତରରେ ଭଗବାନଙ୍କୁ ନିରାକାର ବା ଶୂନ୍ୟ କହି ହେବ, କିନ୍ତୁ ପୂଜା ଅର୍ଚ୍ଚନା କରିବାରେ କିଛି ଗୋଟିଏ ଦୃଶ୍ୟମାନ ହେବା ଦରକାର । ଅନ୍ୟ ଧର୍ମରେ ମନ୍ଦିର ମସ୍‌ଜିଦ୍ ଗୁରୁଦ୍ୱାରା ଗିର୍ଜା ଆଦିରେ ଧର୍ମ ବାଣୀ ପ୍ରଚାର ହେଉଥିବା ବେଳେ ମହିମା-ଧର୍ମୀ ମାନେ ଲୋକଙ୍କ ଭିତରକୁ ଭିକ୍ଷା ଲାଗି ଯିବା ବେଳେ ଧର୍ମଭାବର ମୂର୍ତ୍ତିମନ୍ତ ପ୍ରତୀକ ହୋଇଥାନ୍ତି । ତେଣୁ ଶୂନ୍ୟଘରେ ପୂଜା କର । ଯଦି ମନ୍ଦିର କରିବ ତାହା ଶୂନ୍ୟ ରହିବ ।

****

# ସ୍ୱର୍ଗ ନାହିଁ କି ନର୍କ ନାହିଁ

ପୂଜାପୂଜି କଲା ବେଳେ, ମନ୍ଦିରକୁ ଗଲେ, ବା ଧର୍ମ କଥା ଉଠିଲା ବେଳେ ସ୍ୱର୍ଗ ଓ ନର୍କ କଥା ଉଠେ କାହିଁକି ? - ସ୍ୱର୍ଗ ଓ ନର୍କ ଧାରଣା ମୂଳରେ ଅଛି ଆଉ ଗୋଟିଏ ପ୍ରଶ୍ନ । ମୃତ୍ୟୁ ପରେ ଜୀବନ ଅଛି କି ? ଆତ୍ମା ଅମର, ଶରୀରଟା ଖାଲି ପୋଷାକ ଭଳି ବଦଳୁଥାଏ, 'ଗୀତାର ଏହି ତତ୍ତ୍ୱ ଉପରେ ଆମେ ମୃତ୍ୟୁ ପରବର୍ତ୍ତୀ ଜୀବନ କଥା ଭାବୁଛୁ । କେବଳ ମଣିଷ କଣ ଏକମାତ୍ର ପ୍ରାଣୀ ଯାହାର ଇହ କାଳ, ପର କାଳ ଅଛି ? ଅନ୍ୟ ପ୍ରାଣୀମାନଙ୍କର କଣ ଆତ୍ମା ନାହିଁ ? ସେମାନେ କଣ ଗୋଟିଏ ଜନ୍ମରେ ଶେଷ ? ସବୁ ଆଇନ ମଣିଷ ଗଢିଥିଲା ପରି ଧର୍ମ ସମ୍ପର୍କୀୟ ବିଧି ବି ମଣିଷ ଗଢିଛି । ତେଣୁ ନିଜକୁ ଭଗବାନଙ୍କର ଗେହ୍ଲା ପ୍ରାଣୀ ରୂପେ ପରିଚିତ କରିଛି । ଅନ୍ୟ ପ୍ରାଣୀମାନଙ୍କର ଇତରପଣିଆ ପ୍ରମାଣିତ କରିଛି; ସେମାନେ ଇରେସନାଲ, ଅବିବେକୀ, ବିଚାରଶୂନ୍ୟ ବୋଲି କହି ଆସିଛି । ବିଚାରବନ୍ତ, ବିବେକୀ ବା ରେସନାଲ୍ ମଣିଷ ନିୟମ ବା ଆଇନ ତିଆରି କରିଛି; ଆଇନକୁ ମାନିବାର କାରଣ ତାକୁ ଅମାନ୍ୟ କଲେ ଦଣ୍ଡ । ଦଣ୍ଡ ଦେବାର ଅଧିକାର ବା ଅଥରିଟି ଲୋକେ ଗଢିଥିବା ସରକାରକୁ ଦେଇଛନ୍ତି । କିନ୍ତୁ ଧର୍ମୀୟ ନିୟମ ପାଳନ ନ କରିବାରେ ଦଣ୍ଡ ଦେବା ଅଥରିଟି କିଏ ? ଭଗବାନ ଭଳି ଅଦୃଶ୍ୟ ଶକ୍ତିକୁ ଏହାର ଦଣ୍ଡାଧିକାରୀ ମାନିଲେ ଦଣ୍ଡର ପରିପ୍ରକାଶ ବି ଅଦୃଶ୍ୟ ହେବ । ତେଣୁ ଦଣ୍ଡର ପାତ୍ର ହିସାବରେ ମଣିଷ ଦୃଶ୍ୟ ଥିଲେ ବି ଦଣ୍ଡର ସ୍ଥାନ ଓ କାଳ ଅଦୃଶ୍ୟ ରହିବ । ତେଣୁ ସ୍ୱର୍ଗ ଓ ନର୍କର ଧାରଣା ।

ଧର୍ମ ପ୍ରଚାରକମାନଙ୍କ କଥାରେ ସ୍ୱର୍ଗ ହେଉଛି ଏକ ଚିର ବସନ୍ତର ସ୍ଥାନ, ଶାନ୍ତି ସନ୍ତୋଷର ସ୍ଥାନ । ସେଇଠି ପହଞ୍ଚିବା ସମସ୍ତଙ୍କ ଧ୍ୟେୟ । ଧର୍ମ ପ୍ରଚାରକଙ୍କ କଥା ସ୍ପଷ୍ଟ ନ ଥିଲେ ବି ତାଙ୍କ କଥାକୁ ବ୍ୟାଖ୍ୟା କରୁଥିବା ପୁରୋହିତଙ୍କ କଥାରେ ଶୁଣାଯାଏ ଯେ ମଣିଷ ପାପ କଲେ ସ୍ୱର୍ଗକୁ ଯିବ ନାହିଁ, ନର୍କ ଭୋଗିବ । ଧାରଣାଟି ଦୃଢୀଭୂତ ନ ହେଲେ, ଲୋକେ ମୃତ୍ୟୁ ପରବର୍ତ୍ତୀ ଦଣ୍ଡ ପରି ଏକ ଅଜଣା ଓ ଅବୋଧ୍ୟ ଦଣ୍ଡକୁ ଭୟ କରିବେ ନାହିଁ । ତିନି ତୁଣ୍ଡରେ ଶୁଣି ଶୁଣି ଆମେ ସତ ବୋଲି ଭାବୁଛୁ ।

ମୃତ୍ୟୁ ପରେ ଜୀବନ ଅଛି ବୋଲି ସବୁ ଧର୍ମଗ୍ରନ୍ଥ ଋଣା ଅଧିକେ କହନ୍ତି । ଇହ ଜୀବନରେ ଖରାପ କାମ କଲେ ପର ଜୀବନରେ ଦୁଃଖ ଭୋଗିବ ଏତକ ନ କହିଲେ ଜୋର

ଯାହାର ମୂଳକ ତାହାର ହୋଇଯିବ, ପଶୁ ପ୍ରବୃତ୍ତି ବଢିବ । ଦୁଷ୍କର୍ମ କରିବାର ମାନସିକତା ଥିବା ମରଦ ପାଖଆଖର ସବୁ ସ୍ତ୍ରୀଙ୍କ ଉପରେ ଅତ୍ୟାଚାର କରିବ । ସିଂହ ବା ବାଘ ଭଳି ପଶୁ ଜଗତରେ ଗୋଟିଏ ଅଣ୍ଡିରା ଯେପରି ଅନ୍ୟ ଅଣ୍ଡିରାକୁ ତା ପାଖର କୌଣସି ମାଈ ପାଖକୁ ଆସିବାକୁ ଦିଏ ନାହିଁ, ସେପରି ଅବସ୍ଥା ଆସିବ । ଯେଉଁ ମଣିଷ ସେପରି କରିବ ସେ ପାପ କରୁଛି, ସେ ନର୍କକୁ ଯିବ । ଏ ଡର ଦେଖାଇଲେ ତ ଲୋକ ପରିବାର ଭଳି ସଂସ୍ଥାକୁ ମାନିବ, ନ ହେଲେ ଆଲ୍‌ଫା ମେଲ୍ ତ ଗୋଠର ସବୁ ଫିମେଲକୁ ନିଜ ଅକ୍ତିଆରରେ ରଖିବ, ସବୁ ଜମିବାଡି ନିଜର କରିବ, ବାକି ସମସ୍ତଙ୍କୁ ତାହାର ଆଜ୍ଞାବହ କରିଦେବ । ଧର୍ମର ରକ୍ଷାକର୍ତ୍ତା ଭାବେ ଗଣା ହେଉଥିବା ରାଜା ମହାରାଜା ମାନେ ତ ଗୋଟିଏ ଗୋଟିଏ ଆଲ୍‌ଫା ମେଲ୍ ପଶୁର ବ୍ୟବହାର ଦେଖାଉଥିଲେ, କେତେକ ୩୬୫ ଦିନ ପାଇଁ ୩୬୫ରୁ ଅଧିକ ସଂଖ୍ୟାର ନାରୀ ତାଙ୍କ ଉଆସରେ କଞ୍ଚୁକୀ ମାନଙ୍କ ଜଗୁଆଳୀରେ ରଖୁଥିଲେ, ପିଞ୍ଜରାରେ ଚଢେଇ ବାନ୍ଧି ରଖିଲା ପରି ! ସେମାନେ ନାରକୀୟ କର୍ମ କରୁଛନ୍ତି ବୋଲି କାହିଁକି ଧର୍ମାଧିକାରୀମାନେ କହୁନଥିଲେ ? କାରଣ ଧର୍ମାଧିକାରୀମାନେ ସେମାନଙ୍କ ଦ୍ୱାରା ପରିପୋଷଣ ହେଉଥିଲେ । ଅଧିକନ୍ତୁ ପ୍ରଜାମାନଙ୍କ ନିର୍ଦ୍ୱନ୍ଦ୍ୱ ସମର୍ଥନ ପାଇବା ପାଇଁ ସେମାନେ ନିଜକୁ ଦେବ ଅଂଶୀ ବୋଲି ପ୍ରମାଣ କରି ଗ୍ରନ୍ଥ ରଚନା କରାଇଲେ । ମଣିଷ କଳ୍ପନାରେ କ୍ୱଚିତ୍ ଏମିତି କୌଣସି ଦେବତା ଅଛନ୍ତି ଯିଏ ମାତ୍ର ଗୋଟିଏ ପତ୍ନୀରେ ସନ୍ତୁଷ୍ଟ ଅଛନ୍ତି । ସ୍ୱର୍ଗରେ କଣ ସେକ୍ସ ରେସିଓ କେରଳ ଠାରୁ ଭଲ ? ହଜାରେ ପୁରୁଷକୁ ହଜାରେରୁ ବେଶି ସ୍ତ୍ରୀ ! ସେଠି କନ୍ୟା ଭ୍ରୂଣ ହତ୍ୟା ନାହିଁ । ଦେବତା ମାନଙ୍କୁ ଆମେ ତ ଜନ୍ମ ଦେଇଛୁ, ଧର୍ମଗ୍ରନ୍ଥ ତ ମଣିଷର ରଚନା ।

ମିଶର ଦେଶର ରାଜା ମାନେ ମରିଗଲେ ବା ଚୀନର ସମ୍ରାଟ ମାନେ ମରିଗଲେ ତାଙ୍କ ପରିଚାର ବର୍ଗ, ସୈନ୍ୟ ବର୍ଗ ଯାନବାହନ ସହିତ ପୋତା ହେଉଥିଲେ, ସ୍ୱର୍ଗରେ ରାଜା ବା ସମ୍ରାଟଙ୍କୁ ସାହାଯ୍ୟ କରିବେ ବୋଲି । କି କଥା ? ଯେଉଁ ରାଜା ନିଜ ପରାକ୍ରମ ଯୋଗୁଁ ସ୍ୱର୍ଗକୁ ଯାଉଛି ସେ ପୁଣି ମର୍ତ୍ତ୍ୟର ମଣିଷ ବଳ ଧରି (ସେମାନଙ୍କୁ ଜବରଦସ୍ତ ମାରି ନିଜ ଶବ ପାଖରେ ପୋତି) ନେଇ ଯାଉଛି । ମୃତ୍ୟୁ ପରେ ଜୀବନ ଅଛି ବୋଲି ଭାବନା ପୂର୍ଣ୍ଣ ଏହି ସମ୍ରାଟମାନେ (ଅବଶ୍ୟ ସମ୍ରାଟଙ୍କ ପୁଅମାନେ ବାପା ପାଇଁ) ନିରୀହ ଲୋକଙ୍କୁ ମାରି ସମ୍ରାଟଙ୍କ ଶବ ପାଖରେ ସମାଧି ଦେଉଥିଲେ । ଏ କି ପ୍ରକାରର ସ୍ୱର୍ଗର ଧାରଣା ? ନରହତ୍ୟା କରି ଦାୟାଦ-ସମ୍ରାଟ ପିତାଙ୍କ ସ୍ୱର୍ଗଯାତ୍ରା ପଥରେ ସାଧାରଣ ନର ବାହିନୀକୁ ପଠାଉଛି ।

ସ୍ୱର୍ଗ ଓ ନର୍କ ଭଳି କୌଣସି ସ୍ଥାନ ନାହିଁ, ସେ ଦୁଇଟି ସ୍ଥାନ ଆମ ମନ ଭିତରେ ହିଁ ତିଆରି କରାଯାଇଛି । ଆମ ପୂର୍ବଜ ମାନେ, ଆମ ଗୁରୁଜନ ମାନେ, ଭଲ ଆଚରଣ ଆଣିବା ଲାଗି ଆମ ଆଗରେ ସ୍ୱର୍ଗ ନର୍କର ଅବତାରଣା କରିଛନ୍ତି । ଯଦି ସ୍ୱର୍ଗ ଅଛି ତୁମେ କିପରି ଜାଣିବ ଯେ ତୁମେ ସ୍ୱର୍ଗକୁ ଯାଉଛ ? ଯଦି ତୁମ ମନ କହୁଛି ତୁମେ ସ୍ୱର୍ଗକୁ ଯାଇ ପାରିବ ନାହିଁ, ତୁମେ ଯିବ ନାହିଁ । ତୁମର ଭାବନା ଉପରେ ନିର୍ଭର କରେ ତୁମେ ସ୍ୱର୍ଗକୁ ଯିବ କି ନର୍କକୁ ଯିବ, ମନ ଲଗାଇ ବିଚାର କର ! ହିନ୍ଦୁମାନଙ୍କ ସ୍ୱର୍ଗକୁ ମ୍ଳେଚ୍ଛ ମାନେ, ମୁସଲମାନଙ୍କ ସ୍ୱର୍ଗକୁ କାଫେର ମାନେ ଏବଂ ଖିରସ୍ତାନମାନଙ୍କ ସ୍ୱର୍ଗକୁ ପାଗାନ୍ ମାନେ ଯାଇପାରିବେ ନାହିଁ, କାରଣ ଧର୍ମ ପ୍ରଚାରକମାନେ ଧର୍ମ ଅନୁଯାୟୀ ସ୍ୱର୍ଗ ଗଢିଛନ୍ତି; ତେଣୁ ନର୍କ ବି । ଯଦି ସେମାନେ ପ୍ରଚାର କରୁଥିବା କଥା ସତ, ବିଭିନ୍ନ ଧର୍ମର ଲୋକେ ମଲା ପରେ ବି ଏକାଠି ହୋଇପାରିବେ ନାହିଁ, ସ୍ୱର୍ଗ ହେଉ କି ନର୍କ ହେଉ । ପ୍ରତି ଧର୍ମର ଅଧିକାରୀମାନେ ଅନ୍ୟ ଧର୍ମର ଲୋକଙ୍କୁ ପାପୀ କହନ୍ତି, ସେ ନର୍କକୁ ଯିବ ବୋଲି କହିଥାନ୍ତି, ଯେଉଁମାନେ ତାଙ୍କ ଧର୍ମ ଅନୁସରଣ କରୁନାହାନ୍ତି ସେମାନେ ନର୍କକୁ ଯିବେ । ଏହା ଯଦି ସତ, ତେବେ କେହି ତ ସ୍ୱର୍ଗ ଯିବେ ନାହିଁ; କାରଣ ସେ ପୃଥିବୀର ଏତେ ଧର୍ମ ଭିତରୁ କୌଣସି ନା କୌଣସି ଧର୍ମର ଲୋକ ନୁହେଁ । ତେଣୁ ସ୍ୱର୍ଗ ଖାଲି ପଡିଥିବ, ଆଉ ନର୍କ ଏକ ପ୍ରସାରଣଶୀଳ, ଅସରନ୍ତି ଜାଗା ହୋଇଥିବ । ବିପରୀତାର୍ଥେ ସ୍ୱର୍ଗ ଏକ ସଂକୁଚନଶୀଳ ଜାଗା ହୋଇ ଉଭେଇଯାଇଥିବ ।

ଧର୍ମ ଗ୍ରନ୍ଥରେ ସେମିତି ଥାଉ ନ ଥାଉ, ଧର୍ମଯାଜକମାନଙ୍କ ମତରେ ନର୍କରେ ତତଲା କଢେଇରେ ଭାଜିବେ, ନିଆଁରେ ଜାଳିବେ, ଏ ପୁଣି ସବୁଦିନେ ଘଟିବ । ଅର୍ଥାତ୍ ନର୍କରେ ଥିବା ଲୋକ ପୋଡି ପାଉଁଶ ହେବ ନାହିଁ, ସେଇମିତି ଭାଜି ହେଉଥିବ । ଆତ୍ମା ତ ଅଦୃଶ୍ୟ, ସେ ପୁଣି ଭାଜିହେବ ନିଆଁରେ । କିପରି ? ଟିକେ ଭାବନ୍ତୁ । ନର୍କର ନିଆଁ କଣ ଆମେ ଦେଖୁଥିବା ମର୍ତ୍ତ୍ୟର ନିଆଁ ଠାରୁ ଭିନ୍ନ ? ମାଇକ୍ରୋୱେଭ୍ ଚୁଲି ? ମାଇକ୍ରୋୱେଭ୍ ଚୁଲିରେ ନିଆଁ ଧାସ ଦିଶେ ନାହିଁ । କିନ୍ତୁ ସବୁବେଳେ ମାଇକ୍ରୋୱେଭ୍ ଚୁଲି ଅନ୍ ରହିଲେ ଅଙ୍ଗାର ହୋଇ ଜଳିଉଠିବ, ପାଉଁଶ ହୋଇଯିବ, ତେବେ ଆତ୍ମା ନଷ୍ଟ ହୁଏ ନାହିଁ ବୋଲି କହୁଛ କିପରି ? ଯଦି ନର୍କ ସତ, ଆଉ ତୁମେ ସେଠି ରହିବା ପାଇଁ ଉଦ୍ଦିଷ୍ଟ, ତେବେ କଣ ତୁମେ ନର୍କ ଗଲେ ସବୁଦିନେ ନର୍କରେ ରହିବ ? ଧର୍ମଗ୍ରନ୍ଥ-ବିବରିତ ବ୍ୟବହାର ତ ବହୁତ ଲୋକ ପ୍ରଦର୍ଶନ କରନ୍ତି ନାହିଁ, ତେଣୁ ନର୍କକୁ ବହୁତ ଲୋକ ଯାଉଥିବେ, ଏବଂ ଜନସଂଖ୍ୟା ବଢିବା ସାଙ୍ଗେ ସାଙ୍ଗେ ନର୍କକୁ ଯିବା ଲୋକଙ୍କ ସଂଖ୍ୟା ବଢି ବଢି ଚାଲିଥିବ । ନର୍କରେ ଏତେ ଜାଗା ଥିବ ତ ! ତେଣେ ସ୍ୱର୍ଗରେ ବହୁତ ଜାଗା

ଖାଲି ପଡିଥିବ । ଯେଉଁମାନେ ଜବର ଦଖଲ କରି ମର୍ତ୍ତ୍ୟରେ ମନ୍ଦିର ତିଆରି କରିଛନ୍ତି ସେମାନେ ଅଭ୍ୟାସ ବଶତଃ ସ୍ୱର୍ଗରେ ବି ଜବରଦଖଲ କରିବେ । ମର୍ତ୍ତ୍ୟରେ ଲୋକଦେଖାଣିଆ ମନ୍ଦିର ତୋଳି ପଇସା କିଛି କମାଇଲେ, ସ୍ୱର୍ଗରେ ତ ଆହୁରି ସୁବିଧା ମିଳିବ, ପାଖରେ ତ ଦେବତା ମାନେ ଥିବେ, ସେମାନେ କୈଫିୟତ୍ ମାଗିଲେ କଣ ଉତ୍ତର ଦେବ, ସତେ କଣ ତୁମେ ଭକ୍ତିରେ ମନ୍ଦିର ତୋଳିଥିଲ ? ଯଦି ଭକ୍ତି ଏହାର କାରଣ, ପୁରୁଣା ମନ୍ଦିର ଗୁଡିକର ମରାମତି କଲ ନାହିଁ ? ଯଦି ଠାକୁରଙ୍କୁ ନିଜ ପାଖରେ ବନ୍ଦୀ କରି ରଖିବାକୁ ଚାହିଁଲ, ନିଜ ଘରେ ଗୋଟିଏ ସ୍ଥାନକୁ ମନ୍ଦିର କଲ ନାହିଁ ? ସମସ୍ତଙ୍କୁ ଦେଖେଇ ହୋଇ ଏ କି ପୂଜା କରୁଛ ? ସନ୍ଦେହ, କାଳେ ଲୋକେ ତୁମକୁ ଧାର୍ମିକ ଭାବିବେ ନାହିଁ । ଅର୍ଥାତ୍ ତୁମେ ଲୋକଙ୍କ ମତରେ, ଲୋକଙ୍କ ଭାବନାରେ ସ୍ୱର୍ଗକୁ ଯାଉଛ, ନିଜର କନ୍‌ଭିକ୍ସନ୍ ବା ବିଶ୍ୱାସ ଉପରେ ନୁହେଁ । ତେଣୁ ସ୍ୱର୍ଗ ଓ ନର୍କର ଧାରଣା ମନ ଭିତରେ; ଧର୍ମଗ୍ରନ୍ଥ ବା ପୁରାଣରେ ନୁହେଁ । ନର୍କରେ ଭଲ ବ୍ୟବହାର ଦେଖାଇଲେ ପାରୋଲରେ ସ୍ୱର୍ଗକୁ ଯାଇପାରିବ ନାହିଁ ? କେତେକ ଆତ୍ମା (ଲୋକ ନୁହେଁ) ଅନୁତପ୍ତ ହୋଇ ବା ପ୍ରାୟଶ୍ଚିତ କରି ଭଲ ଆତ୍ମା ହେବାକୁ ଚେଷ୍ଟା କରିବେ, ସେମାନଙ୍କୁ ଯଦି ପାରୋଲରେ ଯିବାକୁ ଅନୁମତି ନାହିଁ ତେବେ ସେହି ଆତ୍ମାମାନେ କାହିଁକି ଭଲ ହେବାକୁ ଚେଷ୍ଟା କରିବେ? ହିଂସ୍ର ହୋଇ ନର୍କରେ ଏମିତି ଗଣ୍ଡଗୋଳ ଭିଆଇବେ ଯେ ସେମାନଙ୍କୁ ତତଲା କଡେଇରେ ଭାଜିବାକୁ, ନିଆଁରେ ଜାଳିବାକୁ, କେହି ରହିପାରିବ ନାହିଁ ।

ଯଦି ତୁମେ ସ୍ୱର୍ଗକୁ ଯାଉଛ ବୋଲି ଜାଣିଲ ସେଠି ତୁମେ କିପରି ଚଳିବ, କିଏ ତୁମର ଯତ୍ନ ନେବ, ସେ ବିଷୟ ଭାବନାକୁ ଆଣିଛ କି ? ପଣ୍ଡାମାନେ ଖାଇବାକୁ ନ ଦେଲେ ଜଗନ୍ନାଥ ପରା ଉପାସ ରହୁଛନ୍ତି, ଖବରକାଗଜବାଲାଏ ବି ଚହଳ ପକାଉଛନ୍ତି । ତୁମେ ତ ସାମାନ୍ୟ ନର, ସ୍ୱର୍ଗରେ ତୁମର ସେବା କିଏ କରିବ ? ମିଶରର ଫାରାଓ ମାନେ ତାଙ୍କ ଚାକରବାକରଙ୍କୁ ଜୀଅନ୍ତା ମମି କରି ନିଜ ଶବ ପାଖରେ ପୋତୁଥିଲେ । ସେମାନେ ସ୍ୱର୍ଗରେ ଫାରାଓଙ୍କ ସେବା କରିବେ ବୋଲି । ଏହି ଚାକରମାନେ କିପରି ଚଳିବେ? ସେମାନଙ୍କ ଯତ୍ନ କିଏ ନେବ, ଫାରାଓଙ୍କ ବ୍ୟବହାର ପାଇଁ ବା ଖାଦ୍ୟ ପଦାର୍ଥ କିଣିବାକୁ ବଜାର ଅଛି ତ ? ଯଦି ସେମାନେ ନ ଖାଇ ନ ପିଇ ରହିପାରିବେ, ତେବେ ଫାରାଓଙ୍କ ସାଙ୍ଗରେ ଚାକର ବାକର ପୋତିବା କଣ ଦରକାର ? ଏ ସବୁ କଣ ପୁରୋହିତଙ୍କୁ ପୋଷିବା ପାଇଁ ? ପୁରୋହିତ ବଂଶର ଅନେକ ବୃତ୍ତି ଭିତରୁ ଗୋଟିଏ ବୃତ୍ତି ହେଉଛି ଅନ୍ୟ ମାନଙ୍କ ମୃତ୍ୟୁକୁ ବ୍ୟବସାୟ କରିବା ।

ମୁଁ ହିନ୍ଦୁ ହିସାବରେ ବଢ଼ିଛି । ମୋତେ କୁହାଗଲା, ବାପାରେ ! ଏମିତି କଲେ ନର୍କକୁ ଯିବୁ, ସେମିତି ନ କଲେ ନର୍କକୁ ଯିବୁ । କଣ କଲେ ସ୍ୱର୍ଗକୁ ଯିବି ସେ ବିଷୟରେ ଐକ୍ୟ ନାହିଁ । କାରଣ କଣ କଲେ ନିଶ୍ଚୟ ସ୍ୱର୍ଗ ଯିବ ସେ ବିଷୟ ଯୁଗେ ଯୁଗେ ବଦଳିବାରେ ଲାଗିଛି । ବ୍ରାହ୍ମଣଙ୍କୁ ମନମାଫି ପଇସା ନ ଦେଲେ ବଡ ଦେଉଳରେ 'ବେହିପୋ ନର୍କକୁ ଯାଅ' ବୋଲି ଶୁଣିଛି । ଏମିତି କରିବ ତ ନର୍କକୁ ଯିବ, ସେମିତି କରିବ ନାହିଁ ତ ନର୍କକୁ ଯିବ । ନର୍କକୁ ଯିବାର ଆହୁରି କେତେ କାରଣ ଅଛି । ତୁମେ ଆତ୍ମହତ୍ୟା କଲେ ନର୍କକୁ ଯିବ । ବ୍ରାହ୍ମଣ ଗୋଡରେ ଗୋଡ ବାଜିଗଲେ (ତୁମେ ବ୍ରାହ୍ମଣକୁ ଗୋଇଠା ମାରିଲ ବୋଲି କୁହାଯିବ) ତୁମେ ନର୍କକୁ ଯିବ । ବାପା ମାଆଙ୍କ କଥା ନ ମାନିଲେ ନର୍କକୁ ଯିବ । ମନ୍ଦିରକୁ ନ ଗଲେ ନର୍କକୁ ଯିବ । ଇତ୍ୟାଦି, ଇତ୍ୟାଦି । ମନେ ହୁଏ ନର୍କକୁ ଯିବାର ସମ୍ଭାବନା (ନା, ଆଶଙ୍କା) ବେଶି । ଅନ୍ୟମାନେ ବି ନର୍କକୁ ଯାଇଥିବେ । ବହୁତ ସାଙ୍ଗ ମିଳିବେ । ଯେଉଁମାନେ ମନ୍ଦିରରେ ବିଲାତି ଆଳୁ ବା ଟମାଟୋ ଖାଇଥିବେ ସେମାନେ ବି ନର୍କକୁ ଯାଇଥିବେ, କାରଣ ଆମ ପଣ୍ଡିତମାନେ ଜଗନ୍ନାଥଙ୍କୁ କହିଛନ୍ତି ଆଳୁ ବା ଟମାଟୋ ତାଙ୍କ ସୃଷ୍ଟି ନୁହେଁ । ପୁରୀରେ ଯେଉଁ ଭଗବାନଙ୍କୁ ଆମେ ସ୍ଥାନୀୟ ବାସିନ୍ଦା (ଲୋକାଲାଇଜ୍ଡ୍) କରିଦେଲୁ ସେ କିପରି ଏକ ସାର୍ବଜନୀନ ସ୍ୱର୍ଗ କଥା ଭାବିବେ? ସେ ସ୍ୱର୍ଗ ନିଶ୍ଚୟ ପୁରୀ ଇଲାକା ପାଖରେ ଥିବ ।

ଗୋଟିଏ ଧର୍ମର ଭଗବାନ ଆଉ ଗୋଟିଏ ଧର୍ମର ଭଗବାନ ଠାରୁ କେବଳ ଭିନ୍ନ ନୁହେଁ, ତାଙ୍କର ଶତ୍ରୁ ମଧ୍ୟ । ଅନ୍ୟ ଧର୍ମର ଭଗବାନଙ୍କ ମୂର୍ତ୍ତି ଭାଙ୍ଗିଦେଲେ ବା ଫୋପାଡି ଦେଲେ ତୁମ ଭଗବାନ ତୁମକୁ ପରମ ଭକ୍ତ କହିବେ, ସ୍ୱର୍ଗରେ ଆସନ ଦେବେ । ଗୋଟିଏ ମା ପେଟରୁ ଜନ୍ମ ହୋଇଥିବା ତିନି ପିଲା ଭିତରୁ ଜଣେ ଯଦି ହିନ୍ଦୁ, ଆଉ ଜଣେ ଖିରସ୍ତାନ ଓ ତୃତୀୟ ମୁସଲମାନ, ପ୍ରତ୍ୟେକ ଅନ୍ୟକୁ ମାରି ଦେଲେ ସ୍ୱର୍ଗକୁ ଯିବେ ବୋଲି ଏବର ଆଲ୍‌କାଏଦା ବାଲା ବା ଆଗ କାଳର କ୍ରୁଜେଡର ଭଳି ଧର୍ମଯାଜକମାନେ କହନ୍ତି । ଗୋଟିଏ ଧର୍ମର ଲୋକକୁ ଅନ୍ୟ ଗୋଟିଏ ଧର୍ମର ଲୋକ ଆଡ ଆଖିରେ ବି ଦେଖିପାରିବେ ନାହିଁ । ଏ ପ୍ରକାରର ଧର୍ମ ତ ସ୍ୱର୍ଗ ଓ ନର୍କ ଗଢ଼ିଛି ! ଠିକ୍ ଯେମିତି ତୁମେ ଖଣ୍ଡେ ଖଣ୍ଡେ କାର୍ଡ ମଝିରେ ମଝିରେ ପାଅ: ଅମୁକ ଦେବ (ବା ଦେବୀ ବା ସନ୍ଥ) ଙ୍କ ପ୍ରଶଂସା କରି ୨୦ କପି ଅନ୍ୟମାନଙ୍କୁ ପଠାଅ, ତୁମେ ମୁଖ୍ୟମନ୍ତ୍ରୀ ହୋଇଯିବ, ନ ପଠାଇଲେ ଜାଣିଛ ତ ଫିଲିପାଇନ୍‌ସରେ କିପରି ଚିଫ୍ ଜଷ୍ଟିସ୍ ଏମିତି ଅମାନ୍ୟ କରି ମୃତ୍ୟୁ ଭୋଗିଲା ?

କିଛି ସମୟ ପାଇଁ ଧର୍ମ କଥା ଛାଡିଦିଅ । ବିବେକ ଓ ବିବେଚନା ପ୍ରୟୋଗ କର । ପୁରାଣରେ ନର୍କ ଦଣ୍ଡ ନୁହେଁ କି ସ୍ୱର୍ଗ ପୁରସ୍କାର ନୁହେଁ । ସେ ଦୁଇଟି ଗୋଟିଏ ଗୋଟିଏ ସ୍ଥାନ । ସେଠିକି ସମସ୍ତେ ଯିବେ । ଏହାର ଯଥାର୍ଥତା ଅଛି କି? ପୁଣି କେବଳ ଭଲ ମଣିଷ ହେବା ଯଥେଷ୍ଟ ନୁହେଁ, ସଂସାରର ସବୁ ଖରାପ କାମ ଛାଡିବାକୁ ପଡିବ, କାମିନୀ କାଞ୍ଚନ ସାଙ୍ଗ । ଏମିତି ଉତ୍ତମ ବା ପର୍ଫେକ୍ଟ ହେବାକୁ ପଡିବ । ଫଳ ହେବ, ଆଜନ୍ମ ବ୍ରହ୍ମଚାରୀ । ବାହା ତ ହେବ ନାହିଁ, ଆଉ ମଣିଷ ଜନ୍ମ ହେବେ କିପରି ବା ଧର୍ମକୁ ମାନିବାର ଲୋକ ଆସିବେ କେଉଁଠୁ ? ଧର୍ମ ଉଭେଇ ଯିବ, କମ୍ୟୁନିଜମରେ ରାଷ୍ଟ୍ର ଉଭେଇଗଲା ପରି (ଷ୍ଟେଟ୍ ୱିଲ୍ ୱିଦର ଆୱେ) । ସ୍ୱର୍ଗକୁ ଯିବା ଲାଗି କେବଳ ଭଲ କାମ କଲେ ଚଳିବ ନାହିଁ । ତୁମକୁ ପର୍ଫେକ୍ଟ ହେବାକୁ ପଡିବ । ଯଦି ତୁମେ ପର୍ଫେକ୍ଟ ନୁହଁ, ଭଗବାନ ତୁମକୁ ପର୍ଫେକ୍ଟ କରିଦେବେ । ଭଗବାନ ତୁମ ପାପ ଧୋଇ ଦେବେ, ମନ ଲଗାଇ ପ୍ରାର୍ଥନା କଲେ । ସାଲେପୁର ରସଗୋଲା ଭଳି ଭୋଗରାଗ ଦେଲେ ବି । ଖାଲି ପୁରୋହିତଙ୍କ ମନଖୁସି ଦକ୍ଷିଣା ଦେଲେ ହେଲା !

ବାଇବେଲ କହେ, ଯୀଶୁ ସମସ୍ତଙ୍କ ପାପ ହରଣ ପାଇଁ ସହିଦ ହୋଇଥିଲେ, କ୍ରୁଶରେ ଝୁଲି ଥିଲେ । ତାଙ୍କୁ ଡାକିଲେ, ଅର୍ଥାତ୍ ଖ୍ରୀଷ୍ଟିଆନ୍ ହେଲେ, ପାପୀର ପାପ ଧୋଇ ହୋଇଯିବ । କୃଷ୍ଣ ନାମରେ ପାପ କ୍ଷୟ ଯେତେ କରି ନ ପାରେ ପାପୀ ପାପ ତେତେ ! ଯେତେ ପାପ କର ନା କାହିଁକି କୃଷ୍ଣ କୃଷ୍ଣ କହିଦିଅ, ସ୍ୱର୍ଗକୁ ବାଟ ଫିଟିଯିବ । ଆମ ଭିତରୁ ଅନେକ କହିବେ, ମୁଁ ଏତେ ଖରାପ ନୁହେଁ, ସ୍ୱର୍ଗକୁ କାହିଁକି ନ ଯିବି ? ଏ ଯୁକ୍ତି ଶୁଣି ପ୍ରତିକାର କରିବାର କୋର୍ଟ ତ ମର୍ତ୍ତ୍ୟରେ ଖୋଲି ନାହିଁ । ତେବେ ଆମ ଯୁକ୍ତି ଯଦି ଆମକୁ ସ୍ୱର୍ଗକୁ ନେଇଗଲା, ଆମେ ସନ୍ତୁଷ୍ଟ ହେବା । ପୁରୋହିତ ପାଖକୁ ଯାଇ ତା କୋଠଘରର ପଇସା ବଢାଇବା କାହିଁକି ? ଆମେ ଯେମିତି ୨୦୦ ଟଙ୍କାର ଭୋଗ ଦେଇ ବିରାଡି ହତ୍ୟା ଦୋଷ କାଟୁଛୁ, ୧୦୦୦ ପଦ୍ମଫୁଲ ଚଢାଇ ବ୍ରହ୍ମହତ୍ୟା ଦୋଷରୁ ମୁକୁଳୁଛୁ, ବା କୁମାରୀ କନ୍ୟାର ଚକ୍ଷୁ ତାଡି ତାକୁ ଦେବୀଙ୍କ ପାଖରେ ଅର୍ପଣ କରି ମୁଖ୍ୟମନ୍ତ୍ରୀ ଆସନକୁ ମଙ୍ଗଳାଙ୍କ କୁଦୃଷ୍ଟିରୁ ରକ୍ଷା କରୁଛୁ । ପାପର ଖର୍ଚ୍ଚା ଦେଇଦିଅ ସ୍ୱର୍ଗକୁ ଯିବା ଖାତାରେ ତୁମ ନାଁ ଯୋଡା ହୋଇଯିବ । ପାପ କଥାଟା କଣ ? ଏ ଗୋଟିଏ ବଢିଆ ଶବ୍ଦ, ଗୋଟିଏ ବଢିଆ ଧାରଣା । ପାପ ଏକ ଦଣ୍ଡନୀୟ ଅପରାଧ । ଏ ଦଣ୍ଡ ମଲା ପରେ ମିଳେ, ଜୀବଦ୍ଦଶାରେ ନୁହେଁ । ତୁମେ ତ ପାପ କରିଛ ବୋଲି କେବେ ମାନି ନାହଁ, ମୁଁ ବି । ମୋତେ ବା ତୁମକୁ ପାପୀ କହିବାର ଅଧିକାର କିଏ କାହାକୁ ଦେଲା ? କେଉଁଟାକୁ ପାପ କହନ୍ତି, ଖୋଲାଖୋଲି କେଉଁଠି ଲେଖା ନାହିଁ । ସ୍ୱର୍ଗକୁ ଯିବାର ଗୋଟିଏ ପାସ୍ ମାର୍କ ଯଦି ଅଛି,


ଏହାର ପରୀକ୍ଷକ ନିଜେ ଭଗବାନ ବୋଲି ପୁରାଣରେ ଲେଖାଅଛି । ଭଗବାନ ପାସ୍ ମାର୍କ ଦିଅନ୍ତି । ବାଇବେଲ କହେ (ରୋମାନ୍ସ ଶ୍ଳୋକ ୬:୨୩), ପାପର ମୂଲ ମୃତ୍ୟୁରେ ଦେବାକୁ ପଡିବ । ୱେଜେସ୍ ଅଫ୍ ସିନ୍ ଇଜ୍ ଡେଥ୍ । ତାହା ମାନେ କଣ ପାପ ନ କଲେ ମୃତ୍ୟୁ ହେବ ନାହିଁ ? ଇସଲାମ୍ ବି କହୁଛି, ଇସଲାମ ମାନୁ ନ ଥିବା ସମସ୍ତେ ପାପୀ, ଆଲ୍ଲାଙ୍କ ପାଖକୁ ଯାଇପାରିବେ ନାହିଁ, ସେମାନେ ଆଲ୍ଲାଙ୍କ ଦୁନିଆରେ ବଞ୍ଚିବାର ଅଧିକାର ହରାଇଛନ୍ତି । ସେମାନଙ୍କୁ ମୃତ୍ୟୁ ଦଣ୍ଡ ମିଳିବ । ଇସଲାମ ମାନିଲେ କଣ ମୃତ୍ୟୁ ନାହିଁ ? ଏ ସବୁ ମୃତ୍ୟୁ କଣ ଆତ୍ମାର ମୃତ୍ୟୁ, ଥରେ ଶରୀରର ଓ ଆଉ ଥରେ ଆତ୍ମାର । ନର୍କକୁ ତାଙ୍କର ଆତ୍ମା ଗଲା କ୍ଷଣି ଯମରାଜ ମୃତ୍ୟୁ ଦଣ୍ଡ ଦେବେ, ଡବଲ ଜିଓପାର୍ଡି । ଯଦି ଆତ୍ମା ଅମର, ତେଣୁ ସ୍ୱର୍ଗ ନର୍କର ଧାରଣା, 'ପାପୀର ଦଣ୍ଡ ମୃତ୍ୟୁ' ମାନେ ନର୍କରେ ମୃତ୍ୟୁ, ଏ ମୃତ୍ୟୁ ମର୍ତ୍ତ୍ୟର ମୃତ୍ୟୁଠାରୁ ଭିନ୍ନ । ନର୍କରେ ମୃତ୍ୟୁ ପରେ ତାହାର ଆତ୍ମାଟି କୁଆଡେ ଯିବ ? ଆପେ ଆପେ ସ୍ୱର୍ଗକୁ ଯିବ । କାରଣ ମଣିଷ ଦୁଇଥର ସଶ୍ରମ ନର୍କ ଦଣ୍ଡ (ରିଗରସ୍ ଇମ୍ପ୍ରିଜିନ୍‌ମେଣ୍ଟ) ପାଇବାର ବ୍ୟବସ୍ଥା କୌଣସି ଧର୍ମଗ୍ରନ୍ଥରେ ନାହିଁ ।

ବାଇବେଲ ଅନୁଯାୟୀ ପାପ କଣ, ଜାଣିବାକୁ ପଡିବ । ପ୍ରଥମେ, ପାପ ମାନେ ବିଦ୍ରୋହ, ରିବେଲିଅନ୍ । ଈଶ୍ୱର ଓ ତାଙ୍କ ଇଚ୍ଛା ବିରୋଧରେ ବିଦ୍ରୋହ, ଯୀଶୁଙ୍କ ଉପଦେଶ ବିରୁଦ୍ଧରେ ବିଦ୍ରୋହ କରିବା ଓ ଆମ ମନ ମୁତାବକ ପାପଭରା କାମ କରିବା । ଦ୍ୱିତୀୟରେ ଈଶ୍ୱରଙ୍କ ନିୟମ ଭାଙ୍ଗିବା, ବ୍ରେକିଂ ଦ ଲ ଅଫ୍ ଗଡ୍ । ଈଶ୍ୱରଙ୍କ ଆଦେଶ (କମାଣ୍ଡମେଣ୍ଟ) ଆମ ସ୍ୱାଧୀନତା ବା ଉପଭୋଗକୁ ରୋକେ ନାହିଁ, ବରଂ ଆମର ଓ ଆମ ପୂରା ସମାଜର ଭଲ ଓ ରକ୍ଷା ପାଇଁ । ତାକୁ ଭୁଲିଗଲେ ଆମର କ୍ଷତି ହେବ । ଈଶ୍ୱରଙ୍କ ଆଇନକୁ ଲିଖିତ ଭାବେ ପ୍ରଚାରର ବାରଣ କରିବା (ଯେପରି ଆମେରିକାର କୋର୍ଟମାନେ କହୁଛନ୍ତି) ଦେଶର ଆଇନ ପ୍ରଚାରର ବାରଣ ସାଙ୍ଗେ ସମାନ । ଈଶ୍ୱରଙ୍କ ଆଦେଶ ଓ ଆଇନ (କମାଣ୍ଡମେଣ୍ଟ ଆଣ୍ଡ ଲ'ଜ) ଅବୁଝା (ଆବଷ୍ଟ୍ରାକ୍ଟ) ନୁହେଁ କି ଅଦରକାରୀ (ଇରିଲିଭାଣ୍ଟ ରିଲିଜିଅସ୍ ରୁଲ୍‌ସ୍) ନୁହେଁ । ସେଗୁଡିକ ସମସ୍ତଙ୍କ ରକ୍ଷା, ନିରାପତ୍ତା ଓ ଉପକାର ପାଇଁ । କେନ୍ଦ୍ରାକର୍ଷଣ ନିୟମ ଭଳି ସେଗୁଡିକ ସାର୍ବଜନୀନ । ଆମେ କେନ୍ଦ୍ରାକର୍ଷଣ ନିୟମ ଭାଙ୍ଗି ପାରିବା ନାହିଁ, ଭାଙ୍ଗିବାର ଚେଷ୍ଟା କଲେ ନିଜେ ଭାଙ୍ଗିଯିବା । ସେମିତି ଈଶ୍ୱରଙ୍କ ନୈତିକ ଆଇନକୁ ଭାଙ୍ଗିଲେ ଆମେ ନିଜେ ଭାଙ୍ଗିଯିବା । ନିଜର ମଙ୍ଗଳ (ସେଫ୍‌ଟି) ପାଇଁ ଆମେ ଈଶ୍ୱରଙ୍କ ସବୁ ନିୟମ ମାନି ଓ ସବୁ ନିୟମର ସୀମା ଭିତରେ ଜୀବନ ନିର୍ବାହ କରିବା । ଏ ହେଉଛି ଖିରସ୍ତାନମାନଙ୍କ ମତ ।

ଭଣାଅଧିକେ ସବୁ ଧର୍ମର ଲୋକେ ଏହା ହିଁ କହିବେ ।

ପାପର ତୃତୀୟ ମାନେଟି ସହଜରେ ଦେଖିହୁଏ ନାହିଁ । ଈଶ୍ୱରଙ୍କ ପବିତ୍ରତାର ମାନକ ବା ଆଦର୍ଶ (ଚିହ୍ନ ବା ସନ୍ତକ) ଗ୍ରହଣ ନ କରିବା ହିଁ ପାପ । କେବଳ ଖରାପ କାମ କରିବା ପାପ କହିଲେ ଚଳିବ ନାହିଁ, ଭଲ କାମ ନ କରିବା ବି ପାପ । 'କରିବା'ର ପାପ ଭଳି 'ନ କରିବା'ର ପାପ ଅଛି । (This applies not only to sins of commission, but also to sins of omission.) । ବାଇବେଲ ଅର୍ଥାତ୍ ଈଶ୍ୱରଙ୍କ ଭାଷାରେ ଯିଏ ଭଲ କାମ କଣ କରିବା ଉଚିତ୍ ବୋଲି ଜାଣି ବି କରେ ନାହିଁ ସେ ପାପ କରେ ('Anyone, then, who knows the good he ought to do and doesn't do it, sins"-James 4:17 (NIV).) । ଈର୍ଷା, ନୀଚମନ୍ୟତା, ଘୃଣା, ଗର୍ବ, ଲୋଭ, ଭଳି ଯାହା କିଛି ନକାରାତ୍ମକ ଓ ନିଜ ଆତ୍ମା ପ୍ରତି କ୍ଷତିକର, ସେ ସବୁ ମନର ପାପ (sins of the spirit) ଭିତରେ ଗଣା ଏବଂ ଈଶ୍ୱରଙ୍କ ମାନକ ଠାରୁ ନୀଚକୁ ଟାଣିନିଏ । ଲୋକଙ୍କ ଆଖିରେ ହିଁ ସ୍ୱର୍ଗ ବା ନର୍କ ଅଛି, ଆମର ବ୍ୟବହାର ହିଁ ଏହା ଠିକ୍ କରେ, ତେଣୁ ଆମେ ଜଗତର ଉପକାର କରିବା ତ ଲୋକଚକ୍ଷୁରେ ସ୍ୱର୍ଗକୁ ଯିବାର ଭାବନା ଆଣିବ ।

****



ଅଷ୍ଟ୍ରେଲିଆର ଷ୍ଟେଲାର୍କ ଅସ୍ତ୍ରୋପଚାର ଦ୍ୱାରା ହାତରେ କାନ ରୋପଣ କରିଛନ୍ତି - ଏହା ତୃତୀୟ କର୍ଣ୍ଣ ଭଳି କାମ କରୁଛି ।

# ଧର୍ମ ନୁହେଁ, ଉତ୍ତମ ସ୍ୱଭାବ ମଣିଷକୁ ଧାର୍ମିକ କରିଥାଏ

ଅଧର୍ମୀଙ୍କ ବି ସ୍ୱର୍ଗ ଅଛି । ଆମେରିକାରେ ୨୦୦୮ ଜୁନରେ ପିଉ ଫୋରମ ଅନ୍ ରିଲିଜନ ଆଣ୍ଡ ପବ୍ଲିକ୍ ଲାଇଫ୍ (ସଂକ୍ଷେପରେ ପିଉ) ଲୋକଙ୍କ ଧର୍ମ ବିଶ୍ୱାସ ଉପରେ ଗୋଟିଏ ସର୍ଭେ କଲେ. ପିଉ ରିପୋର୍ଟଟି ବିବଦମାନ ହୋଇଥିଲା କିନ୍ତୁ ରିପୋର୍ଟଟି ପ୍ରଣିଧାନ ଯୋଗ୍ୟ । ସର୍ଭେରେ ଯୋଗ ଦେଇଥିବା ମାର୍କିନ୍ ଲୋକଙ୍କ ଭିତରୁ ୭୦ ଶତାଂଶ ବିଶ୍ୱାସ କରନ୍ତି ଯେ ସେମାନଙ୍କ ଧର୍ମ ଛଡା ଅନ୍ୟ ଧର୍ମ ବି ଅମରତ୍ୱ ଆଣିପାରେ । ଏତକ ଶୁଣି ପାଦ୍ରୀମାନେ ଖପା ହୋଇଗଲେ. କାରଣ ତାଙ୍କ ବାଇବେଲ କହେ, ସ୍ୱର୍ଗ ହେଉଛି ଖିରସ୍ତାନମାନଙ୍କ ପାଇଁ ସଂରକ୍ଷିତ ଭେଲ୍‌ଭେଟ୍ ଦଉଡି ଘେରା ଏକ ଭିଆଇପି ଏରିଆ । ଯୀଶୁ କହନ୍ତି, ମୁଁ ମାର୍ଗ, ସତ୍ୟ ଓ ଜୀବନ: ମୋ ବିନୁ ଫାଦର୍ ପାଖକୁ କେହି ଆସିପାରିବେ ନାହିଁ । ଯୀଶୁଙ୍କ ଏଭଳି ବାଣୀରେ ବିଶ୍ୱାସୀ ଲୋକେ ଏକଥା ବିଶ୍ୱାସ କରିପାରିଲେ ନାହିଁ, କହିଲେ ଏ ସର୍ଭେରେ ପ୍ରଶ୍ନକୁ ଲୋକେ ବୁଝିପାରିନାହାନ୍ତି ।

ପିଉ ନୂଆ ପ୍ରଶ୍ନ ତିଆରି କରି ପୁଣି ଅଗଷ୍ଟରେ ସର୍ଭେ କଲା, ତାର ଫଳ ଘୋଷଣା କଲା ୨୦୦୮ ଡିସେମ୍ବର ତୃତୀୟ ସପ୍ତାହରେ । ୬୫ ଶତାଂଶ ସେହି କଥା କହିଲେ, ଅନ୍ୟ ଧର୍ମରେ ବି ସ୍ୱର୍ଗକୁ ଯାଇହେବ । ପିଉ ସ୍ପଷ୍ଟ କରିବା ଲାଗି ପଚାରିଥିଲା କେଉଁ ଧର୍ମରେ ସ୍ୱର୍ଗକୁ ଯାଇହେବ ତାକୁ ନିର୍ଦ୍ଦିଷ୍ଟ କର । ଉତ୍ତରରୁ ଜଣାଗଲା ସବୁ ଧର୍ମରେ ଏହା ସମ୍ଭବ । ପ୍ରାୟ ଅଧେ ଲୋକ କହିଲେ ଯେ ନାସ୍ତିକମାନେ ବି ସ୍ୱର୍ଗକୁ ଯାଇପାରିବେ । ଯାହାର କୌଣସି ଧର୍ମ ନାହିଁ ସେ ବି ସ୍ୱର୍ଗ ଯିବ ।

ଏହାର ମାନେ କଣ ? ଆମେରିକାନ୍‌ମାନେ ଚାହାନ୍ତି ଯେ ଭଲ ମଣିଷ ଭଲ ଜିନିଷ ପାଉ । ଏଥିରେ ଧର୍ମଫର୍ମର କିଛି ଭୂମିକା ନାହିଁ । ମୋ ଧର୍ମରେ ସେ ବିଶ୍ୱାସ କରୁନାହିଁ ବୋଲି ମହାନ୍ ବ୍ୟକ୍ତିଟିଏ କାହିଁକି ସ୍ୱର୍ଗକୁ ନ ଯିବ ? ବର୍ଣ୍ଣାର୍ଡ କଲେଜର ଧର୍ମ ଅଧ୍ୟାପକ ଆଲାନ୍ ସେଗାଲ୍ କହନ୍ତି, ଆମେ ଏକ ବହୁସଂସ୍କୃତି ସମାଜ, ଆଉ ଲୋକେ ଆଶା କରନ୍ତି ଯେ ଏହି ଆମେରିକାନ୍ ଜୀବନ ଢାଞ୍ଚା ସ୍ୱର୍ଗରେ ବି ଚାଲୁ । ସେ ବୁଝାନ୍ତି ଆମେ ଆମ ସମାଜରେ ଭିନ୍ନ ଭିନ୍ନ ଧର୍ମର ଏତେ ଭଲ ଭଲ ମଣିଷ ଦେଖୁଛୁ ଯେ କଳ୍ପନା ବି କରିପାରୁନୁ ଭଗବାନ ସେମାନଙ୍କୁ କେବେ ନର୍କକୁ ପଠାଇବେ । ପିଉ ପ୍ରଶ୍ନ କରଥିଲା, ବ୍ୟକ୍ତି ବିଶେଷ ସ୍ୱର୍ଗକୁ ଯିବା ଲାଗି କଣ କଣ କରିବା ଉଚିତ୍ । ଖିରସ୍ତାନମାନଙ୍କ ଭିତରୁ ଯେତିକି କହିଲେ ଯୀଶୁଙ୍କୁ ମାନିଲେ ସ୍ୱର୍ଗକୁ ଯିବ,

ସେତିକି କହିଲେ ଭଲ ମଣିଷଟିଏ ହୋଇ ପାରିଲେ ସ୍ୱର୍ଗକୁ ଯିବ ।

ମୌଳବାଦୀ ବିଶ୍ୱାସ କରନ୍ତି ଯେ ଧର୍ମଗ୍ରନ୍ଥ ଭଗବାନଙ୍କ ମୁଖରୁ ଆସିଛି । କିନ୍ତୁ ସିଉ ସର୍ଭେରେ ମାତ୍ର ୩୯ ଶତାଂଶ କହିଲେ ଯେ ବାଇବେଲ ଭଗବାନଙ୍କ କଥାକୁ ଅବିକଳ ରଖିଛି । ୧୮ ଶତାଂଶ କହିଲେ ଏ ଗୋଟିଏ ବହି ଏବଂ ଏହାକୁ ମଣିଷ ଲେଖିଛି, ଭଗବାନଙ୍କ ଲେଖା ଆଦୌ ନୁହେଁ । ମାତ୍ର ଗୋଟିଏ ଶତାଂଶ କହିଲେ ଯେ ବାଇବେଲ ଅନୁସାରେ ଜୀବନ ଯାପନ କଲେ ସ୍ୱର୍ଗକୁ ଯିବ । ଲୋକେ ଧର୍ମର ମୌଳିକ ଉପଦେଶ ବିଷୟରେ ଅଜ୍ଞ ନୁହଁନ୍ତି, ତଥାପି ଲୋକେ ଉତ୍ତମ ସ୍ୱଭାବ ସପକ୍ଷରେ ଧର୍ମକୁ ଜଳାଞ୍ଜଳି ଦେଉଛନ୍ତି - ଏ କଥା କହିହେବ । ଉତ୍ତମ ସ୍ୱଭାବ ହେଉଛି ଭଲ ଗୁଣର ପରିପ୍ରକାଶ । ଭଲ ଗୁଣ ମପାଯାଏ ନୈତିକତାର କାଠିରେ (ସ୍କେଲରେ) ।

ନୈତିକତା ଧାରଣା ଆସିଲା କେବେ, ପଚାରିଲେ ଆମେ ଦେଖିବା ଯଦି ମଣିଷଟିଏ ଏକୁଟିଆ ରହୁଥାନ୍ତା ସେ ମଣିଷଟା କେବେଠୁଁ ପାଗଳା ହୋଇ ଯାଆନ୍ତାଣି । ପାଗଳାମିରେ ବାଛ ବିଚାର ନଥାଏ, ତହିଁରେ ଥାଏ ରାଗ; ଅଥଚ ରାଗ ବା ମନର ଅନ୍ଧକାର ଗହ୍ୱରରେ ପାଗଳାମି ସୁପ୍ତ ନଥାଏ । ମଣିଷର ଦୁଇଟା ଯାକ ଗୁଣ, ପାଶବିକ ଓ ଆଧ୍ୟାତ୍ମିକ, ସାଭେଜ୍ ଆଣ୍ଡ ସବ୍ଲାଇମ୍, ଭିତରେ ପାଗଳାମି ଥାଏ । ଗୋଟିଏ ବ୍ୟକ୍ତି ଭିତରେ (ପ୍ରାଣୀ ଭିତରେ ବି) ଏକା ମୁହୂର୍ତ୍ତରେ ଦୁଇଟି ଯାକ ଗୁଣ ଅବସ୍ଥାନ କରିଥାଏ । କିନ୍ତୁ ଏକ ପ୍ରଜାତି (ସ୍ପେସିଜ୍) ରୂପେ ମଣିଷ ନିଆରା, ମଣିଷ ଭିତରେ ଅଫୁରନ୍ତ ଦୟା ଭରି ରହିଛି । ଆମେ ଅନ୍ୟର ସେବା କରୁ, ଶୁଶ୍ରୂଷା କରୁ, ପ୍ରେମ କରୁ, ଅନ୍ୟ ପାଇଁ କାନ୍ଦୁ । ବିଜ୍ଞାନ ଆଗେଇଲା ପରେ ଆମେ ନିଜ ଅଙ୍ଗ ଅନ୍ୟ ପାଇଁ ଦାନ କରୁଛୁ । ତଥାପି ଆମେ ଅନ୍ୟକୁ ହାଣି ଦେବାରେ, ଗୁଳି କରିଦେବାରେ ପଛୋଉ ନାହୁଁ । ଏବେ ଆମର ସାମର୍ଥ୍ୟ ଏତେ ବଢିଯାଇଛି ଯେ ଆମେ ପାର୍ଟିକ୍ଲ ଆକ୍ସିଲରେଟର ଜରିଆରେ ସୃଷ୍ଟିକୁ ଗଢିଥିବା କ୍ଷୁଦ୍ରତମ କଣିକାକୁ ସେକେଣ୍ଡକର ହଜାରେ କୋଟି ଭାଗରୁ ଭାଗକ ସମୟରେ ଦେଖିପାରୁଛୁ, ଆମକୁ ଦିବ୍ୟ ଚକ୍ଷୁ ମିଳିଲାଣି । ତଥାପି ଆମେ ଗତ ୧୫ ବର୍ଷରେ ଯେତେ ଲୋକଙ୍କୁ ହତ୍ୟା କରିଛୁ ତାହା ଅକଳନୀୟ, ସେ ଘଟଣା ମୋଗାଡିଶୁ, ରୁଆଣ୍ଡା, ଚେଚ୍ନିଆ, ଡାର୍ଫୁର, ବେସ୍ଲାନ୍, ବାଗଦାଦ୍, ପାକିସ୍ଥାନ, ଲଣ୍ଡନ, ମାଡ୍ରିଦ୍, ଲେବାନନ, ଇଜ୍ରାଏଲ, ନିୟୁୟର୍କ ନଗର, ଆବୁ ଗରିବ୍, ଓକ୍ଲାହାମ ସିଟି, ମୁମ୍ବାଇ, ନନ୍ଦିଗ୍ରାମ, ପେନ୍ସିଲିଭାନିଆର ସ୍କୁଲ, ଆଦିରେ ଦେଖାଯାଇଛି । ପୃଥିବୀର ପ୍ରାଣୀମାନଙ୍କ ଭିତରେ ସର୍ବୋତ୍ତମ, ସର୍ବାଧିକ ଜ୍ଞାନୀ,

ନିୟମ କାନୁନ ତିଆରି କରିବାରେ ସର୍ବାଧିକ ନୀତିବାଦୀ ପ୍ରଜାତି ଏ ସବୁ ଘଟାଇଛି । ଆମେ ଯେ ପୃଥିବୀର ସବୁଠାରୁ ନୀଚ, ସବୁଠାରୁ ନିର୍ଦ୍ଦୟ, ସବୁଠାରୁ ରକ୍ତପିପାସୁ ପ୍ରଜାତି – ଏ କଥା ଶୁଣିବାକୁ ଆମକୁ ଲାଜ ଲାଗୁନାହିଁ, ବରଂ ଏ କଥା କହିଲା ବା ଶୁଣିଲା ବେଳେ କେତେକ ଏହାକୁ ଆମର ଭ୍ରମପ୍ରବଣତା କହନ୍ତି; ଆମର ଆସ୍ଫାଳନ, ଆମର ଲୋକଦେଖାଣିଆ ମନୋଭାବ, ଆମ ଭିତରେ ପଶୁ ପ୍ରବୃତ୍ତିକୁ ଲୁଚାଇବାର ପ୍ରଚେଷ୍ଟା କହନ୍ତି । ସମସ୍ତେ ବୁଝୁଛନ୍ତି, ଧର୍ମ ପ୍ରବର୍ତ୍ତକମାନେ ବୁଝୁଛନ୍ତି; କିନ୍ତୁ ତାହାକୁ ସୁଧାରିବାକୁ ଯାଇ ଧର୍ମ ପ୍ରବର୍ତ୍ତକମାନେ ଆମକୁ ଦେବୋପମ କରୁନାହାନ୍ତି; ବରଂ ଆମ ଭିତରେ ହିଂସା, ଦ୍ୱେଷ ଓ ମର୍ଯ୍ୟାଦାରକ୍ଷା-ହତ୍ୟା (ଅନର୍ କିଲିଂ) ବଢାଉଛନ୍ତି । ମ୍ଳେଚ୍ଛ, କାଫେର୍, ଇନ୍‌ଫିଡେଲ, ଆଦି କୁତ୍ସା ଶବ୍ଦ ଧର୍ମପ୍ରବର୍ତ୍ତକଙ୍କ ବଚନକୁ ନ ଶୁଣୁଥିବା ଲୋକ ପ୍ରତି ଲାଗୁ ହୁଏ । ଅଛୁଆଁ, ହରିଜନ, ନିଗର୍, ବ୍ଲାକ୍, ଆଦି ଶବ୍ଦ ମଣିଷକୁ ମଣିଷଠାରୁ ଅଲଗା ଓ ଘୃଣ୍ୟ କରେ । ନିଗ୍ରୋ, ହରିଜନ ଭଳି ଆଗର କ୍ରୀତଦାସ ସୂଚକ ଶବ୍ଦ ବ୍ୟବହାର ବନ୍ଦ କରି ଆମ ଚିତ୍ତ ଶୁଦ୍ଧି ହୋଇ ନାହିଁ, ଆମେ ଏ ଯୁଗର ନୂଆ କ୍ରୀତଦାସ ପ୍ରଥା ତିଆରି କଲୁଣି – ଦାଦନ ଶ୍ରମିକ, ବିଦେଶୀ ଶ୍ରମିକ ଓ ଗୃହବନ୍ଦୀ ଚାକର ଚାକରାଣୀ ଭାବରେ । ପ୍ରତିପତ୍ତି ବା ପଇସା ଏବେ ବି ନୈତିକତାର ମାପକାଠି ଯୋଗାଉଛି । ଧନୀ ଲୋକର ମୂଳଦୁଆ ଯେ ଶୋଷଣ ଓ ବେଆଇନ କାମ ଆମେ ଭୁଲିଯାଉଛୁ ଏବଂ ଭଗବାନ ପ୍ରସନ୍ନ ହୋଇଥିବାରୁ ସେ ଧନୀ ବୋଲି ଧରିନେଉଛୁ ।

ସ୍ପର୍ଶ, ଘ୍ରାଣ, ସ୍ୱାଦ, ଦୃଷ୍ଟି, ଶ୍ରବଣ ଭଳି ପାଞ୍ଚଟି କାମ କେବଳ ମଣିଷ କରିପାରେ ତା ନୁହେଁ, ଇତର ଜୀବ ତ କରନ୍ତି, ଗଛଲତା ବି କରନ୍ତି । ଭାଷା ଜାଣିଥିବା ପ୍ରଜାତି (ସ୍ପେସିଜ୍) ହିଁ ଆମେ ବୋଲି ଗର୍ବ କରୁଁ, ଏବେ ଜାଣିଲୁଣି ଭାଷାର ମାଧ୍ୟମ କେବଳ ବାୟୁ ତରଙ୍ଗ ନୁହେଁ, ରାସାୟନିକ ସନ୍ଦେଶ ବି ଏକ ମାଧ୍ୟମ ଯାହା ଗଛଲତାମାନେ ବ୍ୟବହାର କରନ୍ତି । ତେଣୁ ପ୍ରତ୍ୟେକ ଜୀବର ଭାଷା ଅଛି । ଗରିଲା ଓ ସିମ୍ପାଜୀ ତଥା ଓଧ ମାନେ ମଞ୍ଜି ଓ ଶାମୁକା ଭାଙ୍ଗିବାର କୌଶଳ, ଉଇ ହୁଙ୍କାରୁ କାଠି ପତ୍ରରେ ଉଇ ଟାଣି ଆଣିବାର କୌଶଳ ଜାଣିଛନ୍ତି ବୋଲି ଆବିଷ୍କାର ହେଲା ପର୍ଯ୍ୟନ୍ତ ଆମେ ଆମକୁ ଏକମାତ୍ର କଳ କବ୍‌ଜା (ଟୁଲ୍) ବ୍ୟବହାରକାରୀ ପ୍ରଜାତି ବୋଲି କହିହେଉଥିଲୁ । ତା ହେଲେ ମଣିଷ ପ୍ରଜାତି ଅନ୍ୟ ପ୍ରଜାତି ମାନଙ୍କ ଠାରୁ କେଉଁ ଦୃଷ୍ଟିରୁ ଭିନ୍ନ ବା ଉନ୍ନତ ? ନୈତିକତାର ଅତି ଉନ୍ନତ ଧାରଣା ହିଁ ଆମକୁ ସ୍ୱତନ୍ତ୍ର କରିଛି ଅନ୍ୟ ପ୍ରାଣୀଠାରୁ । ଭଲ କଣ, ଖରାପ କଣ, ଫରକ ଆମେ ଜାଣିଛୁ । ଅଙ୍ଗ ପ୍ରତ୍ୟଙ୍ଗ ଭିତରେ

ଯୋଗାଯୋଗ ବ୍ୟବସ୍ଥା ଥିବା ସବୁ ଜୀବ ଉଦ୍ଭିଦ ନିଜ ଯନ୍ତ୍ରଣା ଅନୁଭବ କରନ୍ତି, ମଣିଷ ହିଁ ଅନ୍ୟର ଯନ୍ତ୍ରଣା ଭାବି ପାରେ, ଉପଲବ୍ଧି କରିପାରେ । ଏହା ହିଁ ମାନବିକତା । ମାନବିକତା ଏକ ନିର୍ଯ୍ୟାସ, ଏକ ଅର୍କ, ଏକ ଡିଷ୍ଟିଲ୍ଡ ଏସେନ୍ସ, ବିଶୋଧିତ ସୁରାସାର । କିନ୍ତୁ ଏ ଅର୍କ ଏତେ ଶୀଘ୍ର କାହିଁକି ପଚିଯାଏ, ଗନ୍ଧାଏ? ଏହାର ଉତ୍ତର ନାହିଁ ।

ନୈତିକତା କଣ ଆମେ କଥାଟାକୁ ଖୁବ୍ ଶୀଘ୍ର ବୁଝିନେଉ, କିନ୍ତୁ ନୈତିକତା ଧାରଣା ବୁଝାଇବା କଷ୍ଟକର । ସ୍କୁଲରେ ଶିଶୁ ତା ଶିକ୍ଷକଠାରୁ ଶିଖେ ଯେ କ୍ଲାସ୍‌ରେ (ଶ୍ରେଣୀ ଗୃହରେ) ଖାଇବା ଉଚିତ୍ ନୁହେଁ । ଯଦି ସେ ନିୟମ ଶିକ୍ଷକ ଉଠାଇଦେବେ, ଯଦି କ୍ଲାସ୍‌ରେ ଖାଇବା ମନା ହେବନାହିଁ, ତେବେ ପିଲା ଶ୍ରେଣୀରେ ଖାଇବ । ସେହି ଶିକ୍ଷକ ଯଦି କହେ ତୋ ସାଙ୍ଗକୁ ଠେଲି ପକାଇଦେ, ପିଲା କୁଣ୍ଠିତ ହେବ, ହେଳା କରିବ । ବରଂ କହିବ, ଗୁରୁଜୀ ଏମିତି କହିବା ଉଚିତ ନୁହେଁ । ଉଭୟ କ୍ଷେତ୍ରରେ କେହି ନା କେହି ପିଲାକୁ ନିୟମ ଶିଖାଇଲା, କିନ୍ତୁ ଠେଲିଦେବା ବିରୋଧର ନିୟମ ଲାଖି ରହୁଛି, ତାକୁ ଲିଭାଇ ହେଉନି, କ୍ଷମତାସୀନ ଲୋକ ଆଦେଶ ଦେଲେ ବି । ଏହାହିଁ ନୈତିକତା ଓ ପରମ୍ପରା ଭିତରେ ପ୍ରଭେଦ । ପରମ୍ପରା ଏକ ସମାଜିକ ବିଧି, ଉପର ଦେଖାଣିଆ, ତାହା ମନ ଭିତରେ ଖୋଦେଇ ହୋଇ ରହେ ନାହିଁ । ପିଲା ଏ କଥା ଆପେ ଆପେ ବୁଝିନିଏ । ଅବଶ୍ୟ ପିଲା ଆପେ କାହାକୁ ଖୁନ୍ଦା ମାରିପାରେ, କେହି ନଜାଣିବା ଯାକେ ଏ କାମ ଖରାପ ବୋଲି ଭାବେ ନାହିଁ । ଚୋରି କରିବା, ପରନାରୀ ଉପରେ ଅତ୍ୟାଚାର କରିବା, ଏକଛତ୍ରବାଦୀ ଶାସକ ବିଦ୍ରୋହୀମାନଙ୍କ ଗଣହତ୍ୟା କରିବା, – କେହି ନ ଜାଣିଲା ଯାଏ କର୍ତ୍ତା ଅନୈତିକ ବୋଲି ଭାବେ ନାହିଁ । ଯେଉଁ ନିୟମ ଆମେ ଜାଣିଛୁ, ବା ଆମ ପ୍ରକୃତିରୁ ଆସିଛି, ଆପେ ଆପେ କରିଦେଉଛୁ, ଇଂରାଜୀରେ ଆମେ କହୁ ଇନ୍‌ଟିୟୁସନ, ତାହା ଆମେ ସର୍ବଦା ମାନୁଥିବା ନିୟମ – ଏ କଥା କହିହେବ ନାହିଁ । ଇନ୍‌ଟିୟୁସନ ବା ଅନ୍ତର୍ଦୃଷ୍ଟି କେଉଁଠୁ ଆସେ ? କାହିଁକି ଆମେ ତାହାର ଅନୁସରଣ କରୁନା ? ନୈତିକତାର ଭିତ୍ତିଭୂମି ହେଉଛି ସହାନୁଭୂତି, ମୋତେ ଯାହା ବାଧୁଛି ତୁମକୁ ତାହା ବାଧିବ, ଏହା ବୁଝିବା ହେଉଛି ସହାନୁଭୂତି । ମଣିଷ ନିଜକୁ ଯେତେ ଶ୍ରେଷ୍ଠ ପ୍ରାଣୀ ଭାବିଲେ ବି ଏ ସହାନୁଭୂତି ଅନ୍ୟ ପ୍ରାଣୀମାନଙ୍କଠାରେ ବି ଦେଖାଯାଏ । ଏଥିରେ ଆତ୍ମା ବା ଚେତନାର ଭୂମିକା ନାହିଁ । କେତେକ ବ୍ୟବହାର-ଅନୁଧ୍ୟାନକାରୀ ମନସ୍ତତ୍ତ୍ୱବିଦ୍ କହନ୍ତି – ସହାନୁଭୂତି ଏକ ବ୍ୟବସାୟିକ ପ୍ରବୃତ୍ତି, ପାରସ୍ପରିକ ଉପକାରିତା, ତୁ ମୋତେ ଦେଇଥିଲେ ମୁଁ ତୋତେ ଦେବି । ଦେଇଥିଲେ ପାଇ । ଆଜି ଖାଦ୍ୟ

ବା ବାସ ଦେଇଥିଲେ କାଲି ଖାଦ୍ୟ ବା ବାସ ମିଳିବ । ଯଦି କୌଣସି ଗୋଟିଏ ଗୋଷ୍ଠୀର ପ୍ରାଣୀମାନଙ୍କ ଭିତରେ ଏପରି ଆଦାନ ପ୍ରଦାନ ନ ହୁଏ ତେବେ ସେ ଗୋଷ୍ଠୀ ତିଷ୍ଠି ପାରିବ ନାହିଁ । ତିଷ୍ଠିବା, ବଞ୍ଚିବାର ଇଚ୍ଛା ହିଁ ଗୋଷ୍ଠୀଭାବକୁ ଜାତୀୟ ଭାବ କରିପକାଏ । ଅନ୍ୟ ପ୍ରାଣୀ ତୁଳନାରେ ମଣିଷର ସହାନୁଭୂତି ମପା ଯାଇପାରେ, ସ୍ତ୍ରୀ ବା ପ୍ରେମିକାର ପ୍ରସବ ବେଦନା ଶୁଣି ସ୍ୱାମୀ ବା ପ୍ରେମୀ ବେଦନା ଅନୁଭବ କରେ । ଅବଶ୍ୟ ପ୍ରସବିନୀର ବେଦନା ଭଳି ତେତେ ତୀବ୍ର ନୁହେଁ । ଅନ୍ତତଃ ଖରାପ (ବିଚଳିତ, ଡିସ୍‌କମ୍ଫର୍ଟ) ଅନୁଭବ କରେ । ଫଂକ୍ସନାଲ ମାଗ୍‌ନେଟିକ୍ ରିଜୋନାନ୍‌ସ ଇମେଜିଂ (fMRI) ଜରିଆରେ ଏହାର ସତ୍ୟତା ପ୍ରମାଣିତ ହୋଇଛି ।

ଆଶଙ୍କା ଯେତେ ଜଟିଳ ହୁଏ ମସ୍ତିଷ୍କ ଯେତେ ବେଶି ଖଟେ, ନୈତିକତାର ମାନକ ସେତେ ସୂକ୍ଷ୍ମତର ହୁଏ । ନୈତିକତା-ଗବେଷକମାନଙ୍କର ପ୍ରିୟ ପରୀକ୍ଷା ହେଉଛି ଟ୍ରଲି ଦ୍ୱିଧା । ଗୋଟିଏ ବେକଣ୍ଟ୍ରୋଲ ଟ୍ରେନ ଦ୍ରୁତ ଗତିରେ ଯାଉଛି ବୋଲି ନ ଜାଣି ୫ ଜଣ ପଶି ଆସୁଛନ୍ତି, ତୁମେ ରେଳରାସ୍ତା କଡରେ ଠିଆ ହୋଇଛ, ପାଖରେ ସୁଇଚ୍‌ଟା ଅଛି, ତାକୁ ଟିପି ତୁମେ ଗାଡିକୁ ଅନ୍ୟ ଲାଇନକୁ ନେଇଯାଇପାରିବ । ତା କରିବ କି ? ନିଶ୍ଚୟ କରିବ, କାରଣ ୫ଟି ଜୀବନ ବିନା ଦ୍ୱିଧାରେ ବଞ୍ଚାଇହେବ । ଧରନ୍ତୁ, ଯେଉଁ ଲାଇନରେ ତୁମେ ଗାଡି ଛାଡିବ ସେ ଲାଇନ ଉପରେ ଲୋକଟିଏ ଛିଡା ହୋଇଛି । ୫ ବଞ୍ଚାଇବା ଲାଗି ଜଣେ ମରିପାରେ, ମୃତ୍ୟୁ ସମ୍ଭାବନା ୫ କୁ ୧ । ତାକୁ ମୃତ୍ୟୁ ମୁଖକୁ ଠେଲି ତୁମେ ଅନ୍ୟମାନଙ୍କୁ ରକ୍ଷା କରିବ କି? ଯଦି ବିଚାରା ଲୋକଟି ଟ୍ରଲି ଉପରେ ବସିଛି ଏବଂ ଟ୍ରଲିଟି ଗୋଟିଏ ପୋଲ ଉପରେ ରହିଛି ଓ ଟ୍ରେନ୍‌ଟିକୁ ବନ୍ଦ କରିବା ଲାଗି ତାକୁ ଟ୍ରାକ୍ ଉପରକୁ ଠେଲିବାକୁ ପଡେ, ତେବେ ତୁମେ କଣ ତାକୁ ଠେଲିଦେବ? ଏ ପ୍ରଶ୍ନ ଗୁଡିକର ସମାଧାନ ଯଦି ଏଫ୍‌ଏମ୍‌ଆର୍‌ଆଇରେ ଥିବା ବ୍ୟକ୍ତିଙ୍କୁ ପଚାର, ତାଙ୍କ ମସ୍ତିଷ୍କ ସ୍ଥାନ ଗଣ୍ଡଗୋଳିଆ ହୋଇଯିବ । ମୁଣ୍ଡର ଡର୍ସୋଲାଟେରାଲ ପ୍ରିଫ୍ରଣ୍ଟାଲ କର୍ଟେକ୍ସ ନାମକ ଜାଗାରେ ଥଣ୍ଡା ମିଜାଜର ବ୍ୟବହାର୍ଯ୍ୟ ନିଷ୍ପତ୍ତି ନିଆଯାଏ । ୫ ଜାଗାରେ ୧ ମରିବା ସମ୍ଭାବନାର ଟ୍ରେନ ଲାଇନ-ବଦଳାଇବା-ସୁଇଚ୍ ମାରିବା ନିଷ୍ପତ୍ତି ପାଇଁ ସେହି କର୍ଟେକ୍ସରେ ସକ୍ରିୟତା ବଢିଯାଏ । ପାଖ ଲାଇନରେ ଛିଡା ହୋଇଥିବା ନିରୀହ ଲୋକକୁ ଠେଲିଦେବା ଭାବିବା ବେଳେ ଭାବପ୍ରବଣତା ସହ ଯୋଡା ମେଡିଆଲ୍ ଫ୍ରଣ୍ଟାଲ୍ କର୍ଟେକ୍ସରେ ଆଲୋକ ଜଳିବ । ଏହି ଦୁଇଟି ଇଲାକା ମଝିରେ ଦ୍ୱନ୍ଦ୍ୱ ଚାଲିଥିବା ବେଳେ ଆମେ ଅବିବେକୀ ନିଷ୍ପତ୍ତି ନେଇପାରନ୍ତି । ଗୋଟିଏ ସର୍ଭେରେ ଯେତେ ଲୋକଙ୍କୁ ଏଭଳି ସମସ୍ୟା ଦିଆଗଲା ତହିଁର

୮୫% କହିଲେ, ୫ ଜଣ ମରନ୍ତୁ ପଛକେ ସେମାନେ ଜଣକୁ ପୋଲରୁ ଲାଇନ ଉପରକୁ ଠେଲି ଦେବେ ନାହିଁ । ଗୋଟିଏ କ୍ଷେତ୍ରରେ ୫ ପାଇଁ ୧ ମାରିବାର ଆଶଙ୍କାକୁ ଗ୍ରହଣ କରୁଥିବା ବେଳେ ଅନ୍ୟ କ୍ଷେତ୍ରରେ ମନା କରୁଛନ୍ତି କାହିଁକି ? ଏପରି ଅବିବେକୀ ନିଷ୍ପତ୍ତି ଆମ ମୁଣ୍ଡରେ ପଶେ କାହିଁକି ?

ନୈତିକତା ଶିକ୍ଷା ପାଇଥିଲେ ବି ଆମେ ନୈତିକ ବ୍ୟବହାର ଦେଖାଉନା, ଏଥିପାଇଁ ଆଉ କିଛି ଦରକାର । ଏହି ଆଉ କିଛି ହେଉଛି ସମାଜ ବା ଗୋଷ୍ଠୀ । ଜନ୍ମରୁ ଭାଷାର ବ୍ୟାକରଣ ଜାଣିବା ଭଳି ଆମେ ସମସ୍ତେ ନୈତିକତା ବ୍ୟାକରଣ ଜାଣିଛୁ, କିନ୍ତୁ ଯେପରି ଶବ୍ଦ ଗଢା ନ ହେଲା ଯାଏ ଶବ୍ଦବିନ୍ୟାସ ଘଟେନାହିଁ, ସେହିପରି ଜଣେ କେହି ଭଲ ମନ୍ଦ ବାଛବିଚାର କିପରି କାମରେ ଲଗାଇବ ନ କହିଲା ଯାଏ ଆମର ଭଲ ଓ ମନ୍ଦ ଜ୍ଞାନ ବେକାର ରହିଥାଏ । ଆମ ଚାରିଆଡେ ଥିବା ଲୋକେ ଆମକୁ ଏହା ଶିଖାନ୍ତି ଏବଂ ଦୋହରାନ୍ତି । କେବଳ ମଣିଷ ଯେ ଏ ପ୍ରକାର ଶିକ୍ଷା ପାଏ, ତାହା ନୁହେଁ । ବଣ ମଣିଷ, ସିମ୍ପାଞ୍ଜି ଓ ବାନରମାନେ ବି ଗୋଷ୍ଠୀରେ ଚଳିବାର ନିୟମ ଅର୍ଥାତ୍ ନୈତିକତା ଶିଖାନ୍ତି । ଉଚିତ ଅର୍ଥରେ ବଡ ବାନର ମାନେ ସାନ ମାନଙ୍କୁ ଶିଖାନ୍ତି, ନମାନିଲେ ମାଡ ଦିଅନ୍ତି । ଏ କଥା ଚିଡିଆ ଖାନାରେ ଏକାଠି ଖାଉଥିବା ବାନର, ବଣ ମଣିଷ ଆଦିଙ୍କ ଗୋଷ୍ଠୀରେ ଦେଖାଯାଏ ।

ଆଉ ଗୋଟିଏ କଥା - ଦୁଃଖରେ ବା ବିପଦରେ ପଡିଥିବା ମଣିଷ ନିଜର ହୋଇ ନଥିଲେ ବି ତାକୁ ସାହାଯ୍ୟ କରିବା ଏକ ନିୟମ ବା ନୈତିକତା । ମଣିଷ କ୍ଷେତ୍ରରେ କେତେବେଳେ ବାହାରର ଲୋକକୁ ସାହାଯ୍ୟ କରିବା କେତେବେଳେ କରିବା ନାହିଁ - ଯଥା ପାଖର ମଣିଷକୁ ସାହାଯ୍ୟକର, ଦୂରର ଲୋକକୁ ଭୁଲିଯାଅ — ଏହାର ଗୋଟିଏ କାରଣ ହେଉଛି: ଯାହାର ଦୁଃଖକଷ୍ଟକୁ ଆମେ ଶୁଣିକରି ଜାଣୁ ତାହାର ଦୁଃଖ ଠାରୁ ଯାହାକୁ ଆମେ ଦେଖିପାରୁଛୁ ତାର ଦୁଃଖକଷ୍ଟକୁ ଆମେ ବେଶି ବାସ୍ତବ ଭାବୁ । ବଡ କାରଣ ହେଲା ଯେ ବଣଜଙ୍ଗଲରେ ଆଦିବାସୀ ଭଳି ବସବାସ କରୁଥିଲା ବେଳେ ଆମେ ଆମ ଗୋଷ୍ଠୀର ଭଲମନ୍ଦ ସହିତ ନିଜର ଭଲମନ୍ଦକୁ ଯୋଡୁ ଥିଲୁ । ଗୋଷ୍ଠୀ ବଞ୍ଚିଲେ ଆମେ ବଞ୍ଚିବୁ, ଜାଣୁ ଥିଲୁ । ବିରୋଧୀ ଗୋଷ୍ଠୀର ମଙ୍ଗଳ ଆମର କାମ୍ୟ ନଥିଲା, ବରଂ ଆମ ପ୍ରତି ବିପଦ ଥିଲା । ରେଳ ଗାଡି ଆଗରେ କେହି ଆତ୍ମହତ୍ୟା ପାଇଁ ଉଦ୍ୟତ ଥିଲେ ଆମେ ତାକୁ ରକ୍ଷା କରିବାକୁ ଟ୍ରେନ ଆଗକୁ ଡେଇଁ ପଡି ଠେଲି ଦେଉଁ,

କିନ୍ତୁ କଙ୍ଗୋ ବା ଡାର୍ଫୁରରେ କାହାର ଜୀବନ ରକ୍ଷା ପାଇଁ ୧୦ ଟଙ୍କା ବି ପଠାଇବୁ ନାହିଁ । ଦୁନିଆର ଅପର ପାଖରେ ଜଣେ ଅଜଣା ଲୋକର ଜୀବନ ରକ୍ଷା ପାଇଁ ଅଳ୍ପ କିଛି ତ୍ୟାଗ କରିବା ଧାରଣା ଆମ ସାମାଜିକ ମସ୍ତିଷ୍କରେ ପଶି ନାହିଁ । ୨୧ଶ ଶତାବ୍ଦୀରେ ବି । ଦୁନିଆ ଯାକ ଏଇକଥା । ଏବେ ଫ୍ରାନ୍ସରେ ଆଇନ ହୋଇଛି ବାଟଘାଟରେ କାହାରି ବିପଦରେ ଆମର ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ ନ କରିବା ଏକ ଅପରାଧ । ଯୁକ୍ତରାଷ୍ଟ୍ରରେ ସାହାଯ୍ୟ କରିବା ଓ ସାହାଯ୍ୟ କରିବାରୁ ନିବୃତ୍ତ ହେବା ଭିତରେ ପ୍ରଭେଦ ଅଛି, ଫ୍ରାନ୍ସରେ ସେ ପ୍ରଭେଦ ଉଠାଇ ଦିଆଯାଇଛି ।

ଆମେ କଣ ନୈତିକତାର ସଂହିତା ତିଆରି କରିବା ଲାଗି ରାଷ୍ଟ୍ରର ଶକ୍ତି ଆବଶ୍ୟକ କରିବା? ଯଦି କରିବା ତେବେ ସେ ରାଷ୍ଟ୍ରରେ କେବେ ମିଳିତ ସରକାର ଗଠନ ହେଲେ ଯେଉଁ ପ୍ରଦେଶର ସାଂସଦ ସଂଖ୍ୟା ବେଶି ହେବ ତାହାର ହିତ ହିଁ ଜାତୀୟ ନୈତିକତା ହେବ । ଯଦି ଜାତୀୟ ଦଳଟିଏ କେନ୍ଦ୍ରରେ ସରକାର ଗଢିଲା ମନ୍ତ୍ରୀ ଯେଉଁ ପ୍ରଦେଶରୁ ହୋଇଛି ବା ଯେଉଁ ପ୍ରଦେଶରୁ ଜାତୀୟ ଦଳଟି ବେଶି ସଂଖ୍ୟାରେ ଭୋଟ ପାଇଛି ସେ ତ ସେହି ପ୍ରଦେଶକୁ ବେଶି ସୁବିଧା ଯୋଗାଇବ । ତେଣୁ ଅବହେଳିତର ନୈତିକତା ହେବ ଅବହେଳା କରୁଥିବା ନେତାମାନଙ୍କ ରାଜ୍ୟକୁ ବିରୋଧ କରିବା, ସେଠାକାର ଲୋକଙ୍କୁ ହତାଦର କରିବା, ନିଜ ଗୋଷ୍ଠୀରେ ପୂରେଇ ନଦେବା । ସେଇୟା ତ ବାମପନ୍ଥୀ ନେତାଏ କରୁଛନ୍ତି, ସେଇୟା ତ ଡିଏମ୍‌କେ କରୁଛି, ସେଇୟା ମହାରାଷ୍ଟ୍ର ନବ ନିର୍ମାଣ ସେନା କରୁଛି , ଓଡିଶାର କଳିଙ୍ଗସେନା ସେଇୟା କରିବ କହୁଛି । ସେମାନେ ଜାତୀୟତା ବିରୋଧୀ ବୋଲି, ସେମାନେ ନୈତିକତା ହରାଇଲେଣି ବୋଲି କେହି ଜାତୀୟ ନେତା କହୁଛି କି? ଜାତୀୟ ଦଳର ନେତାଙ୍କ ପଛରେ ରାଜ୍ୟର ନେତାମାନଙ୍କର ଗୋଡାଣିଆ ପଣ ଏ ପ୍ରତିକ୍ରିୟାର କବାଟୀକୁ ବନ୍ଦ କରିଦିଏ ।

****

# ମଣିଷ ତିଆରିରେ ଭଗବାନଙ୍କ ଭୂମିକା

ବଞ୍ଚିବା ଲାଗି ଖାଦ୍ୟ ଦରକାର । ଗଛ ଲତା ହେଉ କି ଅଣୁଜୀବ ହେଉ, ଅଣ୍ଡଜ ହେଉ କି ସ୍ତନ୍ୟପାୟୀ ହେଉ, କେହି ଖାଦ୍ୟବିନା ବଞ୍ଚିପାରିବ ନାହିଁ । ଖାଦ୍ୟ ଦୃଷ୍ଟିରୁ ଦୁନିଆରେ ପ୍ରତ୍ୟେକ ଜୀବନ୍ତ ଜିନିଷ ଦୁଇ ଭାଗରେ ବିଭକ୍ତ - ଗୋଟିଏ ଆତ୍ମଜୀବୀ, ଅଟୋଟ୍ରଫିକ୍, ଅନ୍ୟଟି ପରଜୀବୀ, ହେଟେରୋଟ୍ରଫିକ୍ । ଅଟୋଟ୍ରଫିକ୍ ଜିନିଷଟି ନିଜେ ଅଖାଦ୍ୟ ନିର୍ଜୀବ ବସ୍ତୁରୁ ଖାଦ୍ୟ ତିଆରି କରେ । (ଅଟୋ ମାନେ ନିଜେ, ଟ୍ରଫେ ମାନେ ଖାଦ୍ୟ ।) ଏମାନେ ନିର୍ଜୀବ ବସ୍ତୁରୁ ଖାଦ୍ୟ ତିଆରି କରନ୍ତି, ମଣିଷ ନିର୍ଜୀବ ବସ୍ତୁକୁ ଖାଇପାରିବ ନାହିଁ ବା ତାକୁ ଖାଇବା ଉପଯୋଗୀ କରି ପାରିବ ନାହିଁ । ଅଟୋଟ୍ରଫିକ୍ ଜୀବ ଏକ ତେଜ ବା ଶକ୍ତି (ହିନ୍ଦୀରେ 'ଉର୍ଜା')ର ଉତ୍ସ ବ୍ୟବହାର କରି ଅଙ୍ଗାରକାମ୍ଳ ଓ ଜଳ ଭଳି ନିର୍ଜୀବ ସାମଗ୍ରୀ (କମ୍ପାଉଣ୍ଡ)ରୁ ଖାଦ୍ୟ ତିଆରି କରେ । ଦ୍ୱିତୀୟଟି ପରଜୀବୀ, ହେଟେରୋଟ୍ରଫିକ୍; ଅନ୍ୟ ଜୀବନ୍ତ ଜିନିଷ ମାନେ ତିଆରି କରିଥିବା ଖାଦ୍ୟକୁ ଖାଏ ବା ଅନ୍ୟକୁ ସିଧାସଳଖ ଖାଏ । ପାଣି, ଖଣିଜ ଦ୍ରବ୍ୟ ଓ ଅଙ୍ଗାରକାମ୍ଳ ଭଳି ଅଜୈବ ସାମଗ୍ରୀ ସାହାଯ୍ୟରେ ମଣ୍ଡ (ଷ୍ଟାର୍ଚ୍), ଲିପିଡ୍ ଓ ପ୍ରୋଟିନ୍ ଭଳି ବଡ ଜଟିଳ ଜୈବ ଅଣୁକୁ ଗଛଲତା ଖାଦ୍ୟରେ ପରିଣତ କରନ୍ତି । ପ୍ରାଣୀମାନେ ହେଟେରୋଟ୍ରଫିକ୍ - ଗଛଲତା ତିଆରି କରିଥିବା ଖାଦ୍ୟକୁ ଖାଆନ୍ତି, କିମ୍ବା ଗଛଲତାକୁ ଖାଇ ବଢିଥିବା ପ୍ରାଣୀକୁ ଖାଆନ୍ତି । ମଣିଷ ଏପରି ଏକ ପରଜୀବୀ; ପରାଙ୍ଗଭୋଜୀ। ଭଗବାନ କଣ ମଣିଷକୁ ଖାଦ୍ୟଚୋର ହିସାବରେ ଗଢିଛନ୍ତି ?

ଯଦି ଭଗବାନ ମଣିଷକୁ ତାଙ୍କ ପ୍ରତିଛବି ଭାବେ ଗଢିଛନ୍ତି ତେବେ କାହିଁକି ମଣିଷ ସବୁ ଜାଗାରେ ଚଳିପାରୁ ନାହିଁ, ମଣିଷ କାହିଁକି ନିଜର ଖାଦ୍ୟ ନିଜେ ତିଆରି କରୁନାହିଁ ? ଅଥଚ ଅଟୋଟ୍ରୋଫିକ୍ ମାନେ ଯେ କୌଣସି ପରିବେଶରେ ବଢିପାରନ୍ତି, ଯଥା ଆମ ପାଉଁରୁଟିରେ ଥିବା ୟିଷ୍ଟ । ଏହି ୟିଷ୍ଟ ଦେହରେ ସବୁ ପ୍ରକାର ଏନ୍‌ଜାଇମ୍ ବା ପାଚକ ଅଛି, କେବଳ ଦୁଇଟି ପାଚକକୁ ଛାଡି, ଶର୍କରା ଓ ବାୟୋଟିନ୍ । ଜୀବ ଯେତେ ଜଟିଳତର ହେଉଛି ସେତେ ପରିମାଣରେ ଏନ୍‌ଜାଇମ୍ ହରାଉଛି । ମଣିଷ ସବୁଠାରୁ ବେଶି ଏନ୍‌ଜାଇମ୍ ହରାଇଛି । ଇତରରୁ ଉଚ୍ଚତର ଶ୍ରେଣୀକୁ ଉଠିଲେ ଆମେ ଦେଖିବା ପ୍ରତ୍ୟେକ ପ୍ରଜାତି ଅଧିକରୁ ଅଧିକ ଏନ୍‌ଜାଇମ୍ ହରାଇଛି । ତାହା ବିବର୍ତ୍ତନର ଫଳ । ଭଗବାନଙ୍କ ସୃଷ୍ଟି ନୁହେଁ । ମଣିଷର ବିଭିନ୍ନ ପ୍ରକାରର

ଆବଶ୍ୟକତା ମଧ୍ୟରେ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରଧାନ, ସେଗୁଡିକ ମଣିଷକୁ ରେଡିମେଡ୍ (ଅନ୍ୟଦ୍ୱାରା ପ୍ରସ୍ତୁତ ହୋଇ) ମିଳିବା ଦରକାର । ଗଛଲତା ହିଁ ଆମିନୋଏସିଡ୍ ଓ ଭିଟାମିନ ପ୍ରସ୍ତୁତ କରିଥାଏ । ପ୍ରାଣୀ ଯେତେ ଉଚ୍ଚତର, ପ୍ରକୃତି ଠାରୁ ସେତେ ଦୂର ; ଖାଦ୍ୟ ଦୃଷ୍ଟିରୁ ସେତେ ପରମୁଖାପେକ୍ଷୀ । ଜଟିଳତର ପ୍ରାଣୀ ହେବା ସତେ ଯେପରି ଅଧୋପତନର ଏକ ଲକ୍ଷଣ । ଉଚ୍ଚତର ପ୍ରାଣୀ ଅସୁବିଧାରେ ଥାଏ, ପରିବେଶ ଉପଯୁକ୍ତ ନ ହେଲେ ଅର୍ଥାତ୍ ରେଡିମେଡ୍ ଖାଦ୍ୟ ନ ମିଳିଲେ ମରିବ । ଧର୍ମ ଦୃଷ୍ଟିରୁ ଏହା ଅଧଃପତନ, କିନ୍ତୁ ବୈଜ୍ଞାନିକ ଦୃଷ୍ଟିରୁ ଏହା ଏକ ବୁଦ୍ଧିମତ୍ତାର କାମ । ଯଦି ଶରୀର ଗଠନ ଲାଗି ପରିବେଶରୁ ସବୁ ଜିନିଷ ମିଳିପାରୁଛି ତେବେ ପ୍ରାଣୀର ଶରୀର କାହିଁକି ଖଟିବ, କାହିଁକି ସେସବୁ ଜିନିଷ ତିଆରି କରିବାର ଯନ୍ତ୍ରପାତି ବା ଏନ୍‌ଜାଇମ୍ ବୋହିବ ? ବରଂ କୋଷଗୁଡିକ ନିଜର ବୋଝ ହାଲୁକା କରି ବିଭିନ୍ନ ପ୍ରକାରର ବିଶେଷ ଉଦ୍ଦେଶ୍ୟରେ ଓ ସୂକ୍ଷ୍ମତର କାମ ପାଇଁ ଶକ୍ତି ଓ ସ୍ଥାନ ଯୋଗାଇ ପାରିବେ । ସେହି କାରଣରୁ ଉଚ୍ଚତର ପ୍ରାଣୀର ମସ୍ତିଷ୍କ ବଢେ, ସେ ସାମାଜିକ ହୁଏ, ତାର ବିଶ୍ରାମକୁ ବ୍ୟାବହାରିକ କୌଶଳ ବା କାରିଗରି ବିଦ୍ୟାର ବିକାଶରେ ଲଗାଇ ପାରେ । ଏହି କାରଣରୁ ମଣିଷ ଭଳି ଉଚ୍ଚତର ପ୍ରାଣୀ ଦର୍ଶନ ଓ ବିଜ୍ଞାନରେ ମଜ୍ଜି ଯିବାକୁ ସମୟ ପାଏ । ପରିବେଶକୁ ଏମିତି ଭାବରେ ପୂରାପୂରି ବ୍ୟବହାର କରିପାରିଲେ ମଣିଷ ଖାଇବା ଲାଗି ବି ସମୟ ବିତାଇବ ନାହିଁ, ଶରୀରର କୋଷ ଗୁଡିକ ଆପେ ଆପେ ଖାଦ୍ୟ ସଂଗ୍ରହ କରିନେବେ ଏବଂ ମଣିଷ ଏକ ଜ୍ଞାନ-ଅସ୍ତିତ୍ୱ, ସେନ୍‌ସିଏଣ୍ଟ ବିଇଂ, ହୋଇଯିବ, ଆମର ଉପସ୍ଥିତ ଭାଷାରେ ଦେବତା ହୋଇଯିବ । ଏ ସବୁ ବିବର୍ତ୍ତନର ଫଳ, କୌଣସି ଦେବତାଙ୍କ କାମ ନୁହେଁ । ତେଣୁ ଭଲ ହେବା ଲାଗି ପରିବେଶ ସୃଷ୍ଟି କରିବା ଓ ଭଲ ହେବା ନିଜର କ୍ରିୟାଧୀନ, ଭଗବାନଙ୍କୁ ପ୍ରାର୍ଥନା କରିବାର ଫଳ ନୁହେଁ ।

ପ୍ରାଣୀ କାହିଁକି ମାଂସାଶୀ ହୁଏ ? କାରଣ ଭୋଜ୍ୟ ଜୀବର ଦେହରେ ଥିବା ଜୈବିକ ଉପାଦାନଗୁଡିକ ଉଚ୍ଚତର ପ୍ରାଣୀର ରେଡିମେଡ୍ ଖାଦ୍ୟ ହୋଇଯାଏ । ପ୍ରକୃତିର ଫାଷ୍ଟ ଫୁଡ୍ । ଭୋଜୀର ଅନ୍ତ୍ରରେ ପହଞ୍ଚିଲା କ୍ଷଣି ଭୋଜ୍ୟ ଜୀବର ଟୁକୁରା ଟୁକୁରା ମାଂସ ଓ ରକ୍ତ ଆଦିରୁ ଅଣୁଗୁଡିକ ଏନ୍‌ଜାଇମ୍-କ୍ରିୟା ଦ୍ୱାରା ଚୁର୍‌ମାର୍ ହୋଇ ହୋଇ ଦେହରେ ମିଶେ । ଦେହରେ ମିଶିବା ଭଳି ଅବସ୍ଥାକୁ ହଜମ କ୍ରିୟା (ଡାଇଜେସନ୍) କୁହାଯାଏ । ଏ ସବୁ ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଯେ ଖାଦ୍ୟ ଲାଗି ପ୍ରତ୍ୟେକ ଉଚ୍ଚତର ପ୍ରାଣୀ ନୀଚ ପ୍ରାଣୀ ପ୍ରତି ଜବରଦସ୍ତ ଡକାୟତି କରୁଛି ବା ତାକୁ ହତ୍ୟା କରୁଛି । ଯଦି ସବୁ ପ୍ରାଣୀ ମାଂସାଶୀ ହୋଇଥାନ୍ତେ ତେବେ ପୃଥିବୀରୁ କେଉଁ ଦିନୁ ପ୍ରାଣୀମାନେ ଲୋପ ପାଇ ସାରନ୍ତେଣି । ଏ ଧର୍ମଶାସ୍ତ୍ରର କଥା ନୁହେଁ,

ଶୁଦ୍ଧ ବିଜ୍ଞାନର କଥା । କିନ୍ତୁ ଲୋକଙ୍କୁ ନିରାମିଷାଶୀ ହେବା ଲାଗି ଆମେ ଧର୍ମର ଦ୍ୱାହି ନେଉ । ଯେଉଁ ଧର୍ମରେ ଏ ଯାବତ୍ ନିରାମିଷାଶୀ ହେବା ଉପରେ ଜୋର୍ ଦିଆଯାଇନାହିଁ ସେ ଧର୍ମରେ ଦିନେ ଧର୍ମସଂସ୍ଥାପନାର୍ଥାୟ ଏକ ମହାପୁରୁଷ ସମ୍ଭବ (ଆବିର୍ଭାବ) ହେବେ ।

ଆଉ ଗୋଟିଏ ଦିଗରୁ ଦେଖନ୍ତୁ । ଆମେ ଯାହା ଖାଉ ସବୁଯାକ ଆମ ଦେହରେ ଲାଗେ ନାହିଁ । ଭୋଜ୍ୟ ପ୍ରାଣୀର ବିଭିନ୍ନ ତନ୍ତୁ ବା ଟିସୁରେ ଥିବା ଶକ୍ତିର ଶତକଡା ୧୦ ଭାଗ ମାତ୍ର ଭୋଜୀ ବା ଖାଦକର ଦେହକୁ ଆସେ, ବାକି ୯୦ ଭାଗ ମଳ ମୂତ୍ର ଆକାରରେ ବାହାରିଯାଏ । ହୁଣ୍ଡା ହିସାବରେ ଗୋଟିଏ ମାଂସାଶୀ ପ୍ରାଣୀ ବଞ୍ଚିବା ଲାଗି ୧୦ଟି ପ୍ରାଣୀ ମରିବାକୁ ବାଧ୍ୟ । ଏହି କାରଣରୁ ପୃଥିବୀରେ ସବୁ ପ୍ରାଣୀ ମାଂସାଶୀ ହୋଇନାହାନ୍ତି । ବେଶି ସଂଖ୍ୟକ ତୃଣଭୋଜୀ । ମଣିଷ, ଭାଲୁ, ଘୁଷୁରୀ ଭଳି କେତେକ ପ୍ରାଣୀ ଉଭୟ ତୃଣଭୋଜୀ ଓ ମାଂସାଶୀ । ଓଜନ ହିସାବରେ ବୁଝିବା ସହଜ । ସବୁ ତୃଣଭୋଜୀ ପ୍ରାଣୀଙ୍କୁ ଓଜନ କଲେ ମାଂସାଶୀ ପ୍ରାଣୀମାନଙ୍କ ମୋଟ ଓଜନର କୋଟି କୋଟି ଗୁଣ ହେବ । ତୃଣଭୋଜୀମାନେ ବି ଗଛପତ୍ର ଖାଇବାରେ ବହୁତ କିଛି ନଷ୍ଟ କରନ୍ତି, କେବଳ ଦଳାଦଳିରେ ନୁହେଁ, ଦେହ ଭିତର ହଜମ ପ୍ରକ୍ରିୟା ଭିତରେ । ୧୦୦ କିଲୋ ଘାସ ଖାଇଲେ ଗାଈକୁ ମାତ୍ର ଦୁଇ କିଲୋ ପ୍ରୋଟିନ୍ ମିଳେ । ଶୁଖିଲା ନଡା ଖାଉଥିବା ଗାଈ ନଡାରୁ ଯାହା ଶକ୍ତି ପାଏ ତାହା ଚୋବାଇବାରେ ହିଁ ଖର୍ଚ୍ଚ କରିଦିଏ, ଦେହ ବୃଦ୍ଧି ପାଇଁ ନାମମାତ୍ର ପାଏ । ଗଛଲତାଶୂନ୍ୟ ହୋଇଗଲେ ପୃଥିବୀରେ ଜୀବସତ୍ତା ରହିବ ନାହିଁ । ସୁଖର କଥା ଯେ ଗଛଲତାମାନେ ଯେତେ ପରିମାଣରେ ଖାଦ୍ୟ ତିଆରି କରନ୍ତି ପ୍ରାଣୀମାନେ ସେତେ ପରିମାଣରେ ଡକାୟତି କରିପାରନ୍ତି ନାହିଁ । ତେଣୁ ଉଦ୍ଭିଦ ଜଗତର ଗୁରୁତ୍ୱ ଏତେ ବେଶି ।

ମଣିଷ ଗୋଟିଏ ଅସମ୍ପୂର୍ଣ୍ଣ ଜୀବ । ଯଦି ଭଗବାନ ମଣିଷକୁ ତାଙ୍କ ରୂପରେ ଗଢିଛନ୍ତି, ଅର୍ଥାତ୍ ମଣିଷର ରୂପ ଭଗବାନଙ୍କ ପରି, ତେବେ ତାହା ଦେହର ଗଠନ କାହିଁକି ସ୍ୱୟଂସମ୍ପୂର୍ଣ୍ଣ ନୁହେଁ? କାହିଁକି ମଣିଷ ବଞ୍ଚିବା ଲାଗି ଅନ୍ୟ ଉପରେ ନିର୍ଭର କରୁଛି? ମଣିଷର ବଂଶାଣୁ ବା ଡିଏନ୍ଏ ଅନୁଧ୍ୟାନ ପ୍ରକଳ୍ପ – ଜିନୋମ୍ – ୨୦୦୩ରେ ସରିଯାଇଛି । ଫଳ ଯାହା ବାହାରିଛି ତାହା ମଣିଷକୁ ଏକ ଇତର ପ୍ରାଣୀ ଭଳି ପ୍ରଦର୍ଶନ କରୁଛି । ଗଣଗଣିଆ ମାଛିର ୧୪,୦୦୦ ଜିନ୍, ନେମାଟୋଡ୍ ପୋକର ୨୦,୦୦୦ ଜିନ୍ । ମଣିଷର ଲକ୍ଷାଧିକ ଜିନ୍ ବାହାରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବାହାରିଛି ୨୦ରୁ ୨୫ ହଜାର ଭିତରେ । ପୋକଠାରୁ ହୀନ ।

ଏତେ ବୁଦ୍ଧିଆ ପ୍ରାଣୀର ହଜିଲା ଜିନ୍ ସବୁ କେଉଁଠି ଅଛି? ସେସବୁ ଅଣୁଜୀବ ମାନଙ୍କ ଠାରେ ରହିଛି, ବାକ୍‌ଟେରିଆ ଭିତରେ । ଆମ ଦେହ କୋଷଗୁଡିକ ଯେତିକି ପ୍ରୋଟିନ୍ ତିଆରି କରିପାରୁଛନ୍ତି ତାହାର ୩୬୦ ଗୁଣ ଦେହରେ ଥିବା ବାକ୍‌ଟେରିଆ ଓ ଅନ୍ୟ ଅଣୁଜୀବ ମାନଙ୍କ ଜେନେଟିକ୍ ଜିନିଷରେ କାମ କରୁଥିବା ୧୦ ଟ୍ରିଲିଅନ୍ କୋଷ କରୁଛନ୍ତି । ଆମେ ଗୋଟିଏ ଗୋଟିଏ ଆଇପାଡ୍ ହେଲେ ସେମାନେ (ବାକ୍‌ଟେରିଆ ଓ ଅନ୍ୟ ଅଣୁଜୀବମାନେ) ଭିନ୍ନ ଭିନ୍ନ ଆପ୍ଲିକେସନ୍, ପୁଣି ଅସଂଖ୍ୟ । ଦେହକୁ ସଫା କରିବା ଆଳରେ ବା ସୁସ୍ଥ ରଖିବା ଆଳରେ ସେମାନଙ୍କୁ ମାରି ଦିଅ ନାହିଁ, ବାହାରର ବାକ୍‌ଟେରିଆ ଓ ଅନ୍ୟ ଅଣୁଜୀବ ମାନଙ୍କ ପ୍ରବେଶ ରୋକିବାକୁ ବା ସେମାନଙ୍କ ସହ ଯୁଦ୍ଧ କରିବାକୁ ଆମ ବନ୍ଧୁ ବାକ୍‌ଟେରିଆ ଓ ଅନ୍ୟ ଅଣୁଜୀବ ମାନେ ନଥିବେ ବା ଯଥେଷ୍ଟ ସଂଖ୍ୟାରେ ନ ଥିବେ ତ ବାହାରର (ପ୍ରବାସୀ) ବାକ୍‌ଟେରିଆ ଓ ଅନ୍ୟ ଅଣୁଜୀବମାନେ ସହଜରେ ଦେହରେ ପ୍ରବେଶ କରିଯିବେ, ରୋଗ କରାଇବେ ।

ପୁଣି ଗୋଟିଏ କଥା । ଅଜୈବ ବା ନିର୍ଜୀବ ବସ୍ତୁ ଉପରେ ଗଛଲତାମାନେ ନିର୍ଭର କରନ୍ତି, ଏବଂ ଗଛଲତାଙ୍କ ଉପରେ ପ୍ରାଣୀମାନେ ନିର୍ଭର କରନ୍ତି । ମଣିଷ ତ ଗୋଟିଏ ପ୍ରାଣୀ । ଅର୍ଥାତ୍ ନିର୍ଜୀବ ବସ୍ତୁରୁ ଜୀବନର ସୃଷ୍ଟି ଓ ବୃଦ୍ଧି । ସୃଷ୍ଟି ପ୍ରମାଣସାପେକ୍ଷ ହୋଇଥିଲେ ହେଁ ବୃଦ୍ଧି ତ ପ୍ରମାଣିତ । ନିର୍ଜୀବ ଓ ସଜୀବର ପରସ୍ପର ନିର୍ଭରଶୀଳତାର ପ୍ରମାଣ ସ୍ୱରୂପ ଜୀବନଚକ୍ର ଘୂରୁଛି । ଏ ଜୀବନଚକ୍ରର କିଲା ଓ ପାହିଆ ନଷ୍ଟ କରିବାର ସାମର୍ଥ୍ୟ ମଣିଷର ଅଛି, ତେଣୁ ମଣିଷକୁ କଣ୍ଟ୍ରୋଲ କରିବାକୁ ପଡିବ, ଏ କଣ୍ଟ୍ରୋଲକୁ କାର୍ଯ୍ୟକାରୀ କରିବାକୁ ଦଣ୍ଡ ବିଧାନ ବ୍ୟବସ୍ଥା ଦରକାର । ଦଣ୍ଡ ଚାକ୍ଷୁଷ ହେବା ଲାଗି ଗୁଡିଏ ଦଣ୍ଡାଧିକାରୀ ଦରକାର, ତାହା ଅସମ୍ଭବ । ତେଣୁ ଏକ ଅଦୃଶ୍ୟ ଦଣ୍ଡାଧିକାରୀର ବ୍ୟବସ୍ଥା କରିଛନ୍ତି ଦୂରଦର୍ଶୀ ଧର୍ମସଂସ୍ଥାପକମାନେ । ସେମାନେ ସ୍ୱର୍ଗ ଓ ନର୍କର ଅବତାରଣା ଏଇଥିପାଇଁ କରିଛନ୍ତି । ତାକୁ ପୁରୋହିତମାନେ ବ୍ୟବସାୟରେ ପରିଣତ କରି ଦଣ୍ଡରୁ ରକ୍ଷା କରିବାରେ ସାହାଯ୍ୟ କରିବେ କହି ଭୋଗରାଗ, ମାସୁଲ ଓ ଦକ୍ଷିଣା ମନଇଚ୍ଛା ଆଦାୟ କରିବାର ବ୍ୟବସ୍ଥା ରଖିନେଲେ, କୌଣସି ଧର୍ମଗ୍ରନ୍ଥରେ ଏ ବ୍ୟବସ୍ଥା ନାହିଁ ।

ମଣିଷ ଯଦି ମହାକାଶରେ ବସତି ସ୍ଥାପନ କରିପାରିବ ତେବେ ସୌରମଣ୍ଡଳ ବାହାରେ ଅନ୍ୟ ତାରକା ମଣ୍ଡଳର ଜ୍ଞାନୀଜୀବମାନେ ମଧ୍ୟ ନିଜ ଗ୍ରହ ଛାଡି ଅନ୍ୟତ୍ର ମହାକାଶରେ ବସତି ବାନ୍ଧିବାର ଯୋଜନା କରୁଥିବେ ବା ବାନ୍ଧି ସାରିଥିବେ । ଆବଦ୍ଧ ପରିବେଶ ଭିତରେ

ଖାଦ୍ୟ, ପାନୀୟ ଓ ବାୟୁ କିଭଳି ପୁନଃ ପୁନଃ ବ୍ୟବହାର କରିହେବ, ନିଜ ଗ୍ରହ ବାହାରେ କିଭଳି କୃତ୍ରିମ କେନ୍ଦ୍ରାକର୍ଷଣ ଶକ୍ତି ତିଆରି କରିହେବ ଏବଂ କେନ୍ଦ୍ରାକର୍ଷଣ ଶକ୍ତିର ବଳ କମ୍ ବେଶି ହେଉଥିଲେ କିଭଳି ସହ୍ୟ କରିହେବ, ସଂକ୍ଷେପରେ କହିଲେ ମହାଶୂନ୍ୟରେ ଭାସମାନ ଅବସ୍ଥାରେ ଜନନୀ ଗ୍ରହର ଏକ କ୍ଷୁଦ୍ରତମ ସଂସ୍କରଣ କରିହେବ ଓ କିଭଳି ବସବାସ କରିହେବ, ସେମାନେ ଜାଣି ପାରିଥିବେ । ଯଦି ଏଭଳି କୌଣସି ପ୍ରାଣୀ ବିଶ୍ୱ ବ୍ରହ୍ମାଣ୍ଡରେ ନାହିଁ, ତେବେ ମଣିଷ ଏ ପ୍ରକାରର ପ୍ରଥମ ପ୍ରାଣୀ ହେବ ।

ଜୀବନ ସମ୍ପର୍କରେ ଆମର ଯେଉଁ ଧାରଣା ବା ଜ୍ଞାନ ତାହା ଆମର ନିଜ ଶରୀର ସମ୍ପର୍କୀୟ ଜ୍ଞାନ ଉପରେ ସୀମିତ । ଶରୀର ବିଷୟକ ଜ୍ଞାନ ଏ ଯାବତ୍ ସମ୍ପୂର୍ଣ୍ଣ ନୁହେଁ । ପୃଥିବୀର ଅନ୍ୟ ପ୍ରାଣୀମାନଙ୍କ ସହିତ ଆମର ସମ୍ପର୍କ କିଭଳି, ସେ ବିଷୟରେ ପ୍ରକୃତ ଜ୍ଞାନ ନ ପାଇଲା ପର୍ଯ୍ୟନ୍ତ ଆମ ଶରୀର ବିଷୟରେ ଆମର ଜ୍ଞାନ ଅସମ୍ପୂର୍ଣ୍ଣ ରହିଥିବ ।

ଆଦିମ କାଳରେ ମଣିଷ ଏବଂ ଅନ୍ୟ ପ୍ରାଣୀ, ଏପରିକି ମଣିଷ ଓ ଗଛଲତା ମଧ୍ୟରେ ଏକ ନିବିଡ ସମ୍ପର୍କ ଥିଲା । ଏବେ ବି ଆଦିବାସୀମାନଙ୍କ ସଂସ୍କୃତିରେ ଏ ସମ୍ପର୍କ ଦେଖାଯାଏ । କେତେକ ଆଦିବାସୀ ସମ୍ପ୍ରଦାୟ ନିର୍ଦ୍ଦିଷ୍ଟ ଜୀବଜନ୍ତୁକୁ ସେମାନଙ୍କ ପୂର୍ବପୁରୁଷ ବା ରକ୍ତସମ୍ପର୍କୀୟ ଭଳି ସମ୍ମାନ କରନ୍ତି । ସେଭଳି ଜୀବଜନ୍ତୁଙ୍କୁ ମାରିବା ଏକ ଅପରାଧ ବୋଲି ମାନନ୍ତି । କେତେକ ପ୍ରାଣୀଙ୍କୁ ଠାକୁର ଭଳି ପୂଜା କରିବା କେବଳ ଆଦିବାସୀଙ୍କ ଭିତରେ ଦେଖାଯାଏ ତାହା ନୁହେଁ, କେତେକ ସଭ୍ୟ ଜାତି ଭିତରେ ବି ଦେଖାଯାଏ । ଆଗକାଳରେ ମିଶର ଦେଶରେ ଇତର ପ୍ରାଣୀର ମୁଣ୍ଡ ଥିବା ଠାକୁର ପୂଜା ପାଉଥିଲେ । ଯେଉଁ ସଭ୍ୟତା ଯେତେ ପୁରୁଣା, ତହିଁରେ ପ୍ରାଣୀପୂଜା ସେତେ ବେଶି । ହିନ୍ଦୁ ଧର୍ମର ଦେବଦେବୀଙ୍କ ଭିତରେ କେବଳ ଗଣେଶ କାହିଁକି, ପ୍ରାଣୀ ମୁଣ୍ଡ ଥିବା ଠାକୁରଙ୍କ ସଂଖ୍ୟା କମ୍ ନୁହେଁ । କେତେକ ପ୍ରାଣୀକୁ ଭଗବାନଙ୍କ ଅବତାର କରାଯାଇଛି , ଯଥା ମାଛ, କଇଁଛ, ବାର୍ହା । ଏହା ହେଉଛି ମଣିଷ ଓ ଅନ୍ୟ ଜୀବମାନଙ୍କରେ ଥିବା ନିବିଡ ସମ୍ପର୍କର ଚିହ୍ନ ।

୨୦୧୦ ସେପ୍ଟେମ୍ବରରେ ପ୍ରକାଶିତ ବିଲାତର ପ୍ରସିଦ୍ଧ ତାତ୍ତ୍ୱିକ ପଦାର୍ଥବିଦ ଷ୍ଟିଫେନ ହକିଂ ଓ ମାର୍କିନ ପଦାର୍ଥବିଦ ଲିଓନାର୍ଡ ମ୍ଲୋଡିନାଓ ସେମାନଙ୍କ 'ବିଶାଳ ନକ୍ସା' (ଦି ଗ୍ରାଣ୍ଡ ଡିଜାଇନ୍) ପୁସ୍ତକରେ କହିଛନ୍ତି ଯେ ଭଗବାନ ବିଶ୍ୱକୁ ସୃଷ୍ଟି କରିନାହାନ୍ତି, ବିଶ୍ୱ ପଦାର୍ଥବିଜ୍ଞାନର ନିୟମାନୁସାରେ ଆପେ ଆପେ ତିଆରି ହୋଇଛି । ବିଗ୍ ବ୍ୟାଙ୍ଗ ବା ଆଦି ବିସ୍ଫୋରଣ ଏକ

ଅବଶ୍ୟମ୍ଭାବୀ ଘଟଣା, ହେବାର ଥିଲା ହେଲା । ଏଥିରେ ଭଗବାନଙ୍କ ଭୂମିକା ନାହିଁ । କେନ୍ଦ୍ରାକର୍ଷଣ ଭଳି ଏକ ନିୟମ ଅଛି ବୋଲି ବିଶ୍ୱ ନିଜକୁ ନିଜେ ତିଆରି କରିବ, କରୁଥିବ; ଆରମ୍ଭ କରିବା ଲାଗି ଭଗବାନ ବୋଲି କିଛି ଗୋଟିଏ କଳ୍ପନା କରିବା ଦରକାର ନାହିଁ । କେବଳ ଭଗବାନ ହିଁ ହସ୍ତକ୍ଷେପ କରି ବିଗ୍ ବ୍ୟାଙ୍ଗ୍ କରାଇଲେ ବୋଲି କହିବା ଦରକାର ନାହିଁ।

୧୯୭୪ରୁ ବୈଜ୍ଞାନିକ ମାନେ ଆଧୁନିକ ପଦାର୍ଥ ବିଦ୍ୟାର ଦୁଇଟି ଖିଲାଣ ଭିତରେ ଥିବା ଦ୍ୱନ୍ଦ୍ୱର ସମାଧାନରେ ଲାଗିଥିଲେ । କ୍ୱାଣ୍ଟମ୍ ତତ୍ତ୍ୱ ଓ ଆଲ୍‌ବର୍ଟ ଆଇନଷ୍ଟାଇନ୍‌ଙ୍କ ଆପେକ୍ଷିକତାବାଦର ସାଧାରଣ ତତ୍ତ୍ୱ ମଧ୍ୟରେ ଥିବା ଅମେଳ । ସୂକ୍ଷ୍ମତର କଣିକା ମାନଙ୍କ ବ୍ୟବହାର ଠାରୁ ଭୂମା ସ୍ତରରେ ବସ୍ତୁ ମାନଙ୍କର ବ୍ୟବହାର ଭିନ୍ନ । ଆଗରୁ ବିଶ୍ୱାସ ଥିଲା, ପୃଥିବୀ ଭଳି ଗ୍ରହ ସୂର୍ଯ୍ୟ-ମଣ୍ଡଳ ବାହାରେ ନାହିଁ । ଗୋଟିଏ ସୂର୍ଯ୍ୟ, ଗୋଟିଏ ସୌର ମଣ୍ଡଳ, ସୂର୍ଯ୍ୟଠାରୁ ଏକ ଆଶ୍ୱସ୍ତ ଦୂରତାରେ ଗୋଟିଏ ମାତ୍ର ପୃଥିବୀ ଥିବ, ତହିଁରେ ମଣିଷ ଭଳି ଜୀବ ରହିବେ – ଏ ସବୁ କାମ ଜଣେ କେହି ଯୋଜନା କରି ତିଆରି କରିଛି – ବିଶ୍ୱ ଏକ ଚିନ୍ତାପ୍ରସୂତ ସୃଷ୍ଟି – ଏକ ଗ୍ରାଣ୍ଡ ଡିଜାଇନ୍ । ୧୯୯୨ ପରଠାରୁ ବିଶ୍ୱରେ ବହୁତ ସଂଖ୍ୟାର ସୂର୍ଯ୍ୟ ଭଳି ତାରକା ଓ ତାହାର ଗ୍ରହ ମଣ୍ଡଳ ଆବିଷ୍କାର ହେଲାଣି ଏବଂ ଉକ୍ତ ତାରକା ମଣ୍ଡଳରେ ପୃଥିବୀ ଭଳି ଗ୍ରହ ଥିବାର ପ୍ରମାଣ ମିଳିଲାଣି । ତେଣୁ ଭଗବାନ ଯେ ମଣିଷ ସୃଷ୍ଟି କରିବା ଲାଗି ଏକ ସୂର୍ଯ୍ୟ, ଏକ ପୃଥିବୀ, ଏକ ମଣିଷ ସୁଲଭ ପ୍ରାଣୀ, ଏହିଠାରେ ସୃଷ୍ଟି କରିଛନ୍ତି କହିବା ସମୀଚୀନ ହେବ ନାହିଁ । ବିଶ୍ୱରେ ଚାରି ଆଡେ ଏମିତି ସୌରମଣ୍ଡଳ, ଏମିତି ପୃଥିବୀ, ତେଣୁ ଏମିତି ମଣିଷିଆ ସମାଜ, ରହିଥିବ ଓ ରହିଛି – ଏ ସବୁ ପଦାର୍ଥ ବିଦ୍ୟାର ନିୟମର କାମ । ଭଗବାନ ମଣିଷ ସୃଷ୍ଟି କରିବା ପାଇଁ ପୃଥିବୀ ସୃଷ୍ଟି କଲେ କହିବା ଭୁଲ । ମଣିଷ ସୃଷ୍ଟିରେ ଭଗବାନଙ୍କ ହାତ ଅଛି କହିବା ଭୁଲ । ବରଂ ମଣିଷ ଭଗବାନ ସୃଷ୍ଟି କରିଛି ।

ଭଲ ହେବା ଓ ଅନ୍ୟର ଉପକାର କରିବା ଯଦି ଧର୍ମର ଉଦ୍ଦେଶ୍ୟ ଓ ଭଗବାନଙ୍କ ଇଛା, ତେବେ ମଣିଷ ତାହାର ଚେଷ୍ଟା କରିବା କଥା; ଭଗବାନ ଭଳି ଗୋଟିଏ ଧାରଣା ସେଇଥିପାଇଁ ହୋଇଛି; ସେହି ଧାରଣାକୁ ଆଧାର କରି ଧର୍ମକୁ ବ୍ୟବସାୟ କରିବା ପାଇଁ ମୌଳବାଦୀମାନଙ୍କୁ ଉସ୍କେଇବା ଦରକାର ନାହିଁ । ଯେ ପର୍ଯ୍ୟନ୍ତ ନିଜେ ଭଲ ହେବା ପାଇଁ ଭଗବାନ ଭଳି ଗୋଟିଏ ଧାରଣା ରହିବା ଆବଶ୍ୟକ ସେ ପର୍ଯ୍ୟନ୍ତ ନିଜ ଅନ୍ତରରେ ଭଗବାନଙ୍କୁ

ଡାକ, ପ୍ରାର୍ଥନା କର । ସେଥିଲାଗି ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର, ସିନାଗଗ୍, ଚାପେଲ୍, ଧର୍ମଗୁରୁ, ଗଡ୍‌ମେନ୍ ଆଦି ତିଆରି କରିବା ଓ କାଳକ୍ରମେ (ବିବର୍ତ୍ତନରେ) ସେମାନେ ମଣିଷର ପାଶବିକ ପ୍ରବୃତ୍ତିର (ଆର୍ଥିକ ଆୟ ବି ଏକ ଅମାନବିକ ପ୍ରବୃତ୍ତି) ଉତ୍ସ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ୍ ହେବ ନାହିଁ । ଧର୍ମସଂସ୍କାରକଙ୍କ ମୂଳ ଉଦ୍ଦେଶ୍ୟ - ସମାଜ ସଂସ୍କାର । ମନେ ରଖିବା କଥା ଯେ ବିବର୍ତ୍ତନର ଏକ ଧାରା ହେଉଛି - ଧର୍ମ ସଂସ୍କାରକମାନଙ୍କ ଅନୁଗାମୀମାନେ ଧର୍ମସଂସ୍କାରକଙ୍କ ମୂଳ ଉଦ୍ଦେଶ୍ୟକୁ ଭୁଲି ମୌଳବାଦୀ ଗୋଷ୍ଠୀ ତିଆରି କରିବେ ଏବଂ ଗଡ୍‌ମେନ୍ କଳା ପଇସାର ଭଣ୍ଡାର ହେବେ । ଧର୍ମ ବ୍ୟକ୍ତିର 'ଅନ୍ତରର ବିଚାର' ଓ ବ୍ୟକ୍ତିଗତ ଆଚାର ହୋଇ ରହିଲେ ସମାଜ କଳୁଷିତ.ହୁଅନ୍ତା ନାହିଁ । ଧର୍ମସଂସ୍ଥାପକମାନେ କେବେ କହିନାହାନ୍ତି ଯେ ତାଙ୍କ ପାଇଁ ଗୋଟିଏ ଅନୁଷ୍ଠାନ ବା ସଂସ୍ଥା ଗଢ ଏବଂ ଯେତେ ଅନୁଗାମୀ ବଢାଇବ ଭଗବାନ ସେତେ ଖୁସି ହେବେ । ସେମାନେ କହନ୍ତି, ତାଙ୍କ ବାଣୀରେ ଉଦ୍‌ବୁଦ୍ଧ ହେଲେ ସମାଜରେ ସୁଖଶାନ୍ତି ବିରାଜ କରିବ, ଜୀବନରେ ଆସୁଥିବା ଦୁଃଖକଷ୍ଟକୁ ସହିହେବ ।

କିନ୍ତୁ ଧର୍ମସଂସ୍ଥାପକଙ୍କ ପିଲାମାନେ ଚାହାନ୍ତି ବାପାର ନାମକୁ ଧୋଇଧାଇ ଏକ ଜମିଦାରୀ କରି ବସିବେ ଏବଂ ଅନୁଗାମୀମାନେ ସେମାନଙ୍କୁ ଖଜଣା ଦେଉଥିବେ । ସେଥିଲାଗି ପୁଣି ଝଗଡା ହେବ, ବଂଶାଧିକାର ବଳରେ କିଏ କେତେ ଧନ ପାଇବ । ଲୋକଙ୍କୁ ଭୁଲେଇ ହେବ ଯେ ସେମାନେ ଭଗବାନଙ୍କୁ ପୂଜା କରିବାର ଏକଚାଟିଆ ଅଧିକାର ପାଇଛନ୍ତି ଏବଂ ଭଗବାନ ସେମାନଙ୍କ ଦାଦନ ଶ୍ରମିକ । ପିଲାକୁ ବିକଳାଙ୍ଗ କରି ଭିକାରୀ କରିଥିବା ମାଲିକ ଯେପରି ପିଲା ଭିକ ନ ଆଣି ପାରିଲେ ଖାଇବାକୁ ଦିଏ ନାହିଁ ମାରପିଟ୍ କରେ, ଏକଚାଟିଆ କାରବାରୀ ପୂଜକମାନେ ସେହିପରି ଠାକୁରଙ୍କୁ ଉପବାସରେ ରଖିପାରିବେ ଓ ସବୁ ଉପଚାର (ସବୁ ପୂଜାପାଠ) ବନ୍ଦ କରିଦେବେ - ଏ ଧାରଣା କେଉଁ ଧର୍ମ ସଂସ୍ଥାପକ କହିଛନ୍ତି ? କୃଷ୍ଣ,ଯୀଶୁ କି ମହମ୍ମଦ ? ପରିବେଶର ଆହ୍ୱାନକୁ ଯଥା ସମ୍ମାନ ଦେଇ ସାମନା କରିପାରିଲେ ହିଁ ସମାଜର ମଙ୍ଗଳ ହେବ, ମୌଳବାଦୀଙ୍କ ଅନ୍ଧ ଅନୁକରଣରେ ସମାଜ ଧ୍ୱଂସ ହୋଇଯିବ - ଏତକ ବୁଝିପାରିଲେ ମଣିଷର ଭୂମିକା ହିଁ ଭଗବାନଙ୍କ ଭୂମିକା ବୋଲି ବୁଝି ହେବ ।

****

# ଧର୍ମର (ଅପ)ବ୍ୟବହାର

ଧର୍ମର ଅପବ୍ୟବହାର ସମ୍ପର୍କରେ ଅନ୍ୟ ଦେଶ ବିଷୟରେ ନ କହି ନିଜ ଦେଶ ବିଷୟ କହିବା ଉଚିତ୍ ହେବ । ଆମ ଦେଶର ନେତାମାନଙ୍କ କଣ ହଠାତ୍ ହୃଦୟ ପରିବର୍ତ୍ତନ ହେଲାଣି କି ? ଦେଶର ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟର ମନ୍ତ୍ରୀ ଯାଏ ସମସ୍ତେ ଦେବଦେବୀଙ୍କ ମନ୍ଦିର ଦର୍ଶନକୁ ସରକାରୀ କାମର ଅଙ୍ଗ କରିନେଲେଣି । ମନ୍ଦିର ନ ମାଡ଼ିଲେ ମନ୍ତ୍ରୀପଦର ଶପଥ ନେଉନାହାଁନ୍ତି । ଖବର କାଗଜରେ ନାଁ କରିଥିବା ସାଧୁସନ୍ଥଙ୍କ ପାଦ ତଳେ ମୁଣ୍ଡ ନ ନୁଆଁଇ କୌଣସି ନୂଆ କାମ, ଏପରିକି ନିର୍ବାଚନ ପ୍ରଚାର ଆରମ୍ଭ କରୁନାହାଁନ୍ତି । ସତେ ଯେ ପରି ଆମ ଦେଶରେ ହିନ୍ଦୁ ଧର୍ମର ପୁନରୁତ୍ଥାନ ହେଉଛି । ମୁସ୍‌ଲିମ୍ ନେତାଏ ତ ସହଜେ ଧର୍ମର ଦ୍ୱାହି ଦେଇ ସବୁ କାମ କରିଥାନ୍ତି, କିନ୍ତୁ ହିନ୍ଦୁମାନଙ୍କର ଏପରି ଲୋକଦେଖାଣିଆ ଧର୍ମଭାବ ପଚିଶି ତରିଷି ବର୍ଷ ତଳେ ଦେଖା ନ ଥିଲା । ସଂଖ୍ୟାଧିକ ଲୋକ ହିନ୍ଦୁ ହୋଇଥିବାରୁ ଗଣତନ୍ତ୍ରରେ ହିନ୍ଦୁ ପ୍ରାଧାନ୍ୟ ରହିବା କଥା । କିନ୍ତୁ ନେତାମାନଙ୍କ ଏଭଳି ଖୋଲମ୍ ଖୋଲା ଧର୍ମ/ଭକ୍ତି ଭାବ ଦେଖା ନଥିଲା । ନେତାଙ୍କ ମନ ଭିତରେ ଗ୍ଲାନି ଆସିଥିବ ଓ ଲୋକେ ତାଙ୍କ ଭ୍ରଷ୍ଟାଚାର ବିଷୟରେ ଅବଗତ ହେଲେ ଭୋଟ ଦେବେ ନାହିଁ ଏ ଧାରଣା ଯୋଗୁଁ ନେତାମାନେ ସର୍ବଧାରଣରେ ଧର୍ମଭାବ ଦେଖାଇଥାନ୍ତି, ନିଜ ସଦାଚାରର ପ୍ରଦର୍ଶନ କରିଥାନ୍ତି ।

ହିନ୍ଦୁ ଧର୍ମ କାଳେ କାଳେ ଅଭିଜାତର, ଉଚ୍ଚ ବର୍ଣ୍ଣର, ଧର୍ମ ହୋଇ ରହିଛି, ବ୍ରାହ୍ମଣ ବା ପୂଜକଙ୍କ ବ୍ୟବସାୟ ହୋଇଛି । ଦେଶର ବୁଦ୍ଧିଜୀବୀମାନେ ମୁଖ୍ୟତଃ ଉଚ୍ଚ ବଂଶରୁ, କୁଳୀନ ପରିବାରରୁ ଆସିଥାନ୍ତି, ସେମାନଙ୍କ ଦ୍ୱାରା ଲିଖିତ ହିନ୍ଦୁ ଶାସ୍ତ୍ର ମାନଙ୍କରେ ଉଚ୍ଚବର୍ଣ୍ଣର ପ୍ରତିଷ୍ଠା ବଜାୟ ରଖାଯାଇଛି । ହିନ୍ଦୁ ଧର୍ମ ପ୍ରତି ଆଦର ଦେଖାଇଲେ ଉଚ୍ଚବର୍ଣ୍ଣର ଭୋଟର ମାନଙ୍କ ଆତ୍ମୀୟତା ମିଳିବ, ବୁଦ୍ଧିଜୀବୀମାନଙ୍କ ସମର୍ଥନ ମିଳିବ । କିନ୍ତୁ ହିନ୍ଦୁ ସମାଜରେ ନୀଚ ଶ୍ରେଣୀର ଲୋକଙ୍କ ସଂଖ୍ୟା ବହୁତ । ଗଣତନ୍ତ୍ରରେ ନେତା ମାନଙ୍କ ଭାଗ୍ୟ ଭୋଟର ସଂଖ୍ୟା ଉପରେ ନିର୍ଭର କରୁ ଥିବାରୁ ନେତାମାନେ ଗରିବମାନଙ୍କୁ, ନୀଚ ଶ୍ରେଣୀର ଲୋକଙ୍କୁ, ପ୍ରାଧାନ୍ୟ ଦିଅନ୍ତି । ନେତାମାନଙ୍କ ଗଣନାରେ ଗରିବମାନଙ୍କ ପାଇଁ ଧର୍ମ ଠିକ୍ ଓଲଟା ଦିଗରୁ କାମ କରିବ । ଗରିବମାନେ ଧର୍ମଭୀରୁ । ଶାସ୍ତ୍ରରେ ଲେଖାଥିବା କଥାରେ ସେମାନଙ୍କ ପ୍ରବଳ ବିଶ୍ୱାସ । ଏ କଥା ଲକ୍ଷ୍ୟ କରି ମାର୍କସ୍ କହିଥିଲେ ଧର୍ମ ଲୋକଙ୍କ ଅଫିମ । ଦେଖାଣିଆ ଧର୍ମ ଲୋକଙ୍କୁ

ନେତାମାନଙ୍କ ପକ୍ଷରେ ପ୍ରଭାବିତ କରିବ । ପ୍ରବଚନ ଜରିଆରେ ଦଳିତମାନଙ୍କ ବ୍ରେନ୍‌ୱାସିଙ୍ଗ କରି ଉଚ୍ଚ ଜାତି ପ୍ରତି ସେମାନଙ୍କର ଭକ୍ତି ବଢ଼ାଯାଏ, ବ୍ରାହ୍ମଣ ଓ ଗୁରୁଙ୍କ କଥାକୁ ଭଗବାନଙ୍କ ବାଣୀ ଭଳି ସେମାନେ ଧରନ୍ତି । ଦେଶରେ ତିନି ଚତୁର୍ଥାଂଶ ଲୋକ ଗରିବ । ସେମାନଙ୍କୁ ପ୍ରଭାବିତ କରିବାର ସହଜ ଉପାୟ ହେଲା ନେତା ତୀର୍ଥଯାତ୍ରା କରିବା ଓ ତାର ପ୍ରଚାର କରିବା । ସ୍ଥାନୀୟ ଖବର କାଗଜରେ ବାହାରିଲେ ସେମାନେ ଜାଣିବେ । ତେଣୁ ସମୟକ୍ରମେ ଗୋଟିଏ ପରେ ଗୋଟିଏ ବିଭିନ୍ନ ଇଲାକାର ଧର୍ମ ସ୍ଥାନମାନଙ୍କୁ ତୀଥର୍ଯାତ୍ରା କଲେ ନେତା ଲୋକଙ୍କ ଆଖିରେ ଏକ ଅତୁଳନୀୟ ଧାର୍ମିକ ବ୍ୟକ୍ତି ହୋଇପଡିବେ; ନେତାଙ୍କ ଦୋଷ ଦୁର୍ବଳତା ଘୋଡ଼ାଇ ହୋଇପଡିବ ।

ନୂଆ ହୋଇ ଧନୀ ହୋଇଥିବା ଅଣବ୍ରାହ୍ମଣମାନେ, ଅନଗ୍ରସର ବର୍ଗର ସ୍ୱଚ୍ଛଳମାନେ (କ୍ରିମୀ ଲେୟର) କ୍ଲାସିକାଲ୍ ହିନ୍ଦୁଧର୍ମ ମାନନ୍ତି । କ୍ଲାସିକାଲ୍ ଧର୍ମରେ ପରମ୍ପରା ହିଁ ସବୁ । ପରମ୍ପରା କେବଳ ଜାତିଭେଦ ବଜାୟ ରଖିନାହିଁ, ନାରୀ ପୁରୁଷର ବିଭେଦ ବି ରଖିଛି । କୁଳୀନ ଲୋକେ ଦେବ ପୁରୁଷ, ସାଧୁସନ୍ଥ, ଧର୍ମଗୁରୁ ଭଳି ଗଡ୍‌ମେନ୍‌ଙ୍କ ଗହଣରେ ରହିବାକୁ ଅଥବା ଭକ୍ତ ଭାବରେ ପରିଚିତ ହେବା ପାଇଁ ବ୍ୟଗ୍ର । ପ୍ରକାରାନ୍ତରେ ଦେବପୁରୁଷମାନେ ବାଛି ବାଛି ନେତା, ବଡ ଅଫିସର, ଜଜ୍ ଆଦିଙ୍କୁ ଆଗେ ଶିଷ୍ୟ କରିନିଅନ୍ତି; ପଇସା ମିଳିବ, ପୁଣି ପ୍ରଭାବ ବଢିବ । ମନ୍ଦିର ଭଳି ମଠରେ ମଧ୍ୟ ଧନୀ ଗରିବଠାରୁ ଆଗେ ଓ ବେଶି ପାଖରେ ଦର୍ଶନ ପାଏ । ଗଡ୍‌ମେନ୍‌ମାନେ ପ୍ରାୟ ଅବ୍ରାହ୍ମଣ କୁଳରେ ଜନ୍ମ, କିନ୍ତୁ କାମରେ ବ୍ରାହ୍ମଣ, କ୍ଲାସିକାଲ ହିନ୍ଦୁ ଭଳି , ପ୍ରାମାଣିକ ବା ନିଷ୍ଠାପର ହିନ୍ଦୁ । ଦେବପୁରୁଷ (ଗଡ୍‌ମେନ୍) ଓ ମନ୍ଦିର ପୂଜକ (ପ୍ରିଷ୍ଟ) ଏ ଦୁଇ ଗୋଷ୍ଠୀ ଭିତରେ ଫରକ ବେଶି ନାହିଁ । ଏମାନେ ନିଜକୁ ଭଗବାନଙ୍କ ନିଜ ଲୋକ ଭାବନ୍ତି । ପୁରୀର ଦଇତାପତିମାନେ ଶ୍ରୀକୃଷ୍ଣ (ଜଗନ୍ନାଥ)ଙ୍କ ଭାଇ ବୋଲି କହି ହେଉଛନ୍ତି, ତେଣୁ ଚଳନ୍ତା ରଥ ଉପରେ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ହାତ ଉପରେ ହାତ ରଖି ଲଦି ହୋଇ ଠିଆ ହେବାକୁ ଖରାପ ଭାବନ୍ତି ନାହିଁ । ଆଉ କିଏ ଛୁଇଁ ଦେଲେ ପଇସା ଦରକାର । ମୂର୍ତ୍ତି ଛୁଇଁବା ମହାପାପ ବୋଲି କହୁଥିବା ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଛୁଅନ୍ତି ।

ପୁରୀ, ତିରୁପତି, ସାବରୀମାଳା ଭଳି ତୀର୍ଥସ୍ଥାନ ଓ ମନ୍ଦିରମାନ ଅଧିକରୁ ଅଧିକ ପରିଷ୍କାର ପରିଚ୍ଛନ୍ନ ରହୁଥିବା ନୂଆ ସମୃଦ୍ଧିର ପରିଚୟ ଦେଉଛି । ଶାସନଗାଦିରେ ଥିବା ନେତାମାନଙ୍କ ଜାତି ବା ଗୋତ୍ର ପ୍ରତି ପୁରୋହିତମାନେ ଦୃଷ୍ଟି ଦିଅନ୍ତି ନାହିଁ, ଉଚ୍ଚ ଆସନରେ

ଥିବା ଲୋକ ବ୍ରାହ୍ମଣତ୍ୱ ପାଇଥାଏ, ଅଥଚ ସାଧାରଣ ଭକ୍ତ ଟିଏ ଜାତିଭେଦ ଓ ଘୃଣାର ଶିକାର ହୁଏ । ଅନଗ୍ରସର ବା ଦଳିତ ମଧ୍ୟରେ ମନ୍ଦିର ଯିବା ଗୋଟିଏ ମେଳା ବା ବଣଭୋଜି ଭଳି । ଦଳିତମାନଙ୍କ ଦେବୀ କେବଳ ମାଛ ମାଂସ ଖାଆନ୍ତି ନାହିଁ, ମଦ ବି ପିଅନ୍ତି । ଜୀବନ ଧାରଣର ମାନ ଉନ୍ନତ ହେଉଛି, ସ୍ୱଚ୍ଛଳତା ବଢୁଛି; ତେଣୁ ଦେବୀଙ୍କୁ କୃତଜ୍ଞତା ଜଣାଉଛନ୍ତି ସେମାନଙ୍କ ଦୈନନ୍ଦିନ ଅଭ୍ୟାସକୁ ପୂଜା ସାମଗ୍ରୀ କରି । ହିନ୍ଦୁ ଧର୍ମ ଏତେ ସିରିଅସ୍ (ନିଷ୍ଠାବାନ୍) ନୁହେଁ, ପୂଜା ସାଙ୍ଗକୁ ମଉଜ ଚଳେ । ପର୍ବପର୍ବାଣୀ ତ ମେଳା ମଉଛବ ପାଲଟିଯାଏ । ତଳ ଶ୍ରେଣୀର ଲୋକେ ମନ୍ଦିରକୁ ଗଲେ ଅତିରଂଜିତ ପ୍ରସାଧନ କରିଥାନ୍ତି, ବିବାହ ବ୍ରତରେ ନୂଆ ପୋଷାକପତ୍ର ପିନ୍ଧିଲା ଭଳି । ଉଚ୍ଚ ଶ୍ରେଣୀର ଲୋକେ ପରିଷ୍କାର ଓ ସାଧାରଣ ପୋଷାକକୁ ଶୁଦ୍ଧ ପୂତ ମନୋଭାବର ଲକ୍ଷଣ ଭାବନ୍ତି । ଦଳିତ, ବିଶେଷତଃ ଅନୁସୂଚିତ ସଂପ୍ରଦାୟ ଓ ଜାତିର ଲୋକଙ୍କ ଭିତରେ ସମୃଦ୍ଧି ସହିତ ସଂସ୍କାର ବା ଏନ୍‌ଲାଇଟେନ୍‌ମେଣ୍ଟ ଆସିନାହିଁ । ସେମାନେ ଏ ଯାଏ ସମାଜର ମୂଳ ସ୍ରୋତଠାରୁ ଦୂରରେ ଅଛନ୍ତି । ସେମାନଙ୍କ ଗ୍ରାମରେ ଦେବୀ ପୂଜା ବଢ଼ିଚାଲିଛି; ଦେବୀ ସଂଖ୍ୟା ମଧ୍ୟ । ନୂତନ-ଧନୀମାନେ କିଣିଥିବା ବସ୍ ବା ଟ୍ରେକରରେ ଦେବୀଙ୍କ ନାମ ପଢ଼ନ୍ତୁ; ଘୂମନ୍ତ ଠାକୁରାଣୀଠାରୁ ଆରମ୍ଭ କରି ମାଛଖିଆ ଭୂଆଷୁଣୀ ପର୍ଯ୍ୟନ୍ତ । ସନ୍ତୋଷୀ ମା ତ ମାତ୍ର ୫୦ ବର୍ଷ ହେଲା ଏକ ପ୍ରଧାନ ଦେବୀ ରୂପେ ପୂଜା ପାଉଛନ୍ତି । ଉଚ୍ଚ ଓ ନୀଚ ଭେଦରେ ମନ୍ଦିର ଓ ଦେବତା ବିଭିନ୍ନ ।

ହିନ୍ଦୁ ଧର୍ମରେ ସଂସ୍କାର ଆଣିବାକୁ ବହୁତ ଉଦ୍ୟମ ହୋଇଛି ଓ ହେଉଛି । ମଝିରେ ମଝିରେ ନୂଆ ନୂଆ ଗଡ୍‌ମେନ୍ ବାହାରି ଆର୍ଯ୍ୟ ସମାଜ, ଚିନ୍ମୟ ମିସନ୍, ରାମକୃଷ୍ଣ ମିସନ ଭଳି ସଂଗଠନ ଗଢ଼ିଛନ୍ତି ଏବଂ ଆଧୁନିକତା ଶିଖାଉଛନ୍ତି, ସାମାଜିକ ସେବା ଉପରେ ଗୁରୁତ୍ୱ ଦେଉଛନ୍ତି । ତଥାପି ସଂସ୍କାର ଫଳବତୀ ହେଉନାହିଁ । କାହିଁକି ? ସେହି ଜାତିଭେଦ ହିନ୍ଦୁଙ୍କୁ ଖାଉଛି । ସଂସ୍କାରକ ମାନଙ୍କ ଚାରିପଟେ ଅଭିଜାତ ଓ ଉଚ୍ଚ କୁଳର ଲୋକେ ପ୍ରାଧାନ୍ୟ ବଜାୟ ରଖୁଛନ୍ତି, ପଇସା ଲାଗି ଗୁରୁମାନେ ସେମାନଙ୍କୁ ବେଶି ପ୍ରଶ୍ରୟ ଦେଉଛନ୍ତି । କେତେକ ଆଧୁନିକ ଜ୍ଞାନରେ ଶିକ୍ଷିତ ହୋଇ ସଂସ୍କୃତ ହେଲା ବେଳକୁ ଅନ୍ୟମାନେ ଅଧିକରୁ ଅଧିକ ମାନ୍ଧାତା ଯୁଗର ଅନ୍ଧବିଶ୍ୱାସ, ପଦ୍ଧତି ଓ ଉପଚାରକୁ ଆଦରି ନେଉଛନ୍ତି । ଏ ତ ହେଲା ଆମ ଦେଶରେ ହିନ୍ଦୁଙ୍କ କଥା । ଭାରତ ବାହାରେ ବି ହିନ୍ଦୁ ଧର୍ମ ଲୋକଙ୍କ ପସନ୍ଦ ହେଉ ନାହିଁ ।

ଶତାଧିକ ବର୍ଷ ତଳେ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣ ପରେ ଉତ୍ତର

ଆମେରିକାରେ ହିନ୍ଦୁତ୍ୱର ଆଦର ଓ ହିନ୍ଦୁ ଧର୍ମର ପ୍ରଚାର ଆରମ୍ଭ ହେଲା । ବେଦାନ୍ତ ଦର୍ଶନ ଉପରେ ଚର୍ଚ୍ଚା ଆରମ୍ଭ ହେଲା । ଭାରତର ଯୋଗୀ, ଋଷି ଓ ଗଡ୍‌ମେନ୍ ଆମେରିକାରେ ଆଶ୍ରମ ବିଛାଇ ଦେଲେ । ରଜନୀଶ ଆନ୍ଦୋଳନ, କୃଷ୍ଣଚେତନା ଆନ୍ଦୋଳନ ତ ଯୁକ୍ତରାଷ୍ଟ୍ରରୁ ବ୍ୟାପିଲା । ସତ୍ୟସାଇ ବାବା, ଜାମିନୀ କୃଷ୍ଣମୂର୍ତ୍ତି, ରାମକୃଷ୍ଣ ମିସନ ଆଦି ଆମେରିକାର ଅତି ପ୍ରଭାବଶାଳୀ ତଥା ବୁଦ୍ଧିଜୀବୀମାନଙ୍କୁ ବେଶି ଆକୃଷ୍ଟ କଲା ଓ କରୁଛି । କିନ୍ତୁ ସେଠାରେ ଜନଜୀବନ ଉପରେ ବା ରାଜନୈତିକ ପଟ୍ଟଚିତ୍ରରେ ହିନ୍ଦୁ ଧର୍ମର ଛବି କାହିଁ ? ଅନ୍ୟ ପକ୍ଷରେ ଇସ୍‌ଲାମ ଧର୍ମର ପ୍ରଭାବ ଓ ପ୍ରତିପତ୍ତି କଥା ଦେଖନ୍ତୁ । ଆକାଶ ପାତାଳ ବ୍ୟବଧାନ । ଯୁକ୍ତରାଷ୍ଟ୍ର ଆମେରିକାରେ ଆଉ ପନ୍ଦର କୋଡ଼ିଏ ବର୍ଷ ଭିତରେ ଇସଲାମ ଇହୁଦୀ ଧର୍ମଠାରୁ ଅଧିକ ପ୍ରଭାବଶାଳୀ ହୋଇପଡ଼ିବ, ସଂଖ୍ୟା ତ ସହଜେ ବଢୁଛି, ବର୍ତ୍ତମାନ ୭୦ ଲକ୍ଷ ମୁସଲମାନଙ୍କ ଭିତରେ ପ୍ରାୟ ଦୁଇ ଲକ୍ଷ କୃଷ୍ଣକାୟ (ନିଗ୍ରୋ) । ଏ ଅନୁପାତ ବଢିଚାଲିଛି । ଆମେରିକାର ସମାଜତତ୍ତ୍ୱବିତ୍‌ମାନେ କହନ୍ତି, ମୁସଲମାନ ହୋଇଥିବା କଳା ଲୋକଙ୍କ ପରିବାରର ପିଲାମାନେ ଉଚ୍ଛୃଙ୍ଖଳ ନୁହଁନ୍ତି, ସେମାନଙ୍କ ମାଦକଦ୍ରବ୍ୟ ସେବନ ବି କମ୍ । ଯେଉଁ ଚିନ୍ତାଶୀଳ ମାର୍କିନମାନେ ହିନ୍ଦୁ ଧର୍ମ ଓ ଦର୍ଶନର ପ୍ରଶଂସା କରନ୍ତି ସେମାନେ ବା ସେମାନଙ୍କ ପିଲାମାନେ ହିନ୍ଦୁ ହୋଇନାହାଁନ୍ତି । ଯୁକ୍ତରାଷ୍ଟ୍ର ଆମେରିକାରେ ହିନ୍ଦୁ ଧର୍ମ ବ୍ୟର୍ଥ ହେବାର କାରଣ ଆମ ଦେଶ ଭିତରେ ବ୍ୟର୍ଥ ହେବାର ଏକ ପ୍ରତିଫଳନ ମାତ୍ର । ହିନ୍ଦୁ ତ ବର୍ଣ୍ଣକୁ ଜାତି ଅର୍ଥରେ ନିଏ । ହିନ୍ଦୁର ମନ ଭିତରେ କଳାଲୋକଙ୍କ ପ୍ରତି ଘୃଣା ଅଛି, ତା ପାଇଁ କଳା ବର୍ଣ୍ଣ ନୀଚ ଜାତିର ସୂଚକ, ତାକୁ ଆଦିମବାସୀ ବା ଅନୁସୂଚିତ ଜାତି କହିଦେଲେ କି ସାମ୍ବିଧାନିକ ଅଧିକାର ଦେଇଦେଲେ ସଂସ୍କାର ଆସେ ନାହିଁ । ଉଚ୍ଚ ନୀଚ ଧାରଣା ତ ହିନ୍ଦୁର ରକ୍ତମଜ୍ଜାଗତ ହୋଇଯାଇଛି ।

ବିଦେଶରୁ କେହି ନେତା ଆସିଲେ ହିନ୍ଦୁ ଧର୍ମର ପୁରୋଧାମାନଙ୍କୁ ଭେଟିବାର କେବେ ଶୁଣାଯାଏ କି ? କିନ୍ତୁ ଫିଡେଲ କାଷ୍ଟ୍ରୋ ଭଳି ବିପ୍ଳବବାଦୀ କମ୍ୟୁନିଷ୍ଟ ଖ୍ରୀଷ୍ଟ ଧର୍ମର ଗୁରୁ ପୋପ୍‌ଙ୍କୁ ସାକ୍ଷାତ କରିଥିବାର ଖବର ଅଛି । ଆମେରିକାରେ ସମୃଦ୍ଧି ବା ବସ୍ତୁବାଦୀ ଚିନ୍ତାଧାରା ଧର୍ମକୁ ଆଖିମିଟିକା ମାରିବା କଥା । ସେଠାରେ ରାଜନୀତି ଓ ଶାସନ ଉପରେ ଖ୍ରୀଷ୍ଟ, ଇହୁଦୀ, ଇସଲାମ୍ ଧର୍ମ ଯେଉଁ ପ୍ରଭାବ ଜାରି କଲାଣି, ତାହାର କାଣିଚାଏ ବି ହିନ୍ଦୁ ଧର୍ମ କ୍ଷେତ୍ରରେ ଦିଶୁଛି କି ? କାହିଁକି ? ଏହାର ଉତ୍ତର ହିନ୍ଦୁ ଧର୍ମର ଆଭ୍ୟନ୍ତରୀଣ ବିବାଦ ଭିତରେ ମିଳିବ । ଶାମୁକାରୁ ମୁକ୍ତାକୁ ଭିନ୍ନ କରି ଦେଖନ୍ତି ହିନ୍ଦୁ ଗୁରୁମାନେ । ମୁକ୍ତା ଯେ ଶାମୁକାରୁ ଜାତ, ତାହା ଦେଖିବା ଶକ୍ତି ହିନ୍ଦୁ ଗୁରୁମାନଙ୍କର ନାହିଁ । ଥରେ ସ୍ୱାମୀ, ନନ୍ଦ ବା ଗୁରୁ ସାଜିଆ ଲାଗିଗଲେ ସେମାନେ

ନିଜକୁ ସାଧାରଣ ଜନତାଠାରୁ ଊର୍ଦ୍ଧ୍ୱରେ ଭାବନ୍ତି । ଜନ୍ମ ସାଧାରଣ ପରିବାରରେ ହୋଇଥିଲେ ହେଁ ମଠାଧିପତି ହୋଇଗଲେ ସାମାଜିକ ଜୀବନର ଛାୟା ଭୁଲି ନର୍ବାଣର କଥା କହନ୍ତି । ନୀଚ ଜାତିର ଲୋକେ ଗୁରୁ, ଧର୍ମଯାଜକ ଓ ପୁରୋହିତଙ୍କ ପୂଜା ନ କଲେ ନିସ୍ତାର ନାହିଁ ବୋଲି କହନ୍ତି । ଚରଣ ଧୂଳି ଛୁଇଁବା ଲୋକ ଆରମ୍ଭରୁ ତ ପାଦ ତଳେ ଦଳିତ ହେଲା, ହିନ୍ଦୁ ଧର୍ମରେ ରହିଲେ ତା'ର ଉନ୍ନତି ହେବ କିପରି ? ସମାଜର ମୁଷ୍ଟିମେୟ ଲୋକେ ଧର୍ମର ଫାଇଦା ଉଠାଇବେ, ସିଂହ ଭାଗ ସେମାନଙ୍କୁ ଏହି ଫାଇଦା ଯୋଗାଇବେ : ଯେ ପର୍ଯ୍ୟନ୍ତ ଜନମାନସରେ ଏ ବିଭେଦ ରହିବ, ହିନ୍ଦୁ ଧର୍ମର ଭବିଷ୍ୟତ ନାହିଁ । ହିନ୍ଦୁ ଏକ ସଭ୍ୟତା, ଧର୍ମ ନୁହେଁ ବୋଲି କହିଲେ ବି ନିସ୍ତାର ନାହିଁ । ସଭ୍ୟତା ବୋଲି ଧରିଲେ ଏ ସଭ୍ୟତା ଧ୍ୱଂସମୁଖୀ । ସବୁ ଧର୍ମ ରାଜଆଦରରେ ବଢେ ସତ, କିନ୍ତୁ ଅନ୍ୟ ସଭ୍ୟତାମାନ କାଳକ୍ରମେ ସାଧାରଣ ଜନତାକୁ ମୁଖ୍ୟ ସ୍ରୋତ ଭିତରେ ଭସାଇ ନେଉଥିଲା ବେଳେ ହିନ୍ଦୁ ସଭ୍ୟତାରେ ଓଲଟା ହୋଇଛି । ଅନ୍ୟ ସଭ୍ୟତାମାନ ନିଜର ଅଭିଜାତ ଜନ୍ମକୁ ଭୁଲି ଯାଉଥିଲାବେଳେ ହିନ୍ଦୁ ସଭ୍ୟତା ଧନୀକ, ଉଚ୍ଚ ବର୍ଣ୍ଣ ଓ ଶାସନଗାଦିରେ ଥିବା ଲୋକଙ୍କୁ ଧରି ଚାଲିଛି ; ସେମାନଙ୍କ ଦୋଷ ତ୍ରୁଟିକୁ ମାର୍ଜନା କରୁଛି, ପଇସାଥିଲାବାଲାର ପାପ ଧୋଇଦେଉଛି । କେତେକଙ୍କ ଶଯ୍ୟା ଉଚ୍ଚରେ, ସେମାନେ ସବୁ ବିଳାସର ଅଧିକାରୀ । ବିଦେଶୀ ଶାସନ ଆସିଲେ ହିନ୍ଦୁ ମାନି ନେଇଛି, ବିଦେଶୀ ଧର୍ମ ଆକ୍ରମଣ କଲେ ତାହାର କେତେକ ଉପଚାର ଗ୍ରହଣ କରିନେଇଛି, ଏ କଥା କରାଇଛନ୍ତି ଧର୍ମଗୁରୁ ଓ ଧର୍ମଯାଜକ ମାନେ, କାରଣ ଅନ୍ୟଥା ସେମାନଙ୍କ ପ୍ରାଧାନ୍ୟ ହ୍ରାସ ପାଇଥାନ୍ତା । ହିନ୍ଦୁ ସମାଜରେ ସଂସ୍କାର ଅଣାଯାଇନାହିଁ, ଲୋକଙ୍କୁ ଭୁଲେଇ ଦିଆଯାଇଛି ।

ଆମ ଦେଶରେ ପ୍ରତିନିଧିମୂଳକ ଗଣତନ୍ତ୍ର । ସଂଖ୍ୟା ଉପରେ ନିର୍ଭର କରୁଥିବା ସରକାର ଅବହେଳିତ ଜନତାକୁ ଯେତେ ବେଶି ପ୍ରାଧାନ୍ୟ ଦେବେ, ଫାଇଦା ମାରି ଆସୁଥିବା ଲୋକେ ସଂଖ୍ୟାଲଘୁ ହୋଇଯାଉଥିବା କାରଣରୁ ସେତେ ବେଶି ସଂଗଠିତ ହେବେ । ସମସ୍ତଙ୍କୁ ଆଇନ ଓ ଧର୍ମ ଯେଉଁଠି ସମାନ ଆଖିରେ ଦେଖେ, ତାହା ସମତାଭିତ୍ତିକ ସମାଜ ବା ଇଗାଲିଟାରିଆନ ସୋସାଇଟି, ଏବଂ ଇଗାଲିଟାରିଆନ ସୋସାଇଟି ହେଉଛି ଗଣତନ୍ତ୍ର ସଫଳତାର କାରଣ । ହିନ୍ଦୁ ସଭ୍ୟତା ଯେ ପର୍ଯ୍ୟନ୍ତ ଗଣତନ୍ତ୍ର ବିରୋଧୀ ଢାଞ୍ଚା ରଖିଥିବ, ସେ ପର୍ଯ୍ୟନ୍ତ ହିନ୍ଦୁ ସଭ୍ୟତାର ଭବିଷ୍ୟତ କାହିଁ ?

****

# ଧର୍ମଗ୍ରନ୍ଥ ଈଶ୍ୱରଙ୍କ ମୁଖନିଃସୃତ ନୁହେଁ

ପ୍ରାଗୈତିହାସିକ ହିନ୍ଦୁ ଧର୍ମ 'ଭଗବତ୍ ଗୀତା'କୁ ଯେପରି ଧର୍ମର ମୂଳ ବା ପ୍ରାମାଣିକ ଗ୍ରନ୍ଥ ବୋଲି କହେ, ୩୦୦୦ ବର୍ଷର ଇହୁଦୀ ଧର୍ମ 'ତୋରା'କୁ, ୨୫୦୦ ବର୍ଷର ବୌଦ୍ଧଧର୍ମ 'ତିପିଟକ' (ତ୍ରିପିଟକ)କୁ, ୨୦୦୦ ବର୍ଷର ଖ୍ରୀଷ୍ଟଧର୍ମ 'ବାଇବେଲ'କୁ, ୧୫୦୦ ବର୍ଷର ଇସ୍‌ଲାମ ଧର୍ମ 'କୋରାନ'କୁ, ୫୦୦ ବର୍ଷର ଶିଖଧର୍ମ 'ଗୁରୁଗ୍ରନ୍ଥ ସାହିବ'କୁ ଯଥାକ୍ରମେ ସେମାନଙ୍କ ଧର୍ମର ମୂଳଗ୍ରନ୍ଥ ବା ଉତ୍ସ କହନ୍ତି । ପ୍ରତ୍ୟେକେ କହନ୍ତି, ତାଙ୍କ ଧର୍ମଗ୍ରନ୍ଥଟି ଈଶ୍ୱରଙ୍କ ମୁଖନିଃସୃତ, ଭଗବାନଙ୍କ ମୁହଁରୁ ଆସିଛି । ଭଗବାନ କହିଛନ୍ତି କହିଦେଲେ କୋଉ ଲୋକର ସାହସ ଅଛି ତାର ଖଣ୍ଡନ କରିବାକୁ ? ପ୍ରଫେଟ୍ ବା ଅବତାର ଯାହା କହିଛନ୍ତି ତାହା ତାଙ୍କ ଅଞ୍ଚଳର ଓ ତାଙ୍କ କାଳର ଭାଷାରେ ଲେଖା ହୋଇଥିବାରୁ ତାକୁ ଆମେ ଏବେ ବୁଝି ପାରୁନାହୁଁ । ବୁଝାଇବା କାମକୁ କେତେକ କୌଳିକ ବୃତ୍ତି ଭାବେ ଧରିନେଇଛନ୍ତି, ଆମେ ସେମାନଙ୍କୁ ଆମ ଓ ଭଗବାନଙ୍କ ଭିତରେ ମଧ୍ୟସ୍ଥ ଭାବେ ଧରିନେଇଛୁଁ, ସେମାନେ ଭଗବାନଙ୍କୁ ଆମ ପ୍ରାର୍ଥନା ଶୁଣାଇବାର ବଂଶାନୁକ୍ରମିକ ଠିକା ନେଇଛନ୍ତି । ହିନ୍ଦୁ ପୁରୋହିତ ହେଉ କି ଜୈନ ଆଚାର୍ଯ୍ୟ ହେଉ, ମୁସ୍‌ଲିମ୍ ମୌଲବୀ ହେଉ କି ଖ୍ରୀଷ୍ଟିଆନ ରେଭେରେଣ୍ଡ ଫାଦର୍ ହେଉ, ଶିଖ ଗ୍ରନ୍ଥୀ ହେଉ କି ବୌଦ୍ଧ ଲାମା ହେଉ, ସେମାନେ ସାଧାରଣ ମଣିଷ, ନିଜ ପରିବାରରୁ ତାଲିମ ପାଇ ଏ ବୃତ୍ତି ଧରିଛନ୍ତି । ବଂଶାନୁକ୍ରମେ ଏ ବୃତ୍ତି ଧରିଥିବା ଲୋକର ବୁଦ୍ଧିବୃତ୍ତି କିପରି ଈଶ୍ୱରଙ୍କ ବାଣୀ ବୁଝିପାରୁଛି ଆଉ ଆମେ ସାଧାରଣ ଲୋକେ ବୁଝିପାରୁନାହୁଁ; ଏ ପ୍ରଶ୍ନ କରିବାର ବେଳ ଆସିନାହିଁ କି ?

ସବୁ ଗ୍ରନ୍ଥର ଏକ ବା ଏକାଧିକ ଲେଖକ ଅଛନ୍ତି; ଲୋକେ ଧର୍ମ ଗ୍ରନ୍ଥରେ ଲେଖା ହୋଇଥିବା ନୀତିନିୟମରୁ ଓହରି ନ ଯାଆନ୍ତୁ, ଏତକ ଲଦି ଦେବା ଲାଗି ଗ୍ରନ୍ଥକାର ଗ୍ରନ୍ଥଟିକୁ ଈଶ୍ୱରଙ୍କ ମୁଖନିଃସୃତ ବାଣୀର (ଶ୍ରୁତିର) ଲିଖିତ ରୂପ (ସ୍ମୃତି) ବୋଲି କହିଛନ୍ତି । ଏହାର ଅନ୍ୟ କୌଣସି ଭିତ୍ତି ନାହିଁ । ଲେଖା ହେଲା ମାନେ ଲେଖା ହୋଇଥିବାର କାଳ, ସ୍ଥାନ ଓ ପାତ୍ରର ଛାପ ରହିବ । ତେଣୁ ଗ୍ରନ୍ଥଗୁଡିକ ଆଞ୍ଚଳିକ । ଉତ୍ପତ୍ତି-ଅଞ୍ଚଳର ଭୌଗୋଳିକ ପରିବେଶ ତଥା ସାମାଜିକ ଚଳଣି ତହିଁରେ ସ୍ଥାନିତ । ତେଣୁ ଯେତେ ଧର୍ମ ଗ୍ରନ୍ଥ, ସେତେ ସଂଖ୍ୟାର ଭଗବାନ; ଭାଷା ଯେତେ ଭିନ୍ନ, ଭଗବାନଙ୍କ ନାମ ସେତେ ଭିନ୍ନ ! ଆଞ୍ଚଳିକ ଭିତ୍ତି ଯୋଗୁଁ ଗୋଟିଏ ଧର୍ମର

ଭଗବାନ ଆଉ ଗୋଟିଏ ଧର୍ମର ଭଗବାନଙ୍କୁ ଆଡ ଆଖିରେ ବି ଦେଖିପାରି ନାହାନ୍ତି । ନ ହେଲେ ଧାର୍ମିକ ବୋଲାଉଥିବା ଏକ ଭଗବାନଙ୍କ ଅନୁଗାମୀମାନେ ଅନ୍ୟ ଏକ ଭଗବାନଙ୍କ ପ୍ରତି ସମପରିମାଣର ଧାର୍ମିକ ଭାବ ଦେଖାଉଥିବା ଅନୁଗାମୀମାନଙ୍କୁ ହତ୍ୟା କଲେ ଧର୍ମ ହେବ ବୋଲି କହନ୍ତେ ନାହିଁ; କ୍ରୁଜେଡ୍, ଜିହାଦ୍, ଧର୍ମଯୁଦ୍ଧ ଭଳି ଶବ୍ଦ ଅଭିଧାନରେ ରହନ୍ତା ନାହିଁ ।

ପ୍ରତି ଧର୍ମଗ୍ରନ୍ଥ ପ୍ରଚାର କରେ ଅଦ୍ୱୈତବାଦ, ଈଶ୍ୱର ଏକ, ଦ୍ୱିତୀୟ ନାହିଁ । ମନୋଥିଇଜିମ୍, ଏକ ଈଶ୍ୱରରେ ବିଶ୍ୱାସ, କହିଲା ବେଳେ ଆମେ ଏହି ପ୍ରକାରର ଆଞ୍ଚଳିକ ଭାଷାରେ ନାମିତ ଈଶ୍ୱରଙ୍କ ଅବତାରଣା କରିଥାଉଁ । ତାହା ହିଁ ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁତା ବଢାଏ । ମୋ ଧର୍ମର ଭଗବାନଙ୍କ ଜଗତରେ ଅନ୍ୟ ଧର୍ମର ଲୋକଙ୍କ ରହିବାର ଅଧିକାର ନାହିଁ; ତେଣୁ ତାଙ୍କୁ ମାରି ଦେଲେ ଦୋଷ ନାହିଁ । ତୁମ ଭଗବାନ ମୋ ଭଗବାନ ନୁହେଁ, ଆଜିର ଜଗତୀକରଣ ଯୁଗରେ ଏଭଳି ଧାରଣା ଦେଉଥିବା ପ୍ରଚାରକ ବା ମୌଳବାଦୀମାନଙ୍କୁ ଅମଣିଷ ଭାବିବାର ବେଳ ଆସିଗଲାଣି ।

ଭଗବାନଙ୍କ ବାଣୀ କହିଦେଲେ ତାହା ଅପୌରୁଷେୟ, ସୁପରନାଚୁରାଲ ହୋଇଯିବ । କେହି ତା ବିରୁଦ୍ଧରେ ଯୁକ୍ତି କରିବେ ନାହିଁ । ତାକୁ ବଦଳାଇବାର ଅଧିକାର ମଣିଷର ନାହିଁ, ତାକୁ ବ୍ୟାଖ୍ୟାନ ବା ପ୍ରବଚନ ମାଧ୍ୟମରେ ସମୟୋପଯୋଗୀ କରିବାର ସାମର୍ଥ୍ୟ ମଣିଷର ନାହିଁ । ଏପରି କହୁଥିବା ଲୋକେ ଯେ ଆମ ପରି ମଣିଷ, ସେମାନେ ଭୁଲିଯାନ୍ତି, ଆମେ ଶୁଣିବାବାଲାଏ ବି ଭୁଲିଯାଉ । ସେମାନେ ମୂଳ ଲେଖାକୁ ଅପରିବର୍ତ୍ତନୀୟ ଧରୁଥିବାରୁ ସେମାନଙ୍କୁ ଆମେ କହୁ ମୌଳବାଦୀ । ତାକୁ ଯିଏ ନ ମାନିବ, ସେ କେବଳ ନାସ୍ତିକ ନୁହେଁ, ସେ ବିଧର୍ମୀ, ସେ ପାପୀ । ଯିଏ ଆଲ୍ଲାଙ୍କ ଅନୁଗାମୀ ନୁହେଁ, ତାକୁ ହତ୍ୟା କଲେ ଆଲ୍ଲାଙ୍କ ପ୍ରିୟ ହୋଇଯିବ, ଏ ପ୍ରକାରର ହତ୍ୟାକାରୀଙ୍କୁ ଆଲ୍ଲା ତାଙ୍କ ସ୍ୱର୍ଗରେ ସ୍ଥାନ ଦେବେ - ଆଲ୍‌କାଏଦା ମାନେ ଏ କଥା କହନ୍ତି । ଜିତିଲେ ଏ ପୃଥିବୀ ଭୋଗ କରିବ, ନିହତ ହୋଇଗଲେ ଆଗରୁ ସ୍ୱର୍ଗକୁ ଯିବ; ହତୋ ବା ପ୍ରାପ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ - କୃଷ୍ଣ ଅର୍ଜୁନଙ୍କୁ ଯାହା କହିଥିଲେ ତାହା ଆଲ୍‌କାଏଦାଙ୍କ ପ୍ରଚାର ଭଳି ପ୍ରବଚନ ନୁହେଁ କି? ନିଜକୁ କୁଳୀନ ଆର୍ଯ୍ୟ ମନେ କରୁଥିବା ହିଟଲର ଇହୁଦୀମାନଙ୍କୁ ନୀଚ ମନେ କରି ହତ୍ୟା କରାଇଥିବା ଏବକାର ରାଜନୀତି ପ୍ରଣୋଦିତ

ସାମ୍ପ୍ରଦାୟିକ ଦଙ୍ଗା ଓ ହତ୍ୟାକାଣ୍ଡଠାରୁ କେଉଁ ଗୁଣରେ କମ୍ କି?

ଅନ୍ୟ ପ୍ରାଣୀଙ୍କ ଠାରେ ଭଲ ମନ୍ଦ ବିଚାର କରିବାର ଶକ୍ତି ଅର୍ଥାତ୍ ବିବେକ ପ୍ରାୟ ନାହିଁ, ସେଇଥିପାଇଁ ମଣିଷ ନିଜକୁ ଶ୍ରେଷ୍ଠ ଜୀବ ବୋଲି ଭାବେ । ଯଦି ଭଗବାନ ବୋଲି କିଛି ଅଛି ସେ ନିଶ୍ଚୟ ଏହି ବିବେକ ଦେଇଛନ୍ତି । କିନ୍ତୁ ଭଗବାନ ପ୍ରତି ମଣିଷକୁ (ହଁ, ପ୍ରତି ମଣିଷକୁ) ବିବେକ ଦେଇଛନ୍ତି ବୋଲି ମୌଳବାଦୀମାନେ ମାନନ୍ତି ନାହିଁ । ମୌଳବାଦୀମାନେ କହନ୍ତି ଏବଂ କାମରେ ଦେଖାଇ ଦିଅନ୍ତି ଯେ କେବଳ ସେହିମାନଙ୍କର ହିଁ ବିବେକ ଅଛି, ସେହିମାନେ ହିଁ ଧର୍ମଗ୍ରନ୍ଥର ସାର କଥା ବୁଝାଇପାରିବେ । ମୌଳବାଦୀମାନେ କେବଳ ଧର୍ମାନ୍ଧ ନୁହନ୍ତି, ଇତିହାସ ଓ ଭୂଗୋଳ ଦୃଷ୍ଟିରୁ ସେମାନେ ଅନ୍ଧ । ଯେତେ କିସମର ଧର୍ମ ସେତେ କିସମର ଭଗବାନ, ଅର୍ଥାତ୍ ଭଗବାନ ଆଞ୍ଚଳିକ । ଯେଉଁ ମୌଳବାଦୀ ତା ଧର୍ମଗ୍ରନ୍ଥରେ ଲିଖିତ ନାମାନୁସାରେ ଭଗବାନଙ୍କୁ ଏକ ମାତ୍ର ଭଗବାନ ବୋଲି ଭାବେ ସେ ଭାବିପାରେ ନାହିଁ ଯେ ଅନ୍ୟ ଧର୍ମର ଲୋକେ ବି ସେଇମିତି ଭାବୁଥିବେ । ଧର୍ମ ସଂସ୍ଥାପକର ସୀମିତ ଭୌଗୋଳିକ ଜ୍ଞାନ ଓ ଏକ ମାତ୍ର ଭାଷାର ଜ୍ଞାନ ଯୋଗୁ ଭିନ୍ନ ଭିନ୍ନ ସମୟରେ ପ୍ରଚାରିତ ଧର୍ମର ଗ୍ରନ୍ଥରେ ଭଗବାନଙ୍କ ନାମ ଓ ଧର୍ମର ରୀତିନୀତି ଭିନ୍ନ ହୋଇଛି । ତେଣୁ ଗୋଟିଏ ଧର୍ମର ଭଗବାନଙ୍କ ନାଁ ଅନ୍ୟ ଧର୍ମର ଭଗବାନଙ୍କ ନାଁ ଠାରୁ ଭିନ୍ନ, ଗୋଟିଏ ଧର୍ମର ରୀତିନୀତି ତଥା ବେଶଭୂଷା ଅନ୍ୟ ଧର୍ମର ରୀତିନୀତି ତଥା ବେଶଭୂଷା ଠାରୁ ଅଲଗା । ଯେତେ ଭଗବାନ ସେତେ ପ୍ରକାରର ସ୍ୱର୍ଗ । ହିନ୍ଦୁର ସ୍ୱର୍ଗକୁ ମୁସଲମାନ ଯାଇପାରିବ ନାହିଁ, ସେ ମ୍ଳେଚ୍ଛ । ମୁସଲମାନଙ୍କ ସ୍ୱର୍ଗକୁ ହିନ୍ଦୁ ଯାଇପାରିବ ନାହିଁ, ସେ କାଫେର । ଖ୍ରୀଷ୍ଟିଆନମାନଙ୍କ ସ୍ୱର୍ଗକୁ (ଇଡେନ ଉଦ୍ୟାନକୁ) ଅଣଖ୍ରୀଷ୍ଟିଆନମାନେ ଯାଇ ପାରିବେ ନାହିଁ, ସେମାନେ ଇନ୍‌ଫିଡେଲ । ଜନ୍ମ ଗୋଟିଏ ପୃଥିବୀରେ, କିନ୍ତୁ ମରଣ ପରେ ଏତେ ସଂଖ୍ୟାର ସ୍ୱର୍ଗ ? ମର୍ତ୍ତ୍ୟର ପ୍ରତି ଇଲାକାର ରାଜା ଭଳି ମହାକାଶର ପ୍ରତି ସ୍ୱର୍ଗ ପାଇଁ ଜଣେ ଜଣେ ଭଗବାନ କି ? ସେମାନଙ୍କ ଝଗଡାକୁ ମେଣ୍ଟାଇବ କିଏ ? ନା, ସେମାନେ କଣ ୟୁନାଇଟେଡ୍ ନାସନ୍‌ସ (ଜାତିସଂଘ) ଭଳି ଗୋଟିଏ ୟୁନାଇଟେଡ୍ ହେଭେନ୍‌ସ ସଂସ୍ଥା ଗଢିଥିବେ? ଗୋଟିଏ ରାଜ୍ୟର ରାଜା ଯେପରି ସାରା ପୃଥିବୀକୁ ସମ୍ଭାଳିପାରେ ନାହିଁ, ଗୋଟିଏ ସ୍ୱର୍ଗର ବା ଗୋଟିଏ ଧର୍ମର ଭଗବାନ ସେହିପରି ସାରା ବିଶ୍ୱକୁ ନିୟନ୍ତ୍ରଣ କରିପାରିବ ନାହିଁ, ସୃଷ୍ଟି କରିବା ତ ଦୂରର କଥା । କୂଅର ବେଙ୍ଗ ଯେପରି ବାହାରେ ଆଉ କୂଅ ଅଛି ବୋଲି

ଭାବିପାରେ ନାହିଁ, ଗୋଟିଏ ଧର୍ମର ଲୋକ ସେପରି ତା ଧର୍ମ ବାହାରେ ଆଉ ଧର୍ମ ଯେ ରହିପାରେ ତାହା ଭାବିବାକୁ ରାଜି ନୁହେଁ । କୂପ-ମଣ୍ଡୁକ ମୌଳବାଦୀମାନେ କେବେ ଏ ପ୍ରକାରର ଯୁକ୍ତି ଭିତରକୁ ପଶିବାକୁ ଚାହାନ୍ତି ନାହିଁ ।

ମୌଳବାଦୀମାନେ ଇତିହାସ ଜାଣିଥିଲେ କହନ୍ତେ ନାହିଁ ଯେ ଧର୍ମଗ୍ରନ୍ଥ ଈଶ୍ୱରଙ୍କ ମୁଖରୁ ବାହାରିଥିବା ବାଣୀ । ଷଷ୍ଠ ଶତାବ୍ଦୀ ପୂର୍ବରୁ ଇସଲାମ ନଥିଲା । ଆଲ୍ଲା ଶବ୍ଦ ତ ନ ଥିଲା । ଦୁଇ ହଜାର ବର୍ଷ ପୂର୍ବରୁ ଯୀଶୁ ନ ଥିଲେ । ସେତେବେଳେ ଖୀରଷ୍ଟାନ ମାନେ କୁଆଡେ ଥିଲେ, ଭଗବାନଙ୍କ ପୁତ୍ର କେଉଁଠି ଥିଲେ ? ଏ ଦୁଇଟି ଧର୍ମ ଜନ୍ମ ହେବା ବେଳକୁ ଇତିହାସ ରଚନା ହେଲାଣି, ଇତିହାସରେ ମଣିଷ ହିଁ ଧର୍ମ ପ୍ରଚାର କରିଥିବାର ବର୍ଣ୍ଣନା ଅଛି । ଭଗବାନ କେଉଁଠି ଆବିର୍ଭାବ ହୋଇଥିଲେ ଯେ ଯୀଶୁ ବା ମହମ୍ମଦଙ୍କୁ ବାଣୀ ଶୁଣାଇ ଥିଲେ ? ଯୀଶୁଙ୍କ ଜନ୍ମ ପୂର୍ବରୁ ଲୋକେ ଇନଫିଡେଲ ଥିଲେ ବା ମହମ୍ମଦଙ୍କ ଜନ୍ମ ପୂର୍ବରୁ ଲୋକେ କାଫେର ଥିଲେ, ନର୍କକୁ ଯାଉଥିଲେ; ଆଉ ସେମାନଙ୍କ ପରବର୍ତ୍ତୀ ପିଢିମାନେ ନୂଆ ଧର୍ମ ଗ୍ରହଣ କରି ଈଶ୍ୱରଙ୍କ ପ୍ରିୟ ହୋଇଗଲେ ! ଆଉ ହିନ୍ଦୁ ଧର୍ମ କଥା କଣ କହିବା? ତାହା ତ ଏକ ଚଳଣି, ତାହା ଭାରତର ମାଟିରେ ଉଧେଇ ଥିବାରୁ ଭାରତକୁ ଯେଉଁ ଧର୍ମ ଆସିଛି ତାହାର କେତେକ ରୀତିନୀତିକୁ ସେ ହିନ୍ଦୁମାନଙ୍କର ଆଚରଣ ବିଧି ଭିତରେ ପୂରେଇ ଦେଇଛି । ତଥାପି ହିନ୍ଦୁ ମୌଳବାଦୀମାନେ ବି ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁ । ଜଗନ୍ନାଥ ମନ୍ଦିରରେ ଧଳାଚମଡାବାଲା କେହି ପଶିଗଲେ ପଣ୍ଡାମାନେ ତାକୁ ମୁମୂର୍ଷୁ କରିଦେବେ, ମାରିଦିଅନ୍ତେ କିନ୍ତୁ ମନ୍ଦିରରେ ରକ୍ତ ଛିଟିକା ପଡିଲେ ଅପବିତ୍ର ଧରାଯାଉ ଥିବାରୁ ମନ୍ଦିର ଶୋଧନ କରିବାକୁ ପଡିବ ଓ ବାହାରକୁ ଖବର ଚାଲିଯିବ, ତେଣୁ ଜୀବନ ନେବା କାମ କରୁନାହାନ୍ତି ।

ମଣିଷ ସମାଜ ପାଇଁ ଯାହା ଭଲ, ଯେଉଁ ମାର୍ଗରେ ଚାଲିଲେ ଜୀବନ ଭଲରେ କଟିବ, ଶାନ୍ତି ମିଳିବ, ତାହା ପ୍ରଫେଟ୍ ବା ଅବତାର ପୁରୁଷମାନଙ୍କ ବାଣୀରେ ଥାଏ । ଅର୍ଥାତ୍ ଦୁନିଆର ଦୁଃଖ କଷ୍ଟକୁ ସହିଯିବାର ଉପାୟ ଏ ବାଣୀରେ ଥାଏ । ମଞ୍ଜି ଲଗାଇଥିବା ଲୋକ କଣ ଗଛଲତାକୁ ବଢିବାର ନିୟମ ଶିଖାଏ? ତେବେ 'ବୀଜପ୍ରଦ ପିତା' (ଭଗବାନ)ଙ୍କ ନିର୍ଦ୍ଦେଶ କାହିଁକି ମଣିଷର ବଢିବାର ପ୍ରତି ପଦରେ ରହିବା ଦରକାର ପଡୁଛି ? ପ୍ରତି ପ୍ରାଣୀ, ପ୍ରତି ଉଦ୍ଭିଦ, ପ୍ରତି ବସ୍ତୁ ତାର ଅଭିବୃଦ୍ଧିର ନିୟମ ମାନିଥାଏ । ପ୍ରାଣୀମାନଙ୍କ ଇନ୍‌ଟିୟୁସନ ଅଛି, ଅନ୍ତର୍ଦୃଷ୍ଟି ଅଛି । ସାଧାରଣ

ଲୋକର ବିବେକ ତାହାର ପରିବେଶ ଉପରେ ନିର୍ଭର କରେ । ମଣିଷ ତାର ବିବେକ ଅନୁଯାୟୀ, ଭଲ ମନ୍ଦ ବାଛିବାର ଗୁଣ ଅନୁଯାୟୀ, କାମ କଲେ ଧର୍ମଗ୍ରନ୍ଥରେ କୁହାଯାଇଥିବା ସବୁ ଭଲ କଥା ନିଜେ ବି କହିପାରିବ ।


ଧର୍ମଗ୍ରନ୍ଥ ରଚନାକାଳର ସାମାଜିକ ଚଳଣି ଯେଉଁ ପ୍ରକାର ଥିଲା ତାହା ହିଁ ଧର୍ମଗ୍ରନ୍ଥରେ ପ୍ରତିଫଳିତ ହୋଇଛି, ତାକୁ ଏକବିଂଶ ବା ଦ୍ୱାବିଂଶ ଶତାବ୍ଦୀରେ ବି ମାନିବାକୁ ଏ ମୌଳବାଦୀମାନେ ବାଧ୍ୟ କରୁଛନ୍ତି । ଯୁଗ ବଦଳିଛି, ଭୂଗୋଳ ଆଉ ପ୍ରତିବନ୍ଧକ ହୋଇ ରହିନାହିଁ, ପୃଥିବୀର ଏ କୋଣରୁ ସେ କୋଣ ଯାଏ ସମ୍ପର୍କ ରଖିହେଉଛି, ମୁହାଁମୁହିଁ ଆଳାପ କରିହେଉଛି । ସନ୍ଦେହ କି ଦ୍ୱନ୍ଦ୍ୱ ଥିଲେ ମୁହାଁମୁହିଁ କଥାବାର୍ତ୍ତାରେ ତାହାର ସମାଧାନ କରିହେଉଛି, ଆଗ ଭଳି ଦୂରତାର କି ଭାଷାର ବାଧା ନାହିଁ । ପରିସ୍ଥିତି ଓ ପରିବେଶ ଅନୁଯାୟୀ ଆମ ବିବେକ ପରିବର୍ତ୍ତନଶୀଳ, ତେଣୁ ଧର୍ମର ରୀତିନୀତି, ଉପଚାର, ଏବଂ ଭଗବାନଙ୍କ ରୂପ, ବି ବଦଳିବା କଥା । କିନ୍ତୁ ମୌଳବାଦୀମାନେ ତାହା ଚାହାନ୍ତି ନାହିଁ । ହିନ୍ଦୁ ଧର୍ମରେ ଗ୍ଲାନି ଆସିଲା ବୋଲି ତ ବୌଦ୍ଧବାଣୀ ଆସିଲା । ମଧ୍ୟପ୍ରାଚୀରେ ରାଜାମାନଙ୍କ ଅବିବେକୀ ପୂଜା ପଦ୍ଧତିରେ, ସାମାଜିକ ରୀତିନୀତିରେ ଗ୍ଲାନି ଆସିଲା ବୋଲି ତ ମହମ୍ମଦ ତାଙ୍କ ସଂସ୍କାର ଆନ୍ଦୋଳନ ଆରମ୍ଭ କଲେ ।

ଗୀତାର ଲେଖା ଅନୁଯାୟୀ ଯେଉଁ ଧର୍ମ ସଂସ୍ଥାପନା କଥା କୁହାଯାଇଛି ତାହା ପରିବାରର ଧର୍ମ, ଜାତି ବା ବୃତ୍ତି ଅନୁଯାୟୀ ବ୍ୟକ୍ତିର କର୍ତ୍ତବ୍ୟ ଅର୍ଥାତ୍ ଧର୍ମ; ତାହା ଭାରତବର୍ଷର ଭୂଗୋଳ ଅନୁଯାୟୀ ଧର୍ମ, ଏବଂ କରଣୀୟ; ସେତେବେଳର ସାଧୁ ସନ୍ନ୍ୟାସୀ ମାନେ ଯେପରି ଚଳୁଥିଲେ ତାହାର ଏକ ତାତ୍ତ୍ୱିକ ଧାରଣା । କିନ୍ତୁ ଗୀତାରେ କୁହାଯାଇଛି, ଗୀତାର ବାଣୀ ଭଗବାନ ପ୍ରଥମେ ସୂର୍ଯ୍ୟଙ୍କୁ କହିଥିଲେ, ସୂର୍ଯ୍ୟ ମନୁଙ୍କୁ କହିଥିଲେ । ମନୁଙ୍କଠାରୁ ରାଜର୍ଷି ମାନେ ଶୁଣିଲେ । ପରମ୍ପରାକ୍ରମେ ରାଜର୍ଷିମାନଙ୍କ ଠାରୁ ସାଧାରଣ ମଣିଷକୁ ଚାଲି ଆସିଲା । ଆସନ୍ତୁ ଟିକେ ନିରୀଖେଇ ଦେଖିବା । ମନକୁ ପାଉ ନଥିବା କେତେଗୁଡିଏ ଅସଂଗତ କଥା ଏଥିରେ ଅଛି । ପ୍ରଥମତଃ ସୂର୍ଯ୍ୟ ଏକ କଥାକୁହା ଅର୍ଥାତ୍ ମଣିଷ ବୁଝିବା ଭଳି ଭାଷାରେ କଥା କହିବାର ବସ୍ତୁ କି? କମ୍ପୁଟର ଆମ ପାଇଁ କହିଲା ଭଳି ସୂର୍ଯ୍ୟଙ୍କର ସେଭଳି କିଛି ଯନ୍ତ୍ର ଅଛି କି ? ଯଦି ଅଛି, ଏବେ କାହିଁକି କିଛି କହୁନାହାନ୍ତି ? ଯେଉଁ ପ୍ରାଚୀନତା କଥା ଆମେ ଶୁଣୁଛୁ ସେତେବେଳେ ଭାଷାର ସୃଷ୍ଟି ହୋଇନଥିଲା । ମନୁ ତ' ମନରୁ କାଢି ଲେଖିଥିବେ । କୃଷ୍ଣ କାହିଁକି ଆଉ ଥରେ

ଗୀତାବାଣୀ କହିଲେ ? କାଳକ୍ରମେ ଏ ଜଗତରେ (କାଳେନ ଇହ) ଲୋକେ ଭୁଲିଯାଇଥିବାରୁ ସେ ଅର୍ଜୁନଙ୍କୁ କହୁଛନ୍ତି ବୋଲି କହିଛନ୍ତି । ଅର୍ଜୁନଙ୍କ ପରେ ତ କେଇ ହଜାର ବର୍ଷ ବିତିଗଲାଣି, ସମାଜରେ ବହୁତ ଗ୍ଲାନି ପଶିଗଲାଣି, ଧର୍ମ ସଂସ୍ଥାପନ ଲାଗି ଆଉ କାହିଁକି ଭଗବାନ ଜନ୍ମ ନେଉନାହାନ୍ତି ଏବଂ ସଂସ୍କାର ଆଣୁ ନାହାନ୍ତି ? ଅନ୍ୟ ଧର୍ମର ଗ୍ରନ୍ଥ ଗୁଡିକରେ ସେହି କଥା । ଥରେ ଲେଖା ହୋଇଗଲା ତ କେହି ପ୍ରଶ୍ନ କରନାହିଁ, ସନ୍ଦେହ କରନାହିଁ - ଏ କଥା ଯେଉଁ ବ୍ୟାଖ୍ୟାନକାରୀ ବା ପ୍ରବଚକ କହୁଛି ସେ ନିଜେ ଯେ ଜଣେ ମଣିଷ ସେ ଭୁଲିଯାଉଛି । ସେ କିପରି ଠିକା ପାଇଲା ଭଗବାନଙ୍କ ତରଫରୁ କହିବାକୁ ଏବଂ ପ୍ରବଚନକୁ ଏକ ଜୀବିକାର୍ଜନର ପନ୍ଥା କରିବାକୁ ?

'ଗୀତାବାଣୀ ଅତିମାନବୀୟ, ଅପୌରୁଷେୟ, ସୁପର-ହ୍ୟୁମାନ । ତହିଁରେ ଅସଂଗତି ଅଛି ବା କୁସଂସ୍କାର ଅଛି କହିବାର ଅଧିକାର କାହାର ନାହିଁ । ତହିଁର ପ୍ରତିଟି ଶବ୍ଦ, ପ୍ରତିଟି ବାକ୍ୟ ଗ୍ରହଣୀୟ ଓ ପାଳନୀୟ । ଯିଏ ମାନେ ନାହିଁ ସେ ଅଧର୍ମୀ ବା ବିଧର୍ମୀ ବା ନାସ୍ତିକ; ସେ ସ୍ୱର୍ଗକୁ ଯାଇପାରିବ ନାହିଁ ।' ଏପରି କଥା ଯେଉଁମାନେ କହନ୍ତି ସେମାନେ ଭୁଲି ଯାଆନ୍ତି ଯେ ସେମାନେ ବି ମାନବ । ତଥାପି ସେମାନେ ଆମକୁ ବିଶ୍ୱାସ କରିବାକୁ ବାଧ୍ୟ କରନ୍ତି, ଏକ ପ୍ରକାରର ମାନସିକ ଯାଦୁ କରି ତାଙ୍କ କଥା ସତ ବୋଲି ଭାବିବାରେ ଆମକୁ କାବୁ କରିନିଅନ୍ତି, ହିପ୍ନୋଟାଇଜ କରିନିଅନ୍ତି । ସେ ତ ଜଣେ ମାନବ, ମୁଁ ବି ମାନବ, କାହିଁକି ମୁଁ କରୁଥିବା ବ୍ୟାଖ୍ୟାନ ଭଗବାନଙ୍କ ବାଣୀ ବିରୁଦ୍ଧରେ ଯିବ, ଆଉ ସେମାନଙ୍କ ବ୍ୟାଖ୍ୟା ଯିବନି ?

****



ପୃଥିବୀରେ ଯେତେ ପିମ୍ପୁଡ଼ି ଅଛନ୍ତି ସେମାନଙ୍କର ମୋଟ ଓଜନ ପୃଥିବୀର ମଣିଷମାନଙ୍କ ମୋଟ ଓଜନ ସହ ପ୍ରାୟ ସମାନ

# ଧର୍ମଗ୍ରନ୍ଥର ଭାଷା ଆଞ୍ଚଳିକ

ପ୍ରତି ଧର୍ମରେ ମୌଳବାଦୀମାନେ କହନ୍ତି ଗ୍ରନ୍ଥଟି ଭଗବାନଙ୍କ ବାଣୀ । ଭଗବାନ ଗୋଟିଏ ଭାଷାରେ କହିଲେ ନାହିଁ କାହିଁକି ? ଭଗବାନଙ୍କ ବାଣୀରେ କଣ ଭାଷା ଭେଦରେ ବିଭିନ୍ନତା ରହିବା ଦରକାର ଅଛି କି ? ଆସନ୍ତୁ ଦେଖିବା ଧର୍ମ ଗ୍ରନ୍ଥ ଗୁଡିକ କେଉଁ ଭାଷାରେ ଲେଖା ହୋଇଛି ଏବଂ ତାହା ଅପରିବର୍ତ୍ତିତ ରହିଛି କି? ବାଇବେଲର ମୂଳ ଭାଷା ଇଂଲିଶ ନୁହେଁ; ଖ୍ରୀଷ୍ଟଙ୍କ ସମୟରେ ତାଙ୍କ ବାସସ୍ଥାନ ମଧ୍ୟ ପ୍ରାଚ୍ୟରେ ଇଂରେଜୀ (ଇଂଲିଶ) ବୋଲି ଗୋଟିଏ ଭାଷା ନ ଥିଲା । ବାଇବେଲ ଭିନ୍ନ ଭିନ୍ନ ଭାଷାରେ ଲେଖା ହୋଇଥିଲା, ପ୍ରଥମେ ହିବ୍ରୃ, ପରେ ଆରାମାଇକ (Aramaic), ତା ପରେ ଗ୍ରୀକ୍ ଓ ଏବେ ଇଂଲିଶ । ଏତେ ଥର ଅନୁବାଦ ହେଲା ପରର ଗ୍ରନ୍ଥକୁ ରେଭେରେଣ୍ଡ ଫାଦର୍ ମାନେ ପଢି ବୁଝାଉଛନ୍ତି । ସେହି ଭଳି ଅନ୍ୟ ସବୁ ଧର୍ମ ଗ୍ରନ୍ଥର କଥା । ହିନ୍ଦୁ, ଇହୁଦୀ (ଜିୟୁ), ବୌଦ୍ଧ, ମୁସ୍‌ଲିମ୍ ଭଳି ଧର୍ମର ଧର୍ମଗ୍ରନ୍ଥ ରଚନା ହେବା ସମୟର ଭାଷା ଆଜି ପ୍ରଚଳିତ ନାହିଁ ।

ବାଇବେଲର ଓଲ୍‌ଡ ଟେଷ୍ଟାମେଣ୍ଟର ବେଶି ଭାଗ ଲେଖା ହିବ୍ରୃରେ; ଇହୁଦୀମାନଙ୍କ ପବିତ୍ର ଭାଷା, ଯେମିତି ହିନ୍ଦୁଙ୍କୁ ସଂସ୍କୃତ । ପ୍ରାଚୀନ ହିବ୍ରୃ ଇଜରାଏଲୀମାନଙ୍କ ଭାଷା, ଖ୍ରୀଷ୍ଟଙ୍କ ପୂର୍ବରୁ ଏ ଭାଷାରେ ୨୨ଟି ଅକ୍ଷର ଥିଲା, ସ୍ୱର ବର୍ଣ୍ଣ ନଥିଲା, ପରେ ଏଥିରେ ସ୍ୱର ବର୍ଣ୍ଣ ଯୋଡା ଯାଇଛି । ଡାହାଣରୁ ବାଆଁକୁ ଲେଖାଯାଏ (ଏହାର ଅନୁକରଣରେ ଉର୍ଦ୍ଦୁ ଡାହାଣରୁ ବାଆଁକୁ ଲେଖା ଯାଉଛି) । ଏହା ଦିନେ ଲୋକଙ୍କ କଥିତ ଭାଷା ଥିଲା । କିନ୍ତୁ ଦେଶାନ୍ତର କରାହୋଇଥିବା ଇହୁଦୀମାନଙ୍କ ପ୍ରତ୍ୟାବର୍ତ୍ତନ ପରେ, ପ୍ରାୟ ଖ୍ରୀଷ୍ଟପୂର୍ବ ୫୩୮ରୁ, ହିବ୍ରୃ ଆଉ ଲୋକଙ୍କ ମୌଖିକ ଭାଷା ହୋଇ ରହିଲା ନାହିଁ । ଲୋକଙ୍କ ଦୈନନ୍ଦିନ ଭାଷା ହୋଇଗଲା ଆରାମାଇକ୍ । ଉତ୍ତର ସିରିଆରେ ବସବାସ କରୁଥିବା ଆରାମୀୟ ଲୋକଙ୍କ ଭାଷା ଥିଲା ଆରାମାଇକ୍; ସେମାନଙ୍କ ବହୁତ ପ୍ରଭାବ ଏଥିରେ ଅନ୍ତର୍ଭୁକ୍ତ ହୋଇଗଲା । ଓଲ୍‌ଡ ଟେଷ୍ଟାମେଣ୍ଟର କେତେକ ପରିଚ୍ଛେଦ ଆରାମାଇକ୍‌ରେ ଲେଖା । ଆରାମାଇକ୍ ଓ ହିବ୍ରୃ ଭିତରେ ବହୁତ ସାମଞ୍ଜସ୍ୟ ରହିଛି, ଗୋଟିଏ ଭାଷା ଜାଣିଥିଲେ ଅନ୍ୟଟି ପ୍ରାୟ ବୁଝିହେବ । ଯୀଶୁ ଖ୍ରୀଷ୍ଟଙ୍କ ସମୟରେ ଆରାମାଇକ୍ ଲୋକଙ୍କ ସାଧାରଣ ଭାଷା ଥିଲା । ଗଦ୍ୟ ଓ କବିତାର, ପତ୍ର ଓ ସଂଗୀତର, ଶବ୍ଦବିନ୍ୟାସ ଓ ଶବ୍ଦକୌଶଳର, ଭବିଷ୍ୟବାଣୀ ଓ ପରଜୀବନର, ବିଭିନ୍ନ ବିଭାବ ବାଇବେଲରେ ମିଳେ । ବାଇବେଲର ତୁଳନା, ଉପମା, ଅଳଙ୍କାର ଆଦି ଆଜିର ଇଂରେଜୀ ଭାଷାର ଭଣ୍ଡାର ।



*The First Book of Moses Called*
**GENESIS**

1 In the beginning God created the heavens and the earth. 2 The earth was without form, and void; and darkness was on the face of the deep. And the Spirit of God was hovering over the face of the waters.

3 Then God said, "Let there be light"; and there was light. 4 And God saw the light, that *it was* good; and God divided the light from the darkness. 5 God called the light Day, and the darkness He called Night. So the evening and the morning were the first day.

6 Then God said, "Let there be a firmament in the midst of the waters, and let it divide the waters from the waters." 7 Thus God made the firmament, and divided the waters which were under the firmament from the waters which were above the firmament; and it was so. 8 And God called the firmament Heaven. So the evening and the morning were the second day.


9 Then God said, "Let the waters under the heavens be gathered together into one place, and let the dry *land* appear"; and it was so. 10 And God

בראשית

ହିବ୍ରୁ ବାଇବେଲର ସୂଚିପତ୍ର ପ୍ରଟେଷ୍ଟାଣ୍ଟ ଓଲ୍ଡ ଟେଷ୍ଟାମେଣ୍ଟ ର ସୂଚିପତ୍ର ଭଳି । ତେଣୁ ବାଇବେଲ୍‌ର ଅନୁବାଦ ହିବ୍ରୁ ବାଇବେଲ୍ ସହିତ ସମାନ କିନ୍ତୁ ଶୈଳି ଭିନ୍ନ । ଛବିରେ ଡାହାଣ ପାଖରେ ହିବ୍ରୁ ଓ ବାମରେ ଇଂରାଜୀ । ମନେ ରଖିବାକୁ ହେବ ଯେ ହିବ୍ରୁ ଡାହାଣରୁ ବାମକୁ ଲେଖାଯାଏ. ପରବର୍ତ୍ତୀ କାଳର ଉର୍ଦ୍ଦୁ ସେହିପରି ଲେଖାଯାଉଛି ।




ତିବତୀୟ ଭାଷାରେ ତ୍ରିପିଟକ,
ପାଖରେ ପାଲି ଭାଷା





ଆରାମିକ ବାଇବେଲ୍,
ସୌଜନ୍ୟ : ସିଲ୍‌ଭିଆ ବେଥ୍

ଆରାମାଇକ୍ ଓ ହିବ୍ରୁ ଭିତରେ ବହୁତ ସାମଞ୍ଜସ୍ୟ ରହିଛି. ଗୋଟିଏ ଭାଷା ଜାଣିଥିଲେ ଅନ୍ୟଟି ପ୍ରାୟ ବୁଝିହେବ । ଉଭୟ ଭାଷାରେ ସ୍ୱରବର୍ଣ୍ଣ ନାହିଁ. ତେଣୁ ଅନ୍ୟଭାଷାକୁ ଅନୁବାଦ କଲେ ଭାବ ଅନୁଯାୟୀ ବନାନ ଲେଖିବାକୁ ପଡ଼ିବ ।



ମହମ୍ମଦ ମକ୍କାରେ ଜନ୍ମ ହୋଇଥିବାରୁ କ୍ଲାସିକାଲ ଆରବିକ୍‌ର ପଶ୍ଚିମା ଭାଷାରେ କଥା ବାର୍ତ୍ତା କରୁଥିବେ, କିନ୍ତୁ ପାରମ୍ପରିକ କୋରାନ ପୂର୍ବାଞ୍ଚଳିଆ ଆରବିକ୍ ଭାଷାରେ ଲେଖାଯାଉଛି । ତେଣୁ କୋରାନ୍‌ରେ ଅନୁବାଦ ଅନ୍ତଃର୍ନିହିତ ଅଛି ।




ବେଦ ଓ ଗୀତା

ଯାହାହେଉ ଇଂରାଜୀ ବାଇବେଲକୁ ଲୋକେ ନକଲି ବାଇବେଲ ବୋଲି ମନେ କରୁନାହାନ୍ତି ।

ବେଦ, ଭଗବତ୍‌ଗୀତା, ମହାଭାରତ, ଉପନିଷଦ, ବେଦାନ୍ତ, ଆୟୁର୍ବେଦ, ଭଳି ହିନ୍ଦୁ ଗ୍ରନ୍ଥାବଳୀ ସଂସ୍କୃତରେ ଲେଖା । ସଂସ୍କୃତ ଶବ୍ଦଟି କୌଣସି ଗୋଟିଏ ଭାଷାକୁ ବୁଝାଏ ନାହିଁ, ସେ ସମୟର ପ୍ରଚଳିତ ଭାଷା (ଡାଏଲେକ୍‌ଟ) ସମୂହର ନିର୍ଯ୍ୟାସ ଭାବେ ଏକ ସ୍ୱତନ୍ତ୍ର ଭାଷାର ନାମ ସଂସ୍କୃତ: (ସମ୍ - ଏକତ୍ର, କୃତମ୍ - ସୃଷ୍ଟ): କହିବାର ଏକ ପରିମାର୍ଜିତ ରୀତି । ବୈଦିକ ସଂସ୍କୃତ ଆଜିର ସଂସ୍କୃତ ନୁହେଁ । ଋଗ୍ ବେଦର ରଚନା କାଳ ଖ୍ରୀଷ୍ଟପୂର୍ବ ୨୦୦୦ । ୧୫୦୦ ବର୍ଷ ଧରି ପ୍ରଚଳିତ ହେଲା ପରେ ସଂସ୍କୃତର ରୂପ ବଦଳିଲା, କ୍ଲାସିକାଲ (ପୌରାଣିକ) ସଂସ୍କୃତ ବ୍ୟବହାରର ଯୁଗ ଆରମ୍ଭ ହେଲା । ମହାଭାରତ ଓ ଅନ୍ୟ ହିନ୍ଦୁ ପୁରାଣ ମାନଙ୍କରେ ପୌରାଣିକ ସଂସ୍କୃତ ବ୍ୟବହାର ହୋଇଛି । ବୌଦ୍ଧ ଶାସ୍ତ୍ରମାନଙ୍କରେ ବ୍ୟବହୃତ ସଂସ୍କୃତ ଏକ ସଂକର, ପ୍ରାକୃତ ଭାଷାରେ ସଂସ୍କୃତର ମିଶ୍ରଣ କରି ସେମାନେ ପାଣ୍ଡିତ୍ୟ ଦେଖାଉଥିଲେ । ବିଦ୍ୱାନମାନେ କହନ୍ତି ଏହା ବୁଦ୍ଧିଷ୍ଟ ହାଇବ୍ରିଡ୍ ସାନ୍‌ସ୍କ୍ରିଟ୍, ବୌଦ୍ଧମାନେ ତିଆରି କରିଥିବା ଏକ ମିଶ୍ରଣ । ବୈଦିକ ସଂସ୍କୃତରୁ ଭାରତ-ୟୁରୋପୀୟ ଭାଷାମାନ ଆସିଛି, ପ୍ରାକୃତ ଭାଷାମାନ ବି ଆସିଛି । ପାରସ୍ୟ ଭାଷା ମଧ୍ୟ ଏହିଥିରୁ ଜନ୍ମ । ଜୋରୋଷ୍ଟ୍ରିଆନ ଧର୍ମଗ୍ରନ୍ଥର ଭାଷା ଆଭେସ୍ତାନ ସହ ବୈଦିକ ସଂସ୍କୃତର ବହୁତ ମେଳ ଅଛି । ଦ୍ରାବିଡୀୟ ଓ ସଂସ୍କୃତ ଭାଷା ମଧ୍ୟରେ ମଧ୍ୟ ବିନିମୟ ଘଟିଛି ।

କୋରାନ୍‌ର ଭାଷା ଆରବିକ୍ । ଆରବ ଭୂମିରେ ୧୫୫୦ ବର୍ଷ ତଳେ ଯେତେବେଳେ ମହମ୍ମଦ ଧର୍ମ ପ୍ରଚାର କଲେ ସେତେବେଳେ ଆରବୀ ଭାଷା ଚାଲୁଥିଲା । ତେଣୁ ସେତେବେଳକାର ଲେଖା ଆରବୀ । ମୁଲ୍ଲାମାନେ ତାକୁ ଆଲ୍ଲାଙ୍କ ଭାଷା କରିଦେଲେ । ଇସଲାମୀୟ ଇତିହାସକାର ମାନେ କହନ୍ତି, ମହମ୍ମଦଙ୍କୁ ୪୦ ବର୍ଷ ହୋଇଥିଲା ବେଳେ ଆଲ୍ଲାଙ୍କଠାରୁ ଧର୍ମବାଣୀ ଶୁଣିବା ଆରମ୍ଭ ହେଲା, ଆଲ୍ଲା ୨୩ ବର୍ଷ କାଳ କହିଲେ । ତାହା ହିଁ ଅସଲ କୁ'ରାନ୍, ଆଉ ସବୁ ଅନୁବାଦ, ଅନ୍ୟ ଭାଷାର । ତେଣୁ ଅନ୍ୟ ଭାଷାରେ ଆଲ୍ଲାଙ୍କୁ ଡାକିଲେ ସେ ବୁଝିପାରିବେ ନାହିଁ ନ କହି ସେ ଶୁଣିବେ ନାହିଁ ବୋଲି ମୁଲ୍ଲା ଓ ମୌଲବୀମାନେ କହନ୍ତି, କାରଣ ତାହା ଆଲ୍ଲାଙ୍କ ଭାଷା ନୁହେଁ ।

ଭାଷା ବ୍ୟବହାର ବି ଏକ ପ୍ରକାରର ଅଭ୍ୟାସଗତ ସ୍ଥାଣୁତା, ବିହେବିଅରାଲ୍ ଇନର୍ସିଆ; ଆମେ ତାହା ବଦଳାଇବାକୁ ଚାହୁଁନା; ତେଣୁ କହୁ ତାହା ଭଗବାନଙ୍କ ଭାଷା , ଅପରିବର୍ତ୍ତନୀୟ ।

ଜଗନ୍ନାଥଙ୍କ ରୋଷେଇ ଘରେ ଆଳୁ ନପଶିଲା ଭଳି । ଜଗନ୍ନାଥ ପୂଜା ଆରମ୍ଭ ହେବା ସମୟରେ ଆମ ଦେଶରେ ପଟାଟୋ (ବିଲାତି ଆଳୁ), ଟମାଟୋ (ବିଲାତୀ ବାଇଗଣ) ଆଦି ନଥିଲା । ପରେ ଏ ଦୁଇଟି ପରିବା ଆମ ଖାଦ୍ୟର ଅପରିହାର୍ଯ୍ୟ ଅଙ୍ଗ ହୋଇଥିଲେ ବି ଜଗନ୍ନାଥ ମନ୍ଦିରରେ ଏ ଯାଏ ପଶିପାରିନାହିଁ । ପଟାଟୋ, ଟମାଟୋ ଭଳି ବିଦେଶୀ ଜିନିଷ ଉପାସନାକୁ ଅଶୁଦ୍ଧ କରିଦେବ, ଏଥିରୁ ଜଣାଯାଏ ଧର୍ମଗୁରୁମାନେ ଇତିହାସ ଓ ଭୂଗୋଳରେ କେବଳ ଅଜ୍ଞ ନୁହନ୍ତି, ଇତିହାସର ସେହି ପୃଷ୍ଠା ସେମାନଙ୍କ ପାଇଁ ଫସିଲ୍ ବା ପ୍ରସ୍ତରୀଭୂତ ହୋଇଯାଇଛି, ଆଉ ବଦଳିବାର ନୁହେଁ, କେହି ଜଣେ ସଂସ୍କାର ନ ଆଣିଲା ଯାଏ । ପଟାଟୋ, ଟମାଟୋ ଭାରତକୁ ମାତ୍ର ୪୦୦ ବର୍ଷ ତଳେ ଆସିଲା, ୟୁରୋପୀୟ ଉପନିବେଶୀମାନେ ଲାଟିନ (ଦକ୍ଷିଣ) ଆମେରିକାରୁ ଆଳୁ ଆଣି ନିଜ ଦେଶରେ ଚାଷ କଲେ ଓ ବିଲାତର ଲୋକେ (ଇଂରେଜମାନେ) ଆମ ଦେଶକୁ ଆଣିଥିବାରୁ ଆମେ ତାକୁ ବିଲାତୀ ଆଳୁ କହିଲୁ । ଆମର ନିତ୍ୟ ବ୍ୟବହାର୍ଯ୍ୟ ପିଜୁଳି, କାଜୁବାଦାମ, ପପେୟା (ଅମୃତଭଣ୍ଡା), ଲଙ୍କା ମରିଚ, ଲଙ୍କା ଆମ୍ବ ବା କାଜୁ ବାଦାମ ଆଦି ଦିନେ ଆମ ଦେଶରେ ନଥିଲା, ସେସବୁ ଦକ୍ଷିଣ ଆମେରିକାରୁ ପର୍ତ୍ତୁଗୀଜ୍‌ମାନେ ୧୬ଶ ଖ୍ରୀଷ୍ଟାବ୍ଦରେ ୟୁରୋପକୁ ଆଣିଲେ, ସେଠାରୁ ୟୁରୋପୀୟମାନେ ଆମ ଦେଶରେ ଉପନିବେଶ ସ୍ଥାପନ ବେଳେ ଆମ ଦେଶକୁ ଆସିଲା । ଆମ ମୌଳବାଦୀମାନେ ସେଗୁଡିକୁ ଜଗନ୍ନାଥଙ୍କର ଅଖାଦ୍ୟ କରିଦେଲେ । ଅସଲ କଥା ସ୍ଥାନୀୟ ସାମଗ୍ରୀ ହିଁ ପୂଜାରେ ଲାଗେ, ପୁରୀ ଅଞ୍ଚଳରେ ସେ ସବୁ ମିଳୁନଥିଲା । ଇତିହାସ ଭୂଗୋଳ ବିଷୟରେ ଅନ୍ଧ ମୌଳବାଦୀମାନଙ୍କ ବ୍ୟାଖ୍ୟାକୃତ ଧର୍ମ ବି ଅନ୍ଧ । ଆଜିର ଭାଷାରେ ଲେଖା ହେଲେ ପୁରୀବାଲା ପଣ୍ଡିତ ମାନେ ଏପରି ଅସଂଗତି କରିବେ ନାହିଁ, ଜଗନ୍ନାଥ ପୁରୀନାଥ ଭାବେ ସଂକୀର୍ଣ୍ଣ ହୁଅନ୍ତେ ନାହିଁ । ଦୀପ ଜଳୁଥିବା କାଳର ଲେଖା ଭୁଲି ପଣ୍ଡାମାନେ ତ ବିଜୁଳି ବତୀ ଜାଳିବା ଆଦରି ନେଇଛନ୍ତି, ପ୍ରଦୂଷଣ ଏଡାଇବା ଲାଗି ଦୀପଦାନ ସ୍ଥାନ ଗର୍ଭଗୃହରୁ ବହୁତ ଦୂରକୁ ଉଠାଇ ନେଲେଣି । ଗୋରା ଚମ ଥିବା ଲୋକଙ୍କୁ ହିନ୍ଦୁ ଭିତରେ କେବେ ଗଣିବେ ଦେଖିବାକୁ ରହିଲା । ସଂସ୍କାର ନହେଲା ପର୍ଯ୍ୟନ୍ତ ଆମେ ମୌଳବାଦୀଙ୍କ ବ୍ୟାଖ୍ୟାକୁ ଅସଲ ଧର୍ମବାଣୀ ବୋଲି ଧରୁଥିବୁ ।

****

# ଧର୍ମ ମଣିଷ ତିଆରି

ଧର୍ମ ଆଉ ଧର୍ମାନୁଷ୍ଠାନ ମଣିଷ ତିଆରି କରିଛି । ଧର୍ମଗ୍ରନ୍ଥ ମାନ ବାସ୍ତବ ଦୁନିଆରେ ଘଟୁଥିବା ଘଟଣାର ନିର୍ଭରଯୋଗ୍ୟ ବର୍ଣ୍ଣନା ନୁହେଁ । ଧର୍ମର ଇତିହାସ ଅଛି, ଧର୍ମର ଜନ୍ମ ଅଛି, ଧାର୍ମିକ ରୀତିନୀତିର ସମୟକ୍ରମେ ବିବର୍ତ୍ତନ ହୋଇଛି । ବାଇବେଲ ହେଉଛି ବାଲୁକା ପ୍ରାନ୍ତରର ଅଧିବାସୀଙ୍କ ରଚନା, ସେମାନେ ପୃଥିବୀକୁ ସମତଳ ଭୂମି ଏବଂ ଠେଲାଗାଡିକୁ ପ୍ରକାଶମାନ ପ୍ରଯୁକ୍ତି ବିଦ୍ୟାର ଏକ ଚମତ୍କାର ଉଦାହରଣ କହନ୍ତି । ବିଭିନ୍ନ, ତହିଁରୁ କେତେକ ପୁଣି ପରସ୍ପର ବିରୋଧୀ, ସୂତ୍ରରୁ ଟୁକୁରା ଟୁକୁରା ସଂଗ୍ରହ କରି ଏକାଠି କରି ଗଢା ହୋଇଥିବା ଏକ ଗ୍ରନ୍ଥ ହେଉଛି ବାଇବେଲ । ସବୁ ଧର୍ମର ଗ୍ରନ୍ଥ ଏହିପରି କେତେକ ଅସମଞ୍ଜସ ଘଟଣା ଓ ଉକ୍ତିର ସମାହାର । ପାଠଗତ ସମାଲୋଚନା, ସ୍ଥାପତ୍ୟ, ପଦାର୍ଥବିଦ୍ୟା, ଆଣବିକ ଜୈବବିଦ୍ୟା ଭଳି ବିଜ୍ଞାନ ଆଦି ଜରିଆରେ ଗବେଷକମାନେ ଦେଖାଇଛନ୍ତି ଯେ ଧର୍ମପୁରାଣମାନଙ୍କ କାହାଣୀ ସବୁ ମଣିଷର କଳ୍ପନା ପ୍ରସୂତ; ଲେଖା ବି ବିଜ୍ଞ ଲୋକର ଲେଖା ନୁହେଁ । ଯେଉଁ ବହି ଶୈଳୀର ସଂହତି ବା ଆଭ୍ୟନ୍ତରୀଣ ସାମଞ୍ଜସ୍ୟ ପ୍ରଦର୍ଶନ କରୁନାହିଁ ତାକୁ ସର୍ବଜ୍ଞ, ସର୍ବଶକ୍ତିମାନ ଓ ସର୍ବତ୍ରବିଦ୍ୟମାନ ଈଶ୍ୱରଙ୍କ ରଚନା ବୋଲି ମୌଳବାଦୀମାନେ କହନ୍ତି ଓ କୋଟି କୋଟି ଲୋକ ବିଶ୍ୱାସ କରନ୍ତି । ଧର୍ମଗୁଡାକ ମଣିଷ ତିଆରି ପରମ୍ପରାରେ ଭର୍ତ୍ତି ଏବଂ ତାହାର କେନ୍ଦ୍ରରେ ଅଛି ଅପଭ୍ରଷ୍ଟ ପାଠ । ଦୁନିଆ ବିଷୟରେ ଆଜିକାଲିର ହାଇସ୍କୁଲର କିଶୋର କିଶୋରୀଙ୍କଠାରୁ କମ୍ ଜାଣିଥିବା ଏବଂ ଆଞ୍ଚଳିକ-ବିଭେଦ ବିଷୟରେ ଅଜ୍ଞ (କୂପ ମଣ୍ଡୁକ) ଲେଖକମାନେ ଯୋଖିଯାଖି ଲେଖିଛନ୍ତି । ଈଶ୍ୱର ଗ୍ରନ୍ଥ ରଚନା କରିନାହାନ୍ତି, କି କିପରି ପୂଜାପାଠ କରିବାକୁ ହେବ ତାହା ସଂସ୍ଥାପନ କରିନାହାନ୍ତି ।

ଆମେ କହୁ - ଈଶ୍ୱର ସମ୍ପୂର୍ଣ୍ଣ, ଚରମ, ଅନନ୍ତ, ଅସୀମ; ମଣିଷ ସୀମିତ ଓ ଐତିହାସିକ ପୃଷ୍ଠଭୂମିରେ ସୀମାବଦ୍ଧ । ତାହା ହେଲେ ଈଶ୍ୱରଙ୍କୁ ବୁଝିବା ପାଇଁ ଗୀତା, ଓଲ୍ଡ ଟେଷ୍ଟାମେଣ୍ଟ, ନିୟୁ ଟେଷ୍ଟାମେଣ୍ଟ, କୋରାନ ଆଦିର ସଂଗ୍ରାହକ ସନ୍ଥ ମାନେ ଯେତେ ଉଦ୍ୟମ କରିଥିଲେ ବି ବହୁତ ନିମ୍ନରେ ରହିବେ, ସେମାନଙ୍କ ଉଦ୍ୟମରେ ସ୍ୱଚ୍ଛତା ରହିବ ନାହିଁ, ରହି ବି ନାହିଁ । ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ, ଦେବତା ଓ ପ୍ରାଣୀ ଭିତରେ ଦୂରତା ଅମାପ ଓ ଅବନ୍ଧନୀୟ (ସେତୁ ବାନ୍ଧିବା ଅସମ୍ଭବ) । ସୃଷ୍ଟି କେବେ ସ୍ରଷ୍ଟାକୁ ବୁଝିପାରିବ ?

'ମଣିଷର ଦେବତ୍ୱ ଅଛି, କିନ୍ତୁ ସେ ତାହାକୁ ହରାଉଛି'- ଦେବତ୍ୱ ଫେରିପାଇବା ଲାଗି ଧର୍ମକର୍ମ କରିବା କଥା - ଏହା ହେଉଛି ଧର୍ମର କେନ୍ଦ୍ର ବିନ୍ଦୁ । ଦେବତ୍ୱ ଦ୍ୱାହିରେ ଧନ ଅର୍ଜନ କରୁଥିବା ପୁରୋହିତ ମାନେ ନିଜେ ଦେବତ୍ୱ ପାଉଛନ୍ତି କି ? ଦେବତ୍ୱ ଧାରଣାରେ ପଇସା ପଇସି କାରବାର, ଭୋଗ ଦିଆନିଆ ରହିବା କଥା କି ? ନାସ୍ତିକମାନେ ସମାଲୋଚନା କରନ୍ତି ଯେ ଈଶ୍ୱର ବୋଲି ଗୋଟିଏ ଜିନିଷ ନାହିଁ, ଯଦି ଈଶ୍ୱରଙ୍କ ସ୍ଥିତି ଦେଖାଇ ହେବ ସେ କିପରି ଈଶ୍ୱର ହେବେ? ସେ ତ ମଣିଷର ଦୃଷ୍ଟି ପରିସରରେ ଥିବା ବସ୍ତୁମାନଙ୍କ ଭିତରୁ ଗୋଟିଏ ହୋଇଯିବେ; ସର୍ବବ୍ୟାପୀ ହୋଇପାରିବେ ନାହିଁ । ଯଦି ଈଶ୍ୱର ଏକ ବସ୍ତୁ ହୋଇଥାନ୍ତେ ତାହାକୁ ଆଖିରେ ବା ଅତି ଶକ୍ତିଶାଳୀ ଦୂରବୀକ୍ଷଣରେ ବା ଅଣୁବୀକ୍ଷଣରେ ଦେଖି ହୁଅନ୍ତା । ଈଶ୍ୱର ଯଦି ଅଛନ୍ତି ଓ ଏ ଦୁନିଆ ତାଙ୍କ ଭିତରେ ଅଛି, ତେବେ ତ ତାଙ୍କୁ ଦେଖି ପାରିବା ସମ୍ଭବ ନୁହେଁ । ଯେଉଁଟା ସବୁକୁ ଧରି ରଖିଛି ତାକୁ ପ୍ରତ୍ୟେକ କିପରି ଦେଖି ପାରିବେ ?

ବହୁତ ଜିନଷ ଅଜଣା ଅଛି ବୋଲି କହିଦେଲେ କଣ ଆମେ ଧର୍ମଗୁରୁ ହୋଇଯିବା ନା ଦେବୋପମ ହୋଇଯିବା ? ତାହାହେଲେ ତ ସେକ୍ସପିଅର ବେଶି ଦେବୋପମ, କାରଣ ସେ ହ୍ୟାମ୍‌ଲେଟ୍ ମୁହଁରେ କହିଛନ୍ତି, "ନିଜର ଜୀବନାଦର୍ଶକୁ (ଫିଲୋସଫି) ଘେନି ତୁମେ ଯେତେ କଳ୍ପନା କରିପାରିବ ସ୍ୱର୍ଗ ଓ ମର୍ତ୍ତ୍ୟରେ ତାହାଠାରୁ ବେଶି ଜିନିଷ ରହିଛି ।" 'There are more things in heaven and earth than are dreamt of in your philosophy.' "ବ୍ରହ୍ମାଣ୍ଡ ମାଳ ମାଳ ହୋଇ ଯା ଲୋମ କୂପେ ବିରାଜଇ", କହିଥିବା କବି ଜଗନ୍ନାଥ ଦାସ ତ ଜଗନ୍ନାଥଙ୍କଠାରୁ ବେଶି ଦେବୋପମ ।

ଈଶ୍ୱର କ'ଣ ଚାହାଁନ୍ତି ବିଶ୍ୱାସର ବିବିଧତା ନ ରହୁ? ପ୍ରତି ଧର୍ମପ୍ରବର୍ତ୍ତକ କହେ ଯେ ତାହାର ପ୍ରଚାରିତ ଧର୍ମ ହିଁ ଈଶ୍ୱର ଚାହାଁନ୍ତି, ଅନ୍ୟ ପ୍ରବର୍ତ୍ତକର ଧର୍ମ ଚାହାଁନ୍ତ ନାହିଁ । ଅଥଚ ପ୍ରତି ଧର୍ମ ଭିତରେ ବି ବହୁତ ଉପଧର୍ମ ବା ସେକ୍ଟ ଉଧେଇଛି ଓ ଉଧୋଉଛି । କେବଳ ଖୀରଷ୍ଟାନମାନଙ୍କ ଭିତରେ ପ୍ରାୟ ୩୭,୦୦୦ ଭିନ୍ନ ଭିନ୍ନ ଗୋଷ୍ଠୀ (ଡିନୋମିନେସନ୍) ଅଛି, ସମସ୍ତେ ନାଜାରେଥ୍‌ର ଜେସସ୍‌ଙ୍କ ଅନୁଗତ । ଗତ ଶତାବ୍ଦୀରେ ବହୁତ ପରିବର୍ତ୍ତନ ହୋଇଛି, ସ୍ୱାଧୀନମନା ମାନଙ୍କ ସଂଖ୍ୟା ବଢିଛି, ସ୍ୱାଧୀନ ଗୋଷ୍ଠୀମାନଙ୍କ ସଂଖ୍ୟା ଜୋର୍‌ରେ ବଢୁଛି । କେତେକ ପୁରୁଣା ନାମକରା ଗୋଷ୍ଠୀ ଜନପ୍ରିୟତା ହରାଉଛନ୍ତି । ପିୟୁ ରିସର୍ଚ୍ଚ ସେଣ୍ଟର କରିଥିବା

ସର୍ଭେରୁ ଜଣାପଡିଛି (ୟୁଏସ୍ଏ ଟୁଡେ ପ୍ରକାଶ କରିଛି) ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ଅଧାର୍ମିକଙ୍କ ସଂଖ୍ୟା ବଢୁଛି ; ପ୍ରଟେଷ୍ଟାଣ୍ଟ୍‌ଙ୍କ ସଂଖ୍ୟା ଆସ୍ତେ ଆସ୍ତେ ହ୍ରାସ ପାଉଛି; ଇଭାଞ୍ଜେଲିକାଲ୍‌ଙ୍କ ପ୍ରାଧାନ୍ୟ ବଢୁଛି, ନିର୍ବାଚନରେ ସେମାନେ ବେଶ୍ ଭାଗ ନେଉଛନ୍ତି, କିଏ ଜିତିବ ତାହା ପ୍ରାୟ ଠିକ୍ କରୁଛନ୍ତି, ଆମେରିକାର ନୈତିକତା ତିଆରି କରୁଛନ୍ତି, ସେମାନେ ପାଶ୍ଚାତ୍ୟ ସ୍କୁଲମାନଙ୍କରେ ଈଶ୍ୱରଙ୍କ ସୃଷ୍ଟିତତ୍ତ୍ୱ (ଗ୍ରାଣ୍ଡ ଡିଜାଇନ୍) ପଢା ହେବ କି ବିବର୍ତ୍ତନ ପଢା ହେବ ତାହା ଉପରେ ଲଢେଇ କରୁଛନ୍ତି, ଇଭାଞ୍ଜେଲିକାଲ୍ ସ୍କୁଲ ବସାଇ ସେମାନେ ଖିରସ୍ତାନୀ ଓକିଲ (ଖ୍ରୀଷ୍ଟିଆନ ଲୟର୍) ତିଆରି କରୁଛନ୍ତି । ଇଭାଞ୍ଜେଲିକାଲ୍‌ଙ୍କ ବିଶ୍ୱାସ ବିରୁଦ୍ଧରେ କେହି କହିଲେ ତାହା ବିରୁଦ୍ଧରେ ଲଢେଇ କରୁଛନ୍ତି । ଖ୍ରୀଷ୍ଟିଆନ୍ ସଂସାର ପୃଥିବୀର ବାକି ସଂସାରକୁ ଧାର୍ମିକ କରିବାରେ (ଇଭାଞ୍ଜେଲାଇଜ୍) ଲାଗିଛି, ଶାନ୍ତି ଧାରାରେ ହେଉ କି ଅନ୍ୟ ଉପାୟରେ । ଅଣଖ୍ରୀଷ୍ଟିଆନ୍ ଅଞ୍ଚଳରେ କୋଟି କୋଟି ବାଇବେଲ ବଣ୍ଟା ଯାଉଛି । ଯେଉଁଠି ଆଧୁନିକ ସଭ୍ୟତାର ଚିହ୍ନବର୍ଣ୍ଣ ନାହିଁ ସେଠି ଚର୍ଚ୍ଚ ଅଛି । ଆଜିର ଖ୍ରୀଷ୍ଟ-ଧର୍ମ ସମସ୍ତଙ୍କୁ କିଛି ନା କିଛି ଯୋଗାଉଛି । ଗଠନ, ଆୟତନ, ଗନ୍ଧ, ଓ ରଙ୍ଗ - ପ୍ରତ୍ୟେକ ଢଙ୍ଗର ଧର୍ମ ଆଜିର ଖ୍ରୀଷ୍ଟିଆନିଟି ଯୋଗାଉଛି । କାଥୋଲିକ୍, ଆଂଗ୍ଲିକାନ୍, ପେଣ୍ଟେକୋଷ୍ଟାଲ୍‌ସ, ପ୍ରେସ୍‌ବାଇଟେରିଆନ୍, ଏବଂ ପ୍ରତ୍ୟେକ ଢଙ୍ଗର ସ୍ୱାଧୀନ ମତବାଦୀ । କେତେକ ଚର୍ଚ୍ଚ ପ୍ରବଚନ ଦେଉଛି କିପରି ଧନୀ ହେବ, ଏ ହେଉଛି ପ୍ରସ୍ପେରିଟି ଗସ୍ପେଲ୍ । ପୁଣି ଟେଲିଏଭାଞ୍ଜେଲିଷ୍ଟ ମାନେ ଘରେ ବସି ରହିଥିବା ଭକ୍ତମାନଙ୍କୁ ପ୍ରବଚନ ଦେଉଛନ୍ତି । ଭାଗୀଦାର ଧର୍ମ (participatory theology) ଧାରଣା ବେଶ୍ ଲୋକପ୍ରିୟ ହେଉଛି, ଯୁବ ପିଢିର ଲୋକେ ନିଜେ ନିଜର ମନମାଫି ଖ୍ରୀଷ୍ଟିଆନିଟି ଆପଣେଇ ପାରିବେ । ପାରମ୍ପରିକ ଖ୍ରୀଷ୍ଟିନିଟିର କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ (do's and don'ts) ଚାହୁଁନଥିବା ଅଥଚ ନିଜକୁ ଶୁଣେଇବାକୁ ଉତ୍ସୁକ ଅନେକଙ୍କୁ ଏହା ଭଲ ଲାଗୁଛି । ଗୋଟିଏ ମାତ୍ର ଧର୍ମ - ଧାରା ଆମେରିକା ଚାହେଁ ନାହିଁ । ଆମେ ଚାହୁଁ ଆମ ରାଷ୍ଟ୍ରର ବିଶ୍ୱାସ-ମିଳନ (symphony of faith) ବୋଲି ଗତ ରାଷ୍ଟ୍ରପତି ନିର୍ବାଚନର ଅସଫଳ ପ୍ରାର୍ଥୀ ମିଟ୍ ରମ୍‌ନି କହିଥିଲେ । ସେ ଆହୁରି କହିଥିଲେ, ପ୍ରତି ଧର୍ମବିଶ୍ୱାସରେ କିଛି ନା କିଛି ଗୁଣ ଅଛି ତାହା ମୋର ନିଜର ହୁଅନ୍ତା କି ବୋଲି ମୁଁ ଚାହେଁ: କାଥୋଲିକ୍ ସମାବେଶର ଗମ୍ଭୀର ଉତ୍ସବ, ଏଭାଞ୍ଜେଲିଷ୍ଟମାନଙ୍କ ପ୍ରାର୍ଥନାରେ ଈଶ୍ୱରଙ୍କୁ ପାଖରେ ପାଇବାର ଅନୁଭବ, ପେଣ୍ଟେକୋଷ୍ଟାଲ୍ ମାନଙ୍କ ଅନୁଭୂତିରେ କୋମଳତା (tenderness of spirit), ଆଉ ଲୁଥେରାନ୍ ମାନଙ୍କ ଦୃଢ ସ୍ୱାଧୀନତା । ପ୍ରତି ଗୋଷ୍ଠୀ ତାର ନିଜର ବିଶ୍ୱାସ ଓ ରୀତିନୀତି ରଖିଛି, କେହି କାହାର ମତ ସହ ମିଶେ ନାହିଁ । ପ୍ରତି ଖ୍ରୀଷ୍ଟିଆନ୍

ବିଶ୍ୱାସ କରେ ଯେ ଜେସସ୍ କ୍ରାଏଷ୍ଟ ଇଶ୍ୱରଙ୍କ ପୁତ୍ର, ଏବଂ ସେ ଖ୍ରୀଷ୍ଟିଆନିଟିର ପ୍ରତିଷ୍ଠାତା । ସେ ଯଦି ଆଜି ଫେରନ୍ତି ୩୭,୦୦୦ ଭିନ୍ନ ଭିନ୍ନ ଖ୍ରୀଷ୍ଟାନ ଗୋଷ୍ଠୀ ଦେଖି ଖୁସି ହେବେ କି ? ଆଗ୍ନୋଷ୍ଟିକ୍ (ଅଜ୍ଞେୟବାଦୀ) ତ ଭୌତିକ ବିଷୟ ବ୍ୟତୀତ ଇଶ୍ୱର ବା ପରଲୋକ ସମ୍ବନ୍ଧରେ ମନୁଷ୍ୟର ଜ୍ଞାନଶକ୍ତି ସୀମିତ ବିଶ୍ୱାସ କରୁଥିବା ବ୍ୟକ୍ତି ।


ଉଦାର ଶାସନରେ ପ୍ରତି ନାଗରିକଙ୍କୁ ସୁବିଧା ଦିଆଯାଏ - କିପରି ଭଲରେ ଚଳିବ ତାହା ସେ ଠିକ୍ କରିବ । ରାଷ୍ଟ୍ର କୌଣସି ମତ ବା ବାଦ ସପକ୍ଷରେ କହେ ନାହିଁ ବା ବିରୁଦ୍ଧରେ ଯାଏ ନାହିଁ; ସୁତରାଂ କୌଣସି ଧର୍ମ ପ୍ରସାର କରେ ନାହିଁ ବା କୌଣସି ଧର୍ମ ନାଗରିକମାନେ ଗ୍ରହଣ କରନ୍ତୁ ବୋଲି ବାଧ୍ୟ କରେ ନାହିଁ । ଏ ହେଉଛି ଲଜିକ୍ ଅଫ୍ ଲିବରେଲାରିଜମ୍ । ଧର୍ମ କ୍ୱାରାଣ୍ଟାଇନ୍ ହୋଇ ରହେ । ସବୁ ମତ ସବୁ ଧର୍ମ ଉଧେଇଥାଉ, ପରସ୍ପର ଭିତରେ କଳହ ନ ଲାଗୁ, ଏହା ହୁଏ ରାଷ୍ଟ୍ରର ଧର୍ମ । ସବୁ ଧର୍ମ ସହିବା ଅର୍ଥ ସମାଜରେ ଧର୍ମର ଭୂମିକାକୁ ନ୍ୟୂନ କରିବା । ସାମାଜିକ ସହମତି ଆଣିବାର ଦଉଡି ରୂପେ କାମ କରୁଥିବା ଧର୍ମକୁ ଦୂରେଇ ଦେବା ଫଳରେ ଗଣତନ୍ତ୍ର ପାଇଁ ନିରାପଦ ହୋଇ ରହେ ଧର୍ମ । ଲୋକଙ୍କ ଜୀବନର ପ୍ରତି ମୁହୂର୍ତ୍ତ ଓ ପ୍ରତି କାମ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ଧର୍ମ, ମୂଳ ବିଶ୍ୱାସ ଜାହିର କରିବାର ଉଦ୍ଦେଶ୍ୟ ରଖି ନାଗରିକର ଜୀବନକୁ ଓ ସମାଜର ଆଚରଣ ବିଧି ତିଆରି କରିବାକୁ ଚାହୁଁଥିବା ଧର୍ମ ଉଦାରବାଦ (ଲିବେରାଲିଜିମ୍) ଚାହେଁ ନାହିଁ ;ଏ ପ୍ରକାରର ଧର୍ମ ଏକଛତ୍ରବାଦୀ ଶାସନର ମୂଳଦୁଆ ପକାଏ । ଧର୍ମ-ଅନୁଗତ ଓ ଧର୍ମ-ନିରପେକ୍ଷ ମଧ୍ୟରେ ବ୍ୟବଧାନ ମାନୁ ନଥିବା ଧର୍ମ ଗୁଡିକ ପ୍ରତି ଆଖି ବୁଜିଦେବା, ଉଦାରବାଦର ତ୍ରୁଟି ନୁହେଁ, ଉଦାରବାଦର ସଂଜ୍ଞା । ୧୬୪୪ରେ ଜନ୍ ମିଲ୍ଟନ୍ ଅବାଧ ବାକ୍ ସ୍ୱାଧୀନତା ଓ ସେନ୍ସର୍‌ବିନା ପ୍ରକାଶ ସପକ୍ଷରେ ପ୍ରବନ୍ଧ ଏରିଓପାଜିଟିକା (Areopagitica) ଲେଖିଥିଲେ । ଜେ· ଏସ୍· ମିଲ୍ ଙ୍କ ଅନ୍ ଲିବର୍ଟି (On Liberty) ମିଶି ଏ ଦୁଇଟି ପ୍ରବନ୍ଧ ଆଧୁନିକ ଉଦାରବାଦର ଭିତ୍ତି - ଦଲିଲ । ୩୫୦ ବର୍ଷ ପରେ ଜନ୍ ରଅଲ୍ସ (John Rawls) ତାଙ୍କ ପଲିଟିକାଲ୍ ଲିବରେଲାଜିମ୍ (Political Liberalism) ଲେଖିଲେ । ପଦାଧିକାରୀ ଭାବେ ରାଷ୍ଟ୍ରପତି, ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଶପଥ ନେଲା ବେଳେ ଧର୍ମ ବା ନିଜ ବିଶ୍ୱାସ ଉପରେ ଆସ୍ଥା ପ୍ରକଟ କରିଥାନ୍ତି । ଧର୍ମନିରପେକ୍ଷତାର ଆହ୍ୱାନଦେଉଥିବା ପଦାଧିକାରୀମାନେ ଏ ପ୍ରକାରର ଆସ୍ଥା ପ୍ରକାଶ କରିବାକୁ ଆମେ ଏକ ପରିହାସ କହିବା କି ?

ଗଣତନ୍ତ୍ର କେତେକଙ୍କ ପାଇଁ ଏକ ଧର୍ମ - ସବୁବେଳେ ଓ ସବୁ ସ୍ଥଳରେ ଲାଗୁ ହେବ

- ଗୋଟିଏ ଲୋକକୁ ଗୋଟିଏ ଭୋଟ, ସଂଖ୍ୟାଗରିଷ୍ଠର ଶାସନ, ବାକ୍ ସ୍ୱାଧୀନତା, ଅଧିକାର ସାବ୍ୟସ୍ତ କରିବା ଲାଗି ଦରଖାସ୍ତ କରିବାର ଅଧିକାର, ବ୍ୟକ୍ତି ଓ ତାର ମତ ପ୍ରତି ସମ୍ମାନ - ଏଭଳି କେତେକ ବିଶ୍ୱାସ ଏ ଗଣତନ୍ତ୍ର-ଧର୍ମର ମୂଳ । ଈଶ୍ୱରଙ୍କ ନିୟମ ସବୁ ମାନିବା ଯେପରି ଏକ ବିଶ୍ୱାସ, ଗଣତନ୍ତ୍ରର ନିୟମ ସବୁ ମାନିବା ସେପରି ଏକ ବିଶ୍ୱାସ ।

ଆମେରିକା ଏକ ଗଣତନ୍ତ୍ର । ସେଠାକାର ସ୍କୁଲ ଓ ୟୁନିଭର୍ସିଟି ଏହି ଗଣତନ୍ତ୍ର ଭିତରେ ଅବସ୍ଥିତ, ତେଣୁ ସ୍କୁଲ ଓ ୟୁନିଭର୍ସିଟି ମାନ ଗଣତାନ୍ତ୍ରିକ ନିୟମରେ ଶୃଙ୍ଖଳିତ ଓ ଶାସିତ ହେବା ଉଚିତ । କିନ୍ତୁ ଆମେ ଭୁଲି ଯାଉ ଯେ ଗଣତନ୍ତ୍ର ରାଜନୈତିକ ସଂଗଠନର ଏକ ବ୍ୟବସ୍ଥା, ଦୈନନ୍ଦିନ ଜୀବନର ପ୍ରତ୍ୟେକ ଅଙ୍ଗ ପାଇଁ ଆଦର୍ଶ ନୁହଁ । କିଏ ଶାସନ କରୁଛି, ପ୍ରଶାସନର କଳ (ମେକାନିଜମ୍) କିପରି ପ୍ରତିଷ୍ଠା ହେବ, କେଉଁ ଉପାୟରେ ତାର ପରିବର୍ତ୍ତନ ହେବ, ସରକାରୀ କଳର ଅପବ୍ୟବହାର ରୋକିବାର ଜାଗରୁକତା (ସେଫ୍‌ଗାର୍ଡସ୍) କଣ - ରାଜନୀତିକ ତତ୍ତ୍ୱ (ପଲିଟିକାଲ୍ ଥିଓରୀ)ରେ ପାରମ୍ପରିକ ପ୍ରଶ୍ନଗୁଡିକର ଏଭଳି ଉତ୍ତରର ସେଟ୍ ଗଣତନ୍ତ୍ର ଦିଏ । ତେଣୁ ଗଣତନ୍ତ୍ର କେତେକଙ୍କ ପାଇଁ ଏକ ଧର୍ମ ।

****



ଲାହୋରର ଏକ ମହରମ ଶୋଭାଯାତ୍ରାରେ ଜଣେ ସିଆଧର୍ମୀ ବାଳକ ଛୁରି ବନ୍ଧା ଦଉଡ଼ିରେ ନିଜକୁ ଚାବୁକ ମାରି ନିଜକୁ କ୍ଷତବିକ୍ଷତ କରୁଛିନିଜକୁ କ୍ଷତାକ୍ତ କରୁଛି

# ଭଗବାନ ଧାରଣା ଓ ପୁରୋହିତ ବ୍ୟବସ୍ଥା

ଧର୍ମର ଜନ୍ମ ଅଧ୍ୟାୟରେ କହିଥିବା କଥା ଆଉଥରେ ଦୋହରାଇବା । ଲକ୍ଷାଧିକ ବର୍ଷ ତଳେ ବଣ ଜଙ୍ଗଲରେ ଫଳମୂଳ ଆହରଣ କରୁଥିବା ବେଳେ ବା ଶିକାର ଚେଷ୍ଟାରେ ମଣିଷ ବିଫଳ ହୋଇଥିବ । ପାଖଆଖରେ ଘଟୁଥିବା ଘଟଣା ତାକୁ ବିପଦରେ ପକାଇଥିବ । ପ୍ରକୃତିର ବିଭିନ୍ନ ଘଟଣା କିପରି ଘଟୁଛି, କିଏ ଘଟାଉଛି, ଆମେ କେଉଁଠୁ ଆସିଛୁ, କିଏ ଆମକୁ ତିଆରି କରିଛି, ସବୁବେଳେ ଭଲ ବେଳ ଆସୁନାହିଁ କାହିଁକି, ସବୁ ଚେଷ୍ଟା ସତ୍ତ୍ୱେ ଖରାପ ବେଳ କାହିଁକି ଆସୁଛି, ଏମିତି କେତେ ପ୍ରଶ୍ନ ମଣିଷକୁ ବିବ୍ରତ କରିଥିବ । ଆଲୋକ ପରେ ଅନ୍ଧାର ଆସିଲେ ସେ କେତେ ଡରିଥିବ, ହିଂସ୍ର ଜନ୍ତୁର ଡର ସାଙ୍ଗକୁ ଝଡ ଝଞ୍ଜା, ଭୂକମ୍ପ, ବନ୍ୟା, ତାକୁ ଡରାଇଥିବ । ଏ ସବୁର କାରଣ ସେ ଖୋଜିଥିବ । ଫଳମୂଳ ଆହରଣ ସ୍ତରରୁ ଚାଷ ବାସ ସ୍ତରକୁ ଆସିଲା ପରେ ମଣିଷ ବର୍ଷା ଖରା, ବନ୍ୟା ମରୁଡି ଆଦିର ପ୍ରଭାବରେ ଅଭିଭୂତ ହୋଇ ପଡିଥିବ । ସୂର୍ଯ୍ୟର ଆତଯାତ କିପରି ଶୀତ ଗ୍ରୀଷ୍ମ ଭଳି ଋତୁ ତିଆରି କରୁଛି, ପାଣିପାଗ କିପରି ବଦଳୁଛି, ସେ ବିଷୟରେ ଆଶ୍ଚର୍ଯ୍ୟ ହୋଇଥିବ, ଅନୁଧ୍ୟାନ କରିଥିବ । ଯେଉଁଠି ସେ କାର୍ଯ୍ୟ କାରଣ ସମ୍ପର୍କ ବୁଝି ପାରିନଥିବ, ମନେ ମନେ ଏକ ଅଲୌକିକ ଶକ୍ତିର ଧାରଣା ଆଣିଥିବ । କାର୍ଯ୍ୟ କାରଣ ସମ୍ପର୍କ ବୁଝିବାର ଚେଷ୍ଟାରୁ ଧର୍ମ ଜନ୍ମ ନେଲା । ସବୁ ଘଟଣା ପଛରେ କେହି ନା କେହି ଲୁଚି ରହିଛି, କାହାର ଅଲକ୍ଷ୍ୟ ହାତ ରହିଛି, ସେ ହିଁ ସ୍ରଷ୍ଟା, ସେ ହିଁ ଭଗବାନ । ମଣିଷ ତାର ଛବିରେ ଭଗବାନ ତିଆରି କଲା । ଭଗବାନଙ୍କ ମିଜାଜ ବା ମୁଡ୍ ବୁଝିବାକୁ ଚେଷ୍ଟା କଲା । ଭଲ ସମୟ ମାନେ ଭଗବାନ ଖୁସି । ଭଗବାନ ରାଗି ଗଲେ ଖରାପ କାଳ ପଡେ । ଆରମ୍ଭ ହେଲା ଭଗବାନକୁ ଖୁସି କରିବାର ଉପାୟ – ପ୍ରାର୍ଥନା, ତୋଷାମୋଦ, ଭୋଗ, ଲାଞ୍ଚ ।

ଫଳ ମୂଳ ଗୋଟେଇବା ଓ ଶିକାର କରିବା ସ୍ତରରୁ କୃଷି ଜୀବନକୁ ମଣିଷ ଆସିଗଲା ତ ଯାଯାବର ଜୀବନରୁ ବାସିନ୍ଦା ଜୀବନ ଆସିଗଲା । ବହୁ ସଂଖ୍ୟା ଭିତରେ ଭୟ ଓ ଆଶଙ୍କା କମ୍ ବୋଲି ମଣିଷ ଚାଷ ଜମି ପାଖରେ ସାହି ବା ଗାଁ ବସାଇଲା । ଯାଯାବର ମଣିଷ ପ୍ରକୃତିର ଶକ୍ତି ଆଗରେ ମୁଣ୍ଡ ନୁଆଁଉ ଥିଲା, କିନ୍ତୁ ପ୍ରକୃତିର ବିଭିନ୍ନ ଶକ୍ତିକୁ ଦେବ ଦେବୀ ଭାବେ ଯେଉଁ ଧାରଣା ଥିଲା ତାହା ମୂର୍ତ୍ତିର ରୂପ ନେଇ ନଥିଲା । ଦୈବୀ ଶକ୍ତିର ପୂଜା ସାର୍ବଜନୀନ ଥିଲା । କୃଷି ଜୀବନ ଯେଭଳି ସ୍ଥାନ ସହିତ ମଣିଷକୁ ବାନ୍ଧି ରଖିଲା, ଦୈବୀ ବା ପ୍ରାକୃତିକ ଶକ୍ତି ଗୁଡିକର ଧାରଣା ସେହିଭଳି ସ୍ଥାନୀୟ ହୋଇଗଲା; ପୂଜ୍ୟ ଶକ୍ତିକୁ ପାଖରେ ରଖିବାର ଧାରଣା ମୂର୍ତ୍ତିର ରୂପ ନେଲା ଏବଂ ତାକୁ ଏକ ଘେର ଭିତରେ ରଖାଗଲା । ପରେ ଘେରଟି ମନ୍ଦିରର ରୂପ ନେଲା । 'ଅଦୃଶ୍ୟ'ରୁ 'ସ୍ଥାପିତ' ହୋଇଗଲା ପରେ ଦୈବୀ ଶକ୍ତିର ପୂଜା ଅର୍ଚ୍ଚନା, ଦେଖା ରଖା,

ଲାଗି ଯାହାକୁ ନିୟୋଜିତ କରାଗଲା ସେ ବଂଶାନୁକ୍ରମେ ସେହି କାମ କଲା । ତିଆରି ହେଲା ପୁରୋହିତ ଶ୍ରେଣୀ । ବିଭିନ୍ନ ଜନପଦରେ ପୂଜ୍ୟ ଶକ୍ତିର ସ୍ଥାପନା ଭିନ୍ନ ଭିନ୍ନ ରୂପ ନେଲା; ପୂଜ୍ୟ ଶକ୍ତି ସ୍ଥାନୀୟ ବା ଆଞ୍ଚଳିକ ହୋଇଗଲା । ପରବର୍ତ୍ତୀ କାଳରେ ଜୀବିକାର୍ଜ୍ଜନକୁ ସହଜ



ଯୀଶୁଙ୍କ ଜନ୍ମର ୨୫୦୦ ବର୍ଷ ପୂର୍ବରୁ ମିଶରରେ ଆଇସିସ୍ ନାମକ ଦେବୀ (ଶିଶୁକୁ କୋଳରେ ଧରିଥିବା ଦେବୀ) ପୂଜା ପାଉଥିଲେ । କଥିତ ଅଛି ଖ୍ରୀଷ୍ଟ ଧର୍ମର ମା ମେରୀ ଏହି ଦେବୀଙ୍କ ଅନୁକରଣ ।



ଫିନିସୀୟ ଦେବୀ ଅଷ୍ଟାର୍ଟେ ଏକ ମାତୃସ୍ଥାନୀୟଦେବୀ । ତାଙ୍କ ମୁକୁଟରେ ଚନ୍ଦ୍ର ସୂଚକ ଶିଙ୍ଗ । ଏକ ପକ୍ଷୀ ରୂପେ ସିଂହାରୂଢ଼ା ।



ଯୁଦ୍ଧ ଓ ଜ୍ଞାନର ଗ୍ରୀକ୍ ଦେବୀ
ଆଥେନା



ଋଗ୍‌ବେଦରେ ଆକାଶ ପିତା
ବିପରୀତ ପୃଥିବୀ ମାତା

କରିବା ଲାଗି ବ୍ୟବସାୟ ବାଣିଜ୍ୟ ଚାଲୁ ହେଲା; ଆଗରୁ ବିଚ୍ଛିନ୍ନ ହୋଇ ରହିଥିବା ଜନପଦ ଗୁଡିକ ଭିତରେ ସମ୍ପର୍କ ବଢିଲା । ଉନ୍ନତର ସଂସ୍କୃତି ମଣିଷର ସଭ୍ୟତାର ସୂଚକ ହେଲା । ଏପରି ସୃଷ୍ଟି ହୋଇଥିବା ମିଶରୀୟ, ଫିନିସୀୟ, ଗ୍ରୀକ୍, ଭାରତୀୟ ଓ ଚୀନ ସଭ୍ୟତାରେ ପ୍ରତୀକ ବା ମୂର୍ତ୍ତି ପୂଜାର ପ୍ରାଧାନ୍ୟ ଥିଲା ।

ଯେଉଁମାନଙ୍କ ଜୀବିକାର୍ଜ୍ଜନ ସହଜ ହୋଇଗଲା ସେମାନଙ୍କ ଶରୀରର କ୍ଷୁଧା ସହଜରେ ମେଣ୍ଟିଗଲା, ସେମାନଙ୍କୁ ଦୁନିଆ ବିଷୟରେ ଚିନ୍ତା କରିବାକୁ ସମୟ ମିଳିଲା । ପ୍ରାଗୈତିହାସିକ କାଳରେ ଓ ଇତିହାସର ଆରମ୍ଭରେ ଅନ୍ୟ ସମସ୍ତ ପ୍ରକାରର ଚିନ୍ତାକୁ ଧର୍ମ ସମ୍ପର୍କୀୟ ଚିନ୍ତା ବୁଡାଇ ଦେଇଥିଲା । ଏତେ ବଡ ଦୁନିଆଟାକୁ, ଯାହା ଦିଶୁଛି ସେ ସବୁକୁ, ଜଣେ କିଏ ନିୟନ୍ତ୍ରଣ କରୁଥିବ – ଏହି ପ୍ରକାରର ଚିନ୍ତାରୁ ଅଦ୍ୱୈତବାଦ ବା ଏକ ଇଶ୍ୱର ଧାରଣା ସୃଷ୍ଟି ହେଲା । ବୈଜ୍ଞାନିକ ମାନେ ଆଜିକାଲି ଯେପରି ସୃଷ୍ଟିର ସମସ୍ତ ନିୟମକୁ ବୁଝାଇବାକୁ ଗୋଟିଏ ସୂତ୍ର, ଏକ ସମନ୍ୱିତ ତତ୍ତ୍ୱ, ୟୁନିଫାଏଡ୍ ଥିଓରି, କାଢିବାରେ ବ୍ୟସ୍ତ ଅଛନ୍ତି; ଧର୍ମ ସଂସ୍ଥାପକମାନେ ତଥା ଦାର୍ଶନିକ ମାନେ ସେହିପରି ଏକ ଅଦ୍ୱୈତ ସତ୍ତାର ଧାରଣା ଦେଇଛନ୍ତି । ଯଦି କେହି ଅନ୍ୟ ଦେବୀ ଶକ୍ତି ପୂଜା କରୁଥାଏ ସେ ଶକ୍ତିଟି ବା ଶକ୍ତିମାନେ ସେହି ଅଦ୍ୱୈତର ଅଂଶ ମାତ୍ର । ଫରକ ଏତିକି ଯେ ବୈଜ୍ଞାନିକମାନେ ଗୋଟିଏ ସାଧାରଣ ଭାଷାରେ କହୁଥିଲା ବେଳେ ଧର୍ମ ସଂସ୍ଥାପକମାନେ ସେମାନଙ୍କର ଆଞ୍ଚଳିକ ଭାଷାରେ କହିଛନ୍ତି ଓ କହୁଛନ୍ତି, ତେଣୁ ବିବାଦ ଛିଡା ହେଉଛି । ପ୍ରତି ଜନବସତି ବା ଜନପଦ ପାଇଁ ଅଦ୍ୱୈତବାଦ ଭିନ୍ନ ଚିନ୍ତାନାୟକଙ୍କ ପ୍ରଚାରରୁ ଓ ଭିନ୍ନ ଭାଷାରେ ଆସିଥିବାରୁ ସେମାନଙ୍କ ଅନୁଗତ ବା ଶିଷ୍ୟ ମାନେ ଜିଦ୍ ଧରିଲେ ଯେ ସେମାନଙ୍କ ଅଞ୍ଚଳର ଇଶ୍ୱର ହିଁ ପ୍ରକୃତ ଇଶ୍ୱର; ଅନ୍ୟ ଭାଷାର ଓ ଅଞ୍ଚଳର ଇଶ୍ୱର ଅଛନ୍ତି କହିବା ମାନେ ତାଙ୍କ ଇଶ୍ୱରଙ୍କ ଅବମାନନା, ଯାହାକୁ ସେମାନେ ସହିବେ ନାହିଁ । ଏକେଶ୍ୱର ବାଦ ଭିତରେ ମୂର୍ତ୍ତିର ଅବତାରଣା ରହିଲା ନାହିଁ । ଏହିଥିରୁ ଆରମ୍ଭ ହୋଇଥିଲା ଯୁଦ୍ଧ, ଖିରସ୍ଥାନମାନେ କହିଲେ କ୍ରୁଜେଡ୍ ଏବଂ ମୁସଲମାନମାନେ କହିଲେ ଜିହାଦ୍ ।

****

# ଭଗବାନଙ୍କ ମିଜାଜ୍ ମଣିଷ ତିଆରି କରେ

ଧର୍ମର ଧାରଣା ଆଣି ମଣିଷ ଭଗବାନ ତିଆରି କଲା ପରେ ଭଗବାନଙ୍କ ମିଜାଜ୍ ବା ମୁଡ୍ ବି ତିଆରି କଲା । ଭଗବାନଙ୍କ ସାମର୍ଥ୍ୟ ବର୍ଣ୍ଣନାରେ ଅକ୍ଷମ ହୋଇ ଭଗବାନଙ୍କୁ ଯାଦୁକର ବା ମାଜିସିଆନ୍ କରିଦେଲା । ସେ ବିଷୟ ପରେ ଆଲୋଚନା କରିବା - ଏବେ ମିଜାଜ କଥା ଦେଖିବା ଆସନ୍ତୁ । ଭଗବାନ ନିମିତ୍ତମାତ୍ରଃ କରି କରାଉ ଥାଏ ମଣିଷ । ଇତିହାସରେ, ପ୍ରତି ଧର୍ମଗ୍ରନ୍ଥରେ, ଏହାର ଉଦାହରଣ ମିଳେ । ଗୋଟିଏ ଧର୍ମଗ୍ରନ୍ଥରେ ଏକ ଜାଗାରେ ଏକେଶ୍ୱରବାଦ ସମର୍ଥନ କାରୀ ଲେଖା ତ ଆଉ ଏକ ଜାଗାରେ ବହୁଦେବ-ଦେବୀ ବିଶ୍ୱାସ ସମର୍ଥନକାରୀ ଲେଖା । ଅଦ୍ୱୈତବାଦ ଅର୍ଥାତ୍ ଏକେଶ୍ୱରବାଦରେ ଈଶ୍ୱର-ଶକ୍ତି ଅସହିଷ୍ଣୁ ଏକାଧିକ-ଈଶ୍ୱର-ବାଦରେ ଈଶ୍ୱର ସହିଷ୍ଣୁ, ଅନ୍ୟ ଦେବ ଦେବୀ ତିଷ୍ଠି ପାରନ୍ତି । ଅନ୍ୟ ଧର୍ମର ଭଗବାନ ବି ତିଷ୍ଠି ପାରନ୍ତି । ଅନୁଗତଙ୍କ ସଂଖ୍ୟା ବଢାଇବା ଲାଗି, ତାହାର ମତ ପ୍ରଚାର ଲାଗି, ଧର୍ମସଂସ୍ଥାପକ ଏକ ଅନୁକୂଳ ପରିସ୍ଥିତି ଚାହେଁ; ସେ ଉପସ୍ଥିତ ଶାସନ ବ୍ୟବସ୍ଥାର ସାହାଯ୍ୟ ଲୋଡେ । ପ୍ରଚଳିତ ରୀତି ନୀତିର ଆମୂଳଚୂଳ ପରିବର୍ତ୍ତନ ନ କରି ତାହା ସହିତ ଅବସ୍ଥାନ କରେ, ନୂଆ ଧର୍ମର ଭଗବାନ ଏକମାତ୍ର ଭଗବାନ ହୋଇ ରହିଲେ ବି ଅନ୍ୟ ଧର୍ମର ଭଗବାନ ବା ଦେବ ଦେବୀ ତିଷ୍ଠି ପାରନ୍ତି; ସେ ଭଳି ବିଶ୍ୱାସର ଲୋକଙ୍କୁ ତଡିଦିଅ ବା ନିପାତ କର ବୋଲି ସେ କହନ୍ତି ନାହିଁ । ହିଂସ୍ର ଈଶ୍ୱର ସହିଷ୍ଣୁ ଈଶ୍ୱର ହୋଇପାରନ୍ତି ।

ଗୀତାରେ ସମସ୍ତଙ୍କ ବୀଜ-ପ୍ରଦ ପିତା ବା ଅଦ୍ୱୈତଙ୍କ କଥା କୁହାହୋଇଥିଲେ ବି ଅନ୍ୟ ଦେବ ଦେବୀଙ୍କୁ ପୂଜାକଲେ ମଧ୍ୟ ଅଦ୍ୱୈତ ମିଳିବେ ବୋଲି କୁହାଯାଇଛି । ତେଣୁ ଏକ ଈଶ୍ୱରରେ ବିଶ୍ୱାସ କରୁଥିବା ଲୋକଙ୍କ ସହିତ ବହୁ ଈଶ୍ୱରରେ ବିଶ୍ୱାସ କରୁଥିବା ଲୋକେ ଚଳି ପାରିବେ । ଖ୍ରିଷ୍ଟାନ ମାନଙ୍କ ବାଇବେଲରେ ତ ଏପରି ବିବର୍ତ୍ତନର ଉଦାହରଣ ଲିଖିତ ରହିଛି । ଭଗବାନଙ୍କୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମନ ବା ମୁଡ୍ ଦିଆଯାଇଛି । ଡିୟୁଟରୋନମି ପୁସ୍ତକ (Book of Deuteronomy) ରେ ଖୋଲଖୋଲ ନିର୍ଦ୍ଦେଶ ଅଛି ଯେ ଯେଉଁମାନେ ଇଜ୍ରାଏଲୀ ଭଗବାନ, ୟାହୱେ, ଙ୍କୁ ପୂଜା କରନ୍ତି ନାହିଁ ସେମାନଙ୍କୁ ହତ୍ୟା କର । ପ୍ରାଚୀନ ଇଜ୍ରାଏଲୀମାନେ ହିଟାଇଟ୍, ଆମୋରାଇଟ୍, କନାନାଇଟ୍, ପେରିଜାଇଟ୍, ହାଇବାଇଟ୍ ଓ ଜେବୁସାଇଟ୍, ମାନଙ୍କୁ ନିହତ କଲେ ଧର୍ମ ହେବ ବୋଲି ଭାବୁଥିଲେ । ଉଦ୍ଦେଶ୍ୟ ପାଖଆଖର ଲୋକଙ୍କ ମ୍ଳେଚ୍ଛ ('abhorrent') ଧର୍ମ ଯେପରି ଇଜ୍ରାଏଲାଇଟ୍‌ମାନଙ୍କ ସଂସର୍ଗରେ

ନଥାଏ, ସେମାନେ ଯେପରି ଇଜ୍ରାଏଲାଇଟମାନଙ୍କୁ ଖରାପ କରି ଗଢ଼ିଅଛନ୍ତି । ତଥାପି ବେଳେ ବେଳେ ଇଜ୍ରାଏଲାଇଟ୍‌ମାନେ ଅଲଗା ଠାକୁରଙ୍କୁ ପୂଜା କରୁଥିବା ପଡୋଶୀଙ୍କ ସହ ମିଳିମିଶି ଚଳୁଥିଲେ । ତେଣୁ 'ବୁକ୍ ଅଫ୍ ଜଜେସ୍'ରେ ଇଜ୍ରାଏଲାଇଟ୍ ସେନାପତି ଓମୋନାଇଟ୍‌ମାନଙ୍କ ସହ ସହାବସ୍ଥାନ ପ୍ରସ୍ତାବ ଦିଅନ୍ତି- 'ତୁମ୍ଭେମାନେ ତୁମ ଠାକୁର କେମୋସ୍ ଯାହା କିଛି ଦେଇଛନ୍ତି ସେତକ ଧରି ରୁହ, ଆମ ଠାକୁର ୟାହୱେହ୍ ଯାହା କିଡିଆଣି ଦେଇଛନ୍ତି ତାହା ଆମେ ଭୋଗ କରିବୁ ।' 'ମୋ ଠାରେ ତୁମେ ସମର୍ପିତ ହୁଅ, ଆଉ କେହି ଦ୍ୱିତୀୟ ଭଗବାନ ନାହାନ୍ତି' କହୁଥିବା (ଅଦ୍ୱୈତ) କୃଷ୍ଣ ବି ଗୀତାରେ କହିଛନ୍ତି 'ଯିଏ ମୋତେ ଯେଉଁ ରୂପରେ ପ୍ରାର୍ଥନା କରିବ (ବହୁ ଇଶ୍ୱର ବିଶ୍ୱାସୀଙ୍କୁ) ମୁଁ ଗ୍ରହଣ କରିବି ।' ବାଇବେଲ୍ ଓ କୋରାନରେ ବି ଏହି ଭଳି ଭଗବାନଙ୍କ ପରିବର୍ତ୍ତନଶୀଳ ମାନସିକତା ପ୍ରତିଫଳିତ ହୋଇଛି । ଅନ୍ୟ ଧର୍ମ ପ୍ରତି ଶତ୍ରୁତା ଓ ସବୁ ଧର୍ମ ପ୍ରତି ସହନୀୟତା ଭିତରେ ଏ ପାଖ ସେ ପାଖ ହେବା ବାଇବେଲରେ ଅଛି, କୋରାନରେ ବି ଅଛି । ଇହୁଦୀ ଓ ଖିରସ୍ତାନଙ୍କ ଭଳି ମୁସଲମାନମାନେ ଆବ୍ରାହମ୍‌ଙ୍କ ପାଖରେ ଯେଉଁ ଇଶ୍ୱର ଉଭା ହୋଇଥିଲେ ତାଙ୍କୁ ହିଁ ପୂଜା କରନ୍ତି । (ଜିହୁ, ଖ୍ରିଷ୍ଟିଆନିଟି ଓ ଇସଲାମ୍ ତିନୋଟି ଯାକ ଧର୍ମକୁ ଆବ୍ରାହମୀୟ ଧର୍ମ କୁହାଯାଏ ।)

କୋରାନର ଗୋଟିଏ ଅଂଶରେ ଅଛି ଏକାଧିକ ଇଶ୍ୱରରେ ବିଶ୍ୱାସ କରୁଥିବା ଲୋକଙ୍କୁ ଯେଉଁଠି ପାଉଛ ନିପାତ କର, **'kill the polytheists wherever you find them.** ଆଉ ଗୋଟିଏ ଅଂଶରେ ଅବିଶ୍ୱାସୀଙ୍କୁ ଭିନ୍ନ ରୂପରେ ଦେଖାଯାଇଛି, ତୁମେ ତୁମ ଧର୍ମକୁ ଦେଖ, ମୋତେ ମୋ ଧର୍ମ ବଡ **।'To you be your religion; to me my religion.'** । ଆବ୍ରାହମୀୟ ଇଶ୍ୱର କଣ ଠିକ୍ କରିପାରୁନାହାନ୍ତି ସେ ଅନ୍ୟ ଇଶ୍ୱରଙ୍କ ସହ ଚଳିପାରିବେ କି ନାହିଁ ?

ଇଶ୍ୱରଙ୍କ ମାନସିକତାରେ ଏଭଳି ବଦଳାବଦଳି ଥରେ ଅଧେ ଘଟିନାହିଁ । ଯଦି ଆମେ ଏ ପ୍ରକାରର ଇଶ୍ୱରଙ୍କ ସୃଷ୍ଟି ବା ଧାରଣା ଯେଉଁ ପରିସ୍ଥିତିରେ ସୃଷ୍ଟି ହୋଇଛି ତାହା ବିଚାରକୁ ନେବା ତେବେ ଏକ ଛାଞ୍ଚ ମିଳିବ । ଏକ ପ୍ରକାରର ପରିସ୍ଥିତି ସହନଶୀଳତା ଉଦ୍ରେକ କରିବ ତ ଆଉ ଏକ ପ୍ରକାରର ପରିସ୍ଥିତି ଶତ୍ରୁତା ଜନ୍ମାଇବ । ଏ ଛାଞ୍ଚକୁ ଆମେ ଏକ ଠାର ବୋଲି ଭାବିପାରିବା, ତାହା ଧର୍ମଗ୍ରନ୍ଥରେ ଲୁଚି ରହିଛି; ତାକୁ ଖୋଲିଦେଲେ ଆମେ ଇଶ୍ୱରଙ୍କ ବଦଳୁଥିବା ମାନସିକତା ଦେଖିପାରିବା । ଠାର ବା ସୂତ୍ର ଆଉ କିଛି ବି ଖୋଲିପାରେ, ଭକ୍ତ ଓ

ଅଢେଷ୍ଟ ଭିତରେ ଥିବା ବାଡ ଭାଙ୍ଗି ଯାଇପାରେ । କେଉଁ ପରିସ୍ଥିତିରେ ଧର୍ମଗ୍ରନ୍ଥରଚୟିତାର ମନ ଉଦାର ବା ଖୋଲା ହୋଇଗଲା, ତାହା ଜାଣିଲେ ଆଜିର ଭକ୍ତମାନେ ବି ଉଦାର ହୋଇପିବେ । ହୋଇପାରେ ଯେ ଅବ୍ରାହମୀୟ ଫାଟ ଭିତରେ ମୁସଲିମ୍ ଓ ଇହୁଦୀ ଭିତରେ ଥିବା ସଂଗୀନ୍ ଫାଟ ମରାମତି ହୋଇପାରେ । କେଉଁ ପରିସ୍ଥିତିରେ ହିବ୍ରୁ ବାଇବେଲ୍ (ଖ୍ରିଷ୍ଟାନମାନେ ଯାହାକୁ ଓଲ୍ଡ ଟେଷ୍ଟାମେଣ୍ଟ କହନ୍ତି) ଆସିଲା ଓ  କେଉଁ ପରିସ୍ଥିତିରେ ସେହି ଠାର କୋରାନ୍ ଭିତରେ ଲୁଚି ରହିଲା – ତାହାକୁ ପ୍ରଥମେ ଦେଖିବା । ମଝିରେ ମଝିରେ ପ୍ରତିହିଂସାପରାୟଣ ଅଦ୍ୱୈତ ଈଶ୍ୱର ଆସିଲା, ଏବଂ ଏହି ଅଦ୍ୱୈତ ଈଶ୍ୱରର ଜନ୍ମ ହିଁ ଆମକୁ ଏକ ଖରାପ ଈଶ୍ୱର ଦେଲା ।

ଇସ୍ରାଏଲର ଦ୍ୱିତୀୟ ରାଜା କିଙ୍ଗ୍ ସୋଲୋମନ୍ ଖ୍ରୀ.ପୂ. ୧୦ମ ଶତାବ୍ଦୀରେ ରାଜୁତି କରୁଥିଲେ । ବହୁ ଜ୍ଞାନୀ ସତ, କିନ୍ତୁ ସେ ଏକାଧିକ ଈଶ୍ୱରରେ ବିଶ୍ୱାସୀ ଥିଲେ । ବାଇବେଲ୍ ଏ କଥାଟାକୁ ସହଜରେ ବୁଝାଇଦିଏ ଯେ ତାଙ୍କର ବହୁ ରାଣୀ ବିଦେଶୀ ଭୂମିରୁ ଆସିଥିବାରୁ ରାଣୀମାନେ ତାଙ୍କ ମନକୁ ଅନ୍ୟ ଈଶ୍ୱରଙ୍କ ଆଡକୁ ଟାଣି ନେଉଥିଲେ । ବାଇବେଲ୍ ଏହାର କାରଣ ପ୍ରେମ ବୋଲି କହିଲା ନାହିଁ, ରାଜନୀତି କହିଲା । ଗୋଟିଏ ରାଜବଂଶର ଲୋକ ଆଉ ଗୋଟିଏ ରାଜବଂଶର ନାରୀକୁ ବିବାହ କରେ ନାହିଁ ପ୍ରେମ ପାଇଁ, ବିବାହ କରେ ବୈଦେଶିକ ନୀତିର ଅଂଶ ଭାବେ: ଅନ୍ୟ ରାଜ୍ୟ ସହ ବନ୍ଧୁଭାବାପନ୍ନ ସମ୍ପର୍କ ସ୍ଥାପନ ଲାଗି, ବଳବାନ ରାଜାର ରାଜ୍ୟକରାୟତ୍ତ କରିବା ମନକୁ ଦବାଇବାକୁ ତା ପରିବାର ସହିତ ବିବାହ ସମ୍ପର୍କ ବାନ୍ଧିବାକୁ ଚାହେଁ । ଏ ସମ୍ପର୍କ ଦୃଢ଼ୀଭୂତ ହୁଏ ଯେତେବେଳେ ରାଜା ସେ ଦେଶର ଈଶ୍ୱରଙ୍କୁ ସମ୍ମାନ ଦେଖାଏ, ନିଜ ଈଶ୍ୱରର ଅନୁରୂପ (ଇକ୍ୱିଭାଲେଣ୍ଟ) ମନେକରେ । ପୋଷାକ ଧର୍ମର ପରିଚାୟକ ହୋଇଥିବାରୁ ରାଜ୍ୟରେ ଭିନ୍ନ ପୋଷାକକୁ ବାରଣ କରେ ନାହିଁ । ମନରେ ଧର୍ମ ଯାହା ଥାଉ ଦେହରେ ପୋଷାକ ଅନ୍ୟ ଧର୍ମର ଲୋକଙ୍କ ସମର୍ଥନ ଆଣେ ବୋଲି କଂଗ୍ରେସ-ନେତ୍ରୀ ସୋନିଆ ଖ୍ରିଷ୍ଟିଆନ୍ ହୋଇ ମଧ୍ୟ ଭାରତରେ ହିନ୍ଦୁପ୍ରଧାନ ଭାରତରେ ଶାଢୀ ପିନ୍ଧନ୍ତି, ଶିଖ ମନ୍ଦିରରେ ଓଢଣା ଯୋଡାନ୍ତି ବା ଆଜ୍ମିର ଦର୍ଗାରେ ଚାଦର ଯାଚନ୍ତି, କହିବା ଅତ୍ୟୁକ୍ତି ହେବ ନାହିଁ ।

ସୋଲୋମନ୍‌ଙ୍କ ବହୁପତ୍ନୀ ତାଙ୍କୁ ବହୁଈଶ୍ୱରଙ୍କ ଆଡକୁ ଟାଣି ନଥିଲେ, ତାଙ୍କ ରାଜନୀତି ତାଙ୍କୁ ବହୁଈଶ୍ୱର ଆଡକୁ ଟାଣିଥିଲା । ଆକବର ଯୋଧାବାଈଙ୍କୁ ବିଭା ହୋଇ ଥିବାରୁ ନୂଆ

ଧର୍ମ ପ୍ରଚଳନ କରିନଥିଲେ. ନୂଆ ଧର୍ମ ପ୍ରଚଳନ କରିଥିଲେ ରାଜନୀତିର ନିର୍ଦ୍ଦେଶ ଯୋଗୁଁ । ଏତେ ସଂଖ୍ୟାର ହିନ୍ଦୁ ଓ ସେମାନଙ୍କ ନେତା ମାନଙ୍କୁ ହାତ କରିବା ଉପାୟ ହେଲା ମୁସଲମାନମାନଙ୍କୁ ହିନ୍ଦୁ ଧର୍ମ ପ୍ରତି ସହନଶୀଳ କରିବା । ପଡୋଶୀ ରାଜ୍ୟମାନଙ୍କ ସହ ସହାବସ୍ଥାନ ମାନେ ସେମାନଙ୍କ ଧର୍ମ ପ୍ରତି ସହନଶୀଳତା । ଏ ପ୍ରକାରର ସହାବସ୍ଥାନ ଶାନ୍ତି ରକ୍ଷା କରେ. ଶାନ୍ତି ହିଁ ରାଜ୍ୟର ଅର୍ଥନୈତିକ ତଥା ସାମୁହିକ ବିକାଶ ଦିଗରେ ସହାୟକ ହୁଏ । ବୁଝିବିଚାରି 'ଧାର୍ମିକ ସହନଶୀଳତା ଆସେ ନାହିଁ'. ନିଜକୁ ସୁବିଧା ମିଳୁଥିଲା ଯାଏ ଓ ସମାଜକୁ ଉପକାର ମିଳୁଥିବା ଯାଏ ବହୁଈଶ୍ୱର ଓ ମୂର୍ତ୍ତିପୂଜା ପ୍ରତି ସହନଶୀଳତା ରହେ । ଥରେ ଜିତା ପଟ ଆସିଗଲେ ହାରିବା ପଟର ଈଶ୍ୱରକୁ ପଚାରେ କିଏ ? ଯେ ପର୍ଯ୍ୟନ୍ତ ଅପର ପକ୍ଷକୁ ପରାସ୍ତ କରିହେଉନାହିଁ. ସେ ପର୍ଯ୍ୟନ୍ତ ଅପର ପକ୍ଷର ବିଶ୍ୱାସକୁ ଓ ଧର୍ମକୁ ସମ୍ମାନ ଦେବାକୁ ପଡିବ - ଏହା ହିଁ ଧାର୍ମିକ ସହନଶୀଳତା ଉପୁଜିବାର କାରଣ । (ଯେତେବେଳେ ଆଲ୍ କାଏଦା ବାଲା ଅନୁଭବ କରିବେ ଯେ ସେମାନେ ଅସହିଷ୍ଣୁ ହୋଇ ନିଜ ବିକାଶକୁ ବ୍ୟାହତ କରୁଛନ୍ତି ସେତେବେଳେ ସେମାନେ ବି ଅଣଇସ୍ଲାମ ଧର୍ମ ପ୍ରତି ସହନଶୀଳ ହେବେ ।) ସୋଲୋମନଙ୍କ ସମୟର ବହୁ-ଈଶ୍ୱର ଧର୍ମ ଠାରୁ ପରବର୍ତ୍ତୀ କାଳରେ ଏକ-ଈଶ୍ୱର ଧର୍ମ ବା ଅଦ୍ୱୈତବାଦକୁ ଇସ୍ରାଏଲ ପୁରିଗଲା । ଖ୍ରୀ.ପୂ. ୬୦୦ ବେଳକୁ ଇସ୍ରାଏଲରେ ଅଦ୍ୱୈତବାଦର ଚେର ଧରିଲା । ଏଥିଲାଗି କେତେକ ଧର୍ମପ୍ରଚାରକ (ପ୍ରଫେଟ୍) ଦାୟୀ । ଏମାନେ ଯେ ଅଦ୍ୱୈତବାଦୀ (ମନୋଥିଷ୍ଟ) ଥିଲେ ତାହା ନୁହେଁ. ପ୍ରଚାର କଲେ ୟାହୱେହଙ୍କ ଛଡା ବି ଅନ୍ୟ ଈଶ୍ୱର ଅଛନ୍ତି. କିନ୍ତୁ ଇସ୍ରାଏଲୀମାନେ ଏକ ଈଶ୍ୱରରେ ବିଶ୍ୱାସ କରନ୍ତୁ । ୟାହୱେହଙ୍କ ପ୍ରତି ଭକ୍ତମାନଙ୍କ ଏକାନ୍ତ ଆନୁଗତ୍ୟ ଚାହୁଁଥିଲେ ବି ଏମାନେ ବହୁଈଶ୍ୱର ବିରୁଦ୍ଧରେ ଗଲେ ନାହିଁ. ଏମାନେ ଥିଲେ



ସୋନିଆ ଗାନ୍ଧିଙ୍କ ଅଜମିର ଦରଘାରେ ଚାଦର ପ୍ରଦାନ

ଅଦ୍ୱୈତପାର୍ଶ୍ୱବିଦ୍ (ମନୋଲାଟ୍ରିଷ୍ଟ) । ସେମାନଙ୍କ ଭିତରେ ପ୍ରଥମେ ପ୍ରଥମେ ଯେଉଁ ଧର୍ମପ୍ରଚାରକ ମାନେ ଧର୍ମଗ୍ରନ୍ଥ ଲେଖିଛନ୍ତି, ତହିଁରୁ ହୋସିଆ ମୁଖ୍ୟ, ସେ ଲେଖିଛନ୍ତି ଖ୍ରୀ·ପୂ· ୮ମ ଶତାବ୍ଦୀରେ । ବୃହତ୍ତର ବିଶ୍ୱରେ ମଞ୍ଜିଗଲେ ଇଜ୍‌ରାଏଲୀମାନେ ସମୃଦ୍ଧ ହେବେ ବୋଲି ସୋଲୋମନ ଯାହା ପ୍ରଚାର କରୁଥିଲେ ତାକୁ ସେ ଖଣ୍ଡନ କରିଥିଲେ । ହୋସିଆ ଲେଖିଲେ, ଇଜ୍‌ରାଏଲ ଅନ୍ୟମାନଙ୍କ ସହ ମିଶିଲେ ବିଦେଶୀମାନେ ଇଜ୍‌ରାଏଲ ଜାତି (ଲୋକ)ଙ୍କୁ ଚଳୁ କରି ଦେବେ । ତାଙ୍କ କାଳରେ ଇଜ୍‌ରାଏଲର ପଡିଶାମାନେ ନିଷ୍ଠୁର ଥିଲେ, ଇଜ୍‌ରାଏଲ ସ୍ଥିର ରହିପାରି ନଥିଲା । ତେଣୁ ସେମାନେ ଏକ-ଈଶ୍ୱର ବିଶ୍ୱାସରେ ଉଦ୍‌ବୁଦ୍ଧ ହୁଅନ୍ତୁ ବୋଲି ପ୍ରବଚନ ଦେଲା ବେଳେ କହିନଥିଲେ ଯେ ସେମାନେ ବିଧର୍ମୀମାନଙ୍କୁ ତଡନ୍ତୁ, ସେମାନଙ୍କୁ ନିପାତ କରନ୍ତୁ ବୋଲି କହିଥିଲେ ।

ଈଶ୍ୱର ଏକ ଓ ଅଦ୍ୱିତୀୟ ହେଲେ ବି ତାଙ୍କ ସହ ପାର୍ଶ୍ୱ ଦେବ ଦେବୀ ଅଛନ୍ତି - ଏ ବିଶ୍ୱାସ ରଖିଥିବା ମନୋଲାଟ୍ରିଷ୍ଟ (ଅଦ୍ୱୈତପାର୍ଶ୍ୱବିଦ) ଧର୍ମପ୍ରଚାରକମାନଙ୍କ ଅନୁଗତ ସଂଖ୍ୟା ବଢିଲା, କିନ୍ତୁ ଇଜ୍‌ରାଏଲର ଶାସକମାନଙ୍କ ଠାରୁ ସବୁବେଳେ ସମର୍ଥନ ମିଳିଲା ନାହିଁ । ତେଣୁ ହୋସିଆଙ୍କ ପ୍ରଚାର ସତ୍ତ୍ୱେ ଧର୍ମବିବିଧତା ଚାଲୁ ରହିଲା । ଗୋଟିଏ ଦେଶ ଗୋଟିଏ ଧର୍ମ, ଗୋଟିଏ ଜାତି ଗୋଟିଏ ଧର୍ମ - ହେଉଛି ଅଦ୍ୱୈତବାଦର ସ୍ୱର । ଏହିଥିରୁ ନାସନାଲିଜିମ୍ ବା ଜାତୀୟ ଐକ୍ୟ ଜନ୍ମନେଲା । ବାଇବେଲରେ ଲେଖା ଅଛି ଯେ ଜେରୁଜାଲେମ୍ ମନ୍ଦିରରେ ୟାହ୍‌ୱେହଙ୍କ ସହ ଆଶେରା ବି ପୂଜା ପାଉଥିଲେ, ସେ ସମ୍ଭବତଃ ୟାହ୍‌ୱେହଙ୍କ ସହଧର୍ମିଣୀ । ମନ୍ଦିରରେ କାନାନାଇଟ୍ ମାନଙ୍କ ଈଶ୍ୱର ବାଲ୍‌ଙ୍କ ପାଇଁ ଏକ ପୂଜା ପାତ୍ର ବି ଥିଲା । ଖ୍ରୀ·ପୂ· ୬୪୦ରେ ଇଜ୍‌ରାଏଲରେ ରାଜା ଜୋସିଆ ଗାଦିକୁ ଆସିଲେ, ସେ ଆଶେରାଙ୍କ ମୂର୍ତ୍ତିକୁ ମନ୍ଦିରରୁ କାଢିନେଇ ବାଡେଇ ପିଟି ଚିକି ଚିକି କରିଦେଲେ, ବାଲ୍‌ଙ୍କ ପାତ୍ରକୁ ଚୁରମାର୍ କରିଦେଲେ । ଇଜ୍‌ରାଏଲ ଏକ-ଈଶ୍ୱର ମତର ପାଖାପାଖି ହୋଇଆସିଲା । ସେତେବେଳେ ଶତ୍ରୁ କେବଳ ବାହାରର ନ ଥିଲେ, ଇଜ୍‌ରାଏଲ ଭିତରର ବିରୋଧୀମାନେ ବି । ପ୍ରାଚୀନ କାଳରେ ଓ ମଧ୍ୟଯୁଗରେ ଦୈବୀ ଶକ୍ତିର ସନ୍ତକ ଭାବେ ରାଜଶକ୍ତି ଉଧୋଉଥିଲା । ଯେଉଁ ଈଶ୍ୱରଙ୍କୁ ବହୁତ ଲୋକ ବିଶ୍ୱାସ କରୁଥିଲେ ଯେଉଁ ସେବକ/ପୁରୋହିତ/ଧର୍ମ ପ୍ରଚାରକ ସେପରି ଈଶ୍ୱରଙ୍କ ପକ୍ଷରୁ କହୁଛି ବୋଲି ଦାବି କରୁଥିଲା ସେ ରାଜାଙ୍କ ଉପରେ ପ୍ରଭୁତ କ୍ଷମତା ଜାହିର କରୁଥିଲା । ଯଦି ସେ ଈଶ୍ୱର ୟେହ୍‌ୱାହ୍, ତେବେ ୟେହ୍‌ୱାହ୍‌ଙ୍କ ସେବକମାନେ ରାଜାଙ୍କ ପରିଷଦରେ

ପ୍ରଭାବ ବିସ୍ତାର କରୁଥିଲେ । ୱେହୱାହ ବି ଇଜ୍‌ରାଏଲର ଜାତୀୟ ଈଶ୍ୱର ଥିଲେ ।

ବାଇବେଲ ତଥ୍ୟ ଅନୁଯାୟୀ ଏକଦା ଇଜ୍‌ରାଏଲରେ ଆଶେରାଙ୍କ ୪୦୦ ଓ ବାଲ୍‌ଙ୍କ ୪୫୦ ସେବକ ଥିଲେ । ଜୋସିଆ ମନ୍ଦିର ସଫା କରିବା ଆଳରେ ସେମାନଙ୍କ ପ୍ରଭାବ ହ୍ରାସ କରାଇଲେ. ୱେହ୍‌ୱାହ ସେବକଙ୍କ ପ୍ରଭାବ ସମଗ୍ର ରାଜ୍ୟରେ ବ୍ୟାପିଗଲା । ତାଙ୍କ ମରିବାର ଅଳ୍ପ ଦିନ ଭିତରେ ଅଦ୍ୱୈତବାଦ ଆସିଗଲା । ଖ୍ରୀ-ପୂ- ୫୮୬ରେ ଇଜ୍‌ରାଏଲର ହିଟାଇଟ୍‌ମାନଙ୍କୁ ବାବିଲୋନ୍ ତଡିଦିଆଗଲା । ଏହି ପ୍ରବାସ କାଳରେ ଲିଖିତ ବାଇବେଲର ଇସାଇଆହ ଅଧ୍ୟାୟରେ ଅଛି ଯେ ୟାହ୍‌ୱେହ କହନ୍ତି, ମୋ ଛଡା ଆଉ ଈଶ୍ୱର ନାହିଁ । ସେତେବେଳେ ଇଜ୍‌ରାଏଲର ପ୍ରଭୁତ୍ୱ ଇଜ୍‌ରାଏଲକୁ ଲାଭବାନ କରିଥିଲା । ଇସାଇଆହ କହେ, ଇଜ୍‌ରାଏଲର ଅତ୍ୟାଚାରୀମାନେ ପରାସ୍ତ ହେବେ, ପ୍ରଳୟ ଆସିବ, ପାପୀମାନେ ଭାସିଯିବେ, ଧର୍ମୀ ଅର୍ଥାତ୍ ୟାହ୍‌ୱେହ ଭକ୍ତମାନେ ରକ୍ଷା ପାଇବେ । ବୋନସ୍ ହିସାବରେ ପାପୀମାନେ ସୁସମ୍ବାଦ ପାଇବେ ଯେ ସେମାନଙ୍କ ଈଶ୍ୱର ନାହିଁ, ମିଶର ଓ ଅନ୍ୟ ଇଲାକାର ଲୋକେ ଜଞ୍ଜିରରେ ବନ୍ଧା ହୋଇ ଆସିବେ ଓ ଇଜ୍‌ରାଏଲୀମାନଙ୍କ ଈଶ୍ୱର ସମ୍ମୁଖରେ ଆଣ୍ଠେଇ ପଡି କ୍ଷମା ମାଗିବେ । ପ୍ରାୟଶ୍ଚିତ କରି ସେମାନେ କହିବେ, 'ଈଶ୍ୱର କେବଳ ତୁମମାନଙ୍କ ପାଖରେ ଅଛନ୍ତି, ତାଙ୍କ ବିନା ଆଉ କେହି ଈଶ୍ୱର ନାହିଁ ।'

ନିର୍ବାସନ ପରେ ଇଜ୍‌ରାଏଲାଇଟ୍‌ମାନେ ପୁଣି ଇଜ୍‌ରାଏଲ ଫେରିଥିଲେ, କାରଣ ଯେଉଁ ବେବିଲୋନିଆନ୍‌ମାନେ ଇଜ୍‌ରାଏଲ ଜିଣିଥିଲେ ସେମାନେ ପର୍ସିଆନ୍‌ମାନଙ୍କ ଦ୍ୱାରା ପରାସ୍ତ ହେଲେ । ପର୍ସିଆନ୍‌ମାନେ ଇଜ୍‌ରାଏଲୀଙ୍କୁ ମାତୃଭୂମିକୁ ପଠାଇଦେଲେ, ତେଣୁ ସେମାନେ ଆଉ ଶତ୍ରୁଭାବାପନ୍ନ ପଡୋଶୀମାନଙ୍କ ଭିତରେ ନଥିଲେ । ପଡୋଶୀ ବୋଇଲେ ପର୍ସିଆନ୍ ସାମ୍ରାଜ୍ୟର ପଡୋଶୀ ନାଗରିକ ବୁଝାଉଥିଲା । ବାଇବେଲର ସେହି ଅଂଶରେ ପ୍ରତ୍ୟାବର୍ତ୍ତନ ଯୁଗର ପ୍ରତିଛବି ରହିଛି । ରୁଥ୍ ଓ ଜୋନା ମୋଆବାଇଟ୍ (ମୋଆବ୍-ବାସୀ) ଏବଂ ଆସିରିଆନ୍‌ମାନଙ୍କ ବନ୍ଧୁଭାବାପନ୍ନ ବ୍ୟବହାର ପାଆନ୍ତି । ନିର୍ବାସନ ପୂର୍ବରୁ ଏହିମାନେ ଇଜ୍‌ରାଏଲୀମାନଙ୍କ ପ୍ରତି ଅତ୍ୟାଚାର କରିଥିଲେ । ବିଶ୍ୱରେ ନିଃସଙ୍ଗ ହୋଇ ପଡୁଥିବା ମନେ କରି ଇଜ୍‌ରାଏଲୀମାନେ ଅଦ୍ୱୈତବାଦରୁ ପ୍ରତିଶୋଧପରାୟଣତା, ଯୁଦ୍ଧଖୋରପଣିଆ ଆଡକୁ ମୁହେଁଇଲେ । ଦୁଇହଜାର ବର୍ଷ ପରେ ବି ସେହି କଥା ଦେଖାଯାଉଛି । ଇସ୍‌ଲାମରେ ବି ସେହି କଥା । ଲାଭ ଅନୁଯାୟୀ ଇସ୍‌ଲାମିକ୍ ଅଦ୍ୱୈତବାଦ ଯୁଦ୍ଧଖୋରପଣିଆ ଓ ସହନଶୀଳତା ଭିତରେ ଏ ପାଖ ସେ ପାଖ

ହେଇଛି । ପ୍ରାୟ ଖ୍ରୀ:ପୂ: ୬୧୩ରେ ମକ୍କାରେ ମୁହମ୍ମଦ ତାଙ୍କ ପ୍ରଚାର ଜୀବନ ଆରମ୍ଭ କଲେ । ସମ୍ଭବତଃ ସେ ଆଶା କରିଥିଲେ ଉଭୟ ଇହୁଦୀ ଓ ଖିରସ୍ତାନୀଙ୍କୁ ଏକ ସାଧାରଣ ବିଶ୍ୱାସ ଭିତରକୁ ଟାଣି ଆଣିବେ । କୋରାନକୁ ମୁସଲମାନମାନେ 'ମୁହମ୍ମଦ ମୁହଁରେ ଈଶ୍ୱରଙ୍କ ବାଣୀ' ମନେ କରନ୍ତି । ପ୍ରଫେଟ୍‌ଙ୍କ ଅନୁଗତମାନେ ଅନ୍ୟ ଆବ୍ରାହମୀୟ ମାନଙ୍କୁ କହିଛନ୍ତି, ଆମ ଈଶ୍ୱର ଆଉ ତୁମ ଈଶ୍ୱର ଏକ, ଅଭିନ୍ନ । ଇହୁଦୀମାନଙ୍କ ପ୍ରତି ମୁହମ୍ମଦଙ୍କର ଏ ପ୍ରକାରର ବନ୍ଧୁଭାବାପନ୍ନ ବ୍ୟବହାର ଆସିଲା ଯେତେବେଳେ ସେ ମେଦିନା ସହରକୁ ଚାଲିଗଲେ ଏବଂ ତାହାର ରାଜନୈତିକ ଓ ଧାର୍ମିକ ଜନନେତା ହୋଇଗଲେ । ମୁହମ୍ମଦ ନିଷ୍ପତ୍ତି ନେଲେ ଯେ ତାଙ୍କ ଅନୁଗାମୀମାନେ ବର୍ଷରେ ଥରେ ୨୪ ଘଣ୍ଟିଆ ଉପବାସ କରିବେ, ଯେମିତି ଇହୁଦୀମାନେ ୟମ୍ କିପୁର ଅବସରରେ କରନ୍ତି । ସେ ଏହାର ନାମ ବି ୟମ୍ କିପୁର ରଖିଲେ । ଇହୁଦୀମାନଙ୍କ ଘୁଷୁରୀ ମାଂସ ବାରଣ ବି ମୁସଲମାନ ମାନଙ୍କ ପାଇଁ ଲାଗୁ କଲେ । ମୁହମ୍ମଦ ବି ଜେରୁଜାଲେମ୍‌କୁ ମୁହେଁଇ ପ୍ରାର୍ଥନା କରିବାକୁ ମୁସଲମାନଙ୍କୁ ପ୍ରବର୍ତ୍ତାଇଲେ । ସେ କହିଲେ, ଈଶ୍ୱର ସମସ୍ତଙ୍କ ଭିତରେ ଇଜ୍‌ରାଏଲର ସନ୍ତାନମାନଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇଛନ୍ତି ।

ଖିରସ୍ତାନମାନଙ୍କ ପାଇଁ ସେ ବଦଳିପାରିଲେ ନାହିଁ, କାରଣ ଆଲ୍ଲାଙ୍କ କନ୍ୟାମାନେ ଅଛନ୍ତି ବୋଲି ଭାବିଥିବା ଏହି ବହୁଈଶ୍ୱରବିଶ୍ୱାସୀଙ୍କୁ ସେ ଭର୍ତ୍ସନା କରିସାରିଥିଲେ । ସେ ବା କିପରି ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ମାନିଥାନ୍ତେ ? କିନ୍ତୁ ପାଖାପାଖି ପହଞ୍ଚିଯାଇଥିଲେ, ଯୀଶୁଙ୍କୁ 'ଦି ମେସିହା' (ଈଶ୍ୱରଦୂତ) ଏବଂ ତାଙ୍କ ବାଣୀ ଈଶ୍ୱରଙ୍କ ଚିତ୍ ଶକ୍ତିର ପ୍ରତୀକ ବୋଲି କହିଥିଲେ । କୋରାନ ଅନୁଯାୟୀ ଈଶ୍ୱର ଯୀଶୁଙ୍କୁ ଗସ୍ପେଲ୍ (ଧର୍ମବାଣୀ) ଦେଲେ ଏବଂ ଯେଉଁମାନେ ଯୀଶୁଙ୍କୁ ଅନୁସରଣ କଲେ ସେମାନଙ୍କ ହୃଦୟରେ ଦୟା ଓ ଅନୁକମ୍ପା ଭର୍ତ୍ତି କରିଦେଲେ । କିନ୍ତୁ ମୁହମ୍ମଦଙ୍କ ଏ ବନ୍ଧୁତ୍ୱ-ଆଶ୍ଳେଷ କାମ କଲା ନାହିଁ । ଉଭୟ ଖିରସ୍ତାନ ଓ ଇହୁଦୀ ମାନେ ତାଙ୍କ ବାଣୀ ଗ୍ରହଣ କଲେ ନାହିଁ ଭଳି ମୁହମ୍ମଦଙ୍କୁ ଜଣାଗଲା । ସେ କୋରାନରେ କୁହାଇଲେ, ହେ ବିଶ୍ୱାସୀମାନେ, ଇହୁଦୀ କି ଖିରସ୍ତାନଙ୍କୁ ବନ୍ଧୁ ଭାବେ ଗ୍ରହଣ କରନାହିଁ । ସେମାନେ ପରସ୍ପରର ସାଥୀ । ବନ୍ଧୁର ହାତ ଗ୍ରହଣ ହେଉନଥିବା ଦେଖି ମୁହମ୍ମଦ ତାଙ୍କ ପ୍ରବଚନରେ ପ୍ରାର୍ଥନାର ଦିଗ ବଦଳାଇଦେଲେ, ଜେରୁଜାଲେମ ଆଡକୁ ମୁହଁ ନ କରି ମକ୍କା ଆଡକୁ କରିଦେଲେ । ଇସ୍‌ଲାମୀ ପରମ୍ପରା ଅନୁସାରେ ସେ ମେଦିନାରୁ ତିନି ଇହୁଦୀ ସମ୍ପ୍ରଦାୟକୁ ତଡିଦେଲେ ଏବଂ ତୃତୀୟ ସମ୍ପ୍ରଦାୟର ସବୁ ପୁରୁଷଙ୍କୁ ହତ୍ୟା କଲେ । ହତ୍ୟାର କାରଣ

ବୁଝାଇବା ଲାଗି ସେ କହିଲେ ଯେ ମଦିନା ଓ ମକ୍କା ମଧ୍ୟରେ ହେଉଥିବା ଯୁଦ୍ଧରେ ସେମାନେ ମକ୍କାବାସୀଙ୍କୁ ସହଯୋଗ କରୁଥିଲେ । ତଥାପି ପରିଶେଷରେ ଇସ୍‌ଲାମିକ୍ ପରମ୍ପରାରେ ଖିରସ୍ତାନ ଓ ଇହୁଦୀ ମାନେ ଶ୍ରେୟ ସ୍ଥାନ ପାଇଥିଲେ, ସେମାନଙ୍କୁ ଗ୍ରନ୍ଥର ଲୋକ ବୋଲି କୁହାଯାଉଥିଲା । କୋରାନରେ କୁହାଯାଇଛି ସେମାନେ ନିର୍ବାଣ ପାଇବା ଯୋଗ୍ୟ ।

ଖ୍ରୀ: ୬୩୨ରେ ମୁହମ୍ମଦଙ୍କ ମୃତ୍ୟୁ ହେଲା, ତାର କେଇ ବର୍ଷ ଭିତରେ ଇସ୍‌ଲାମିକ୍ ସର୍ଦ୍ଦାରମାନେ ଦୂର ଦୂରାନ୍ତର ରାଜ୍ୟ ଜୟ କରିବାରେ ଲାଗିଲେ । ସାମ୍ରାଜ୍ୟ ବିସ୍ତାରର ନିଶା ଜିହାଦ ତତ୍ତ୍ୱକୁ ଜନ୍ମଦେଲା । ଅବିଶ୍ୱାସୀମାନଙ୍କ ଧର୍ମ ବଦଳାଇବା ଲାଗି ସେମାନଙ୍କୁ ଯୁଦ୍ଧରେ ପରାସ୍ତ କରିବା ଦରକାର । ଏହି ଯୁଦ୍ଧ ହେଲା ଜିହାଦ୍ । ଦେଶ ପରେ ଦେଶ ଜୟ କରି ସେମାନେ ବହୁଜାତୀୟ ସାମ୍ରାଜ୍ୟ ତିଆରି କଲେ । ତାକୁ ବାନ୍ଧି ରଖିବା ବିଫଳ ଦେଖି, ସବୁବେଳେ ବିଦ୍ରୋହର ଆଶଙ୍କା ଘାରିବାରୁ ମୁସ୍‌ଲିମ୍ ଶାସକମାନେ ବୁଝିଲେ ଯେ ବିବିଧ ବିଶ୍ୱାସରେ ବିଭକ୍ତ ବିଭିନ୍ନ ଲୋକଙ୍କୁ ଗୋଟିଏ ବିଶ୍ୱାସ ବା ଧର୍ମରେ ବାନ୍ଧି ରଖିବା ଦୁଃସାଧ୍ୟ । ସେମାନଙ୍କୁ ସମ୍ଭାଳି ନପାରିଲେ ସାମ୍ରାଜ୍ୟ ଭାଙ୍ଗିଯିବ, ତେଣୁ ଖିରସ୍ତାନ ଓ ଇହୁଦୀମାନଙ୍କୁ ଉପାସନାର ସ୍ୱାଧୀନତା ଦିଆଗଲା । ପରେ ବୌଦ୍ଧମାନଙ୍କୁ ଓ ବହୁଇଶ୍ୱରରେ ବିଶ୍ୱାସୀମାନଙ୍କୁ ବି ଅନୁରୂପ ସ୍ୱାଧୀନତା ଦିଆଯାଇଥିଲା । ଜିହାଦର ମାନେ ବଦଳାଗଲା, ଅଣଇସ୍‌ଲାମୀ ମାନଙ୍କୁ ହତ୍ୟା କରିବା ପରିବର୍ତ୍ତେ ନିଜ ଭିତରେ ଉତ୍ତମତ୍ୱର ସନ୍ଧାନ ପାଇଁ 'ମହତ୍ତର ଲଢେଇ' ବୋଲି ମାନେ କରାଗଲା । ଇସ୍‌ଲାମ୍-ବାହାରର ଲୋକଙ୍କ ସହ ଲଢେଇ ନ ହୋଇ ଜିହାଦ୍ ହେଲା ଆତ୍ମସମୀକ୍ଷାର ଲଢେଇ, ଆଭ୍ୟନ୍ତରୀଣ ଲଢେଇ । ଏ ପ୍ରକାରର ମାନେ ମୁହମ୍ମଦ କହିଥିଲେ ବୋଲି ପ୍ରଚାରିତ ହେଲା ।

ଏତକ ବିନା ଦ୍ୱିଧାରେ ବା ବିନା ପଶ୍ଚାତ୍‌ଦୃଷ୍ଟିରେ ଘଟିନଥିଲା । ସହନଶୀଳତା ଓ ବୁଝାମଣା ଉପରେ ମିଥ୍ (ପୁରାଣ କାହାଣୀ) ତିଆରି ହୋଇ କୋରାନରେ ପଶିଲା । ଈଶ୍ୱରଙ୍କ ମୁଡ୍, ମିଜାଜ, ବଦଳିଲା; ସେ ଅଣମୁସ୍‌ଲିମ୍‌ମାନଙ୍କୁ ସହ୍ୟ କଲେ, ସେମାନଙ୍କ ପ୍ରତି ଦୟାଳୁ ହେଲେ । ଦୁନିଆରେ ରହିବାର ଅଧିକାର କେବଳ ମୁସଲମାନମାନଙ୍କ ଅଛି, ଅନ୍ୟମାନଙ୍କୁ ମାରି ଦିଅ, ବୋଲି କହିଲେ ନାହିଁ । ଏ ପୂରା ରାଜନୀତି । ଯେଉଁଠି ମୁସଲମାନଙ୍କ ପ୍ରାଧାନ୍ୟ ଅଛି, ଅର୍ଥାତ୍ ସେମାନଙ୍କ ବିକାଶରେ ଅଣମୁସଲମାନଙ୍କ ଅବଦାନ ତୁଚ୍ଛ, ସେ ଦେଶରେ ବା ସମ୍ପ୍ରଦାୟରେ ଜିହାଦର ପୁରୁଣା ମାନେ ରହିଲା, ଈଶ୍ୱର କହିଛନ୍ତି ବୋଲି ମୌଳବାଦୀମାନେ କହିଲେ । ପାଲେଷ୍ଟାନୀୟ ଓ ଇଜ୍‌ରାଏଲୀମାନେ ଶାନ୍ତିରେ ରହିବାର ଏକମାତ୍ର ଉପାୟ

ମୁସଲମାନଙ୍କ ଈଶ୍ୱର ଇଜ୍‌ରାଏଲର ଉପସ୍ଥିତିକୁ ସହନୀୟ ଭାବିବା, ଏବଂ ସହନୀୟ ଭାବିବା ଲାଗି ପାଲେଷ୍ଟାନୀୟ ବିକାଶରେ ଇଜ୍‌ରାଏଲ ଭୂମିକା ଅନିବାର୍ଯ୍ୟ ବୋଲି ପ୍ରମାଣ ମିଳିବା ବା ପ୍ରଦର୍ଶନ ହେବା ଦରକାର । ନଚେତ୍ ଆରବ-ଇଜ୍‌ରାଏଲୀ ଶତ୍ରୁତା ଲାଗି ରହିଥିବ ।

ପ୍ରଥମ ଇସାଇଆରେ ଏକଥା ଥିଲା । ଏ ଇସାଇଆ ନିର୍ବାସନ ପୂର୍ବର ଇସାଇଆ । 'ଦିନେ ଈଶ୍ୱର ବହୁତ ଜନବସତି ମଧ୍ୟରେ ସାଲିସି କରିବେ (shall arbitrate for many peoples) । ଦେଶ ଦେଶ ବିରୁଦ୍ଧରେ ଖଡ୍ଗ ଉତ୍ତୋଳନ ହେବ ନାହିଁ (nation shall not lift up sword against nation) । ସେମାନେ ବି ଆଉ ଯୁଦ୍ଧ କରିବା ଶିଖିବେ ନାହିଁ (neither shall they learn war any more) ।' ଏ ସବୁ କୋରାଣର ଶ୍ଳୋକ । ପଣ୍ଡିତମାନେ କୋରାନର ବିଭିନ୍ନ ଶ୍ଳୋକର ତାରିଖ ନିର୍ଦ୍ଧାରଣ କରି କହିଛନ୍ତି ଯେ ମୁହମ୍ମଦଙ୍କ ଜୀବନର ଶେଷ ଆଡକୁ ଲେଖା ହୋଇଥିବା ଶ୍ଳୋକରେ ଈଶ୍ୱର କହିଛନ୍ତି, 'ମୁଁ ତୁମ୍ଭମାନଙ୍କୁ ଦେଶ ଓ ସମ୍ପ୍ରଦାୟରେ ବିଭକ୍ତ କରିଛି ଯେପରି ତୁମେମାନେ ପରସ୍ପରକୁ ଚିହ୍ନିପାରିବ ।' (made you into nations and tribes, so that you might come to know one another) ଗୁଡାଏ ଲୋକ ଭିତରେ ଚିହ୍ନିବା କଷ୍ଟକର ବୋଲି ଈଶ୍ୱର ମଣିଷଙ୍କୁ ଛୋଟ ଛୋଟ ସମ୍ପ୍ରଦାୟରେ ଭାଗ କରିଦେଲେ, ତା ହେଲେ ମଣିଷ ମଣିଷକୁ ଚିହ୍ନି ରଖିବାର ସୁବିଧା ପାଇବ । ଯିଏ ତୁମ ସମ୍ପ୍ରଦାୟରେ ନ ରହିଲା ସେ ତୁମର ଶତ୍ରୁ ନୁହେଁ କିମ୍ବା ତୁମ ଦ୍ୱାରା ନିହତ ହେବା କଥା ନୁହେଁ । କିନ୍ତୁ କୋରାନରେ ଖୁସିର ଏ ଆଶ୍ୱାସନା କୌଣସି ମୁସଲମାନ ମାନୁନାହିଁ । କାଳକ୍ରମେ ଲୋକ ମାନସିକତା ବଦଳାଇପାରନ୍ତି, କିନ୍ତୁ ଯାବତ୍ ଅବିଶ୍ୱାସର ପାଚେରି ଠିଆ ହୋଇ ରହିଥିବ, ନୂଆ ମାନସିକତା ଆସିବ ନାହିଁ । ଯାହାହେଉ ନା କାହିଁକି ଆମର ପ୍ରଶ୍ନ ହେଉଛି ଇସ୍‌ଲାମ ହେଉ କି ଇହୁଦୀ (ଜୁଡାଇଜିମ୍) ହେଉ ତାହା ଶାନ୍ତିର ଧର୍ମ କି ? ଉତ୍ତର ନା, ଉତ୍ତର ବି ହଁ । ବାଇବେଲ କହୁଛି, କୋରାନ ବି କହୁଛି । ଧର୍ମ ଯଦି ଅଶାନ୍ତି ବଢାଏ ତାହା ଧର୍ମ ନୁହେଁ; ତାହା ସମାଜକୁ ଧାରଣ କରିପାରିବ ନାହିଁ, ସମାଜ ପାରସ୍ପରିକ ହିଂସାରେ ଚୁର୍ ମାର୍ ହୋଇଯିବ । ସେତେବେଳେ ମଣିଷ ନଥିବ ତ ଧର୍ମ ଫର୍ମ ବୋଲି ବୋଲି ଗୋଟିଏ ଜିନିଷ ବା ଧାରଣା ଦେବ କିଏ ?

ଧର୍ମ ଶାନ୍ତିର ଧର୍ମ ନ ହେଲେ ଫଳ କଣ ହୁଏ ଇତିହାସ ତାହାର ସାକ୍ଷୀ । ଯୀଶୁଙ୍କ ୨୦୦ ବର୍ଷ ପରେ କେତେକ ରୋମାନ୍ ତାଙ୍କ ନାଁ ବ୍ୟବହାର କରି ସ୍ଥାନୀୟ ଇହୁଦୀମାନଙ୍କ ଭିତରେ ଭେଦଭାବ ସୃଷ୍ଟି କଲେ । ରୋମାନ ସାମ୍ରାଜ୍ୟ ପାଇଁ ଏହି ନୂଆ ଧର୍ମର ଲୋକେ

ସୈନ୍ୟ ପାଲଟିଗଲେ । ଯୀଶୁଙ୍କ ବାଣୀ ପ୍ରଚାର ଆଳରେ ଦେଶ ଜୟ କରି ସାମ୍ରାଜ୍ୟ ବିସ୍ତାର କଲେ । ୟୁରୋପରେ ଏମାନେ ସ୍ଥାନୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ଉଡାଇଦେଲେ । ଏମାନେ ଦାସତ୍ୱ ପ୍ରଥା ଆରମ୍ଭ କଲେ । ଇତିହାସରେ ଗଣହତ୍ୟାର ନଜିର ଏହିମାନେ ତିଆରି କଲେ । ଯେଉଁଠି ଗଲେ ଧର୍ମ ପ୍ରଚାର ଆଳରେ ସେ ଦେଶ ଦଖଲ କଲେ । ପରେ ବ୍ୟବସାୟ କରିବା ଆଳରେ ସାଥୀରେ ନେଇଥିବା ମିସନାରୀ ମାନଙ୍କ ଦ୍ୱାରା ମୂଳନିବାସୀମାନଙ୍କୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କଲେ, ବିଧର୍ମୀଙ୍କୁ ଇନ୍‌ଫିଡେଲ୍ କହି ହତ୍ୟା କଲେ ଏବଂ ହତ୍ୟା କରିବା ଧର୍ମ ବୋଲି ପ୍ରଚାର କରିବାରୁ ଖ୍ରୀଷ୍ଟିଆନମାନେ ସୈନ୍ୟବାହିନୀରେ ଯୋଗଦେଲେ ଓ ବାହିନୀସଂଖ୍ୟା ବଢାଇଲେ । ଗତ ୧୬୦୦ ବର୍ଷ ଭିତରେ ଏମାନେ ସାରା ପୃଥିବୀରେ ପ୍ରଭୂତ କ୍ଷତି କରିଛନ୍ତି, ଆଫ୍ରିକା ଓ ଆମେରିକାରେ ମୂଳ ସଂସ୍କୃତିର ମୂଳପୋଛ କରିଛନ୍ତି, ଈଶ୍ୱର ନାମରେ ଗଣହତ୍ୟା କରିଛନ୍ତି । ଆରବମାନେ ଏହି ରୋମାନ୍ କୌଶଳକୁ ଆହୁରି ଶାଣିତ କରି ଆହୁରି ବୀଭତ୍ସ, ଆହୁରି ନୃଶଂସ ସେନା ତିଆରି କଲେ । ଧର୍ମ ଉପରେ ଆଧାରିତ ସୈନ୍ୟବାହିନୀକୁ ଲେଜିଅନ କୁହାଗଲା । ମଧ୍ୟପ୍ରାଚ୍ୟ ଓ ୟୁରୋପୀୟ – ଏ ଦୁଇ ଲେଜିଅନ୍ ପରସ୍ପର ଯୁଦ୍ଧରତ ହେଲେ । ଯୁଦ୍ଧରେ ବହୁତ ମୃତାହତ ହେବାରୁ ସଂଖ୍ୟା କମିଲା ତ ସେମାନେ ଯୁଦ୍ଧବନ୍ଦୀ ଓ ପରାଜିତ ସୈନ୍ୟଙ୍କୁ ଦାସ ରୂପେ ଶତ୍ରୁର କମାଣ ସାମନାରେ ରଖିଲେ, ମୂଳବାସୀମାନେ ଯୁଦ୍ଧର ଜାଳେଣି – କାନନ୍ ଫଡର୍ – ହେଲେ । ଏ ଦୁଇ ଧର୍ମ ଯୋଗୁ ବିଶ୍ୱ ଜାଣିଲା ଜେନୋସାଇଡ୍ କଣ, ଗୋଟିଏ ଗୋଟିଏ ଜାତିର ଅର୍ଥାତ୍ ମୂଳଅଧିବାସୀମାନଙ୍କ ସଂସ୍କୃତି ଓ ଭାଷାକୁ କିପରି ନିପାତ କରିହେବ । ତୁଳନା କରନ୍ତୁ ଚୀନ୍, ଜାପାନ, ଭିଏତନାମ, ଇଣ୍ଡୋନେସିଆ ଆଦି ଦେଶମାନଙ୍କରେ ଧର୍ମ (ହିନ୍ଦୁ) ଓ ଧମ୍ମ (ବୌଦ୍ଧ) ପ୍ରସାର କରିବା ଲୋକଙ୍କ କଥା । ମୂଳ ଅଧିବାସୀମାନେ କେବେ ସେମାନଙ୍କ ମୂଳ ଆଧ୍ୟାତ୍ମିକତା, ମୂଳ ସଂସ୍କୃତି, ମୂଳ ଭାଷା ହରାଇଲେ ନାହିଁ, ସବୁଠୁ ବଡ କଥା –ସେମାନଙ୍କୁ କେବେ ବାଧ୍ୟ କରାଗଲା ନାହିଁ ଯେ ସେମାନେ ନିଜକୁ ଏକ ବିଦେଶୀ, ମରୁଭୂମିଜ, ଶୁଷ୍କ ଭୂମି ସହ ମିଶାଇ ନିଅନ୍ତୁ – ଯେମିତି ଦୁଇ ଯୁଦ୍ଧରତ (ଲେଜିଅନ) କରିଥିଲେ। ତା ପରେ ଆସିଲା ମାର୍କ୍ସ ବାଦ । ଆଉ ଏକ ଦାନବୀୟ ଆଦର୍ଶ । ତା ପରେ ଆସିଲା ଶୋଷକ ପୁଞ୍ଜିବାଦ । ଏହି ସଶସ୍ତ୍ର ଧର୍ମବାହିନୀ (ଲେଜିଅନ) ଓ ସେମାନଙ୍କ ପୁତ୍ର ପୌତ୍ରାଦିମାନେ ଏବେ ବି ଲୋକଙ୍କୁ ଭାଗ ଭାଗ କରି ଉଧେଇଛନ୍ତି, ଏବେ ବି ଉଧୋଉଛନ୍ତି; ମୂଳନିବାସୀମାନଙ୍କ ସଂସ୍କୃତି ଓ ଭାଷାକୁ ଧ୍ୱଂସ କରି ଚାଲିଛନ୍ତି । ପାକିସ୍ତାନ, ଆଫଗାନିସ୍ତାନରେ କଣ ହେଉଛି ଓ ହୋଇଯାଇଛି ଦେଖନ୍ତୁ । ଏବେ ବି ଆଲକାଏଦା ବା ଆଇଏସ୍ (ଇସଲାମିକ୍ ଷ୍ଟେଟ୍) ଅଧିକୃତ

ଇଲାକାରେ କଣ ଘଟୁଛି ତାହା ଦେଖନ୍ତୁ ।

ତୋରା ଆଉ ଲେଭିଟିକସ୍ ବହିରେ ଯେଉଁ ବାକ୍ୟ ଅଛି ତାକୁ ଏମାନେ କଦର୍ଥ କରୁଛନ୍ତି । ପରମେଶ୍ୱର କହନ୍ତି ପ୍ରତିହିଂସା ମୋର କାମ, ଭେଞ୍ଜିଆନ୍ସ ଇଜ୍ ମାଇନ୍ ସେଯେଥ୍ ଦି ଲର୍ଡ । ଏମାନେ ଭୁଲ ମାନେ କରୁଛନ୍ତି । କହୁଛନ୍ତି କିନ୍ତୁ ମାନୁନାହାନ୍ତି ଯେ ପରମେଶ୍ୱରଙ୍କର ବିଚାର ହିଁ ଚୂଡାନ୍ତ । ସେ ଦରକାର କରନ୍ତି ନାହିଁ କୌଣସି ମଣିଷର ହାତ, ତାଙ୍କ କାମ କରିବାକୁ କୌଣସି ମଣିଷ ସେ ଚାହାନ୍ତି ନାହିଁ । ଯେ କୌଣସି ମଣିଷ ଠାରୁ ଇଶ୍ୱର ବହୁତ ବଡ, ବହୁତ ଶକ୍ତିଶାଳୀ, ବିଶ୍ୱର ଯେ କୌଣସି ଶକ୍ତିଠାରୁ ଇଶ୍ୱର ବଡ - ଆମେ ଏପରି କହିହେଉଛୁସିନା ମାତ୍ର ଆମ କାମ ଓ କଥାରେ, ଆଚରଣ ଓ ଉଚ୍ଚାରଣ କେତେ ଫରକ ? ଇତିହାସ ଭର୍ତ୍ତି ହୋଇଛି ଉଦାହରଣରେ, ବ୍ୟାଖ୍ୟାନରେ, ଯେଉଁଠି ଆମେ କହି ହେଉଛୁ ଇଶ୍ୱର ଆମକୁ ଏମିତି କରିବାକୁ କହିଛନ୍ତି ; ଇଶ୍ୱର ଆମ ଦ୍ୱାରା ସବୁ କରାଉଛନ୍ତି । ଏମିତି ଭୁଲ ମାନେ କରି ମୌଳବାଦୀମାନେ ମୁସଲମାନ, ଖିରଷ୍ଟାନ, କାଥୋଲିକ୍, ବୌଦ୍ଧ, ଶିଖ, ହିନ୍ଦୁ, ଆଦିଙ୍କ ପ୍ରତି ଅନ୍ୟାୟ କରିଛନ୍ତି, ମନ୍ଦ କାମ କରିଛନ୍ତି ଓ କରୁଛନ୍ତି । କହି ହେଉଛନ୍ତି ଆମେ ଇଶ୍ୱରଙ୍କ ରକ୍ଷା ପାଇଁ ଏ କାମ କରୁଛୁ । ଯଦି ଆମେ ଇଶ୍ୱରଙ୍କୁ ସର୍ବୋଚ୍ଚ ବୋଲି ବିଶ୍ୱାସ କରୁଁ ତେବେ ତାଙ୍କ ସୁରକ୍ଷା ପାଇଁ ଆମେ କିଏ ? ସିଏ କ'ଣ ଆମକ ସୈନ୍ୟ ଭଳି ବ୍ୟବହାର କରୁଛନ୍ତି ? ଇଶ୍ୱରଙ୍କୁ ରକ୍ଷା କରିବା ଅର୍ଥ ଆମେ ତାଙ୍କ ତରଫରୁ କାମ କରୁଛୁ - ଇଶ୍ୱରଙ୍କଠାରୁ ସାଧାରଣ କ୍ଷମତା ପତ୍ର (ଜେନେରାଲ ପାୱାର ଅଫ୍ ଆଟର୍ଣ୍ଣି) ଆଣିଛୁ ? ଇଶ୍ୱରଙ୍କଠାର ତାଙ୍କ ବିଚାର କରିବାର ଅଧିକାର ଛଡାଇ ନେଉ ନାହୁଁ କି ?

****

# ଧର୍ମର ଅନୁଶାସନ ଓ ରାଜୁତା ଶାସନ

ଆଦିମ କାଳରେ ତା ପିଲାଛୁଆଙ୍କ ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ମଣିଷ ଚାହିଁଥିଲା ଅନ୍ୟ ମଣିଷ ବା ମଣିଷମାନେ ତାକୁ ଆକ୍ରମଣ ନ କରନ୍ତୁ, ତା ପାରିବାରିକ ଶାନ୍ତି ବ୍ୟାହତ ନ କରନ୍ତୁ । ଜନସଂଖ୍ୟା ବୃଦ୍ଧି ସହ ଯେଉଁ ସମାଜ ବା ଜନବସତି ଗଢ଼ି ଉଠିଲା ତହିଁରେ ଶୃଙ୍ଖଳା ରକ୍ଷା କରିବା ଦରକାର ପଡିଲା । ଗୋଟିଏ ଇଲାକାର ଲୋକେ ଜଣକୁ ମୁରବି ବା ମୁଖିଆ ମାନିଲେ ଓ ତା କଥା ଯିଏ ନ ମାନିଲା ତାକୁ ଦଣ୍ଡ ମିଳିଲା ଏବଂ ସେ ଦଣ୍ଡକୁ ସମସ୍ତେ ସମର୍ଥନ କଲେ । ପରେ ମୁରବିର ସଂଜ୍ଞା ତଥା ରୂପ ବଦଳିଲା; ସେ ହେଲା ସର୍ଦ୍ଦାର, ପରେ ରାଜା । କାଳକ୍ରମେ ସେ ଜଣକ ନିଜେ ବା କାହା ଦ୍ୱାରା ନିୟମାବଳୀ ତିଆରି କରିନେଲା; ଇତିହାସରେ ଏମିତିକା କୋଡ୍ ବା ସଂହିତାର ଉଦାହରଣ ଅଛି । ତାକୁ ଖୋଲାଖୋଲି ନ ମାନିଲେ ରାଜା ଦଣ୍ଡ ବିଧାନ କରୁଥିଲା । ତଥାପି ଖରାପ ମନୋବୃତ୍ତିର ଲୋକ ଲୁଚି ଛପି ବା ପ୍ରମାଣ ନ ରଖି ଅନୈତିକ, ବେଆଇନ, ବିଶୃଙ୍ଖଳ କାମ କରିପାରେ, ସମାଜର ସୁଖ ଶାନ୍ତିକୁ ବ୍ୟାହତ କରିପାରେ। ଏପରି ମନ ବା ମନୋଭାବକୁ ନିୟନ୍ତ୍ରଣ କରିବା ଦରକାର ବୋଲି ଚିନ୍ତାନାୟକମାନେ ଭାବିନେଲେ । ସମସ୍ତଙ୍କ ଭିତରୁ ବେଶି ପ୍ରଭାବଶାଳୀ ଚିନ୍ତାନାୟକଙ୍କର ପ୍ରବଚନରେ ଲୋକେ ଉଦ୍‌ବୁଦ୍ଧ ହେଲେ । ଫଳ ହେଲା ଧର୍ମ-ସଂହିତା ବା ଧର୍ମ ଗ୍ରନ୍ଥ । ଦୁଷ୍କର୍ମ କରୁଥିବା ଲୋକ, ଖରାପ ମନ ନେଇ କାମ କରୁଥିବା ଲୋକ, ରାଜା ଦ୍ୱାରା ଧରା ନ ପଡିଲେ ବି ଭଗବାନଙ୍କ ଦ୍ୱାରା ଧରା ପଡିବ - ସେଭଳି ଲୋକର ବିଚାର ଇହ ଜଗତରେ ନ ହେଲେ ବି ମୃତ୍ୟୁ ପରେ ହେବ ଓ ସେ ଦଣ୍ଡ ପାଇବ ବୋଲି ଧାରଣା ଧର୍ମ ସଂହିତାରେ ରହିଲା । ଲୋକେ ଯେପରି ଅମାନ୍ୟ ନ କରନ୍ତି ସେଥିଲାଗି କୁହାଗଲା ଧର୍ମ ସଂହିତା ଈଶ୍ୱରଙ୍କ ମୁହଁରୁ ଆସିଛି । ମାନବ ସଭ୍ୟତା ଦଶ ହଜାର ବର୍ଷରୁ ବେଶି ପ୍ରାଚୀନ ହୋଇଥିଲେ ହେଁ ସମାଜକୁ ଶୃଙ୍ଖଳିତ ରଖିବା ଲାଗି ସଂହିତା ତିଆରି ପାଞ୍ଚ ହଜାର ବର୍ଷରୁ ବେଶି ନୁହେଁ । ଆନୁଷ୍ଠାନିକ ଭାବେ ଧର୍ମ ସଂସ୍ଥାପନ ହେଲା ଯେତେବେଳେ ସଂହିତାର ରୂପ ନେଇ ଧର୍ମ ଗ୍ରନ୍ଥ ତିଆରି ହେଲା । ତାହା ସବୁ ଦୁଇ ଅଢେଇ ହଜାର ବର୍ଷ ତଳର । ପ୍ରଥମେ ଶୁଣା କଥା ରୂପେ, ପରେ ଲିଖିତ ଶାସ୍ତ୍ର ଆକାରରେ ପ୍ରାଚୀନ ସୁକ୍ତି ମାଳା ତିଆରି ହେଲା । ବେଦ ଏପରି ସୁକ୍ତି ମାଳାରେ ସମୃଦ୍ଧ । ଲିଖନ ସାମଗ୍ରୀ ସହଜ-ବହନୀୟ ନ ହେଲା ପର୍ଯ୍ୟନ୍ତ ଧର୍ମ ଗ୍ରନ୍ଥର ପ୍ରସାର ବାଚନିକ ଥିଲା, ଧର୍ମ ପ୍ରଚାର ଆଞ୍ଚଳିକ ଥିଲା, ଅଳ୍ପ ଲୋକେ ଶୁଣୁଥିଲେ । ଅଞ୍ଚଳ ଭିତ୍ତିରେ ସେତେବେଳର ବିଭିନ୍ନତା ଗତ ଦୁଇ ଅଢେଇ ହଜାର ବର୍ଷ ଧରି ଧର୍ମ ସଂଘର୍ଷର କାରଣ ହୋଇଆସିଛି; ଧର୍ମ ବିସ୍ତାର କଲେ ଭଗବାନ ଖୁସି ହେବେ କହି ରାଜା ମାନେ ନୂଆ ନୂଆ ଅଞ୍ଚଳ ଦଖଲ କଲେ ଏବଂ ସମ୍ରାଟ

ହୋଇ ପଡିଲେ, ସେମାନଙ୍କୁ ଦେବଅଂଶୀ କହି ଧର୍ମଯାଜକମାନେ ନିଜର ପ୍ରାଧାନ୍ୟ ବଜାୟ ରଖିଲେ । ପରେ ଧର୍ମଯାଜକମାନେ ଶାସକର ପୃଷ୍ଠପୋଷକତାରେ ଅନ୍ୟ ଧର୍ମର ଉଚ୍ଛେଦରେ ଚେଷ୍ଟିତ ହେଲେ । ପ୍ରଥମେ ଖ୍ରୀଷ୍ଟଧର୍ମ ଓ ତାହାର ଛ ଶହ ବର୍ଷ ପରେ ଇସଲାମ ସୀମାପାର ଯୁଦ୍ଧକୁ ଧର୍ମ ପ୍ରସାରର ଅସ୍ତ୍ର ରୂପେ ଗ୍ରହଣ କରିନେଲା । କେତେକ ଧର୍ମଗୁରୁ ଧର୍ମ ପ୍ରସାରରେ ହିଂସାକାଣ୍ଡକୁ ଭଗବାନ ଭଲ ପାଆନ୍ତି ବୋଲି ପ୍ରଚାର କରି ସନ୍ତ୍ରାସବାଦ ବଢାଇଲେ ।

ଦୁନିଆରେ ସମସ୍ତଙ୍କର କିଛି ନା କିଛି ଦୁଃଖ କଷ୍ଟ ଅଛି, କିଛି ନା କିଛି ଅପୂରଣୀୟ ଆଶା ରହିଛି । ସେଗୁଡିକୁ ଦୂର କରିବା ପାଇଁ ବା ସେଗୁଡିକୁ କାହା ଉପରେ ଛାଡି ଦେଇ ଶାନ୍ତି ପାଇବା ଲାଗି କିଛି ଗୋଟିଏ ପନ୍ଥା ଲୋଡା, ତାହା ହିଁ ଧର୍ମ ଯୋଗାଇଥାଏ । ଭଗବାନକୁ ଡାକୁଥିବାରୁ ସେ ଭାବେ ଅନ୍ୟଠାରୁ ସେ ମହତ୍, ଅନ୍ୟମାନେ ସାଂସାରିକ ସେ ଆଧ୍ୟାତ୍ମିକ, ଅନ୍ୟମାନେ ତାମସିକ ସେ ସାତ୍ତ୍ୱିକ । ଏଥିରେ ଯେଉଁ ଆତ୍ମ-ସନ୍ତୋଷ ଆସେ ତାହା କେବଳ ଧର୍ମରେ ବିଶ୍ୱାସ ଯୋଗୁଁ । ଅନ୍ୟକୁ ନ୍ୟୂନ ଭାବେ ଦେଖିବା, ଘୃଣା କରିବା, ଏ ସବୁ ମନ ଭିତରେ ଥିଲେ ବି ଧର୍ମ ଭାବ ଯୋଗୁଁ ସେ ନିଜକୁ କ୍ଷମା କରିନିଏ, ଏହାକୁ କହନ୍ତି ଆତ୍ମବଡିମା ବା ସ୍ୱକୀୟ କ୍ଷମା (ସେଲ୍‌ଫ ଏକ୍ସକ୍ୟୁଜାଲ) । ଧର୍ମ ଯେପରି ଲୋକଙ୍କୁ ବାନ୍ଧି ରଖିବାର ଏକ ସୂତା, ଲୋକେ ସେହିପରି ଏକ ସାଧାରଣ ସୂତା (ଇଲିମେଣ୍ଟ)ରେ ବନ୍ଧା ହେବାର ବହୁତ ଉଦାହରଣ ଅଛି । ଏକା କ୍ଲବ୍ ବା ଟିମ୍‌ର ମେମ୍ବର ହେବା, ବା ସମର୍ଥନକାରୀ ହେବା, ଏକା ଜାଗା ବା ଏକା କାରଖାନାରେ କାମ କରିବା, ଏକା ସାହିର ପର୍ବ ପର୍ବାଣୀରେ ଭାଗୀଦାର ହେବା, ଏ ସବୁ ଗୋଟିଏ ଗୋଟିଏ ବନ୍ଧନ ସୂତ୍ର । ଧର୍ମ ସେହିପରି ଏକ ବନ୍ଧନ ଡୋରି, ଇଲିମେଣ୍ଟ ବା ଉପାଦାନ ଯୋଗାଏ, କାରଣ ତହିଁରେ ଏକ ସାଧାରଣ ବିଶ୍ୱାସ ଓ ମୂଲ୍ୟବୋଧ ରହିଛି । ଯେଉଁମାନେ ଏ ମୂଲ୍ୟବୋଧର ଅବମାନନା କରନ୍ତି ବା ଘୃଣା କରନ୍ତି ସେମାନେ ଗୋଷ୍ଠୀ ପ୍ରତି ବିପଦ, ସେମାନଙ୍କୁ ଗୋଷ୍ଠୀରୁ ବାସନ୍ଦ କରିବା ବା ତଡାଯିବା ଦରକାର । ଧର୍ମରେ ତ ଏହି କଥା, ଯିଏ ଧର୍ମ ମାନୁନାହିଁ ତାକୁ ବାସନ୍ଦ କର, ତାକୁ ହଇରାଣ କର, ସେ ଯେପର୍ଯ୍ୟନ୍ତ ଅନୁଗତ ନ ହୋଇଛି ବା ତଡା ନଖାଇଛି । ଧର୍ମର ପ୍ରକୃତ ସ୍ୱଭାବ ଏହି ପ୍ରକାରର ହୋଇଥିବାରୁ ଧର୍ମ ଧର୍ମ ଭିତରେ ଅସୂୟା ଓ ହିଂସା ରହୁଛି । ଧର୍ମ ବ୍ୟକ୍ତିବିଶେଷକୁ ଗୋଷ୍ଠୀରେ ବାନ୍ଧେ । ଗୋଷ୍ଠୀର ପ୍ରତି ବ୍ୟକ୍ତି କେତେ ଗୁଡିଏ ସାଧାରଣ ବିଶ୍ୱାସ, ସାଧାରଣ ଆଦର୍ଶ, ସୁଖରେ ରହିବାର କେତେ ଗୁଡିଏ ସାଧାରଣ ଉପାୟ ମାନେ । ତାହା ହିଁ ତା ସମାଜର ସ୍ୱରୂପ ହୋଇଯାଏ ।

****

# ନିର୍ବାଚନରେ (ଗଣତନ୍ତ୍ର)ରେ ଧର୍ମ

ପ୍ରକୃତରେ ଓ ପ୍ରକୃତିରେ ଯାହା ଯେଭଳି ଘଟେ ତାହାକୁ ବୁଝାଇବାକୁ ଯାଇ ଧର୍ମଗୁରୁ ବା ଧର୍ମସଂସ୍ଥାପକ ମାନେ କେତେଗୁଡିଏ ଧାରଣା ତିଆରି କରିଛନ୍ତି । ଦୁଃଖ, ଅନୁତାପ, କ୍ଷମା-ପ୍ରାର୍ଥନା ଭଳି ମନୋଭାବ ମଣିଷକୁ ସାନ୍ତ୍ୱନା ଓ ପବିତ୍ରଭାବ ଆଣିଦେଲା, ମନକୁ ଖୁସି ରଖିଲା । ତା'ର ଆତ୍ମଯାତନା ଉଭେଇଗଲା, ସେ ସ୍ୱାଭାବିକ ଅବସ୍ଥାକୁ ଫେରିଲା । ପ୍ରାୟଶ୍ଚିତ ହେଲା ପାପକୁ ଧୋଇଦେବାର ଓ ଧର୍ମକୁ ଫେରିବାର ଉପାୟ । ଏ ଧାରଣା ଧର୍ମର ଏକ ଉପଚାର ହୋଇଗଲା । ପ୍ରାୟ ସବୁ ଧର୍ମଶାସ୍ତ୍ରରେ ସାଂସାରିକ କ୍ରିୟାକଳାପ ଧର୍ମର ଅଙ୍ଗ ନୁହେଁ ବୋଲି ଏକ ଧାରଣା ଦିଆଯାଇଛି । ଯେପରି ମୂର୍ତ୍ତି ପୂଜା ଏକ ଧାରଣା । ମୂର୍ତ୍ତି ପୂଜା ଓ ଧାରଣା ପୂଜା ଭିତରେ କିଛି ଫରକ ନାହିଁ । ମୂର୍ତ୍ତିକୁ ଭାଙ୍ଗ ବା ଧାରଣାକୁ ଭାଙ୍ଗ, ପ୍ରତ୍ୟେକଟିରେ ଧର୍ମାଳୁମାନେ ପ୍ରତିବାଦ କରିବେ ।

ଆମ ଦେଶରେ ନିର୍ବାଚନ ଆସିଗଲେ, ଅନ୍ୟ କୁଆଡେ କିଛି ହେଉ ନ ହେଉ ଉତ୍ତର ପ୍ରଦେଶରେ ଧର୍ମ ଏକ ପ୍ରମୁଖ ଭୂମିକା ନିଏ । ଭଗବାନଙ୍କୁ ରାଜନୀତି ଭିତରକୁ ଟାଣି ଅଣାଯାଏ । ବାବ୍ରି ମସ୍‌ଜିଦ୍ ଓ ରାମ ଜନ୍ମଭୂମି ପ୍ରସଙ୍ଗ ତ ସେହି ପ୍ରଦେଶର । ବିଜେପି ହିନ୍ଦୁତ୍ୱ ଭିତ୍ତିରେ ସାମ୍ପ୍ରଦାୟିକ ଦ୍ୱେଷ ବଢାଉଛି କହୁଥିବା କଂଗ୍ରେସ ସଂଖ୍ୟାଲଘୁ ନାଁରେ ମୁସଲମାନ ତୁଷ୍ଟିକରଣ ଚଳାଏ । ବୁଖାରୀ ମୁସଲମାନବିରୋଧୀ ଦଳକୁ ଭୋଟ ନ ଦେବା ଲାଗି ମୁସଲମାନମାନଙ୍କୁ କହନ୍ତି, ବିଜେପି ହିନ୍ଦୁତ୍ୱ ଉପରେ ଜୋର ଦିଏ ତ କଂଗ୍ରେସୀ ପ୍ରଧାନ ମନ୍ତ୍ରୀ ମନମୋହନ ସିଂହ କହନ୍ତି, ଦେଶର ସମ୍ପତ୍ତିରେ ମୁସଲମାନଙ୍କ ପ୍ରଥମ ପ୍ରବେଶ ନିଶ୍ଚୟ ରହିବା ଉଚିତ (Muslims must have first access to national resources) । କେବଳ ଯେ ଭାରତରେ ନିର୍ବାଚନ ଆସିଗଲେ ଭଗବାନ ମନେ ପଡନ୍ତି ବା ଭଗବାନକୁ ନେଇ ରାଜନୀତି ଚାଲେ ତାହା ନୁହେଁ; ଆମେରିକାରେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ବୁଶ୍ କାଥୋଲିକ ଲୋକଙ୍କ ସମର୍ଥନ ଭିକ୍ଷା କରିଥିଲେ, ଈଶ୍ୱର କୁଆଡେ ତାଙ୍କୁ ପ୍ରବର୍ତ୍ତାଇଥିଲେ ରାଷ୍ଟ୍ରପତି ପଦ ପାଇଁ । ହିଲାରୀ କ୍ଲିଣ୍ଟନ ପ୍ରାର୍ଥିତ୍ୱ ପ୍ରଥମଥର ଘୋଷଣା ବେଳେ ଡଜନରୁ ଅଧିକ ବାର ଈଶ୍ୱରଙ୍କ ନାମ ନେଇଥିଲେ । ପାକିସ୍ତାନକୁ ଇସ୍‌ଲାମିକ୍ ରିପବ୍ଲିକ୍ କରାଯାଇଛି ମୁଲ୍ଲାମାନଙ୍କ ଚାପରେ । ମିଶର ଦେଶରେ ନାସେରଙ୍କ ସମୟରେ ବେଆଇନ ଘୋଷିତ ମୁସ୍‌ଲିମ୍ ବ୍ରଦରହୁଡ୍ ପରେ ସେ ଦେଶରେ ଏକ ଇସଲାମୀ ରାଷ୍ଟ୍ର ସ୍ଥାପନ କରିବାର ନିର୍ବାଚନୀ ଘୋଷଣା କରି ସଂସଦୀୟ ନିର୍ବାଚନରେ ଜିତିଥିଲେ । ମାଲାଡ଼ିରେ

ରାଷ୍ଟ୍ରପତି ବିଙ୍ଗୁ ୱା ମୁଥାରିକା ଓ ତାଙ୍କ ମୁସ୍‌ଲିମ ଉପରାଷ୍ଟ୍ରପତି କାସିମ୍ ଚିଲୁମ୍ପା ଭିତରେ ଝଗଡା ବଢିବାରୁ ମୁସଲମାନମାନେ ରାଷ୍ଟ୍ରପତି ବିରୁଦ୍ଧରେ ଯାଇଥିଲେ । ଅର୍ଥାତ୍ ଭଗବାନଙ୍କୁ ରାଜନୀତିରେ ପୂରାଯାଉଛି । ରାଷ୍ଟ୍ର କ'ଣ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକଙ୍କ ପାଇଁ ? କିନ୍ତୁ ଏ ଅଯୌକ୍ତିକତାକୁ ଶୁଣୁଛି କିଏ ? ଆଜି ଯଦି ଧର୍ମ ଭିତ୍ତିରେ ଭୋଟ ମାଗିବ, କାଲି ଜାତି ଭିତ୍ତିରେ, ପଅରି ଦିନ ଦେହର ରଙ୍ଗ ଭିତ୍ତିରେ, ତା ଆର ଦିନ ଉଚ୍ଚତା ଭିତ୍ତିରେ ଭୋଟ ମାଗିବ । ବୁଶ୍‌ଙ୍କ ନିର୍ବାଚନ ପ୍ରଚାର ବେଳେ ଜଣେ ମାର୍କିନ କହିଥିଲେ, 'ମୋ ଦେଶର ଲୋକେ ମଧ୍ୟ ପ୍ରାଚ୍ୟରେ ମୁସଲମାନମାନେ ଶାସନ କରୁଛନ୍ତି ବୋଲି ନାକ ଟେକୁଛନ୍ତି; କିନ୍ତୁ ଆମ ଦେଶକୁ ବୁଶ୍ 'ଆମେରିକାର ଯୁକ୍ତରାଷ୍ଟ୍ର' ନ କରି 'ଯୀଶୁଙ୍କ ଯୁକ୍ତରାଷ୍ଟ୍ର' (ୟୁନାଇଟେଡ୍ ଷ୍ଟେଟ୍‌ସ ଅଫ୍ ଜିସସ୍) କରୁଛନ୍ତି ବୋଲି କେହି ଭାବୁନାହିଁ ।' ଦେଶର ନେତାମାନେ ନିରପେକ୍ଷ ହୋଇ ପାରୁନାହାନ୍ତି, ହେବାକୁ ଚାହୁଁ ନାହାନ୍ତି, କାରଣ ଭୋଟ ସଂଖ୍ୟା ସେମାନଙ୍କ ଗାଦି ନିର୍ଣ୍ଣୟ କରୁଥିବାରୁ ସେମାନେ ଯେନତେନ ପ୍ରକାରେଣ ବେଶି ଭୋଟ ପାଇବାକୁ ଚାହୁଁଛନ୍ତି । ପ୍ରତ୍ୟେକ ଦଳର ଖାଣ୍ଟି ସମର୍ଥକ ସଂଖ୍ୟା ପ୍ରାୟ ନିର୍ଦ୍ଦିଷ୍ଟ, ସଂଖ୍ୟାଗରିଷ୍ଠତା ପାଇଁ କେବଳ ଅସ୍ଥିରମତି (ସିଟିଂ ଅନ୍ ଦି ଫେନ୍‌ସ) ଭୋଟରଙ୍କୁ ନିଜ ପକ୍ଷକୁ ଆଣିବା କଥା । ତେଣୁ ଧର୍ମ ହିଁ ଏକ ସହଜ ଉପାୟ ।

ରାଜନୀତିରେ ଲାଭ ଉଠାଇବା ଲାଗି ଧର୍ମର ଯେମିତି ବ୍ୟବହାର, ବ୍ୟବସାୟରେ ଲାଭ ଉଠାଇବା ଲାଗି ଧର୍ମର ସେମିତି ବ୍ୟବହାର । ଧର୍ମ ଅନ୍ତରର ନ ହୋଇ ଗୋଟିଏ ମୁଖା ହୋଇଗଲାଣି । ଧର୍ମ ବ୍ୟକ୍ତିଗତ ନ ହୋଇ ଲୋକ ଦେଖାଣିଆ ହୋଇ ପଡିଲାଣି । ଯେଉଁ ନେତା ଓ ସରକାରୀ ଅଧିକାରୀମାନେ ସରକାରୀ ପଇସା ମାରି ନେଇ ବ୍ୟବସାୟ ଚଳାଇଛନ୍ତି ବା କଳାଧନ ମହଜୁଦ କରୁଛନ୍ତି ସେମାନେ ଭଗବାନଙ୍କୁ ଧନ୍ୟବାଦ ଦିଅନ୍ତି ହୁଣ୍ଡିରେ କୁଢ କୁଢ ପଇସା ପକାଇ ବା ସେହି ଉଦ୍ଦେଶ୍ୟରେ ଦାନ ଖଇରାତ କରି । ଆହୁରି ଏପରି ଧନ ଜମାଇବା ଲାଗି ସାମର୍ଥ୍ୟ ଦିଅ ବୋଲି ପ୍ରାର୍ଥନା କରନ୍ତି । ଲକ୍ଷେ ଟଙ୍କା ମାରିଥିବା କର୍ମଚାରୀ କହୁଛି, ଯାହାହେଉ ଭଗବାନଙ୍କ ଦୟା ଆଜି ଲକ୍ଷେ ମିଳିଗଲା, ଝିଅ ବାହାଘରଟା ମେଣ୍ଟିଯିବ । ସତେ ଯେପରି ଭଗବାନ ତା ଝିଅ ବାହାଘର ପାଇଁ ସରକାରୀ ଟ୍ରେଜେରିର ତାଲା ଖୋଲିଦେଲେ । ନାମକରା ଲୋକେ ବି ଲୋକଦେଖାଣିଆ ଧର୍ମ କରନ୍ତି, ଗଣମାଧ୍ୟମକୁ ଖବର ଦେଇ ମନ୍ଦିର ପ୍ରବେଶ ସହ ଭଗବାନଙ୍କୁ କିଲୋ କିଲୋ ସୁନା ଦାନ କରୁଛନ୍ତି ବୋଲି ଖୋଲାଖୋଲି ପ୍ରଚାର କରାଇ ଥାଆନ୍ତି, ଖବରଟା ଗଣମାଧ୍ୟମରେ ପ୍ରସାର କରାନ୍ତି ଯେପରି ଲୋକେ ଭାବିବେ

କେତେ ଧାର୍ମିକ ଏ ଲୋକ ! ଅମିତାଭ ବଚ୍ଚନ ଆଠ କୋଟି ଟଙ୍କାର ହୀରାଖଚିତ ହାର ତିରୁପତିଙ୍କୁ ଦେଇଛନ୍ତି । ଜୟଲଳିତା ନିର୍ବାଚନରେ ଜିତିଲେ ଏପରି ଦାନ କରିବେ ବୋଲି ଘୋଷଣା କରିଥିବାରୁ ଗୁରୁବାୟୁର ମନ୍ଦିରରେ ହାତୀଟିଏ ଅର୍ପଣ କଲେ (ଭୋଗ ଦେଲେ) । ଆମ ରାଜ୍ୟର ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକ କଂଗ୍ରେସ ହାଇକମାଣ୍ଡଙ୍କ ରୋଷରୁ ରକ୍ଷା ପାଇବା ଲାଗି ଅର୍ଥାତ୍ ନିଜର ମୁଖ୍ୟମନ୍ତ୍ରୀ ଗାଦି ରକ୍ଷା କରିବା ଲାଗି, କେତେ କଣ କରୁଥିଲେ ତାହା ନ କହିଲେ ଭଲ । ଏ ସବୁର ଅର୍ଥ: ଯେଉଁ ଧର୍ମ ନୀତି ନିୟମ ଶିଖାଏ, ପାପ ଓ ଭ୍ରଷ୍ଟାଚାରର ସଂଜ୍ଞା ଦିଏ, ତାକୁ ପୁଣି ଲୋକେ ଦୁଷ୍କର୍ମର ସହାୟକ ରୂପେ ଗ୍ରହଣ କରି ନିଅନ୍ତି ।

ନେତା ଓ ସରକାରୀ ଅଧିକାରୀମାନଙ୍କ ଭିତରେ ଯେତେ ଧର୍ମଭୀରୁ ଅଛନ୍ତି ସାଧାରଣ ଜନତା ଭିତରେ ସେତେ ନାହାନ୍ତି । ସକାଳେ ସଞ୍ଜେ ଫୋନ୍ କଲେ ଶୁଣିବେ ସାର୍ ପୂଜାରେ ବସିଛନ୍ତି, ଅଧଘଣ୍ଟାଏ ପରେ ଫୋନ୍ କରନ୍ତୁ । ତାଙ୍କୁ ଫୋନ୍ ଦିଆଯାଇଛି ସେ କଥା ଶୁଣିବେ ବୋଲି, କିନ୍ତୁ ନାଗରିକଟି ତିନି ଚାରିଟା ଫୋନ୍ କଲ୍‌ର ପଇସା ଶ୍ରାଦ୍ଧ କଲା ପରେ ବି ତାର କଥା କର୍ମଚାରୀ ବା ନେତାଙ୍କୁ ଶୁଣାଇବାକୁ ସମର୍ଥ ହୁଏ ନାହିଁ । ସାଧାରଣ ଲୋକର ଏ ସବୁ ଆସାମର୍ଥ୍ୟ ଅସାଧାରଣ ଲୋକର ବା ନେତାର ଭଗବାନଙ୍କ ଦ୍ୱାହି ଯୋଗୁଁ । ତେଣୁ ସାଧାରଣ ଲୋକ ଗାଳି ଦେଇ ପାରିବ ନାହିଁ । ଏ କି ଭକ୍ତି ବୋଲି ମନେ ମନେ ଗୁଣୁ ଗୁଣୁ ହେବ ସିନା ! ଯଦି ରାଜନେତାମାନେ ଧର୍ମ ଅନୁଯାୟୀ ଲୋକଙ୍କ ଆରତ ଶୁଣୁଥାଆନ୍ତେ, ଲୋକଙ୍କ ଭିତରେ ପ୍ରେମ ବାଣ୍ଟୁଥାଆନ୍ତେ, ତେବେ ଦେଶରେ ଗରିବି ରହନ୍ତା କାହିଁକି ବା ଖରାପ ପରିସ୍ଥିତି ଆସନ୍ତା କାହିଁକି ? ଧର୍ମଯାଜକମାନେ, ପଣ୍ଡା, ମୌଲବୀ, ଗ୍ରନ୍ଥୀ, ଫାଦର ମାନେ ଯଦି ଭକ୍ତମାନଙ୍କ ପ୍ରତି, ଶ୍ରଦ୍ଧାଳୁମାନଙ୍କ ପ୍ରତି, ପ୍ରେମ ଓ ଆଦର ଦେଖାନ୍ତେ ତେବେ କେବଳ ପଇସାଦେଲାବାଲାଏ ଆଗେ ଦର୍ଶନ ପାଆନ୍ତେ କାହିଁକି ? ପୀଡା ଯନ୍ତ୍ରଣା କେବଳ ଗରିବର ଭାଗ୍ୟରେ ରହନ୍ତା କି ? କେବଳ ସେତିକି ନୁହେଁ, ଭଗବାନଙ୍କୁ ଡାକିଲେ କରିଥିବା କୁକର୍ମ ପୋଛି ହୋଇଯାଏ – ବିଭିନ୍ନ ଧର୍ମର ଏ ଧାରଣା ଖରାପ ପ୍ରକୃତିର ଲୋକଙ୍କୁ ପୁନଃ ପୁନଃ ମନ୍ଦ କାମ କରିବାକୁ ଏକ ମାନସିକତା ଯୋଗାଏ । ମନ୍ଦ କାମ ବା ଅପରାଧ କରିବା ପୂର୍ବରୁ କେତେକ ଲୋକ ଭଗବାନଙ୍କୁ ଡାକୁଛନ୍ତି, କେତେକ ସାଧୁ ବୋଲାଉଥିବା ଲୋକ ଯୌନ କାମରେ ଲିପ୍ତ ରହିବା ନିମିତ୍ତ ନିଜକୁ ଭଗବାନ ବୋଲି ଦର୍ଶାଇ ନାରୀ ଶିକାର କରିଥାନ୍ତି ।

ଆମେ କିପରି ଆଦର୍ଶ ଜୀବନ ଯାପନ କରିବା ତାହା ଧର୍ମ ଶିଖାଏ, ଅଥଚ ଅନ୍ୟ କେହି ଉପରକୁ ଉଠିଲେ ଆମେ ସହିପାରୁନାହୁଁ, ପ୍ରଶଂସା କରିବା ତ ଦୂରର କଥା । କେବଳ ଆମେ ଯାହା କରୁଛୁ ତାହା ହିଁ ଆଦର୍ଶ ବୋଲି ଡିଣ୍ଡିମ ବାଡେଉଛୁ କାହିଁକି ? ଯେଉଁ ଧର୍ମଭୀରୁ

କହେ, ଯନ୍ତ୍ରଣା ଓ କଷ୍ଟ ପାଉଥିବା ଲୋକର ସେବା ପ୍ରକୃତ ଧର୍ମ, ସେ କିପରି ତା ଧର୍ମ ମାନୁ ନଥିବା ଲୋକକୁ ଯନ୍ତ୍ରଣା ଓ କଷ୍ଟ ଦିଏ ? କାହିଁକି ଲୋକେ ନିଜ ଦେହକୁ କଷ୍ଟ ଦେଇ, ଅଙ୍ଗ ପ୍ରତ୍ୟଙ୍ଗ କାଟି, ବଳି ଲଗେଇ ବା ଅନ୍ୟର ପିଲାକୁ ବଳି ଦେଇ ଭଲ କାମ କରୁଛି ବୋଲି ଭାବେ? ଅନ୍ୟର ପିଲାକୁ ବଳି ଦେଲେ ପୋତା ଧନ ମିଳିବ ବା ସନ୍ତାନ ଲାଭ ହେବ ଏ ଚିନ୍ତା ଆସେ କିପରି ? ମୋ ଧର୍ମ ବିରୁଦ୍ଧରେ ଯିଏ କହିଲା ସେ ତାହା ନିଜ ଧର୍ମରେ ଯେତେ ଧାର୍ମିକ ହୋଇଥାଉ ନା କହିଁକି ତାକୁ ମୁଁ ହତ୍ୟା କରିବା କେଉଁ ଧର୍ମର କଥା ? ନରହତ୍ୟା କରିଥିବା ଲୋକ କୋର୍ଟରୁ ଖଲାସ ହୋଇଗଲେ କହେ ଭଗବାନ ରକ୍ଷା କଲେ, ସେ ଯେ ସାକ୍ଷୀସୁଖା ମାନଙ୍କୁ ମାରି ଦେଇ ବା ଧମକ ଦେଇ ପ୍ରମାଣ ନଷ୍ଟ କରିଛି, ନାମୀ ଓକିଲ ଲଗାଇ, ବେଶ୍ କିଛି ଖର୍ଚ୍ଚ କରି, ବାରମ୍ବାର ମହଲତ ନେଇ, ମାମଲାକୁ ସାକ୍ଷୀ ମରିଯିବା ପର୍ଯ୍ୟନ୍ତ ବିଳମ୍ବ କରାଇଛି ତାହା ସେ ଭୁଲିଯାଏ ।

ଧର୍ମରେ ରାଜନୀତି ପଶିଲେ କି ବିଷମୟ ଫଳ ଦୁଏ ତାହା ଇରାନ, ଇରାକ, ଉତ୍ତର ଆୟର୍ଲାଣ୍ଡ ଦର୍ଶାଏ ; ପାକିସ୍ତାନ ଇସଲାମୀୟ ରାଷ୍ଟ୍ର ହୋଇଥିଲେ ବି ଇସଲାମର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଲାଗି ରହିଛି, ସଂଖ୍ୟାଗରିଷ୍ଠ (ଜନ ସଂଖ୍ୟାର ଶତକଡା ୮୦ ) ସୁନ୍ନୀ ମାନେ ଅଳ୍ପସଂଖ୍ୟକ ସିହା ମାନଙ୍କୁ ହତ୍ୟା କରିବାକୁ ପଛୋଉ ନାହାନ୍ତି । ଧର୍ମ ବ୍ୟକ୍ତିଗତ ଶାନ୍ତି ଆଣେ, ରାଷ୍ଟ୍ରନୀତି ବ୍ୟକ୍ତି ବ୍ୟକ୍ତି ଭିତରେ ଶାନ୍ତି ଆଣିବା ସହିତ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି ଆଣେ । ପ୍ରତ୍ୟେକ ଲୋକ ଧାର୍ମିକ ହୋଇ ପାରିବ ନାହିଁ କି ସମସ୍ତେ ଗୋଟିଏ ଧର୍ମର ହୋଇପାରିବେ ନାହିଁ, ତେଣୁ ଧର୍ମ ରାଷ୍ଟ୍ରନୀତିରେ ପଶିବା ଉଚିତ ନୁହେଁ । ଧର୍ମ ରାଜନୀତି ପ୍ରତି ଏକ ସଜାଗ ପ୍ରହରୀ ଭଳି କାମ କରିବା କଥା, କିନ୍ତୁ ରାଜନୀତିର ସହାୟକ ହୋଇପଡୁଛି । ଧର୍ମ ରାଜନୀତିକୁ ନୈତିକ କରିବା କଥା ଏବଂ ରାଜନୀତି ଧର୍ମକୁ ସହନଶୀଳ କରିବା କଥା । ତାହା ହେଉ ନାହିଁ ବୋଲି ଦୁନିଆରେ ଅଶାନ୍ତି ଓ ଯୁଦ୍ଧ ଲାଗି ରହିଛି ।

****

# ପୂଜାପୂଜି ଆମକୁ ଲାଞ୍ଚ ଶିଖାଉଛି

ବିଜ୍ଞାନ ଶିକ୍ଷାରୁ ମିଳେ; ଅନ୍ଧବିଶ୍ୱାସ ମନ ଭିତରୁ ଆସେ । ବିଜ୍ଞାନ ଆମର ଚେତନା ଓ ବିଚାରଭାବ । ଅନ୍ଧବିଶ୍ୱାସ ଆମର ଜଡତା, ଇନର୍ସିଆ । ଯେତେବେଳେ ଆମେ କୌଣସି ଅଲୌକିକ କଥାରେ ବିଶ୍ୱାସ କରୁ ତାହା ଆମ ଜଡତାର ଏକ ଅଂଶ ଭାବେ କାମ କରେ, ଆମେ ଅଧିକ କିଛି ଜାଣିବାକୁ ଚେଷ୍ଟା କରୁନା । ବିଜ୍ଞାନ ଆମକୁ ବିଶେଷ ଭାବେ ଜାଣିବାକୁ ପ୍ରେରିତ କରେ, ପରୀକ୍ଷା କରି ଦେଖିବାକୁ ପ୍ରବର୍ତ୍ତାଏ, ପ୍ରମାଣ ଖୋଜାଏ । ଏତେ କଷ୍ଟ କରୁଛି କିଏ, ବିଶ୍ୱାସ କରିଯାଅ ଯାହା ଶୁଣୁଛ ତହିଁରେ । କେତେ ସହଜ କାମ ! ଯେ କୌଣସି କଥା ବା ଖବରରେ ବିଶ୍ୱାସ କରିବା କେତେ ଆନନ୍ଦ ଦିଏ, ପ୍ରମାଣ ଯୋଗାଡ କରିବାର କଷ୍ଟରୁ ରକ୍ଷା କରେ ।

ଗଛକୁ ଛୁଇଁ ଦେଲେ ଲୋକ ମରିଯାଉଛି, ଉଡୁଥିବା ପ୍ରଜାପତି ଡେଣାରେ ଜଗନ୍ନାଥ ବିଜେ କରିଛନ୍ତି, ରୁଟିରେ ଆଲ୍ଲା ଲେଖା ହୋଇଛି, ମେରୀଙ୍କ ଆଖିରୁ ଲୁହ ବୋହୁଛି, ହନୁମାନଙ୍କ ଆଖିରେ ଚଞ୍ଚଳତା ଦିଶୁଛି, ଦେବୀ ସ୍ୱପ୍ନରେ କହିଲେ ବଳି ଦରକାର, ଶିବ ସ୍ୱପ୍ନେଇଲେ ସେ ଏଠି ପୋତି ହୋଇ ରହିଛନ୍ତି, ଗଣେଶ ଦୁଧ ପିଉଛନ୍ତି – ଇତ୍ୟାଦି ଖବରରେ ବିଶ୍ୱାସ କରିବା ଓ ତାହାରି ପ୍ରେରଣାରେ କାମ କରିବା ବଡ ଆନନ୍ଦ ଦିଏ । ମନରେ ଗୋଟିଏ ସନ୍ତୋଷ ଭାବ ଆସେ । ଏହାର କାରଣ ଆମେ ଜନ୍ମ ବେଳୁ ଏପରି ଏକ ବିଶ୍ୱାସରେ ବଢି ଆସିଛୁ । ଏମିତି କୌଣସି ଗୋଟିଏ ବିଶ୍ୱାସକୁ ନମାନି ଆଗେଇ ଗଲେ ଯଦି କିଛି ଅଘଟଣ ଘଟିଯାଏ ଆମେ ସେହି ଅବିଶ୍ୱାସକୁ ଅଘଟଣର କାରଣ କହୁଁ । ବାପା ମା କହନ୍ତି, ମୁଁ କହୁଥିଲି ନା, ଏମିତି କର ନା ବା ଏ ସମୟରେ ଯାଆନା, ତୁ ମାନିଲୁ ନାହିଁ ଏବେ ଭୋଗ କଲୁ । ବିରାଡିଟିଏ ଚାଲିଗଲା ତ ସେ ବାଟ କାଟିଦେଲା, ଗାଡି ବନ୍ଦ କର । ଆଉ ଗୋଟିଏ ଗାଡି ଚାଲିଗଲା ପରେ ତୁ ଯା । ଦୋଷ କଟିଯିବ । ମୁଁ କେବେ ଭାବେ ନାହିଁ ଯେ ଆଉ ଯେଉଁ ଗାଡିଟି ଚାଲିଗଲା ସେ କାହିଁକି ବିଲେଇ ଯିବାଟାକୁ ଦୋଷ ଧରିଲା ନାହିଁ । ବାପା ମା କହିବେ ସେ ତ ବିରାଡି ଯିବାଟା ଦେଖିନାହିଁ । ଯିଏ ଦେଖିନାହିଁ ତା ପାଇଁ ଦୋଷ ନାହିଁ । ଯଦି ଆଉ ଗାଡି ପଛରୁ ଅବା ଆଗରୁ ଆସୁନାହିଁ, ତୋର ଜଲଦି ଯିବାର ଅଛି, ତେବେ ଗାଡି ଷ୍ଟାର୍ଟ ବନ୍ଦ କର, ଟିକେ ପଛକୁ ଚଲାଇ ଦେ, ପୁଣି ଆଗେ ବଢ । ବିରାଡିଟିଏ ଆଗରେ ଚାଲିଗଲେ କାହିଁକି ବାଟ ମାରା ହୋଇଗଲା ମୁଁ ପ୍ରଶ୍ନ କରେନାହିଁ । ପ୍ରଶ୍ନ କଲେ ଯଦି କାରଣ ବୁଝି ହେଲା ଏବଂ ସେ କାରଣଟି ମୋତେ କାହିଁକି ଆଉ

ସମସ୍ତଙ୍କୁ ଲାଗୁ ହେବ, ତେବେ ତାହା ବିଜ୍ଞାନ-ସମ୍ମତ ହୋଇଯିବ । ଘଟଣା ଓ କାରଣର ସମ୍ପର୍କ ଜାଣି ହେଲେ ତାହା ଆଉ ବିଶ୍ୱାସ, ଅନ୍ଧ ବିଶ୍ୱାସ ବା ଅପ୍ରମାଣିତ ଘଟଣା ହୋଇ ରହିବ ନାହିଁ ।

ଆମ ବୁଢାବୁଢୀମାନେ ସବୁ ବିଶ୍ୱାସ-ଜନିତ-ଦୋଷ କାଟିବାର ଉପାୟ ବି ବରାଦ କରିଛନ୍ତି । ଏ ବରାଦ ବି ଗୋଟିଏ ଅନ୍ଧବିଶ୍ୱାସ । ଦୁଃଖ, ଦଶା ବା ଜାତକରେ ଦୋଷ ଆଦି ଦେଖାଇବା ଲୋକ ତାକୁ ସୁଧାରିବାର ଔଷଧ ଦେବାର ବ୍ୟବସାୟ କରେ । ପୁରୋହିତ, ମୁଲ୍ଲା, ଫାଦର ଓ ତଦ୍ରୂପ ଆତ୍ମନିଯୁକ୍ତ ବୃତ୍ତିଧାରୀ (ସେଲ୍‌ଫ ଏମ୍ପ୍ଲୟଡ୍ ପ୍ରଫେସନାଲ) ପୂଜକ ମାନଙ୍କ ପାଇଁ ଧର୍ମ ଯେମିତି ଗୋଟିଏ ବ୍ୟବସାୟ – ବିଶ୍ୱାସଜନିତ ଦୋଷର ଦୂରୀକରଣର ବ୍ୟବସାୟ । ସେହିମାନେ ପ୍ରଥମେ କହନ୍ତି ଅମୁକ ଦଶା ପଡିଲାଣି ବା ପଡିବ, ମୁକ୍ତି ପାଇବା ଲାଗି ଅମୁକ ଅମୁକ ପୂଜା କର । ଲୋକଙ୍କୁ ମତାନ୍ତି, ଏହି ମତାଇବାରେ ସେମାନଙ୍କର ବ୍ୟବସାୟ ବଢିବାର ବୀଜ ରହିଛି । ମନ୍ଦିର ଯେତେ ବଢିବ, ସେତେ ଆତ୍ମନିଯୁକ୍ତିର ଅବସର ମିଳିବ, ମନ୍ଦିର ତିଆରି କରାଇଥିବା ଲୋକ ପୁରୁଷ ପୁରୁଷ ଧରି ରୋଜଗାରର ପଛା କରିନିଏ । ପ୍ରାଚୀନ ପ୍ରାଚୀ ନଦୀର ଗର୍ଭରେ ଆମେ ପ୍ରଥମେ ମନ୍ଦିର ଗଢିଲୁ, ପରେ ନଦୀ ଶଯ୍ୟାକୁ ଚାଷ ଜମି କରିଦେଲୁ । ବନ୍ୟା ହେଲେ ହିଁ ଆମର ମନେ ପଡେ ପ୍ରାଚୀ ବୋଲି ଏକ ବଡ ନଈ ଥିଲା । ଏହି ନଈ ବାଟେ କୋଣାର୍କ ମନ୍ଦିର ତିଆରିର ବଡ ବଡ ପଥର ବୁହାହୋଇ ପାରିଥିଲା । ନଈ ଶଯ୍ୟାକୁ ସଂକୀର୍ଣ୍ଣ କରିଦେଇ ଗତ ତିରିଶି ଚାଳିଶି ବର୍ଷ ଭିତରେ କାଠଯୋଡିର କଟକ-ପାର୍ଶ୍ୱ ଶଯ୍ୟାରେ ଅଧ ଡଜନରୁ ବେଶି ମନ୍ଦିର ତିଆରି ହେଲାଣି । ଏଭଳି ମନ୍ଦିର ତିଆରି କରୁଥିବା ଲୋକ କେବେ ଭାବୁନାହିଁ ଯେ ନଦୀ ଏକ ପ୍ରାକୃତିକ ଜଳ ନିଷ୍କାସନ ପ୍ରଣାଳୀ; ନଦୀ ଗର୍ଭକୁ ମାଡି ବସି ତାର ଶଯ୍ୟାକୁ ସଂକୀର୍ଣ୍ଣ କରିବା କଣ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧ ନୁହେଁ? ସର୍ବସାଧାରଣ ଜମିରେ ମନ୍ଦିର, ମସ୍‌ଜିଦ୍, ବା ଗିର୍ଜା ତିଆରି କରି ଲୋକଙ୍କ ଭିତରେ ଧର୍ମଭାବ ବଢାଉଛୁଁ, ତେଣୁ ଏକ ଜନହିତକର କାମ କରୁଛୁଁ, ବୋଲି ଯେଉଁମାନେ କହନ୍ତି, ଜନହିତକର କାର୍ଯ୍ୟ ଲାଗି ଦରକାର ହେଲେ ଜବରଦଖଲ କରିଥିବା ଧର୍ମସ୍ଥାନ ଛାଡି ହେବ ନାହିଁ ବୋଲି ସେହିମାନେ କହନ୍ତି । କେଉଁଟା ବେଶି ଜନହିତକର, ଧର୍ମଭାବ ବଢାଇବା ନା ଲୋକଙ୍କ ସୁବିଧା କରାଇବା? ଭଗବାନ କଣ ଜନହିତକର କାର୍ଯ୍ୟ ଚାହାନ୍ତି ନାହିଁ ? ଯଦି ଭଗବାନ ଜନହିତକର କାମ ଚାହାନ୍ତି ନାହିଁ, ତେବେ ଧର୍ମପୁରୁଷ ମାନେ (ଗଡ୍‌ମେନ୍) କାହିଁକି କଳା ପଇସାର ଦାନ ନେଇ ତାକୁ ଜନହିତକର କାମରେ ଲଗାଉଛନ୍ତି? ସାଇ ବାବା ହୁଅନ୍ତୁ ବା ଆନନ୍ଦମୟୀ ମା ହୁଅନ୍ତୁ ବା ଆଗା ଖାଁ ହୁଅନ୍ତୁ


ବା ଦାତବ୍ୟ ଅନୁଷ୍ଠାନର ପରିଚାଳକ ହୁଅନ୍ତୁ, ଗଡ୍‌ମାନ୍ ଓ ଗଡ୍‌ଓମାନ୍ ମାନେ ଯେଉଁ ଟଙ୍କା ପଇସା ପାଆନ୍ତି ତହିଁର ସିଂହ ଭାଗ ଅନୈତିକ କାରବାର କରି ଧନ ଜମାଉଥିବା ଲୋକଙ୍କଠାରୁ ଆସେ । ମନ୍ଦିରର ହୁଣ୍ଡିମାନଙ୍କରେ ବି ସେହି ଧନ ପଡେ । ଦାନ ଦେଇ ପାପ ବିକ୍ରି କରିହେବ, ଧର୍ମ କିଣି ହେବ, ଏ ଧାରଣା ସବୁ ଧର୍ମରେ ଅଛି । ଲାଞ୍ଚ ଦେଇ କାମ ହାସଲ କରିହେବ - ଏ ଧାରଣା ଭ୍ରଷ୍ଟାଚାର ବ୍ୟାପିବାର ବଡ କାରଣ । ଚିତ୍ତଶୁଦ୍ଧିରେ ନୁହେଁ, ପୂଜା ଅର୍ଚ୍ଚନାରେ ପ୍ରାୟଶ୍ଚିତ ହୁଏ ବୋଲି ସବୁ ଧର୍ମସ୍ଥଳରେ ବିଜ୍ଞାପନ ଦିଆଯାଉଛି । ପୂଜକ ପଇସା ପାଇବାର ଏ ଏକ ବନ୍ଦୋବସ୍ତ । କୃତ୍ରିମ ଅଭାବ ସୃଷ୍ଟି କରି ଚଢା ଦରରେ ବିକି, ଗରିବକୁ ସ୍ୱଚ୍ଛଳରେ ବଞ୍ଚିବାର ଅଧିକାରରୁ ବଞ୍ଚିତ କରି, ଅଯାଚିତ ଲାଭ କରିଥିବା ଲୋକ ମନ୍ଦିରରେ ବଡ ବଡ ପୂଜାର ଆୟୋଜନ କରିଥାଏ। ଦେଶର ସମ୍ପଦକୁ ଲୁଟ୍ କରୁଥିବା ମାଫିଆମାନେ ଲୁଟ ପଇସାରୁ କିଛି ମନ୍ଦିରକୁ ଦେବା କାମକୁ ଧର୍ମ କାମ ବୋଲି ଭାବନ୍ତି, ଈଶ୍ୱରଙ୍କୁ ଖୁସି କରିବାର ଉପାୟ ବୋଲି ଭାବନ୍ତି, ଯିଏ ଯେତେ ବେଶି ଦାନ କରିବ ସିଏ ସେତେ ବେଶି ଦକ୍ଷିଣା ଦେବ ବୋଲି ଆଶା ରଖି ପୂଜକମାନେ ସାହାଯ୍ୟ କରନ୍ତି । ତିରୁପତିରେ କର୍ଣ୍ଣାଟକର ଖଣିମାଲିକ-ମନ୍ତ୍ରୀ ରେଡ୍ଡି ୧୬ କିଲୋ ସୁନାର ମୁକୁଟ ଦେବା ବା କିଂ ଫିସର ଏଆର୍ ଲାଇନ୍‌ସର ମାଲିକ ମାଲ୍ୟା ୩ କିଲୋ ସୁନା ଦେବା ଏଭଳି ଗୋଟିଏ ଗୋଟିଏ ଉଦାହରଣ । କଳା ଟଙ୍କା ନେଇ ମନ୍ଦିର ପରିଚାଳକମାନେ ତଥା ଗଡ୍ ମେନ୍ ଓ ଗଡ୍ ଓ୍ୱିମେନ୍ ହସ୍ପିଟାଲ, କଲେଜ, ସ୍କୁଲ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଆଦି କରୁଛନ୍ତି, କାହିଁକି ? ଜନସେବା ପାଇଁ ତ ! ତେବେ ଲୋକେ ନିଜେ କାହିଁକି ସେ କାମ କରୁ ନାହାନ୍ତି ? କିମ୍ବା ରାଜକୋଷକୁ ଦେଇ ସରକାରକୁ ସେଭଳି କାମ କରିବାକୁ ବାଧ୍ୟ କରୁନାହାନ୍ତି କାହିଁକି?

ଜଣ ଜଣ କରି ବ୍ୟକ୍ତି ବିଶେଷର ଚାନ୍ଦା ବା ଦାନ ଏତେ ବେଶି ନୁହେଁ ଯେ ତହିଁରେ କୌଣସି ବଡ କାମ ହାତକୁ ନେଇ ହେବ । ସବୁ ଦାତାଙ୍କର ଚାନ୍ଦାକୁ ଗୋଟିଏ ଜାଗାରେ ଏକାଠି କରି ପାରିଲେ ଏହା ସମ୍ଭବ । ମ୍ୟୁଚୁଆଲ ଫଣ୍ଡ ମାନେଜର ଏହି କାମ କରି ଛୋଟ ଛୋଟ ଜମାକାରୀଙ୍କୁ ତାଙ୍କ ପଇସା ଉପରେ ଲାଭାଂଶ ଦେଇଥାନ୍ତି । ସାଧୁ, ସନ୍ଥ କି ଗୁରୁ କୁହନ୍ତୁ ଅଥବା ସେହିଭଳି ଅର୍ଥବୋଧକ ଶବ୍ଦ ସ୍ୱାମୀ ବା ବାବା କୁହନ୍ତୁ ଅଥବା ଗଡ୍‌ମେନ୍ କି ଗଡ୍‌ଓ୍ୱିମେନ୍ କୁହନ୍ତୁ ଏମାନେ ଭକ୍ତମାନଙ୍କ ଭେଟି, ଦାନ, ସମର୍ପଣ ଆଦି ରୂପେ ମିଳୁଥିବା ପାଣ୍ଠିର ପରିଚାଳକ, ମ୍ୟୁଚୁଆଲ ଫଣ୍ଡ ମାନେଜର, ରୂପେ କାମ କରୁଛନ୍ତି। ଆଶ୍ରମ ଖର୍ଚ୍ଚ ମେଣ୍ଟାଇ ବଳକା ପଇସାରେ ଜନହିତକର କାମ କରୁଛନ୍ତି। ଅୟସ କରି ପାରୁଛନ୍ତି । ସାଇ

ବାବା ଆଶ୍ରମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା, ମା ଅମୃତାନନ୍ଦମୟୀ କୋଚିରେ ହସ୍ପିଟାଲ ବ୍ୟବସ୍ଥା କରିବା, ଆଗା ଖାଁ ଐତିହ୍ୟ ରକ୍ଷା ଦିଗରେ ବ୍ୟବସ୍ଥା କରିବା - ଏହିଭଳି ଗୋଟିଏ ଗୋଟିଏ ଉଦାହରଣ । ପ୍ରତ୍ୟେକ ଧର୍ମସ୍ଥଳୀ ପୂଜାର୍ଥୀମାନଙ୍କ ପଇସାରେ କୋଟିପତି ହୋଇ ସେହି ପଇସାର କିଛି ଅଂଶ ଜନହିତକର କାମରେ ଲଗାଉଛନ୍ତି, ବାକି ନିଜ ଅୟସରେ ଖର୍ଚ୍ଚ କରୁଛନ୍ତି । ମକ୍କା ମଦିନା ହେଉ କି ତିରୁପତି ତିରୁମାଳା ହେଉ, ଆଗା ଖାଁ ହୁଅନ୍ତୁ ବା ଶଙ୍କରାଚାର୍ଯ୍ୟ ହୁଅନ୍ତୁ କି ପୋପ୍ ବା କାର୍ଡିନାଲ ହୁଅନ୍ତୁ, ସମସ୍ତେ ସେମାନଙ୍କ ଅନୁଗତମାନଙ୍କ ପଇସା ଉପରେ ନିର୍ଭରଶୀଳ, ଏକ ପ୍ରକାରର ପରାଙ୍ଗଭୋଜୀ, ଅନୁଗତାଙ୍ଗଭୋଜୀ ।

ପୂଜା ନାଁରେ ଜବରଦସ୍ତ ଚାନ୍ଦା ଆଦାୟ କରିବା ଅଧର୍ମ ନୁହେଁ, କି ଆଦାୟ ଟଙ୍କା ଅସତ ଟଙ୍କା ନୁହେଁ, ବା ଜମି ଜବର ଦଖଲ କରି ମନ୍ଦିର, ମସ୍‌ଜିଦ୍ ଓ ଗିର୍ଜା ତୋଳିବା କୁକର୍ମ ନୁହେଁ, ବିଧର୍ମୀଙ୍କୁ ହତ୍ୟା ଉଦ୍ୟମରେ ନିରୀହ ଲୋକଙ୍କୁ ହତ୍ୟା କରିବା ବା ତାକୁ ପ୍ରୋତ୍ସାହନ ଦେବା ଏକ ଧର୍ମ କାମ ବୋଲି ଆମକୁ ଧାରଣା ଦେଇଛନ୍ତି ମୌଳବାଦୀମାନେ ।

ଶିକ୍ଷିତ ଲୋକଙ୍କ ଭିତରେ ବେଶି ଦୋମୁହାଁ ଅଛନ୍ତି । ଗଣେଶ ଦୁଧ ପିଉଛନ୍ତି ଭଳି କେତେ କୁ-ଘଟଣାର ସେହିମାନେ ପରିପୋଷକ । ଲୋକେ ନାସ୍ତିକ କହିଦେଲେ ସତେ ଯେମିତି ଆମ ଉପରେ ଗୋଟିଏ ଅଭିଶାପ ପଡିଯିବ, ଭବିଷ୍ୟତରେ ଯଦି କିଛି ଅଘଟଣ ବା ଦୁର୍ଘଟଣା ଘଟେ ଏହାରି କାରଣରୁ ଘଟିଲା ବୋଲି କାଳେ କିଏ କହିବ ଓ ତାହା ଗୋଟିଏ ଦାଗ (ଷ୍ଟିଗ୍ମା) ଭଳି ରହିବ —ଏ ଡର ଆମ ଭିତରେ ରହିଛି । ଏମିତି ଡର ଥିବା ଯାଏ ଆମେ ଯେ କୌଣସି କଥା ବା ଖବରରେ ବିଶ୍ୱାସ କରି ଆନନ୍ଦ ପାଉଥବା ।




ଧର୍ମ ନୂଆ ପ୍ରକାରର ଭ୍ରଷ୍ଟାଚାର ସୃଷ୍ଟି କଲା । ଭୋଗ (ଲାଞ୍ଚ) ଦେଇ କାମ ହାସଲ କରିହେବ - ଏ ଧାରଣା ଭ୍ରଷ୍ଟାଚାର ବ୍ୟାପିବାର ବଡ କାରଣ । ଚିତ୍ତଶୁଦ୍ଧିରେ ନୁହେଁ, ପୂଜା ଅର୍ଚ୍ଚନାରେ ପ୍ରାୟଶ୍ଚିତ ହୁଏ ବୋଲି ସବୁ ଧର୍ମସ୍ଥଳରେ ବିଜ୍ଞାପନ ଦିଆଯାଉଛି । ପୂଜକ ପଇସା ପାଇବାର ଏ ଏକ ବନ୍ଦୋବସ୍ତ । ଧର୍ମ ଟଙ୍କା ପଇସାର କାମ ନୁହେଁ, ଏ ଏକ ଆଧ୍ୟାତ୍ମିକ ଚିନ୍ତା, କିନ୍ତୁ ଆମେ ଦେଖୁଛୁ ଧର୍ମ ଭୌତିକ ହୋଇପଡୁଛି, ସମ୍ପତ୍ତି ବଢାଇବା ଲାଗି ଧର୍ମ-ଆଚରଣ କରାଯାଉଛି ।

****

# ସଂସ୍କୃତ ଉଚ୍ଚାରଣ ଓ ପୁରୋହିତଗିରି

ବଡ ବଡ ସଭାରେ ବା ପ୍ରବଚନରେ ଭାଷଣ ଦେଉଥିବା ପଣ୍ଡିତମାନେ କହନ୍ତି, ସେମାନେ ହିଁ ଗ୍ରନ୍ଥ ବା ଶ୍ଳୋକ ଆବୃତ୍ତି କରିବାର ଲାଇସେନ୍‌ସ ପାଇଛନ୍ତି, ଆଉ କେହି ଧର୍ମ ଗ୍ରନ୍ଥ ପଢୁ ବା ଶ୍ଳୋକ ଆବୃତ୍ତି କରୁ ସେମାନେ ଚାହାନ୍ତି ନାହିଁ । ଗ୍ରନ୍ଥ ଭୁଲ ପଢିଲେ, ଶ୍ଳୋକ ଭୁଲ ଉଚ୍ଚାରଣ କଲେ ଈଶ୍ୱର ରାଗିଯିବେ, ଫଳ ଓଲଟା ହେବ କହି ଏମାନେ ଗୋଟିଏ ଅନ୍ଧବିଶ୍ୱାସ ତିଆରି କରନ୍ତି, ତାହା ଏମାନଙ୍କ ବ୍ୟବସାୟ ବଢିବାରେ ସାହାଯ୍ୟ କରେ । ପୁରୋହିତ ଶ୍ରେଣୀର ଏହିମାନେ ପୂଜାର୍ଥୀଙ୍କୁ ନିଜେ ଆବୃତ୍ତି କରିବାରୁ ବଞ୍ଚିତ କରନ୍ତି । ଉଚ୍ଚାରଣ ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ, ତଣ୍ଟି ଭିତରର ସ୍ୱରପେଟିକା (ଭୋକାଲ୍ କର୍ଡ) ଭିନ୍ନ ଭିନ୍ନ ଲୋକର ଉଚ୍ଚାରଣକୁ ଭିନ୍ନ ଭିନ୍ନ ଢଙ୍ଗ ଦେଇଥାଏ । ତା ଛଡା ବକ୍ତାର ମାତୃଭାଷାର ଉଚ୍ଚାରଣ ଢଙ୍ଗ ତାହାର ଅନ୍ୟ ଭାଷାରେ ବକ୍ତବ୍ୟର ଉଚ୍ଚାରଣକୁ ରୂପ ଦେଇଥାଏ । ଶବ୍ଦର ଶେଷ ଅକ୍ଷର ହିନ୍ଦିରେ ହଳନ୍ତ୍ ସହ ତ ଓଡିଆରେ ବିନା ହଳନ୍ତରେ ଓ ତେଲୁଗୁରେ ଆକାର ଯୁକ୍ତ ହୋଇ ଉଚ୍ଚାରିତ ହୁଏ । ଯମୁନା କହିବ ନା ୟମୁନା କହିବ ? ଦଳୀୟ କହିବ କି ଦଲୀୟ କହିବ? ତାହା ପୁଣି ସମ୍ପୃକ୍ତ ଭାଷାର ବର୍ଣ୍ଣମାଳା ଉପରେ ନିର୍ଭର କରେ । ପଣ୍ଡିତ ତ ଜନ୍ମରୁ ଉଚ୍ଚାରଣ ଜାଣି ନଥାଏ, ସେ ଶିକ୍ଷକଠାରୁ ଶିଖେ । ଶିକ୍ଷକ ଶୁଦ୍ଧ ଉଚ୍ଚାରଣ କରୁଥିଲା ବୋଲି ଗାରେଣ୍ଟି କିଏ ଦେବ ? ଯିଏ ଗ୍ରନ୍ଥ ଲେଖିଛି ବା ଶ୍ଳୋକ ଲେଖିଛି ସେ ଯେ ଶୁଦ୍ଧ ଲେଖିଛି କିଏ ଗାରେଣ୍ଟି ଦେବ? ତାକୁ ସେମିତି ଶ୍ଳୋକ ଲେଖିବାକୁ କିଏ କହିଲା? ଭଗବାନ କହିଲେ ବୋଲି ପ୍ରମାଣ କଣ ? କେହି ଜଣେ ଋଷି ଲେଖିଛନ୍ତି ବୋଲି ଆମେ ଆର୍ଷ ପ୍ରୟୋଗ ବୋଲି କହି ତାକୁ ଗ୍ରହଣ କରିନେଉ ।

ପୁଣି ଶବ୍ଦ ତ ଯୁଗ ଅନୁଯାୟୀ ବଦଳୁଛି । ପାଣିନୀଙ୍କ ପୂର୍ବରୁ ଯେଉଁ ଭାଷା ଚଳୁଥିଲା ସେଥିରେ କଣ ଭଗବାନ ଖୁସି ନଥିଲେ? ସେ କଣ ପାଣିନୀଙ୍କୁ କହିଲେ ତୁମ ବ୍ୟାକରଣ ଅନୁଯାୟୀ ଲେଖା ହୋଇଥିବା ଭାଷା ହିଁ ଖାଣ୍ଟି ଅର୍ଥାତ୍ ସଂସ୍କୃତ ବୋଲି ଧରିବି ଓ ଆଉ ସବୁ ଭାଷାକୁ ଅଗ୍ରାହ୍ୟ କରିବି ? ଲିଖିତ ଭାଷା ଆରମ୍ଭ ହେବା ପୂର୍ବରୁ ଶୁଦ୍ଧ ଭାଷା ଧାରଣା କିଏ ଦେଲା ? ଦେଖାଯାଉଥିବା ବା କଳ୍ପନା କରିହେଉଥିବା ଯାବତୀୟ ବର୍ଣ୍ଣନା ହିଁ ଥିଲା ଶବ୍ଦ, - ଏ ଥିଲା ଚିତ୍ରଲିଖନ ବା ପିକ୍‌ଟୋଗ୍ରାଫ । ତହିଁରୁ ପରେ ବର୍ଣ୍ଣମାଳା ଉଦ୍ଭବ ହେଲା । ସେତେବେଳେ ମନର ଭାବ କଣ ଭଗବାନ ବୁଝୁ ନ ଥିଲେ ? ବଡପାଟିରେ ଉଚ୍ଚାରଣ କରି କହିଲେ ସେ ଶୁଣିବେ ? ଭଗବାନ କଣ କାଲା ? ପୁଣି ଏହି ମୌଳବାଦୀମାନେ କହନ୍ତି ଭଗବାନ କୁଆଡେ

ମନକଥା ଶୁଣନ୍ତି, ମନର ଭାବ ବୁଝନ୍ତି । ତେବେ ସେ ପାଟି କରି କହୁଥିବା ପ୍ରାର୍ଥନାକୁ ଅପେକ୍ଷା କରିଛନ୍ତି କାହିଁକି ? ସ୍ୱର୍ଗତ ଗୌରୀକୁମାର ବ୍ରହ୍ମା ବିଭିନ୍ନ ସ୍ଥାନରେ କହୁଥିଲେ, ଓଡିଶାରେ ସଂସ୍କୃତ ଶ୍ଲୋକର ଶୁଦ୍ଧ ଉଚ୍ଚାରଣ ହେଉ ନ ଥିବାରୁ ପୂଜାର ଫଳ ମିଳୁନାହିଁ । ତାଙ୍କ ଭଳି ପ୍ରବକ୍ତାମାନେ ହିଁ ଧର୍ମକୁ ଲୋକ ଦେଖାଣିଆ କରିଦେଲେ, ଶ୍ରଦ୍ଧାଳୁମାନଙ୍କ ଠାରୁ ଦୂରେଇ ଦେଲେ, ଧର୍ମ ଆଉ ବ୍ୟକ୍ତିର ନ ହୋଇ ମଧ୍ୟସ୍ଥର ହୋଇଗଲା । ପୁରୋହିତ ଯାହା କହିଲା ଠିକ୍ କହୁଛି ବୋଲି ଲୋକେ ଧାରଣା କରିନେଲେ । ଗୁରୁବାୟୁର ମନ୍ଦିରରେ ହାତୀ ଅର୍ପଣ କରିବାକୁ ଜୟଲଳିତାଙ୍କୁ କହିଥିବା ପଣ୍ଡିତ ବା ଜଗନ୍ନାଥଙ୍କୁ ଟ୍ରକ୍‌ରେ ବସାଇ ଓଡିଶା ବୁଲାଇବାକୁ ଜାନକୀବଲ୍ଲଭଙ୍କୁ କହିଥିବା ପଣ୍ଡିତ କଣ ତାଙ୍କ ଉଚ୍ଚାରଣଗତ ଶୁଦ୍ଧତା ଯୋଗୁଁ ଏଭଳି କର୍ମ କରିବାକୁ କହିଥିଲେ ନା ଲୋକଚକ୍ଷୁରେ ପରମ ଧାର୍ମିକ ଭାବେ ସେମାନଙ୍କ ପରିଚିତି ସୃଷ୍ଟି କରିବା ଲାଗି ଏଭଳି କର୍ମ କରିବାକୁ କହିଥିଲେ? ଏହି ଶୁଦ୍ଧ ଉଚ୍ଚାରଣକାରୀ ବୋଲାଉଥିବା ପଣ୍ଡିତମାନେ ତାନ୍ତ୍ରିକ ସାଜନ୍ତି, ଗାଦିରକ୍ଷା ସାଧନା କରାନ୍ତି, ପର ସ୍ତ୍ରୀ ମାନଙ୍କ ସହ କେଳି କରାଇ କୁଣ୍ଡଳିନୀ ଶକ୍ତି ଜାଗ୍ରତ କରାଇପାରନ୍ତି ବୋଲି ବାହାଦୁରି ନିଅନ୍ତି ।

ଶୁଦ୍ଧ ଉଚ୍ଚାରଣକାରୀମାନେ କହନ୍ତି, ସେମାନେ ହିଁ ଶବ୍ଦ ମାଧ୍ୟମରେ ବ୍ରହ୍ମକୁ ଚିହ୍ନନ୍ତି, ଶୁଦ୍ଧ ଉଚ୍ଚାରଣରେ ବ୍ରହ୍ମ ପ୍ରାପ୍ତି ହୁଏ । ଏପରି ବିଶ୍ୱାସ ଜନ୍ମାଇ ସେମାନେ ଏକ ମଧ୍ୟସ୍ଥ ଗୋଷ୍ଠୀ ତିଆରି କରିପାରିଛନ୍ତି । ଭଗବାନ ଓ ଭକ୍ତ ମଝିରେ ଦଲାଲି କରି ଭଗବାନଙ୍କ ନାଁରେ ଲାଞ୍ଚ (ଭୋଗ ଓ ଦକ୍ଷିଣା) ଆଦାୟ କରନ୍ତି ଓ ସେଥିଲାଗି ଭଗବାନଙ୍କ ଦ୍ୱାହି ଦେଇ ଜୋର ଜବରଦସ୍ତ ବି କରନ୍ତି । ବଂଶ ପରମ୍ପରା କ୍ରମେ ପୂଜା କରିବାର ଏ ଅଧିକାର କାଳକ୍ରମେ କୋର୍ଟ କଚେରୀରେ ସ୍ୱୀକୃତ ହେଲା । ଏକାଦଶ ଶତାବ୍ଦୀରେ ମାତ୍ର ଜଣେ ଦଇତା ଦାରୁବ୍ରହ୍ମ ପୂଜା କରୁଥିଲା ବେଳେ ଏକବିଂଶ ଶତାବ୍ଦୀରେ ଶହ ଶହ ଦଇତା, ଦଇତା ପତି, ବିଭିନ୍ନ ଉପଚାରର ପତିରେ ପରିଣତ ହୋଇଥାନ୍ତେ ? ଜଗନ୍ନାଥଙ୍କ ଗୋଟିଏ ଗୋଟିଏ ମିନିଟର ପୂଜା ପାଇଁ ଗୋଟିଏ ଗୋଟିଏ ପୂଜକ ? ଏ ତ' ଜମିଜମା ମାଲିକାନା ଠାରୁ ଆହୁରି ଗୁରୁତର ମାମଲା ତିଆରି କରେ । ଭୂସମ୍ପତ୍ତି ଉପରେ ମାଲିକାନା ଜାହିର କଲା ପରି ଏମାନେ ଲଢେଇ କରନ୍ତି, ଦରକାର ପଡିଲେ ପ୍ରତିଦ୍ୱନ୍ଦ୍ୱୀକୁ ସାଫ କରି ଦିଅନ୍ତି । ମନ୍ଦିର ପ୍ରାଙ୍ଗଣରେ ହତ୍ୟା ଘଟିଥିବା ବିରଳ ନୁହେଁ ।

ମନୁଙ୍କ ସମୟକୁ ସଂସ୍କୃତରେ ପୂଜାପାଠ କରୁଥିବା ଲୋକେ ପଣ୍ଡା ଭଳି ସ୍ୱତନ୍ତ୍ର ବ୍ରାହ୍ମଣ ଜାତି ତିଆରି ହୋଇ ସାରିଥିଲେ । ବାପାର ପୁଅ ପୁରୋହିତ ହେଲା, ସେ ସଂସ୍କୃତ ଅକ୍ଷର ଚିହ୍ନି ନଥାଉ । ସଂସ୍କୃତରେ ପୂଜାପାଠ କରୁଥିବା ଲୋକ ପୁରୋହିତ ହେବ, କୋରାନ ଯେଉଁ ଭାଷାରେ

ଲେଖା ହୋଇଥିଲା ସେହି ଭାଷା ପଢିପାରୁଥିବା ଲୋକ ମୁଲ୍ଲା ହେବ, ବାଇବେଲ ଯେଉଁ ଭାଷାରେ ଲେଖା ହୋଇଥିଲା ସେହି ଭାଷାରେ ପଢିବା ଓ ଉଚ୍ଚାରଣ କରୁଥିବା ଲୋକ ରେଭେରେଣ୍ଡ ଫାଦର ହେବ - ସବୁ ଧର୍ମର ଏହି କାହାଣୀ । ଖ୍ରୀଷ୍ଟିଆନ୍‌ମାନେ ଟିକେ ସଂସ୍କାର କଲେଣି, ବାପାର ପୁଅକୁ ଫାଦର୍ ନ କରି ଏବେ ବଛାବଛି କରୁଛନ୍ତି । ହିନ୍ଦୁମାନେ ପଛରେ ପଡି ନାହାନ୍ତି । ସୋଲାପୁର ଅନ୍ତର୍ଗତ ପନ୍ଧାରପୁର ଠାରେ ଥିବା ୯୦୦ ବର୍ଷର ପୁରୁଣା ଭିଠୋବା ରୁକ୍ମଣୀ ମନ୍ଦିରରେ ଅଣବ୍ରାହ୍ମଣ ଏବଂ ନାରୀ ପୁରୋହିତ ରଖାଯିବାର ନିୟମ ଭିଠୋବା ରୁକ୍ମଣୀ ଟେମ୍ପଲ୍ ଟ୍ରଷ୍ଟ ଗ୍ରହଣ କରିଛି । ସୁପ୍ରିମ କୋର୍ଟଙ୍କ ରାୟ ବଳରେ ବାଦ୍‌ୱେ, ଉତ୍‌ପତ୍ ବଂଶର ଏକଚାଟିଆ ପୂଜା ଅଧିକାର ଖତମ୍ ହୋଇଯାଇଛି । କେରଳର ତ୍ରାଭାଙ୍କୋର ଦେବସ୍ୱମ ବୋର୍ଡ ତା ଅଧୀନରେ ଥିବା ୨୦୦୦ ମନ୍ଦିରରେ ଦରକାର ପଡୁଥିବା ୧୦୦ ପୂଜାରୀ ପାଇଁ ୫୦ ଅଣବ୍ରାହ୍ମଣ ନିଯୁକ୍ତ କରିସାରିଲାଣି । ତନ୍ତ୍ର ଶାସ୍ତ୍ର ଓ ସଂସ୍କୃତରେ ଜ୍ଞାନ ଏବଂ ବୋର୍ଡ ଦ୍ୱାରା ସ୍ୱୀକୃତ ତନ୍ତ୍ରୀ (ମୁଖ୍ୟ ପୂଜାରୀ)ଠାରୁ ପ୍ରମାଣପତ୍ର ଏହି ନିଯୁକ୍ତିର ଯୋଗ୍ୟତା ହେବ ।

ବେଦ ତ ଶ୍ରୁତିରେ ଥିଲା, ପରେ ଲିଖିତ ହେଲା । ଯିଏ ଯେମିତି ଶୁଣିଲା ସିଏ ସେମିତି ଆବୃତ୍ତି କରିଥିବ ଏବଂ ସେଇମିତି ଶ୍ଳୋକ ଲେଖା ହୋଇଯାଇଥିବ, ପଣ୍ଡିତମାନେ ସେହି ଶବ୍ଦମାନଙ୍କୁ ଫସିଲ (ପଥର) କରିଦେଲେ । ଓଡିଆରେ ଶୁଦ୍ଧ ଉଚ୍ଚାରଣ କରି ନ ପାରିଲେ ପୂଜା ଅଶୁଦ୍ଧ ଓ ଅସିଦ୍ଧ ହୋଇଯିବ ବୋଲି ଯଦି ଓଡିଆ ଅଧ୍ୟାପକମାନେ କହନ୍ତି ତେବେ କଣ ସାରଳା ଦାସଙ୍କ ସମୟର ଓଡିଆ କୁହାଯିବ, ଯଥା ସ୍ତ୍ରୀୟା ନ କହି ଶିରିୟା କହିବା ? ଏ ଅଡୁଆରୁ ରକ୍ଷା ପାଇବା ଲାଗି ତ କେତେକ ପଣ୍ଡିତ କହିଲେ ପୂଜାପାଠ ସରିଲା ପରେ ନିଶ୍ଚୟ କ୍ଷମା ମାଗିବ, * ମୁଁ ପୂଜା ପାଠ ଜାଣିନାହିଁ, ଭକ୍ତିଭାବ ପ୍ରକାଶ କରିପାରୁନାହିଁ, ହେ ପ୍ରଭୁ ମୋ ଦୋଷ ଧରିବ ନାହିଁ ।

ପାଠପଢି ନ ଥିବା ଲୋକେ, ଭଲ କରି କଥା କହି ପାରୁ ନଥିବା ଲୋକେ, ତ ଉଚ୍ଚାରଣ ଭୁଲ କରିବେ । ସେମାନେ କଣ ଭଗବାନଙ୍କୁ ଡାକି ପାରିବେନାହିଁ ? ପୂଜାପାଠ କରିବାର ଆଉଟ୍‌ସୋର୍ସିଂ ପୂଜକ ଶ୍ରେଣୀକୁ ଦିଆଯିବ ବୋଲି ଶାସ୍ତ୍ରରେ ବରାଦ କରିଛନ୍ତି ବ୍ରାହ୍ମଣମାନେ । ମାର୍କିନ୍ ଲୋକେ ବା କମ୍ପାନୀମାନେ ଶସ୍ତାରେ କାମ ହେବ ବୋଲି ଭାରତୀୟ

---


* ଭୀମସ୍ୟାପି ରଣେଭଙ୍ଗୋ ମୁନେରପି ମତିଭ୍ରମଃ
ଯଦି ଶୁଦ୍ଧମଶୁଦ୍ଧଂ ବା ମମଦୋଷୋ ନ ବିଦ୍ୟତେ ।

ଲୋକଙ୍କୁ କାମ ଦେଉଛନ୍ତି, ଏହାକୁ ଆଉଟ୍‌ସୋର୍ସିଂ କୁହାଯାଉଛି । ପୁରାକାଳରୁ ଆମ ଦେଶର ପଣ୍ଡିତମାନେ ବେଶ୍ କିଛି ପଇସା ପାଇବେ ବୋଲି ପୂଜାପାଠ ବ୍ୟବସ୍ଥାକୁ ଶାସ୍ତ୍ରାନୁମୋଦିତ କରିଦେଇଛନ୍ତି, ଏ ଆଉଟ୍‌ସୋର୍ସିଂରେ ପଣ୍ଡିତଙ୍କର ଧର୍ମାନୁରକ୍ତି ବା ଭଗବତ୍ ଭକ୍ତି ଅପେକ୍ଷା ଟଙ୍କାନୁରକ୍ତି ବା ଧନୀକ-ପ୍ରୀତି ବେଶି ଅଛି ।

****

## ଭୋଗରାଗର ପରମ୍ପରା

ମହାପ୍ରଭୁଙ୍କ ଶିକାର (ବେଣ୍ଟ) ନୀତି: ପୁରୀ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସର ବେଣ୍ଟ ପୁଷ୍କରିଣୀ କୂଳରେ ମୃଗରୂପୀ ପଇଡ଼କୁ ଲେଙ୍କା ସେବକ ଶରବିଦ୍ଧ କରୁଛନ୍ତି



**ଧରିତ୍ରୀ** | ଗୁରୁବାର ୨ ଅକ୍ଟୋବର | ୨୦୧୪

୫୦ବର୍ଷ ପୁରୁଣା ଡେଲାଙ୍ଗ ଦୁର୍ଗାପୂଜା

## ମହାଷ୍ଟମୀରେ ଜିଅନ୍ତା ରୋହିମାଛ ପୋଡ଼ା ଭୋଗ

ଡେଲାଙ୍ଗ,(ପି.ଏନ୍.ଏ.)- [illegible] ଦୁର୍ଗାପୂଜା ପ୍ରାୟ ୫୦ବର୍ଷ ପୁରୁଣା । [illegible] ଦୁର୍ଗାପୂଜା ଆରମ୍ଭ କଲେ । [illegible] ଦୁର୍ଗାପୂଜା ପାଳିତ ହୋଇଆସୁଛି । [illegible]

[illegible] ମା'ଙ୍କୁ [illegible] । [illegible] ୧୦୮ [illegible] ୧୦୮ [illegible] । [illegible] ଜିଅନ୍ତା ରୋହିମାଛକୁ [illegible] ପୋଡ଼ି [illegible] । [illegible]

[illegible] ମା'ଙ୍କ [illegible] । [illegible] ମା'ଙ୍କ [illegible] । [illegible]

# ଧର୍ମର ପୋଷାକ

ବର୍ଷସାରା ଉପଯୁକ୍ତ ଉଷ୍ଣତା ଓ ଆର୍ଦ୍ରତା ରହୁଥିବାରୁ ବିଷୁବରେଖା ଦୁଇପାଖ ବେଷ୍ଟନ କରି ରହିଥିବା ଆଫ୍ରିକା ଭୂଖଣ୍ଡରେ ବୃକ୍ଷାରୋହୀ ବାନର ମାନଙ୍କ ବୃଦ୍ଧି ଘଟିଥିଲା । କାଳକ୍ରମେ ଜଳବାୟୁର ପରିବର୍ତ୍ତନ କାରଣରୁ ଜଙ୍ଗଲ କମିଲା ଓ ଜଙ୍ଗଲ ଜଙ୍ଗଲ ମଝିରେ ତୃଣଭୂମିର ବିସ୍ତୃତ ପ୍ରାନ୍ତର ଦେଖାଦେଲା । ତୃଣଭୂମି ଅତିକ୍ରମ କରି ଅନ୍ୟ ଜଙ୍ଗଲକୁ ଯାଉଥିବା ବାନର ତୃଣଭୂମିରେ ବିଚରଣ କରୁଥିବା ମାଂସାଶୀ ଶିକାରୀ ପ୍ରାଣୀକୁ ଭୟ କରୁଥିଲା, ତାକୁ ଦୂରରୁ ନ ଦେଖିଲେ ପାଖ ଜଙ୍ଗଲର ଉଚ୍ଚ ବୃକ୍ଷମାନଙ୍କୁ ପଳାଇଯିବାର ସମୟ ପାଇବ ନାହିଁ । ତେଣୁ ଯାଉଥିବା ସମୟରେ ମଝିରେ ମଝିରେ ମୁଣ୍ଡ ଟେକି ଦେଖିବାକୁ ପଡୁଥିଲା କୌଣସି ହିଂସ୍ର ପ୍ରାଣୀ ପାଖଆଖରେ ଅଛି କି ନାହିଁ । ବେଶି ଦୂର ଦେଖିବାକୁ ସେ ବେଳେ ବେଳେ ଆଗ ଦୁଇ ଗୋଡ ଟେକି ଠିଆ ହେଲା । ଏମିତି କରି କରି ପଛ ଦୁଇ ଗୋଡରେ ଠିଆ ହେବା ଅଭ୍ୟାସ କରିନେଲା । ଚାରି ଗୋଡିଆ ବାନର ଦୁଇ ଗୋଡିଆ ଓ ଦୁଇ ହାତିଆ ମଣିଷ ହୋଇଗଲା । ପୁଣି ତୃଣଭୂମି ପାର ହେଉଥିବା ବେଳେ ବାଟରେ ଶିକାରୀ-ପ୍ରାଣୀ କିଛି ଖାଇ ଛାଡି ଯାଇଥିବା ଶିକାରର କଞ୍ଚା ମାଂସ ଦେଖିଥିବ, ତାକୁ ଟେକି ନେଇ ଗଛ ଉପରକୁ ପଳାଇଥିବ, ତାହା ସଦ୍ୟ, ସହଜରେ ହଜମ କରିହେଉଥିବା ପ୍ରୋଟିନ୍ (ଛେନା ଜାତୀୟ ଖାଦ୍ୟ)ର, କାମ ଦେଇଥିବ; କମ୍ ଖାଇ ବେଶି ଦିନ ରହିବାର ଉପାୟ ହୋଇଥିବ । କାଳକ୍ରମେ ବାନରର ଆଗ ଦୁଇ ଗୋଡ ହାତ ହୋଇଗଲା, ସେ ନର ହେଉ ହେଉ ଆମିଷାଶୀ ବି ହୋଇଗଲା ।

ସ୍ତନ୍ୟପାୟୀ ପ୍ରାଣୀ ଭୟାଳୁ, ତେଣୁ ନିରାପଦ ସ୍ଥାନ ଖୋଜିଥିବ, ନ ପାଇ ଗୁମ୍ଫାରେ ଥିବ, ବା ଘର ତିଆରି କରିଥିବ । ବାହାରକୁ ଗଲେ ପୋଷାକ ପିନ୍ଧିଥିବ । ପତ୍ରର ହେଉ କି ବଲ୍କଳର ହେଉ । ସେତେବେଳେ ଧର୍ମ ଫର୍ମ କିଛି ନ ଥିବ । ପରେ ସଂଖ୍ୟାବୃଦ୍ଧି କାରଣରୁ ଖାଦ୍ୟାଭାବ (ଆଜି ଯାହାକୁ ଜୀବିକା ଅର୍ଜନ ପନ୍ଥା କହୁଛୁ ତାହାର ଅଭାବ) ଘଟିଥିବ । ଖାଦ୍ୟାନ୍ୱେଷଣରେ ମଣିଷ ଅନ୍ୟ ଭୂଖଣ୍ଡକୁ ଯାଇଥିବ, ସେଠାକାର ପ୍ରାକୃତିକ ପରିବେଶକୁ ଚାହିଁ ଦେହାବରଣ ବା ପୋଷାକ ତିଆରି କରିଥିବ । ଯେଉଁ ଗୋଷ୍ଠୀର ଲୋକେ ଯେଉଁ ଭୌଗୋଳିକ ପରିସ୍ଥିତିରେ ରହିଲେ ତାହାର ଉପଯୁକ୍ତ ମୁକାବିଲା କରିବାର ପୋଷାକ ତିଆରି କଲେ । ସେହି

ଆଞ୍ଚଳିକ ପୋଷାକକୁ ଧର୍ମ ପ୍ରଚାରକ ମାନେ ସେମାନଙ୍କ ପ୍ରଚାରିତ ନୂତନ ଧର୍ମର ଅଙ୍ଗ କରିଦେଲେ । ପ୍ରବଳ ଗରମରେ ଝାଳ ଗନ୍ଧକୁ ଏଡାଇବା ପାଇଁ ଦକ୍ଷିଣ ଭାରତୀୟ ଚନ୍ଦନଲେପ ବ୍ୟବହାର କଲା ଓ ଝାଳ ଶୁଖିବା ପାଇଁ ଛାତି ଫୁଙ୍ଗୁଳା କରି ବା ହାଲୁକା ବସ୍ତ୍ର ଘୋଡାଇ ପୂଜା ସ୍ଥାନକୁ ଗଲା । ବ୍ରାହ୍ମଣ ବୋଲି ଦେଖାଇବାକୁ ପୂଜା କଲା ବେଳେ ମଝିରେ ମଝିରେ ପଇତା ଛୁଇଁବା ଦରକାର ହେଲା ଓ ସେଥିଲାଗି ଟପ୍ ଲେସ୍ ହେବା, ଛାତି ଫୁଙ୍ଗୁଳା ରଖିବା ଦରକାର ପଡୁଥିଲା । ଆଲାସ୍କା ବା ଗ୍ରୀନ୍‌ଲାଣ୍ଡ ଭଳି ପ୍ରବଳ ଥଣ୍ଡା ସ୍ଥାନରେ (ଏପରି କି ହିମାଳୟରେ) ହିନ୍ଦୁ ପୁରୋହିତ ଫୁଙ୍ଗୁଳା ଛାତିରେ ପୂଜା ପାଠ କରିବ କି ? ପାଣି ବରଫ ହୋଇଥିବ, ଛାତିରେ ଫ୍ରଷ୍ଟ୍ ବାଇଟ୍ ହେଲେ ସେ ବଞ୍ଚିବ ଯେ ଆଉ ପୁରୋହିତ ହେବ ? ଆଲାସ୍କା ବା ମଙ୍ଗୋଲିଆରେ ମସଜିଦ୍‌ରେ ଅଜାନ ପଢିବା ପାଇଁ ଆରବୀ ପୋଷାକ ପିନ୍ଧି (ସାମାନ୍ୟ ପବନରେ ଉଡୁଥିବା ଲୁଙ୍ଗି ପିନ୍ଧି, ଖରାରୁ ରକ୍ଷା କରୁଥିବା ପତଳା ଧଳା ଟୋପିଟିଏ ମୁଣ୍ଡରେ ଦେଇ) ମୁଲ୍ଲା କଣ ମସଜିଦର ମୀନାର ଉପରକୁ ଉଠିବ ? ତଥାପି ଚନ୍ଦନ ଲେପକୁ ହିନ୍ଦୁ ଓ ଲୁଙ୍ଗିକୁ ମୁସଲମାନ ତାହାର ଧର୍ମର ଅଙ୍ଗ କହୁଛି ।

ଆଗକାଳରେ ଧର୍ମ ସଂସ୍ଥାପକଙ୍କ ସଂକୀର୍ଣ୍ଣ ଦୃଷ୍ଟି ପୋଷାକ ଆଳରେ ଧର୍ମକୁ ଆଞ୍ଚଳିକ କରିଦେଇଛି । ପରବର୍ତ୍ତୀ କାଳରେ ରାଜା ମହାରାଜା ମାନେ ନୂଆ ନୂଆ ରାଜ୍ୟ ଅଧିକାର କରି ଜବରଦସ୍ତ ନିଜ ଧର୍ମ ପ୍ରଚାର କଲା ବେଳେ ପୋଷାକ ବି ଲଦି ଦେଇଛନ୍ତି । ମାନି ଯା, ନଚେତ୍ ମୁଣ୍ଡକାଟ, ଏ ଭୟରେ ଅନେକେ ଆକ୍ରମଣକାରୀର ଧର୍ମରେ ଦୀକ୍ଷିତ ହୋଇଛନ୍ତି । ଧର୍ମ ଭୌଗୋଳିକ ବାଡବତା ପାର ହେଲା ପରେ ବି ପୋଷାକ ମୂଳ ଭୌଗୋଳିକ ବାଡକୁ ଅତିକ୍ରମ କରି ପାରିନାହିଁ । ପୋଷାକ ଅନ୍ଧବିଶ୍ୱାସର ପରିଣାମ ହୋଇ ରହିଛି । ମୁସଲମାନ ମହିଳା ବୁର୍ଖା ପିନ୍ଧିବା ବା ଶିଖ ପୁରୁଷ ପଗଡି ବାନ୍ଧିବା ଉପରେ ପାଶ୍ଚାତ୍ୟ ସରକାରମାନେ ନିରାପତ୍ତା ଦୃଷ୍ଟିରୁ କିଛି କଟକଣା ଜାରି କଲେ ଗଣ୍ଡଗୋଳ ହେଉଛି । ଆପଣା ରଚିରେ ଖାଇବା ପର ରଚିରେ ପିନ୍ଧିବା କଥାଟା ଧର୍ମାନ୍ଧମାନେ ଭୁଲି ଯାଉଛନ୍ତି । ସ୍ଥାନ ବିଶେଷରେ ପୋଷାକ ଯେ ବଦଳିବା ଦରକାର ଭୁଲି ଯାଉଛନ୍ତି । ନିଜ ଭୌଗୋଳିକ ଅଞ୍ଚଳର ବେଶଭୂଷାକୁ ତାଙ୍କ ଅନୁସରଣକାରୀଙ୍କ ପାଇଁ ଆଦର୍ଶ ବେଶଭୂଷା ବୋଲି ନିର୍ଦ୍ଧାରଣ କରିଦେଉଛନ୍ତି । ଏବେ ସେମାନେ ନିଜ ସମ୍ପ୍ରଦାୟର ବେଷ୍ଟନୀରୁ ବାହାରକୁ, ବହୁ ଦୂରକୁ, ଭିନ୍ନ ଏକ ଜଳବାୟୁକୁ ଯାଇପାରୁ ଥିଲେ ବି ଧର୍ମୀୟ

ପୋଷାକର ରୂପ ବଦଳୁନାହିଁ । ଧର୍ମର ଉତ୍ପତ୍ତି ସ୍ଥଳର ପୋଷାକପତ୍ର ଧର୍ମର ଚିହ୍ନଟ ହୋଇଥିବାରୁ ପୋଷାକରୁ ଧର୍ମ ଚିହ୍ନିଲେ ଧର୍ମ ଏକ ପ୍ରହସନ ହୋଇଯିବ ।

ପୋଷାକର ରୂପ ଓ ଆକାର ଦୁଇଟି କାରଣରୁ ଭିନ୍ନ ଭିନ୍ନ ହେଲା- ଗୋଟିଏ ଭୌଗୋଳିକ ଓ ଅନ୍ୟଟି ବ୍ୟାବହାରିକ । ଶରୀରକୁ ପାଣିପାଗର କୁପ୍ରଭାବରୁ ରକ୍ଷା କରିବା ପାଇଁ ମଣିଷ ପୋଷାକ ଉଦ୍ଭାବନ କଲା, ପୁଣି କାର୍ଯ୍ୟକାରିତା ଦୃଷ୍ଟିରୁ ତାହାର ସ୍ୱରୂପ ବଦଳାଇଲା । ବ୍ୟାବହାରିକତାର ଗୋଟିଏ ସାଧାରଣ ଉଦାହରଣ ନେବା: ପୁରୁଷର ଜାମା (ସାର୍ଟ) ଓ ସ୍ତ୍ରୀମାନଙ୍କ ଜାମା (ବ୍ଲାଉଜ)ରେ ବୋତାମ କଥା । ଦେହର ଭାଙ୍ଗ ଅନୁଯାୟୀ ସିନା ଜାମା ହେବ; ସାର୍ଟରେ ବୋତାମ ଡାହାଣ ପଟେ, କାଜ (ବୋତାମ ପଶିବାର ଛିଦ୍ର) ବାଁ ପଟେ; କିନ୍ତୁ ବ୍ଲାଉଜରେ ବୋତାମ ବାଁ ପଟେ, କାଜ ଡାହାଣ ପଟେ – ଓଲଟା କାହିଁକି ? ଦୁଧ ଖୋଇବା ବେଳେ ମା ପ୍ରଥମେ ଡାହାଣ ହାତରେ ପିଲାର ମୁଣ୍ଡ (ଦେହର ସବୁଠାରୁ ଓଜନିଆ ଅଙ୍ଗ) ଟେକି ଧରେ, ତା ମୁହଁକୁ ସ୍ତନ ପାଖକୁ ନିଏ । ତେଣୁ ବ୍ଲାଉଜର ଡାହାଣ ପାଖ ଆଗେ ଖୋଲିବା ଉଚିତ । ଆଗ କାଳରେ ପୁରୁଷ ସାର୍ଟ ପିନ୍ଧୁନଥିଲା; ରାଜାଙ୍କ କାମରେ ବା ଡକରାରେ ଯାଉଥିବା ପୁରୁଷ ପୋଷାକ ପିନ୍ଧୁଥିଲା, ସୁରକ୍ଷା ପାଇଁ ଖଣ୍ଡାଟିଏ ଅଣ୍ଟାରେ ଝୁଲାଉଥିଲା । ଖଣ୍ଡାକୁ ହାତମୁଠାରେ ଭିଡି ରଖିବା ପାଇଁ ବେଣ୍ଟ ଦୁଇପଟେ ଦୁଇଟି ଆଙ୍କୁଶି ଥାଏ । ଖଣ୍ଡା ଟାଣିବା ବେଳେ ସାର୍ଟରେ ଘୋଷାରି ହୋଇପାରେ; ଯଦି ସାର୍ଟ ଡାହାଣକୁ ଖୋଲନ୍ତା, ସାର୍ଟ ଟାଣି ହୋଇ ଚିରି ଯିବ; ତେଣୁ କାଜ ବାଁ ପଟେ । ପୁରୁଷ ଓ ସ୍ତ୍ରୀର ପୋଷାକର ଗଠନ ଢାଞ୍ଚାରେ ପ୍ରଭେଦର କାରଣ ବ୍ୟାବହାରିକତା ।

ଆଞ୍ଚଳିକ ଭିତ୍ତିରେ ବ୍ୟାବହାରିକତା, ଅର୍ଥାତ୍ କାମ କରିବାର ସୁବିଧା, ଦୃଷ୍ଟିରୁ ପୋଷାକର ଗଠନ ପରିବର୍ତ୍ତିତ ହୋଇଛି । ଶରୀରକୁ ପାଣିପାଗର କୁପ୍ରଭାବରୁ ଓ ପୋକମାଛିର କାମୁଡାରୁ ରକ୍ଷା କରିବା ଲୁଗାପଟା ଓ ପୋଷାକର ମୁଖ୍ୟ କାମ ଥିଲା । ମଣିଷ ଚଳାଚଳ ଆରମ୍ଭ କରି ଦୂରକୁ ଯିବା ଆସିବା କରି ବା ଅନ୍ୟତ୍ର କାମ କରିବାକୁ ଯାଇ ଦେଖିଲା ଜଳବାୟୁ ଅନୁଯାୟୀ କାର୍ଯ୍ୟକ୍ଷମତା କମ୍ ବେଶି ହେଉଛି, କାର୍ଯ୍ୟକ୍ଷମତା ବଢାଇବା ଲାଗି ପୋଷାକର ଗଠନ ରୀତି ବଦଳାଇଲା । ଥଣ୍ଡାରେ ଦେହକୁ ଗରମ ରଖିବାକୁ କୋର୍ଟ, ଟାଇ, ହେଟ୍ ଡ୍ରେସ୍ । ଗରମରେ ଥଣ୍ଡା ରଖିବାକୁ, ଝାଳ ପୋଛି ହେଉଥିବା ଗାମୁଛା ଓ ପବନ ଚଳାଚଳ କରୁଥିବା


ଲୁଙ୍ଗି, ଧୋତି ବା ଶାଢୀ । ସ୍ୱାସ୍ଥ୍ୟରକ୍ଷାର କବଚ ରୂପେ ଆଗ କାଳରେ ଆଞ୍ଚଳିକ ହୋଇ ରହିଥିବା ପୋଷାକ ଏବେ ଗୋଟିଏ ଭୌଗୋଳିକ ଅଞ୍ଚଳରୁ ଆଉ ଗୋଟିଏ ଭୌଗୋଳିକ ଅଞ୍ଚଳକୁ ସହଜରେ ଯାଇ ପାରୁଥିବା ଲୋକ ପାଇଁ ସାର୍ବଜନୀନ ହେବାରେ ଲାଗିଲାଣି, ପ୍ରଭେଦ କମିବାରେ ଲାଗିଛି । ଯେଉଁଠିକୁ ଯିବ ସେଠାକାର ଡ୍ରେସ୍ ପିନ୍ଧିଲେ ସେଠାକାର ଜଳବାୟୁରେ ଚଳିବା ସହଜ ହେଉଛି । ଧର୍ମଗ୍ରନ୍ଥ ରଚନା ସମୟର ପୋଷାକ ପତ୍ର ଧର୍ମଗ୍ରନ୍ଥରେ ବର୍ଣ୍ଣନା ଥିବାରୁ ତାହା ହିଁ ସମ୍ପୃକ୍ତ ଧର୍ମର ପୋଷାକ ବୋଲି ମୌଳବାଦୀମାନେ ଧରିନେଇ ସାଧାରଣ କାଣ୍ଡଜ୍ଞାନ ବିରୁଦ୍ଧରେ ଯାଉଛନ୍ତି ।

ଉପାସ୍ୟ ଦେବଦେବୀ ବା ଇଶ୍ୱରଙ୍କୁ ଭୋଗ ଦେବାରେ ଓ ଉପାସନାର ବସ୍ତୁ ବାଛିବାରେ ବି ଆଞ୍ଚଳିକତା ଦେଖାଦିଏ । ଜଳବାୟୁର ବିଭିନ୍ନତା ଖାଦ୍ୟ ପ୍ରତି ରୁଚି ତିଆରି କରିଥାଏ । ଅଞ୍ଚଳରେ ମିଳୁଥିବା ଉଦ୍ଭିଦ ଜଗତରୁ ଓ ମଣିଷର ଖାଦ୍ୟରୁ ମନ୍ଦିର, ମସଜିଦ, ଚର୍ଚ୍ଚ ଆଦିରେ ଉପାସନାର ବସ୍ତୁ ନିଆଯାଏ । ଅନ୍ୟ ଅଞ୍ଚଳରେ ଯେ ଅନ୍ୟ କିସମର ଗଛଲତା ଓ ଖାଦ୍ୟ ଅଛି ତାହା ଧର୍ମଗ୍ରନ୍ଥ ରଚନା ସମୟର ଲୋକଙ୍କୁ ଜଣା ନଥିଲା, ଫଳରେ ଉପାସନାରେ ଧର୍ମ ପ୍ରଚାରର ମୂଳ ଅଞ୍ଚଳର ଚଳଣି, ଉପାସନା ସାମଗ୍ରୀ ଓ ଫଳ ପୁଷ୍ପ ସମ୍ପୃକ୍ତ ଧର୍ମ ଗ୍ରନ୍ଥର ଅଙ୍ଗ ହୋଇଯାଇଛି । ମୌଳବାଦୀମାନେ ଅନ୍ୟ ଅଞ୍ଚଳରେ ମିଳୁଥିବା ଉଦ୍ଭିଦ ଜଗତରୁ ଓ ମଣିଷର ଖାଦ୍ୟରୁ ଉପାସନାର ବସ୍ତୁ ଗ୍ରହଣ କରିବାକୁ ରାଜି ନୁହନ୍ତି । ସେମାନେ ଜାଣିବା ଉଚିତ କିପରି ମଣିଷର ବିବର୍ତ୍ତନ ଘଟିଲା ଓ ତାହାର ଖାଦ୍ୟ ରଚି ବି ବଦଳିଲା ।

ସବୁ ପୋଷାକ ତ ଭୌଗୋଳିକ ପରିସ୍ଥିତି ଉପରେ ନିର୍ଭର କରୁନାହିଁ, ଯେମିତି ବିଦ୍ୟାଳୟ ବା ମହାବିଦ୍ୟାଳୟର ଡ୍ରେସ୍ କୋଡ୍ । କିନ୍ତୁ ମନେ ରଖିବା କଥା, ଡ୍ରେସ୍ କୋଡ ଯେଉଁ ପୋଷାକ ନିର୍ଦ୍ଧାରଣ କରୁଛି ତାହାର ଆଧାର ହେଉଛି ଉପସ୍ଥିତ ପୋଷାକ ବ୍ୟବସ୍ଥା । କମ୍ପାନୀମାନେ ବା ସରକାର ବି ଡ୍ରେସ୍ କୋଡ ପ୍ରଚଳନ କରନ୍ତି, ନିଜ କର୍ମଚାରୀଙ୍କୁ ସହଜରେ ଚିହ୍ନିବା ଲାଗି । ତହିଁରେ ଦୁଇଟି ପ୍ରଶ୍ନ ପ୍ରତି ନଜର ରଖାଯାଏ । ଏ ନୂଆ ପୋଷାକ ସ୍ୱାସ୍ଥ୍ୟ ବା ନିରାପତ୍ତାକୁ ବେଶି ସଫଳ କରିବ ତ ? କର୍ମଚାରୀମାନଙ୍କ ପୋଷାକ ଯୋଗୁଁ ଗ୍ରାହକ ବା ମହକିଲ ବଢିବେ ତ ? କମ୍ପାନୀ ବା ସରକାରଙ୍କ ପରିଚୟ ସୁଦୂର ପ୍ରସାରୀ ହେବ କି ଅର୍ଥାତ୍ ବିଜ୍ଞାପନ ଭଳି କାମ କରିବ କି ? ବାଳ କେତେ ଲମ୍ବ ରଖିବ, ଚିତା କୁଟେଇବ କି ନାହିଁ, କି

ପ୍ରକାରର ଅଳଙ୍କାର ପିନ୍ଧିବ, ସ୍ୱାସ୍ଥ୍ୟ ଓ ନିରାପତ୍ତାର ସୀମା ଭିତରେ ରହିଲେ କାହାରି ଆପତ୍ତି କରିବାର ନାହିଁ, ସେସବୁ ତ ବ୍ୟକ୍ତିଗତ ରୁଚିର କଥା; କୌଣସି ମୌଳବାଦୀ ଦ୍ୱାରା ବା ଶାସ୍ତ୍ର ଦ୍ୱାରା ଅନୁମୋଦିତ ବୋଲି ନୁହେଁ । ଆମେ ତ ସମ୍ବିଧାନରେ ଧର୍ମଭିତ୍ତିକ ସ୍ୱାଧୀନତା ଆରମ୍ଭରୁ ଦେଇଛୁ, ଚାକିରିରେ ଧର୍ମ ବା ପୋଷାକ ଭିତ୍ତିରେ ବାଛବିଚାର କରାଯାଇପାରିବ । ରାଜ୍ୟ ସରକାରଙ୍କ ମୁସଲମାନ କର୍ମଚାରୀମାନେ କାମ ଛାଡି ସେକ୍ରେଟାରିଏଟରେ ବି ନମାଜ ପଢିପାରିବେ । ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୦୩ ଡିସେମ୍ବର୨ରେ ଏମ୍ପ୍ଲୟମେଣ୍ଟ ଇକ୍ୱାଲିଟି (ରିଲିଜିଅନ ଅର୍ ବିଲିଫ) ରେଗୁଲେସନ୍‌ସ ପ୍ରଚଳିତ ହେଲା । କର୍ମଚାରୀମାନଙ୍କୁ ସେମାନଙ୍କର ଧର୍ମ ବା ବିଶ୍ୱାସ ଭିତ୍ତିରେ ବାଛବିଚାର କରା ଯାଇପାରିବ ନାହିଁ।

****



ବିଲାତର ପ୍ରଧାନ ମନ୍ତ୍ରୀ ସସ୍ତ୍ରୀକ ଲକ୍ଷ୍ମୀଙ୍କ ମଥାରେ ପାଣି ଢାଳୁଛନ୍ତି –ହିନ୍ଦୁ ଦର୍ଶକମାନଙ୍କୁ ଖୁସି କରିବା, ଭୋଟ ଆକର୍ଷଣ କରିବା, ଲାଗି ଏ ଏକ ରୀତି ।

# ନାରୀ ହେୟ ଓ ଅସୂର୍ଯ୍ୟଂପଶ୍ୟା ହୋଇଗଲା

ସମାଜକୁ ଶୃଙ୍ଖଳିତ ରଖିବା ଲାଗି ଓ ବ୍ୟକ୍ତିର ଦୁଃଖ କଷ୍ଟ ଭୁଲିବା ଲାଗି ଧର୍ମ-ସଂସ୍ଥାପକମାନେ କେତେ ଗୁଡିଏ ଆଚରଣ ବରାଦ କଲେ । ପ୍ରତି ପ୍ରାଣୀ-ପ୍ରଜାତିରେ ପୁରୁଷର ନାରୀ ପ୍ରତି ଯେଉଁ ଜୈବିକ ଦୁର୍ବଳତା ଅଛି, ତାକୁ ରୋକିବା ଲାଗି ନାରୀର ଆକର୍ଷଣକୁ ପ୍ରତିହତ କରିବାର ଚେଷ୍ଟା କରାଗଲା । ତହିଁରୁ ଆଉ ଗୋଟିଏ ଅନ୍ଧ ବିଶ୍ୱାସ ଜନ୍ମ ନେଲା, ନାରୀଠାରୁ ଦୂରେଇ ରହିଲେ ଧାର୍ମିକ ବୋଲାଇବ, ମୋକ୍ଷ ପ୍ରାପ୍ତ ହେବ । ପରିବାର ଗଢିବା ଯୋଗୁଁ ଯାବତୀୟ ଦୁଃଖକଷ୍ଟ ମୁଣ୍ଡରେ ପଶେ, ତେଣୁ ଯେଉଁମାନେ ଧର୍ମ ପ୍ରଚାର ବା ପ୍ରସାରରେ ଲାଗିବେ ସେମାନେ ପରିବାର ଗଢିବା ଅନୁଚିତ ବୋଲି ଧର୍ମ ପ୍ରବର୍ତ୍ତକ କହିଦେଲେ । ସେହିଥିରୁ ଆରମ୍ଭ ହେଲା ନାରୀମାନଙ୍କୁ ଦୂରେଇ ରଖିବା ଏବଂ ଏଥିଲାଗି ନାରୀକୁ ବର୍ଜ୍ୟ ବସ୍ତୁ ରୂପେ ଚିତ୍ରଣ କରିବା । କାଞ୍ଚନ ସାଙ୍ଗରେ କାମିନୀ ତ୍ୟାଗ କଲେ ସାଙ୍ଗେ ସାଙ୍ଗେ ନିର୍ବାଣ । ନାରୀ ସଙ୍ଗ ନ ଥିବ ତ ବଂଶଧର ହେବେ ନାହିଁ, ତେଣୁ ମାୟା ମୋହ ଗଲା, ସିଧାସଳଖ ସ୍ୱର୍ଗ ଭୋଗ ବା ନିର୍ବାଣର ଏ ହେଲା ପ୍ରେସ୍କ୍ରିପ୍ସନ୍, ବରାଦ ପତ୍ର । ସର୍ବୋତ୍ତମ ଉପାୟ ହେଲା, ନାରୀକୁ ଲୁଚାଇ ରଖ । କେହି ବାହାରକୁ ଆସେ ତ ତାକୁ ଆବୃତ ରଖ । ନାରୀର ମୁଖ ଯେତେ କମ ଦିଶିବ ତାହାର ବ୍ୟବସ୍ଥା କର । ତାହାହିଁ ନାରୀର ପୋଷାକ ହେଲା, ହିନ୍ଦୁର ଓଢଣି, ମୁସଲମାନର ବୁର୍ଖା ।

ସ୍ତ୍ରୀମାନଙ୍କ ଉପସ୍ଥିତି ପୁରୁଷକୁ ଅନ୍ୟମନସ୍କ କଲା ବୋଲି ନାରୀମାନଙ୍କୁ ଧର୍ମ କାର୍ଯ୍ୟରୁ ଭିନ୍ନ ବା ଦୂର କରି ରଖାଗଲା । ମନେ ରଖିବା କଥା ଯେ ଭଗବାନ ଶବ୍ଦର 'ଭଗ' ମାନେ ଯୋନି; 'ଭଗ' ମାନେ ବି ଧର୍ମ, ଆଉ ଗୋଟିଏ ମାନେ ଐଶ୍ୱର୍ଯ୍ୟ-ବୀର୍ଯ୍ୟ-ଯଶଃ-ଶ୍ରୀ-ଜ୍ଞାନ-ବୈରାଗ୍ୟ ଏହି ଛ ଗୁଣ । ଭଗବାନ ସମସ୍ତଙ୍କୁ ଜନ୍ମ ଦେଇଛନ୍ତି - ଏହି ଅର୍ଥରେ ସେ ଭଗ-ବାନ୍ । ଧର୍ମଗୁରୁ ଓ ମୌଳବାଦୀ ମାନେ ମାଆର ଭୂମିକାକୁ ଭୁଲିଯାଇ, ସଂସାରରେ ନାରୀ-ଭୂମିକାର ଅପରିହାର୍ଯ୍ୟତାକୁ ଭୁଲିଯାଇ ଇଙ୍ଗିତ କରନ୍ତି ଯେପରି ନାରୀ ଆଉ ଧର୍ମ ପରସ୍ପର ବିରୋଧୀ ଜିନିଷ । ଧୀରେ ଧୀରେ ଏ ଧାରଣା ବଦଳୁଛି ସତ, କିନ୍ତୁ ମୌଳବାଦୀମାନେ ଏହାକୁ ଛାଡୁନାହାନ୍ତି । ଧର୍ମଗ୍ରନ୍ଥରେ ନାରୀମାନଙ୍କୁ ଗୌଣ କରି ରଖାଯାଇଛି । ପ୍ରଜନନ ସହ ଧର୍ମ ଧାରଣାର ସମ୍ପର୍କ ମୌଳବାଦୀମାନେ ବୁଝିବାକୁ ଚାହାଁନ୍ତି ନାହିଁ । ସଂସାର ନଥିଲେ ଧର୍ମ ଦରକାର ନାହିଁ, ସଂସାର ବା ସମାଜକୁ ବାନ୍ଧି (ଧରି) ରଖିବାର କାମ କରେ ବୋଲି ତ ଏହାର ନାମ ଧର୍ମ ।

ମୌଳବାଦୀ ମାନେ କେବେ ନିଜକୁ ପ୍ରଶ୍ନ କରୁ ନାହାନ୍ତି ଯେ ଦେବଶିଶୁ ମହମ୍ମଦ କଣ ଜନ୍ମ ସମୟରୁ ସେ ପ୍ରଚାର କରିଥିବା ଆଲ୍ଲାଙ୍କ ଡ୍ରେସ୍ କୋଡ୍ ଅନୁଯାୟୀ ପୋଷାକ ପିନ୍ଧିଥିଲେ ନା ତାଙ୍କ ମାତା ମୁଣ୍ଡରୁ ପାଦଯାଏ ବୁର୍ଖା ଓହଳାଇ ଆବୃତ ହୋଇ ରହିଥିଲେ ? ପ୍ରଫେଟ୍ ମହମ୍ମଦ ପ୍ରଚାର କଲେ, କୋରାନରେ କେବେ ମିଛ ପଶିପାରିବ ନାହିଁ, ପଶି ନାହିଁ । (ଖଣ୍ଡ ୪୧- ଶ୍ଳୋକ ୪୨) । ଆଲ୍ଲା ଯାହା କହିବାର କଥା ସବୁ କୋରାନରେ କହିଛନ୍ତି, ତେଣୁ କୋରାନ ଏକ ସମ୍ପୂର୍ଣ୍ଣ ଆଇନ ପୁସ୍ତକ । ଅଥଚ ସେହି କୋରାନ କହିଛି ୧୭-୩୬ରେ, 'ମୁଁ ତୁମକୁ ଶ୍ରବଣ, ଦୃଷ୍ଟି ଓ ମସ୍ତିଷ୍କ ଦେଇଛି ଏବଂ ଏଗୁଡିକୁ ବ୍ୟବହାର କରିବା ତୁମର ଦାୟିତ୍ୱ । ଯେଉଁ ସୂଚନାକୁ ତୁମେ ନିଜେ ଯାଞ୍ଚ ନ କରିଛ ତାହା ତୁମେ ଗ୍ରହଣ କରନାହିଁ । 'ହେ ଆଦମର ପିଲାମାନେ, ତୁମକୁ ଦେହ ଆବୃତ କରିବାର ବସ୍ତ୍ର ଦେଇଛୁ, ପ୍ରମୋଦ ପାଇଁ ବି ବ୍ୟବହାର କରିପାରିବ । କିନ୍ତୁ ଉତ୍ତମ ପୋଷାକ ହେଉଛି ଧର୍ମର ପୋଷାକ ।' (୭-୨୬) । କୋରାନରେ ଅଛି: 'କହିଦିଅ, ଧାର୍ମିକ ମହିଳାମାନେ ଆଖି ତଳକୁ କରିବେ ଓ ସତୀତ୍ୱ ରକ୍ଷା କରିବେ । ଯାହା କିଛି ଦରକାର ତାକୁ ଛାଡି ଦେହର କୌଣସି ଅଙ୍ଗ ଦେଖେଇହେବେ ନାହିଁ, ଛାତି ଘୋଡେଇବେ । ଏ ବାଛନ୍ଦ ଲାଗୁ ହେବ ନାହିଁ କେବଳ ସ୍ୱାମୀ, ବାପା, ସ୍ୱାମୀର ବାପା, ନିଜର ଭାଇ ଓ ଭଉଣୀମାନଙ୍କ ପୁତ୍ର, ଅନ୍ୟ ମହିଳା, ପୁଂସତ୍ୱ ହରାଇଥିବା ପୁରୁଷ ଚାକର, ବୟପ୍ରାପ୍ତ ହୋଇନଥିବା ପିଲାମାନଙ୍କ ପାଇଁ । (୨୪-୩୧) । ଏଠାରେ ଗଇବ୍ ଶବ୍ଦ ବ୍ୟବହାର ହୋଇଛି, ଏହାର ମାନେ ଛାତି । ମୁଣ୍ଡ ପାଇଁ ଆରବିକ ଶବ୍ଦ ହେଉଛି ରାସ୍, ବାଳ ପାଇଁ ଶାର୍, ଏ ଦୁଇଟି ଶବ୍ଦ ୨୪-୩୧ରେ ନାହିଁ । ମୁଣ୍ଡରେ ଖାଲି ଚାଦରଟିଏ ପକାଇଦେବା ବାଳ ଓ ବେକ ଘୋଡାଇବା - ଏ ହେଉଛି ହିଜାବ୍ । ଦେହଯାକ ଘୋଡାଇ ହେବା ହେଉଛି ନିକାବ୍ ।

ହିଜାବ ବା ଓଢଣା ଇସଲାମ ଧର୍ମ ପ୍ରବର୍ତ୍ତନ ହେବା ଆଗରୁ ବି ଥିଲା । ଆରବର ଇହୁଦୀ ଧର୍ମର ଲୋକେ ଆଗରୁ ଓଢଣା ପିନ୍ଧୁଥିଲେ, ପାରମ୍ପରିକ ଆରବମାନେ, ଇହୁଦୀ ହୁଅନ୍ତୁ କି ଖ୍ରୀଷ୍ଟାନ ହୁଅନ୍ତୁ କି ମୁସଲିମ ହେଉନ୍ତୁ, ହିଜାବ ପିନ୍ଧନ୍ତି । ସାଉଦି ଆରବରେ ଏବେ ବି ପୁରୁଷମାନେ ମୁଣ୍ଡକୁ ଘୋଡାଇ ରଖନ୍ତି, ଉତ୍ତର ଆଫ୍ରିକାର ତୁଆରେଗ ଜନଜାତିର ମୁସଲିମ ପୁରୁଷମାନେ (ସ୍ତ୍ରୀମାନେ ନୁହେଁ) ହିଜାବ ପିନ୍ଧନ୍ତି । ଆରବର ପ୍ରବଳ ଖରା ତାତରୁ ଓ ବେଳେ ବେଳେ ବହୁଥିବା ବାଲି ଝଡରୁ ରକ୍ଷା ପାଇଁ ମୁଣ୍ଡ ଘୋଡାଇବା ଦରକାର ଥିଲା, ତାହା ହେଲା ପରମ୍ପରା । ପ୍ରଫେଟ୍ ମହମ୍ମଦ ଦେଖିଛନ୍ତି । ତାହା ତାଙ୍କ ପ୍ରଚାରରେ ରହିବା ସ୍ୱାଭାବିକ; କିନ୍ତୁ ଅଞ୍ଚଳ ଭେଦରେ ପୋଷାକ ଭିନ୍ନ ହୋଇଛି । ବିଲାତରେ ମୁସଲିମ ମହିଳାମାନେ ସାଉଦି

ଆରବର ପୁରା ଘୋଡଣି ପିନ୍ଧନ୍ତି ନାହିଁ । ସେମାନେ ପ୍ରାୟ ଦକ୍ଷିଣ ଏସିଆରୁ ଆସିଛନ୍ତି । ଦକ୍ଷିଣ ଏସିଆର ପ୍ରଚଳିତ ଇସଲାମ ହେଉଛି ହାନିଫି, ତାହା ବାଧ୍ୟ କରେ ନାହିଁ ଯେ ମହିଳାମାନେ ଦେହଟାଯାକ ଘୋଡାନ୍ତୁ । ସୁନ୍ନି ମାନଙ୍କ ଭିତରେ ବି ସେହି କଥା, ସୁନ୍ନିମାନଙ୍କ ଭିତରେ ଥିବା ୪ ଗୋଷ୍ଠୀ ଭିତରୁ କେବଳ ଗୋଟିଏ, ହାନ୍‌ବାଲି, ସାଉଦି ଆରବରେ ପ୍ରଚଳିତ; ତାହା ମହିଳାମାନଙ୍କୁ ପୂର୍ଣ୍ଣ ଆବରଣରେ ରହିବାକୁ ବାଧ୍ୟ କରେ । ସାଉଦି ଆରବର ଜେଦ୍ଦା ସହରରେ ରହୁଥିବା ମହିଳାର ଇଜ୍ଜତ ସମ୍ପର୍କରେ ଧାରଣା ସେହି ଦେଶର ମରୁଦ୍ୟାନରେ ରହୁଥିବା ମହିଳାର ଧାରଣା ସହ ସମାନ ନୁହେଁ । ପୁଣି ଗଣତାନ୍ତ୍ରିକ ଭୋଟ ବ୍ୟବସ୍ଥାରେ ଭୋଟରର ଚିହ୍ନଟ ଲାଗି ଭୋଟର ସହ କଥାବାର୍ତ୍ତା ଲାଗି ମୁହାଁମୁହିଁ ହେବା ଆବଶ୍ୟକ । ବିଲାତରେ ଜାକ୍ ଷ୍ଟ୍ରୁ ବା ଟୋନି ବ୍ଲେଆର ନିର୍ବାଚନ ବେଳେ କହୁଥିଲେ, ଯାହାକୁ ଦେଖି ପାରିବ ନାହିଁ ତାହା ସହ ନିର୍ବାଚନ ପ୍ରଚାର ବେଳେ କିପରି ଆଳାପ ଆଲୋଚନା କରିବ ? ଭୌଗୋଳିକ ଓ ଆର୍ଥିକ କାରଣରୁ ସଂସ୍କୃତି ଭିନ୍ନ ଭିନ୍ନ ହୋଇଛି । ତୁମେ ଲୁଙ୍ଗି ପିନ୍ଧି ଜଗନ୍ନାଥ ମନ୍ଦିରରେ ପଶି ପାରିବ ନାହିଁ; ଲୁଙ୍ଗିଟାକୁ ଆଣ୍ଠୁଯାଏ ଫେରାଇ ଆଣି ଅଣ୍ଟା ପାଖରେ ଭିଡି ଦେଲେ ଯାଇପାରିବ । ମୁସଲମାନଙ୍କ ଲୁଙ୍ଗି ହିନ୍ଦୁଙ୍କ ଲେଙ୍ଗୁଟି ହୋଇଯାଏ ।

ଭୌଗୋଳିକ ପରିସ୍ଥିତି ନେଇ ପୋଷାକର ପରିବର୍ତ୍ତନ ଘଟିଥାଏ ବିଭିନ୍ନ ଭୌଗୋଳିକ ମଣ୍ଡଳ ଥିବା ଭାରତ ଭଳି ବଡ ବଡ ଦେଶରେ ଦକ୍ଷିଣରୁ ଉତ୍ତରକୁ ଗଲେ ଉଷ୍ଣତର ଅଞ୍ଚଳରୁ ଶୀତଳତର ଅଞ୍ଚଳକୁ ଯିବାକୁ ପଡେ, ତେଣୁ ପୋଷାକର ପରିବର୍ତ୍ତନ ଘଟିଥାଏ । ଭାରତବର୍ଷର ବିଭିନ୍ନ ଇଲାକାରେ ହିନ୍ଦୁମାନଙ୍କ ଭିତରେ ବି ପୋଷାକ ଭୌଗୋଳିକ କାରଣରୁ ବିଭିନ୍ନ । ହିମାଳୟ ପର୍ବତମାଳାରେ ଅଧିବାସୀମାନେ ଏବଂ ବାହାରୁ ଆସୁଥିବା ଭକ୍ତ ମାନେ ଦିନାକେତେ ଅଗାଧୁଆ ରହି ମଧ୍ୟ ଦେବାଦେବୀ ପୂଜା କରିଥାନ୍ତି । ମାସ ମାସ ଧରି ଧୁଆ ହୋଇନଥିବା ଗରମ ପୋଷାକରେ ବା ଜାଡୁଆଳିରେ ଜାବୁଡ଼ି ହୋଇ ବରଫ ଶିବଙ୍କୁ ଛୁଇଁବା ପାଇଁ ଧସ୍ତାଧସ୍ତି ହୁଅନ୍ତି । ସେହି ହିନ୍ଦୁ କନ୍ୟାକୁମାରୀ ଅଞ୍ଚଳର ମନ୍ଦିରମାନଙ୍କୁ ଗଲେ ପୋଷାକ ବଦଳାଇ ଖଣ୍ଡିଏ ଧୋତି ପିନ୍ଧେ । ଫୁଙ୍ଗୁଳା ଦେହରେ ଘୋଡାଇ ହୋଇ ଭିତରେ ପଶେ, ନ ହେଲେ ଠାକୁର ଦର୍ଶନ ମନା । କାରଣ ଦେହର ଝାଳ । ହିମାଳୟର ଥଣ୍ଡା ଶୁଷ୍କ ଜଳବାୟୁରେ ଝାଳ ବୁହେ ନାହିଁ, ତେଣୁ ପୋଷାକ ମଳି ହେବା ବା ଗନ୍ଧେଇବାର ପ୍ରଶ୍ନ ନାହିଁ । ଦକ୍ଷିଣ ଭାରତର ଉଷ୍ଣ ଆର୍ଦ୍ର ଜଳବାୟୁରେ ଏତେ ଝାଳ ବୁହେ ଯେ ଦିନକୁ ଏକାଧିକ ବାର ଜଙ୍ଘିଆ ବଦଳାଇବାକୁ ପଡେ । ରାଜନୀତି ଅଧ୍ୟାପକ ସାର୍ ଜେନିଂସ୍ ବୃହତ୍‌କାୟ ଭାରତ ସମ୍ବିଧାନର ବାରମ୍ବାର ସଂଶୋଧନ ଦରକାର ପଡିବ ବୋଲି କହିବାକୁ ଯାଇ କହିଥିଲେ, ଲୋକେ ସମ୍ବିଧାନକୁ ସଂଶୋଧନ

କରିଚାଲିବେ ଯେମିତି ଗ୍ରୀଷ୍ମମଣ୍ଡଳର ଲୋକେ ଅଣ୍ଡରୱେର ଚେଞ୍ଜ୍ କରନ୍ତି । ବଦ୍ରିନାଥର ପଣ୍ଡାମାନେ ପ୍ରବଳ ଥଣ୍ଡାରୁ ରକ୍ଷା ପାଇବା ଲାଗି ଗୁଡାଏ ପଶମ ଲୁଗା ଦେହରେ ଗୁଡାଇ ହୋଇଥାନ୍ତି । ଜଗନ୍ନାଥ ମନ୍ଦିରରେ ପଣ୍ଡାମାନେ ଅଣ୍ଟା ଚାରିପଟେ ଧୋତି ଗୁଡେଇ ଦେହଟାକୁ ଫୁଙ୍ଗୁଳା ରଖନ୍ତି, କାରଣ ପୁରୀ ମନ୍ଦିରର ଝାଳବୁହା ଗରମରେ ଗେଞ୍ଜି ବା କାମିଜ ଝାଳରେ ଜୁତୁବୁତୁ ହୋଇ ଦେହଟାରେ ଚେପିଟି ରହିବ, ଦେହଟା ଗନ୍ଧେଇବ । ତେଣୁ ପଣ୍ଡାଙ୍କ ପୋଷାକ ଟପ୍‌ଲେସ୍ । ଅବଶ୍ୟ ଅଙ୍ଗୁଳିଗୁଡିକରେ ମୁଦି ସଂଖ୍ୟା ବା ବେକରୁ ପୃଥୁଳ ପେଟକୁ ଓହଳିଥିବା ହାର ସଂଖ୍ୟା ପଣ୍ଡାଙ୍କର ସମୃଦ୍ଧିର ପରିଚୟ ଦିଏ ।


ଆଗକାଳରେ ଋଷିମାନେ ବଣ ଜଙ୍ଗଲରେ ରହି ତପସ୍ୟା କରୁଥିଲେ । ସେମାନେ ବଲ୍କଲ ବା ପତ୍ର ପରିଧାନ ରଖୁଥିଲେ, କେତେକ ନଗ୍ନ ରହିଲେ । ନାଗା ସାଧୁମାନେ ଏହି ନଗ୍ନ ଋଷିମାନଙ୍କ ପରମ୍ପରା ଅନୁସରଣ କଲେ । ଖାଲି ଦେହ ମଶା ଡାଆଁଶ ମାନଙ୍କ ଉତ୍ପାତ ସହିପାରେ ନାହିଁ; ହାତୀ, ଗଣ୍ଡାର, ଘୁଷୁରି ଭଳି ପ୍ରାଣୀ ମାନଙ୍କ ଅନୁକରଣରେ ସେମାନେ କାଦୁଅ ବୋଳି ହେଲେ । ନଦୀଠାରୁ ଦୂରରେ ଥିବା ତପସ୍ୱୀ ମାନେ କାଦୁଅ ପାଇଲେ ନାହିଁ, ଶୁଖିଲା ମାଟି ଦେହରେ ଲାଖି ରହିଲା ନାହିଁ । ଯେଉଁ ଧୁନି ଜାଳି ସେମାନେ ନିଆଁ ପୁଉଁ ଥିଲେ, ତହିଁରୁ ବାହାରୁଥିବା ପାଉଁଶ ବୋଳି ହେବା ସୁବିଧାଜନକ ହେଲା । ପାଉଁଶ ବିଭୁତି ନାମରେ ଭକ୍ତମାନଙ୍କ ଭୋଜ୍ୟ ହୋଇଗଲା । ସ୍ୱାସ୍ଥ୍ୟ ପାଇଁ ଦରକାର ବେଶ ଭୂଷା କାଳକ୍ରମେ ଧର୍ମର ପୋଷାକ ହୋଇଗଲା, ବେଳେ ବେଳେ ଶ୍ରଦ୍ଧାଳୁର ଘରେ ସାଇତି ରଖିବାର ସାମଗ୍ରୀ ହୋଇଗଲା- ସେ ବାବାଜିଙ୍କ ବିଭୁତି ହେଉ କି ଜଗନ୍ନାଥଙ୍କ ପଣ୍ଡା ବାଣ୍ଟୁଥିବା ନାଲି କନାର ଟୁକୁରା ହେଉ ।

ଏବେ ଧର୍ମ ଆଳରେ ସର୍ବାଙ୍ଗ ଆବୃତ ପୋଷାକ ଭିତରେ ଆତ୍ମଘାତୀ ସନ୍ତ୍ରାସବାଦୀମାନେ ବୋମା ନେଉଥିବାରୁ ମୁସଲମାନ ଦେଶରେ ବି ତା ଉପରେ ରୋକ ଲଗାଗଲାଣି । ଆଫ୍ରିକାର ଏକ ମୁସ୍‌ଲିମ ଦେଶ ଚାଦ୍; ରାଜଧାନୀ ନଦଜାମେନା । ୨୦୧୫ ଜୁନ ୧୫ରେ ବୋକୋ ହାରାମ୍ ଜିହାଦୀ (ବିଦ୍ରୋହୀ) ମାନେ ବୁର୍ଖାପିନ୍ଧା ସ୍ତ୍ରୀଲୋକଙ୍କୁ ଆତ୍ମଘାତୀ ବୋମାରୁ ଭାବେ ବ୍ୟବହାର କରି ୩୩ ଲୋକଙ୍କୁ ହତ୍ୟା କରିଥିଲେ, ପ୍ରତିକ୍ରିୟାରେ ଚାଦର ପ୍ରଧାନମନ୍ତ୍ରୀ କାଲ୍‌ଜେଉବେ ପାହିମି ଦେଉବେଟ୍ ରମାଦାନ ପର୍ବ ଆରମ୍ଭ ପୂର୍ବ ଦିନ ଘୋଷଣା କରିଛନ୍ତି ଯେ ବୁର୍ଖା- ମୁହଁ, ଦେହ ଘୋଡାଇ ରଖୁଥିବା ଯେ କୌଣସି ବସ୍ତ୍ର, ସର୍ବସାଧାରଣ ଜାଗାରେ କେହି ପିନ୍ଧିବେ ନାହିଁ, ଦୋକାନ ବଜାରରେ ଥିବା ସବୁ ଷ୍ଟକ୍ ଜାଳି ଦିଆଯିବ ।

****

# ଧର୍ମ ଏକ ମୋହ, ଏକ ପାଗଳାମି

ପଡିଆରେ ବସି ପ୍ରକୃତିକୁ ଉପଭୋଗ କରୁଥିବା ବେଳେ ଲକ୍ଷ୍ୟ କରିଛନ୍ତି କି ଘାସରେ ଚଢୁଥିବା ପିମ୍ପୁଡିମାନଙ୍କ ଭିତରୁ ଗୋଟିଏ ଗୋଟିଏ ପିମ୍ପୁଡି ପତ୍ରରେ ଉପରୁ ତଳ ଓ ତଳୁ ଉପର ବାର ବାର ବୁଲୁଥାନ୍ତି, ଯେପରି ତାର କିଛି କାମ ନାହିଁ । ଖାଦ୍ୟ ଖୋଜୁ ନାହିଁ କି ଘର । ପିମ୍ପୁଡିଟି ଏପରି ବୁଲୁଥିବାର କାରଣ ତା ମୁଣ୍ଡରେ ଗୋଟିଏ ପରାଙ୍ଗଭୋଜୀ ଅଣୁଜୀବ, ଲାନ୍‌ସେଟ୍ ଫ୍ଲୁକ, ପଶି ରହିଛି । ଅପେକ୍ଷା କରିଛି, କେତେବେଳେ ଗୋମେଷାଦି ପଶୁ ଘାସ ପତ୍ରଟି ଖାଇଲେ ପିମ୍ପୁଡି ସହ ସେ ଛେଳି, ମେଣ୍ଢା, ଘୁଷୁରୀ, ଗାଈ, ବା ମହିଷିର ପେଟକୁ ଯିବ, ସେଠି ବେଶ୍ ଖାଦ୍ୟ ପାଇବ ଓ ବଂଶ ବଢାଇବ । ଲାନ୍‌ସେଟ୍ ଫ୍ଲୁକ ଅଣୁଜୀବଟି ଯେପରି ଉଦ୍ଦେଶ୍ୟହୀନ ଭାବେ ଘାସ ପତ୍ରରେ ପିମ୍ପୁଡିଟିକୁ ଏ ପାଖ ସେପାଖ କରାଉଥାଏ, ଧର୍ମ ତଦ୍ରୂପ କାମ କରେ । ଧର୍ମ ହେଉଛି 'ମୁଣ୍ଡ ଭିତରେ ପଶିଥିବା ଏକ ଧାରଣା', ଏହାର ଅନୁସରଣରେ ମଣିଷ ତାର ସ୍ୱାର୍ଥ, ତାର ସ୍ୱାସ୍ଥ୍ୟ, ତାର ପରିବାର, ସବୁ କିଛି ତ୍ୟାଗ କରିଥାଏ । ବ୍ରେକିଂ ଦ ସ୍ପେଲ, ରେଲିଜିଅନ ଆଜ୍ ଏ ନାଚୁରାଲ ଫେନୋମେନନ', Breaking the Spell: Religion as a Natural Phenomenon] –"ମୋହ ଭଙ୍ଗ: ଏକ ପ୍ରାକୃତିକ ପ୍ରକାଶ ରୂପେ ଧର୍ମ"–ରେ ଲେଖକ ଡାନିଏଲ ସି ଡେନେଟ (Daniel C. Dennett) ଘାସ ପତରରେ ଚଢୁଥିବା ପିମ୍ପୁଡିଟିର ଉଦାହରଣ କହନ୍ତି, ଧର୍ମ ଧାରଣାଟି ଲାନ୍‌ସେଟ୍ ଫ୍ଲୁକ ଅଣୁଜୀବ ଭଳି ମଣିଷକୁ ନିୟନ୍ତ୍ରିତ କରିଥାଏ । ନିଜର ପ୍ରସାର, ପ୍ରଚାର ଓ ଅଭିବୃଦ୍ଧି ପାଇଁ ଏ ଧାରଣାଟି ଅଜବ ବ୍ୟବହାରର ଉଦ୍ରେକ କରିଥାଏ । ଯେଉଁମାନେ ଇସଲାମ ଧର୍ମର ସହନଶୀଳତା ଦେଖାଇବାକୁ ଚାହାନ୍ତି, ସେମାନେ କହନ୍ତି, 'ଇସ୍‌ଲାମ' ଶବ୍ଦର ମାନେ ହେଉଛି ସବ୍‌ମିଶନ୍ ବା ସମର୍ପଣ । ହିନ୍ଦୁ ବା ଖ୍ରିଷ୍ଟିଆନ ମଧ୍ୟ କହେ ଯେ ପ୍ରକୃତ ଧର୍ମ ହେଉଛି ସମର୍ପଣ, ଭଗବାନଙ୍କ ଠାରେ ସମର୍ପଣ । କାହା ପାଖରେ ସମର୍ପଣ କରିବା ଅର୍ଥ ନିଜକୁ ଭୁଲିଯିବା ।



ଲାନ୍‌ସେଟ୍ ଫ୍ଲୁକ ଅଣୁଜୀବ ଦ୍ୱାରା ନିୟନ୍ତ୍ରିତ ପିମ୍ପୁଡିଟିଏ

ନିଜେ ଯେ ଗୋଟିଏ ପ୍ରାଣୀ ଏବଂ ବ୍ୟକ୍ତି ହିସାବରେ ତାର ଏକ ଜୈବିକ ଭୂମିକା ଅଛି, ସେ କଥା ଭୁଲି ଯିବାକୁ ଏହି ସମର୍ପଣ ତତ୍ତ୍ୱର ସମର୍ଥକମାନେ ପ୍ରଚାର କରନ୍ତି । ଯେଉଁ ବାପା ମା ସେମାନଙ୍କୁ ସଂସାରକୁ ଆଣିଛନ୍ତି, ଯାହାଙ୍କ ଯୋଗୁଁ ସେମାନେ ମଣିଷ, ସେହି ବାପାମା'ଙ୍କୁ ସେମାନେ ଭୁଲିଯାଆନ୍ତି । ବାପା ମାଆଙ୍କ ନାମ ତ କହନ୍ତି ନାହିଁ, ଠିକଣା କି ଗୋତ୍ର କହିବା ଦୂର କଥା । ସନ୍ଥ, ଗୁରୁ, ଧର୍ମପ୍ରଚାରକ ତ ପାପ ଯୋନିରୁ ଜାତ (ଗୀତା ୯ମ ଅଧ୍ୟାୟ ୩୨ ଶ୍ଳୋକ – ଶୁଦ୍ର, ବୈଶ୍ୟ ଭଳି ସ୍ତ୍ରୀ ବି ପାପ-ଯୋନିରୁ ଜାତ); ସେମାନେ କିପରି ଧର୍ମ ପ୍ରଚାର କରିବାର ଯୋଗ୍ୟ ହେଲେ ? ଗୋଟିଏ ଆଡେ କହିବ ସହଧର୍ମିଣୀ ନ ଥିଲେ ପୂଜା ପାଠ ଅସମ୍ପୂର୍ଣ୍ଣ, ଆଉ ଗୋଟିଏ ଆଡେ କହିବ ଧାର୍ମିକ ଲୋକ ପକ୍ଷରେ ନାରୀସଙ୍ଗ ବର୍ଜନୀୟ । ନିଜେ ସଂଯତ ରହିପାରିବ ନାହିଁ ବୋଲି କହିବ ନାରୀର ଆକର୍ଷଣ ଦୂଷିତ କରେ? ତାହାର ଚେହେରାକୁ ଘୋଡାଇ ରଖ? ସେମାନଙ୍କ ମତରେ ମଣିଷ ବୋଇଲେ କେବଳ ପୁରୁଷକୁ ବୁଝାଏ ।

ଇସଲାମ ଧର୍ମର ଗୁରୁମାନେ ତ ଆହୁରି ପାଦେ ଆଗେଇଯାଇ କହନ୍ତି, ନାରୀମାନେ ଘରର ଚାରିକାନ୍ଥ ବାହାରେ କିଛି କାମ କରିପାରିବେ ନାହିଁ । କେତେକ ସୁଫି ସନ୍ଥ ଦାବି କରନ୍ତି ଯେ ସେମାନଙ୍କ ତୀର୍ଥସ୍ଥଳ ଆଜମିରର ଦର୍ଘାସରିଫ୍‌ରେ ନାରୀମାନେ ଦେଖାଗଲେ ପ୍ରାର୍ଥନା ଗଣ୍ଡଗୋଳ ହୋଇଯାଉଛି; ଦର୍ଘା ଭିତରକୁ ମହିଳା ମାନଙ୍କୁ ମନା କରାଯାଉ । ଏହାର ଚରମ ପରିଣତି ଭାବେ ଯଦି ସମସ୍ତେ ନାରୀମାନଙ୍କୁ ବର୍ଜନ କରନ୍ତି, ଗୋଟିଏ ପିଢିରେ ମଣିଷ ସମାଜ ଖତମ ହୋଇଯିବ । ମଣିଷ ନ ଥିଲେ ଧର୍ମ ଭାବ କିଏ ଆଣିବ ? ଭଗବାନ ଧାରଣା କିଏ ଦେବ ? ଭଗବାନ ଶବ୍ଦ ଉଚ୍ଚାରଣ କରିବାକୁ ମଣିଷ ନ ଥିବ ତ ଆଲ୍ଲା, ରାମ, ଯୀଶୁ, ବୁଦ୍ଧ, ଗୁରୁ, ଆଦି ଧାରଣା ଆସିବ କେଉଁଠୁ ? ସମର୍ପଣ ଭାବ ଥିବା, ଆତ୍ମ-ସମର୍ପଣକାରୀ, ଲୋକ ନିଜର ଶାରୀରିକ ଓ ସାମାଜିକ ଆବଶ୍ୟକତାକୁ ଭୁଲିଯାଏ, ଯେଉଁ ଶାରୀରିକ ଓ ସାମାଜିକ ଆବଶ୍ୟକତାରୁ ସେ ଜନ୍ମ ନେଇଛି ତାହା ଭୁଲିଯାଏ ।

ଏଣେ କହିବ ଶରୀର ନ ଥିଲେ ଧର୍ମ କରିହେବ ନାହିଁ (ଶରୀରଂ ଆଦ୍ୟଂ, ଖଳୁ ଧର୍ମ ସାଧନଂ) ତେଣେ ଶରୀରକୁ ବିନାଶ କଲେ ହିଁ ପରମ ଧର୍ମ ହେବ ବୋଲି କହିବ । ଅର୍ଥାତ୍ ମୌଳପନ୍ଥୀ କଣ କହୁଛି, କଣ କରୁଛି, ବୁଝିପାରେ ନାହିଁ, ବୁଝିବାକୁ ଇଚ୍ଛା କରେ ନାହିଁ; ତା ମୁଣ୍ଡ ଭିତରେ ଥିବା ଧାରଣା-ପୋକ ତାକୁ ନିୟନ୍ତ୍ରିତ କରେ । ଏ ପୋକଟି ଆତ୍ମହନ୍ତା ପୋକ, ସେଲ୍‌ଫ-ଆନିହିଲେଟିଂ (self-annihilating) ଜିନ ଭଳି ପାଳନକାରୀ ଶରୀରଟିକୁ ନଷ୍ଟ

କରେ । ଆଜିକାଲିର ହାଇବ୍ରିଡ ଗେଣ୍ଡୁର ଯେଭଳି ପରପିଢି ନାହିଁ । ଯଦି ଭଗବାନରେ ବିଶ୍ୱାସ, ତାଙ୍କୁ ଥରେ ପଚାର, ହେ ଭଗବାନ, ତୁମେ କଣ ମୋତେ ଆତ୍ମହତ୍ୟା କରିବା ପାଇଁ ଜନ୍ମ ଦେଇଥିଲ ? ଅନ୍ୟକୁ ମାରିବା ଓ ସେଥିଲାଗି ଦରକାର ହେଲେ ନିଜେ ମରିବା (ଆଲ କାଏଦା ବାଲା ସେମିତି କହୁନାହାନ୍ତି କି ?) ଯଦି ଉଦ୍ଦେଶ୍ୟ, ତେବେ ସଂସାରଟାକୁ "ସୃଷ୍ଟି" କାହିଁକି କହୁଛ, ବିନାଶ (ବା ମରୁଭୂମି) କହୁନା ? ଯଦି କାମିନୀ କାଞ୍ଚନ ସବୁ ଗଣ୍ଡଗୋଳର ମୂଳ, ତେବେ କାମିନୀ ବା ସୁନ୍ଦରୀ ରମଣୀ ସୃଷ୍ଟି କଲ କାହିଁକି ? ନର ନାରୀ, ପୁଂ ଓ ସ୍ତ୍ରୀ, ମାଈ ଓ ଅଣ୍ଡିରା ନ ଥିଲେ, ସୃଷ୍ଟି ଥାଆନ୍ତା କି ? ପୃଥିବୀ ତ ଚନ୍ଦ୍ର ବା ମଙ୍ଗଳ ପୃଷ୍ଠ ଭଳି ନିର୍ଜୀବ ଥାଆନ୍ତା । ମାଟି ଗୋଡି କଣ ଭଗବତ୍ ବା ସମର୍ପଣ ଧାରଣା ଆଣିଥାନ୍ତା ? ମୂର୍ତ୍ତି ପୂଜା ଓ ଧାରଣା ପୂଜା ଭିତରେ କିଛି ଫରକ ନାହିଁ । ମୂର୍ତ୍ତିକୁ ଭାଙ୍ଗ ବା ଧାରଣାକୁ ଭାଙ୍ଗ, ପ୍ରତ୍ୟେକଟିରେ ଧର୍ମାନ୍ଧମାନେ ପ୍ରତିବାଦ କରିବେ ।

ଧର୍ମ ଗୋଟିଏ ପାଗଳାମି; ଗୋଟିଏ ଅଫିମ । ଦ୍ୱିତୀୟଟି କାର୍ଲ ମାକ୍ସ କହିଛନ୍ତି, ପ୍ରଥମଟି ସମାଜବିଜ୍ଞାନୀ ମାନେ କହନ୍ତି । ଏବେ ପାଶ୍ଚାତ୍ୟ ଜ୍ଞାନରେ ଉଦ୍‌ବୁଦ୍ଧ ଲୋକେ ଧର୍ମ ନିରପେକ୍ଷତା ଅବଲମ୍ବନ କରୁଛନ୍ତି । ସେମାନଙ୍କ ପାଇଁ ଧର୍ମ ଅଛି, କିନ୍ତୁ ପ୍ରତ୍ୟେକର ଧର୍ମ ଅନ୍ୟର ଧର୍ମ ବିରୁଦ୍ଧରେ ନ ଯାଉ, ଏ କଥା ସେମାନେ କହନ୍ତି । ସେମାନେ ଧର୍ମଶୂନ୍ୟ ନୁହଁନ୍ତି, ସେମାନଙ୍କ ପାଇଁ ଧର୍ମ-ନିରପେକ୍ଷତା ଏକ ଧର୍ମ । ତାହା ନିଜର ପାରିବାରିକ ଧର୍ମ ସହ ସାଲିସ୍ କରିପାରେ । ଏମାନଙ୍କୁ ବିରୋଧ କରନ୍ତି ମୌଳବାଦୀ ବା ଧର୍ମାନ୍ଧମାନେ । ନିଜ ଧର୍ମରେ ନିଧନ ଶ୍ରେୟ, ପର ଧର୍ମ ଭୟାବହ । ଭୟାବହ କାହିଁକି ? ଏ ଭୟାବହତା କଣ ସ୍ୱର୍ଗକୁ ନ ଯିବାର ଭୟ ? ସ୍ୱର୍ଗର ଧାରଣା ତ ଗୋଟିଏ ଆତ୍ମଘାତୀ, ସେଲ୍‌ଫ-ଆନାଇହିଲେଟିଂ, ଧାରଣା । ଧର୍ମ ପାଳନ କରି ମଲେ ସ୍ୱର୍ଗ ଯିବ, ନଚେତ୍ ନର୍କକୁ ଗମନ । ଭିନ୍ନ ଭିନ୍ନ ଧର୍ମର ସ୍ୱର୍ଗ ଭିନ୍ନ ଭିନ୍ନ । ତେଣୁ ଖ୍ରୀଷ୍ଟାନ ବା ହିନ୍ଦୁ ଟିଏ ମାରିଲେ ଆଲକାଏଦା ମୁସଲମାନ ଯେଉଁ ସ୍ୱର୍ଗକୁ ଯିବ ତାହା ହିନ୍ଦୁ ସ୍ୱର୍ଗ ଠାରୁ ଭିନ୍ନ, ଖ୍ରୀଷ୍ଟାନର ସ୍ୱର୍ଗଠାରୁ ଭିନ୍ନ । ଆମର ଟାଉନ ପ୍ଲାନିଂ ଭଳି ସ୍ୱର୍ଗ ଲାଗି ଗୋଟିଏ ମାଷ୍ଟର ପ୍ଲାନ ଅଛି କି ? ପୋପ୍ ଥରେ କହିଥିଲେ, ସେକୁଲାର ମାନେ ଖ୍ରୀଷ୍ଟଙ୍କ ବିରୋଧୀ, ସେକୁଲାରିଜିମ ବି ଏକ ଧର୍ମ, ତାହା ଅନ୍ୟ ଧର୍ମର ପ୍ରସାରକୁ ବିରୋଧ କରେ, ଇସଲାମ୍ ଧର୍ମର ପ୍ରସାରକୁ ରୋକେ ତେଣୁ ତା ବିରୁଦ୍ଧରେ କ୍ରୁଜେଡ୍ ଦରକାର, ଜିହାଦ ଦରକାର। ସବୁ ଧର୍ମାବଲମ୍ବୀମାନଙ୍କ ମତରେ ସେକୁଲାରିଷ୍ଟମାନେ ସ୍ୱର୍ଗକୁ ଯାଇପାରିବେ ନାହିଁ।

ପ୍ରତି ପାଗଳାମିରେ ବି ଗୋଟିଏ ଭଲ ଦିଗ ଥାଏ, ଧର୍ମରେ ବି ଅଛି । ଧର୍ମର ଭୟ ନ ରହିଲେ କେହି କାହାକୁ ମାନିବ ନାହିଁ, ଜୋର୍ ଯାହାର ମୂଲକ ତାହାର ହେବ । ନର୍କର ଧାରଣା ବହୁତ ଲୋକଙ୍କୁ ଅପରାଧ କରିବାରୁ ଦୂରେଇ ରଖେ । ଧର୍ମ ଯେଉଁ ଅଜଣା ଭୟ କଥା କହେ, ଧର୍ମ ଧାରଣା ନ ରହିଲେ ସେ ଭୟ ରହିବ ନାହିଁ, ଫଳରେ ଅପରାଧ ବଢିବ । ବିବେକ ବା ବିଚାର ପ୍ରକ୍ରିୟା ହିଁ ଏ ସବୁ ପାଗଳାମିର ଉପଶମ କରିବ । ଯେଉଁ ଧର୍ମ ଚରମ ସମର୍ପଣ ଦରକାର କରେ, ତାହା କେବେ ଅନ୍ୟର ମତକୁ ସହ୍ୟ କରିବ କି ? ସେହି କାରଣରୁ ତ ଡେନ୍‌ମାର୍କର ସମ୍ବାଦପତ୍ରରେ ମହମ୍ମଦଙ୍କ ବ୍ୟଙ୍ଗ ଚିତ୍ର ପ୍ରକାଶନ ମୁସଲମାନମାନଙ୍କୁ ପାଶବିକ ହିଂସା ଓ ଦଙ୍ଗା ଆଡକୁ ପ୍ରବର୍ତ୍ତାଇଥିଲା । ଏ' ଟା ଦେଖାଇବ ନାହିଁ, ସେ' ଟା ଦେଖାଇବ ନାହିଁ, ଧର୍ମର ଏଭଳି ଯେଉଁ ଆଦେଶ, ତାହାର ଯାଥାର୍ଥ୍ୟ ଉପରେ କେହି ପ୍ରଶ୍ନ ଉଠାଉ ନାହିଁ । ଧର୍ମଗ୍ରନ୍ଥ ଦ୍ୱାରା ନିଷିଦ୍ଧ ମୂର୍ତ୍ତି ବା ଚିତ୍ର ଯିଏ ଦେଖାଇଲା ତାକୁ ମାରିଦେବା ଲାଗି ମୌଳବାଦୀମାନେ ଆତତାୟୀ ଲଗାଇଦେବେ । ମୂଳରୁ ଖ୍ରୀଷ୍ଟ ଧର୍ମରେ ମୂର୍ତ୍ତି ପୂଜା ନିଷିଦ୍ଧ ନଥିଲା । ଖ୍ରୀଷ୍ଟିଆନ୍‌ମାନେ ପରବର୍ତ୍ତୀ କାଳର ଧର୍ମ ଇସ୍‌ଲାମର ଅନୁକରଣରେ (ପ୍ରରୋଚନାରେ) ମୂର୍ତ୍ତି ପୂଜା ନିଷିଦ୍ଧ କଲେ । ୮ମ ଶତାବ୍ଦୀରେ ଇଷ୍ଟର୍ଣ୍ଣ ଚର୍ଚ୍ଚ ମୂର୍ତ୍ତି ପୂଜା ନିଷିଦ୍ଧ କଲା । ସମ୍ରାଟ ଲିଓ ତୃତୀୟ (୬୮୦-୭୪୧) ଓ ତାଙ୍କ ଦାୟାଦମାନେ ପ୍ରାୟ ଏକ ଶତାବ୍ଦୀ କାଳ କଳାକୃତିମାନ ନଷ୍ଟ କରିବାରେ ଲାଗିଥିଲେ, ଗଣହତ୍ୟା କଲେ, ଧର୍ମଯାଜକମାନଙ୍କୁ ହତ୍ୟା କଲେ, ଧର୍ମସ୍ଥାନମାନ ଧୂଳିସାତ୍ କଲେ, କନଷ୍ଟାଣ୍ଟିନୋପଲ ଓ ପୋପ ମଧ୍ୟରେ ବିବାଦ ସୃଷ୍ଟି ହେଲା । ସେତେବେଳର ଧର୍ମାନ୍ଧମାନଙ୍କଠାରୁ ୨୧ଶ ଶତାବ୍ଦୀର ଦଙ୍ଗାକାରୀ ଆଲକାଏଦୀ- ବା ତାଲିବାନ୍- ବା ଆଇଏସ୍‌ଆଇଏସ୍- ମୁସଲମାନ କୌଣସି ଗୁଣରେ କମ୍ ନୁହନ୍ତି । ଆଲେକଜାଣ୍ଡ୍ରିଆର ବିଶାଳ ପାଠାଗାର ନଷ୍ଟ ହେଉ କି ଆଫଗାନିସ୍ଥାନରେ ବୁଦ୍ଧ ସ୍ଥାପତ୍ୟ ମାନ ନଷ୍ଟ ହେଉ -ଏସବୁ ମୌଳବାଦୀଙ୍କ ଧ୍ୱଂସାତ୍ମକ କାର୍ଯ୍ୟ । ସେମାନେ ଚାହାଁନ୍ତି ନାହିଁ ଅନ୍ୟ କୌଣସି ଧର୍ମର ଚିହ୍ନବର୍ଣ୍ଣ ରହୁ । ସେମାନେ ସଂସ୍କୃତି, ସଭ୍ୟତା ଆଦିର ଧାର ଧାରନ୍ତି ନାହିଁ । 'ଏବକାର ମୂର୍ତ୍ତିବିରୋଧୀମାନେ ନିଷିଦ୍ଧ ଚିତ୍ର ବା ମୂର୍ତ୍ତି ପ୍ରଦର୍ଶନ ବନ୍ଦ କରୁଛନ୍ତି ଏବଂ ଧର୍ମନିରପେକ୍ଷମାନେ ତାହା ସହ୍ୟ କରୁଛନ୍ତି' କହିଲେ ଠିକ ହେବ ନାହିଁ କିମ୍ବା ସମର୍ଥନ କରୁଛନ୍ତି କହିଲେ ଯଥେଷ୍ଟ ହେବ ନାହିଁ, ଧର୍ମନିରପେକ୍ଷମାନେ ତହିଁରେ ମିଶିଯାଉଛନ୍ତି । ଆଇସ୍ କ୍ରିମ୍‌ରେ ଆଲ୍ଲାଙ୍କ ନାମ ଭଳି ଛବି ଦିଶିବାରୁ ବର୍ଜର କିଂ ତାହା ବନ୍ଦ କରିଦେଲା । ଆମ ପ୍ରଦେଶରେ ବାଇଗଣ ଦି ଫାଳ କଲେ ତହିଁରେ ଆଲ୍ଲା ଲେଖା ଦେଖାଯିବା ବା ପ୍ରଜାପତିର ଡେଣା ଜଗନ୍ନାଥଙ୍କ ଚକା ଆଖି ଭଳି ଦିଶିବା କହିଲେ ଲୋକେ ଜମି ଯାଉଛନ୍ତି, କିନ୍ତୁ ଦୋକାନୀଟିଏ ଏମିତି କରି ବିକିଲେ ତା

ଦୋକାନ ଭାଙ୍ଗି ରୁଜି ଦେବେ । ଡାନିସ୍ କାର୍ଟୁନ ବିରୁଦ୍ଧରେ ଯେଉଁ ମୁସଲମାନମାନେ ପ୍ରତିବାଦ କଲେ ସେମାନେ ଯେ ଲୋକଙ୍କୁ ଦଙ୍ଗା ପାଇଁ ଉସୁକାଇବା ଲାଗି କାର୍ଟୁନଟିର ନକଲ (ପ୍ରଫେଟଙ୍କ ଉପରେ କୁକୁରଟିଏ ଚଢିଥିବା କାର୍ଟୁନ) ପ୍ରକାଶ କଲେ, ତାହା ଦୋଷ ହେଲା ନାହିଁ । ଆଉ ଜଣେ କାର୍ଟୁନ କଲା ବୋଲି ରାଗ, କିନ୍ତୁ ନିଜେ ସେହି କାର୍ଟୁନ ଜନସାଧାରଣରେ ଦେଖାଇବା ଦୋଷ ହେଲା ନାହିଁ, ଏ କେଉଁ ଯୁକ୍ତି ? କାରଣ ନିଜର ଉଦ୍ଦେଶ୍ୟ ପୂରଣ କଲା, ଲୋକଙ୍କୁ ମତାଇ ହେଲା  ବୋଲି ! ଖାଲିସ୍ଥାନୀମାନେ ଅମୃତସରରେ ଜଗନ୍ନାଥ, ସୁଭଦ୍ରା, ବଳରାମ, ମୂର୍ତ୍ତି ଫୋପାଡି ଦେଲେ, ଅଥଚ ଭାରତ ସରକାର ଗ୍ରନ୍ଥ ସାହିବ ପୋଥିର ଚିତ୍ର ଥାଇ ଡାକଟିକଟଟିଏ ପ୍ରକାଶ କଲେ ବୋଲି କେତେ ରାଗ ! ସରକାର ତାକୁ ଉଠାଇନେଲେ । ବର୍ତ୍ତମାନ ଧର୍ମାନ୍ଧମାନେ ଧର୍ମନିରପେକ୍ଷମାନଙ୍କ ଠାରୁ ଧର୍ମକୁ ରକ୍ଷା କରିବାକୁ ଚାହିଁଲେଣି । ଏହାର ସମାଧାନ ହେଉଛି ବିବେକର ପ୍ରୟୋଗ । ଯାହା କିଛି ଯୁକ୍ତିଯୁକ୍ତ, ତାହା ହିଁ ଗ୍ରହଣ କର, ନିଜ ମତକୁ କାହା ଉପରେ ଲଦି ଦିଅ ନାହିଁ ।

ଏବେ ଯଦି କବୀର ଆସନ୍ତେ ଓ ତାଙ୍କ ଦୋହା* ଗାଆନ୍ତେ ତାଙ୍କୁ ଧର୍ମନିରପେକ୍ଷ ସରକାର ବାନ୍ଧି ଜେଲରେ ପୂରେଇ ରଖନ୍ତେ ଅଥବା ଧର୍ମାନ୍ଧମାନେ ପିଟି ପିଟି ମାରିଦିଅନ୍ତେ, କାରଣ ସେ କହନ୍ତେ ଯଦି ପଥରକୁ ଠାକୁର ବୋଲି ପୂଜା କରୁଛ ମୁଁ ପୂରା ପାହାଡଟା କାହିଁକି ପୂଜା ନକରିବି, ଆଲ୍ଲା କଣ କାଲା କି ତାଙ୍କୁ ଗୋଟିଏ ଉଚ୍ଚ ଜାଗାରୁ ଏତେ ବଡ ପାଟିରେ ଡାକୁଛ ?

****

---

* ଦୋହାର ସାରାଂଶ ହେଲା, ଯଦି ତୁମେ ପଥରକୁ ପୂଜାକରି ଫଳ ପାଉଛ ମୁଁ ତ' ପାହାଡ଼କୁ ପୂଜା କରିବି ! ମସଜିଦ୍ ଉପରକୁ ଉଠି ଏତେ ଜୋରରେ ପାଟି କରୁଛ ସତେ ଯେପରି ଆଲ୍ଲା କାଲା ।

# ନିଜ ଭାଗ୍ୟ ନିଜେ ନିୟନ୍ତ୍ରଣ କରୁଛ

ମାଛି, କୁକୁଡା, ବୁଢିଆଣୀ, ଜୋକ, ଏପରିକି ଚିତାବାଘ ସହିତ ସାଧାରଣ ଭାବରେ ମୂଷାର କି ସମ୍ପର୍କ ? ଉତ୍ତର ହେବ: ବହୁତ । ପିମ୍ପି ବା ଗଛ ମାନଙ୍କ ଭିତରେ ଯେତେ ସାଦୃଶ୍ୟ ଅଛି ତା ଠାରୁ ବେଶି ସାଦୃଶ୍ୟ ଅଛି ପ୍ରାଣୀ ମାନଙ୍କ ଭିତରେ । ଶରୀରର ଗଠନ ଢାଞ୍ଚା ସମାନ ପ୍ରକାରର । କେତେ ଅଙ୍ଗ ରହିବ, କେତେଟି ଆଖି, କେତେଟି ମେରୁଦଣ୍ଡ-ହାଡ ରହିବ, ଚେହେରାର ଆଉ ସବୁ ଜିନିଷ କିପରି ହେବ ତାହାର ନକ୍ସା କାଳକ୍ରମେ ସ୍ଥିର ହୋଇଛି; ମୂଳରୁ ଅର୍ଥାତ୍ ପୃଥିବୀ ସୃଷ୍ଟି ବେଳରୁ ହୋଇ ନାହିଁ । ପୃଥିବୀ ତ' ନିଜେ ବିବର୍ତ୍ତନର ଶିକାର, ଯଥା ତାରକା ପୁଞ୍ଜରୁ କ୍ରମେ କେନ୍ଦ୍ରୀଭୂତ ବାଷ୍ପ-ମଣ୍ଡଳ ହୋଇଛି, ବାଷ୍ପ-ମଣ୍ଡଳ ଘନୀଭୂତ ହୋଇ ସୌର ମଣ୍ଡଳ ହୋଇଛି, ସୌର ମଣ୍ଡଳର ଘୂର୍ଣ୍ଣନ ଫଳରେ ବସ୍ତୁମାନ ବିଚ୍ଛୁରିତ ହୋଇ ଗ୍ରହମାନ ତିଆରି ହୋଇଛି, ପୃଥିବୀ ଗୋଟିଏ ଗ୍ରହ । ପୃଥିବୀ ଥଣ୍ଡା ହୋଇ ହୋଇ ବର୍ତ୍ତମାନର ଅବସ୍ଥାକୁ ଆସିଛି । ତହିଁରେ ପୁଣି ଅବିବର୍ତ୍ତିତ ଜିନିଷ ବା ପ୍ରାଣୀ ଆସିବ କିପରି ? ସବୁ ବଦଳୁଛି ଧୀରେ ଧୀରେ, ବିବର୍ତ୍ତନରେ । ବିବର୍ତ୍ତନ ହେଉଛି ସ୍ଥାନ ଓ କାଳର ପରିଣାମ । ଭ୍ରୂଣର ବିକାଶ ବି ଏ ପ୍ରକ୍ରିୟାର ପରିପ୍ରକାଶ । ପ୍ରତି ଜୀବନ୍ତ ଜିନିଷରେ ବଂଶଗୁଣ ବହନ କରୁଥିବା ୟୁନିଟ୍ (ଏକକ) ଅଛି, ତାକୁ ଜିନ୍ (gene) କହନ୍ତି । ଜିନ୍‌ମାନେ ଗୋଟିଏ ପ୍ରଜାତିର ପ୍ରାଣୀ କ୍ଷେତ୍ରରେ ଯାହା କରନ୍ତି, ଅନ୍ୟ ପ୍ରଜାତିର ପ୍ରାଣୀଠାରେ ସେଇୟା କରନ୍ତି । ମଣିଷର ଯେପରି ରୋଗବାଗ ଅଛି, ବା ବିକଳାଙ୍ଗ ହୋଇ ଜନ୍ମ ହେବାର ସମ୍ଭାବନା ଅଛି, ତାହା ଅନ୍ୟ ପ୍ରାଣୀ କ୍ଷେତ୍ରରେ ବି ଅଛି । ଈଶ୍ୱରଭକ୍ତି ଅଭାବରୁ ବା ଧର୍ମ ପ୍ରତି ଅବହେଳାରୁ ଏପରି ଘଟେ ନାହିଁ; ନିଜର କ୍ରିୟାକଳାପରୁ, ମା ପେଟର ଗଣ୍ଡଗୋଳରୁ ଏବଂ ପରିବେଶ ସହିତ ଲଢିବାର ସାମର୍ଥ୍ୟ ଅଭାବରୁ ଏହା ଘଟେ ।

ରାଜମିସ୍ତ୍ରୀ ଯେପରି ତାର କରଣି ବା ବଢେଇ ଯେପରି ତାର ବାଟୁଳି ନେଇ ସବୁ କାମ କରିପାରେ, ଜିନ୍ ସେହିଭଳି ଗୋଟିଏ ଅସ୍ତ୍ର ରଖିଛି, ତାକୁ କୁହାଯାଉଛି ହୋମିଓବାକ୍ସ (homeobox) । ଜିନ୍‌ରେ ଏ ଅସ୍ତ୍ରକୁ ଭଗବାନ ଦେଇଛନ୍ତି କହିବା ଯାହା ମିସ୍ତ୍ରୀକୁ ବାଟୁଳି ବା କରଣି ଭଗବାନ ଦେଇଛନ୍ତି କହିବା ତାହା । ହୋମିଓବାକ୍ସ ବହୁତ ପୁରୁଣା ଅସ୍ତ୍ର, ପ୍ରତି ଜୈବିକ ଜିନିଷରେ ଅଛି । ଦହି ବସାଇବା ବା ପାଉଁରୁଟି କରିବା ୟିଷ୍ଟରେ ଅଛି, ଦୋକ୍ତା ଗଛରେ ଅଛି,

କୁକୁଡା ତିଆଁରେ ବି ଅଛି । ୨୦୦ କୋଟି ବର୍ଷ ତଳେ ଗୋଟିଏ ପୂର୍ବଜଠାରୁ ଏ ସମସ୍ତଙ୍କର ଆବିର୍ଭାବ ହୋଇଛି । ଆଜି ଗଛଲତା ଓ ପ୍ରାଣୀ ସମୂହ ଯେପରି ଦିଶୁଛନ୍ତି ପୃଥିବୀ ତିଆରି ବେଳରୁ ସେଭଳି ନ ଥିଲେ, ପୃଥିବୀ ବି ଆରମ୍ଭରୁ ଏମିତି ନ ଥିଲା । ଭଗବାନ ଥରେ ତିଆରି କରିଦେଇ କହିନାହାନ୍ତି ଯେ ସେ ଅବିକଳ ପୂର୍ବବତ୍ ରହିବ । 'ତାକୁ ଛୁଅଁ ନାହିଁ, ନିଜେ କିଛି କରନାହିଁ, ସବୁ ମୁଁ କରିଛି, ତୁମେ ନାମ ମାତ୍ର' – ଏମିତି ଧାରଣା ମୌଳବାଦୀମାନେ ଦେଇ ଲୋକଙ୍କୁ ଭାଗ୍ୟ ଉପରେ ନିର୍ଭର କରିବାକୁ କହନ୍ତି ଏବଂ ଭାଗ୍ୟ ନାମକ ପଦାର୍ଥକୁ ଦେବତାମାନେ ନିୟନ୍ତ୍ରଣ କରୁଛନ୍ତି କହି ମଣିଷ ଓ ତଥାକଥିତ ଦେବଦେବୀଙ୍କ ମଝିରେ ମଧ୍ୟସ୍ଥ ହୋଇ ମନ୍ତ୍ର ତନ୍ତ୍ର କରିବାର ଦଲାଲି ବା ଠିକା ନେଇଥିବାର ଅଭିନୟ କରୁଛନ୍ତି ।

ପରିବେଶକୁ ନେଚର୍ ଓ ଲାଳନପାଳନକୁ ନର୍ଚର୍ କହି ଲୋକେ ନେଚର୍ ଆଉ ନର୍ଚର୍ ଭିତରୁ କିଏ ମଣିଷକୁ ତିଆରି କରିଛି ବୋଲି ଯୁକ୍ତିତର୍କ କରନ୍ତି । ପରିବେଶ ସହ ବିବର୍ତ୍ତିତ ନ ହୋଇ କେହି ଉଧେଇ ପାରିବ ନାହିଁ, ଯିଏ ବିବର୍ତ୍ତିତ ହୋଇ ପାରିଲା ନାହିଁ ତାର ବିଲୟ ଘଟିଲା । ଯଦି ତାହା ସେହି ରୂପରେ ଭଗବାନଙ୍କ ସୃଷ୍ଟି ତେବେ ଉକ୍ତ ପ୍ରଜାତିର ଜୀବ ବା ଉଦ୍ଭିଦର ବିଲୟ ହେଲା କାହିଁକି ? ଗୋଟିଏ ଗୋଟିଏ ଜୀବ ବା ଉଦ୍ଭିଦ ନିଶ୍ଚିହ୍ନ ହୋଇଯାଉଛି କାହିଁକି ? ପରିବେଶରେ ଜନ୍ମ ନେଲା ପରେ ପ୍ରାଣୀ କ୍ଷେତ୍ରରେ ଲାଳନପାଳନ ହିଁ ଅଭିବୃଦ୍ଧି କରାଇଥାଏ, ଗୁଣ ଓ ଚରିତ୍ର ଗଢିଥାଏ । ଲାଳନପାଳନ (ନର୍ଚର) ମଣିଷ ତଥା ସବୁ ଜୀବର ଅଭିବୃଦ୍ଧି ନିୟନ୍ତ୍ରଣ କରେ, ତାହା ଭଗବାନ କରନ୍ତି ନାହିଁ । ତେବେ ନିଜର ବୃଦ୍ଧି, ଅଭିବୃଦ୍ଧି ଓ ସମୃଦ୍ଧି ପାଇଁ ଭଗବାନକୁ ଡାକୁଛ କାହିଁକି ?

ମଣିଷ ପିଲାଟିଏ ଜନ୍ମ ହେଲା କ୍ଷଣି ତାକୁ ପୋଷା କୁକୁରମାନଙ୍କ ସାଙ୍ଗରେ ବଢିବାକୁ ଦିଅ, କୌଣସି ମଣିଷର ଛାଇ ତା' ଉପରେ ନ ପଡୁ । ସେ କେବେ ମଣିଷ ପିଲା ପରି ହେବ କି? ତୁମେ ଏତେ ନିଷ୍ଠୁର ହୋଇ ପାରିବ ନାହିଁ ତ ! ତା ହେଲେ, ତୁମେ ଆଉ ଗୋଟିଏ କଥା କର, ନବଜାତ ଶିଶୁକୁ, ଜଣେ ଘୁଙ୍ଗା ଆଉ ଜଣେ ଅନ୍ଧ, ଏପରି ଦୁଇଜଣ ନାରୀ ପାଖରେ ଛାଡିଦିଅ, ସେମାନେ ମାଆର ସ୍ନେହ ଦେବେ । ପିଲାଟି କିପରି ବଢିବ ? ସେ କଥା ବାର୍ତ୍ତା ଚାଲି ଚଳଣିରେ ସାଧାରଣ ମଣିଷ ହେବ ନାହିଁ, ସେ କଥା କହିବା ଶିଖିବ ନାହିଁ, ଦୁନିଆ ବିଷୟରେ ମୂର୍ଖ ରହିଯିବ । କାରଣ ତାହାର ବଢିବାର ପରିବେଶ ତାକୁ ସେପରି କରିବ । ସେପରି କରି ପିଲାର ଅଭିବୃଦ୍ଧିରେ ବାଧା ଦେଇଥିବାରୁ ପିଲାର ବାପା ମାଆଙ୍କ ବିରୁଦ୍ଧରେ ମାନବିକ ଅଧିକାର

କ୍ଷୁଣ୍ଣ କରିଥିବାର ମକଦମା ହୋଇପାରେ, ଶିଶୁ ନିର୍ଯାତନା ଆଇନରେ ବାପା ମା ପଡିଯାଇପାରନ୍ତି । ମଣିଷ କାହିଁକି ସେ ଆଇନ କରିଛି ? କାରଣ ଆମେ ଜାଣିଛୁ, ପିଲାର ଭବିଷ୍ୟତ ଭଗବାନ ଉପରେ ନୁହେଁ, ଲାଳନପାଳନ ଉପରେ ନିର୍ଭର କରେ । ନେଚର ଠାରୁ ନର୍ଚର (ଲାଳନପାଳନ) ବେଶି କାମ କରେ ।

ପ୍ରକୃତି (ନେଚର) ବି ବିବର୍ତ୍ତିତ ହେଉଛି । 'ଭଗବାନ ସ୍ଥିର କରିଦେଇଛନ୍ତି, କୌଣସି ବିଷୟ ପରିବର୍ତ୍ତିତ ହୋଇପାରିବ ନାହିଁ' – ଏହା ଭାବିବା ଭୁଲ । ପାଠପଢା ପିଲା ଜାଣେ, ବୟସ୍କ ଲୋକ ଏ କଥା ଜାଣି ମଧ୍ୟ ନଜାଣି ଥିଲା ପରି ହୁଏ । ଧର୍ମଗ୍ରନ୍ଥ ଗୁଡିକରେ ଥିବା ଲେଖାର ସମୟୋପଯୋଗୀ ମାନେ କରାଯିବା ଦରକାର । କାହିଁକି କେତେ ହଜାର ବର୍ଷ ତଳର ମନୁ ସ୍ମୃତି, ୩ ହଜାର ବର୍ଷ ତଳର ଭଗବତଗୀତା, ଅଢେଇ ହଜାର ବର୍ଷର ତ୍ରୀପିଟକ, ୨ ହଜାର ବର୍ଷ ତଳର ବାଇବେଲ, ଦେଢ ହଜାର ବର୍ଷର କୋରାନ, ୫ ଶହ ବର୍ଷ ତଳର ଗ୍ରନ୍ଥ ସାହିବ, ଆଜି ଲାଗୁ ହେବ ? ଲୋକଙ୍କର ଯାତାୟତ ସୁବିଧାର ଅଭାବରୁ ଯେତେବେଳେ ଭିନ୍ନ ଭିନ୍ନ ଇଲାକାରେ ଭିନ୍ନ ଭିନ୍ନ ଚଳଣି ଚାଲୁ ହେଲା, ଏ ଚଳଣି ଦରକାର ଥିଲା ବଞ୍ଚିବା ଲାଗି । ଇଲାକାର ଭୂଇଁ, ପାଣି, ପାଣିପାଗ, ମିଳୁଥିବା ଖାଦ୍ୟ ପଦାର୍ଥ ଉପରେ ଜୀବନ ନିର୍ଭର କଲା । ବଞ୍ଚିବା ଲାଗି ଯାହା କରିବା ଦରକାର ତାହାହିଁ ଧର୍ମ । ଏହି କାରଣରୁ ଧର୍ମ ପ୍ରଚାରକ (ଅବତାର) ମାନେ ତାଙ୍କ ସମୟର, ତାଙ୍କ ଇଲାକାର, ରୀତିନୀତିକୁ ମାନିବାକୁ ତାଙ୍କ ବାଣୀରେ କହିଛନ୍ତି । ଯଦି ସେମାନେ ଏବେ ଜନ୍ମ ନିଅନ୍ତେ ("ଆବିର୍ଭାବ" କହିବା ଶବ୍ଦର ଭୁଲ ବ୍ୟବହାର ହେବ) ଆଜିର ଚଳଣିକୁ ପ୍ରଚାର କରନ୍ତେ । ଧର୍ମ ପ୍ରଚାରକ ଯେଉଁଠି ଜନ୍ମ ନେଇଛନ୍ତି କେବଳ ସେହି ଅଞ୍ଚଳର ଚଳଣି, ଫଳଫୁଲ, ମିଠାଇ, ପୋଷାକପତ୍ର, ଈଶ୍ୱରଙ୍କ ପସନ୍ଦ ବୋଲି ସେମାନେ ପ୍ରଚାର କରିଛନ୍ତି । ଈଶ୍ୱର ପୃଥିବୀର ଅନ୍ୟ ଅଞ୍ଚଳର ଚଳଣି, ଫଳଫୁଲ, ମିଠାଇ, ପୋଷାକପତ୍ରରେ ଖୁସି ହେବେ ନାହିଁ, ଏ କଥା ଆସେ ଯେତେବେଳେ ଆମେ ଧର୍ମ ଗ୍ରନ୍ଥର ଲେଖାର ଆକ୍ଷରିକ ଅର୍ଥ କରୁ । ଏବେ ତ ସବୁ ଜିନିଷ ସବୁଠି ମିଳୁଛି, ଖରାଦିନେ ଶୀତ ଦିନର ଜିନିଷ, ଆରବ ମରୁଭୂମିରେ ତଥା ଉତ୍ତର ଗୋଲାର୍ଦ୍ଧର ତୁଷାରାବୃତ୍ତ ଅଞ୍ଚଳରେ ମୌସୁମୀ ବାୟୁ ପ୍ରବାହିତ ଅଞ୍ଚଳର ଜିନିଷ ପତ୍ର ମିଳୁଛି । ଭିନ୍ନ ଭିନ୍ନ ଆବହାୱାରେ ବଢିଥିବା ଲୋକ କାର୍ଯ୍ୟକ୍ଷେତ୍ରରେ ଏକାଠି ହେବାର ଅସୁବିଧା ଆଉ ନାହିଁ । ତେବେ ଧର୍ମର ଉପଚାର ବଦଳୁ ନାହିଁ କାହିଁକି ? ହିନ୍ଦୁ ଧର୍ମରେ ପୂଜା, ଉପଚାର, ଉପାସନାର ରୀତିନୀତି ଧର୍ମଗ୍ରନ୍ଥର ଅଂଶ ହୋଇଯାଇଛି,

ପରେ ସେ ସବୁ ବିଶାଳକାୟ କର୍ମକାଣ୍ଡରେ ବା ଭିନ୍ନ ଭିନ୍ନ ଖଣ୍ଡରେ ଭିନ୍ନ ଭିନ୍ନ ଦେବ ଓ ଦେବୀଙ୍କୁ ଉଦ୍ଦିଷ୍ଟ ହୋଇ ପଡିଛି । ଏକ ନିର୍ଦ୍ଦିଷ୍ଟ ପରିବେଶରେ ବଢିଥିବା ଉପଚାରକୁ ଧର୍ମର ଆଚରଣ ବୋଲି ମାନିନେଇ ଲେଖାହୋଇଥିବା ଧର୍ମଗ୍ରନ୍ଥକୁ ଅପରିବର୍ତ୍ତନୀୟ ବୋଲି ଧରି ନେଇଥିବାରୁ ଆମେ ଅନ୍ୟ ସମସ୍ତଙ୍କୁ ସେହି ଗ୍ରନ୍ଥର ଲେଖା ଅନୁଯାୟୀ ଚାଲିବାକୁ, ସେହି ଗ୍ରନ୍ଥର ଇଶ୍ୱରଙ୍କୁ ପୃଥିବୀର ଇଶ୍ୱର ବୋଲି ମାନିବାକୁ, ବାଧ୍ୟ କରୁଛୁ; ଧର୍ମାନ୍ତରୀକରଣ ଚାହୁଁଛୁ; ଅନ୍ୟ ଅଞ୍ଚଳରେ ଉଧେଇ ଥିବା ଧର୍ମର ଅନୁଗତମାନଙ୍କ ପ୍ରତି ଅସହିଷ୍ଣୁ ହେଉଛୁଁ । ପୁରୋହିତ, ଗ୍ରନ୍ଥୀ, ଫାଦର, ମୁଲ୍ହା, ଆଦି ଏ ପ୍ରକାରର ଅସହିଷ୍ଣୁତାକୁ ପ୍ରୋତ୍ସାହିତ କରୁଛନ୍ତି; ମାରି ଦେଇ ହେଉ ବା ଧର୍ମାନ୍ତରୀକରଣ କରି ହେଉ, ଅନ୍ୟ ଧର୍ମର ଲୋକସଂଖ୍ୟା କମାଇବା ଇଶ୍ୱରଙ୍କୁ ଖୁସି କରିବାର ଉପାୟ ବୋଲି କହୁଛନ୍ତି । ଯଦି ଧର୍ମଗ୍ରନ୍ଥକୁ ମାନିବା, ସବୁ ମଣିଷ ତ ଇଶ୍ୱରଙ୍କ ସୃଷ୍ଟି, ତେବେ ବିଭିନ୍ନ ଇଲାକାର ଇଶ୍ୱର ଭିନ୍ନ ଭିନ୍ନ କାହିଁକି ?

ଏଠାରେ ବିବର୍ତ୍ତନ ବିଷୟରେ ଦୁଇପଦ କହିବା ଉଚିତ୍ ହେବ । ଲକ୍ଷ ଲକ୍ଷ ବର୍ଷ ଧରି ସବୁ ପ୍ରାଣୀ ଓ ଉଦ୍ଭିଦ ଆଜି ଭଳି ନଥିଲେ । ସେମାନେ ବିବର୍ତ୍ତିତ ହୋଇ ଆଜିର ରୂପ ପାଇଛନ୍ତି । ଭଗବାନ ୭ ଦିନ ଭିତରେ ସମସ୍ତଙ୍କୁ ତିଆରି କରିଛନ୍ତି ବୋଲି ବାଇବେଲ ଯାହା କହେ ତାହା ବିଜ୍ଞାନସମ୍ମତ ନୁହେଁ । ମନୁଙ୍କଠାରୁ ପୂର୍ଣ୍ଣ ଅବୟବର ମାନବ ମୂଳରୁ ତିଆରି ହୋଇନାହିଁ । କାଳକ୍ରମେ ଏକକୋଷୀରୁ ବହୁକୋଷୀ ଜୀବ ତିଆରି ହୋଇଛି । ବୃକ୍ଷଲତା ବି ଜୀବ-ଶ୍ରେଣୀରେ ଗଣା । ଜୀବ ତିଆରିର ମୂଳ ହେଉଛି ଡିଏନ୍‌ଏ ଏବଂ ହୋମିଓବାକ୍ସ ହେଉଛି ଡିଏନ୍‌ଏ ହାରର କ୍ରମାନ୍ୱୟ ଶିକୁଳି । ବାସେଲ ବିଶ୍ୱବିଦ୍ୟାଳୟର ୱାଲ୍‌ଟର ଜାକବ ଗେହରିଂଙ୍କ ଗବେଷଣାଗାରରେ ୧୯୯୨ ରୁ ଦେଖାଇଲେଣି ଯେ , ହୋମିଓବାକ୍ସ ଅସ୍ତ୍ରଟି ଗୋଟିଏ କିଳା ବା ୱେଜ୍ । ଡିଏନ୍‌ଏ ଦଉଡି ସିଡିର ଖାଲ ଉଚ୍ଚକୁ ବେଶ୍ ଖାପ ଖାଇ ଲାଖିରହେ । ଥରେ ଖାପି ହୋଇ ରହିଗଲେ ପ୍ରୋଟିନ ତାହାର କର୍ତ୍ତବ୍ୟ କରିଚାଲେ । ପାଖର ଜିନକୁ ବତାଏ କଣ କରିବ, କଣ କରିବ ନାହିଁ । ବଂଶଗୁଣବିଦ୍ୟାର ବିଶାରଦମାନେ ପ୍ରାଣୀର ଶରୀର ଗଠନ କ୍ରିୟା ଅନୁଧ୍ୟାନ କରିବା ଲାଗି ଆମ ଘର ପାଖ ଅଳିଆ ଗଦାରେ ଉଡି ବୁଲୁଥିବା ଗଣଗଣିଆ ମାଛି (ଫ୍ରୁଟ୍ ଫ୍ଲାଏ)କୁ ବାଛନ୍ତି । ପାଚିଲା ଫଳର ଗନ୍ଧରେ ଏମାନେ କେଉଁଠୁ କେଉଁଠୁ ଉଡି ଆସନ୍ତି । ଏତେ ଅଳ୍ପ ସମୟରେ ଛୁଆ ଦିଅନ୍ତି ଯେ କେଇ ଦିନ ଭିତରେ ଶହ ଶହ ପିଢି ଜନ୍ମ ନିଏ, ତେଣୁ ଏମାନଙ୍କ ବଂଶ ଲକ୍ଷଣରେ ପରିବର୍ତ୍ତନ ବା ବିବର୍ତ୍ତନ ଦେଖିହୁଏ । ହୋମିଓବାକ୍ସ ଜିନ ବିଚ୍ୟୁତ ହେଲେ


ରାକ୍ଷସ ମାଛି ଜନ୍ମ ନିଏ । ମାଛିଟିର ୪ ଘଣ୍ଟା ବୟସ ବେଳେ ଏନ୍‌ଗ୍ରେଲ୍‌ଡ ନାମକ ଜିନ ସକ୍ରିୟ ହୁଏ, ଶରୀରଟାକୁ ଖଣ୍ଡ ଖଣ୍ଡ ଭାଗ କରିଦିଏ । ଦୁଇଟି ପଡିଶା ଖଣ୍ଡର ହୋମିଓଟିକ୍ ଜିନର ନିୟନ୍ତ୍ରଣରେ ପ୍ରତି ଖଣ୍ଡର ସ୍ୱତନ୍ତ୍ର ଭାବେ ଅଭିବୃଦ୍ଧି ଘଟେ । ଯଥା, ବେକ ତିଆରି କରୁଥିବା କୋଷ ଗୁଡିକରେ ହିଁ ଶୁଣ୍ଢ ତିଆରି ହୁଏ । ଭ୍ରୁଣର ଉପରେ ଥିବା ଆବୁ ଅଂଶରୁ ପାଦ ତିଆରି ହୁଏ । ଯଦି ଭୁଲ ହୋଇଯାଏ, ଯଥା, ମୁଣ୍ଡ ଇଲାକାରେ ଗୋଡ ତିଆରି ଆଦେଶ ମିଳିଯାଏ ତେବେ ଶୁଣ୍ଡ ବଦଳରେ ହୁଳେ ଗୋଡ ବାହାରେ । ଏହିପରି କାରଣରୁ ମଣିଷ ବିକଳାଙ୍ଗ ହୋଇ ଜନ୍ମ ହୁଏ । ଭଗବାନ ବିକଳାଙ୍ଗ କରି ନ ଥାନ୍ତି । ଯଦି ଅଧର୍ମୀ ବୋଲି ଏ ବିକଳାଙ୍ଗ ଅବସ୍ଥା ଆସେ, ଧର୍ମ କଲେ ସୁଧୁରି ଯିବା କଥା । ଗାଈ ତ ଧର୍ମ ଫର୍ମ ମାନେ ନାହିଁ, ଗୋଟିଏ ଗୋଟିଏ ବାଛୁରିର କିପରି ୫ଟା ଗୋଡ ବା ଓହଳି ପଡିଥିବା କୁଜ ହୁଏ ? ତା ପ୍ରତି ଭଗବାନ କାହିଁକି ନିର୍ଦ୍ଦୟ ହେଲେ ? ମଣିଷ ତଥା ସବୁ ପ୍ରାଣୀଙ୍କର ଶରୀର ଭଗବାନଙ୍କ ରୂପରେ ହୋଇ ନାହିଁ, ଭଗବାନ ବହୁରୂପୀ କହିବା ମାନେ ସେ ସବୁ ପ୍ରାଣୀ ଓ ଗଛଲତା ରୂପରେ ଦେଖା ଯାଇପାରିବେ । ତା ହେଲେ ଧର୍ମଗ୍ରନ୍ଥ ମାନଙ୍କରେ କାହିଁକି କୁହାଯାଉଛି ଯେ କେବଳ ମଣିଷ ଦେବତ୍ୱ ଲାଭ କରିପାରେ, ଭଗବାନ ତିଆରି କରିଥିବା ଅନ୍ୟ ପ୍ରାଣୀ ବା ଉଦ୍ଭିଦ କାହିଁକି ଦେବତ୍ୱ ଲାଭ କରିନପାରିବେ ? ପୁଣି ଭଗବାନ କେବଳ ପୁରୁଷ କାହିଁକି ହେବେ, ସ୍ତ୍ରୀ କାହିଁକି ନ ହେବେ? ପାଶ୍ଚାତ୍ୟ ଶିକ୍ଷା ଯାହା କହେ 'ଗଡ୍ ହାଜ୍ କ୍ରିଏଟେଡ୍ ମାନ୍ ଇନ୍ ହିଜ୍ ଓନ୍ ଇମେଜ୍' ଭଗବାନ ମଣିଷକୁ ତାଙ୍କ ରୂପରେ ଗଢିଛନ୍ତି, ତାହା ସତ ନୁହେଁ । ଭଗବାନ ଅନ୍ୟ ପ୍ରାଣୀ ଓ ଗଛଲତା ମାନଙ୍କୁ କାହା ଇମେଜ୍(ରୂପ)ରେ ତିଆରି କରିଛନ୍ତି ? ଭଗବାନଙ୍କ ସୃଷ୍ଟିର ଅନ୍ୟମାନେ କଣ ଘୃଣ୍ୟ ? ମଣିଷ ହିଁ ଭଗବାନଙ୍କୁ ନିଜ ମନ ମୁତାବକ ରୂପ ଦିଏ, ବିଭିନ୍ନ ଦେବ ଦେବୀ ଗଢେ ।


ବିବର୍ତ୍ତନ ଘଟିଛି ଓ ଘଟୁଛି ବୋଲି ପ୍ରମାଣ ମିଳେ ଫସିଲରୁ । ଯେଉଁ ପ୍ରାଣୀ ବା ଉଦ୍ଭିଦ ପ୍ରାକୃତିକ ଘଟଣା କାରଣରୁ ଭୂଗର୍ଭରେ ପୋତି ହୋଇଯାଏ ତାର ଅସ୍ଥି କଙ୍କାଳ ପଥର ହୋଇଯାଏ ବା ପ୍ରସ୍ତରୀଭୂତ ହୋଇଯାଏ । ଏହାକୁ ଜୀବାଶ୍ମ ବା ଫସିଲ କହନ୍ତି । ପ୍ରତ୍ୟେକ ରକମର ପଥର ଓ ମାଟିକୁ ଭୂଗୋଳ ଶାସ୍ତ୍ରରେ ଶିଳା କହନ୍ତି । ସ୍ତରୀଭୂତ, ସ୍ତର ଉପରେ ସ୍ତର ହୋଇ ରହିଥିବା, ଶିଳା ଭିତରେ ଫସିଲ ଥାଏ; ପୁଣି ଏକ ପ୍ରାକୃତିକ ବା କୃତ୍ରିମ ଘଟଣାରେ ଧ୍ୱଂସ ନ ହେଲା ଯାଏ, ଫସିଲ ସେହିପରି ରହିଥାଏ । ଶାଳଗ୍ରାମ ବୋଲି ପୂଜା କରାଯାଉଥିବା


ମସୃଣ ପଥରଟିକୁ ଠୁକୁରେଇ ଦେଲେ ତାହା ଦୁଇଫାଳ ହୋଇଯିବ, ଯେଉଁଠି ଫସିଲ ଥିବ ସେହିଠାରୁ । ଭୂକମ୍ପରେ ମୃତ୍ତିକା ସ୍ଖଳନ ବା ଆଗ୍ନେୟଗିରିରୁ ପ୍ରବାହିତ ଲାଭା ଦ୍ୱାରା ବା ମସ୍ତବଡ ଅତଡା ଖସିଲେ, ଜୀବନ୍ତ ପ୍ରାଣୀ ପୋତି ହୋଇଯାଏ, ତାର ମାଂସାଦି ଗଳିତ ହୋଇଗଲେ ମଧ୍ୟ ଅସ୍ଥି ବା କଠିନ ଅଂଶ ପଥର ପାଲଟିଯାଏ । ମାଛ, ଗେଣ୍ଡା ବା ତଦ୍ରୂପ ଜଳଚର ପ୍ରାଣୀ ସମୁଦ୍ର ଗର୍ଭର ଉଦ୍‌ବେଳନ ଫଳରେ ପୋତି ହୋଇଯାଏ, ତା ଉପରେ ଲଦି ହୋଇଥିବା ଶିଳାର ଓଜନକୁ ଆମେ ଚାପ କହୁଁ । ଶିଳା ତଳେ ଚାପି ହୋଇ ରହିଲେ ତାହା ଗରମ ହୁଏ, ତା ଛଡା ପୃଥିବୀ ଭିତର ବି ଗରମ ଥାଏ, ପୃଥିବୀର କେନ୍ଦ୍ରର ଯେତେ ପାଖ ହେବା ଆମକୁ ସେତେ ଗରମ ଲାଗିବ, ଅର୍ଥାତ୍ ତାପ ବଢିବ । ପ୍ରକୃତରେ ପୃଥିବୀର କେନ୍ଦ୍ର ଏତେ ଗରମ ଯେ ସେଠାକାର ଶିଳା ତରଳ ଅଛି । ପୃଥିବୀ ପୃଷ୍ଠର ଚାପ ଓ ତାପ ଫଳରେ ଫସିଲ ଶିଳା ପାଲଟି ଯାଏ ।

ଉପରେ କଠିନ ଶୁଖିଲା ଭୂଖଣ୍ଡ ଦେଖି ଆମେ ଭାବି ପାରୁନାହୁଁ ଯେ ପୃଥିବୀ ଭିତରଟା ତରଳ ଅଛି । ଭିତର ତରଳ ଓ ଉପର (ବକଳା) ଟାଣ, ଏପରି ଗୋଟିଏ ଗୋଲାକାର ବସ୍ତୁ ଯଦି ଘୂରି ବୁଲେ ତାର ବକଳାଟା ଫାଟି ଖଣ୍ଡ ଖଣ୍ଡ ହେବ, ଯେମିତି ପୋଡପିଠାର ବକଳା ଫାଟେ, ତା ଭିତରୁ ତରଳ ଆଣ ଉପରକୁ ଉଠି ନୂଆ ବକଳା ତିଆରି କରେ, ସେମିତି ପୃଥିବୀଟା ହେଉଛି । କୋଟି କୋଟି ବର୍ଷ ତଳେ ଦାକ୍ଷିଣାତ୍ୟ ବକଳା ଓ ତିବ୍ବତ ବକଳା – ଏ ଦୁଇଟି ଭୂଖଣ୍ଡ ମଝିରେ ଟେଥିସ୍ ସାଗର ଥିଲା; ଦୁଇ ଭୂଖଣ୍ଡ ଦ୍ୱାରା ଚାପି ହୋଇ ଟେଥିସ୍ ସାଗରର ତଳ ଉପରକୁ ଉଠିଲା, ତା ହେଲା ହିମାଳୟ ପର୍ବତମାଳା । ଟେଥିସ ସାଗର ଗର୍ଭରେ ଥିବା ମାଛ, ଗେଣ୍ଡା ଆଦି ଜୀବ ଦୁଇ ଭୂଖଣ୍ଡର ଚାପ ଓ ତା ଭିତରର ତାପ ଫଳରେ ଫସିଲ ପାଲଟିଲେ, ଗୋଡା ଗୋଡା ପଥର ହୋଇଗଲେ । ଦାକ୍ଷିଣାତ୍ୟ ଭୂଖଣ୍ଡର ଉତ୍ତର ଅଂଶ ଓ ତିବ୍ବତ ଭୂଖଣ୍ଡର ଦକ୍ଷିଣ ଅଂଶ ପରସ୍ପର ଠେଲି ହୋଇ ହିମାଳୟ ପର୍ବତମାଳା ତିଆରି, ପୃଥିବୀର ବୟସ ତୁଳନାରେ କମ୍ ବୟସର ବା ଯୁବା ବୋଲି କହିବାକୁ ହେବ । ପର୍ବତ ମାଳା ଉପରକୁ ଉଠିଲା ବେଳେ ଟେଥିସ୍ ସାଗରର ମାଟି ଗୋଡି ଉପରକୁ ଉଠିଲା । ପରବର୍ତ୍ତୀ କାଳର ମୌସୁମୀ ପ୍ରବାହ ଯୋଗୁଁ ବର୍ଷା ହୋଇ ପର୍ବତମାଳାର ନରମ ଶିଳା ଧୋଇ ହୋଇ ଗଡି ଗଡି ଆସି ନଦୀରେ ପଡିଲା । ପଥର ଗରଡା ଗୁଡିକ ହିମାଳୟରୁ ଖସି ଗଣ୍ଡକୀ ଭଳି ନଦୀରେ ଗଡି ଗଡି ଆସିଲା ବେଳେ ମସୃଣ ହୋଇଯାଉଛି । ତା ଭିତରେ ମୃତ ପ୍ରାଣୀର ଛାଞ୍ଚ ଫସିଲ ହୋଇ ରହିଛି । ଛାଞ୍ଚ ଆନେମନ୍ ବା ଷ୍ଟାର୍ ଫିସ୍ ହୋଇଥିଲେ ଚକ୍ର; ଗେଣ୍ଡା ହୋଇଥିଲେ ଗଦା; ଶଙ୍ଖ ହୋଇଥିଲେ ଶଙ୍ଖ ଭଳି ଚିହ୍ନ ଗୋଲାକାର ପଥର ଭିତରେ ମିଳିବ, ତାକୁ ଶାଳଗ୍ରାମ କହି

ହିନ୍ଦୁମାନେ ପୂଜା କରନ୍ତି । ଶହେ କୋଟି ବର୍ଷ ତଳେ ଏଭଳି ଘଟିଛି, ଏବେ ବି ପୃଥିବୀରେ କେଉଁଠି ଏଭଳି ଘଟୁଥିବ । ଏସବୁ ଏ ଲୋକର ବା ଏ ଦୁନିଆର କଥା, ତେଣୁ ଲୌକିକ । ହିମାଳୟରେ ପ୍ରାର୍ଥନାରତ ଋଷିମାନେ କିପରି ଘଟିଲା ଜାଣି ନ ଥିଲେ, ଭଗବାନଙ୍କ ରୂପ କହି ପୂଜା କଲେ । ତାଙ୍କଠାରୁ ଦେଖି ଲୋକେ ବି ପୂଜା କଲେ । ଭଗବାନଙ୍କ ମୂର୍ତ୍ତିର ହାତରେ







ଭିନ୍ନ ଭିନ୍ନ ଶାଳଗ୍ରାମ

ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଥାଏ । ସେହି ଆକୃତିର ସାମୁଦ୍ରିକ ଜୀବ ଫସିଲ ହୋଇଗଲେ ତାହାକୁ ଶାଳଗ୍ରାମ କୁହାଯାଏ । ମନେ ରଖିବା କଥାଯେ ପଦ୍ମ ଭଳି ସାମୁଦ୍ରିକ ଜୀବ ନଥିବାରୁ ପଦ୍ମ ଚିହ୍ନ ଥିବା ଶିଳା ମିଳେ ନାହିଁ । ଏହା ପ୍ରମାଣ କରେ ଯେ ଭୂଖଣ୍ଡ– ଚଳନ ଯୋଗୁ ଭୂପୃଷ୍ଠର ଚାପ ତାପରେ ଆନେମନ, ଷ୍ଟାର ଫିସ୍, ଗେଣ୍ଡା ଓ ଶଙ୍ଖ ପ୍ରସ୍ତରୀଭୂତ ହୋଇ ଶାଳଗ୍ରାମ ଭିତରେ ଥାଏ । ଶାଳଗ୍ରାମଟିକୁ ଠୁକୁରାଇଦେଲେ ଦୁଇଖଣ୍ଡ ହୋଇ ଭିତରର ଚିତ୍ର ଦେଖାଯିବ । ଯଦି ଦୁଇଖଣ୍ଡ ନହୋଇ ପାରିଲା ତାହା ଶାଳଗ୍ରାମ ନୁହେଁ । ଏକ ପ୍ରାକୃତିକ କ୍ରିୟାକୁ ବୁଝିପାରି ନଥିବା ଲୋକେ ଶାଳଗ୍ରାମକୁ ଅଲୌକିକ କହି ଭଗବାନଙ୍କ ରୂପ କହୁଛନ୍ତି ।

****

# ଈଶ୍ୱର ସେବାର ଭାଷା

ସାଧାରଣ ମଣିଷର ଭାଷା ଦେବତାମାନଙ୍କ ଭାଷା ନୁହେଁ କହି ପୁରୋହିତ, ଗ୍ରନ୍ଥୀ, ରେଭରେଣ୍ଡ ଫାଦର, ମୁଲ୍ଲା, ଆଦି ମଠାଧୀଶମାନେ ସାଧାରଣ ଲୋକଙ୍କୁ ଠକାଇ ଆସୁଛନ୍ତି । ଧର୍ମଗ୍ରନ୍ଥ ଯେଉଁ ଭାଷାରେ ଲେଖା ହୋଇଛି ତାହା ଆଜିର ଭାଷା ନୁହେଁ; ସାଧାରଣ ଲୋକର ଭାଷା ନୁହେଁ । କେତେକ ଭାଷା ତ ଉଭେଇଗଲାଣି । ଆଜିର ଲୋକ ପଢିପାରୁ ନାହିଁ, ପଢିପାରିଲେ ମାନେ ବୁଝିପାରୁନାହିଁ । ସାଧାରଣ ଲୋକ ପକ୍ଷରେ ଅବୋଧ୍ୟ । କାଲ ଆଗରେ ମୂଳା ଚୋବାଇବା ପରି । ହିନ୍ଦୁଙ୍କ ଧର୍ମଗ୍ରନ୍ଥ ସଂସ୍କୃତରେ ଲେଖା । ଠାକୁରମାନେ କେବଳ ସଂସ୍କୃତ ଉଚ୍ଚାରଣ କରୁଥିବା ପୁରୋହିତଙ୍କ କଥା ବୁଝିବେ – ଏମିତି ଧାରଣା ଲୋକଙ୍କୁ ଦିଆଯାଉଛି । ପୁରୋହିତଟି ସଂସ୍କୃତରେ କଣ କହୁଛି, ତାହା ସାଧାରଣ ଭକ୍ତ ବୁଝିପାରେ ନାହିଁ, ବୁଝିବା ଦରକାର ବୋଲି ଭାବେ ନାହିଁ । ଭଲ କରି ଶୁଣିଲେ ସଂସ୍କୃତପଢା ଭକ୍ତ ଜାଣିପାରିବ ଯେ ପୁରୋହିତ ଉଚ୍ଚାରଣ କରୁଥିବା ଶ୍ଳୋକମାନଙ୍କ ଭିତରୁ ଅନେକେ ଅପ୍ରାସଙ୍ଗିକ, ଉଦ୍ଦିଷ୍ଟ ଠାକୁରଙ୍କ ପୂଜା ପାଇଁ ଦରକାର ନୁହେଁ । ପୁରୋହିତ କେବେ ସଂସ୍କୃତ ପାଠର ଧାର ଧାରି ନାହିଁ ବୋଲି ଯଜମାନ ପଚାରେ ନାହିଁ । ତା ବାପା ଯେମିତି ପୂଜା କରୁଥିଲା ସେ ସେମିତି ପୂଜା କରୁଛି – ଏତିକି ଯଜମାନ ଜାଣିଛି । ଏ ଏକ କୌଳିକ କାମ, ଯେମିତି କୁମ୍ଭାର ମାଟିପାତ୍ର ତିଆରି କରୁଛି, ଗୁଡିଆ ମିଠାଇ ତିଆରି କରୁଛି, ମାଳି ଫୁଲହାର ଗୁନ୍ଥୁଛି ।

ତଥାପି କେତେକ ପଣ୍ଡିତ ପୁରୋହିତ କହନ୍ତି, ଭୁଲ ଉଚ୍ଚାରଣ କଲେ ଭୁଲ ଫଳ ମିଳିବ । ସେମାନେ ଉଦାହରଣ ଦେବେ ପୁରାଣରୁ (ଯେଉଁ ପୁରାଣକୁ ରାଜାମାନଙ୍କର ଚାଟୁକାର ରୂପେ ପଣ୍ଡିତମାନେ ହିଁ ଲେଖିଛନ୍ତି), ମନଗଢା କାହାଣୀ ବା ମିଥ୍‌ରୁ, ଯେ ଅମୁକ ରାଜା ସମୁକ ଶ୍ଳୋକର ଭୁଲ ବା ଅସମ୍ପୂର୍ଣ୍ଣ ଉଚ୍ଚାରଣ କରିଥିବାରୁ ତାଙ୍କର ଏମିତି ସେମିତି ହୋଇଗଲା । ପଣ୍ଡିତ ଭୁଲିଯାଏ ଯେ ପିଲାମାନେ, ଦାନ୍ତ ପଡିଯାଇଥିବା ବୁଢାବୁଢୀମାନେ, ଠିକ୍ ଉଚ୍ଚାରଣ କରିପାରିବେ ନାହିଁ, ଠାକୁର କଣ ସେମାନଙ୍କ ଉପରେ ରାଗିଯିବେ ? ଏ ସମ୍ପର୍କରେ ଗୋଟିଏ କାହାଣୀ ଶୁଣନ୍ତୁ । ୧୯ଶ ଶତାବ୍ଦୀର ଶେଷ ଭାଗର ବାମଣ୍ଡାର ରାଜା ବାସୁଦେବ ସୁଢଳ ଦେବଙ୍କୁ ଜଣେ ଆଦର୍ଶ ଦେଶୀୟ ରାଜା ବୋଲି ଆମେ ଜାଣୁ । ତାଙ୍କ ସ୍ତ୍ରୀ କଳାହାଣ୍ଡିର ରାଜକୁମାରୀ ସଂସ୍କୃତରେ ପଣ୍ଡିତ ଥିଲେ । ତତ୍କାଳୀନ ବ୍ରାହ୍ମଣମାନଙ୍କୁ ସଂସ୍କୃତ ଶିକ୍ଷା ଦେବା

ଲାଗି ସେ ବହୁତ ସଂସ୍କୃତ ଟୋଲ ଖୋଲିଥିଲେ । ଜଣେ ପଣ୍ଡିତ ତାଙ୍କୁ କହିଲେ, ଶ୍ଳୋକକୁ ପୂର୍ଣ୍ଣ ଉଚ୍ଚାରଣ ନ କରିପାରିଲେ ଅଭିଶାପ ହୋଇପାରେ, ପାପ ହୋଇପାରେ । ସେ ବି କହିଥିଲେ, ସଂସ୍କୃତରେ ବରଦାନ ବା ଆଶିଷ ନିଶ୍ଚୟ ଫଳବତୀ ହୁଏ । ସୁଢଳ ଦେବ ତାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଗୋଟିଏ ଫନ୍ଦି କଲେ । କହିଲେ, ପଣ୍ଡିତ ମହାଶୟ, (ଯେତେବେଳେ ବ୍ରିଟିଶ ଶାସକମାନଙ୍କ ସହ କଲିକତାରୁ ଆସିଥିବା ବଙ୍ଗାଳୀମାନେ ଦେଶୀୟ ରାଜାମାନଙ୍କ ଦରବାର ମଣ୍ଡନ କରୁଥିଲେ, ସେମାନଙ୍କ ସମ୍ବୋଧନରେ ମହାଶୟ ବ୍ୟବହାର ହେଉଥିଲା), ଆପଣ ମନ୍ଦିରରୁ ଯେଉଁ ପାଦୁକ ଆଣିଛନ୍ତି ମୋତେ ଟିକେ ଦିଅନ୍ତୁ । ପାଦୁକ ଦେଲା ବେଳେ ବ୍ରାହ୍ମଣ 'ଅକାଳମୃତ୍ୟୁ ହରଣମ୍' କହନ୍ତି ଏବଂ ସେ କହିବେ ବୋଲି ସୁଢଳଦେବଙ୍କ ପ୍ରତ୍ୟାଶା ଥିଲା । ବ୍ରାହ୍ମଣ କମଣ୍ଡଳୁରୁ ପାଣି ସହିତ ତୁଳସୀ ରାଜାଙ୍କ ହାତରେ ଦେଇ ଶ୍ଳୋକ ଉଚ୍ଚାରଣ କରି ଯେମିତି 'ଅକାଳ ମୃତ୍ୟୁ' କହିଛନ୍ତି, ସୁଢଳ ଦେବ ତାଙ୍କ ପାଟିରେ ହାତ ଦେଇ ବନ୍ଦ କରିଦେଲେ, ସେ ଆଉ 'ହରଣମ୍' କହିପାରିଲେ ନାହିଁ । କିଛି ସମୟ ପରେ ବ୍ରାହ୍ମଣଙ୍କ ମୁହଁରୁ ହାତ କାଢି ସୁଢଳ ଦେବ କହିଲେ କାହିଁ ମୋର ତ ମୃତ୍ୟୁ ହେଲା ନାହିଁ ?

୧୯୨୦ ଦଶକରେ ଆମେରିକା ଟେକ୍ସାସ୍‌ର ଗଭର୍ଣ୍ଣର ମିରିଆମ ଫର୍ଗୁସନ ବିଦେଶୀ ଭାଷା ନ ପଢାଇବା ଲାଗି ଯୁକ୍ତି କରି ଗୋଟିଏ ବାଇବେଲ ଉଠାଇ ଆଣି ଦେଖାଇଲେ, ତାଙ୍କ ଉକ୍ତି ଏବେ ବି ଲୋକେ ଉଦ୍ଧାର କରି କହନ୍ତି, 'ଯଦି ଇଂରାଜୀ ଯିଶୁ ଖ୍ରୀଷ୍ଟଙ୍କର ପସନ୍ଦ ଥିଲା, ଟେକ୍ସାସ୍ ପାଇଁ ବି ପସନ୍ଦ ହେବ ।' ଗଭର୍ଣ୍ଣରଙ୍କ ଉକ୍ତି ପାଇଁ ଆମେ ତାଙ୍କୁ କ୍ଷମା କରିଦେବା, କାରଣ ସେ ଜାଣି ନଥିଲେ ଯେ ତାଙ୍କ ହାତରେ ଥିବା ବାଇବେଲଟି ମୂଳ ବାଇବେଲର ଇଂରାଜୀ ଅନୁବାଦ ଥିଲା । (ତାଙ୍କ ଯୁକ୍ତି ଅଜାଣତରେ ଇତିହାସ ଓ ଭୂଗୋଳରେ ଉତ୍ତମ ଅଧ୍ୟାପନାର ବାଟ ଫିଟାଇ ଦେଲା ।)

****

## ଇସ୍‌ଲାମୀୟ ଦେଶରେ ବୁର୍ଖା ବାରଣ

ଆଫ୍ରିକାରେ ମୁସ୍‌ଲିମ ସଂଖ୍ୟାଗରିଷ୍ଠ ଦେଶ ଚାଦ୍‌ର ରାଜଧାନୀ ନଦଜାମେନାରେ ୨୦୧୫ ଜୁନ ୧୫ ସୋମବାର ବୋକୋ ହାରାମ୍ ଜିହାଦୀ (ବିଦ୍ରୋହୀ) ମାନେ ବୁର୍ଖାପିନ୍ଧା ସ୍ତ୍ରୀଲୋକଙ୍କୁ ଆତ୍ମଘାତୀ ବୋମାରୁ ଭାବେ ବ୍ୟବହାର କରି ୩୩ ଲୋକଙ୍କୁ ହତ୍ୟା କରିଛନ୍ତି, ତାର ପ୍ରତିକ୍ରିୟାରେ ଚାଦର ପ୍ରଧାନମନ୍ତ୍ରୀ କାଲ୍‌ଜେଉବେ ପାହିମି ଦେଉବେଟ୍ ପବିତ୍ର ରମାଦାନ ପର୍ବ ଆରମ୍ଭ ପୂର୍ବ ଦିନ ଘୋଷଣା କରିଛନ୍ତି ଯେ ବୁର୍ଖା ଏବଂ ମୁହଁ,ଦେହ ଘୋଡାଇ ରଖୁଥିବା ଯେ କୌଣସି ବସ୍ତ୍ର ସର୍ବସାଧାରଣ ଜାଗାରେ କେହି ପିନ୍ଧିବେ ନାହିଁ, ଦୋକାନ ବଜାରରେ ଥିବା ସବୁ ଷ୍ଟକ୍ ଜାଳି ଦିଆଯିବ ।

# ପରମ୍ପରା ଓ ଧର୍ମ

ପରମ୍ପରା ଆମକୁ ପାଗଳ ହେବାରୁ ରକ୍ଷା କରିଛି । ପରମ୍ପରା ଆମର ମାନସିକତା ତିଆରି କରେ; ଆମର ନୈତିକତା ତିଆରି କରେ; କଣ ଭଲ, କଣ ଖରାପ କହେ । ଗୋଷ୍ଠୀରେ ରହିବାର ଓ ଅନନ୍ୟ ହେବାର ନିଦର୍ଶନ ଆମ ପରମ୍ପରା । ଧର୍ମ ସଂସ୍ଥାପନ ସମୟର ଯେଉଁ ରୀତିନୀତି ସମାଜରେ ଚଳି ଆସିଥାଏ, ସେଗୁଡିକର ସାମାନ୍ୟ ସଂଶୋଧନ କରି ଧର୍ମ ସଂସ୍ଥାପକମାନେ ଗ୍ରହଣ କରିନିଅନ୍ତି, ତାହାହିଁ ସେହି ଧର୍ମର ଲୋକଙ୍କ ପାଇଁ ପରମ୍ପରା ହୋଇଯାଏ । କମ୍ପ୍ୟୁଟର ପ୍ରୋଗ୍ରାମ ଭଳି ପରମ୍ପରା । କଣ ଖାଇବ କଣ ଖାଇବ ନାହିଁ, କେମିତି ଶୋଇବ, କେମିତି ପିନ୍ଧିବ, କଣ ପିନ୍ଧିବ, କେମତି କାମଦାମ କରିବ, ଅନ୍ୟଙ୍କ ସାମନାରେ କିପରି ବ୍ୟବହାର ଦେଖାଇବ, ଏ ବ୍ୟବହାର କେମିତି ଆରମ୍ଭ ହେଲା, ଆଦି ପ୍ରଶ୍ନର ଉତ୍ତର ହେଉଛି ଆମ ପରମ୍ପରା, ଆମ ଟ୍ରାଡିସନ୍ । ଆମେ ଭଗବାନଙ୍କୁ କିପରି ଡାକିବୁ, ଭଗବାନ ଆମର କଣ କରନ୍ତି, ଆଦି ପରମ୍ପରା ଦ୍ୱାରା ନିର୍ଦ୍ଦିଷ୍ଟ । କନ୍‌ଭେନ୍‌ସନ୍ ବା କଷ୍ଟମ୍ (ଅଲିଖିତ ଚଳଣି), ଟାବୁ (ବାରଣ) ବା ସାଂକ୍‌ସନ୍ (ବାଧ୍ୟକତା) ରୂପେ ପିଢିପିଢି ଯାହା ଚାଲିଆସିଛି ତାହା ହିଁ ପରମ୍ପରା । ପୃଥିବୀରେ ଅନ୍ୟ ଗୋଷ୍ଠୀର ଲୋକେ ଖରାପ ଭାବୁଥିଲେ ବି କେତେକ କାମ (ଯଥା, ବାଲ୍ୟ ବିବାହ, ହଳଦୀ କିଆରିରେ ନରବଳି, ସକାଳୁ ସକାଳୁ ଗୋଧୋଇବା ଭଳି କାମ) କାହିଁକି ଆମେ କରୁ, କାହିଁକି ଏଥିରେ ବିଶ୍ୱାସ କରୁ, ଆମେ ବୁଝୁନା । ବୁଢାବୁଢୀ ଓ ଧର୍ମଗୁରୁମାନେ ପରମ୍ପରାକୁ ଭାଙ୍ଗିବାକୁ ରାଜି ହୁଅନ୍ତି ନାହିଁ । ସବୁ ପରମ୍ପରାର ଗୋଟିଏ ମୂଲ୍ୟ ଅଛି, ତାହା ଅସହନୀୟ ହେଲେ ପରମ୍ପରା ବଦଳେ । ନ ହେଲେ ମଶାଲରୁ ଦୀପ, ଦୀପରୁ ବିଜୁଳି ବତୀ, ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇ ନଥାନ୍ତା । ଦୀପର ତେଲ ଓ ଧୂଆଁ ପ୍ରଦୂଷିତ କରୁଛି ବୋଲି ମୂର୍ତ୍ତି ସମ୍ମୁଖରେ ଦୀପ ଜାଳିବା ପରମ୍ପରା ବନ୍ଦ ହେଲାଣି, ମୂର୍ତ୍ତି ପାଖରୁ ଦୀପ ଦୂରେଇ ଯାଇ ଗର୍ଭଗୃହର ବାହାରକୁ ବା ଏରୁଣ୍ଡିକୁ ଘୁଞ୍ଚି ଗଲାଣି । ଧର୍ମଯାଜକମାନେ ଦେଖନ୍ତି ନାହିଁ ଯେ ବିବର୍ତ୍ତନ ଫଳରେ ଦେବଦେବୀଙ୍କ ସ୍ୱରୂପ ବଦଳୁଛି, ପନ୍ଥା ବା କଲ୍‌ଟ ଧର୍ମର ସ୍ଥାନ ନେଉଛି । ପ୍ରାୟ ପ୍ରତି ଧର୍ମରେ ଦେବଙ୍କୁ ଯେପରି ଦେଖାଯାଏ, ଦେବୀଙ୍କୁ ତାହାଠାରୁ ଭିନ୍ନ ଚିତ୍ରଣ କରାଯାଏ । ବଳି ପଡୁଛି ଦେବୀଙ୍କ ପାଖରେ, ଦେବଙ୍କ ସାମନାରେ ନୁହେଁ । ଏ ଲିଙ୍ଗ-ପ୍ରଭେଦତା ଉପରେ ଆପଣ ପାଟି କରିପାରିବେ ନାହିଁ, ଧର୍ମଯାଜକ କହିବେ, ଏହା ଏକ ପରମ୍ପରା ।

ଅନ୍ୟ ଧର୍ମର ପରମ୍ପରା ବିଷୟରେ କହିବାର ଧୃଷ୍ଟତା ନ କରି ନିଜ ଧର୍ମର କେତେକ

ପରମ୍ପରା ବିଷୟରେ ଆଲୋକପାତ କରିବା ଆବଶ୍ୟକ ମନେ କରୁଛି । ଦୁର୍ଗାପୂଜା ସମୟରେ ବଳି ଦେବା ଏକ ପରମ୍ପରା କହି ଆମ ରାଜ୍ୟର କେତେକ ପୂଜାସ୍ଥଳୀରେ ଉତ୍ତେଜନା ଦେଖା ଦେଇଥାଏ । ପଶୁପକ୍ଷୀଙ୍କ ସାମୁହିକ ହତ୍ୟା, ପୁଣି ପିଲାଛୁଆଙ୍କ ଆଖି ଆଗରେ, ଏକ କଳଙ୍କିତ ବ୍ୟବସ୍ଥା ବୋଲି କେତେକ କହୁଥିଲା ବେଳେ ଏବଂ ଉଚ୍ଚ ନ୍ୟାୟାଳୟ ଏହାକୁ ବାରଣ କରିଥିବା ସତ୍ତ୍ୱେ ପୂଜକମାନେ ଏହାକୁ ଆବହମାନ କାଳରୁ ଚଳିଆସିଥିବା ପ୍ରଥା ବୋଲି କହି ଅଡି ବସୁଛନ୍ତି ପରମ୍ପରା ବିରୁଦ୍ଧରେ ସରକାରୀ ହସ୍ତକ୍ଷେପ ବରଦାସ୍ତ ନୁହେଁ କହି ପୂଜକମାନେ ବାଣପୁରର ଭଗବତୀ ମନ୍ଦିରରେ ପୂଜାକୁ ଠପ୍ କରିଦେଲେ । ବଲାଙ୍ଗୀରର ଖଇରାଗୁଡା ଗାଁରେ ପୌଷ ମାସ ଦ୍ୱିତୀୟ ମଙ୍ଗଳବାର ଦିନ ଶୂଳିଆ ଯାତ୍ରାରେ ଶହ ଶହ ପଶୁପକ୍ଷୀ ବଳି ପଡିଥାଏ । ଶିମୁଳିପାଳ ଜଙ୍ଗଲରେ ଆଦିବାସୀଙ୍କ ଅଖଣ୍ଡ ଶିକାର ଏଭଳି ଏକ ପରମ୍ପରା ବୋଲି କୁହାଯାଉଥିଲା, ତାହା ଯଦି ବନ୍ଦ ହେଲା ଦେବୀ ସମ୍ମୁଖରେ 'ଅଖଣ୍ଡ' ବଳି କାହିଁକି ବନ୍ଦ ନ ହେବ ?

ଯାତାୟତ ଓ ଯୋଗାଯୋଗ ଉଭୟରେ ପ୍ରାକୃତିକ ପ୍ରତିବନ୍ଧକ କାରଣରୁ ଅର୍ଥାତ୍ ଭୌଗୋଳିକ କାରଣରୁ ଇତିହାସର ପ୍ରାରମ୍ଭରେ ଗୋଠ ଗୋଠ ହୋଇ ପୃଥିବୀର ଚାରିଆଡେ ବ୍ୟାପିଥିବା ଲୋକେ ଯୁଗ ଯୁଗ ଧରି ପରସ୍ପରଠାରୁ ଭିନ୍ନ ହୋଇ ରହିଗଲେ, 'ସ୍ଥାନ' 'କାଳ' ଅନୁଯାୟୀ 'ପାତ୍ର' ମାନେ ବଞ୍ଚି ରହିବାର ଯେଉଁ କୌଶଳ ଆଦରି ନେଲେ ତାହା କାଳକ୍ରମେ ସେମାନଙ୍କ ସଂସ୍କୃତି ହୋଇଗଲା, ପରମ୍ପରା ଜନ୍ମ ନେଲା । ସେ ଅଞ୍ଚଳରେ ମିଳୁଥିବା ପ୍ରାକୃତିକ ସାମଗ୍ରୀରୁ ସେମାନଙ୍କର ଖାଦ୍ୟ, ପୋଷାକ ତିଆରି ହେଲା, ଜଳବାୟୁକୁ ଚାହିଁ ସେମାନଙ୍କ ଚଳଣି, ଆଚାର ବିଚାର ଓ ରୁଚି ତିଆରି ହୋଇଗଲା । ପୋଷାକ ପାଇଁ କିଛି ପାଇନଥିବା ଲୋକେ ବଲ୍କଳ ପରିଧାନ କଲେ ବା ନଗ୍ନପ୍ରାୟ ରହିଲେ । ଖାଦ୍ୟଶସ୍ୟ ଉତ୍ପାଦନ ଅନୁପଯୋଗୀ ଅଞ୍ଚଳର ଲୋକେ ଗୋମେଷାଦି ପଶୁପାଳନରେ ଓ ସେମାନଙ୍କୁ ନିତ୍ୟ ନୂଆ ନୂଆ ତୃଣଭୂମି ଯୋଗାଇବାରେ ଯାଯାବର ଜୀବନ ଆଦରି ନେଲେ । ଆକ୍ରମଣକାରୀ ଉନ୍ନତ ସଭ୍ୟତାର ଲୋକଙ୍କ ତାଡନାରୁ ରକ୍ଷା ପାଇବା ଲାଗି ବଣ ପାହାଡକୁ ପଳାଇଥିବା ଲୋକେ ଫଳମୂଳ ଆହରଣ ଓ ଶିକାର ଉପରେ ନିର୍ଭର କରିବାର ଚଳଣି ଗ୍ରହଣ କରିବାକୁ ବାଧ୍ୟ ହେଲେ । ଯେଉଁ ମାନବ ଗୋଷ୍ଠୀ ଖାଦ୍ୟ ସଂଗ୍ରହ ଉପରେ ଯେତେ କମ୍ ସମୟ ବିତାଇଲା ସେ ଗୋଷ୍ଠୀ ମାନସିକ ବିକାଶ ପାଇଁ ବେଶି ସମୟ ପାଇଲା ଓ ବେଶି ସଭ୍ୟ ହେଲା, ବେଶି ସ୍ୱାଚ୍ଛନ୍ଦ୍ୟର ଉପାୟ କାଢିଲା । ଭୂ-ଗୋଲୀୟ ପ୍ରଭାବରୁ ଭିନ୍ନ ଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ଗୋଷ୍ଠୀର ଲୋକ ଏକ

ସ୍ୱତନ୍ତ୍ର ସଂସ୍କୃତି ଓ ଆଚରଣ ବିଧି ଅନୁସରଣ କଲେ, ବଞ୍ଚିବାର ପ୍ରଚେଷ୍ଟାରେ ସେମାନେ ପରିବେଶ ସହିତ ସାଲିସ୍ କଲେ, କେବଳ ଭାଷା ଭିନ୍ନ ହେଲା ନାହିଁ ସଭ୍ୟତାର ଆଲୋକ ବି ଭିନ୍ନ ହେଲା । ଭାଷା, ପୋଷାକ, ଖାଦ୍ୟ ଆଦିର ବିଭିନ୍ନତାରେ ସମୃଦ୍ଧ ସାମାଜିକ ଚଳଣି ଉପରେ ଏବଂ ସଭ୍ୟତାର ମାନ ଉପରେ ନିର୍ଭର କରି ଭଗବତ୍ ଭାବନା ଉଦୟ ହେଲା, ତାହା ହିଁ ପ୍ରତି ଗୋଷ୍ଠୀର ଧର୍ମଗ୍ରନ୍ଥରେ ପ୍ରଦର୍ଶିତ ହେଲା । ବାହାରକୁ ଗଲେ ବି ମଣିଷ ତା ଗୋଠର ରୀତିନୀତିକୁ ଆଦର୍ଶ ବୋଲି ଜାବୁଡ଼ି ଧରିଲା, ଯଦି ନ ଧରିଲା ଅର୍ଥାତ୍ ନୂଆ ଅଞ୍ଚଳର ଆଦବକାଇଦା ଗ୍ରହଣ କରି ଫେରିଲା ତେବେ ସେ ଗୋଠରୁ ବାସନ୍ଦ ହେଉଥିଲା । ଯେମିତି ଆଗକାଳରେ କଳା ପାଣି ପାର ହୋଇଥିବା (ଦରିଆପାର ଦେଶକୁ ଯାଇଥିବା) ଲୋକଙ୍କୁ ଆମେ 'ସଭ୍ୟ ହିନ୍ଦୁ'ମାନେ ବାସନ୍ଦ କରୁଥିଲୁ । ପରମ୍ପରା ତିଆରି କାରଣ ବୁଝି ନଥିବା ପୂଜକମାନେ ଠାକୁର ଠାକୁରାଣୀଙ୍କୁ ଆଞ୍ଚଳିକ କରି ରଖିଲେ, ଠାକୁର ଠାକୁରାଣୀଙ୍କୁ ପ୍ରକୃତିରେ ମିଳୁଥିବା ବିଭିନ୍ନ ସାଧନ ଅନୁଯାୟୀ ବା ତାଙ୍କର ନିର୍ମାଣ, ଅବସ୍ଥାନ, ଖାଦ୍ୟ, ଆମ ଭାବନା ବା କାଳ ଅନୁଯାୟୀ ନାମକରଣ କରାଗଲା- ଯଥା ବୃହଦୀଶ୍ୱର, ଭୁବନେଶ୍ୱରୀ, କଙ୍କତାଖାଇ, ବାଲୁକେଶ୍ୱର, ଘୁମନ୍ତି ଦେବୀ, ଆଦି ।

କଦବା କେଉଁ କାଳରେ ଫାହିଏନ୍, ହୁଏନ୍ ସାଂ, ମାର୍କୋପୋଲୋ ଭଳି କତିପୟ ବ୍ୟକ୍ତି ଅନ୍ୟ ଦେଶ ଭ୍ରମଣ କରି ବିଦେଶୀ ଅଞ୍ଚଳର ପରମ୍ପରା ଓ ସଂସ୍କୃତି ଉପରେ ବିବରଣୀ ପ୍ରଦାନ କଲେ, ତାହାକୁ କାଉଁରୀ ଦେଶର ଅନ୍ଧ-କାରବାର ବା ଅସଭ୍ୟ ବ୍ୟବହାର କୁହାଯାଉଥିଲା । ସେତେବେଳେ ଶିକ୍ଷିତଙ୍କ ସଂଖ୍ୟା ଅଙ୍ଗୁଳି ଅଗରେ ଗଣି ହେଉଥିବାରୁ ପରିବ୍ରାଜକମାନଙ୍କ ଟିପ୍ପଣୀ ଦୁନିଆ ସାରା ଜଣା ହେଉ ନଥିଲା । ସଂକ୍ଷେପରେ କହିଲେ ଲୋକେ ନିଜ ଇଲାକା-କୂପର ମଣ୍ଡୁକ ଥିଲେ, ଦୁନିଆ କେତେ ବଡ ଓ ତାହା କେତେ ପ୍ରକାରର ଚାଲିଚଳଣିରେ ଭରପୂର, ସେମାନେ ଜାଣି ନଥିଲେ । ଏବେ ବି ଆମ ଧର୍ମଯାଜକ ମାନେ କୂପମଣ୍ଡୁକତ୍ୱରୁ ମୁକ୍ତ ନୁହନ୍ତି । ଧର୍ମର ରୀତିନୀତିକୁ ନିଜର ପତିଆରା-ବିସ୍ତାର- କାର୍ଯ୍ୟକ୍ରମରେ ପରିଣତ କରିଦେଇଛନ୍ତି ।

ପୁରୁଣା ବାସନକୁ ଘଷିମାଜି ନୂଆ କଲା ଭଳି ଉପସ୍ଥିତ ସାମାଜିକ ରୀତିନୀତିରୁ କୁସଂସ୍କାର ଗୁଡିକୁ ଯଥୋଚିତ୍ ବାଦ ଦେଇ ନୂଆ ନିୟମ ତିଆରି କରନ୍ତି ବୋଲି ନୂଆ ଧର୍ମ ସୃଷ୍ଟି କରୁଛନ୍ତି ନ କହି ଧର୍ମ ସଂସ୍ଥାପନ କରୁଛନ୍ତି କହନ୍ତି (ଗୀତା ଶବ୍ଦ - ସଂସ୍ଥାପନାର୍ଥାୟ); ଭିନ୍ନ

ଅଞ୍ଚଳରେ ଭିନ୍ନ ଭାଷାରେ ତାଙ୍କର ନାମ ଭିନ୍ନ ହେବା ସ୍ୱାଭାବିକ । ଅନ୍ୟ ଭାଷାରେ ଓ ଅନ୍ୟ ଅଞ୍ଚଳରେ ବି ମହାପୁରୁଷ ଜନ୍ମ ନେଇ ସେମାନଙ୍କ ଧର୍ମ କଣ ହେବା ଉଚିତ୍ ବତାଉଥିବେ । ପରିବାର ତଥା ସମାଜକୁ ଧରି (ଧାରଣ, ଧୃ-ମ) ରଖିବାର ନିୟମ ହିଁ ଧର୍ମ । ସମାଜକୁ ସୁସ୍ଥ ରଖିବାର ମୂଳଦୁଆ ସହିଷ୍ଣୁତା । ପ୍ରତ୍ୟେକକୁ ଭଗବାନଙ୍କ ସୃଷ୍ଟି ଭାବରେ ଗ୍ରହଣ କଲେ ସହିଷ୍ଣୁତା ବଢ଼ିବ, ପ୍ରତି ଅବତାର ବା ମହାପୁରୁଷ ତାହା ହିଁ କରିଥାନ୍ତି ।

ପରମ୍ପରା ଆବହମାନ କାଳରୁ ଚଳି ଆସିଛି କହୁଥିବା ଲୋକ ଭାବେ ନାହିଁ କାଳ କେବେଠାରୁ ବହମାନ ହେଲା; ମଝିରେ ମଝିରେ ଅନୁଚିତ ପରମ୍ପରା ତ୍ୟାଗ କରାଯାଇଛି । ଦିନେ ମଣିଷ-ବଳି ପରମ୍ପରା ଥିଲା, ଏବେ ତାହା ଏକ ଅପରାଧ । ଈଶ୍ୱରଙ୍କୁ ଭକ୍ତି ଦେଖାଇବା ଲାଗି ନିଜକୁ ସମର୍ପଣ (ଇସ୍‌ଲାମ୍ ମାନେ ସମର୍ପଣ) କରିବା ଦରକାର, ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍ ନ୍ୟାୟରେ ଆତ୍ମସମର୍ପଣ ବଦଳରେ ନିଜର ଅତିପ୍ରିୟକୁ ସମର୍ପଣ କରାଗଲା । ଭଗବାନଙ୍କୁ ତୁଷ୍ଟ କରିବା ଅର୍ଥାତ୍ ନିଜେ ଭଲରେ ତିଷ୍ଠିବା ଲାଗି ଆଉ ଜଣକୁ ମାରିଦେବା ଏବଂ ସେପରି ମାରିଦେବାକୁ ବଳି ବୋଲି କହିବା - ଏ କଣ ସଭ୍ୟ କାରବାର? କିନ୍ତୁ ପୁରାଣରେ ଏଭଳି ଦୃଷ୍ଟାନ୍ତ ବହୁତ । ଶିବି ନିଜ ଅଙ୍ଗରୁ ମାଂସ ଦାନ ଏବଂ ଆବ୍ରାହମ ବା ଇବ୍ରାହିମ୍ ପୁତ୍ର ଦାନ ଉଦ୍ୟମ କରିଥିଲେ, ଏପରି ଦାନକୁ ବଳି ଆଖ୍ୟା ଦିଆଗଲା । ଯେଉଁ ମୁନି ଋଷି ଏ ଧାରଣା ସୃଷ୍ଟି କଲେ ସେ ନିଜେ ଏହାର ଭୟାଭୟତା ହୃଦୟଙ୍ଗମ କରିଥିବେ (ତାନ୍ତ୍ରିକମାନେ ଏବେ ବି ଅଙ୍ଗ ଛେଦନ କରି ଅର୍ପଣ କରିବା ବା ମଣିଷ-ବଳି ଦେବାରେ ବିଶ୍ୱାସ କରନ୍ତି ।) ତେଣୁ ପୁରାଣର କାହାଣୀକୁ ଭିନ୍ନ ମୋଡ ଦେଇ କହିଲେ ଯେ ଭଗବାନ ଖୁସି ହୋଇ ପୁଅ ବଦଳରେ ପଶୁ ବଳି ମାଗିଲେ । କାଳକ୍ରମେ ବଳି ପ୍ରଥା ଦେବଦେବୀଙ୍କୁ ଖୁସି କରିବାର ପରମ୍ପରା ହୋଇଗଲା, ଏପ୍ରକାରର ଦେବଦେବୀଙ୍କୁ ପାଗାନ୍ ବା ଅଧର୍ମୀ କହିଥିବା ଖିରସ୍ତାନ ଓ ଇସଲାମର କାହାଣୀରେ ତ ଆବ୍ରାହମ୍ ଓ ଇବ୍ରାହିମ୍ ଭଳି ବଳିଦେଉଥିବା ଚରିତ୍ରର ବର୍ଣ୍ଣନା ଅଛି ।

ପ୍ରଥମେ ପ୍ରଥମେ ଏକ ଦୈବୀଶକ୍ତିର ଦୟାରେ ଶିକାର ସଫଳ ହୋଇଛି ଭାବି ଶିକାରୀ କିଛି ମାଂସ ଭୋଗ ଦେଉଥିଲା । ଆଗେ ମାରି ପରେ ଭୋଗ ଦେବା ଭଲ ନୁହେଁ ଭାବି ଭୋଗ ଦେଇ ମାରିବା (ବଳି ଦେବା) କାମ ଗ୍ରହଣୀୟ ହୋଇଗଲା । ଶିକାର ତ ଚୋଟ ଖାଇସାରିଥାଏ, ତାହା ବଳି ରୂପେ ଗ୍ରହଣଯୋଗ୍ୟ ହେଲା ନାହିଁ । ତେଣୁ 'ବନ୍ୟ ପଶୁପକ୍ଷୀ ବଳି' ବଦଳି 'ପାଳିତ ପଶୁପକ୍ଷୀ ବଳି' ଆରମ୍ଭ ହେଲା । କିନ୍ତୁ ମଣିଷ ସୃଷ୍ଟି ସାଙ୍ଗେ ସାଙ୍ଗେ ତ ପଶୁପକ୍ଷୀ

ଗୃହପାଳିତ ହୋଇ ନଥିଲେ । ତେଣୁ ଦେବୀ ସମ୍ମୁଖରେ ବଳି ପକାଇବା ଆବହମାନ କାଳରୁ ଆସିନାହିଁ । ଅଶ୍ୱମେଧ ଯଜ୍ଞରେ ଘୋଡା ବଳି ଦେବା କଥା ଆର୍ଯ୍ୟମାନଙ୍କ ପୁରାଣରେ ଅଛି । ତଥାକଥିତ ଆର୍ଯ୍ୟମାନେ ଭାରତ ପ୍ରବେଶ ପୂର୍ବରୁ କକେସସ୍ ଓ ମଧ୍ୟଏସିଆରେ ଯାଯାବର ଥିଲେ, ପଶୁପାଳନ କରୁଥିଲେ । ପଶୁଗୁଡିକୁ ଏକାଠି କରି ନିୟନ୍ତ୍ରଣରେ ରଖିବା ଲାଗି ଘୋଡା ବ୍ୟବହାର କଲେ । ଭାରତର ହିନ୍ଦୁମାନେ ଯେପରି ଗାଈକୁ ଅତି ପ୍ରିୟ ଭାବନ୍ତି ଅଶ୍ୱ ସେହିପରି କକେସୀୟ ଓ ମଧ୍ୟଏସୀୟ ମାନଙ୍କର ବେଶି ଆପଣାର ଥିଲା । ରାଜାମାନେ ଇନ୍ଦ୍ର ଭଳି ସାମର୍ଥ୍ୟ ପାଇବା ଲାଗି ଅଶ୍ୱମେଧ କରୁଥିଲେ । ଭାରତରେ ଅଶ୍ୱ ଅଭାବ ଯୋଗୁଁ ଭାରତୀୟ ଆର୍ଯ୍ୟ ଅଶ୍ୱମେଧ ପରମ୍ପରା ଛାଡିଦେଲା ।

ପଶୁପକ୍ଷୀ ବଳି ଆବହମାନ କାଳରୁ ଆସିନାହିଁ । ପ୍ରଥମେ ତ ମନ୍ଦିର, ମସଜିଦ୍, ଗୀର୍ଜା ଆଦି ନଥିଲା କିମ୍ବା ଆଜିକାଲିର ନାମ ଥିବା ଦେବାଦେବୀ ନଥିଲେ । ତେଣୁ ପରମ୍ପରା ଅତି ପ୍ରାଚୀନ କହିବାର ମାନେ କ'ଣ ? ହିନ୍ଦୁ ଧର୍ମର ଚଳଣି ୫୦୦୦ ବର୍ଷରୁ ବେଶି ନୁହେଁ, ଇହୁଦି ଧର୍ମ ୩୦୦୦ ବର୍ଷର, ବୌଦ୍ଧ ଧର୍ମ ୨୫୦୦ ବର୍ଷର, ଖିରଷ୍ଟାନ ଧର୍ମ ୨୦୦୦ ବର୍ଷର, ଇସ୍‌ଲାମ ୧୫୦୦ ବର୍ଷର, ଶିଖଧର୍ମ ୫୦୦ ବର୍ଷର; ତେଣୁ ସବୁ ଧର୍ମ ତାରିଖଦିଆ, ଧର୍ମ ଯେତେବେଳେ ଆବହମାନ କାଳରୁ ନଥିଲା, ପରମ୍ପରା କିପରି ଆବହମାନ କାଳରୁ ଚାଲି ଆସିଛି ?

ପରମ୍ପରା କିପରି ତିଆରି ହୁଏ ? ଦୋକାନ ଆଗରେ ବା ଗାଡି ଆଗରେ ଲେମ୍ବୁ ଓ ଲଙ୍କା ଗୁଛି ହାର ଟଙ୍ଗାଇବାର ପରମ୍ପରା କଥା ଦେଖନ୍ତୁ । ଲେମ୍ବୁ ଓ ଲଙ୍କା ଖଟା ଓ ରାଗର ଫଳ, ମନ ଖଟା କରିବା ବା ଈର୍ଷା ଅର୍ଥରେ ଲେମ୍ବୁ ଏବଂ ରାଗ, ପ୍ରତିହିଂସା ବା ଅମଙ୍ଗଳ ପାଞ୍ଚିବା ଅର୍ଥରେ ଲଙ୍କା । କୁଦୃଷ୍ଟିରୁ ରକ୍ଷା ପାଇବା ପାଇଁ ଦୋକାନ ଆଗରେ ବା ଗାଡି ଆଗରେ ଲେମ୍ବୁ ଓ ଲଙ୍କାର ହାର ଟଙ୍ଗାଇବାର ପରମ୍ପରା । ଏ ପରମ୍ପରା କେବେଠାରୁ ଆସିଲା ? ଲଙ୍କାର ଜନ୍ମ ଆମ ଦେଶରେ ନୁହେଁ, ଦକ୍ଷିଣ ଆମେରିକାରେ । ପର୍ତ୍ତୁଗୀଜ ମାନେ ଉପନିବେଶ ସ୍ଥାପନ କରିବା ପରେ ଲଙ୍କା ୟୁରୋପକୁ ଆଣିଲେ, ୟୁରୋପରୁ ଏସିଆକୁ ଲଙ୍କା ଆସିଛି । ୟୁରୋପୀୟମାନେ ଭାରତ ଆସି ଉପନିବେଶ ସ୍ଥାପନ କରିବାର ୪୦୦ ବର୍ଷ ବିତିଛି କି ନାହିଁ, ଲଙ୍କା ଝୁଲାଇବା ଆମ ପରମ୍ପରାର ଅଙ୍ଗ ହୋଇଗଲା । ସାଙ୍ଗେ ସାଙ୍ଗେ ତ ଲେମ୍ବୁ ଓ ଲଙ୍କାର ହାର ଟଙ୍ଗାଇବା ଆରମ୍ଭ ହୋଇନଥିବ । ତେଣୁ ଲଙ୍କା ଓ ଲେମ୍ବୁର ବ୍ୟବହାର ନିଶ୍ଚୟ ୩ଶହ ବର୍ଷରୁ କମ୍ ।

ଏମିତି ପରମ୍ପରା ତିଆରି ହୁଏ, ଆବହମାନତା ୩୦୦ ବର୍ଷରୁ କମ୍ ।

ପରମ୍ପରାରେ ସ୍ଥାନୀୟତା ବେଶି କାମ କରେ । ସାର୍ବଜନୀନ ହେବା କଥା ଉଠିଲେ ଏହି ସ୍ଥାନୀୟତା ହିଁ ପ୍ରତିବନ୍ଧକ ସୃଷ୍ଟିକରେ । ଯଦି ଉତ୍ତର ମେରୁ ଅଞ୍ଚଳର ଏସ୍କିମୋ ଭଗବତୀଙ୍କ ପୂଜା କରେ ସେ କେଉଁଠୁ ଛେଳି ବା ମଇଁଷି ପାଇବ ଯେ ଛେଳି ମଇଁଷି ବଳି ଦେବ? ସେ ସମ୍ଭବତଃ ତିମି ମାଛ ବା ରେନ୍ ଡିଅର୍ ବଳି ଦେବ । ଆମେ ଜଗନ୍ନାଥଙ୍କୁ ଜଗତର ନାଥ ଅବସ୍ଥାରୁ ଓଡିଶାନାଥ କରିଦେଇଛୁ । ସବୁ ଦେବ ଦେବୀଙ୍କୁ ଅଞ୍ଚଳରେ ମିଳୁଥିବା ଜିନିଷକୁ ଭୋଗ ଦିଆଯାଏ, ସେ ଭୋଗରାଇର ଶିବଙ୍କ ପାଣିଫଳ (ସିଙ୍ଗଡା) ହେଉ କି ଲିଙ୍ଗରାଜଙ୍କ ଚିନି ଖଇ ହେଉ । କିନ୍ତୁ ତାହା ହିଁ ଭୋଗ ହେବ ଆଉ କିଛି ଭୋଗ ହେବ ନାହିଁ ଏ ଧାରଣା ବା ପରମ୍ପରା ସୃଷ୍ଟି କରିଥିବା 'ଲୋକ ଠାକୁର ସେହିଟାକୁ ଭଲ ପାଆନ୍ତି ବୋଲି କହେ । ଠାକୁର ଯଦି ସବୁ ଲୋକଙ୍କର, ଅଞ୍ଚଳ ଭେଦରେ ସେ କିପରି କେତେକ ଭୋଗ ଗ୍ରହଣ କରିବେ ଓ ଅନ୍ୟସବୁକୁ ମନା କରିବେ? ଏହା ଧର୍ମଯାଜକଙ୍କ ମାନସିକତା ନୁହେଁ କି? ବିଦେଶୀ ହୋଇଥିବାରୁ ଲଙ୍କା, ବିଲାତି ବାଇଗଣ ଓ ବିଲାତି ଆଳୁ ଜଗନ୍ନାଥଙ୍କ ମନ୍ଦିରକୁ ଯାଏ ନାହିଁ । ଜଗନ୍ନାଥ କ'ଣ ବିଲାତି ବାଇଗଣ ଓ ବିଲାତି ଆଳୁ ସୃଷ୍ଟି କରିନାହାଁନ୍ତି ନା ଜଗନ୍ନାଥ ଲାଟିନ୍ ଆମେରିକାର ଲୋକଙ୍କୁ ତାଙ୍କ ଭକ୍ତ ହେବାକୁ ବାରଣ କରିଛନ୍ତି ? ପୁରୀଟା ହିଁ କ'ଣ ଜଗନ୍ନାଥଙ୍କ ପାଇଁ ଜଗତ? ଜଗନ୍ନାଥଙ୍କୁ ସଂକୀର୍ଣ୍ଣ କରିବାର ଏ ପରମ୍ପରା କିଏ ତିଆରି କଲା ? ଏ ସବୁର ଅର୍ଥ ପରମ୍ପରା ଆମେ ତିଆରି କରିଛୁ, ତେଣୁ ଯୁଗ ଅନୁଯାୟୀ ଅନୁପଯୁକ୍ତ ହେଲେ ତାକୁ ବଦଳାଇବା ଉଚିତ୍ । ସଂକୀର୍ଣ୍ଣତାହିଁ ପରମ୍ପରାର ଜନନୀ, ଅନ୍ୟ ସଭ୍ୟତା ଅନ୍ୟ ଧର୍ମ ଅନ୍ୟ ସଂସ୍କୃତିର ସମ୍ପର୍କରେ ଆସିଗଲେ ସମାଜରେ ଉଦାରତା ଆସେ, ସଂକୀର୍ଣ୍ଣତା ଉଭେଇ ଯାଏ । ବିଦେଶୀ ପରମ୍ପରା ପଶିଯାଏ । ଚୀନ୍‌ର ଫେଙ୍ଗ୍ ସୁଇ ହେଉ କି ଆମେରିକାର ଫାଦର୍‌ସ୍ ଡେ କି ମଦର୍‌ସ୍ ଡେ ହେଉ -ଏବେ ଆମ କାରବାରର ଅଙ୍ଗ ହୋଇଗଲାଣି ।

ଚଳପ୍ରଚଳର ସୁବିଧା ଯୋଗୁଁ ଯେତେବେଳେ ସାରା ପୃଥିବୀଟା ଗୋଟିଏ ଗାଁ ଭଳି ହୋଇଗଲାଣି ସେତେବେଳେ ଭୌଗୋଳିକ ଅଞ୍ଚଳ ଅନୁଯାୟୀ ସଂକୀର୍ଣ୍ଣ ପରମ୍ପରାକୁ ତ୍ୟାଗ କରିବା ଉଚିତ୍ ନୁହେଁ କି ? ଆମ ସଭ୍ୟତା ବହୁତ ପ୍ରାଚୀନ, କିନ୍ତୁ ପ୍ରାଚୀନ ପରମ୍ପରା ଅଛି କି ? ବୈଦିକ ଯୁଗରେ ଚଳୁଥିବା ଜିନିଷ ଏବେ ଅଛି କି ? ମଧ୍ୟ ଏସୀୟ ଅଞ୍ଚଳରୁ ଆସିଥିବା ଯାଯାବର ଶ୍ରେଣୀର ଲୋକେ ନିଜର ପାଳିତ ପ୍ରାଣୀମାନଙ୍କର ନିୟନ୍ତ୍ରଣ ଲାଗି ଅଶ୍ୱାରୋହଣରେ

ପାରଙ୍ଗମ ଥିଲେ, ଅଶ୍ୱକୁ ନିଜର ବିକଳ୍ପ ମଣୁଥିଲେ । ତେଣୁ ଦୈବୀ ଶକ୍ତିକୁ ସନ୍ତୋଷ କରିବା ଅର୍ଥରେ ସେମାନେ ପ୍ରିୟ ପଶୁ ଅଶ୍ୱର ବଳି ଦେଉଥିଲେ । ଭାରତକୁ ଆସି ସେମାନେ ଘୋଡା ପାଇଲେ ନାହିଁ, ତେଣୁ ଅଶ୍ୱମେଧ ଯଜ୍ଞ ଆଉ ଅଶ୍ୱ ବଳି ନ ହୋଇ ସାଙ୍କେତିକ ହୋଇଗଲା, ଅଶ୍ୱକୁ ଛାଡିଦିଆଗଲା – ଯେପରି କେତେକ ପୂଜା ପୀଠରେ ଛେଳି ମେଣ୍ଢା ଛାଡି ଦିଆଯାଉଛି । ଚନ୍ଦନେଶ୍ୱର ମହାଦେବଙ୍କ ପାଖରେ ପାଣି ସିଙ୍ଗଡା ମୁଖ୍ୟ ଭୋଗ ବେଶି ଦିନର ହୋଇପାରେ କିନ୍ତୁ ଲିଙ୍ଗରାଜଙ୍କ ପାଖରେ ଚିନି ଖଇ ଭୋଗ ବେଶି ଦିନର ନୁହେଁ । ଗୁଡ ସିନା ପ୍ରାଚୀନ, ଚିନି କେତେ ପ୍ରାଚୀନ? ଜଗନ୍ନାଥଙ୍କ ରୋଷେଇରେ ଯେଉଁ ଯେଉଁ ପରିବା ପତ୍ର ପଶେ ନାହିଁ ତାହା ଏକଦା ଓଡ଼ିଶାରେ ନଥିଲା । କେବଳ ବିଲାତି ଆଳୁ, ବିଲାତି ବାଇଗଣ ଓ ଲଙ୍କା ଜାତୀୟ ପରିବା ଦକ୍ଷିଣ ଆମେରିକାରୁ ୩-୪ ଶହ ବର୍ଷ ପୂର୍ବରୁ ହେଲା ଭାରତକୁ ଆସିଛି । କିନ୍ତୁ ତାହା ଆଗରୁ ଆସିଥିବା ଚୀନ୍‌ର କମଳା ଓ ଲିଚୁ, ସପେଟା ଓ ପିଜୁଳି ଭୋଗ ହୁଏ କି ? ମେକ୍ସିକୋରୁ ସପେଟା ଓ ପିଜୁଳି, ଭୂମଧ୍ୟ ସାଗରରୁ ଆସିଥିବା ସେଓ ଓ ନାସ୍‌ପାତି, ବ୍ରାଜିଲ୍‌ରୁ ଆସିଥିବା କାଜୁ ଓ ସପୁରି, କାସ୍‌ପିଆନ ହ୍ରଦ ଅଞ୍ଚଳରୁ ଆସିଥିବା ଅଙ୍ଗୁର, ଇରାନ୍‌ରୁ ଆସିଥିବା ଡାଳିମ୍ବ, ମଧ୍ୟ-ଆମେରିକାରୁ ଆସିଥିବା ଅମୃତଭଣ୍ଡା ଓ ଆତ, ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ଆସିଥିବା ଡିମିରି ଫଳ, ଉତ୍ତର ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ଆସିଥିବା ଷ୍ଟ୍ରବେରୀ, ଗ୍ରୀଷ୍ମମଣ୍ଡଳୀୟ ଅଫ୍ରିକାରୁ ଆସିଥିବା ତେନ୍ତୁଳି, ଏ ସବୁ ଏବେ ଭାରତୀୟ ହୋଇଯାଇଥିଲେ ବି ଜଗନ୍ନାଥ ମନ୍ଦିରରେ ପଶୁ ନାହିଁ । ଯଦି କିଛି ପଶିଲାଣି ତାହା ଉତ୍ତମ ସଂକେତ । ଏବେ ଜଗନ୍ନାଥଙ୍କ ରୋଷେଇରେ ପରମ୍ପରା ଭାଙ୍ଗିବାର ବେଳ ଆସିଛି ।

କଳା ପାଣି ପାର ହେବା ଦିନେ ଧର୍ମଛଡାର କାମ ବୋଲି କହୁଥିବା ପଣ୍ଡିତମାନେ, ପଣ୍ଡିତମାନଙ୍କ ପିଲାମାନେ, ଖୋଦ୍ ଠାକୁର ରାଜା ତ ଏବେ ବିଦେଶ ଯାତ୍ରା କରୁଛନ୍ତି । ସେ ପରମ୍ପରା କିପରି ଭାଙ୍ଗିଲା ? ସମୁଦ୍ର ଅର୍ଥାତ୍ କଳାପାଣି ସତେ ଯେପରି ହିନ୍ଦୁଧର୍ମର ସୀମାରେଖା ଥିଲା । ଏବେ ତ ଜଗନ୍ନାଥ ବି କଳା ପାଣି ପାର ହୋଇ ଆମେରିକାର ମନ୍ଦିର ମାନଙ୍କରେ ବସିଲେଣି । ପରମ୍ପରା ପଣ୍ଡିତମାନଙ୍କ ମନଗଢା ଜିନିଷ କହିଲେ ବାହୁଲ୍ୟ ହେବ ନାହିଁ । ଚାପରେ ପଡ଼ିଲେ ପଣ୍ଡିତମାନେ ପରମ୍ପରା ଭାଙ୍ଗନ୍ତି । ନୀଚ ଜାତିଙ୍କୁ ଜଗନ୍ନାଥଙ୍କ ମନ୍ଦିରରେ ପୁରାଇ ଦେବେ ନାହିଁ ଅଥଚ ଦାସିଆ ବାଉରିଙ୍କୁ ପରମ ଭକ୍ତ କହିବେ । ବାପା ମାଆଙ୍କ ଧର୍ମ ଛାଡି ହିନ୍ଦୁ ହୋଇଥିବା ଭକ୍ତମାନଙ୍କୁ ମନ୍ଦିରରେ ପୁରାଇ ଦେବେ ନାହିଁ ଅଥଚ ମୁସଲ୍‌ମାନ ସାଲବେଗଙ୍କୁ ପରମ ଭକ୍ତ କହିବେ । ଗୋରା ଚମବାଲାଙ୍କୁ ଗୋତ୍ର ରାଶି ଆଦି ପଚାରିବେ,

ଅଥଚ ବାପା ମାଆ ନାମ ନ କହୁଥିବା ରାଶି ଗୋତ୍ର ଛାଡ଼ିଥିବା ସାଧୁଙ୍କୁ ଛାଡ଼ିଦେବେ । ଜଣ ସାଧୁ ପୋଷାକ ହିଁ ହିନ୍ଦୁର ଲକ୍ଷଣ ? ଦିନେ ପରମ୍ପରା ଥିଲା ସ୍ତ୍ରୀମାନେ ଧର୍ମଗ୍ରନ୍ଥ ପଢ଼ିବେ ନାହିଁ, ଧର୍ମଗ୍ରନ୍ଥ ଶୁଣୁଥିବା ସ୍ତ୍ରୀ ଲୋକର କାନରେ ତରଳ ସୀସା ଢାଳି ଦିଆଯାଉ - ଏଭଳି କହୁଥିବା ପୁରୀର ଜନୈକ ଶଂକରାଚାର୍ଯ୍ୟ ତାଙ୍କ ମତ ବଦଳାଇଲେଣି । ଏହାର କାରଣ ପ୍ରବଳ ଜନମତର ଚାପ । ଗୀତା ଲେଖାହୋଇଥିବା ସମୟରେ ଜାତି ଭେଦ, ନାରୀ ଘୃଣା ଏତେ ପ୍ରବଳ ଥିଲା ଯେ ଅଧ୍ୟାୟ ୯ ଶ୍ଳୋକ ୩୨ ଓ ୩୩ରେ କୁହାଯାଇଛି ଯେ ବ୍ରାହ୍ମଣ ଓ କ୍ଷତ୍ରୀୟ ତ ପୂଜାକଲା କ୍ଷଣି ସ୍ୱର୍ଗକୁ ଯିବେ, ଶୁଦ୍ର, ବୈଶ୍ୟ, ସ୍ତ୍ରୀ ଭଳି ପାପ-ଯୋନିରୁ ଜାତ ଲୋକେ ପରମ ତପ କଲେ ହିଁ ସ୍ୱର୍ଗକୁ ଯିବେ । ଏ କଥା ଯିଏ ଲେଖିଛନ୍ତି ସିଏ ପାପ-ଯୋନିରୁ ଜାତ ତାଙ୍କ ମାଆର ସନ୍ତାନ ନୁହଁନ୍ତି କି ? ଶ୍ରୀକୃଷ୍ଣ ଏପରି କହିଛନ୍ତି ନା ଗୀତାର ରଚୟିତାଙ୍କ ମାନସିକତା ଏହାର କାରଣ? ଏତେ ବହପ ଯେ ମାଆକୁ ପାପଯୋନୟ ଶ୍ରେଣୀରେ ଗଣି ପାରିଲେ ? ନାରୀର ଆକର୍ଷଣକୁ ଏଡ଼ାଇବାକୁ ଯାଇ ସିଏ ମା'କୁ ଏକ ତ୍ୟାଜ୍ୟ ବସ୍ତୁ ରୂପରେ ଦେଖିଲେ । ଏହିଭଳି ଲୋକମାନେ ଆମ ପରମ୍ପରା ତିଆରି କରିଛନ୍ତି । ଯେତେ ଶୀଘ୍ର ଆମେ ଆମ ପରମ୍ପରାକୁ ଯୁଗୋପଯୋଗୀ କରିବା ସମାଜକୁ ଓ ଆମକୁ ସୁସ୍ଥ ରଖିବାରେ ପରମ୍ପରା ସେତେ ସାହାଯ୍ୟ କରିବ ।

ଭଗବାନ କିଏ ତ ଜାଣିନାହଁ, ସେ ପୁଣି କହିଲେ, ତାକୁ ତୁମେ ଶୁଣିଲ, ପୁଣି ପୃଥିବୀର ଗୋଟିଏ କୋଣର ଗୋଟିଏ ମାତ୍ର ଭାଷାରେ ଭଗବାନ କହିଲେ, ସେ ଭାଷା ବି ସେଠାକାର ଲୋକେ ଆଉ କହୁନାହାନ୍ତି- ତଥାପି ପ୍ରତି ଧର୍ମ ଗ୍ରନ୍ଥକୁ ସମ୍ପୃକ୍ତ ପୂଜକମାନେ ଈଶ୍ୱରଙ୍କ ବାଣୀ ରୂପେ ଉପସ୍ଥାପନ କରୁଛନ୍ତି । ଅମୁକ ପୂଜା କର, ସମୁକ ଭୋଗ ଦିଅ, ବୋଲି ଠାକୁର ବା ଠାକୁରାଣୀ ସ୍ୱପ୍ନରେ କହିଛନ୍ତି ବୋଲି ଲୋକଙ୍କୁ ଭୂଆଁ ବୁଲୋଉଛନ୍ତି ।


ସୋସାଇଟି ଫର୍ ପ୍ରିଭେନ୍‌ସନ୍ ଅଫ୍ କ୍ରୁଏଲିଟି ଟୁ ଆନିମାଲ୍‌ସ, ପ୍ରାଣୀ ପ୍ରତି ନିଷ୍ଠୁରତା ନିବାରଣ ସମିତିର ପ୍ରାଦେଶିକ ଶାଖାର ଅଧ୍ୟକ୍ଷ ହେଉଛନ୍ତି କଟକସ୍ଥ ରାଜସ୍ୱ ପର୍ଷଦର ସଭ୍ୟ । ସେହି ପଦବିରେ ଥିଲା ବେଳେ ୧୯୯୮ରେ ମୁଁ ବିରଜା ମନ୍ଦିରରେ ମଈଁଷି ବଳି ପରମ୍ପରା ବନ୍ଦ କରିବା ଲାଗି ସେଠାକାର ପୂଜକମାନଙ୍କୁ ବୁଝାଇବାକୁ ଯାଇଥିଲି, ସାଙ୍ଗରେ ମନ୍ଦିର ନ୍ୟାସ



ମଈଁଷି ବଳି ପରମ୍ପରା

(ଟ୍ରଷ୍ଟ)ର ଅଧ୍ୟକ୍ଷ ସବ୍‌ଡିଭିଜନାଲ୍ ଅଫିସର୍ ଥିଲେ । ଦୁର୍ଗା ପୂଜା ସମୟରେ ବିରଜାଙ୍କୁ ମଇଁଷି ବଳି ଦିଆଯାଏ – ନ ଦେଲେ ମା ସନ୍ତୁଷ୍ଟ ହେବେ ନାହିଁ ବୋଲି ସବୁ ପୂଜକ ଏକସ୍ୱରରେ କହିଲେ । ଅଷ୍ଟମୀରେ ମା ମଇଁଷି (ବଳି) ଖାଇବେ । ଧନ, ଶକ୍ତି, ଐଶ୍ୱର୍ଯ୍ୟ ପାଇଁ ବିରଜା ମାଆଙ୍କୁ ପୂଜା କରୁଛ, ତାଙ୍କର ଏତେ ଶକ୍ତି ଯେ ଆମେମାନେ ସବୁ ତାଙ୍କ ସାମନାରେ ତୁଚ୍ଛ – ପୁଣି ସେ ମଇଁଷିଟିଏ ଖାଇବା ପାଇଁ ମଣିଷ (ପୂଜକ) ଉପରେ ନିର୍ଭର କରୁଛନ୍ତି ? ସର୍ବଶକ୍ତିମାନ୍ ଦେବୀ ଯଦି ମଇଁଷି ଖାଇବାକୁ ଚାହାନ୍ତି କୋଉ ମଇଁଷିଟା ବଞ୍ଚିବ ହେ ! – ଏତକ ମୁଁ କହିଲା ପରେ ପୂଜକମାନେ ମୋତେ ନାସ୍ତିକ, ବିଧର୍ମୀ ଭଳି ସେମାନଙ୍କ ମୁଖରୋଚକ ଶବ୍ଦମାନ ପ୍ରୟୋଗ କଲେ । ତା ପରେ ମୁଁ ପଚାରିଲି କିପରି ବଳି ଦିଆଯାଏ ଏବଂ ବଳି ପାଇଁ କେଉଁ ଭକ୍ତ ମଇଁଷି ଦିଏ । ଆଶ୍ଚର୍ଯ୍ୟର କଥା ଦେବୋତ୍ତର ବିଭାଗ, ଅର୍ଥାତ୍ ସରକାର ମଇଁଷି କିଣି ମନ୍ଦିରକୁ ଯୋଗାଇଥାନ୍ତି । ପରମ୍ପରା ରକ୍ଷା ଲାଗି ସରକାର ପଇସା ଦିଅନ୍ତି (ରାଜାଙ୍କ ସମୟରେ ରାଜକୋଷରୁ ଆସୁଥିଲା ।) ଯେତେବେଳେ ମଇଁଷି ବେକରେ ଫାର୍ଶା ପଡେ ବହୁତ ଲୋକ ଆଖି ବୁଜି ଦିଅନ୍ତି, ସେମାନେ ଗୋଟିଏ ପ୍ରାଣୀର ମୃତ୍ୟୁ–ଚୋଟ ଦେଖିବା ସହ୍ୟ କରି ପାରନ୍ତି ନାହିଁ । କିନ୍ତୁ ବଳି ପଡିଥିବା ମଇଁଷିର ମାଂସ ଟୁକୁରା ଟିଏ ପାଇବା ଲାଗି ପୂଜକ ଧରିଥିବା ଥାଳିରେ ପଚାଶ ଶହେ ଟଙ୍କା ପକାଇବାକୁ ପଛାନ୍ତି ନାହିଁ । ନ ହେଲେ ବଳି ମାଂସ ମିଳିବ ନାହିଁ । ପରମ୍ପରାର ବଳି ଏକ ବ୍ୟବସାୟିକ ଧନ୍ଦା ବୋଲି ଜାଣିଲି ।

****



ଲଭ୍ ଲକ୍ ପରମ୍ପରା

ମସ୍କୋରେ ରାସ୍ତା ମଝିରେ ପ୍ରେମତାଲାର ଗଛ । ପ୍ରେମିକା–ପ୍ରେମିକମାନେ, ନବ ଦମ୍ପତିମାନେ, ତାଲା ଉପରେ ନିଜ ଦୁହିଁଙ୍କ ନାମ ଲେଖି ପୋଲ ବାଡ଼ାରେ ବା ଖୁଣ୍ଟରେ ତାଲା ପକାଇ ଚାବିକାଠିକୁ ନଦୀରେ ପକାଇ ଦିଅନ୍ତି । ଏହାକୁ ଲଭ୍ ଲକ୍ ପରମ୍ପରା କହନ୍ତି, ହିନ୍ଦୁମାନେ କଳ୍ପବଟରେ ମାନସିକ ପୂରଣ ପାଇଁ ସୂତା ବାନ୍ଧୁଥିବା ଭଳି ଏହା ଏକ ପରମ୍ପରା । ପ୍ରଭେଦ ଏତିକି ଯେ ତାଲା କେବେ ଖୋଲା ଯିବ ନାହିଁ, କିନ୍ତୁ ମାନସିକ ପୂରଣ ହୋଇଗଲେ କଳ୍ପବଟରୁ ସୂତା ଫିଟାଇ ଦିଆଯାଏ ।

## ଧର୍ମ ସହିଷ୍ଣୁତା ଶିଖାଏ, କିନ୍ତୁ ଧର୍ମଗୁରୁମାନେ ଅସହିଷ୍ଣୁ


ଧର୍ମଗ୍ରନ୍ଥରେ ଯାହା ଥାଉ ନା କାହିଁକି ଲୋକଙ୍କ ଧାରଣା ଧାର୍ମିକ ଲୋକ ସହିଷ୍ଣୁ। କିନ୍ତୁ ଧାର୍ମିକ ଲୋକ ଅନ୍ୟ ଧର୍ମର ଲୋକକୁ ନାପସନ୍ଦ କରେ, ବିଧର୍ମୀ କହି ଏ ଦୁନିଆରେ ତାହାର ରହିବାର ଅଧିକାର ନାହିଁ ବୋଲି କହେ। ରହିବାର ଅଧିକାର ନ ଥିବା ଅର୍ଥ ତାକୁ ମାରିଦେଲେ ଧର୍ମ ହେବ। ଏହି ବିଶ୍ୱାସ ହିଁ ତାଲିବାନ୍ ସନ୍ତ୍ରାସବାଦୀଙ୍କ ମୂଳମନ୍ତ୍ର। କି ଆଶ୍ଚର୍ଯ୍ୟ ! ଧର୍ମ ଅସହିଷ୍ଣୁତା ବଢାଏ !

ଅସହିଷ୍ଣୁତା କେବଳ ବିଶ୍ୱାସ ବା ଧାରଣାରେ ନୁହେଁ, ଲେଖାଲେଖିରେ, ନୃତ୍ୟ ସଂଗୀତରେ ଏବଂ ଚିତ୍ରକଳା ଭଳି ସୃଜନଶୀଳ କାର୍ଯ୍ୟରେ ବି ଦେଖାଯାଉଛି। ଅସହିଷ୍ଣୁତା ସର୍ବବ୍ୟାପୀ ହୋଇ ପଡିଛି। ଡେନ୍‌ମାର୍କର ସମ୍ବାଦପତ୍ରଟିଏ ମହମ୍ମଦଙ୍କ ବ୍ୟଙ୍ଗ ଚିତ୍ର ଛପାଇଥିଲା ବୋଲି କେତେ କାଣ୍ଡ ଘଟିଗଲା। ଇସ୍‌ଲାମୀମାନେ ଆଲ୍ଲାଙ୍କ ଛଡା କାହାକୁ ଦେବତା ବୋଲି ଧରନ୍ତି ନାହିଁ ଏବଂ ଆଲ୍ଲା ବା ତାଙ୍କ ଦୂତ ମହମ୍ମଦଙ୍କୁ ଚିତ୍ର ଆକାରରେ ଦେଖାଇବା ସେମାନଙ୍କ ଧର୍ମବିରୁଦ୍ଧ। ଡେନିସ୍ କାର୍ଟୁନରେ ମହମ୍ମଦଙ୍କ ଚିତ୍ରକୁ ବିକୃତ କରାଯାଇଛି ବୋଲି ସେମାନେ କିପରି କହିଲେ, କେଉଁ ଚିତ୍ର ସାଙ୍ଗରେ ସେମାନେ ମେଳ ଖୋଇଲେ ? ମୌଳବାଦୀ ଇସ୍‌ଲାମୀମାନଙ୍କ ଆକ୍ରୋଶରେ ମୁସ୍ଲିମ ଦେଶମାନଙ୍କରେ ଥିବା ପାଶ୍ଚାତ୍ୟ ଦେଶମାନଙ୍କ ଦୂତାବାସ ଉପରେ ଆକ୍ରମଣ ହେଲା ଓ ୟୁରୋପୀୟ ପଣ୍ୟଦ୍ରବ୍ୟକୁ ବାସନ୍ଦ କରାଗଲା। ଇରାନର ସରକାରୀ ସମ୍ବାଦପତ୍ରରେ 'ଆଜେରି' ନାମକ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ଆକ୍ଷେପକାରୀ କାର୍ଟୁନଟିଏ ପ୍ରକାଶ ହେଲାରୁ ଇରାନର ଉତ୍ତରପଶ୍ଚିମ ସହରମାନଙ୍କରେ ଦଙ୍ଗା ବ୍ୟାପିଥିଲା। ସରକାରୀ ସମ୍ବାଦପତ୍ର ହୋଇଥିଲେ ବି ପ୍ରେସ୍ ସୁପରଭାଇଜରି ବୋର୍ଡ ତାକୁ ବନ୍ଦ କରିଦେଲା। ଏ ସବୁ ଅସହିଷ୍ଣୁତାର ଉଦାହରଣ ।

ଭଗବାନ ଠାରୁ ମନକୁ ଦୂରେଇ ନେବାରେ ନାରୀମାନଙ୍କୁ ଦାୟୀ କରାଯାଇଛି, ସେହି କାରଣରୁ ସବୁ ଧର୍ମରେ ନାରୀମାନଙ୍କୁ ଦବାଇ ରଖାଯାଇଛି। ଏବେ କିଛି କିଛି ସୁବିଧା ନାରୀମାନଙ୍କୁ ଦିଆଯାଉଛି କହିଲା ବେଳେ ଆମେ ପରୋକ୍ଷରେ ମାନୁ ଯେ ପ୍ରତି ଧର୍ମରେ ନାରୀମାନଙ୍କୁ ପୁରୁଷଠାରୁ ନୀଚ ମନେକରାଯାଇଛି - ନାରୀମାନଙ୍କ ପ୍ରତି ଅସମ୍ମାନ ଧର୍ମର ଭିତ୍ତି ହୋଇପଡିଛି । ନାରୀମାନଙ୍କ ଅଧିକାର ସମ୍ପର୍କରେ ପ୍ରଶାସନ ଦାୟିତ୍ୱରେ ଥିବା ଆଫଗାନିସ୍ତାନର ବରିଷ୍ଠତମ ଅଧିକାରୀ ଶ୍ରୀମତୀ ସାଫିଆ ଅମାଜାନ୍ (୧୯୪୧- ୨୦୦୬)ଙ୍କୁ

ସେପ୍ଟେମ୍ବର ୨୫ରେ ତାଙ୍କ ଅଫିସ୍ ଯିବା ରାସ୍ତାରେ ତାଲିବାନ ବନ୍ଧୁକଧାରୀମାନେ ଗୁଳି କରି ହତ୍ୟା କରିଛନ୍ତି । ସେ କାନ୍ଧାହାରରେ ଅତି ଜନପ୍ରିୟ ଥିଲେ । ପାକିସ୍ତାନରେ ଝିଅମାନଙ୍କ ଶିକ୍ଷା ପ୍ରସାର ପାଇଁ ଆହ୍ୱାନ ଦେଉଥିବା ସ୍କୁଲ ଛାତ୍ରୀ, ମାଲାଲା ୟୁସୁଫ୍‌ଜାଇ (୧୫)ର ମୁଣ୍ଡରେ ୨୦୧୨ ଅକ୍‌ଟୋବର ୯ରେ ତାଲିବାନ୍‌ମାନଙ୍କ ଗୁଳି ବାଜିଥିଲା; ସାରା ବିଶ୍ୱ ଗୁଳିବିଦ୍ଧ ହେଲା ପରି ମନେହେଲା । ଧର୍ମାନ୍ଧ ଇସ୍‌ଲାମିଷ୍ଟମାନେ ନାରୀମାନଙ୍କୁ ଏକ ଗୃହ ସାମଗ୍ରୀ ଭାବେ ଦେଖନ୍ତି । ତେଣୁ ଶିକ୍ଷା ଦେଇ ନାରୀମାନଙ୍କୁ ପୁରୁଷମାନଙ୍କ ସାଙ୍ଗରେ ସମାନ କରିବାର ପ୍ରୟାସକୁ ସେମାନେ ବା କିପରି ସମ୍ଭାଳନ୍ତେ ! ହିନ୍ଦୁମାନଙ୍କ ମନୁ ସଂହିତାରେ ନାରୀ ମାନଙ୍କ ପ୍ରତି ପାତର ଅନ୍ତର ତ ଉଣାଅଧିକେ ସମସ୍ତଙ୍କୁ ଜଣା ।

କୌଣସି ଧର୍ମ ଏକବାର ନୂଆ ହୋଇ ଜନ୍ମ ନିଏ ନାହିଁ । ଉପସ୍ଥିତ ଜନତା ଏତେ ବେଶି ଭାବରେ ପ୍ରତିଷ୍ଠିତ ଧାରଣାର ବଶବର୍ତ୍ତୀ ହୋଇଥାଆନ୍ତି ଯେ କୌଣସି ଧର୍ମର ସଂସ୍ଥାପକ ସମ୍ପୂର୍ଣ୍ଣ ନୂଆ ରୂପରେ ଧର୍ମ ପ୍ରଚାର କରି ସଫଳ ହେବେ ନାହିଁ । ଏହି କାରଣରୁ ଖ୍ରିଷ୍ଟିଆନ୍ ମିସନାରୀମାନେ ଯୁଆଡେ ଗଲେ ସେଠାକାର ରୀତି ନୀତି ଅନୁଯାୟୀ ଖ୍ରିଷ୍ଟିଆନ ଧରଣାକୁ ଜନତା ସମ୍ମୁଖରେ ଥୋଇଲେ । ତାଙ୍କ ଧର୍ମର ଚିତ୍ରଗୁଡିକରେ ସ୍ଥାନୀୟ ରଙ୍ଗ ଦିଆ ହେଲେ ମଧ୍ୟ ଖ୍ରୀଷ୍ଟଧର୍ମୀମାନେ ଆପତ୍ତି କରିନାହାନ୍ତି – ଯଥା, ଯୀଶୁଙ୍କ ମା ମେରୀ ଭାରତରେ ସିନ୍ଦୂର ଥୋପା ଦିଆ ନାରୀ ହୋଇପାରିବେ । ମହମ୍ମଦଙ୍କ ବାଣୀରେ ତ ସମୟର ପ୍ରଭାବ ମିଳେ । ଅନ୍ୟ ଧର୍ମର ଲୋକଙ୍କୁ କାଫେର କହୁଥିବା ଓ ଆଲ୍ଲାଙ୍କ ଦୁନିଆରେ ସେମାନଙ୍କର ସ୍ଥାନ ନାହିଁ ବୋଲି ପ୍ରଚାର କରୁଥିବା ମୁସଲମାନମାନେ ଜାଣନ୍ତି – କୋରାନ୍‌ର ସୁରା ୨.୨୫୬ ରେ ଲେଖାଅଛି ଧର୍ମରେ କୌଣସି ବାଧ୍ୟବାଧକତା ନାହିଁ । ମହମ୍ମଦ ଯେଉଁ ସମୟରେ ଲୋକଶକ୍ତି ସଂଗ୍ରହରେ ଲାଗିଥିଲେ ଏବଂ ସର୍ବଦା ଆକ୍ରମଣର ଆଶଙ୍କା କରୁଥିଲେ ସେତେବେଳେ ଏହି



୨୦୦୫ ଖ୍ରୀଷ୍ଟମାସ ଉପଲକ୍ଷେ ବିଲାତ ସରକାରଙ୍କ ରୟାଲ ମେଲ ଭାରତକୁ ଆସୁଥିବା ଡାକରେ ବ୍ୟବହାର ପାଇଁ ସେତେବେଳ ମାସୁଲ ୬୮ ପେନି ମୂଲ୍ୟର ଗୋଟିଏ ଟିକଟ ଜାରି କରିଥିଲେ –ସେଥିରେ ଶିଶୁ ଯୀଶୁଙ୍କୁ ଆଦର କରୁଥିବା ଜଣେ ସ୍ତ୍ରୀ ଓ ଜଣେ ପୁରୁଷର ମଥାରେ ସିନ୍ଦୁର ଅଛି । ଏହା ୧୭ଶ ଶତାବ୍ଦୀର ଏକ ମୋଗଲ ପେଣ୍ଟିଂରୁ ନିଆଯାଇଛି ।

ସୁରାଟି ଲେଖା ହୋଇଥିଲା । ମୁସଲିମ ବିଦ୍ୱାନମାନେ ଏହାର ରଚନା କାଳକୁ ମହମ୍ମଦଙ୍କ ପ୍ରାକ୍-ପ୍ରୋଫେଟ ସମୟର ୨୪ତମ ବର୍ଷ ପାଖାପାଖି ବୋଲି କହନ୍ତି । ଖ୍ରୀଷ୍ଟାବ୍ଦ ୬୨୪ ବା ୬୨୫ ମହମ୍ମଦଙ୍କର ଜୀବନର ମଧ୍ୟ କାଳ । ସେତେବେଳେ ସେ ମେଦିନାରେ ଥିଲେ, ମାତ୍ର ଗୋଟିଏ ରାଜ୍ୟ ଉପରେ କର୍ତ୍ତୃତ୍ୱ ବିସ୍ତାର କରିପାରିଥିଲେ । ଅଧିକ ଅଞ୍ଚଳରେ ଧର୍ମ ପ୍ରଚାର ପାଇଁ ବିରୋଧକୁ ଏଡାଇବା ଲାଗି ସେ କହିଥିଲେ ତାଙ୍କ ବାଣୀ ଗ୍ରହଣ କରିବାକୁ କାହାରିକୁ ସେ ବାଧ୍ୟ କରୁନାହାନ୍ତି । (ସୁରା ୨.୨୫୬) । ଯେଉଁ ମୁସଲମାନମାନେ ଡାନିସ୍ କାର୍ଟୁନ ପ୍ରକାଶନ ବିରୁଦ୍ଧରେ ପ୍ରଦର୍ଶନ କରିଥିଲେ ସେମାନେ ଫ୍ରିଡମ୍ ଅଫ୍ ଏକ୍ସପ୍ରେସନ୍, ସେମାନଙ୍କ ମତ ଜାହିର କରିବାର ସ୍ୱାଧୀନତା, ଦାବି କରନ୍ତି, କିନ୍ତୁ ଅନ୍ୟ ଧର୍ମାବଲମ୍ବୀମାନେ ସ୍ୱାଧୀନ ମତ ଦିଅନ୍ତୁ, ଚାହାନ୍ତି ନାହିଁ । ମୋ ସ୍ୱାଧୀନତା ହିଁ ସ୍ୱାଧୀନତା, ତୁମ ସ୍ୱାଧୀନତା ସ୍ୱାଧୀନତା ନୁହେଁ – ଏହା ଇସଲାମୀ ମୌଳବାଦୀ ନୁହେଁ ସବୁ ଧର୍ମର ମୌଳବାଦୀମାନେ ଜାହିର କରନ୍ତି, ତେଣୁ ଅନ୍ୟମାନଙ୍କ ମତ ପ୍ରତି ସେମାନେ ଅସହିଷ୍ଣୁ ।

ଧର୍ମ ଅନୁରକ୍ତି ନିକଟରେ ଦେଶ ପ୍ରେମ ଗୌଣ । ଦେଶ ବଡ ନୁହେଁ କହିବା ଲୋକ ନାଗରିକତା ବିରୋଧୀ । ଇସଲାମ ଧର୍ମ କୌଣସି ରାଷ୍ଟ୍ରର ରାଷ୍ଟ୍ରୀୟ ସଂଗୀତକୁ ସମ୍ମାନ ଦିଏ ନାହିଁ, ମାତୃଭୂମି ବା ଜନ୍ମଭୂମି ପ୍ରତି ଅନୁରକ୍ତି ଦେଖାଏ ନାହିଁ, କୋରାନର ବାଣୀ ସହ ଅମେଳ ହେଉ ଥିବା ଆଇନକୁ ମାନେ ନାହିଁ । ହାଇଦ୍ରାବାଦରେ ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ତସ୍ଲିମା ନସ୍‌ରିନ୍‌ଙ୍କୁ ମାରପିଟ କରିଥିବା ଆନ୍ଧ୍ରପ୍ରଦେଶର ସରକାରକୁ ସମର୍ଥନ ଦେଉଥିବା ଏମ୍‌ଆଇଏମ୍ (ମଜ୍ଲିସ୍ ଇତ୍ତେହାଦୁଲ ମୁସ୍ଲିମୀନ) ଦଳର କେତେଜଣ ବିଧାୟକ କହିଲେ ଯେ ସେମାନେ ଆଗେ ମୁସ୍ଲିମ୍, ପରେ ଭାରତୀୟ । ଭାରତୀୟ ସମ୍ବିଧାନ ତାଙ୍କ ପାଇଁ କୋରାନଠାରୁ ନୀଚ । ନିୟୁୟର୍କ ଟରଣ୍ଟୋ ରେଳପଥରେ ପାସେଞ୍ଜର ଟ୍ରେନରେ ସନ୍ତ୍ରାସବାଦ ଷଡଯନ୍ତ୍ରରେ ଅଭିଯୁକ୍ତ ଦୁଇଜଣରୁ ଜଣେ, ମଣ୍ଟ୍ରିଲ ବାସୀ, ଚିହେବ ଏସେଘେଇର (୩୦) କାନାଡାର ଓଲ୍ଡ ସିଟି ହଲ କୋର୍ଟର କାଠଗଡାରେ ଥାଇ କହିଲା*, କାନାଡା କ୍ରିମିନାଲ କୋଡ୍ ପବିତ୍ର ପୁସ୍ତକ ନୁହେଁ (not holy book) ଯେ ସେ ତାକୁ ମାନିବ । କିଛିଦିନ ତଳେ ପିଉ ଗ୍ଲୋବାଲ ଆଟିଚ୍ୟୁଡ୍ ପ୍ରଜେକ୍ଟ (Pew Global Attitudes Project) ୧୩ଟି ଦେଶରେ ମୁସ୍ଲିମ୍‌ମାନଙ୍କ ମତିଗତି ସମ୍ପର୍କରେ ସର୍ଭେ କରି ରିପୋର୍ଟରେ ଜଣାଇଥିଲେ ଯେ ବ୍ରିଟେନରେ ସର୍ଭେଭୁକ୍ତ ଲୋକଙ୍କ ଭିତରୁ ୮୧% ନିଜକୁ ପ୍ରଥମେ ମୁସ୍ଲିମ୍ ଓ ପରେ ବିଲାତୀ ଭାବନ୍ତି, ସ୍ପେନରେ ସର୍ଭେ

* ୨୫ ଅପ୍ରିଲ ୨୦୧୩ ଗୁରୁବାର – ପିଟିଆଇ, ଟରୋଣ୍ଟୋ

କରାହୋଇଥିବା ଲୋକଙ୍କ ଭିତରୁ ଶତକଡା ୬୯ ପ୍ରଥମେ ମୁସ୍ଲିମ୍ ଓ ପରେ ଷ୍ପାନିଆର୍ଡ ମନେ କରନ୍ତି । ଜର୍ମାନୀରେ ଏହା ଶତକଡା ୬୬ । ଏପରିକି ମୁସ୍ଲିମ ଦେଶ ଜୋର୍ଡାନରେ ଶତକଡା ୬୭ ନିଜକୁ ପ୍ରଥମେ ମୁସ୍ଲିମ ଓ ପରେ ଜୋର୍ଡାନିଆନ୍ ମନେ କରନ୍ତି । ପାକିସ୍ଥାନରେ ସେଇୟା, ପ୍ରଥମେ ଓସାମା ବିନ୍ ଲାଦେନ ଭଳି ଧର୍ମବଖାଣକାରୀମାନଙ୍କ ଫତୁଆ, ଦ୍ୱିତୀୟରେ ଦେଶର ସମ୍ବିଧାନ । ସାରିୟତ୍ ଆଇନ ସମ୍ବିଧାନ ଠାରୁ ଉଚ୍ଚରେ । ତେଣୁ ୟୁରୋପରେ ରକ୍ଷଣଶୀଳ ଖ୍ରୀଷ୍ଟିଆନ୍ ମାନେ ମୁସଲମାନମାନଙ୍କ ନାଗରିକତା ଉପରେ ସନ୍ଦେହ କରନ୍ତି । ଭାରତ ବା ଦକ୍ଷିଣ ଏସିଆରେ ମୁସଲମାନଙ୍କ ଉପରେ ସର୍ଭେ କରାଗଲେ ସେହିପରି ତଥ୍ୟ ମିଳିବ । ଜଣେ ମୁସଲମାନ ଅପରାଧୀ ଗିରଫ ହେଲେ ତାକୁ ଧର୍ମ ବିରୁଦ୍ଧରେ ଏକ ଷଡଯନ୍ତ୍ର ବୋଲି ମୁସଲମାନମାନେ ଧରିନେଉଛନ୍ତି । କୋରାନର କୌଣସି ଉକ୍ତି ବିରୁଦ୍ଧରେ ବା ପ୍ରଫେଟଙ୍କ ବିଷୟରେ କେହି କହିଲେ ବା ଲେଖିଲେ ତାକୁ ହତ୍ୟା ପାଇଁ କେତେକ ମୁସଲମାନ ଖୋଲାଖୋଲି ପୁରସ୍କାର ଘୋଷଣା କରୁଛନ୍ତି, ସୁପାରୀ ହତ୍ୟାଠାରୁ ଏ ଅପରାଧ କେଉଁ ଗୁଣରେ ଲଘୁତର କି?

ବିଭିନ୍ନ ଧର୍ମର ଲୋକଙ୍କୁ ମିଶାଇ ନେବାରେ ବା ସେମାନଙ୍କ ଭିତରେ ନାଗରିକର ପ୍ରାଥମିକତା ଆଣିବାରେ ବହୁତ କମ ଦେଶ ସଫଳ ହୋଇଛନ୍ତି । ଆମେରିକା ଏହାର ଗୋଟିଏ ସମାଧାନ କରିଛି, ସେଠି ଭିନ୍ନ ସମ୍ପ୍ରଦାୟକୁ ଭିନ୍ନ ଭିନ୍ନ ନାମ ଦିଆଯାଇଛି, ସେମାନେ ସ୍ୱାତନ୍ତ୍ର୍ୟ ରକ୍ଷା କରିବେ, ତଥାପି ମାର୍କିନ ନାଗରିକ ହେବେ । ଯଥା, ଆଇରିସ ଆମେରିକାନ୍, ପର୍ତ୍ତୁଗୀଜ ଆମେରିକାନ, ଆଫ୍ରିକାନ ଆମେରିକାନ, ଇଣ୍ଡିଆନ ଆମେରିକାନ, ପାକିସ୍ତାନୀ ଆମେରିକାନ । ବିଲାତରେ ସବୁ ଧର୍ମର ଲୋକଙ୍କୁ ବିଲାତର ନାଗରିକ କରି ରଖିବାର ଚେଷ୍ଟା ମୂଳରୁ ଅଛି, କିନ୍ତୁ ମୁସଲମାନମାନେ ଏକ ପ୍ରକାରର ବ୍ୟତିକ୍ରମ ହୋଇପଡିଛନ୍ତି । ପ୍ରଥମ ପିଢିର ଆଗନ୍ତୁକ ମାନେ ପାକିସ୍ତାନର ମଫସଲରୁ ଆସିଥିବାରୁ ଭଲ ଇଂରାଜୀ କହି ପାରୁନଥିଲେ । ତେଣୁ ସେମାନେ ମିଶି ପାରୁନଥିଲେ । ୧୯୬୦ ଦଶକରେ ବିଲାତରେ ବୟନଶିଳ୍ପରେ କାମକରିବାକୁ ଯାଇଥିବା ପାକିସ୍ତାନୀ ଲୋକଙ୍କର ପିଲାଏ ବିଲାତୀ ସମାଜରେ ଖାପଛଡା ହୋଇପଡିଛନ୍ତି । ବିଲାତରେ ଜନ୍ମ ଓ ଶିକ୍ଷା ହାସଲ କରିଥିବା ଏହି ପିଲାଏ ପାଶ୍ଚାତ୍ୟ ସଭ୍ୟତାରେ ବଢିଛନ୍ତି, କିନ୍ତୁ ବାରମ୍ବାର ପୂର୍ବଜମାନଙ୍କ ଗାଁକୁ ବୁଲିଆସୁଥିବାରୁ, ବାପା ମାଆଙ୍କ ଆୟୋଜିତ ବିବାହରେ କେଉଁ ଏକ ଛୋଟ ପାକିସ୍ଥାନୀ ଗାଁର ଝିଅ ସହ ବନ୍ଧନ ହେଉଥିବାରୁ, ସେମାନେ ଦ୍ୱନ୍ଦ୍ୱରେ ପଡୁଛନ୍ତି । ସେମାନେ ଖେଚେଡି; ଗୋଟିଏ ଆଡେ ବାପାମାଆଙ୍କର ପରମ୍ପରା, ଅନ୍ୟ ଆଡେ ଜନ୍ମରୁ ବଢିଥିବା ପାଷ୍ଚାତ୍ୟ ଧାରଣା । ସେମାନେ ଦେଶର ମୁଖ୍ୟ ସ୍ରୋତଠାରୁ ଦୂରରେ ରହିଯାଇଛନ୍ତି; ମାଞ୍ଚେଷ୍ଟର ବା ବର୍ମିଂହାମ ଭଳି ସହରର କଳକାରଖାନାରେ କାମ ନ ପାଇ

ଯୁବକମାନେ ସ୍ଥାନୀୟ ମସଜିଦରେ ସମୟ କଟାଉଛନ୍ତି । ଏ ମସଜିଦ୍ ଗୁଡିକୁ ଚଳାଉଛନ୍ତି ପାକିସ୍ତାନର ମଫସଲରୁ ଆସିଥିବା ଇମାମ ମାନେ । ଏ ଇମାମମାନେ ପାରମ୍ପରିକ ଧର୍ମବିଶ୍ୱାସ ପ୍ରଚାର କରନ୍ତି; ତେଣୁ ଅନ୍ୟଧର୍ମ ପ୍ରତି ଘୃଣା ପ୍ରଚାର କରନ୍ତି । ବିଲାତୀ ସହରୀ ଜୀବନରେ ମୁସଲମାନ ଯୁବକମାନେ ପୃଥିବୀର ଅନ୍ୟତ୍ର ମୁସଲମାନ ଯୁବକ ତୁଳନାରେ ବେଶି ଉଚ୍ଛୃଙ୍ଖଳ - ଦ୍ରୁତତର ଓ ଅଧିକତର ମଦ୍ୟ ପାନ, ବେଶି ସମୟ ନିଦ୍ରା, ପିତାମାତାଙ୍କ ସହ କମ୍ ସମୟ ରହିବା, କମ୍ ପୂଜାପୂଜି କରିବା । ଏ ପ୍ରକାରର ଧର୍ମହୀନ, ବିଳାସୀ, ପଶୁତୁଲ୍ୟ ଜୀବନ ବିରୁଦ୍ଧରେ ବେକାର ମୁସଲିମ ଯୁବକମାନଙ୍କୁ ଉସୁକାଯାଉଛି । ମସଜିଦ୍ ସେମାନଙ୍କ ପାଇଁ କେବଳ ଅବସର କଟାଇବାର ସ୍ଥାନ ହୁଏ ନାହିଁ; ହୁଏ ସାମାଜିକ, ଧାର୍ମିକ ଓ ଶିକ୍ଷା କେନ୍ଦ୍ର । ସେମାନେ ବିଲାତର ନାଗରିକ ଭଳି ବାକ୍ ସ୍ୱାଧୀନତା ବା ଧାର୍ମିକ ଅଧିକାର ପାଇଛନ୍ତି । ସେମାନେ ଜନ୍ମଭୂମିରେ ଯାହା କରି ପାରୁନଥିଲେ ତାହା ବିଲାତରେ କରିପାରୁଛନ୍ତି । ଇଂଲଣ୍ଡ ଟିମ୍‌ରେ ପାକିସ୍ଥାନୀଟିଏ ଖେଳିଲେ ତାକୁ ଦେଶଦ୍ରୋହୀ କହୁଛନ୍ତି । ମୁସଲିମ୍ ଯୁବକ ବୋମା ପକାଇ ବିଲାତର କ୍ଷତି କଲେ ତାହା ବିଲାତର ମୁସଲମାନ ବିରୋଧୀ କାର୍ଯ୍ୟକଳାପର ପରିଣାମ ବା ପ୍ରତିଶୋଧ ବୋଲି ମୁସଲିମ୍ ସମାଜର ନେତାଏ ସଫେଇ ଦିଅନ୍ତି । ମୁସଲିମ ଯୁବକମାନେ ଅନ୍ୟ ଧର୍ମର ଲୋକଙ୍କ ସହ ମିଶୁନାହାନ୍ତି, ସାଙ୍ଗ ହୋଇ କାମ କରିବାକୁ ଚାହୁଁ ନାହାନ୍ତି । ଧର୍ମର ସଂକୀର୍ଣ୍ଣତା ହେଉଛି ବ୍ୟବସାୟ, ବାଣିଜ୍ୟ, ଇନ୍‌ଫର୍ମେସନ୍ ଟେକ୍ନୋଲଜି କାରବାରରେ ଜଗତୀକରଣର ବିରୋଧୀ।

ବିଲାତ ଠାରୁ ହିଂସ୍ରତର ଘଟଣା ଭାରତରେ ଘଟୁଛି । ଅତୀତରେ ବିଦେଶୀ ସନ୍ତ୍ରାସବାଦୀଙ୍କୁ ଭାରତୀୟ ସମର୍ଥକମାନେ ଯାହା ସହାୟତା କରୁଥିଲେ ତାହା ନିରୀହ ଥିଲା, ଯଥା ଆଶ୍ରୟ ଓ ଖାଦ୍ୟ । ନିଜେ ମାରାତ୍ମକ କାମ କରୁ ନଥିଲେ, କିନ୍ତୁ ମାରାତ୍ମକ କାମରେ ସାହାଯ୍ୟ କରୁଛନ୍ତି ବୋଲି ସେମାନେ ଜାଣିଥିଲେ । ଏକ ବୃହତ୍ତମ ଧର୍ମ-ନିରେପକ୍ଷ ଗଣତନ୍ତ୍ର ଭାବରେ ଭାରତ ବିଭିନ୍ନ ସମ୍ପ୍ରଦାୟ ଓ ବିଭିନ୍ନ ଧର୍ମକୁ ଏକାଠି ରଖିବାରେ ସମର୍ଥ ହେଉଛି, ତାହା ଅଳ୍ପ କେତେକ ଚରମପନ୍ଥୀ ଭାରତୀୟ ମୁସଲିମକୁ ଭଲ ଲାଗେ ନାହିଁ । ସେମାନେ ସିଧାସଳଖ ବୋମା ବିସ୍ଫୋରଣରେ ଭାଗ ନେଉଛନ୍ତି । ୧୮୩ ଜଣ ଲୋକ ନିହତ ହୋଇଥିବା ୧୯୯୩ ଜୁଲାଇ ୧୧ର ମୁମ୍ବାଇ ବୋମା ବିସ୍ଫୋରଣ ପାଇଁ ମୁଷ୍ଟିମେୟ ସନ୍ତ୍ରାସବାଦୀ ପାକିସ୍ତାନରେ ଥିବା କେତେକ ସନ୍ତ୍ରାସବାଦୀଙ୍କ ଠାରୁ ପଇସା ଓ ନିର୍ଦ୍ଦେଶ ପାଇଥିଲେ ହେଁ ହିଂସାକାଣ୍ଡରେ ଗିରଫ ହୋଇଥିବା ଲୋକମାନେ ହେଉଛନ୍ତି ଭାରତୀୟ: ମୁମ୍ବାଇର, ପୁଣି ଶିକ୍ଷିତ, ମୁସଲମାନ । ପ୍ରତି ବର୍ଷ ପାକିସ୍ତାନରେ ଓ ପାକିସ୍ତାନ ନିୟନ୍ତ୍ରିତ କାଶ୍ମୀରରେ ତାଲିମ ପାଇଁ ଯେତେ ଭାରତୀୟ ଯାଆନ୍ତି ସେମାନଙ୍କ ସଂଖ୍ୟା ୫୦ରୁ ଅଧିକ ନୁହେଁ । ତେଣୁ ଭାରତର ଅଭ୍ୟନ୍ତରରେ ଖୋଜାଖୋଜି

କରି କିଏ ସନ୍ତ୍ରାସବାଦୀ ହୋଇପାରିବ ସେମାନଙ୍କୁ ଠାବ କରି ତାଲିମ ଦିଆ ଯାଉଛି; ଅଧିକାଂଶ ଗିରଫ ଲୋକ ଦିନେ ନା ଦିନେ ଷ୍ଟୁଡେଣ୍ଟସ୍ ଇସଲାମିକ ମୁଭମେଣ୍ଟ ଅଫ ଇଣ୍ଡିଆ (ସିମି)ର ସଭ୍ୟ ଥିଲେ ।

ସେମାନେ ମୁସ୍‌ଲିମ୍ ଓ ଏକା ଧର୍ମର ଲୋକ ହେଲେ ହେଁ, ଉଦାରପନ୍ଥୀଙ୍କୁ ମୌଳବାଦୀ ମାନେ ସହ୍ୟ କରୁନାହାନ୍ତି । ଏପରିକି ଇସଲାମ ଧର୍ମର ଲୋକଙ୍କୁ ସାହାଯ୍ୟ କରୁଥିବା ଦେଶ ବା ବ୍ୟକ୍ତି ଉପରେ ଆକ୍ରମଣ କରୁଛନ୍ତି । ବସ୍‌ନିୟା ଓ କାସୋରୋଭରେ ହଜାର ହଜାର ମୁସଲମାନଙ୍କୁ ରକ୍ଷା କରିବା ପାଇଁ ଯେଉଁ ଆମେରିକା ସେଠାକୁ ସୈନ୍ୟ ପଠାଇଥିଲା, ସେହି ଆମେରିକାର ୱାଲଡ୍‌ଟ୍ରେଡ୍ ସେଣ୍ଟର ଉପରେ ସନ୍ତ୍ରାସବାଦୀ ଆକ୍ରମଣ ହେଲା । ଆମେରିକାର ଇରାକ୍ ଆକ୍ରମଣ ଓ ସେଠାରେ ଯୁଦ୍ଧ ବିରୁଦ୍ଧରେ ସ୍ୱର ଉଠାଇଥିବା ଫ୍ରାନ୍‌ସର ଦୁଇଟି ସାମ୍ବାଦିକଙ୍କୁ ଇରାକର ଇସଲାମିଷ୍ଟ ମାନେ ଅପହରଣ କରିଥିଲେ । ଇରାକରେ ଯେଉଁମାନେ ଉତ୍ପୀଡିତ ହେଉଛନ୍ତି ସେମାନଙ୍କୁ ମାନବିକ ସାହାଯ୍ୟ ଦେଉଥିବା ବିଖ୍ୟାତ ରିଲିଫ ଏଜେନ୍‌ସିର ମୁଖ୍ୟ ମାର୍ଗାରେଟ୍ ହାସନଙ୍କୁ ଇରାକୀମାନ ହତ୍ୟା କଲେ । ସୁଦାନରେ ଆରବ ସନ୍ତ୍ରାସବାଦୀମାନେ କୃଷ୍ଣକାୟ ମୁସଲମାନଙ୍କୁ ଅନାହାରରେ ରଖୁଛନ୍ତି ଓ ଧର୍ଷଣ କରୁଛନ୍ତି, କ୍ରୀତଦାସ କରି ରଖୁଛନ୍ତି ଓ ହତ୍ୟା କରୁଛନ୍ତି । ପାକିସ୍ତାନରେ ସିଆ ମାନଙ୍କୁ ସୁନ୍ନୀ ମାନେ ପ୍ରତିଦିନ ହତ୍ୟା କରୁଛନ୍ତି । ଉତ୍ତର ଇସ୍ରାଏଲରେ ହେଜବୁଲ୍ଲାଙ୍କର ରକେଟରେ କେବଳ ଇହୁଦୀ ମରୁନାହାନ୍ତି, ଆରବ ମୁସଲମାନ ମଧ୍ୟ ମରୁଛନ୍ତି । ଗଣତନ୍ତ୍ର ଆଣିବାକୁ ଚାହୁଁଥିବା ମୁସଲମାନ ମାନଙ୍କୁ ଇଜିପ୍ଟର ରାଷ୍ଟ୍ରପତି ହୁସେନ ମୁବାରକ ପୁଲିସ ଲଗାଇ ହତ୍ୟା କରିଥିଲେ ହେଁ ମୁସଲମାନମାନେ ତାଙ୍କୁ ଧର୍ମଦ୍ରୋହୀ ବୋଲି କହୁନଥିଲେ । ପାକିସ୍ତାନର ବେଲୁଚିସ୍ତାନରେ ବିଦ୍ରୋହୀମାନେ ମୁସଲମାନ ମାନଙ୍କୁ ମାରୁଛନ୍ତି । ଗୋଟିଏ ଧର୍ମରୁ ଜନ୍ମ ବିଭିନ୍ନ ଗୋଷ୍ଠୀରେ ମଧ୍ୟ ଅସହିଷ୍ଣୁତା ବଢୁଛି, ଶିଷ୍ୟମାନେ ବିଭାଜିତ ହୋଇ ଏମିତି ଭ୍ରାତୃସଂହାରରେ ଲାଗ ବୋଲି କଣ ପ୍ରଫେଟଙ୍କ ବାଣୀ ଥିଲା ? ଗୋଟିଏ ସନାତନ ଧର୍ମର ଅନୁଗାମୀ ହୋଇ ଉଚ୍ଚ ଓ ନୀଚ ଜାତି ଭେଦରେ ହଣାକଟା ହୁଅ ବୋଲି କେଉଁ ହିନ୍ଦୁ ଧର୍ମ ସଂସ୍ଥାପନକାରୀ ବାଣୀ ଶୁଣାଇଛନ୍ତି? ଏ ସବୁ ଭେଦଭାବ ମଣିଷ ତିଆରି କରିଛି । ଆଶ୍ଚର୍ଯ୍ୟର କଥା - ଧର୍ମର ରୀତିନୀତି ଓ ପ୍ରଚାରରେ ଅସହିଷ୍ଣୁତା ନିହିତ ଅଛି!

****

# ଆତ୍ମା ଏକ ଧାରଣା ମାତ୍ର

ନିୟୁୟର୍କ, ଲଣ୍ଡନ, ମାଡ୍ରିଡ୍, ମିଲାନ ବା ଦିଲ୍ଲୀର ଜନଗହଳି ସ୍ଥାନରେ ନିରୀହ ଜନତାଙ୍କୁ ଯେଉଁ ଇସଲାମୀ ଯୁବକମାନେ ହତ୍ୟା କରିଛନ୍ତି ସେମାନଙ୍କଠାରୁ ମିଳିଥିବା ପ୍ରଚାରପତ୍ରରୁ ଜଣାଯାଏ ଯେ ସେମାନେ ଏଭଳି କାମ କରିବା ଲାଗି ମୌଳବାଦୀଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇଛନ୍ତି । ସେମାନେ ଶିକ୍ଷା ପାଇଥାନ୍ତି ଯେ କେବଳ ମୁସଲମାନ ହିଁ ପୃଥିବୀରେ ରହିବେ, କାରଣ ମୁସଲମାନମାନେ ହିଁ ଆଲ୍ଲାଙ୍କ ପ୍ରିୟ; ପୃଥିବୀରେ ଆଲ୍ଲାଙ୍କ ରାଜ୍ୟ ପ୍ରତିଷ୍ଠା କରିବାକୁ ହେବ । ଅଣଇସଲାମୀ ମଣିଷମାନେ ତିଷ୍ଠିବା କଥା ନୁହେଁ, ସେମାନଙ୍କ ମୂଳପୋଛ କଲେ ଆଲ୍ଲାଙ୍କ ଇଚ୍ଛା ପୂରଣ ହେବ; ଆଲ୍ଲାଙ୍କ ଇଚ୍ଛା ପୂରଣ କଲେ ତୁମେ ସିଧାସଳଖ ସ୍ୱର୍ଗକୁ ଚାଲିଯିବ । ସେପ୍‌ଟେମ୍ବର ୧୧ର* ନିୟୁୟର୍କର ବିଶ୍ୱ ବାଣିଜ୍ୟ ଅଟ୍ଟାଳିକା ଧ୍ୱଂସ କରିଥିବା ଆତତାୟୀମାନେ ବିମାନ ଅପହରଣ କଲାବେଳେ ଆଲ୍ଲାଙ୍କୁ ପ୍ରାର୍ଥନା କରିଥିଲେ ଏବଂ ଆଲ୍ଲା ତାଙ୍କ ପ୍ରିୟ କାର୍ଯ୍ୟ ସମ୍ପାଦନରେ ସହାୟତା କରୁଥିବାରୁ କୃତଜ୍ଞତା ଅର୍ପଣ କରିଥିଲେ । ଯାତ୍ରୀବାହୀ ବିମାନକୁ ଲକ୍ଷ୍ୟଭେଦୀ ବୋମା ଭଳି ବ୍ୟବହାର କରିବାର ଜ୍ଞାନ ଆଲ୍ଲାଙ୍କଠାରୁ ଆସିଥିବ; ଟେକ୍ନୋଲଜିରୁ ଆସିଛି ବୋଲି ଧାରଣା ବି ଦିଆଯାଇନଥିବ । ଖବରରୁ ପ୍ରକାଶ – ମୌଳବାଦୀ ଶିକ୍ଷକମାନେ ସେମାନଙ୍କୁ ବୁଝାଇଛନ୍ତି ଯେ ଆମେରିକାର ବାଣିଜ୍ୟ କେନ୍ଦ୍ର ଧ୍ୱଂସ କରିବା ଚେଷ୍ଟାରେ ମୃତ୍ୟୁ ବରଣ କଲେ ସେମାନେ ସ୍ୱର୍ଗରେ ପହଞ୍ଚିଯିବେ ଓ ସେଠାରେ ସେମାନଙ୍କ ପାଇଁ ଅପେକ୍ଷା କରି ରହିଥିବା ସୁନ୍ଦରୀ ତରୁଣୀମାନେ ସେମାନଙ୍କର ହୋଇଯିବେ । କି ଗୋଲାପୀ ଛବି ସେମାନଙ୍କ ଆଖି ଆଗରେ ମୌଳବାଦୀମାନେ ଆଙ୍କି ନଥିବେ !

ସବୁ ଧର୍ମରେ ନୀତି ମାନିବା ଲାଗି ପୁରସ୍କାର ଓ ନ ମାନିଲେ ଦଣ୍ଡ ବ୍ୟବସ୍ଥା ଅଛି । ପୁରସ୍କାର ହେଲା ସ୍ୱର୍ଗଲାଭ ଓ ଦଣ୍ଡ ହେଲା ନର୍କଗତି । ସ୍ୱର୍ଗ ହେଉ କି ନର୍କ, ମୃତ୍ୟୁ ପରେ ହିଁ ଯିବ । ଶରୀର ଯିବ ନାହିଁ । ଆତ୍ମା ଯିବ । ଅର୍ଥାତ୍ ତାର ଆତ୍ମା ମରେ ନାହିଁ । ଇସଲାମରେ ଆଲ୍ଲା ସବୁ କାମ ପାଇଁ ଦାୟିତ୍ୱ ନିଅନ୍ତି । ଗୀତାରେ ଭଗବାନ ସକଳ କର୍ମର କାରଣ ବୋଲି କହିଛନ୍ତି, 'କିଛି କରିବା ଏପରିକି ଖାଇବା ପୂର୍ବରୁ ମୋତେ ସ୍ମରଣ କର, ଅର୍ପଣ କର, ତୁମର

*ନାଇନ୍ ଇଲେଭେନ୍, ୨୦୦୧ ସେପ୍‌ଟେମ୍ବର ୧୧, ମଙ୍ଗଳବାର

କିଛି ଅନିଷ୍ଟ ହେବ ନାହିଁ'*। ଆଲ୍ଲା-ବିଶ୍ୱାସୀ ଧର୍ମଗୁରୁମାନେ କେବେ ନିଜକୁ ପଚାରନ୍ତି ନାହିଁ ଯେ କାଲି ଯିଏ ମୁସଲମାନ ନଥିଲା ଓ ସେହି କାରଣରୁ ଆଲ୍ଲାଙ୍କ ଅପ୍ରିୟ ଥିଲା, ସେ ଆଜି ମୁସଲମାନ ହୋଇ କିପରି ଆଲ୍ଲାଙ୍କ ପ୍ରିୟ ହୋଇଗଲା ? ପନ୍ଦର ଷୋହଳ ଶହ ବର୍ଷ ତଳେ ଇସଲାମ ନଥିଲା ତ ଆଲ୍ଲା କେଉଁଠି ଥିଲେ ? କେବଳ ମୁସଲମାନ କାହିଁକି, ହିନ୍ଦୁ, ଖିରସ୍ତାନ, ଶିଖ ଭଳି ଯେ କୌଣସି ଧର୍ମର ଅନୁଗତମାନେ କେବେ ପ୍ରଶ୍ନ କରୁ ନାହାନ୍ତି ଯେ ସମ୍ପୃକ୍ତ ଧର୍ମର ପ୍ରଚାର ଓ ପ୍ରସାର ପୂର୍ବରୁ ସେମାନଙ୍କ କଳ୍ପନାର 'ଇଶ୍ୱର' ଓ 'ସ୍ୱର୍ଗ' ତ ନଥିଲା, ସେତେବେଳର ମଣିଷ ମାନଙ୍କର କଣ ଆତ୍ମା ନ ଥିଲା ? ଆଉ ସେ ଆତ୍ମା ଗୁଡ଼ିକ ଶରୀର ତ୍ୟାଗ କଲା ପରେ କୁଆଡ଼େ ଯାଉଥିଲେ? ଇଶ୍ୱର କଳ୍ପନା ନଥିଲା ବେଳେ ଆତ୍ମାର କଳ୍ପନା ନଥିଲା । ସ୍ୱର୍ଗ, ଇଶ୍ୱର, ଆତ୍ମା, ଧର୍ମ - ଏମିତି ଗୁଡିଏ ଶବ୍ଦ ମଣିଷ ତିଆରି କରିଛି, ତାକୁ ବ୍ୟବହାର କରି ଧର୍ମଗୁରୁ ବା ପୂଜକ ମାନେ ବ୍ୟବସାୟରେ ଲଗାଉଛନ୍ତି । ଅନ୍ୟ ଧର୍ମ ପ୍ରତି ବିଦ୍ୱେଷ ବା ଅସହ୍ୟଭାବ ପ୍ରକଟ କରି, ଗୋଷ୍ଠୀଗତ ଘୃଣାର ଆବହାୱା ତିଆରି କରୁଛନ୍ତି । ନିଜ ଆୟର ଅଭିବୃଦ୍ଧି ପାଇଁ ଏମାନେ ଏବେ ଧର୍ମକୁ ବି ଭାଗ ଭାଗ କଲେଣି, ସୁନ୍ନିକୁ ସିହା ସହ୍ୟ କରୁନାହିଁ, ଶୁଦ୍ରକୁ ଭାଠ କି ବ୍ରାହ୍ମଣ ସହ୍ୟ କରୁନାହିଁ ।

ବିଶ୍ୱରେ ଗୋଟିଏ ଇଶ୍ୱର ଏବଂ ସେ ମୋର ଇଶ୍ୱର, ମୋ ଧର୍ମରେ ବିଶ୍ୱାସ କରୁଥିବା ଲୋକଙ୍କ ଇଶ୍ୱର । ମୋ ଧର୍ମର ଇଶ୍ୱର ଛଡ଼ା ଆଉ ଇଶ୍ୱର ନାହିଁ, ତେଣୁ ତାଙ୍କୁ ବିଶ୍ୱାସ କରୁନଥିବା ଲୋକର ତିଷ୍ଠିବାର ଅଧିକାର ନାହିଁ, ଏ ପ୍ରକାର ଅଦ୍ୱୈତବାଦ (ମନୋଥିଇଜିମ୍) ପୃଥିବୀରେ ଅସହିଷ୍ଣୁତା ଓ ଗଣହତ୍ୟା ବଢ଼ାଉଛି । ଏ ବିଶ୍ୱାସକୁ ବଢ଼ାଇଲେ ରୋଜଗାରର ପନ୍ଥା ମିଳିଯିବ, ଲୋକେ ପରଲୋକରେ ବା କଳ୍ପିତ ସ୍ୱର୍ଗରେ ଭଲ ରହିବା ଲାଗି ଇହଲୋକରେ ଗୁଡ଼ିଏ ଖର୍ଚ୍ଚ କରିବେ; ମନ୍ଦିର, ଗୀର୍ଜା, ମସଜିଦ୍, ଗୁରୁଦ୍ୱାରା ଆଦି କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ (ଏଣ୍ଟରପ୍ରାଇଜ୍)ର ଭିତ୍ତିଭୂମି ହେବ - ଏକଥା ପୂଜକମାନେ ବା ପ୍ରବଚନକାରୀମାନେ ଭଲଭାବେ ଜାଣନ୍ତି । ଆତ୍ମା ଅମର, ପୃଥିବୀରେ ଲର୍ଡ, ଆଲ୍ଲା ବା ଭଗବାନଙ୍କ ପ୍ରିୟ କାମ କଲେ ତୁମେ ମଲା ପରେ ସ୍ୱର୍ଗରେ ସ୍ଥାନ ପାଇବ । କାହିଁକି ବେଶି ଦିନ ଅପେକ୍ଷା କରୁଛ ? ସାଙ୍ଗେ ସାଙ୍ଗେ ତୁମ ଧର୍ମରେ ବିଶ୍ୱାସ ନକରୁଥିବା ଲୋକଙ୍କୁ ହତ୍ୟା କର ବା ହତ୍ୟା କରିବା ଉଦ୍ୟମରେ ମର; ତୁମେ ଆଗରୁ ସ୍ୱର୍ଗକୁ ଯିବ । ଆତ୍ମାର ଏ ପ୍ରକାର ଧାରଣା ଏକ ଗୋଷ୍ଠୀର ଲୋକଙ୍କୁ ଅନ୍ୟ

ଗୋଷ୍ଠୀର ଲୋକଙ୍କ ବିରୋଧୀ କରିଦେଇଛି, ଦୁନିଆଟାକୁ ହିଂସା ଓ ଗଣହତ୍ୟାର କ୍ଷେତ୍ର କରିପକାଇଛି । ନିଜ ଧର୍ମରେ ଅନ୍ୟକୁ ଦୀକ୍ଷିତ କରିବା ଲାଗି ଜବରଦସ୍ତି ବା ଯୁଦ୍ଧକୁ ଇସଲାମୀମାନେ ଜିହାଦ ଓ ଖିରସ୍ତାନୀମାନେ କ୍ରୁଜେଡ କହନ୍ତି । ଖ୍ରୀଷ୍ଟୀୟ ଧର୍ମ ଇସ୍‌ଲାମ ଠାରୁ ବୟସ୍କ ହୋଇଥିବାରୁ କ୍ରୁଜେଡ ଛାଡି ସହନଶୀଳ ହୋଇପଡୁଛି (ବୁଶ୍ ପରା ଅଫଗାନିସ୍ତାନ ଓ ଇରାକ ଯୁଦ୍ଧକୁ କ୍ରୁଜେଡ ବୋଲି ଥରେ କହି ଜିଭ କାମୁଡି ପକାଇଥିଲେ !) । ତୁମେ ଯଦି ଶତ୍ରୁ ବା ଭଗାରିର ଅନିଷ୍ଟ ଚିନ୍ତା କରି ତୁମ ଭଗବାନଙ୍କୁ ପ୍ରାର୍ଥନା କରିପାରିବ, ଶତ୍ରୁ ବା ଭଗାରି ବି ତ ତୁମର ଅନିଷ୍ଟ ଚିନ୍ତା କରି ତାଙ୍କ ଭଗବାନଙ୍କୁ ପ୍ରାର୍ଥନା କରିପାରିବେ – ଏ କଥା ଧର୍ମପ୍ରଚାରକମାନେ କେବେ ବିଚାରକୁ ଆଣନ୍ତି ନାହିଁ ।

****

*ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍ । ୯-୨୮
ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।
ସଂନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ।
ହେ କୌନ୍ତେୟ (ଅର୍ଜୁନ), ଯତ୍ କରୋଷି (ତୁମେ ଯାହାକିଛି କର୍ମ କରୁଅଛ) ଯତ୍ ଅଶ୍ନାସି (ଯାହା କିଛି ଖାଦ୍ୟ ଖାଉଅଛ) ଯତ୍ ଜୁହୋଷି (ଯାହାକିଛି ଦ୍ରବ୍ୟ ହୋମ କରୁଅଛ) ଯତ୍ ଦଦାସି (ଯାହାକିଛି ପଦାର୍ଥ ଦାନ କରୁଅଛ) ଯତ୍ ତପସ୍ୟସି (ଯାହାକିଛି ତପଃ ସାଧନ କରୁଅଛ), ତତ୍ (ତାହା ସମସ୍ତ) ମଦର୍ପଣଂ କୁରୁଷ୍ୱ (ମୋଠାରେ ଅର୍ପଣ କର) ଏବଂ (ଏପରି କଲେ) ଶୁଭାଶୁଭଫଳୈଃ (ଶୁଭକର୍ମ ଏବଂ ଅଶୁଭ କର୍ମର ଫଳ ସ୍ୱରୂପ) କର୍ମବନ୍ଧନୈଃ (କର୍ମବନ୍ଧନମାନଙ୍କରୁ) ମୋକ୍ଷ୍ୟସେ (ମୁକ୍ତିଲାଭ କରିବ) । ବିମୁକ୍ତଃ (କର୍ମବନ୍ଧନରୁ ମୁକ୍ତ ହୋଇ) ସଂନ୍ୟାସଯୋଗଯୁକ୍ତାତ୍ମା (ସଂନ୍ୟାସ ଅର୍ଥାତ୍ ମୋଠାରେ କର୍ମ ସମର୍ପଣରୂପକ ଯୋଗରେ ଆତ୍ମା ଅର୍ଥାତ୍ ଚିତ୍ତ ସଂଯୋଗ କରି) ମାଂ (ମତେ) ଉପୈଷ୍ୟସି (ତୁମେ ପ୍ରାପ୍ତ ହେବ) ।

# ଭଗବାନ କଣ ଜଣେ ଯାଦୁକର

ଯେଉଁମାନେ କହନ୍ତି ଭଗବାନ ଗ୍ରହ ତାରା, ମଣିଷ, ଗଛ ଲତା ଆଦି ତିଆରି କଲେ ସେମାନଙ୍କ ଏ ମତବାଦକୁ କୁହାଯାଏ, ଗ୍ରାଣ୍ଡ ଡିଜାଇନ୍, ସୃଷ୍ଟିତତ୍ତ୍ୱ, ଭଗବାନଙ୍କ ନକ୍ସା, ଇଶ୍ୱରଙ୍କ ଛାଞ୍ଚ । ଏହାର ବିରୋଧ କରୁଥିବା ମତବାଦକୁ କୁହାଯାଏ ବିବର୍ତ୍ତନ । ବିବର୍ତ୍ତନବାଦୀଙ୍କ ମତରେ କାଳକ୍ରମେ ପ୍ରାକୃତିକ ବା ଭୌତିକ ନିୟମ ଅନୁଯାୟୀ ଜୀବ ଅଜୀବ, ସବୁ ଜିନିଷ ବଦଳୁଛି, ସବୁ ଜିନିଷର ବିବର୍ତ୍ତନ ହେଉଛି । ଯୁକ୍ତରାଷ୍ଟ୍ର ଆମେରିକାର ସ୍କୁଲମାନଙ୍କରେ ଡାରୱିନଙ୍କ ବିବର୍ତ୍ତନବାଦ ପଢା ନଯାଉ, ଯଦି ପଢାଯିବ ତେବେ ବାଇବେଲର ସୃଷ୍ଟିତତ୍ତ୍ୱ ବି ପଢା ଯାଉ ବୋଲି ଆମେରିକାର କେତେକ ରକ୍ଷଣଶୀଳ ଖ୍ରୀଷ୍ଟିଆନ ଦାବି କରନ୍ତି, ଏପରିକି ଏ ପ୍ରକାରର ଆଇନ ହେଉ ବୋଲି ଆମେରିକାର କେତେକ ରାଜ୍ୟର ବିଧାନ ସଭାରେ ଦାବି ଉଠୁଛି । ବିଦ୍ୟାଳୟର ପାଠ୍ୟ ନିର୍ଦ୍ଧାରଣ କମିଟିରେ ଏହାର ସପକ୍ଷ ଓ ବିପକ୍ଷରେ ସଭ୍ୟମାନେ ଯୁକ୍ତି କରୁଛନ୍ତି । ଭଗବାନ ଉପରେ ବିଶ୍ୱାସ ଏବଂ ବୈଜ୍ଞାନିକ ଚିନ୍ତାଧାରା ପରସ୍ପର ବିରୋଧୀ ବୋଲି କହୁଥିବା ବୈଜ୍ଞାନିକମାନଙ୍କ ଭିତରୁ କେତେକ ବି କହନ୍ତି - ଭଗବତ୍ ବିଶ୍ୱାସ ଓ ବୈଜ୍ଞାନିକ ପ୍ରକ୍ରିୟାରେ ବିଶ୍ୱାସ ପରସ୍ପରର ଅନୁପୂରକ । କିନ୍ତୁ ଯେଉଁଠି କାର୍ଯ୍ୟ-କାରଣ ସମ୍ପର୍କ ବୁଝି ହେଉଛି ବା ବୁଝାଇ ହେଉଛି ତାହା କୌଣସି ବିଶ୍ୱାସର ବିରୋଧୀ ହେଲେ ସେ ବିଶ୍ୱାସକୁ ତ୍ୟାଗ କରିବାକୁ ହେବ । କିନ୍ତୁ ଧର୍ମଯାଜକମାନେ ତାହା କରିବାକୁ ନାରାଜ । ଡାନିଏଲ ସି· ଡେନେଟ୍ଙ୍କ ତାଙ୍କ ବହି 'ବ୍ରେକିଂ ଦ ସ୍ପେଲ: ରେଲିଜିଅନ ଆଜ୍ ଏ ନାଚୁରାଲ ଫେନୋମେନନ' (ମୋହ ଭଙ୍ଗ: ଧର୍ମ ଏକ ପ୍ରାକୃତିକ ପରିପ୍ରକାଶ) ରେ ଧର୍ମକୁ ଏକ ମୋହ, ଏକ ମୋଦକ ଭାବେ ଚିତ୍ରଣ କରିଛନ୍ତି । ଅକ୍ସଫୋର୍ଡରେ 'ପବ୍ଲିକ୍ ଅଣ୍ଡରଷ୍ଟାଣ୍ଡିଂ ଅଫ ସାଇନ୍ସ'ର ପ୍ରଫେସର ରିଚାର୍ଡ ଡଅକିନ୍ସ ତାଙ୍କ ବହି 'ଦ ଗଡ୍ସ ଡିଲୁଜନ'ରେ ଧାର୍ମିକ ବିଶ୍ୱାସକୁ ଗୋଟିଏ ରୋଗ ସଙ୍ଗେ ତୁଳନା କରିଛନ୍ତି ଏବଂ ପାଠକ ମାନଙ୍କୁ ବୁଝାଇଛନ୍ତି ଯେ ନାସ୍ତିକ ହେବା ଏକ ସାହସିକ କାର୍ଯ୍ୟ । ଗ୍ରାଣ୍ଡ ଡିଜାଇନ ତତ୍ତ୍ୱ ଭଗବାନକୁ ଯାଦୁକର ଭାବେ ପ୍ରତିପାଦିତ କରେ ।


ଯେମିତି ବିଶ୍ୱାସର ପ୍ରବଚକମାନେ ପ୍ରମାଣ କରିପାରନ୍ତି ନାହିଁ (ନିଜକୁ ଛାଡି) ଯେ ଇଶ୍ୱର ଅଛନ୍ତି, ସେହିପରି ନାସ୍ତିକତାର ପ୍ରଚାରକମାନେ ପ୍ରମାଣ କରିପାରି ନାହାନ୍ତି (ଆଜିଯାଏ) ଯେ ଇଶ୍ୱର ବୋଲି ଗୋଟିଏ ଜିନିଷ ନାହିଁ । ଉଭୟେ ଡଃ ଡଅକିନ୍ସ ଓ ଡେନେଟ୍ଙ୍କ ଦୁଇଟି ବଡ କଥା କହନ୍ତି, (କ) - ବିବର୍ତ୍ତନବାଦ ଠିକ୍, ଏବଂ ସୃଷ୍ଟିତତ୍ତ୍ୱ ତଥା ସର୍ବଜ୍ଞାନୀ ନକ୍ସା (ଇଣ୍ଟେଲିଜେଣ୍ଟ

ବା ଗ୍ରାଣ୍ଡ ଡିଜାଇନ) ଭୁଲ, (ଖ) – ବିବର୍ତ୍ତନବାଦୀ ମନସ୍ତତ୍ତ୍ୱ (ଇଭୋଲୁସନାରୀ ସାଇକୋଲଜି) ବୁଝାଇପାରେ ଯେ ମଣିଷ ଜାତିରେ ଧର୍ମବିଶ୍ୱାସ କିପରି ଓ କାହିଁକି ବିଶ୍ୱବ୍ୟାପୀ ହୋଇଛି । ବିବର୍ତ୍ତନବାଦ ଈଶ୍ୱର ଅଛନ୍ତି କି ନାହିଁ କହେନାହିଁ, ଏହା କହେ ଯେ ଜୀବନର ଅଭିବୃଦ୍ଧି କାଳକ୍ରମେ ହୋଇଛି ଓ ତିଷ୍ଠି ରହିବାର ଆବଶ୍ୟକତା ଯୋଗୁଁ ଜୀବରୂପର ବିଭିନ୍ନତା (ପରିବର୍ତ୍ତନ) ଆସିଛି ।

ସଂସାର ବିଷୟରେ ମୂଳତଃ ତ୍ରୁଟିପୂର୍ଣ୍ଣ କଥା ବା ଦାବି ଉପରେ ବିଶ୍ୱାସ କରିବାକୁ ଯେତେବେଳେ ଧର୍ମ ଆମକୁ ବାଧ୍ୟ କରେ ଆମର ଅନୁସନ୍ଧିତ୍ସା, ଆମର ବୁଦ୍ଧିମତ୍ତା, ହଜିଯାଏ ଓ ଆମେ ବିଜ୍ଞାନ ତ୍ୟାଗ କରିବାକୁ ବାଧ୍ୟ ହେଉ । ଏପରି ତ୍ୟାଗ କରିବାଟା ବୁଦ୍ଧିଜୀବୀଙ୍କ ପାଇଁ ଆତ୍ମହତ୍ୟା ସଙ୍ଗେ ସମାନ । ଅନ୍ୟ ଦିଗରେ ବିଜ୍ଞାନ ଯେ ପର୍ଯ୍ୟନ୍ତ ସବୁ କିଛି ବୁଝାଇ ନପାରିଛି, ମଣିଷ ତାହାର ବିଶ୍ୱାସକୁ ତ୍ୟାଗ କରିବାକୁ ଚାହେଁ ନାହିଁ । ନୈତିକତା ଓ ବିଜ୍ଞାନ ପରସ୍ପର ବିରୋଧୀ ନୁହନ୍ତି ବୋଲି ବୈଜ୍ଞାନିକମାନେ କହନ୍ତି । ଆମେରିକାରେ ରାଷ୍ଟ୍ରପତି ବୁଶ୍ ଷ୍ଟେମ୍‌ସେଲ୍ ଗବେଷଣା ସମର୍ଥନକାରୀ ବିଧେୟକକୁ ଭେଟୋ କଲେ, ମନେ ହେଲା ବିଜ୍ଞାନ ଓ ବିଶ୍ୱାସର ଯୁଦ୍ଧରେ ବିଶ୍ୱାସ ଜିତିବ । ନାସ୍ତିକବାଦୀ ପଦାର୍ଥବିତ୍ ଷ୍ଟିଭେନ୍ ୱିନ୍‌ବର୍ଗ କହନ୍ତି ଓ ଡଃ ଡଅକିନ୍‌ସ ଓ ଡେନେଟ୍ଙ୍କ ମନେ ପକାଇଦିଅନ୍ତି ଯେ ଭଲ ଲୋକେ ଭଲ ଆଡକୁ ଆଗେଇବେ, ଖରାପ ଲୋକେ ଖରାପ କରିବାକୁ ଚାହିଁବେ, କିନ୍ତୁ ଭଲ ଲୋକଟିଏ ଖରାପ କରିବାକୁ ଚାହିଁଲେ ତାକୁ ଧର୍ମ ବାଧା ଦେବ, ତାକୁ ଧର୍ମ ଜାବୁଡି ଧରିବ । ସେହିପରି ବାୟୋଟେକ୍ନୋଲଜିର ବିକାଶ ସମ୍ପର୍କରେ ଧର୍ମବିଶ୍ୱାସୀମାନେ ଯେଉଁ କେତେଗୁଡିଏ ନୈତିକତାର ପ୍ରଶ୍ନ ଉଠାନ୍ତି ସେମାନଙ୍କ ସହ କଥାବାର୍ତ୍ତା କରାଗଲେ ସେମାନେ ନରମି ଯିବେ ।

ୟୁନିଭର୍ସିଟି କଲେଜ, ଲଣ୍ଡନ,ର ଜୀବବିଜ୍ଞାନୀ ଲୁଇସ୍ ୱଲ୍‌ପୋର୍ଟ ତାଙ୍କ ବହି 'ସକାଳଖିଆ ପୂର୍ବରୁ ୬ଟି ଅସମ୍ଭବ ଜିନିଷ' (Six Impossible Things Before Breakfast)ରେ ଲେଖିଛନ୍ତି, କାରଣ ଓ ପରିଣାମ ସମ୍ପର୍କରେ ଲୋକେ ଯେପରି ଭାବନ୍ତି ତାହା ତାଙ୍କ ପରିସ୍ଥିତି ଓ ବାପାମାଆଙ୍କ ଶିକ୍ଷା ତଥା ପାରିପାର୍ଶ୍ୱିକ ସମାଜର ପ୍ରଭାବ ଦ୍ୱାରା ନିର୍ଦ୍ଧାରିତ ହୋଇଯାଇଥାଏ, ବ୍ୟକ୍ତିର ମାନସିକତାର ଅଙ୍ଗ ହୋଇଯାଇଥାଏ । ତେଣୁ ତାକୁ ବଦଳାଇବା ସହଜ ନୁହେଁ । ଆମେ କିପରି ଯୁକ୍ତି କରୁଁ, କେମିତି ଆମେ ବିପଦ ମାପୁଁ, କେମିତି ଠାକୁରମାନଙ୍କୁ ପ୍ରଣାମ କରିବୁ, ବୟସ୍କ ବା ଉଚ୍ଚଜାତିର ଲୋକଙ୍କ ପ୍ରତି କେମିତି ବ୍ୟବହାର

ଦେଖାଇବୁ - ଏ ସବୁର ନିଷ୍ପତ୍ତି ଆମର ପ୍ରିୟାପ୍ରୀତି, ବନ୍ଧୁବାନ୍ଧବ ଓ ପକ୍ଷପାତିତା ଦ୍ୱାରା ପ୍ରଭାବିତ । ତେଣୁ ବସ୍ତୁନିଷ୍ଠ, ବ୍ୟକ୍ତିନିର୍ବିଶେଷରେ, ବା ନିରପେକ୍ଷ, ବିଚାର ଅସମ୍ଭବ ହୋଇଥାଏ । ଆମକୁ କୁହାଯାଇଛି ଜଣେ କିଏ ପରମେଶ୍ୱର, ପରମସ୍ରଷ୍ଟା ସବୁ ନିୟମ ତିଆରି କରିଛନ୍ତି, ତାକୁ ନ ମାନିଲେ ଦଣ୍ଡ, ନର୍କକୁ ଯିବ, ମାନିଲେ ପୁରସ୍କାର, ସ୍ୱର୍ଗକୁ ଯିବ । ଆମେ ଯାହା କିଛି ଦେଖୁଛୁ ବା ଅନୁଭବ କରୁଛୁ ସେସବୁର ଗୋଟିଏ କାରଣ, ଜଣେ ସ୍ରଷ୍ଟା; ସେ ଅଲୌକିକ । ଏଭଳି ନିଷ୍ପତ୍ତି କାର୍ଯ୍ୟ-କାରଣ ସମ୍ପର୍କ ଉପରେ ଯେତେ ନିର୍ଭର କରେ ନାହିଁ, ତା'ଠାରୁ ବେଶି ନିର୍ଭର କରେ ଆମମାନଙ୍କୁ ପିଲାଟି ବେଳୁ ଦିଆଯାଇଥିବା ବିଶ୍ୱାସ ଓ ଧାରଣା ଉପରେ । ମଣିଷର ଏଭଳି ବିଶ୍ୱାସ କେତେଗୁଡିଏ ତର୍କଭିତ୍ତିକ ସମସ୍ୟା (ଲଜିକାଲ ପ୍ରବ୍ଲମ)କୁ ଜନ୍ମଦିଏ । ଦୈବୀଶକ୍ତି ଉପରେ ଅତି ନିର୍ଭରଶୀଳତା, କାକତାଳୀୟ ଘଟଣା ଉପରେ ଅତି ପ୍ରାଧାନ୍ୟ, ସାକ୍ଷ୍ୟ ବା ପ୍ରମାଣର ବିକୃତୀକରଣ, ଗୋଳେଇଘାଣ୍ଟି ଯୁକ୍ତି (ସାର୍କୁଲାର ରିଜନିଂ), କାହାଣୀ ବର୍ଣ୍ଣନା (use of anecdotes) ଛଳରେ ନୀତିଶିକ୍ଷା, ବିଜ୍ଞାନର ଅସମ୍ପୂର୍ଣ୍ଣତା ବା ଅଜ୍ଞତା, ଯୁକ୍ତିଯୁକ୍ତତାର ବିଫଳତା - ଏମିତି କେତେକ ଜିନିଷ ସମସ୍ତଙ୍କ ଭିତରେ ଅବୁଝାମଣା ସୃଷ୍ଟି କରିଛି । ଆମର ଦାୟିତ୍ୱ ହେଉଛି ଯେଉଁଠି ବିଶ୍ୱାସ ପ୍ରମାଣ ଉପରେ ପର୍ଯ୍ୟବସିତ ନୁହେଁ, ଯେଉଁ ବିଶ୍ୱାସର ମୂଳଦୁଆ ଦୁର୍ବଳ, ତାକୁ ବଦଳାଇବା । ଯେଉଁ ଧର୍ମ ଜୀବନକୁ ସମ୍ମାନ ଦିଏ ନାହିଁ ସେ ଧର୍ମ ପରମେଶ୍ୱରଙ୍କୁ କିପରି ସମ୍ମାନ ଦେବ, ଏ ପ୍ରଶ୍ନ କେହି କରୁନାହିଁ । ବୈଜ୍ଞାନିକମାନେ ସେମାନଙ୍କ ଉପପାଦ୍ୟ ଉଲ୍ଲେଖ କରି କିପରି ତାହାର ପ୍ରମାଣ କରନ୍ତି, ଯାହା କିଛି ତଥ୍ୟ ପାଇଲେ ତାକୁ କିପରି ସମସ୍ତଙ୍କ ପାଇଁ ଖୋଲି ଦିଅନ୍ତି, ତଥ୍ୟଗୁଡିକୁ କିପରି ବିଶ୍ଳେଷଣ କରନ୍ତି ଓ ସେହି ବିଶ୍ଳେଷଣରୁ



ତାରକାମାନଙ୍କ ଆଲୋକ ଆମ ପାଖରେ ପହଞ୍ଚିବାକୁ ବହୁତ ବର୍ଷ ନିଏ, ତେଣୁ ଆକାଶରେ ଆମେ ଆଜି ରାତିରେ ଦେଖୁଥିବା ତାରକାମାନଙ୍କ ଭିତରୁ ଅନେକ କେଉଁ କାଳରୁ ଉଭେଇ ଯିବେଣି ।

ସିଦ୍ଧାନ୍ତ କିପରି କାଢିଲେ ତାହା ଯେପରି ଖୋଲି କହି ଦିଅନ୍ତି, ଯଦି ଲୋକଙ୍କୁ ସେପରି ବୁଝାଯାଏ, ତେବେ ଲୋକେ ବିବେକୀ ହୋଇଯିବେ, କାହାକୁ ପ୍ରାର୍ଥନା କରୁଛନ୍ତି ବା କାହାକୁ ଇଶ୍ୱର କହୁଛନ୍ତି, ତାହା ଚିନ୍ତାର ବିଷୟ ହେବ ନାହିଁ କି ସେମାନଙ୍କ ଧର୍ମ ଅନ୍ୟ ଧର୍ମର ଲୋକଙ୍କ ପ୍ରତି ବିପଦ ହେବ ନାହିଁ । ସେମାନେ ଜାଣିବେ, ଧର୍ମଗ୍ରନ୍ଥମାନ ସୃଷ୍ଟିକୁ ଏକ ମାୟା ବୋଲି ଯାହା କହନ୍ତି, ସୃଷ୍ଟି ସେଭଳି ଏକ ମାୟା ନୁହେଁ । ଦୁନିଆ କେତେ ଗୁଡିଏ ନିୟମ ଆନୁଯାୟୀ ଗଢା ।


ଯେଉଁମାନେ କହନ୍ତି ଭଗବାନ ଗୋଟିଏ ନକ୍ସା କରି ତଦନୁଯାୟୀ ଦୁନିଆକୁ ଏବଂ ମଣିଷକୁ ତିଆରି କରିଛନ୍ତି ସେମାନଙ୍କ ମତକୁ ଇଣ୍ଟେଲିଜେଣ୍ଟ ଡିଜାଇନ୍ ମତବାଦ କୁହାଯାଏ । ସେମାନେ ବିଶ୍ୱାସ କରନ୍ତି ଇଶ୍ୱର ପ୍ରତି ଜିନିଷକୁ ଅନୁପମ ଢଙ୍ଗରେ ତିଆରି କରିଛନ୍ତି । ଇଶ୍ୱର ଗଛଲତା, ଜୀବଜନ୍ତୁ ଓ ମଣିଷ ଲାଗ ଲାଗ ସାତ ଦିନ ଭିତରେ ତିଆରି କରିଦେଲେ । ୨ ପିଟର ୩:୮ କହେ ଇଶ୍ୱରଙ୍କ ୧ ଦିନ ୧୦୦୦ ବର୍ଷ ସାଙ୍ଗେ ସମାନ । ତେଣୁ ଇଶ୍ୱର ୭ ଦିନ ଭିତରେ କରିଛନ୍ତି ମାନେ ୭୦୦୦ ବର୍ଷ ହୋଇଥିବ । କେତେକ ଖିରଷ୍ଟାନଙ୍କ ହିସାବରେ ପୃଥିବୀ ମାତ୍ର ୬୦୦୦ ବର୍ଷ ତଳେ ତିଆରି । ବିଶ୍ୱ ଯେ ଶହ ଶହ କୋଟି ବର୍ଷ ତଳେ ତିଆରି ତାହାର ପ୍ରମାଣ ଆଖି ଆଗରେ । ଯଥା ତାରାମାନଙ୍କଠାରୁ ଆସୁଥିବା ଆଲୋକ । କେତେକ ତାରା ଏତେ ଦୂରରେ ଯେ ଆଲୋକ ଆମ ପାଖକୁ ଆସିବାକୁ ଶହ ଶହ କୋଟି ବର୍ଷ ଲାଗିବ । ସେକଣ୍ଡକୁ ୧,୮୬,୨୮୨ ମାଇଲ (୩ ଲକ୍ଷ କିଲୋମିଟର) ବେଗରେ ଯାଉଥିବା ଆଲୋକ ସୂର୍ଯ୍ୟଠାରୁ ଆସି ପୃଥିବୀରେ ପହଞ୍ଚିବାକୁ ୮·୩ ମିନିଟ ନିଏ । ନିକଟତମ ତାରକା ପ୍ରକ୍ସିମା ସେଣ୍ଟାଉରିର ଆଲୋକ ୪·୨ ବର୍ଷ ନିଏ । ନିକଟତମ ତାରକାପୁଞ୍ଜ ଲାର୍ଜ ମାଜେଲାନିକ କ୍ଲାଉଡ୍‌ରୁ ଆଲୋକ ପୃଥିବୀରେ ପହଞ୍ଚିବାକୁ ୧,୭୦,୦୦୦ ବର୍ଷ ନେବ । କେତେକ ଗାଲାକ୍ସି ଖୁବ୍ ଦୂରରେ, ସେମାନଙ୍କର ଆଲୋକ ପୃଥିବୀରେ ପହଞ୍ଚିବାକୁ ୧୫୦୦ କୋଟି (୧୫ ବିଲିଅନ) ବର୍ଷ ନେବ । ପ୍ରଶ୍ନ ହେଉଛି ଇଶ୍ୱର କଣ ବିଶ୍ୱ ତିଆରି କରି ସାରି ମଣିଷ ତିଆରି କରିବାକୁ ବିଲିଅନ ବିଲିଅନ ବର୍ଷ ଅପେକ୍ଷା କଲେ (ଆମ ପାଖରେ ଆଲୋକ ପହଞ୍ଚିବା ପର୍ଯ୍ୟନ୍ତ) ନା ସେ ସର୍ବକର୍ମକ୍ଷମ (ଫୁଲି ଫଙ୍କସନାଲ) ବିଶ୍ୱଟିଏ ତିଆରି କରିଦେଲେ ? ପୂରା କାମକରୁଥିବା ବିଶ୍ୱଟିଏ ତିଆରି କଲେ ତହିଁରେ ବୟସର ପ୍ରଭାବ ଦେଖାଦେବ, ଯାହାର ବୟସ ଅଛି ଇଶ୍ୱର ତାକୁ ଏକାଦିନକେ କିପରି ତିଆରି କଲେ ? ୧୫୦୦ କୋଟି ବର୍ଷର ବୟସ ଦେଖାଉଥିବା ବିଶ୍ୱ ତିଆରି କରି ଇଶ୍ୱର କଣ ୭ ଦିନରେ କରିଛନ୍ତି ବୋଲି ଠକାଇଦେଲେ ? ତତ୍‌କ୍ଷଣାତ୍ ତିଆରି କରିବା ଓ ତା

ଯାଙ୍କେ ବୟସ ଦେଖାଇବା ଦୁଇଟା ବିରୋଧୀ କଥା । ସରକାର ଚାହିଁଲେ ଉଦ୍ୟାନଟିଏ ସାଙ୍କେ ସାଙ୍କେ କରିଦେବେ । ମଞ୍ଜି ଲଗାଇ ୨୦ କି ୩୦ ବର୍ଷ ଅପେକ୍ଷା କରିବା ଠାରୁ ବଡ ବଡ ଗଛଲତା ଉପାଡି ଆଣି ରୋଇଦେଇ ଗୋଟିଏ ନୂଆ ବଗିଚା କରିହେବ । ଚୀନ୍ ଓ ଥାଇଲାଣ୍ଡ ଦେଶ ନୂଆ ସହର ତିଆରି କରି ତହିଁରେ ପୁରୁଣା ବୃକ୍ଷର ଉଦ୍ୟାନ ଠିଆ କରିଦେଉଛନ୍ତି, ପୂରା ଗଛକୁ ବେଶି ଆଘାତ ନ ଦେଇ ଖୋଳି ଆଣି କ୍ରେନ ସାହାଯ୍ୟରେ ଟେକି ଧରି ନୂଆ ସହରରେ ପୁନଃରୋପଣ କରୁଛନ୍ତି । ନୂଆ ସହରରେ ବୟସ୍କ ଗଛମାନଙ୍କର ଉଦ୍ୟାନ ଶୂନ୍ୟରୁ ଆସିନାହିଁ, ଆଉ ଗୋଟିଏ ଜାଗାରୁ ଅଣାଯାଇଛି । ଯାଦୁକରମାନେ ଛୁ ମନ୍ତ୍ର କରି ଯେଉଁ ଜିନିଷ ଦେଖାନ୍ତି ତାହା ଅନ୍ୟତ୍ର ମିଳୁଥିବା ଜିନିଷ; ସେମାନେ ଦର୍ଶକମାନଙ୍କ ଦୃଷ୍ଟିର ଅନ୍ତରାଳେ ରଖିଥିବା ଜିନିଷ ହିଁ ଦେଖାଇ ପାରିବେ, ପୃଥିବୀରେ ନଥିବା ଜନିଷ କେବେ ସେମାନେ ଦେଖାଇପାରିବେ ନାହିଁ । ଗୁଡିଏ ବଡ ବଡ ଗଛଲତା ଆଣି ବଗିଚାଟିଏ କରିଦେଲେ ମୁଁ ବଗିଚାଟା ସୃଷ୍ଟି କଲି ବୋଲି କହିପାରିବି କି ? ଯାହା ବାସ୍ତବରେ ଅସମ୍ଭବ, ତାହା ଏକ ଠକାମି ହେବ ନାହିଁ କି ? ଈଶ୍ୱର କାହିଁକି ଠକିବେ, ଠକିବାର ଉଦ୍ଦେଶ୍ୟ କଣ?

ହଠାତ୍ ସୃଷ୍ଟି ହେବା କଥା ଗ୍ରହଣ କଲେ ଆହୁରି ଅନେକ ସମସ୍ୟା ଆସେ । ଯେଉଁ ଗାର୍ଡେନ ଅଫ୍ ଏଡେନରେ ମୂଳ ଜୀବଜନ୍ତୁ ଓ ଆଦାମ ଇଭ୍ ରହିଲେ, ସେଠି ସେମାନଙ୍କଠାରେ ଓ ବିଭିନ୍ନ ଗଛଲତା ମାନଙ୍କରେ ବୟସର ଛାପ ନ ଥିବ କି ? ଆଦାମ୍ କଣ ଆଖି ଖୋଲିଲା କ୍ଷଣି ଦେଖିଲେ ନଦୀ ଓ ଫଳପୁଷ୍ପ ଭରା ଗଛଲତା ? ନା ଗଛଲତାହୀନ ଖୋଲା ପ୍ରାନ୍ତର ? ପକ୍ୱ ବା ପରିଣତ ଗଛଲତାରେ ତ ବୟସର ପ୍ରଭାବ ଦିଶିବ । ପୁଣି ମାଟି ? ପଚାସଢା ପତ୍ର ଭଳି ଜିନିଷ ପଡି ମାଟି ତିଆରି ହୁଏ, ମାଟିରେ ତ ବୟସର ଚିହ୍ନ ରହିଥିବ । ୧୦୦ରୁ ୧୫୦ ବର୍ଷରେ ଏକ ଇଞ୍ଚ ମାଟି (ଟପ୍ ସଏଲ୍) ତିଆରି ହୁଏ, ଗାର୍ଡେନ ଅଫ୍ ଏଡେନରେ ମାଟି ଥିବା ଅର୍ଥ ଗଛଲତା ଲଗା ହେବାର କିଛି ବର୍ଷ ଆଗରୁ ମାଟି ତିଆରି ହୋଇଛି । ବାୟୁ ମଣ୍ଡଳର ଚଳପ୍ରଚଳ ତ ପରିବେଶର ଅବସ୍ଥାରୁ ତିଆରି, ଏ ଅବସ୍ଥା କଣ ମୂଳରୁ ଥିଲା? ଯଦି ଈଶ୍ୱର ଏକାବେଳକେ ବୟସ୍କ ଗଛଲତା ଗାର୍ଡନ ଅଫ୍ ଏଡେନରେ ଲଗାଇ ନାହାନ୍ତି, ତେବେ ଆଦାମ ଇଭ୍ ତିଆରି କରିବାର ଶହ ଶହ ବର୍ଷ ପୂର୍ବରୁ ସେ ଗାର୍ଡେନଟା ତିଆରି କରିଥିବେ । ଯଦି ତାହା ହୋଇଥିବ ତେବେ ଈଶ୍ୱର ପ୍ରଥମ ଗଛଟା କିପରି କଲେ ? ମଞ୍ଜି ନା ଚାରା ଆକାରରେ? ମଞ୍ଜି ବା ଚାରାର ତ ବୟସ ଅଛି । ଈଶ୍ୱର ଏକାବେଳକେ ସବୁ ତିଆରି କଲାବେଳେ କେହି ନଥିବେ ବୋଲି କେତେକ କହିବେ, ଠକିବାକୁ କେହି ନ ଥିଲେ ଠକିବେ କାହାକୁ ?

କେତେକ କହିବେ ଈଶ୍ୱର ଗଛଲତା ଓ ପ୍ରାଣୀକୁ ବୟସନଦିଶିବା ଅବସ୍ଥାରେ ତିଆରି କଲେ । କେମିତି ? ବୟସ୍କ ଭାବେ ନା ଶିଶୁ ହିସାବରେ ? ପ୍ରାଣୀର ତ ବୟସ ଦେଖାଯିବ, ଗଛଲତାର ବି । ସ୍ତନ୍ୟପାୟୀମାନଙ୍କର ଭ୍ରୂଣ ମା ପେଟରେ ୨ରୁ ୧୪ ମାସ ଯାଏ ବୃଦ୍ଧି ହୁଏ, ତା କିପରି ଲିଭିଯିବ ? ଯଦି ଛୁଆର ବୟସ ନାହିଁ କହିବ ତେବେ ତାକୁ କିଏ ବଡ କଲା ? ପ୍ରଥମ ବଂଶର ପ୍ରାଣୀମାନଙ୍କୁ କଣ ଈଶ୍ୱର ପାଳନ ପୋଷଣ କଲେ ? ତାହା ତ ଅପ୍ରାକୃତିକ ଲାଗିବ । ଯଦି ସେବେ କରୁଥିଲେ, ଏବେ କରୁନାହାନ୍ତି କାହିଁକି ? ବାଇବେଲ କହେ ଆଦାମ ଇଭ୍ ସ୍ୱାମୀ ସ୍ତ୍ରୀ ଭାବେ ସୃଷ୍ଟି ହୋଇଥିଲେ । ସେମାନେ ଏକାବେଳକେ ବୟସ୍କ ହୋଇ ତିଆରି ହେଲେ ? ଇଭ୍ ପୁଣି ଆଦାମର ପଞ୍ଜରା ହାଡରୁ ତିଆରି, ଯିଏ ହାଡରୁ ତିଆରି ସେ କିପରି ଏତେ ଶୀଘ୍ର ବୟସ୍କ ହୋଇ ଭାର୍ଯ୍ୟା ହେଲେ ? କ୍ଲୋନିଂ ଭଳି ହେଲେ ଜେନେଟିକ୍ ଡିଫେକ୍ଟ ରହିଲା ନାହିଁ? ଯଦି ବୟସ ଆଭାସ ଦେଉଥିବା ସୃଷ୍ଟି ଏକ ଠକାମି ବା ପ୍ରହେଳିକା, ତେବେ ମିରେକ୍ଲ ବା ଦୈବୀଶକ୍ତି ବି ଏକ ପ୍ରହସନ । ସଂଜ୍ଞା ଅନୁସାରେ ମିରେକ୍ଲ ହେଉଛି ପ୍ରାକୃତିକ ଘଟଣାକ୍ରମର ଏକ ବ୍ୟତିକ୍ରମ । ପାଣିକୁ ମଦ କରିବା, ଅନ୍ଧକୁ ଦୃଷ୍ଟି ଦେବା ବା ଶବକୁ ଜୀବନ୍ତ କରିବା – ଏ ସବୁ ପ୍ରାକୃତିକ ନୁହେଁ । ପ୍ରତି ଧର୍ମରେ ଏମିତି ମିରେକ୍ଲ କଥା ଅଛି, ତାହା ମନଗଢା । ପଦାର୍ଥବିଦ୍ୟାର ନିୟମ ସବୁ ବଦଳାଇଲେ ହିଁ ମିରେକ୍ଲ ସମ୍ଭବ ହେବ । ଆମେ କଣ କହିବା ଈଶ୍ୱର ମିରେକ୍ଲ କଲା ବେଳେ ଠକାଉଛନ୍ତି ?

****



ମାକ୍ନଟ ନାମକ ଧୂମକେତୁର ଚମତ୍କାର ଲାଞ୍ଜ

# ଅଦ୍ୱୈତବାଦ ସନ୍ତ୍ରାସବାଦର କାରଣ

ପୃଥିବୀର ଯେ କୌଣସି ଲୋକକୁ ପଚାରିଲେ ସେ କହିବ ଈଶ୍ୱର ଏକ, ତାଙ୍କର ଦ୍ୱିତୀୟ ନାହିଁ । ଏହା ହିଁ ଅଦ୍ୱୈତବାଦ । ତଥାପି ଝଗଡା ହେଉଛି, କାରଣ ପ୍ରତି ଧର୍ମର ଲୋକେ ଭାବୁଛନ୍ତି ତାଙ୍କ ଅଞ୍ଚଳ ହିଁ ପୃଥିବୀ, ତାଙ୍କ ଅଞ୍ଚଳ ବାହାରେ ପୃଥିବୀର ବହୁତ ଅଞ୍ଚଳ ଅଛି, ପ୍ରତି ଅଞ୍ଚଳର ଲୋକେ ତାଙ୍କ ଈଶ୍ୱରଙ୍କୁ ଏକମାତ୍ର ଅର୍ଥାତ୍ ପ୍ରକୃତ ଈଶ୍ୱର ଭାବୁଛନ୍ତି, ଅନ୍ୟମାନେ ଭାବୁଥିବା ଈଶ୍ୱର ଗ୍ରହଣୀୟ ନୁହେଁ । ସେହିଠୁ ଅଦ୍ୱୈତବାଦ ଧର୍ମଯୁଦ୍ଧର ବୀଜ ହୋଇଯାଏ । ଆଜିକାଲିର ଧର୍ମବିଦ୍ୱେଷ ଓ ତହିଁରୁ ଜାତ ସନ୍ତ୍ରାସବାଦୀ ହତ୍ୟା ଦେଖିଲେ ପ୍ରଶ୍ନ ଉଠେ – ଈଶ୍ୱର କୌଣସି ଗୋଟିଏ ସମ୍ପ୍ରଦାୟର କି ? ଖିରସ୍ତାନ, ମୁସ୍ଲିମ ନା ହିନ୍ଦୁ, ପାର୍ସି, ଇହୁଦୀ ନା ଜୈନଙ୍କର? ସମ୍ଭବତଃ କେତେକ ଲୋକ କହିବେ ହଁ; ଅନ୍ୟ ସମ୍ପ୍ରଦାୟର ଧର୍ମକୁ ସେମାନେ ମାନୁ ନାହାନ୍ତି ତ ଅନ୍ୟ ସମ୍ପ୍ରଦାୟର ଈଶ୍ୱର ନାହିଁ ମାନିବାର ପ୍ରଶ୍ନ ଆସୁଛି କେଉଁଠୁ ? ହିନ୍ଦୁଙ୍କ ଈଶ୍ୱର ଆଦିବାସୀଙ୍କ ଈଶ୍ୱର ନୁହନ୍ତି, ମୁସଲମାନଙ୍କ ଆଲ୍ଲା ହିନ୍ଦୁଙ୍କ ଈଶ୍ୱର ନୁହନ୍ତି । ଯେଉଁମାନେ ଏମିତି କହନ୍ତି ସେମାନେ ଈଶ୍ୱରଙ୍କ ରୂପ ବା ଗଠନ ବିଷୟରେ କଣ ଜାଣନ୍ତି ? ଈଶ୍ୱର ଗୋରା, କଳା, ଏସୀୟ ବା ଆରବିକ୍ ନୁହନ୍ତି । ଗୋଟିଏ ରଙ୍ଗର ବା ଭାଷାର ଲୋକଙ୍କ ଏକ ଗୋଷ୍ଠୀକୁ ସାରା ବିଶ୍ୱର ଲୋକ କହିବା ଯାହା, 'ଈଶ୍ୱର ଏକ ଗୋଷ୍ଠୀର ଓ ଅନ୍ୟ କୌଣସି ଗୋଷ୍ଠୀର ନୁହେଁ' ବୋଲି କହିବା ତାହା । ଈଶ୍ୱର ମଣିଷ ଭଳି ଏକ ଅଙ୍ଗାରଭିତ୍ତିକ ଜୀବ ନୁହେଁ, ବା ଜଳ ଓ ବାୟୁ ଉପରେ ନିର୍ଭର କରୁଥିବା ପାର୍ଥିବ ଜୀବ ନୁହେଁ । ରକ୍ତମାଂସର ଦେହ ନୁହେଁ, ତାଙ୍କର ବଂଶଗୁଣ ବା ଜେନେଟିକ ଐତିହ୍ୟ ନାହିଁ । ଈଶ୍ୱରଙ୍କ ଦେହକୁ ଆମ ଦେହ ସାଙ୍ଗେ ତୁଳନା କରିବା ଯାହା, ଆମ୍ବର ଓଜନକୁ ତାହାର ରଙ୍ଗ ସାଙ୍ଗେ ତୁଳନା କରିବା ସେଇୟା । ଜଗନ୍ନାଥଙ୍କ ପଣ୍ଡାମାନେ କହନ୍ତି ସେମାନେ ଜଗନ୍ନାଥଙ୍କ (ଈଶ୍ୱରଙ୍କ) ସେବକ, କିନ୍ତୁ କାମରେ ଦେଖାନ୍ତି ଜଗନ୍ନାଥ ସେମାନଙ୍କ ସେବକ । ଜଗନ୍ନାଥ ତାଙ୍କ କଥାରେ ଚାଲନ୍ତି, ସେମାନେ ଜଗନ୍ନାଥଙ୍କୁ ଭୋକରେ ରଖିଦେଇ ପାରିବେ । ଜଗନ୍ନାଥଙ୍କୁ ମଣିଷ ଭଳି ସର୍ଦ୍ଦି ହୁଏ, ସେ ମାଉସୀ ଘରେ ଶୁଅନ୍ତି । ଯେ ପର୍ଯ୍ୟନ୍ତ ଆମେ ଈଶ୍ୱରଙ୍କୁ ଏକ ଆଧ୍ୟାତ୍ମିକ ପ୍ରକାଶ ବୋଲି ନ ଭାବିଛୁ ସେ ପର୍ଯ୍ୟନ୍ତ ମଣିଷ ମଣିଷ ଭିତରେ ଧର୍ମ ବିବାଦ ଓ ବିଦ୍ୱେଷ ଲାଗି ରହିବ ।

ପ୍ରତି ଧର୍ମରେ କେତେକ ନରମ ବା ଉଦାର ପନ୍ଥୀ ଅଛନ୍ତି, ସେମାନେ ଅନ୍ୟ ଧର୍ମକୁ ସହ୍ୟ କରିଥାନ୍ତି, କିନ୍ତୁ ସେମାନେ ଈଶ୍ୱରଙ୍କୁ ତାଙ୍କ ସମ୍ପ୍ରଦାୟର କହିବା ବେଳେ ଧରି ନିଅନ୍ତି –

ସେମାନଙ୍କ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟ ଠାରୁ ଶ୍ରେୟ, ଅନ୍ୟ ସମ୍ପ୍ରଦାୟମାନେ ନ୍ୟୁନତର, ଇତର ; ଶ୍ରେୟ ସମ୍ପ୍ରଦାୟର ହୋଇଥିବାରୁ ସେମାନେ ଈଶ୍ୱରଙ୍କ ଠାରୁ କେତେକ ବିଶେଷ ଅଧିକାର (ପ୍ରିଭିଲେଜ) ପାଇଛନ୍ତି । ଗୋରା ଖିରସ୍ତାନ ମାନେ ଅଣଗୋରା ଲୋକଙ୍କୁ ନିଜ ଧର୍ମକୁ ଆଣିବାର ଦାୟିତ୍ୱ (ହ୍ୱାଇଟ୍ ମାନ୍‌ସ୍ ବର୍ଡନ୍) ପାଇଛନ୍ତି ବୋଲି ଭାରତକୁ ଶାସନ କରୁଥିବା ସେତେବେଳର ବିଲାତୀ ଲୋକେ କହୁଥିଲେ । ଖିରସ୍ତାନ ମାନଙ୍କଠାରୁ ଇତର ଲୋକଙ୍କୁ ଉଦ୍ଧାର କରିବା ଧାର୍ମିକ କାମ ବୋଲି କହୁଥିଲେ । ଯଦି ଇତରମାନେ ଉଦ୍ଧାର ହେବାକୁ ନ ଚାହିଁଲେ ବା ଧର୍ମକୁ ନ ଆସିଲେ ସେମାନଙ୍କୁ ପଦାନତ କରିବା, ଏପରିକି ବିନାଶ କରିବା, ଆମର ବିଶେଷ ଅଧିକାର ଏବଂ ଏପରି କରିବା ଦ୍ୱାରା ଆମେ ଈଶ୍ୱରଙ୍କ ପ୍ରିୟ ହେବୁ ବୋଲି କେବଳ ମୁସ୍‌ଲିମ୍ ମୌଳବାଦୀ କହେ ନାହିଁ ଖିରସ୍ତାନ ମୌଳବାଦୀ ବି କହେ । ଏଭଳି ବିଶ୍ୱାସ କରୁଥିବା ଲୋକ ମାନଙ୍କ ଭିତରୁ ଆତ୍ମଘାତୀ ବୋମାରୁ (ସୁଇସାଇଡ୍ ବମର୍) ଜନ୍ମ ନିଅନ୍ତି । ଆଜିର ସୁଇସାଇଡ୍ ବମର୍ ମାନଙ୍କର ପୂର୍ବଜ ହେଉଛନ୍ତି ଜାପାନୀ କାମିକାଜି (**kamikaze**) । ସେମାନଙ୍କ ବିଶ୍ୱାସ ସେମାନଙ୍କ ସମ୍ରାଟ ଦେବଅଂଶୀ, ସେମାନେ ତାଙ୍କ ଲାଗି ପ୍ରାଣ ଉତ୍ସର୍ଗ କଲେ ପର ଜୀବନରେ ସ୍ୱତନ୍ତ୍ର ସ୍ଥାନ ପାଇବେ । କେବଳ ୨ୟ ମହାଯୁଦ୍ଧ ପାଖାପାଖି କାମିକାଜେ ବଢିଲା, ତାହା ନୁହେଁ; ଆଗରୁ ବି ଏମିତି ଥିଲା । ଆକ୍ରମଣ କଲା ବେଳେ ସେମାନେ ଜାଣିଥିଲେ ଯେ ଆଉ ଫେରିବେ ନାହିଁ । ସବ୍‌ମାରିନ୍‌ରେ ଯେଉଁମାନେ ମାର୍କିନ ଜାହାଜଗୁଡିକୁ ଧ୍ୱଂସ କରିବାକୁ ଯାଉଥିଲେ ସେମାନେ ତାଙ୍କର ସମ୍ରାଟଙ୍କ ପାଇଁ ସୁଇସାଇଡ୍ ବମର୍ ଥିଲେ । ସୁଇସାଇଡ୍ ବମର୍ ଅଥବା ଆଲ୍‌କାଏଦା ଆତତାୟୀ ମାନଙ୍କ ଧାରଣା, ସେମାନେ ଅନ୍ୟ ଧର୍ମର ଲୋକଙ୍କୁ ମାରି ସ୍ୱର୍ଗରେ ଜାଗା ପାଉଛନ୍ତି । ଭିନ୍ନ ଭିନ୍ନ ଧର୍ମର ଈଶ୍ୱର ଭିନ୍ନ ଧରାଯାଉଥିବାରୁ ସ୍ୱର୍ଗର ଧାରଣା ବି ଭିନ୍ନ । ଜୀବମାରିବା ଯଦି ଦୋଷାବହ, ମଣିଷ ମାରିବା ଯେ ଈଶ୍ୱରଙ୍କୁ କେତେ ଅସୁଖୀ କରାଉଥିବ ସେ କଥା ଯଦି କେବେ ଏ ସୁଇସାଇଡ୍ ବମରମାନେ ଚିନ୍ତା କରନ୍ତେ ସେମାନେ କେତେ ଅନୁତପ୍ତ ହୁଅନ୍ତେ ।

****

# ଗଣତନ୍ତ୍ର ଧର୍ମକୁ ସହନଶୀଳ କରିଦେବ

କୋରାନ ଅନୁସରଣ କରୁଥିବା ମୁସଲମାନମାନେ କୋରାନର ସୀମା ଭିତରେ ସମସ୍ତଙ୍କ ମତ ସୀମିତ ରହୁ ବୋଲି ଦାବି କରନ୍ତି । ତାତ୍ତ୍ୱିକ ଦୃଷ୍ଟିରୁ ସେମାନେ ଗଣତନ୍ତ୍ରର ବିରୋଧୀ । ପାକିସ୍ତାନରେ ୨୦୧୩ ମେ ମାସରେ ପ୍ରଥମ ଥର ପାଇଁ ଏକ ନିର୍ଦଳୀୟ ସରକାରଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ହେଲା । ତହିଁରେ ଏ ମୁସ୍‌ଲିମ ରାଷ୍ଟ୍ରଟି ଉତ୍ତୀର୍ଣ୍ଣ ହୋଇ ଯାଇଛି । ବିଧାନ ସଭାରେ ବିରୋଧୀ ଦଳ ରହିବା ଗଣତନ୍ତ୍ରକୁ ଦୃଢ଼ କରେ । ବିରୋଧୀ ଦଳ ସରକାରୀ ଦଳର ଯେ କୌଣସି କାରବାରର ସମାଲୋଚନା କରିଥାନ୍ତି, ମୁକ୍ତ ମତ ପ୍ରକାଶ କରିଥାନ୍ତି । କାଳକ୍ରମେ ବିରୋଧ ମତ ପ୍ରତି ସହିଷ୍ଣୁତା ବଢେ, ତେଣୁ ଗଣତନ୍ତ୍ର ଅଦ୍ୱୈତବାଦରୁ ଜନ୍ମ ଅସହିଷ୍ଣୁତାକୁ ନରମ କରିପାରେ । ଖ୍ରୀଷ୍ଟ ଧର୍ମ ବି ଅଦ୍ୱୈତବାଦୀ, ଧର୍ମ ଦୃଷ୍ଟିରୁ ଗଣତନ୍ତ୍ର-ବିରୋଧୀ; ସେମାନେ ଯଦି ଗଣତନ୍ତ୍ରକୁ ଆଦରି ନେଇଛନ୍ତି, ଚାରିଆଡେ ଗଣତନ୍ତ୍ର ବ୍ୟାପୁ ବୋଲି ଯଦି ଯୁକ୍ତରାଷ୍ଟ୍ର ଆମେରିକା ତାହାର ସାହାଯ୍ୟକୁ ସେ ଦିଗରେ ଚାଳିତ କରୁଛି, ତେବେ ମୁସଲିମ ଦେଶ ମାନଙ୍କରେ କାହିଁକି ଗଣତନ୍ତ୍ର ଉଧେଇବ ନାହିଁ ? ଗଣତନ୍ତ୍ର ବେଶି ଦିନ ଚାଲୁ ରହିଲେ କାଳକ୍ରମେ ସେମାନେ ଗ୍ରହଣ କରିନେବେ ଯେ ଧର୍ମ-ସୃଷ୍ଟି ହୋଇଥିବା ସ୍ଥାନର ଭୌଗୋଳିକ ପରିସ୍ଥିତି ହିଁ ଭିନ୍ନ ମତର କାରଣ । ଅଦ୍ୱୈତବାଦ ବି ବହୁମତବାଦ ସହ୍ୟ କରିବ ଏବଂ ସହିଷ୍ଣୁତା ବୃଦ୍ଧି ପାଇବ ।

ପୃଥିବୀରେ ମୁସଲମାନ ସଂଖ୍ୟା ୧୪୦ କୋଟି । ତହିଁର ୬୭% ଇଣ୍ଡୋନେସିଆ, ବାଙ୍ଗଲାଦେଶ, ମରକ୍କୋ, ତୁରସ୍କ ଭଳି ଗଣତନ୍ତ୍ର ଶାସନ ଦେଶଗୁଡିକରେ ଅଛନ୍ତି । ଯେଉଁ ମୁସ୍‌ଲିମ୍ ରାଷ୍ଟ୍ରରେ ଗଣତନ୍ତ୍ର ନାହିଁ, ତାହାର୍ କାରଣ ପାଶ୍ଚାତ୍ୟ ରାଷ୍ଟ୍ରମାନେ (ବିଶେଷତଃ ଯୁକ୍ତରାଷ୍ଟ୍ର ଆମେରିକା) ନିଜ ଦେଶର ସ୍ୱାର୍ଥ ପାଇଁ, ମୌଳବାଦୀମାନଙ୍କୁ ଦୂରେଇ ରଖିବା ଲାଗି, ମୁସଲିମ-ପ୍ରଧାନ ଦେଶମାନଙ୍କରେ ଏକଛତ୍ରବାଦୀ (ଡିକ୍‌ଟେଟର) ଶାସନକୁ, ରାଜୁଡା ଶାସନକୁ, ସମର୍ଥନ କରୁଛି । ଆଲ୍‌ଜେରିଆରେ ଇସ୍‌ଲାମିଷ୍ଟମାନେ ୧୯୯୧ରେ ଜିତିଥିଲେ ବି ଶାସନ ଡୋର ପାଇଲେ ନାହିଁ, ଡିକ୍‌ଟେଟରର ଶାସନ ଚାଲିଲା, ଜନ ଆନ୍ଦୋଳନ ଫଳରେ ତଡା ଖାଇବା ପର୍ଯ୍ୟନ୍ତ । ତୁର୍କିରେ ୨୦୦୨ ନିର୍ବାଚନରେ ଇସ୍‌ଲାମିଷ୍ଟମାନେ ଜିତିଲେ, ସେ ତ ୟୁରୋପୀୟ ୟୁନିଅନରେ ସହଯୋଗୀ ସଭ୍ୟ ରୂପେ ରହିଛି । ଲେବାନୀୟ, ପାଲେଷ୍ଟାନୀୟ ଓ ମିଶରୀୟ ନିର୍ବାଚନରେ ମୌଳବାଦୀ ମାନେ ଗଣତନ୍ତ୍ର ଦ୍ୱାହି ଦେଇ ଜିତିଛନ୍ତି । ଯଦି ମଣିଷର ଅନ୍ତର୍ନିହିତ ପ୍ରଜ୍ଞା ଉପରେ ଗଣତନ୍ତ୍ର ନିର୍ଭର କରେ, ତାହା ମଧ୍ୟ ଇସ୍‌ଲାମୀୟ ସଭ୍ୟତାରେ କାମ କରିବ । ଶାସନ ଡୋରି ପାଇଲେ ଧର୍ମୀୟ ଦଳ କାଳକ୍ରମେ ରାଜନୈତିକ ଦଳରେ

ପରିଣତ ହେବ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ନିର୍ବାଚନରେ ଖ୍ରୀଷ୍ଟିଆନ-ଧର୍ମୀ ଦଳମାନେ ବିଜୟୀ ହେଲେ; କାହିଁ ୟୁରୋପିଆନ ରାଷ୍ଟ୍ରମାନେ ତ ଖ୍ରୀଷ୍ଟ ଧର୍ମକୁ ରାଷ୍ଟ୍ର ଧର୍ମ କରିନାହାଁନ୍ତି ? ମହାଦେଶୀୟ ୟୁରୋପରେ ତ ଆଗତ (ଇମିଗ୍ରାଣ୍ଟ) ମୁସଲମାନ ମାନଙ୍କ ସଂଖ୍ୟା ବଢି ଚାଲିଛି । ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଇଙ୍ଗିତ ପ୍ରତି ଉଦାସୀନ ରହିବା ଆରମ୍ଭ କଲାଣି ।

ଆଗ କାଳରେ ଯୋଗାଯୋଗ ଏତେ ବ୍ୟାପ୍ତ, ଏତେ ଦ୍ରୁତ ଓ ଏତେ ସହଜ ନ ଥିଲା; ଆଞ୍ଚଳିକ ବା ସ୍ଥାନୀୟ ଲୋକମତକୁ ଦବାଇ ପାରିଲେ ତାହା ବ୍ୟାପି ପାରୁନଥିଲା । ଆଜିକାଲି ତତ୍‌କ୍ଷଣାତ୍ ବିଶ୍ୱସାରା ଖବର ବ୍ୟାପି ଯାଉଛି, କେବଳ ନିଜ ଦେଶରେ ନୁହେଁ, ବାହାରେ ବି ଶହ ଶହ ଲୋକଙ୍କ ସହ ମତ ବିନିମୟ କରିହେଉଛି, ମତାଇ ହେଉଛି । ଆଜିକାଲି କେବଳ ଆଭ୍ୟନ୍ତରୀଣ ଜନମତ କାମ କରୁନାହିଁ, ବିଶ୍ୱର ଜନମତ ବି କାମ କରୁଛି । ଜନମତ ହିଁ ଗଣତନ୍ତ୍ରକୁ ସାବ୍ୟସ୍ତ କରିଥାଏ । କାଳକ୍ରମେ ସବୁ ଧର୍ମର ଲୋକେ ଗଣତନ୍ତ୍ରକୁ ରାଷ୍ଟ୍ର ଶାସନର ସର୍ବୋତ୍ତମ ଉପାୟ ବୋଲି ଗ୍ରହଣ କରି ନେଉଛନ୍ତି, ସରକାର ଓ ଧର୍ମ ଭିତରେ ପାର୍ଥକ୍ୟ ତଥା ଦୂରତା ରହିବା ଉଚିତ ବୋଲି ଗ୍ରହଣ କରି ନେଉଛନ୍ତି । ଏ ସବୁର ମୂଳରେ ବିଜ୍ଞାନର ସର୍ବଗ୍ରାସୀ ପ୍ରଗତି କାମ କରୁଛି । ବିଜ୍ଞାନ ଯେତେ ଆଗେଇବ ଧର୍ମରେ ଥିବା ଅନ୍ଧ ବିଶ୍ୱାସ ତଥା ଉପଚାର-ଭିତ୍ତିକ ଧାରଣା ସେତେ ପରିମାଣରେ ଦୂରେଇ ଯିବ, ଈଶ୍ୱର ତଥା ଧର୍ମର ଭାବ ସେତେ ବ୍ୟକ୍ତି-କୈନ୍ଦ୍ରିକ ହେବ ଏବଂ ସାର୍ବଜନୀନ ଜୀବନରେ ନିରପେକ୍ଷତା ସେତେ ବଢିବ, ଆଞ୍ଚଳିକ ଭେଦଭାବ ସେତେ କମିବ; ଅନ୍ୟର ସଂସ୍କୃତି ଓ ସଭ୍ୟତାରେ ଥିବା ଭଲ ଗୁଣ ଯେ ଅନୁକରଣୀୟ, ଏ ଧାରଣା ବଳବତ୍ତର ହେବ । ଇତିହାସ ତାହା ହିଁ କହେ ।

ଆଗ କାଳରେ ଧର୍ମଗୁରୁମାନେ ରାଜା ହେଉଥିଲେ, ପରେ ଧର୍ମଗୁରୁମାନେ ରାଜାଙ୍କ ସମର୍ଥକ ହେଲେ, ତା ପରେ ରାଜାମାନେ ନିଜ ଗାଦିକୁ ସୁରକ୍ଷିତ କରିବା ଲାଗି ଧର୍ମଗୁରୁମାନଙ୍କୁ ହାତ କଲେ; ନିଜକୁ ଭଗବତ୍ ଅଂଶୀ ବୋଲି ଦର୍ଶାଇବାକୁ ଶାସ୍ତ୍ର ତିଆରି କଲେ । ସାଧାରଣ ଲୋକେ ଅଶିକ୍ଷିତ ଥିବାଯାଏ ଏ କଥା ଚାଲୁଥିଲା । ଲୋକଙ୍କୁ ଜବଦ କରି ଶାସନ କରୁଥିବା ରାଜା ଲୋକଙ୍କ ମତ ଚାହୁଁ ନଥିଲା, ଫଳରେ ପାରିବାରିକ ଶାସନ ଚାଲିଲା । ପାରିବାରିକ ବା ବଂଶର ଶାସନ ବିରୋଧରେ ସ୍ୱର ଉଠାଇବା ଲୋକର କଣ୍ଠରୋଧ କରାଯାଉଥିଲା; ତାକୁ ବନ୍ଦୀ, ଦେଶାନ୍ତର ବା ସଂସାରାନ୍ତର କରି ଦିଆଯାଉଥିଲା, ଯେପରି ଆଉ କେହି ବିରୋଧ କରିବାକୁ ସାହସ ନକରେ । ହିନ୍ଦୁ ଧର୍ମ ଓ ସଭ୍ୟତାରେ ଆଗରୁ ଏ ପର୍ଯ୍ୟାୟ ସରିଯାଇଛି । ଖ୍ରୀଷ୍ଟିଆନ (ମାତ୍ର ୨୦୦୦ ବର୍ଷର) ଓ ଇସ୍‌ଲାମ (ମାତ୍ର ୧୫୦୦ ବର୍ଷର) ଗୋଟିଏ ଗୋଟିଏ

ଅର୍ବାଚୀନ ଧର୍ମ, ସେମାନଙ୍କର ଏ ପର୍ଯ୍ୟାୟ ଏବେ ସରି ସରି ଆସୁଛି । ଖଲିଫା ବା ପୋପଙ୍କ ତାଡନା ଯୋଗୁଁ କ୍ରୁଜେଡ୍ ଓ ଜିହାଦ୍ ଚାଲିଥିଲା, ଦୁଇ ଧର୍ମ ଆସ୍ତେ ଆସ୍ତେ ଅର୍ବାଚୀନତା ହରାଉଛନ୍ତି । ଅବଶ୍ୟ ଖଲିଫା-ବତ୍ ଶାସନ ଚାଲୁ କରାଇବା ଲାଗି ଆଇଏସ୍ ବା ଆଇଏସ୍ଆଇଏସ୍, ଇସଲାମିକ୍ ଷ୍ଟେଟ୍ ଅଫ୍ ଇରାକ୍ ଆଣ୍ଡ ସିରିଆ, ନାମକ ଏକ ସଶସ୍ତ୍ର ନୂଆ ଇସଲାମିକ୍ ଗୋଷ୍ଠୀ, ଏବେ ମଧ୍ୟପ୍ରାଚ୍ୟରେ ସକ୍ରିୟ ହୋଇଛି । କିନ୍ତୁ ଇତିହାସ କହେ, ଯେଉଁ ଧର୍ମ ଯେତେ ପ୍ରାଚୀନ, ତାହା ସେତେ ସହନଶୀଳ ହୁଏ ଓ ଅସହିଷ୍ଣୁତାର ଅବଶେଷ ଲିଭି ଲିଭି ଆସେ । ହିନ୍ଦୁ ଧର୍ମରେ ଅନ୍ୟ ଧର୍ମର ଆଚାର ବିଚାର ପଶି ଯାଇଥିବାର କାରଣ ତାହାର ପ୍ରାଚୀନତା । ଅବଶ୍ୟ ସବୁ ଧର୍ମରେ ମୌଳବାଦୀମାନେ ସବୁ ଦିନେ ଅସହିଷ୍ଣୁ । ଅସହିଷ୍ଣୁତାର ବୀଜ ତାହାର ଇତିହାସରେ । ଇସ୍ଲାମୀ ହେଉ କି ଖ୍ରୀଷ୍ଟିଆନ, ନୂଆ ଧର୍ମ ପ୍ରଚାର କଲାବେଳେ ସେମାନେ ଶାସକଙ୍କ ପୀଡନର ଶିକାର ହୋଇଥିଲେ । ରାଜରାଜୁଡା ଶାସନରେ ଯେ ପର୍ଯ୍ୟନ୍ତ ଧର୍ମ ରାଜାର ସପକ୍ଷ ହେଉ ନ ଥିଲା, ତାକୁ ଧର୍ମ କୁହାଯାଉ ନଥିଲା, ତାକୁ ବିଦ୍ରୋହ କୁହାଯାଉଥିଲା ଓ ଦମନ କରା ଯାଉଥିଲା । ଲୋକଙ୍କର ବାକ୍ ସ୍ୱାଧୀନତା ନ ଥିଲା । ଯେଉଁମାନେ କିଛି ସଂସ୍କାର ଚାହୁଁଥିଲେ ସେମାନଙ୍କୁ ରାଜଦ୍ରୋହୀ କୁହାଯାଉଥିଲା । ସଭ୍ୟ ସମାଜ ଗଢିବାକୁ ଚାହୁଁଥିବା ଲୋକେ ସର୍ବସାଧାରଣ ସ୍ଥାନରେ ଠୁଳ ହୋଇପାରୁ ନ ଥିଲେ । ସଂଗଠନ ବା ଗୋଷ୍ଠୀ ଟିଏ ଗଢିବାର ଅଧିକାର ନ ଥିଲା, ଅଭିଯୋଗ ଆପତ୍ତି କରିବାର ଅଧିକାର ନଥିଲା । ରାଜା, ଖଲିଫା ବା ପୋପ୍ ଭଳି ଶାସକର ଭୟ ଥିଲା ଯେ ଲୋକଙ୍କୁ ଏକାଠି କରିପାରିବା ବ୍ୟକ୍ତି ଏକ ସମାନ୍ତରାଳ କ୍ଷମତା-କେନ୍ଦ୍ର ହୋଇପାରେ । ରାଜାଙ୍କ ପୋଲିସ, ଗୁପ୍ତଚର, ଓ ଚାମଚା ମାନଙ୍କର ଅତ୍ୟାଚାରରୁ ରକ୍ଷା ପାଇବା ଲାଗି ଲୋକେ ଧର୍ମ ସ୍ଥାନରେ ମିଳାମିଶା କରୁଥିଲେ । ତେଣୁ ମନ୍ଦିର, ଗୀର୍ଜା, ମସ୍ଜିଦ ବା ଗୁରୁଦ୍ୱାରା ଭଳି ଧର୍ମସ୍ଥାନକୁ ନିୟନ୍ତ୍ରଣ କରୁଥିବା ଧର୍ମଗୁରୁର ରୁଆବ ବଢିଲା, ସେମାନେ ଭକ୍ତମାନଙ୍କର ଅକୁଣ୍ଠ ସମର୍ଥନ ଦାବି କଲେ ଏବଂ ଧର୍ମସ୍ଥାନକୁ ଶସ୍ତ୍ରାଗାର କରି ପକାଉଥିଲେ । ଦେଶ ଭିତରେ ରାଜାଙ୍କ ଅର୍ଥନୈତିକ ଓ ରାଜନୈତିକ ଅସଫଳତା ଏବଂ ଯୁଦ୍ଧ କ୍ଷେତ୍ରରେ ବିଫଳତାର ସୁଯୋଗ ନେଇ ମୌଳବାଦୀମାନେ ନିଜର ଦୃଷ୍ଟିଭଙ୍ଗୀକୁ ଜନପ୍ରିୟ କରାଇ ନିଅନ୍ତି । ଏ ସବୁ ଇତିହାସର କଥାବସ୍ତୁ, ଏକଛତ୍ରବାଦୀ ଶାସକମାନେ ଅଜାଣତରେ ଧର୍ମଗୁରୁମାନଙ୍କ ପ୍ରଭାବ ବଢାଇ ଥାନ୍ତି ।

ଲୋକଙ୍କ ଅନୁଭବ ପ୍ରତି, ଧର୍ମ ଭାବ ପ୍ରତି, ସମ୍ମାନ ନ ଜଣାଇବା ଶାସନ ବିଦ୍ରୋହର ସମ୍ମୁଖୀନ ହୁଏ ବୋଲି ମସ୍ଜିଦ୍‌ରେ ଲୁଚିଥିବା ସନ୍ତ୍ରାସବାଦୀଙ୍କୁ ଧରିବାକୁ ପୋଲିସ ସିଧାସଳଖ ମସ୍ଜିଦ୍‌ରେ ପଶେ ନାହିଁ । ଭିନ୍ଦ୍ରେୱାଲାର ବାହିନୀକୁ ଧରିବାକୁ ସ୍ୱର୍ଣ୍ଣ ମନ୍ଦିରରେ ପ୍ରବେଶ ଭୁଲ

ହୋଇଥିଲା ବୋଲି ଏବେ ସରକାର ମାନୁଛି । ଯେ ପର୍ଯ୍ୟନ୍ତ ସରକାର ଲୋକଙ୍କ ସ୍ୱାଧୀନତାକୁ ପାଦତଳେ ଦଳି ଦେଉଥିବେ ଲୋକେ ସେ ପର୍ଯ୍ୟନ୍ତ ଧର୍ମଗୁରୁମାନଙ୍କ ଏକଛତ୍ରବାଦ ପ୍ରଚାରରେ ବିଶ୍ୱାସ କରୁଥିବେ । ଗଣତନ୍ତ୍ର ହିଁ ଧର୍ମଗୁରୁ ଓ ମୌଳବାଦୀମାନଙ୍କ ପ୍ରଭାବ କମାଇବ । ତେଣୁ ସାମ୍ପ୍ରଦାୟିକ ଦଳମାନଙ୍କୁ ବାସନ୍ଦ ନ କରି ନିର୍ବାଚନରେ ଭାଗ ନେବା ଲାଗି ଉତ୍ସାହିତ କରିବା ଆବଶ୍ୟକ । ଗଣତନ୍ତ୍ର ଧର୍ମଭିତ୍ତିକ ରାଷ୍ଟ୍ର (ଥିଓକ୍ରାସି)ରେ ପରିଣତ ହୋଇଯିବ ବୋଲି ଯେଉଁମାନେ ଭୟ କରନ୍ତି, ସେମାନେ ଭୁଲିଯାଆନ୍ତି ଯେ ଧର୍ମ ନୁହେଁ, ନେତାର ମତିଗତି ହିଁ ସରକାରର (ତେଣୁ ରାଷ୍ଟ୍ରର) ସ୍ୱରୂପ ନିର୍ଦ୍ଧିଷ୍ଟ କରେ । ନେତା ଗୋଟିଏ ନିର୍ବାଚନ ମଣ୍ଡଳୀର, କିନ୍ତୁ ତାର ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ମତିଗତି ସାରା ଦେଶର ଶାସନ ବ୍ୟବସ୍ଥାକୁ ରୂପ ଦିଏ । ଭୋଟ ବଳରେ ତ ଲାଲୁ, ଭୋଟ ବଳରେ ତ ହିଟଲର, ଶାସନ କରନ୍ତି । କମୁନିଷ୍ଟ ନେତାମାନେ ବି ଭୋଟ ରାଜନୀତିରେ ଏମିତି ବିଶ୍ୱାସ କରନ୍ତି ଯେ ଏକ ମାତ୍ର ପ୍ରାର୍ଥୀ ଠିଆ କରାଇ ଶତକଡା ୯୦ରୁ ୧୦୦ ଭାଗ ଭୋଟ ପାଇଥିବାର ଡିଣ୍ଡିମ ବାଡାନ୍ତି । ଗୋଟିଏ ନିର୍ବାଚନ ମଣ୍ଡଳୀର ନିର୍ବାଚିତ ପ୍ରତିନିଧି ପ୍ରଧାନମନ୍ତ୍ରୀ ହୋଇଗଲେ ସେ ସାରା ଦେଶର ବିବେକର ପ୍ରତିନିଧିତ୍ୱ କରନ୍ତି ବୋଲି କହନ୍ତି । ଗଣତନ୍ତ୍ରକୁ ଛୁରୀ ଭୁଷୁଥିବା ଲୋକ ଯଦି ଗଣତନ୍ତ୍ର ଛତା ତଳେ, ଭୋଟ ରାଜନୀତିରେ, ବଢୁଛନ୍ତି, ତେବେ ଇସ୍‌ଲାମୀ ଦେଶମାନଙ୍କରେ ମୌଳବାଦୀମାନଙ୍କ ପ୍ରତି ବା ଆମ ଦେଶରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତି ଏତେ ଅସୂୟା, ଏତେ ଶତ୍ରୁତା କାହିଁକି? ଦୋଷ ରାଜନୈତିକ ଦଳର, ଲୋକଙ୍କର ନୁହେଁ । ଦଳର ଲୋକେ ଏକଛତ୍ରବାଦୀ ନେତା ଚାହାନ୍ତି । ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଜାରି କଲାବେଳେ କଂଗ୍ରେସୀ ଲୋକେ କେତେ ଜୋରରେ ତାଳି ମାରିଲେ । ତାଙ୍କ ବଂଶଧରମାନେ ଗାଦିକୁ ଆସିଲେ ସେମାନେ କେତେ ଆଶ୍ୱସ୍ତ ହେଉଛନ୍ତି ! ସେମାନେ ଯଦି ଗଣତନ୍ତ୍ରୀ ତେବେ ଆର୍‌ଏସ୍‌ଏସ୍ ବା ଜମାୟତ୍ ଇ ଉଲେମା କାହିଁକି ଅଗଣତନ୍ତ୍ରୀ ହେବେ ? ବ୍ୟବସ୍ଥାର ଛାଞ୍ଚ ଠିକ୍ ଥିଲେ, ଦଳର ସଭ୍ୟମାନେ ମୁରବି(ନେତା)ଙ୍କୁ ଖୋସାମତି ନ କରି ଉଚିତ ମାର୍ଗରେ ଟାଣିଲେ, ନେତାର ବ୍ୟକ୍ତିଗତ ମତ ବଳି ପଡିଯିବ । ସରକାରକୁ ଘରୋଇ ସମ୍ପତ୍ତି ଭାବୁଥିବା ମୁରବିର ସ୍ୱେଚ୍ଛାଚାରିତାର ଫାଇଦା ଯଦି ପ୍ରତି କୁଟୁମ୍ବ ଉଠାଇବେ, ତେବେ ସେମାନେ ଚାମଚା ହୋଇ ଗଣତନ୍ତ୍ରର ହତ୍ୟାକାରୀ ହେବେ । ସଙ୍ଗୋଟ ଓ ସମର୍ଥ ଭାବେ ଜଣାଶୁଣା ସାମ୍ପ୍ରଦାୟିକ ଓ ଧାର୍ମିକ ସଂଗଠନ ମାନେ ବରଂ ରୋକି ଦେବେ, ରାଜନୀତିରେ ସେମାନଙ୍କ ପ୍ରବେଶକୁ ଉତ୍ସାହିତ କଲେ ନେତାମାନଙ୍କ ବ୍ୟକ୍ତିଗତ ଏକଛତ୍ରବାଦ କମିଯିବ, ହାଇକମାଣ୍ଡ ଓ ସୁପ୍ରିମୋ ଭଳି ଏକଛତ୍ରବାଦୀ କମିଯିବେ ।

****

# ଧର୍ମନିରପେକ୍ଷତା ବନାମ ଧର୍ମର ରାଜନୀତି

କେନ୍ଦ୍ର ସରକାରଙ୍କ ମାଧ୍ୟମିକ ଶିକ୍ଷା ପାଇଁ ୨୦୦୨ର ପାଠ୍ୟକ୍ରମରେ ଭାରତୀୟ ଜନତା ଦଳ ନିର୍ଦ୍ଦେଶରେ ହିନ୍ଦୁ-ଧର୍ମ ଶିକ୍ଷା ଅନ୍ତର୍ଭୁକ୍ତ କରାଯାଇଥିବା ଅଭିଯୋଗ କରି ଶ୍ରୀ ଅରୁଣ ରାୟ ଓ ଅନ୍ୟ ଶିକ୍ଷାବିତ୍‌ଙ୍କ ପକ୍ଷରୁ ଉଚ୍ଚତମ ନ୍ୟାୟାଳୟରେ ଯେଉଁ ଜନସ୍ୱାର୍ଥ ମାମଲା କରାଯାଇଥିଲା ତହିଁରେ ରାୟ ଦେଇ ବିଚାରପତିମାନେ (୨୦୦୨ ସେପ୍‌ଟେମ୍ବର ୧୨) କହିଥିଲେ ଯେ 'ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନରେ ଧର୍ମ-ଶିକ୍ଷା ଦିଆଯିବା ଏବଂ ଧର୍ମ ପ୍ରଚାର କରିବା ଅର୍ଥାତ୍ ଗୋଟିଏ ଧର୍ମ ସଂକ୍ରାନ୍ତ ଶିକ୍ଷା ଦେବା, ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ ଅଛି ।·ଧର୍ମ ସମ୍ପର୍କରେ ଜ୍ଞାନ ଆହରଣ ଛାତ୍ରଛାତ୍ରୀର ଅଧିକାର ପରିସରଭୁକ୍ତ । (ଆମ ସମ୍ବିଧାନ ୨୮ ଧାରା) । ତେଣୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଶିକ୍ଷାର ଗୈରୀକରଣ ଅଭିଯୋଗ ଭିତ୍ତିହୀନ ।* ରାଷ୍ଟ୍ରନୀତି, ଲୋକଚକ୍ଷୁରେ ରାଜନୀତି, ଧର୍ମଠାରୁ ଦୂରରେ ରହିବା ଉଚିତ୍ ବୋଲି ଯୁକ୍ତି କରୁଥିବା ତଥା ଜନସ୍ୱାର୍ଥ ମାମଲା କରିଥିବା ବ୍ୟକ୍ତିଙ୍କ ଭଳି ବୁଦ୍ଧିଜୀବୀ ମାନେ ଭୁଲିଯାଉଛନ୍ତି ଯେ କମ୍ପାରେଟିଭ୍ ରିଲିଜିଅନ୍ (ତୁଳନାତ୍ମକ ଧର୍ମ) ବିଷୟରେ ଶିକ୍ଷା ଦାନ କରୁଥିବା ଜଣେ ଖିରସ୍ତାନୀ ବା ହିନ୍ଦୁ ଅଧ୍ୟାପକ ଇସ୍‌ଲାମ ଧର୍ମ ଉପରେ ବ୍ୟାଖ୍ୟା କରିପାରେ, ତାର ସ୍ୱଧର୍ମ ଯାହା ହେଉ ନା କାହିଁକି ଅନ୍ୟ ଧର୍ମର ସାର ତତ୍ତ୍ୱ ବୁଝାଇବାରେ ସେ ପକ୍ଷପାତ ବା ଧର୍ମାନ୍ଧତା ଦେଖାଇବ ନାହିଁ । ସେ ଜ୍ଞାନରେ ଦୀପ୍ତ, ନିଜ ଧର୍ମର ଆଚରଣରେ ପ୍ରଭାବିତ ହୋଇ ସେ ଅଧ୍ୟାପନାକୁ ସଂକୀର୍ଣ୍ଣ କରିବ ନାହିଁ ବା ବିରୋଧରେ ପଢାଇବ ନାହିଁ । ରାଜନୀତି ରାଜା ମହାରାଜାଙ୍କ ନୀତି ଥିଲା ବେଳେ ରାଜନୀତି ଓ ଧର୍ମ ପରିପୂରକ ହୋଇ ଆସିଛି; ଧର୍ମ ଗାଦିକୁ ସୁରକ୍ଷା ପ୍ରଦାନ କରିଛି, ଗାଦି ଧର୍ମର ପ୍ରସାର କରିଛି । ଗଣତନ୍ତ୍ର ଲୋକ ବା ଗଣକୁ ପ୍ରାଧାନ୍ୟ ଦିଏ, କୌଣସି ଗୋଷ୍ଠୀର ପ୍ରାଧାନ୍ୟ ସ୍ୱୀକାର କରେ ନାହିଁ । ରାଜନୀତି ଲୋକଙ୍କୁ ଏକାଠି କରେ ଓ

---

*ମାଧ୍ୟମିକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (National Curriculum Framework for Secondary Education) ପ୍ରଣୟନ କରି ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ନାସ୍‌ନାଲ୍ ଡିମୋକ୍ରାଟିକ୍ ଆଲାୟାନ୍‌ସ, ସଂକ୍ଷେପରେ ଏନ୍‌ଡିଏ) ସରକାର 'ଧର୍ମ ଶିକ୍ଷା'କୁ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରିଥିଲେ । ତାହାକୁ ଆଧାର କରି ଏନ୍‌ସିଆର୍‌ଟି (ନାସନାଲ କାଉନ୍‌ସିଲ୍ ଅଫ୍ ଏଡୁକେଶନ, ରିସର୍ଚ୍ଚ ଆଣ୍ଡ ଟ୍ରେନିଂ) ତିଆରି କରିଥିବା ସିଲାବସ୍‌କୁ ସୁପ୍ରିମ୍ କୋର୍ଟ ଧର୍ମନିରପେକ୍ଷତାର ବିରୋଧୀ ନୁହେଁ ବୋଲି ରାୟ ଦେଇ ଥିଲେ ।

ଧର୍ମ ବିଭିନ୍ନତା ସୃଷ୍ଟି କରେ, ଏ ଧାରଣା ନେଇ ବୁଦ୍ଧିଜୀବୀମାନେ କହନ୍ତି, ରାଜନୀତି, ତେଣୁ ସରକାର ଏବଂ ପ୍ରଶାସନ, ଧର୍ମନିରପେକ୍ଷ ରହୁ । ପାଶ୍ଚାତ୍ୟ ଦେଶମାନଙ୍କରେ ଗୀର୍ଜାଠାରୁ ସରକାର ଦୂରରେ (ସେପାରେସନ୍ ଅଫ୍ ଚର୍ଚ୍ଚ ଫ୍ରମ୍ ଷ୍ଟେଟ୍, ଧର୍ମଠାରୁ ଶାସନ ପୃଥକ) ରହିବାର ନୀତି ଗ୍ରହଣ କରାଯାଇଛି । ସେକୁଲାର ବା ଧର୍ମନିରପେକ୍ଷ ମନୋଭାବର ଅର୍ଥ ନୁହେଁ ଯେ ବ୍ୟକ୍ତି ତାହାର ଧର୍ମ ଛାଡିଦେବ, ଏହାର ଅର୍ଥ ବ୍ୟକ୍ତି ରାଷ୍ଟ୍ର ଦାୟିତ୍ୱ ସମ୍ଭାଳିବା ବେଳେ କୌଣସି ଧର୍ମ ପ୍ରତି ଅନୁକମ୍ପା ବା ଭୟ ପ୍ରଦର୍ଶନ କରିବ ନାହିଁ । ଏବେ ବି ତ ବିଲାତରେ ରାଜା ବା ରାଣୀ ପ୍ରୋଟେଷ୍ଟାଣ୍ଟ ଧର୍ମର ନ ହୋଇଥିଲେ ସିଂହାସନକୁ ଆସିପାରିବେ ନାହିଁ; ତଥାପି ସେ ଦେଶରେ ରୋମାନ୍ କାଥୋଲିକ୍ ନାଗରିକ ମାନଙ୍କୁ ନିର୍ଯ୍ୟାତନା ଦିଆଯାଏ ନାହିଁ । ସେପାରେସନ ବା ପୃଥକ୍ ହେବାର ମାନେ ନୁହେଁ ଯେ ଧର୍ମ ଓ ରାଜନୀତି ମଧ୍ୟରେ ମିଶାମିଶି ନାହିଁ । ଗୁଜରାଟ୍‌ର ଗୋଦ୍ରା ହିଂସାକାଣ୍ଡ ପରବର୍ତ୍ତୀ ଦଙ୍ଗା ପରିପ୍ରେକ୍ଷୀରେ ବୁଦ୍ଧିଜୀବୀ ମାନେ ଏ କଥା ଜୋର୍‌ସୋରରେ କହିଲେ । କିନ୍ତୁ ପାକିସ୍ଥାନସମର୍ଥିତ ସନ୍ତ୍ରାସବାଦୀମାନେ କାଶ୍ମୀରରେ ପଣ୍ଡିତ (କାଶ୍ମୀରୀ ବ୍ରାହ୍ମଣ) ମାନଙ୍କୁ ହତ୍ୟା କରୁଥିବା ବେଳେ କେହି ବୁଦ୍ଧିଜୀବୀ କହୁନାହିଁ ପାକିସ୍ଥାନର ରାଜନୀତି ଧର୍ମନିରପେକ୍ଷ ହେଉ । ଯେଉଁ କେତେଜଣ ପାକିସ୍ଥାନୀ ବୁଦ୍ଧିଜୀବୀ ଏପରି ଭାବୁଥିବେ, ସେମାନେ ମୁସଲମାନ ମୌଳବାଦୀମାନଙ୍କ ଭୟରେ ତୁଣ୍ଡ ଖୋଲୁନଥିବେ । ବିଭିନ୍ନ ଦେଶରେ ରାଜନୀତି କଣ ଭିନ୍ନ ଭିନ୍ନ ରଙ୍ଗର ହେବ ? ଜୋର୍ ଯାର ନୈତିକତା ତାର, ଯେଉଁମାନଙ୍କ ଜୋର୍ ନାହିଁ ସେମାନେ ଆଇନରେ ଉଦ୍ଦିଷ୍ଟ ଥିବା ନୈତିକତା ମାନିବାକୁ ବାଧ୍ୟ ।

ରାଜନୀତିଠାରୁ ଧର୍ମକୁ ଭିନ୍ନ ରଖାଯାଉ ବୋଲି କହୁଥିବା ରାଜନେତାଏ କାର୍ଯ୍ୟରେ ତାହା କରନ୍ତି ନାହିଁ ବୋଲି ଅତୀତ ଇତିହାସ କହେ, ଚଳିତ ଘଟଣାପ୍ରବାହ ବି ତାହା ଦେଖାଉଛି । ମଦ୍ରାସା, କନ୍‌ଭେଣ୍ଟ, ବିଦ୍ୟାମନ୍ଦିର ଆଦିରେ ଧର୍ମ ଶିକ୍ଷା ଦିଆଯାଉଛି । ପାକିସ୍ଥାନରେ ମଦ୍ରାସା ଯେତେ ବଢୁଛି, ଆମେରିକାରେ ଧାର୍ମିକ ବିଦ୍ୟାଳୟ ତାଠାରୁ କମ୍ ହାରରେ ବଢୁନାହିଁ । ଯେଉଁ କଂଗ୍ରେସ (ରାଜୀବ ଗାନ୍ଧିଙ୍କ ଶାସନରେ) ଧର୍ମନିରପେକ୍ଷତା ଆଇନ ପାସ୍ କରି ଶାହ ବାନୋ ଭରଣ ପୋଷଣ ମାମଲାରେ *ସୁପ୍ରିମ୍ କୋର୍ଟ ଦେଇଥିବା ରାୟକୁ ସମ୍ବିଧାନ ସଂଶୋଧନ କରି ଅକାମୀ କରି ଦେଲା, ବ୍ୟକ୍ତିର ଧର୍ମ ଅଧିକାର (ପର୍ସନାଲ୍ ରାଇଟସ୍) ରାଷ୍ଟ୍ରଠାରୁ ଉର୍ଦ୍ଧ୍ୱରେ ବୋଲି ରାଜନୀତି କଲା, ସେ ପୁଣି ବିଜେପିକୁ ହିନ୍ଦୁତ୍ୱବାଦୀ କହେ । 'ମୁଁ ଧର୍ମକୁ ରାଜନୀତିର

*ମହମ୍ମଦ ଅହମଦ୍ ଖାଁ ବନାମ ଶାହ ବାନୋ ବେଗମ୍ (୧୯୮୫)

ଆୟୁଧ କରୁଥିବି, କିନ୍ତୁ ମୋର ବିରୋଧୀ ତାହା ନ କରୁ ବୋଲି କହି ଚାଲିଥିବି' – ଏ ହେଉଛି ଧର୍ମର ରାଜନୀତି, ପଲିଟିକସ୍ ଅଫ୍ ରିଲିଜିଅନ୍ ।

ମାର୍କିନ୍ ସମ୍ବିଧାନର ଅନୁକରଣରେ ଆମେ ସମ୍ବିଧାନରେ 'ମୌଳିକ ଅଧିକାର' ଅଧ୍ୟାୟରେ ଧର୍ମନିରପେକ୍ଷତା ରଖିଲୁ, ପୁଣି ପରେ ମୁଖବନ୍ଧ ସଂଶୋଧନ କରି ଆମ ରାଷ୍ଟ୍ରକୁ 'ସେକୁଲାର୍' କହିଲୁ । ଧର୍ମ କାରଣରୁ କାହାରିକୁ ବାଛବିଚାର କରାଯାଇପାରିବ ନାହିଁ (ଧାରା ୧୫) ଏବଂ ସରକାରୀ ଚାକିରିବାକିରିରେ ଧର୍ମ କାରଣରୁ ବାସନ୍ଦ କରାଯାଇ ପାରିବ ନାହିଁ (ଧାରା ୧୬) । ମାର୍କିନ୍ ସମ୍ବିଧାନରେ ଧାରା ୬ରେ ଥିଲା 'ଯୁକ୍ତରାଷ୍ଟ୍ର ଅଧୀନରେ କୌଣସି ଅଫିସ୍ ପାଇଁ ବା ପବ୍ଲିକ୍ ଟ୍ରଷ୍ଟ ପାଇଁ ଧର୍ମଭିତ୍ତିରେ ଯୋଗ୍ୟତା ସ୍ଥିର କରାଯାଇ ପାରିବ ନାହିଁ ।' (ନୋ ରିଲିଜିଅସ୍ ଟେଷ୍ଟ ଶଲ୍ ଏଭର୍ ବି ରିକ୍ୱାୟାର୍ଡ ଆଜ୍ ଏ କ୍ୱାଲିଫିକେସନ୍ ଟୁ ଏନି ଅଫିସ୍ ଅର୍ ପବ୍ଲିକ୍ ଟ୍ରଷ୍ଟ ଅଣ୍ଡର୍ ଦି ୟୁନାଇଟେଡ୍ ଷ୍ଟେଟ୍ସ୍ ।) ସେତିକିରେ ଯଥେଷ୍ଟ ହେଲା ନାହିଁ ଯେ ସେମାନେ ବିଲ୍ ଅଫ୍ ରାଇଟ୍ସ୍ ଗ୍ରହଣ କରି ପ୍ରଥମ ସମ୍ବିଧାନ ସଂଶୋଧନରେ ପ୍ରଶସ୍ତତର ଓ ସ୍ପଷ୍ଟତର କଲେ: ଧର୍ମ ସ୍ଥାପନ ବା ଧର୍ମର ଅବାଧ ଆଚରଣ ସମ୍ପର୍କରେ କଂଗ୍ରେସ୍ ଆଇନ ତିଆରି କରିବ ନାହିଁ । (କଂଗ୍ରେସ୍ ଶଲ୍ ମେକ୍ ନୋ ଲ ରେସ୍‌ପେକ୍ଟିଂ ଆନ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଅଫ୍ ରିଲିଜିଅନ୍, ଅର୍ ପ୍ରହିବିଟିଂ ଦି ଫ୍ରି ଏକ୍ସରସାଇଜ୍ ଦେଆରଅଫ୍ ।) ଏ ପ୍ରକାର ବ୍ୟବସ୍ଥାର ଦୁଇ ପ୍ରକାରର ଅର୍ଥ କରାଯାଇପାରେ: ରାଷ୍ଟ୍ରର ଧର୍ମ ଭାବେ ଧର୍ମଟିଏ ତିଆରି କରିହେବ ନାହିଁ, ଅର୍ଥାତ୍ ଧର୍ମଠାରୁ ରାଷ୍ଟ୍ରନୀତି ଅଲଗା ରହିବ । ଦ୍ୱିତୀୟଟି ହେଲା, ନାଗରିକ ତାହାର ମନଇଚ୍ଛା ଉପାସନା କରିପାରିବ । ଏ ଦୁଇଟି ବ୍ୟବସ୍ଥା ଧାର୍ମିକ ସ୍ୱାଧୀନତାର ପରିସର ସମ୍ବନ୍ଧୀୟ ପ୍ରଶ୍ନର ଯେତେ ସମାଧାନ କରେ ତା ଠାରୁ ବେଶି ସମସ୍ୟା ଉଠାଏ । ରାଷ୍ଟ୍ର କୌଣସି ଧର୍ମ ତିଆରି କରିବ ନାହିଁ, ଅଥଚ ଉପସ୍ଥିତ ଧର୍ମକୁ ପ୍ରସାର କରିବ, ଏ କଣ ସଂଶୋଧନର ଉଦ୍ଦେଶ୍ୟ ? କୌଣସି ନୂଆ ଧର୍ମ ବା ଧର୍ମମତ ଉଧେଇବାରେ ବାଧା ଦେବ ନାହିଁ, ଏପରି ଗୋଟିଏ ଅର୍ଥ ହେଲା ବେଳେ ଆଉ ଗୋଟିଏ ଅର୍ଥ ହେବ ଯେ ନୂଆ ଧର୍ମ ଉଧେଇବାରେ ବାଧା ବି ଦେବ, କାରଣ ତାହା କୌଣସି ନା କୌଣସି ଉପସ୍ଥିତ ଧର୍ମର ଅନୁଗତଙ୍କୁ ବା ଭିନ୍ନମତାବଲମ୍ବୀଙ୍କୁ ତାର ଧାର୍ମିକ ସ୍ୱାଧୀନତାରେ ବାଧା ଦେଉଛି ବୋଲି ପାତି ହେବ । ଗଣତନ୍ତ୍ରରେ କଣ ଯେଉଁ ଧର୍ମର ଲୋକଙ୍କ ଭୋଟ ସଂଖ୍ୟା ବିଜୟର ନିର୍ଣ୍ଣାୟକ ହେବ ବୋଲି ନେତାଏ ଭାବିବେ ବା ଭାବୁଛନ୍ତି ସେହି ଧର୍ମର ପ୍ରସାରରେ ସରକାର ବାଧା ଦେବେ ନାହିଁ, ସେହି ଧର୍ମ ଅନ୍ୟ

ଧର୍ମାବଲମ୍ବୀମାନଙ୍କୁ ନିର୍ଯାତନା ଦେଲେ ସରକାର ଚୁପ୍ ରହିବେ ? ଆଉ ସହିଷ୍ଣୁ ଧର୍ମର ଅନୁଗତଙ୍କ ସଂଖ୍ୟା କମୁଥିବ ? ମନେ ରଖିବା କଥା ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ସ୍କୁଲ ଗୁଡିକ ପ୍ରାୟଶଃ ଧର୍ମସଂସ୍ଥା ଦ୍ୱାରା ସ୍ଥାପିତ ଓ ପରିଚାଳିତ । ସେଠାରେ କାଥୋଲିକ୍, ପ୍ରଟେଷ୍ଟାଣ୍ଟ ଓ ଇହୁଦୀ ଧର୍ମସଂସ୍ଥାମାନଙ୍କ ଦ୍ୱାରା ଅଧିକାଂଶ ବିଦ୍ୟାଳୟ ଓ ବହୁତ ମହାବିଦ୍ୟାଳୟ ପରିଚାଳିତ । ସ୍କୁଲମାନଙ୍କରେ ପ୍ରାର୍ଥନାରେ* ଥିବା 'ଗଡ୍ ବ୍ଲେସ୍ ଆମେରିକା' ପଦ ଏକ ପ୍ରକାରର ଧର୍ମଭାବନାକୁ ବଢାଉଛି, ତେଣୁ ମାର୍କିନ୍ ସମ୍ବିଧାନର ବିରୋଧ କରୁଛି, ଏ କାରଣରୁ ସ୍କୁଲମାନଙ୍କରେ ପିଲାମାନଙ୍କୁ ବୋଲିବାକୁ ବାଧ୍ୟ କରାଯାଇ ନ ପାରେ ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ନବମ ସର୍କିଟ୍ କୋର୍ଟ ଅଫ୍ ଅପିଲ୍ ଏକ ରାୟ ଦେଲେ । ଅଥଚ ମାର୍କିନ୍ ବିଧାୟକମାନେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଯେଉଁ ଶପଥ ନିଅନ୍ତି ତହିଁରେ ଥିବା 'ୱାନ୍ ନେସନ୍ ଅଣ୍ଡର ଗଡ୍' ବାକ୍ୟାଂଶଟି ଧର୍ମନିରପେକ୍ଷତା ବିରୁଦ୍ଧରେ ଯାଉନାହିଁ ବୋଲି କୋର୍ଟ ରାୟ ଅଛି । ଯେତେବେଳେ ରାଷ୍ଟ୍ରପତି ବୁଷ୍ ଷ୍ଟେମ୍ ସେଲ୍ ରିସର୍ଚ ଭଳି ଏକ ବୈଜ୍ଞାନିକ କାର୍ଯ୍ୟକୁ ସରକାରୀ ଅନୁଦାନରୁ ବଞ୍ଚିତ କଲେ, କେହି କହିଲା ନାହିଁ ଯେ ସେ ଧର୍ମର ରାଜନୀତି କରୁଛନ୍ତି । ବୁଷ୍ ଜଣେ କାଥୋଲିକ୍, କାଥୋଲିକ୍‌ମାନେ ଭ୍ରୁଣହତ୍ୟାବିରୋଧୀ, ଆମେରିକାରେ ଗୁରୁତର ଷ୍ଟେମ୍ ସେଲ୍ ରିସର୍ଚକୁ ବାରଣ କରିବା ମୂଳରେ ଥିଲା ତାଙ୍କ କ୍ୟାଥୋଲିକ୍ ମନୋଭାବ ।

ପ୍ରାଚୀନ ହେଉ ବା ଆଧୁନିକ, ସବୁ ରାଜନୈତିକ ବ୍ୟବସ୍ଥା ତଥା ସଂସ୍ଥା ପ୍ରାୟ ଧର୍ମ ଉପରେ ପ୍ରତିଷ୍ଠିତ । ରାଜା ହେବା ଏକ ଦୈବୀ ଅଧିକାର ବୋଲି ପ୍ରଚାର କରି ରାଜାମାନେ ପ୍ରଜାମାନଙ୍କ ବିରୋଧକୁ ଏଡାଇ ପାରୁଥିଲେ, ବିଦ୍ରୋହକୁ ଦବାଇ ପାରୁଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେଉଁ ଜାପାନୀମାନେ ଜାପାନ ପାଇଁ ଯୁଦ୍ଧ କ୍ଷେତ୍ରରେ ଜୀବନ ଦାନ ଦେଉଥିଲେ ସେମାନେ ସ୍ୱର୍ଗକୁ ଗଲେ ବୋଲି ଧରାଯାଉଥିଲା । ଚୀନ୍‌ର ସମ୍ରାଟଙ୍କୁ ଦେବତା ବୋଲି ଧରାଯାଉଥିଲା ଏବଂ ତାଙ୍କ କର୍ମଚାରୀମାନଙ୍କୁ ସେମାନଙ୍କ ଧର୍ମଜ୍ଞାନ ପାଇଁ ସମ୍ମାନ ଦିଆଯାଉଥିଲା । ରାଜାକୁ ଦେବଅଂଶୀ କହିଲେ ତାଙ୍କ କର୍ମଚାରୀମାନଙ୍କୁ ଦେବତାର ପୂଜକ ଭାବେ ଧରିବାକୁ ପଡିବ,

* ଯଦି ପିଲାମାନେ ସ୍ୱଇଚ୍ଛାରେ ଏପରି ଶପଥ ନେବେ ତେବେ ଶପଥରେ ଈଶ୍ୱର ପ୍ରତି ଅନୁରକ୍ତି ପ୍ରକାଶ କରିବା କଥାଟା ଅନୁରକ୍ତି ପ୍ରକାଶ କରିବାକୁ ଚାହୁଁନଥିବା ପିଲାଙ୍କ ଅଧିକାର କ୍ଷୁଣ୍ଣ କରୁନାହିଁ ବୋଲି ନଭେମ୍ବର ୧୨, ୨୦୧୦ ରେ ବୋଷ୍ଟନର ୟୁନାଇଟେଡ୍ ଷ୍ଟେଟ୍‌ସ କୋର୍ଟ ଅଫ୍ ଆପିଲ୍‌ସ ଫର୍ ସର୍କିଟ୍ ରାୟ ଦେଇଛନ୍ତି । ହାୱାଇ, ଆଇଓୱା, ଓକ୍ଲାହୋମା, ଭର୍ମଣ୍ଟ, ଓ ୱୋମିଙ୍ଗ ପ୍ରଦେଶ ବ୍ୟତୀତ ଆଉ ସବୁ ପ୍ରଦେଶରେ ସ୍କୁଲ ଦିବସର ଆରମ୍ଭରେ ଏଭଳି ପ୍ରାର୍ଥନା କରାଯାଉଛି ।

ତେଣୁ ସେମାନଙ୍କ ଅତ୍ୟାଚାର ବିରୁଦ୍ଧରେ ଆଗକାଳରେ ବିଦ୍ରୋହ ନଥିଲା । ସହଜେ ତ ବିଦ୍ୟା ପାଇଁ, ଧାର୍ମିକ ସ୍ଥାନ ପାଇଁ, ସେମାନଙ୍କୁ ସମ୍ମାନ ଦିଆଯାଉଥିଲା । ରାଜାଙ୍କ ଗୁରୁଙ୍କୁ ରାଷ୍ଟ୍ରର ସର୍ବୋଚ୍ଚ ଋଷି ବା ଧର୍ମଗୁରୁ ଧରାଯାଉଥିଲା । ଏ ପରମ୍ପରା ବ୍ୟାସଦେବ, ବଶିଷ୍ଠ, ଆଦି ଋଷିଙ୍କଠାରୁ ଚାଲି ଆସିଛି । ପୁରୀ ରାଜାଙ୍କୁ ଓଡିଶାରେ ଠାକୁରରାଜା କହିବା ଏହି ପ୍ରାଚୀନ ଧାରଣାର ଅବଶେଷ । ଏବେ ଏମ୍‌ଏଲ୍‌ଏ ବା ଏମ୍‌ପି ବା ମନ୍ତ୍ରୀ , ପଦରେ ଶପଥ ନେବା ପୂର୍ବରୁ ପୂଜାପାଠ କରୁଛନ୍ତି, ଆସନ ଗ୍ରହଣ ପୂର୍ବରୁ ଈଶ୍ୱରଙ୍କ ନାମରେ ଶପଥ ପାଠ କରୁଛନ୍ତି । ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଗଡ଼୍‌ମେନ୍‌ଙ୍କ ଆଶୀର୍ବାଦ ଆଣିବା ବା ବଡ ବଡ ଦେବାଳୟରେ ଦର୍ଶନ କରିବା ଆଦି ଘଟଣାକୁ ସମ୍ବାଦପତ୍ର ମାନଙ୍କରେ ବାହାର କରିବା ଏହି ପ୍ରକ୍ରିୟାର ଆଧୁନିକ ସଂସ୍କରଣ । ଦେବତା ଦର୍ଶନ (ପୂଜା) ତ ପ୍ରକୃତ କଥା, ଦର୍ଶନ କରିବାକୁ ଇଚ୍ଛା କରିବା, ଯିବା ପାଇଁ ଚେଷ୍ଟା କରିବା, ବି ସମ୍ବାଦରେ ପ୍ରକାଶିତ ହେଉଛି । ଯଥା ଉତ୍ତର ପ୍ରଦେଶ ସରକାର ଯଥେଷ୍ଟ ସୁରକ୍ଷା ବନ୍ଦୋବସ୍ତ କରୁ ନଥିବାରୁ ସୋନିଆ ଗାନ୍ଧୀ ମହା କୁମ୍ଭ ମେଳା (ଫେବୃଆରୀ ୨୦୧୩)କୁ ଯିବା ବନ୍ଦ କରିଦେଲେ, କିମ୍ବା ଆଜମିରର ଦରଘା ସରିଫ୍ ବା ସୁଫି ପୀଠରେ ଚାଦର ଦାନ କରିବାକୁ ଗଲେ (ମେ ୨୦୧୩) । ସମ୍ପୃକ୍ତ ଧର୍ମର ମତାବଲମ୍ବୀ ନ ହୋଇ ହିନ୍ଦୁ ମେଳାକୁ ଯିବା, ମୁସଲିମ୍ ଦରଘାକୁ ଯିବା, ଏକ ଲୋକ-ଦେଖାଣିଆ କାରବାର ଛଡା ଆଉ କଣ ହୋଇପାରେ ? ଆମ ରାଜ୍ୟରେ ଏକଦା ଜଗନ୍ନାଥ, ସୁଭଦ୍ରା ଓ ବଳରାମଙ୍କ ମୂର୍ତ୍ତିଙ୍କୁ ଗାଡିରେ ବସାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବୁଲାଯାଇଥିଲା, ଠାକୁରମାନଙ୍କ ଯାତ୍ରାରେ ସାମିଲ ହୋଇଥିଲେ ସୁପ୍ରିମ୍ କୋର୍ଟର ଜଣେ ପ୍ରାକ୍ତନ ପ୍ରଧାନ ବିଚାରପତି ଓ ରାଜ୍ୟସଭାର ତତ୍କାଳୀନ ସଭ୍ୟ ରଙ୍ଗନାଥ ମିଶ୍ର । ଉଦ୍ଦେଶ୍ୟ –ଅପ୍ରିୟ ହେଉଥିବା ଶାସନ ଗାଦିକୁ ପ୍ରକାଶ୍ୟ ଧାର୍ମିକ ଧାରଣା ଦ୍ୱାରା ଲୋକପ୍ରିୟ କରିବା । ଲୋକଙ୍କ ଆଖିରେ ଏ ଏକ ବୈଧୀକରଣ ବ୍ୟବସ୍ଥା । ଆମ ଭାରତରେ ବାହୁବଳରେ ରାଜ କରୁଥିବା କ୍ଷତ୍ରିୟମାନେ ବୈଧତା ହାସଲ (ଧର୍ମ-ମଞ୍ଜୁରୀ) ପାଇଁ ବ୍ରାହ୍ମଣମାନଙ୍କ ଆଶୀର୍ବାଦ ନେଉଥିଲେ, ରାଜ ଦରବାରର ଲେଖକ ଦ୍ୱାରା ରାଜବଂଶ ଦେବଅଂଶୀ ବୋଲି, ଏପରିକି ଅଯୋନିସମ୍ଭୂତ ବୋଲି ଗ୍ରନ୍ଥ ଲେଖାଇନେଇଛନ୍ତି । ସେତେବେଳେ ପ୍ରଜାମାନଙ୍କ ଭକ୍ତି ସଂଗ୍ରହ କରିବାର ଏ ଏକ ଉପାୟ ଥିଲା ।

ମହମ୍ମଦଙ୍କ ଦାୟାଦ ଭାବେ ଖଲିଫା (ଇଂରାଜୀରେ ଖଲିଫ୍) ପଦଧାରୀମାନେ ଇସ୍‌ଲାମ୍‌ର ନେତୃତ୍ୱ ନେଲେ । କୋରାନ୍ କହେ ଆଲ୍ଲାଙ୍କ ରାଜ୍ୟରେ (ସୃଷ୍ଟିରେ) କେବଳ

ଆଲ୍ଲାଙ୍କଠାରେ ବିଶ୍ୱାସ ରଖିଥିବା ଲୋକେ ହିଁ ରହିବା କଥା । ତେଣୁ ଖଲିଫାମାନେ ରାଜ୍ୟ ସମ୍ଭାଳିବାର ଦୈବୀ ଅଧିକାର ପାଇଲେ । ଆବୁ ବକର୍ ଥିଲେ ପ୍ରଥମ ଖଲିଫା । ୪ର୍ଥ ଖଲିଫା (୬୫୬-୬୧) ଥିଲେ ଅଲ୍ଲି, ସେ ମହମ୍ମଦଙ୍କ କନ୍ୟା ଫତିମାଙ୍କୁ ବିବାହ କରିଥିଲେ । ଅଲ୍ଲିଙ୍କ ପୁତ୍ର ହାସାନ୍‌ଙ୍କ ଗାଦି ତ୍ୟାଗ ପରେ ଅଲ୍ଲିଙ୍କ ଶାସନକୁ ବିରୋଧ କରୁଥିବା ମୁଆୱିଆ ଖଲିଫା ହେଲେ । ଅଲ୍ଲିଙ୍କ ଉତ୍ତରାଧିକାରୀ ସମ୍ପର୍କରେ ବିବାଦ ଉପୁଜି ଇସ୍‌ଲାମ୍ ଦୁଇ ଭାଗ ହୋଇଗଲା: ଶିୟା ଓ ସୁନ୍ନି । ଏ ସବୁର କାରଣ ଥିଲା କିଏ ହେବ ଖଲିଫା ବା ରାଜା । ମୁସ୍‌ଲିମ୍-ରାଷ୍ଟ୍ରମାନଙ୍କରେ ଧର୍ମ ଏବେ ବି ରାଜୁତା ଓ ପ୍ରଶାସନକୁ ନିୟନ୍ତ୍ରଣ କରୁଛି । ଯେଉଁଠି ଧର୍ମନିରପେକ୍ଷ ଗୋଷ୍ଠୀଟିଏ ଶାସନକୁ ଆସିଛି ସେଠାରେ ମୁସ୍‌ଲମାନ ମୌଳବାଦୀଙ୍କ ପ୍ରରୋଚନାରେ ଗୃହଯୁଦ୍ଧ ଲାଗିରହିଛି । ଅର୍ଥାତ୍ ସେସବୁ ରାଷ୍ଟ୍ରରେ ରାଜନୀତି ଓ ଧର୍ମ ଓତପ୍ରୋତ ଭାବେ ଜଡିତ ।

ପ୍ରତିପତ୍ତି ବଢାଇବାକୁ ରାଜା ଗଢୁଥିଲେ ମନ୍ଦିର, ଗୀର୍ଜା, ବିହାର, ବା ଲୋକଙ୍କ ଧର୍ମ ଅନୁଯାୟୀ ସେହିଭଳି କିଛି ଏବଂ କ୍ରମେ କ୍ରମେ ରାଜପୁରୋହିତଙ୍କ ସହାୟତାରେ ନିଜକୁ ମହାରାଜା ଉପାଧିରେ ଭୂଷିତ କରୁଥିଲେ । ଏ ଭଳି ଧର୍ମାଚରଣ କରୁଥିବା ରାଜା ବା ସମ୍ରାଟଙ୍କୁ ଲୋକେ ଠାକୁର ଭାବୁଥିଲେ । ସେ ଚୀନ୍‌ର ହେଉନ୍ତୁ କି ଭାରତର, ମିଶରର ହେଉନ୍ତୁ କି ବିଲାତର, ଫିନିସୀୟ ହେଉନ୍ତୁ କି ଆଜ୍‌ଟେକୀୟ ସଭ୍ୟତାର । ଜାପାନରେ ୧୯୪୫ ପର୍ଯ୍ୟନ୍ତ ଶିଣ୍ଟୋ ଧର୍ମ ରାଜୁତାକୁ ସମର୍ଥନ କରୁଥିଲା । ସମ୍ରାଟଙ୍କୁ ଦେବତା ଭଳି ପୂଜା କରାଯାଉଥିଲା । ରାଜା ମହାରାଜା ମାନଙ୍କ ଆଦି ପୁରୁଷ ରାଜା ହୋଇ ଜନ୍ମ ହୋଇ ନ ଥିଲେ । ସେମାନେ ଥିଲେ ଡାକୁ ବା ଡାକୁସର୍ଦ୍ଦାର । ଯିଏ ବୁଲି ବୁଲି ଲୋକଙ୍କୁ ଭୟଭୀତ କରାଇ (ପ୍ରକାରାନ୍ତରେ ବଶ୍ୟତା ହାସଲ କରି) ଧନ ଆଦାୟ କରେ ତାକୁ କୁହାଯାଏ ଡାକୁ, ଯିଏ ଗୋଟିଏ ସ୍ଥାନରେ (ଗାଦିରେ) ବସି ଲୋକଙ୍କ ଠାରୁ ତାର ବଶ୍ୟତା ସ୍ୱୀକାର ନିଦର୍ଶନ ସୂଚକ ପାଉଣା ଆଦାୟ କରେ ତାକୁ କୁହାଯାଏ ରାଜା । ଡାକୁ ଜଣେ ଭ୍ରାମ୍ୟମାଣ ରାଜା, ରାଜା ଜଣେ ସ୍ଥାନିକ ଡାକୁ । ଏହି ଅବସ୍ଥାରୁ କାଳକ୍ରମେ ଗ୍ରହଣୀୟ ରାଜୁତା ଆସିଲା, ସେମାନଙ୍କ ଦାୟାଦମାନେ ରାଜବଂଶ ସ୍ଥାପନ କଲେ ଏବଂ ପଣ୍ଡିତମାନଙ୍କୁ ନିଜ ବଂଶାବଳୀର ପୁରାଣ ଲେଖାଇବା କାମରେ ଲଗାଇଲେ । ରାଜପୃଷ୍ଠପୋଷକତାରେ ବଢିଥିବା ପଣ୍ଡିତ ରାଜାଙ୍କୁ ଦେବତା ରୂପେ ବର୍ଣ୍ଣନା କଲେ, ସେମାନେ କୌଣସି ନା କୌଣସି ଦେବତାର ଅଂଶରୁ ଜନ୍ମ ବୋଲି ରାଜବଂଶର ପୁରାଣରେ ଲେଖିଲେ । ଦେବତାଙ୍କ ଭଳି ଏମାନେ ଅଯୋନିସମ୍ଭୂତ ହେଲେ, କିଏ ମାଛରୁ ଜନ୍ମ ହେଲା (ଯଥା କେନ୍ଦୁଝର),

କିଏ ମୟୂର ଡିମ୍ବରୁ ଜନ୍ମ (ମୟୂରଭଞ୍ଜ), ତ କିଏ ପଦ୍ମରୁ (ବାମଣ୍ଡା), କିଏ ସୂର୍ଯ୍ୟଙ୍କ ଔରସରୁ ତ କିଏ ଚନ୍ଦ୍ରବଂଶୀ ଲେଖାଗଲା ବୋଲି ଲୋକମୁଖରୁ ଶୁଣାଯାଏ । ଦେବଅଂଶୀ ରାଜାଙ୍କୁ ମାନିବା ଧାର୍ମିକ କଥା ବୋଲି ଲୋକେ ଭାବିନେଲେ । ପ୍ରଜାମାନଙ୍କ ବିରୋଧ ବା ବିଦ୍ରୋହକୁ ଦେବ-ବିରୋଧୀ କହି ଦବାଇ ହେଲା । ରାଜୁଡା ଗଲା ପରେ ବି ସେହି କଥା । ଲୋକେ ପରମ୍ପରାକୁ ଖାତିର କରୁଥିବା ଦେଶରେ ଶାସକ ଦଳ ଗାଦିରେ ରହିବା ପାଇଁ ପରମ୍ପରାକୁ ପ୍ରୋତ୍ସାହନ ଦିଅନ୍ତି । ଲୋକ ପ୍ରତିନିଧି ମରିଗଲେ ତାଙ୍କ ସ୍ତ୍ରୀ ବା ପିଲାଙ୍କୁ ପ୍ରାର୍ଥୀ ରୂପେ ଠିଆ କରାନ୍ତି । ଏ ହେଉଛି ଧର୍ମର ରାଜନୀତି ।

ବସ୍ତୁତଃ ରାଜନୀତି ଓ ଧର୍ମ ମଧ୍ୟରେ ସ୍ଥିର ସମ୍ପର୍କ ନଥିଲେ ଦୁହିଁଙ୍କ ଭିତରେ ଦ୍ୱନ୍ଦ୍ୱ ଆସେ, ଏ ଦ୍ୱନ୍ଦ୍ୱ ନୂଆ ସମାଜକୁ ଜନ୍ମ ଦିଏ, ନୂଆ ରାଜନୈତିକ ବ୍ୟବସ୍ଥା ତିଆରି କରେ । ଧର୍ମସଂସ୍ଥାପକ ବା ଅବତାର ବା ପ୍ରଫେଟ୍ ତାଙ୍କ ସମୟର ଶାସନ ବ୍ୟବସ୍ଥା ଦ୍ୱାରା ଉଭୟ ଭିତରୁ ଓ ବାହାରୁ ପ୍ରଭାବିତ ହୋଇଥାନ୍ତି । ଧର୍ମ ଭାବରେ ଉଦ୍‌ବୁଦ୍ଧ ହୋଇ ପ୍ରଫେଟ୍‌ମାନେ ଏମିତି କେତେକ ଦାବି କରିଥାନ୍ତି ଯାହା ଉପସ୍ଥିତ ରାଜନୀତିକ ଦୃଷ୍ଟିକୋଣରୁ ଅବାସ୍ତବ ଓ ଅନୁଚିତ । ତଥାପି ପ୍ରଫେଟ୍ ନିଜ ମତ ପ୍ରଚାର କରିବାରେ ଲାଗିଯାନ୍ତି, ପ୍ରଫେଟଙ୍କ ଅନୁଗାମୀମାନଙ୍କ ଓ ଶାସକଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଅବଶ୍ୟମ୍ଭାବୀ ହୋଇପଡେ । ପ୍ରଫେଟ୍ ଜିତିଲେ ନୂଆ ଧର୍ମ ପ୍ରତିଷ୍ଠା ହୁଏ ଓ ସେ ଧର୍ମ ଅନୁଯାୟୀ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ବଢେ ଓ ଏକ ନୂଆ ମତବାଦର ସମାଜ ସୃଷ୍ଟି ହୁଏ । ଯଦି ସେ ହାରିଯାଆନ୍ତି, ରାଜାନୁଗ୍ରହ ମିଳେ ନାହିଁ, ତାଙ୍କ ଅନୁଗାମୀଙ୍କ ସମାଜ ଛୋଟ ହୋଇ କାଳକ୍ରମେ ଉଭେଇଯାଏ ।

ଧର୍ମ ଓ ରାଜନୀତି ଭିତରେ ସମ୍ପର୍କର ଆଉ ଗୋଟିଏ ଉଦାହରଣ ହେଉଛି ଧର୍ମରେ ସଂସ୍କାର । ଯେତେବେଳେ ଏକ ଧର୍ମର ଅନୁଗାମୀମାନେ ଓ ସଂସ୍ଥାଗୁଡିକ ବେଶି ସାଂସାରିକ ହୋଇପଡନ୍ତି, ଇତର କାମରେ ଲାଗିଯାଆନ୍ତି, ସେତେବେଳେ ଧର୍ମରେ ସଂସ୍କାର ଆଣିବାର ଉଦ୍ୟମ ହୁଏ । ଏ ସଂସ୍କାରକୁ ତତ୍‌କାଳୀନ ରାଜା ବା ସମ୍ରାଟ ସମର୍ଥନ କରନ୍ତି, କାରଣ ପ୍ରତିଷ୍ଠିତ ସମାଜର ପ୍ରଭାବକୁ ସେ କ୍ଷୁଣ୍ଣ କରିବାକୁ ଚାହାନ୍ତି । ଏମିତି ଏକ ପରିବର୍ତ୍ତନ ଘଟିଥିଲା ଇଂଲଣ୍ଡରେ, ରୋମାନ୍ କାଥୋଲିକ ଛାଡି ଅର୍ଥାତ୍ ରୋମର କର୍ତ୍ତୃତ୍ୱ ନ ମାନି ଇଂଲଣ୍ଡ ରାଜା ପ୍ରଟେଷ୍ଟାଣ୍ଟ ଧର୍ମକୁ ପ୍ରୋତ୍ସାହନ ଦେଲେ । ଖ୍ରୀଷ୍ଟଧର୍ମର ପ୍ରାଧାନ୍ୟ ଥିବା ରାଷ୍ଟ୍ରମାନଙ୍କରେ ସ୍ୱତନ୍ତ୍ର ଗୀର୍ଜା ବା ନାସ୍‌ନାଲ୍ ଚର୍ଚ୍ଚ ଗଢା ହେବା ମୂଳରେ ରାଜନୈତିକ ନେତାମାନଙ୍କର ସମର୍ଥନ

ଥାଏ । ଥରେ ସ୍ଥାପିତ ହୋଇଗଲେ ନୂଆ ଚର୍ଚ୍ଚ ବା ମନ୍ଦିର ସ୍ଥିତାବସ୍ଥା ରକ୍ଷାକରେ, ତାହା ରାଜାଙ୍କୁ ଅନୁକୂଳ ।

ଚର୍ଚ୍ଚ ବା ଧର୍ମ ସ୍ଥିତାବସ୍ଥାକୁ ରକ୍ଷାକରେ, ସମ୍ପତ୍ତି ମାଲିକକୁ ରକ୍ଷାକରେ, ଶିକ୍ଷା ବ୍ୟବସ୍ଥାର ନିୟନ୍ତ୍ରକ ହୁଏ, ବିଚାରାଳୟର ସ୍ୱତନ୍ତ୍ର ସୁବିଧା ଗୁଡିକର ରକ୍ଷାକର୍ତ୍ତା ସାଜେ । ଏପରିକି କେତେକ ବିଶିଷ୍ଟ ଜାତିର ବା ପରିବାରର ଲୋକଙ୍କୁ ସାମରିକ ସେବାରୁ ବା ଟିକସ ଦାନରୁ ଧର୍ମ ମୁକ୍ତି ଦେଇଥାଏ ବା ସରକାରୀ ଚାକିରି ପାଇଁ ଧର୍ମ ଯୋଗ୍ୟତା ଯୋଗାଇ ଦେଇଥାଏ । ଏ କାରଣରୁ ସମାଜରେ ଅସମାନତା ବଢେ । ଚର୍ଚ୍ଚ ଧର୍ମର ସନ୍ତକ । ତେଣୁ ଚର୍ଚ୍ଚ ବିରୋଧରେ ନଯାଇ ରାଜନୈତିକ ବିପ୍ଳବ ସଫଳ ହେବ ନାହିଁ । ଶାସନ ବା ରାଜୁତାକୁ ଆକ୍ରମଣ କରିବାକୁ ହେଲେ ବିପ୍ଳବୀମାନେ ପ୍ରଥମେ ଧର୍ମାଧିକାରୀ ମାନଙ୍କୁ ଆକ୍ରମଣ କରିବାକୁ ବାଧ୍ୟ । ଲୋକଙ୍କ ଆଗରେ ନୂଆ ଧର୍ମଟିଏ ଥୋଇବାକୁ ପଡିବ । ଫରାସୀ ବିପ୍ଳବ ସମୟରେ ଦେଖାଗଲା ଯେ ପୁରୁଣା ରାଜୁତା-ବ୍ୟବସ୍ଥାର ସମର୍ଥନରେ କ୍ୟାଥୋଲିକ୍ ଚର୍ଚ୍ଚ କାମ କରୁଥିଲା । ତେଣୁ ରାଜୁତା ତଡିବାକୁ ହେଲେ ଚର୍ଚ୍ଚ ବିରୋଧରେ ଯିବାକୁ ହେବ । ଫରାସୀ ବିପ୍ଳବର ଭକ୍ତମାନେ ଉପସ୍ଥିତ ଧର୍ମରେ ସଂସ୍କାର ଆଣିବାକୁ ଗୋଟିଏ ନୂଆ ଧର୍ମର, ଡିଇଜିମ୍ Deism, ବା ଦୈବବାଦର ଅବତାରଣା କଲେ । ବିଚାର ଓ ପ୍ରକୃତିର ଦେବୀ ହେଲେ ଏହି ଧର୍ମର ଆରାଧ୍ୟା । ଏହାର ତତ୍ତ୍ୱ ହେଲା: କୌଣସି ପ୍ରକାରର ସ୍ୱର୍ଗବାଣୀ ବା ଈଶ୍ୱରଙ୍କ ମୁଖନିସୃତ ବାଣୀରେ ବିଶ୍ୱାସ କର ନାହିଁ; ଧର୍ମ କଦାପି ବିଚାର ଓ ବିବେକର ପରିପନ୍ଥୀ ହୋଇପାରେ ନା । ଋଷିଆର ବିପ୍ଳବୀମାନେ ମଧ୍ୟ ସେହିଭଳି ଏକ ଆଦର୍ଶ ବା ଧର୍ମ ଗ୍ରହଣ କଲେ । ଅର୍ଥୋଡକ୍ସ ଚର୍ଚ୍ଚକୁ ଗାଦିଚ୍ୟୁତ କଲେ । ଚୀନ୍‌ର ଟାଇ ପିଙ୍ଗ ବିଦ୍ରୋହ (୧୮୫୦-୬୪) ପ୍ରଟେଷ୍ଟାଣ୍ଟ ମିସନାରିଜ୍‌ଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇଥିଲା; ଜଣେ ଚୀନା ଧର୍ମ ଗୁରୁ ତାଙ୍କ ଶିଷ୍ୟମାନଙ୍କ ଦ୍ୱାରା ଗୁଡାଏ ଅଞ୍ଚଳ ଅଧିକାର କରିନେଲେ, ସେ ଇଲାକାର ନାମ ରଖିଥିଲେ ମହାନ୍ ଶାନ୍ତିର ସ୍ୱର୍ଗୀୟ ରାଜ୍ୟ, ହେଭେନ୍‌ଲି କିଂଗ୍‌ଡମ୍ ଅଫ୍ ଗ୍ରେଟ୍ ପିସ୍ । ଟାଇ ପିଙ୍ଗ ବିଦ୍ରୋହରେ ଲକ୍ଷ ଲକ୍ଷ ଲୋକ ନିହତ ହୋଇଥିଲେ । ବ୍ରିଟିଶ୍ ସୈନ୍ୟଙ୍କ ସାହାଯ୍ୟରେ ଏ ଆନ୍ଦୋଳନକୁ ଦବାଇ ଦିଆ ଯାଇଥିଲା ।

ବିପ୍ଳବ ବା ବିପ୍ଳବର ଉଦ୍ୟମ ଦୁଇଟି ଚମତ୍କାର ବ୍ୟବସ୍ଥା କରେ: ପ୍ରତିଷ୍ଠିତ ଧର୍ମକୁ ଆକ୍ରମଣ କରେ ଓ ନୂଆ ଧର୍ମ ପ୍ରତି ଅନୁରକ୍ତି ବଢାଏ । ସ୍ୱାର୍ଥାନ୍ୱେଷୀ ରାଜନୀତିକ ବ୍ୟକ୍ତିମାନଙ୍କ ପକ୍ଷରେ ପୁରୁଣା ଧର୍ମ କାମ କରୁଥାଏ । ପୁରୁଣା ଧର୍ମକୁ ଗଢିବାରେ ଯେଉଁ ଅଧର୍ମ ମନୋଭାବ

ଆସେ ବା ପାପ ଛୁଏଁ, ସେ ପାପକୁ କିଛି କମାଇବା ପାଇଁ ନୂଆ ଧର୍ମଟିଏ ଦରକାର ହୁଏ । ନୂଆ ଧର୍ମର ଆଉ ଗୋଟିଏ କାମ ହେଲା, ଏକ ନୂଆ ସଂସ୍କୃତି ତିଆରି କରିବା, ନୂଆ ସନ୍ତକ ଓ ଲକ୍ଷ୍ୟ ଯୋଗାଇବା, ଯାହା ତଳେ ବିପ୍ଳବୀମାନେ ଏକାଠି ହୋଇ ପାରିବେ ।

ଆମ ସମ୍ବିଧାନରେ କୁହାଯାଇଛି, ଆମେ ଧର୍ମନିରପେକ୍ଷ ରାଷ୍ଟ୍ର । କୌଣସି ଏକ ଧର୍ମକୁ ରାଷ୍ଟ୍ର ଧର୍ମ ଭାବେ ଗ୍ରହଣ କରିଥିବା ରାଷ୍ଟ୍ର, ଯଥା ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ପାକିସ୍ଥାନ, ତୁଳନାରେ ଆମ ଦେଶ ଧର୍ମନିରପେକ୍ଷ ନିଶ୍ଚୟ । କିନ୍ତୁ ଏ ଏକ ଆପେକ୍ଷିକ ଧାରଣା । ସାଧାରଣତଃ ଆମେ ଧର୍ମକୁ ସମାଜର ରକ୍ଷକ ହିସାବରେ ଧରୁ । ରାଷ୍ଟ୍ର ବି ସମାଜର ରକ୍ଷକ । ରକ୍ଷକ ଭାବେ ଧର୍ମ ସମାଜରେ ତିନୋଟି କାମ କରିଥାଏ: ସମାଜର ଢାଞ୍ଚା ରକ୍ଷା କରେ, ସଂକଟର ସମାଧାନରେ ସହାୟକ ହୁଏ ଏବଂ ଜନସମୁଦାୟ ଭିତରେ ସଂହତି ବୃଦ୍ଧି କରେ । ଏହା ବି ରାଷ୍ଟ୍ର ଚଳାଇବାର ନୀତି, ତେଣୁ ରାଜନୀତିର ଲକ୍ଷ୍ୟ । ଧର୍ମ ଓ ରାଜନୀତିର ଭୂମିକା ଏକା ପ୍ରକାରର ହୋଇଥିବାରୁ ରାଜନୀତି ଧର୍ମନିରପେକ୍ଷ ହୋଇପାରେ ନାହିଁ ।

କିନ୍ତୁ ଉଭୟର ଧ୍ୟାନ ଭିନ୍ନ ଭିନ୍ନ । ଯେଉଁ ଲୋକ ଚରିତ୍ର ବା ନୈତିକତା ପ୍ରତି ଧ୍ୟାନ ରଖେ, ସେ ଧର୍ମ କରିବା ଉଚିତ୍, ତୀର୍ଥଯାତ୍ରାରେ ବାହାରିଯିବା ଉଚିତ୍ । ବିଷୟାସକ୍ତ ହେବା, ଗାଦି ଚାହିଁବା, ତା ପାଇଁ ଅନୈତିକ, ଅଧର୍ମ ବା ପାପ । ଏ କଥା କେବଳ ହିନ୍ଦୁଧର୍ମୀ ମାନଙ୍କ କ୍ଷେତ୍ରରେ ନୁହେଁ, ଅନ୍ୟ-ଧର୍ମୀମାନଙ୍କ କ୍ଷେତ୍ରରେ ବି ପ୍ରଯୁଜ୍ୟ । ଧର୍ମର ପ୍ରବକ୍ତାମାନେ ଧର୍ମଭାବକୁ ସବୁବେଳେ ସଂସାର ପ୍ରତି ବିରାଗ ପ୍ରଦର୍ଶନ, ବିଷୟାସକ୍ତିରୁ ଦୂର ରହିବା, ଲୋଭ ବର୍ଜନ, ଭୋଗ ତ୍ୟାଗ, ଆଦି ସହ ସମାନ କରିଥାନ୍ତି । ଧର୍ମଭାବରୁ ଯେଉଁ ନୈତିକତାର ଜନ୍ମ, ତାହା ଗାଦିବିରୋଧୀ । ଯଦି ଆମେ ରୀତିନୀତି, ଉପଚାର ଆଦିକୁ ଧର୍ମ ବୋଲି ଭାବିବା, ତେବେ ସେ ଧର୍ମ ରାଜନୀତିର ସହାୟକ । ବିଭିନ୍ନ ଧର୍ମର ରୀତିନୀତି, ଉପଚାର ଆଦି ସହ ସାମିଲ ହୋଇ ରାଜନେତାମାନେ ଭୋଟ୍ ପାଇବାର ଆଶା ରଖିଥାନ୍ତି । ଏ କଥା ଆମେ ଭୁଲିବାକୁ ଚେଷ୍ଟା କଲେ ବାସ୍ତବତାକୁ ଆଖି ମିଟିକା ମାରିବା ହେବ । ଯେଉଁ ନେତା ଜଗନ୍ନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଆଣି ଗାଦିକୁ ଆସୁଛି ବା ଗାଦିରେ ବସିଲା ପରେ ପରେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଛି ସେ କିପରି ତାହାର ରାଜନୀତିରେ ହିନ୍ଦୁ ଧର୍ମକୁ ଭୁଲି ସରକାର ଚଳାଇବ ?

ରାଜନୀତିରେ ଧର୍ମ ନ ପଶିବା ନକାରାତ୍ମକ ଧର୍ମନୀତି । ଯେଉଁ ଧର୍ମରେ ସଂସାର

ପ୍ରତି ପୁରା ବିତୃଷ୍ଣା ଥାଏ ବା ପୁରା ବିତୃଷ୍ଣା ପ୍ରଚାର କରାଯାଏ, ସେ ଧର୍ମର ଅନୁଗାମୀ ମାନେ ମଧ୍ୟ ପରୋକ୍ଷରେ ରାଜନୈତିକ ପ୍ରଭାବ ବିସ୍ତାର କରିଥାନ୍ତି । ରାଜନୀତିରୁ ଦୂରେଇବାକୁ ଅନୁଗାମୀ ମାନଙ୍କୁ ଉପଦେଶ ଦେଇ ସେମାନେ ରାଜନେତାମାନଙ୍କୁ ଖୋଲା ପଡିଆ ଛାଡି ଦିଅନ୍ତି । ଅନ୍ୟ ପକ୍ଷରେ ସକାରାତ୍ମକ ଭୂମିକାରେ ଯେଉଁ ଧର୍ମ ରାଜନୀତିକୁ ଅସ୍ତ୍ର କରେ ସେ ଧର୍ମରେ ଅନୁଗାମୀ ମାନଙ୍କୁ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିବାକୁ ବେଶ୍ ସୁବିଧା ମିଳେ । ଯୁଦ୍ଧ ସମୟରେ ଯୁଦ୍ଧ ନକରି ଶାନ୍ତି ବଜାୟ ରଖ ବୋଲି ଯେଉଁ ଧର୍ମ-ନେତା ମାନେ ପ୍ରଚାର କରୁଥାନ୍ତି, ସେମାନଙ୍କ ଉପରେ ସରକାର ଚାପ ପ୍ରୟୋଗ କରି ଯୁଦ୍ଧ ପାଇଁ ସେମାନଙ୍କ ସହଯୋଗ ଭିକ୍ଷା କରନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଶାନ୍ତିପ୍ରିୟ ଭାରତୀୟ ମାନଙ୍କୁ ଯୁଦ୍ଧରେ ସାମିଲ କରିବା ପାଇଁ ବିଲାତ ସରକାର ହିନ୍ଦୁ ଧର୍ମର ନେତା ମାନଙ୍କର ସହଯୋଗ ଲୋଡିଥିଲେ । ଯୁଦ୍ଧରେ ସହଯୋଗ କଲେ ଭାରତ ଶୀଘ୍ର ସ୍ୱାଧୀନତା ପାଇ ପାରେ ବୋଲି ଏହି ଶାନ୍ତିପ୍ରିୟମାନଙ୍କ ଉଦ୍ଦେଶ୍ୟ ଥିଲା ।

ଇସ୍‌ଲାମ ଧର୍ମକୁ ଏକ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରି ଜିନ୍ନା ଏକ ସ୍ୱତନ୍ତ୍ର ରାଷ୍ଟ୍ର, ପାକିସ୍ଥାନ, ଗଢିନେଲେ । ପାକିସ୍ଥାନ ସୃଷ୍ଟି ହେଲା ବେଳେ ଜିନ୍ନା କହିଥିଲେ ସଂଖ୍ୟାନ୍ୟୁନ ମାନେ ବି ପାକିସ୍ଥାନରେ ସୁରକ୍ଷା ପାଇବେ ବୋଲି ଘୋଷଣା କରିଥିଲେ ବି ପରବର୍ତ୍ତୀ କାଳର ନେତାମାନେ ସମ୍ବିଧାନ ବଦଳାଇ ଦେଶକୁ ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ପାକିସ୍ଥାନ କରିଦେଲେ । ଶାରିଆତ୍ ଇସ୍‌ଲାମୀୟ ନିୟମରେ ପରିଚାଳିତ ପାକିସ୍ଥାନୀ କୋର୍ଟ ଅଣଇସ୍‌ଲାମୀୟ ପ୍ରଚାର ଓ ପ୍ରସାରକୁ, ପରୋକ୍ଷ ବା ପ୍ରତ୍ୟକ୍ଷରେ କୋରାନ୍‌ର ଦୋଷ କାଢିବାକୁ, ଧର୍ମଦ୍ରୋହ (ଇଂରାଜୀରେ ବ୍ଲାସ୍ଫେମୀ) ନାମରେ ଏକ ଗୁରୁତର ଅପରାଧ ବୋଲି ବିଚାର କରୁଛନ୍ତି ଓ ମୃତ୍ୟୁ ଦଣ୍ଡ ଭଳି କଡା ଶାସ୍ତି ଦେଇପାରୁଛନ୍ତି ।

ଶାନ୍ତିପ୍ରିୟ ହେବା ରାଜନୀତି ଦୃଷ୍ଟିରୁ ଏକ ଆତ୍ମଘାତୀ ଅସ୍ତ୍ର । ଶାନ୍ତିପ୍ରିୟର ଅର୍ଥ କାହା ସଙ୍ଗେ ଝଗଡା କରିବା ନାହିଁ, ସବୁ ସହିଯିବା, ରାଜନୀତି ପ୍ରତି ଉଦାର ହେବା । ଏଭଳି ଲୋକଙ୍କ ଉପରେ ଶାସନ କରିବା ସହଜ । ହିନ୍ଦୁ, ବୌଦ୍ଧ ଓ ଜୈନମାନଙ୍କ ଶାନ୍ତିପ୍ରିୟତା ଭାରତର ବିଭାଜନର ଏକ ବଡ କାରଣ ବୋଲି କେତେକ ସମାଲୋଚକ କହନ୍ତି । ସେହି ସମାଲୋଚକମାନେ ବି କହନ୍ତି ପାକିସ୍ଥାନୀ ସନ୍ତ୍ରାସବାଦୀମାନେ କାଶ୍ମୀରରେ ଇଲାକା ବାଛି ବାଛି କାଶ୍ମୀରୀ ପଣ୍ଡିତଙ୍କ ହତ୍ୟା, ସିଲେକ୍‌ଟିଭ୍ ଜେନୋସାଇଡ୍, କରୁଛନ୍ତି । ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ

ମୂଳପୋଛ କରିଦେବାକୁ ଏଥ୍ନିକ୍ କ୍ଲିନ୍‌ସିଂ କହନ୍ତି । ଉଦ୍ଦେଶ୍ୟ - କେବଳ ମୁସଲମାନ ରହିଗଲେ ପାକିସ୍ଥାନ ଦାବି କରୁଥିବା ପ୍ଲେବିସାଇଟ୍ ଅର୍ଥାତ୍ ଜନମତ ତା ପକ୍ଷରେ ମିଳିଯିବ । ଧର୍ମନିରପେକ୍ଷତାକୁ ରାଜନୀତିର ଅସ୍ତ୍ର କରିଥିବା ଭାରତୀୟ ନେତାମାନେ କାଶ୍ମୀରରେ ହିଂସାକାଣ୍ଡକୁ ସହନୀୟ ଧରି ନେଉଛନ୍ତି ।

ସମସ୍ତଙ୍କୁ ସମାନ ଦେଖୁଛୁ ବୋଲି ସର୍ବସାଧାରଣରେ କହୁଥିବା ପାଶ୍ଚାତ୍ୟ ଦେଶର ଖୀରଷ୍ଟାନୀ ମାନେ ଧର୍ମକୁ ରାଜନୀତିର ଅସ୍ତ୍ର କରିଥାନ୍ତି । ୟୁରୋପୀୟମାନେ ୟୁରୋପ ବାହାରେ ଉପନିବେଶ ସ୍ଥାପନ କଲା ବେଳେ ଖ୍ରୀଷ୍ଟିଆନ୍ ମିସନାରୀମାନଙ୍କୁ ଆଣୁଥିଲେ । ପ୍ରଜାମାନେ ଖ୍ରୀଷ୍ଟିଆନ୍ ହେଲେ ପାଶ୍ଚାତ୍ୟ (ଖ୍ରୀଷ୍ଟିଆନ୍) ଶାସନ ପ୍ରତି ଅନୁରକ୍ତି ବଢିବ, ସେମାନେ 'ଶାସନ କରିବାର ଐଶ୍ୱରୀୟ ଅଧିକାର', ଡିଭାଇନ୍ ରାଇଟ୍ ଟୁ ରୁଲ୍, ପାଇଯିବେ । ଉଦ୍ଧାର କରିବା ବୋଝ (ହ୍ୱାଇଟ୍ ମାନ୍‌ସ୍ ବର୍ଡନ) ତୁଲାଉଛନ୍ତି ବୋଲି (ଉଦ୍ଧାର କର୍ତ୍ତା ଭାବେ) ଧରାଯିବେ। ଧର୍ମରୁ ରାଷ୍ଟ୍ର ପୃଥକ୍ (ସେପାରେସନ୍ ଅଫ୍ ଚର୍ଚ୍ଚ ଫ୍ରମ୍ ଦି ଷ୍ଟେଟ୍) ବୋଲି କାଗଜପତ୍ରରେ ଲେଖୁଥିବା ବିଲାତୀ ପ୍ରବକ୍ତା ମାନେ କାହିଁକି ଦେଖୁନାହାନ୍ତି ଯେ ଇଂଲଣ୍ଡର ସିଂହାସନ ଆରୋହଣ ପାଇଁ ପ୍ରଟେଷ୍ଟାଣ୍ଟ ହେବା ଦରକାର ? ଧର୍ମ ଯଦି ଶାସନଠାରୁ ଭିନ୍ନ, ଆୟାର୍‌ଲ୍ୟାଣ୍ଡର କ୍ୟାଥୋଲିକ ମାନଙ୍କୁ ବ୍ରିଟେନ୍ କାହିଁକି ସ୍ୱାଧୀନତା ଦେଉନାହିଁ, କାହିଁକି ଆଇରିସ୍ କ୍ୟାଥୋଲିକ ମାନେ ବିଲାତୀ ପ୍ରୋଟେଷ୍ଟାଣ୍ଟ୍ ମାନଙ୍କ ସହିତ ରହିବାକୁ ଚାହୁଁ ନାହାନ୍ତି ? ଆୟାର୍ଲ୍ୟାଣ୍ଡ ଓ ବ୍ରିଟେନ୍ ଭିତରେ ଝଗଡା କାହିଁକି ଲାଗୁଛି ? ଧର୍ମନିରପେକ୍ଷତା ଥିଲେ କାହିଁକି ଆଇରିସ୍ ରିପବ୍ଲିକାନ୍ ଆର୍ମି, IRA, ଭଳି ଚରମପନ୍ଥୀ ଦଳ ଥାନ୍ତା ? ଧର୍ମନିରପେକ୍ଷତା ଥିଲେ, ଭ୍ରୁଣହତ୍ୟା ବିରୋଧୀ କ୍ୟାଥୋଲିକ୍ ଭାବପ୍ରବଣତାରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବୁଶ୍ ତାଙ୍କ ଶାସନକାଳରେ ଷ୍ଟେମ୍‌ସେଲ୍ ରିସର୍ଚ୍ଚ ପ୍ରକଳ୍ପକୁ ସରକାରୀ ଅନୁଦାନରୁ ବଞ୍ଚିତ କରି ନଥାନ୍ତେ ଏବଂ ଆମେରିକାରେ ଗୁରୁତର ଷ୍ଟେମ୍ ସେଲ୍ ରିସର୍ଚ୍ଚ କିଛି ଦିନ ଘୁଞ୍ଚିଯାଇ ନଥାନ୍ତା । ବୁଶ୍‌ଙ୍କ ବାରଣ ମୂଳରେ ଥିଲା କ୍ୟାଥୋଲିକ୍ ମାନଙ୍କର ଭୋଟ୍ ପାଇବାର ଇଚ୍ଛା ବା ଗାଦିରକ୍ଷାକାରୀ ଉଦ୍ୟମ ।

ଧର୍ମ ତ ସହିଷ୍ଣୁତା ପ୍ରଚାର କରେ, ଅସହିଷ୍ଣୁତା ଓ ହିଂସା ବଢୁଛି କିପରି? ମନୋଥିଇଜିମ୍ ବା ଅଦ୍ୱୈତବାଦ ହିଁ ଅନ୍ୟର ଭଗବାନ ପ୍ରତି ଅସହିଷ୍ଣୁତା ଆଣେ । ଅଦ୍ୱୈତବାଦ ହିଁ ଏକ-ଧର୍ମ-ରାଜନୀତିର ଉଦ୍ରେକ କରିଥାଏ । ଦୁନିଆରେ ଗୋଟିଏ ଭଗବାନ, ମୋର ଭଗବାନ, ନାମ ବା କାମରେ ଅନ୍ୟ ପ୍ରକାରର ଭଗବାନଙ୍କୁ ପୂଜା କରିବା ମାନେ କାଫେର ବା ମ୍ଳେଚ୍ଛ ବା

ଇନ୍‌ଫିଡେଲ୍ ବା ପାଗାନ୍ ହେବା । ଏମାନଙ୍କର ଇହଧାମରେ ତ ସ୍ଥାନ ନାହିଁ, ପରଧାମରେ ଭଗବାନଙ୍କ ନିକଟକୁ ଯାଇପାରିବେ ନାହିଁ, ସୁତରାଂ ସେମାନଙ୍କର ବଞ୍ଚିବାର ଅଧିକାର ନାହିଁ, ତେଣୁ ସେମାନଙ୍କୁ ହତ୍ୟା କଲେ ପାପ ହେବ ନାହିଁ । ଏ କଥା ଆଲ୍‌କାୟଦା ଗୋଷ୍ଠୀ କହନ୍ତି ଓ ଓସାମା ବିନ୍ ଲାଦେନ୍ ପ୍ରଚାର କରୁଥିଲେ । ସମାଜ ଯେ ବହୁଗୋଷ୍ଠୀର ସମାହାର, ସେମାନେ ବୁଝିବାକୁ ନାରାଜ । ଧର୍ମ ଯେତେ ପୁରୁଣା ହୁଏ, ତାହା ସେତେ ସହିଷ୍ଣୁ ହୁଏ, ନୂଆ ନୂଆ ମତବାଦକୁ ସେତେ ଅବାଧରେ, ସେତେ ଶୀଘ୍ର ନିଜ ଭିତରକୁ ଟାଣିନିଏ । ଇତିହାସ ଦୃଷ୍ଟିରୁ ଦୁଇଟି ଧର୍ମ, ଖ୍ରୀଷ୍ଟିଆନ୍ ଓ ଇସ୍‌ଲାମ୍, ଅର୍ବାଚୀନ ହୋଇଥିବାରୁ ନିଜ ନିଜ ଭିତରେ ଏବଂ ଅନ୍ୟ ଧର୍ମ ସହିତ ଅସହିଷ୍ଣୁ ।

ଯେଉଁମାନେ ଧର୍ମକୁ ରାଜନୀତିରୁ ପୃଥକ୍ ରଖିବାକୁ ଚାହାନ୍ତି, ସେମାନେ ବାରାନ୍ତରେ ରାଜନୀତିରେ ଧର୍ମର ଅଦମନୀୟ ଭୂମିକାକୁ ହେଜାଇ ଦିଅନ୍ତି । ସେମାନେ ଧର୍ମର ନକାରାତ୍ମକ ଭୂମିକାକୁ ଉତ୍ସାହିତ କରନ୍ତି । କାଳେ କାଳେ ସିଂହାସନ ବା ଗାଦିକୁ ରକ୍ଷା କରିବା ଲାଗି ରାଜା ବା ରାଜନେତାମାନେ ଧର୍ମକୁ ଅସ୍ତ୍ର କରିଛନ୍ତି । ଧର୍ମଗୁରୁ ବା ଆଚାର୍ଯ୍ୟମାନେ ରାଜା ମହାରାଜାଙ୍କ ଶାସନରେ ମୁଣ୍ଡ ପୂରାନ୍ତୁ ନାହିଁ ବୋଲି ସେମାନଙ୍କୁ ଚେତାଇ ଦିଆଯାଏ । ସେମାନେ ସଂସାର-ବିରାଗୀମାନଙ୍କୁ (ଧର୍ମମାର୍ଗରେ ଚାଳିତ ଲୋକଙ୍କୁ) ରାଜନୀତି ଦୃଷ୍ଟିରୁ ନୀରବ ରହିବାକୁ କହନ୍ତି, ବାଧ୍ୟ କରନ୍ତି । ବେଳେ ବେଳେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟରେ ବ୍ୟାପୃତ ନେତାଏ ଓଲଟା କରନ୍ତି, ସେମାନେ ରାଜନୀତି ଦୃଷ୍ଟିରୁ ସଂସାରବିରାଗୀମାନଙ୍କ ନୀରବ ରହିବା ଚେଷ୍ଟାକୁ ଅସମ୍ଭବ କରିଦିଅନ୍ତି, ସେମାନଙ୍କ ରାଜନୈତିକ ଅଧିକାରକୁ କ୍ଷୁଣ୍ଣ କରିବାର ଚେଷ୍ଟା କରି ସେମାନଙ୍କୁ ରାଜନୀତିରେ ପଶିବାକୁ ଉସୁକାନ୍ତି ।

ଏହି ପୁସ୍ତକର ଅନ୍ୟତ୍ର ବ୍ୟାଖ୍ୟାନ କରାଯାଇଛି ଯେ ଅନୁଗତ ଧାର୍ମିକ ବୋଲାଉଥିବା ମଣିଷମାନେ ହିଁ ଭଗବାନଙ୍କ ମିଜାଜ ତିଆରି କରିଥାନ୍ତି – ଅନୁଗତ ହିଂସ୍ର ବା ଉଗ୍ର ହେଲେ ତାର ଭଗବାନ ଅନ୍ୟ ଧର୍ମର ଅନୁଗତମାନଙ୍କୁ ସହ୍ୟ କରେ ନାହିଁ; ନିପାତ କରିଦେବା ବା ଧର୍ମାନ୍ତରୀକରଣ ଚାହେଁ । ଦି ଇଭୋଲୁସନ୍ ଅଫ୍ ଗଡ୍ ବହିର ଲେଖକମାନଙ୍କ ଭିତରୁ ଜଣେ, ପଲ୍ ବ୍ଲୁମ୍, କହନ୍ତି – ଏବେ ଆଗକାଳ ତୁଳନାରେ ଭଗବାନ ବେଶ୍ ନରମି ଯାଇଛନ୍ତି । ଗର୍ଭପାତ ଓ ସମଲିଙ୍ଗୀ ବିବାହକୁ ନାପସନ୍ଦ କରୁଥିବା ମାର୍କିନ୍ ମାନଙ୍କ ଭଗବାନ ଗର୍ଭପାତ ଓ ସମଲିଙ୍ଗୀ ବିବାହ ଉପରେ ବିରକ୍ତ ହୁଅନ୍ତି । କିନ୍ତୁ ହିବ୍ରୁ ବାଇବେଲ୍‌ର ୟାହୱେ ତୁଳନାରେ ସେ

ଖୁବ୍ ନରମ । ହିବ୍ରୁ ଭଗବାନ ଯାହାକ୍ଷେ ଗୋଟିଏ ଯୁଦ୍ଧପିପାସୁ ଭଗବାନ, ନିଜ ସାମର୍ଥ୍ୟ ଦେଖାଇହେବା ପାଇଁ ସେ ଗଣହତ୍ୟା କରିବାକୁ ପଛାନ୍ତି ନାହିଁ । କିନ୍ତୁ ଯାହାକ୍ଷେ କତା ନୈତିକତାବାଦୀ, ଉତ୍ତମ ଚରିତ୍ରର ଅବତାରଣା କରନ୍ତି, ଇଜ୍‌ରାଏଲୀମାନେ କିପରି ବ୍ୟବହାର ଦେଖାଇବେ ତାହା କହନ୍ତି । ଶିକାରୀ ତଥା ଫଳମୂଳ ଆହରଣକାରୀ ସେମାନଙ୍କ ପୂର୍ବଜମାନଙ୍କ କଥା ଦୋସରା ଥିଲା, ଯାହା ବୁଝିଥିଲେ ତାହା ଉପରେ ମଜ୍ଜିଥିଲେ, ଯଥା ଲୋକେ କୁକୁରର ସଙ୍ଗମ ଦେଖିଲେ ବା ଋତ ସମୟରେ ଲୋକେ ବାଳ କୁଣ୍ଡାଇଲେ ବଜ୍ରଦେବତା ରାଗିଯାଆନ୍ତି ବୋଲି ସେମାନଙ୍କର ଧାରଣା ଥିଲା ।

ଦି ଇଭୋଲୁସନ ଅଫ୍ ଗଡ୍ – 'ଭଗବାନର ବିବର୍ତ୍ତନ' ବହିରେ ଲେଖକ ରାଇଟ୍ 'ଭଗବାନ' ଧାରଣା ଓ ପ୍ରସାର, ତଥା ଭଗବାନଙ୍କ ଅସ୍ତିତ୍ୱ ଓ ଅଭିବୃଦ୍ଧିର କାହାଣୀ ଦେଇଛନ୍ତି । କେତେକ ବୁଦ୍ଧିଗତ ଓ ଭାବପ୍ରବଣ ଆବଶ୍ୟକତା ପୂରଣ କରିବାକୁ ଧର୍ମର ଉଦ୍‌ଭାବନ କରାଯାଇଛି , ବୁଦ୍ଧିଗତ ଆବଶ୍ୟକତା ଦିନେ ଭାବପ୍ରବଣ ଆବଶ୍ୟକତାକୁ ପୋତି ପକାଇବ ।

ଶିକାରୀ–ଗୋଚାଳୀମାନଙ୍କ ଦେବଦେବୀ ଠାରୁ ଆରମ୍ଭ କରି ଜମିଦାରୀ ଓ ରାଷ୍ଟ୍ରର ଠାକୁର ଯାଏ, ପରେ ଇଜ୍‌ରାଏଲୀ ମାନଙ୍କ ବହୁ ଦେବଦେବୀ ଠାରୁ ଆରମ୍ଭ କରି ଅଦ୍ୱୈତବାଦର ଜନ୍ମ ଯାଏ, ଯଥା ନିୟୁ ଟେଷ୍ଟାମେଣ୍ଟ ଓ କୋରାନ୍ ଯାଏ ଏବଂ ଶେଷରେ ଜୁଡାଇ (ଇହୁଦୀ), ଖିରଷ୍ଟାନ ଓ ଇସ୍‌ଲାମର ବହୁରାଷ୍ଟ୍ରୀୟ ଭଗବାନ ଯାଏ, ମଣିଷର ଇତିହାସରେ ଏକ ନୈତିକ ନିର୍ଦ୍ଦେଶ ବା ଦିଗ ରହିଛି । ଅଣଶୂନ୍ୟ: ମାନବ ଭାଗ୍ୟର ପରିଣତି (ନନ୍‌ଜିରୋ: ଦି ଲଜିକ୍ ଅଫ୍ ହ୍ୟୁମାନ୍ ଡେଷ୍ଟିନି, ୨୦୦୦) ପୁସ୍ତକରେ ରାଇଟ୍ କହନ୍ତି ଭଗବାନର ସ୍ୱଭାବ ମଣିଷର ସ୍ୱଭାବର ପ୍ରତିଫଳନ ମାତ୍ର । ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ କ୍ରମବର୍ଦ୍ଧିଷ୍ଣୁ ଜଗତୀକରଣ ଆମ୍ଭମାନଙ୍କୁ ଠେଲୁଛି ଅନ୍ୟମାନଙ୍କ ସହ ଏକ ସକାରାତ୍ମକ ତଥା ପରସ୍ପରର ଲାଭଜନକ ସମ୍ପର୍କ ସ୍ଥାପନ ଆଡକୁ । ସାମାଜିକ ସଂଗଠନର ପରିସର ବଢିବା ସଙ୍ଗେ ସଙ୍ଗେ ପ୍ରତି ଧର୍ମର ଭଗବାନ ବି ଅଧିକରୁ ଅଧିକ ବିଶ୍ୱସ୍ତରୀୟ ହୋଇଯାଉଛନ୍ତି, ଅନ୍ୟ ଧର୍ମର ଲୋକ ପ୍ରତି ସହିଷ୍ଣୁତା ଦେଖାଉଛନ୍ତି । କାଳକ୍ରମେ ଭଗବାନଙ୍କ ଭଲଗୁଣ (ଗୁଡ୍‌ନେସ୍) ବଢିବ, କାରଣ ଜଗତୀକରଣ ଦ୍ୱାରା ମଣିଷ ଜାତିର ଦୟାପଣ ଓ ସହିଷ୍ଣୁତା ବଢି ବଢି ଚାଲିଛି । ସେହି କାରଣରୁ ଆବ୍ରାହମ୍‌ଙ୍କଠାରୁ ସୃଷ୍ଟ ଧର୍ମଗୁଡିକ (ଆବ୍ରାହାମିକ୍ ରିଲିଜିଅନ୍‌ସ୍) – ଯଥା ଇହୁଦୀ, ଖ୍ରୀଷ୍ଟିଆନ୍, ଇସ୍‌ଲାମ୍ – ଭୌଗୋଳିକ ସଂକୀର୍ଣ୍ଣତା ଛାଡି ଏକ ବ୍ରହ୍ମାଣ୍ଡୀୟ (ଟ୍ରାନ୍‌ସଡେଣ୍ଟାଲ୍) ନୈତିକ ସମାଜ

ଆପଣେଉଛନ୍ତି । ଏ ଏକ ଧର୍ମ-ପ୍ରବଚନ ନୁହେଁ, ଏ ହେଉଛି ସାଧାରଣ ଲୋକର ମନର ଭାବନା ।

ଏ ଗୋଟିଏ ଭଲ ଖବର, ଏ ଗୋଟିଏ ଖରାପ ଖବର ବି । ଭଲ ଖବର ଯେ ଭଗବାନ ଜନ୍ମରୁ ତ୍ରୁଟିଶୂନ୍ୟ ନୁହଁନ୍ତି, ଭଗବାନ ଇମ୍‌ପର୍‌ଫେକ୍‌ଟ । ସମସ୍ତଙ୍କୁ ଭଲ ପାଇବା ଆଡକୁ ତାଙ୍କର ବିବର୍ତ୍ତନ ହେଉଛି, ସେ ପର୍ଫେକ୍ସନ, ପୂର୍ଣ୍ଣତା, ଆଡକୁ ଆଗେଇଉଛନ୍ତି । ଖରାପ ଖବର ଯେ ଭଗବାନ ବୋଲି ଗୋଟିଏ କିଛି ସତ୍ତା ନାହିଁ; କିନ୍ତୁ ଧର୍ମଗ୍ରନ୍ଥରୁ ଲୋକେ ବିଶ୍ୱାସ କରନ୍ତି, ଯେମିତି ବିଚାରପତି ବିଶ୍ୱାସ କରେ ଯେ ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ୍; ସବୁ ଘଟଣାକୁ ବୁଝାଇ ପାରିବ, ସବୁ କଥାର ଆଇନ ଦେଖାଇବ । ଅସଲ କଥା ଲୋକେ କିପରି ଧର୍ମଗ୍ରନ୍ଥର ମାନେ କରୁଛନ୍ତି, ତାହା ହିଁ ଧର୍ମର ରୂପ, ରୀତି, ନୀତି, ତିଆରି କରିଥାଏ । ଜୀବନଯାତ୍ରାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସଂସ୍କୃତିର କାତରତା, ସେନ୍‌ସିଟିଭିଟି, ବଦଳିଥାଏ । ସଂସ୍କୃତିର ପରିବର୍ତ୍ତନରେ ଭଗବାନ ବଦଳିଯାଆନ୍ତି । ମଣିଷର ଆଚରଣରେ ବିବର୍ତ୍ତନ ଯୋଗୁଁ ଭଗବାନଙ୍କ ଗୁଣ ବଦଳିଛି, ଗୁଣର ବିବର୍ତ୍ତନ ହୋଇଛି । ଯଥା, ଲଭ୍ ଇଓର୍ ନେବର୍ ଆଜ୍ ଇଓର୍‌ସେଲ୍‌ଫ, ଉକ୍ତିରେ ନେବର୍ ମାନେ ସେତେବେଳର ଇଜରାଏଲାଇଟ ମାନଙ୍କୁ ବୁଝାଉଥିଲା, ଏବେ କେବଳ ଘରକୁ ଲାଗିଥିବା ଘରର ଲୋକ ପଡୋଶୀ ନୁହେଁ, ଏବେ କାମରେ ଓ ମିଳିମିଶାରେ ଜଣାଶୁଣା ଲୋକ ଆମର ପଡୋଶୀ । ଭୌଗୋଳିକ ବା ଆଞ୍ଚଳିକ ଗଣ୍ଡିରୁ ବାହାରି ଯାଇ ଧର୍ମ ଆନ୍ତର୍ଜାତୀୟ ହୋଇ ପଡୁଛି । ଜଗନ୍ନାଥ ମନ୍ଦିରର ଯେଉଁ ସେବକମାନେ ହିନ୍ଦୁ ଧର୍ମକୁ ଆନ୍ତର୍ଜାତୀୟ କରିବାରେ ବାଧା ସୃଷ୍ଟି କରୁଛନ୍ତି, ଭାରତ ବାହାରର ଲୋକଙ୍କୁ ବା ଭାରତୀୟ ଭାଷା କହୁ ନଥିବା ଲୋକଙ୍କୁ ମନ୍ଦିରରେ ପ୍ରବେଶଯୋଗ୍ୟ ହିନ୍ଦୁ ବୋଲି ଧରୁନାହାନ୍ତି, ସେମାନଙ୍କ ମତିଗତି ଦିନେ ବଦଳିବ, ଜଗନ୍ନାଥ ଧର୍ମ ପୁରୀର ଭୌଗୋଳିକ ଗଣ୍ଡିରୁ ମୁକୁଳିବ । କାରଣ ଇତିହାସର ଗତି ବହୁରାଷ୍ଟ୍ରୀୟ, ବିଶ୍ୱସ୍ତରୀୟ ଧର୍ମଭାବନା ଆଡକୁ । ପ୍ରବାସୀ ଓଡିଆମାନେ ଜଗନ୍ନାଥ ମନ୍ଦିର ସହିତ ସଂସ୍କୃତିକୁ ବିଦେଶରେ ସ୍ଥାପନ କରୁଛନ୍ତି । ଚଳିବାର ଢଙ୍ଗ ବଦାଇ ଦିଅ, ତୁମ ଭଗବାନ ବଦଳି ଯିବେ । ଭଗବାନ ସମୟକ୍ରମେ ପକ୍ୱ ହେଉଛନ୍ତି, ନୈତିକତା ବଦଳୁଛି । ଅନ୍ୟମାନଙ୍କ ସହ ବଞ୍ଚି ରହିବାର ପରିସ୍ଥିତି ଆସିଗଲେ ଆଇନ ଦୃଷ୍ଟିରେ ନାବାଳକ ବିବେଚିତ ହେଉଥିବା ଭଗବାନ ସାବାଳକ ହୋଇଯିବେ । ଦେଖାଯାଉଛି ସମସ୍ତେ ଯେମିତି ଚାହୁଁଛନ୍ତି ଭଗବାନ ସେମିତିକା ନୁହେଁ ।

****

# ଭଗବାନ ପୁରୋହିତଙ୍କ ସମ୍ପତ୍ତି

ଆନ୍ତର୍ଜାତିକ କୃଷ୍ଣ ଚେତନା ସମାଜ ବା ଇସ୍କନର ଅନୁଗାମୀମାନେ କେବଳ କୃଷ୍ଣଙ୍କ ଭକ୍ତିରେ ମଜ୍ଜି ରହନ୍ତି ନାହିଁ, କୃଷ୍ଣଙ୍କ ପ୍ରତିରୂପ ରୂପେ ଜଗନ୍ନାଥଙ୍କୁ ଭକ୍ତି କରନ୍ତି ଓ ଜଗନ୍ନାଥଙ୍କ ରୋଷଘର ପଦ୍ଧତିରେ ଭୋଗରାଗ ଓ ଖାଦ୍ୟ ପ୍ରସ୍ତୁତ କରନ୍ତି । କିନ୍ତୁ ଜଗନ୍ନାଥ ମନ୍ଦିରରେ ସେମାନଙ୍କ ପ୍ରବେଶ ମନା । ପୃଥିବୀସାରା ଲୋକେ ଜାଣନ୍ତି ଭାରତ ବାହାରେ ହିନ୍ଦୁ-ପ୍ରଧାନ ଅଞ୍ଚଳ ହେଉଛି ଇଣ୍ଡୋନେସିଆର ବାଲି ଦ୍ୱୀପ । ସେଠାରୁ କିଛି ଦିନ ତଳେ ଆସିଥିବା କେତେକ ହିନ୍ଦୁଙ୍କୁ ପ୍ରବେଶ କରିବା ମନା କରାଗଲା, କାରଣ ସେମାନେ ଗୋତ୍ର କହି ପାରିଲେ ନାହିଁ । ଗୋତ୍ର ଯେତେ ଯେପରି ହିନ୍ଦୁ ଧର୍ମର ସନ୍ତକ ! ସମସ୍ତେ ଜାଣନ୍ତି ବାଲି ଦ୍ୱୀପ ଉତ୍କଳୀୟ ହିନ୍ଦୁ ରୀତିନୀତିର ଏକ ଚଳନ୍ତି ଉଦାହରଣ । କେତେକ କହନ୍ତି ସେମାନଙ୍କ ଧର୍ମୀୟ ଜମିଦାର ଅର୍ଥାତ୍ ପଣ୍ଡା କିଏ ସେମାନେ କହିପାରିଲେ ନାହିଁ । ନେପାଳ ରାଜା ତ ପଣ୍ଡା ଜରିଆରେ ପଶୁଛନ୍ତି, ଆମେ ତୁମେ ଅବା କେତେ ଲୋକ ? ବଂଶ ପରମ୍ପରା କ୍ରମେ ପଣ୍ଡାଗିରି କରୁଥିବା ଲୋକେ କୁଆଡେ ବାଲି-ହିନ୍ଦୁ ମାନଙ୍କଠାରୁ ବେଶି ଜଗନ୍ନାଥଙ୍କ ଶୁଦ୍ଧତା ରକ୍ଷା କରୁଛନ୍ତି । କେଇ ବର୍ଷ ତଳେ ଜଣେ ଗୋରା ଚମବାଲା ଲୋକକୁ ପଣ୍ଡାମାନେ ମନ୍ଦିର ପ୍ରବେଶ ଯୋଗୁଁ ମାରଧର କରିଥିଲେ । ସେମାନଙ୍କ ଦୋଷ ଯେ ସେମାନେ ବିଦେଶୀ, ଦେଶୀ ହିନ୍ଦୁ ନୁହନ୍ତି । ପଣ୍ଡାମାନଙ୍କ ଦୃଷ୍ଟିରେ ଜଗନ୍ନାଥ ଜଗତ ନାଥ ନୁହନ୍ତି, ଭାରତ ଭୂଖଣ୍ଡର ନାଥ, ପୁଣି ଅଶ୍ୱେତଙ୍କ ନାଥ । ପଇସା ପାଇଲେ ପଣ୍ଡା ଗୋରା ଚମ ବାଲାଙ୍କୁ ଲୁଚାଇ ମନ୍ଦିର ଭିତରକୁ, ରଥ ଉପରକୁ ନେଇପାରିବେ, ଅବଶ୍ୟ ଯେ ପର୍ଯ୍ୟନ୍ତ ଅନ୍ୟ କେହି ପଣ୍ଡା ଆପତ୍ତି ନ ଉଠାଇଛି । ପଣ୍ଡା ଠିକ୍ କରିବେ କିଏ ହିନ୍ଦୁ । ଯଦି ଗୋତ୍ର କହି ନ ପାରିଲେ ହିନ୍ଦୁ ନୁହଁ, ତେବେ ଯେଉଁ ସାଧୁ ସନ୍ଥ ମାନେ ବାପା ମା ନାଁ କହନ୍ତି ନାହିଁ, ଗୋତ୍ର କହିବା ତ ଦୂରର କଥା, ସେମାନଙ୍କୁ କାହିଁକି ମନ୍ଦିରରେ ପ୍ରବେଶ ଅଧିକାର ଯଚା ଯାଉଛି? ପୋଷାକ ବା ଗୋତ୍ର ବାହାରର ପରିଚୟ, ଭିତରେ ବା ମନରେ କଣ ଅଛି, ତାର ଜଗନ୍ନାଥଙ୍କ ପ୍ରତି କେତେ ଭକ୍ତି, ଜେରା କରୁଛି କିଏ ? କୌଣସି ଜଣେ ପଣ୍ଡା ସନ୍ଦେହ କରି ତାକୁ ହିନ୍ଦୁ ନୁହେଁ ବୋଲି କହି ଦେଲେ ଅନ୍ୟ ସବୁ ପଣ୍ଡାଏ ଗଡ୍ଡାଳିକା ପ୍ରବାହରେ ଏକସ୍ୱରରେ ତାଳ ଦେବେ, ସେ ଜଗନ୍ନାଥ ମନ୍ଦିରରେ ପ୍ରବେଶ କରି ପାରିବ ନାହିଁ, ମାଡ ଖାଇବ । ତା ପାଇଁ ଜଗନ୍ନାଥ ପଣ୍ଡାଙ୍କ ଠାକୁର, ଜଗତର ଠାକୁର ନୁହଁ, ଭଗବାନ ନୁହଁ । ଏହି ପଣ୍ଡାମାନେ ଦିନେ ଫିରିଙ୍ଗୀଙ୍କୁ ପାଛୋଟି ନେଇ ଲେଖାଇଥିଲେ ଯେ ରକ୍ଷଣଶୀଳ ହିନ୍ଦୁ

ବ୍ୟତୀତ ଅନ୍ୟ ହିନ୍ଦୁ ବି ମନ୍ଦିର ଭିତରକୁ ଯାଇ ପାରିବେ ନାହିଁ । ଗରୁଡ ସ୍ତମ୍ଭ ସାମନା ପ୍ରବେଶ ଦ୍ୱାରର ଡାହାଣ ଖମ୍ବରେ, ପ୍ରବେଶକାରୀର ବାମ ପଟେ, ଖୋଦେଇ ଲେଖାକୁ ଏବେ ଘୋଡାଇ ଦିଆଯାଉଛି । ଯଥାକ୍ରମେ ଇଂରାଜୀ, ହିନ୍ଦି, ବଙ୍ଗଳା, ଓଡିଆ ଓ ପାର୍ସୀ ଭାଷାରେ ୫ ଧାଡିରେ ଲେଖା ରହିଛି । ବଙ୍ଗଳା ଓ ପାର୍ସୀ ଲେଖା ଛାଡିଦେଲେ ଅନ୍ୟ ତିନୋଟି ଧାଡିର ଲେଖା ନିମ୍ନ ପ୍ରକାରର :

None but orthodox Hindus are allowed to enter the temple of Sri Jagannath Deb.

ଶ୍ରୀ ଜଗନ୍ନାଥଜିଉକେ ମନ୍ଦିରମେ ହିନ୍ଦୁକେ ସିବାୟ କିସିକୋ ଜାନା ନିଷେଧ ।

ଶ୍ରୀ ଜଗନ୍ନାଥ ମନ୍ଦିର ମଧ୍ୟକୁ ହିନ୍ଦୁଧର୍ମାବଲମ୍ବୀ ବ୍ୟତୀତ ଅନ୍ୟର ପ୍ରବେଶ ନିଷେଧ ।

ନୈଷ୍ଠିକ, orthodox ଶବ୍ଦଟି କେବଳ ଇଂରାଜୀ ଲେଖାରେ ଅଛି, ଅନ୍ୟ ଭାଷାର ଲେଖାରେ ନାହିଁ । ନୈଷ୍ଠିକ ହିନ୍ଦୁ ବୋଲି କିପରି ଚିହ୍ନିବ ? ଦେଶୀ ଓ ସବର୍ଣ୍ଣ ହିନ୍ଦୁ ? ଏବେ ମନ୍ଦିର ସାମନାରେ ତିଣ ପଟାରେ 'ଅନ୍‌ଲି ହିନ୍ଦୁଜ୍ ଆର୍ ଆଲାଓଡ୍' ଲେଖା ହୋଇ ନୂଆ ଫଳକ ଟଙ୍ଗା ହୋଇଛି । ଏହାର ମାନେ ପଣ୍ଡାମାନଙ୍କ ସନ୍ଦେହରେ ପଡୁନଥିବା ଲୋକେ, ସେ ଧର୍ମତଃ ହିନ୍ଦୁ ନହେଉ, ପ୍ରବେଶ କରି ପାରିବେ । ପଣ୍ଡା ମାନଙ୍କ ଭିତରୁ କେତେକ ପଣ୍ଡା ନିଜେ ନୈଷ୍ଠିକତାର କଷଟି ପଥରରେ ପାସ୍ କରିପାରିବେ କି ନାହିଁ, ସନ୍ଦେହ ଥିବା ବେଳେ ସେହିମାନେ ହିଁ ଚିହ୍ନିବେ ହିନ୍ଦୁ କିଏ, କିଏ ହିନ୍ଦୁ ନୁହେଁ । ଯେପରି କୋରଡଗଡର (କେନ୍ଦ୍ରାପଡା) ଅସବର୍ଣ୍ଣମାନେ ଅସବର୍ଣ୍ଣ ବୋଲି ସେଠାକାର ଜଗନ୍ନାଥ ମନ୍ଦିରର ପୂଜକଙ୍କୁ ଜଣାଥିବାରୁ ସେମାନଙ୍କୁ ପ୍ରବେଶ ମନା । ଅଥଚ ଶିଖ, ବୌଦ୍ଧ ଓ ଜୈନ ମାନଙ୍କୁ ପ୍ରବେଶ ଅଧିକାର ଦିଆଯାଇଛି । ଆମ୍ବେଦକରଙ୍କ ସମୟରେ ମହାରାଷ୍ଟ୍ରର ଯେଉଁ ଅସବର୍ଣ୍ଣମାନେ ବୌଦ୍ଧ ଧର୍ମ ଗ୍ରହଣ କରିଛନ୍ତି ସେମାନେ ପ୍ରବେଶ କରିବେ, କାରଣ ପୁରୀର ପଣ୍ଡାମାନେ ସେମାନଙ୍କୁ ଚିହ୍ନଟ କରିପାରିବେ ନାହିଁ କିମ୍ବା ବୌଦ୍ଧ ଧର୍ମକୁ ହିନ୍ଦୁ ଧର୍ମର ଭଉଣୀ କହି ଛାଡିଦେବେ । କିନ୍ତୁ କୋରଡଗଡର ଅସବର୍ଣ୍ଣମାନେ କାଲି ବୌଦ୍ଧଧର୍ମ ଗ୍ରହଣ କଲେ ସେମାନଙ୍କୁ ମନ୍ଦିର ପ୍ରବେଶ ମନା କରାଯିବ, କାରଣ ସେମାନଙ୍କୁ ସ୍ଥାନୀୟ ପଣ୍ଡାମାନେ ଅସବର୍ଣ୍ଣ ବୋଲି ଚିହ୍ନିଛନ୍ତି । ଅସବର୍ଣ୍ଣମାନେ ଅର୍ଥୋଡକ୍ସ ହିନ୍ଦୁ ନୁହନ୍ତି ।

ଉଚ୍ଚ ବର୍ଣ୍ଣର କେତେ ଲୋକ (ଏପରିକି ପଣ୍ଡାମାନଙ୍କ ଭିତରୁ କେତେ ବି) ଅର୍ଥୋଡକ୍ସ ସଂଜ୍ଞାର କଷଟି ପଥରକୁ ପାର ହୋଇପାରିବେ?

ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ଆଦି ପୂଜାସ୍ଥଳୀକୁ କିଏ ଯାଇ ପାରିବ, କାହାକୁ ବାରଣ କରାଯିବ ତାହା ନିର୍ଭର କରୁଛି ସମ୍ପୃକ୍ତ ପୂଜକ ଉପରେ । ପୂଜକର ଗୋଟିଏ ମାତ୍ର ଯୋଗ୍ୟତା ଯେ ସେ ତାର ବାପାର ପୁଅ । ତା ବାପା ପୂଜା କରୁଥିଲା, ତେଣୁ ସେ ପୂଜା କରିବ । ଏ ପୂଜକଗିରି ଜମିବାଡ଼ିର ପଟ୍ଟା ଭଳି ଏକ ସ୍ୱତ୍ୱ । ଜମିର ଉତ୍ତରାଧିକାର ସ୍ୱତ୍ୱ ଭଳି ପୂଜାଧିକାରର ବଂଶାନୁକ୍ରମିକ ସ୍ୱତ୍ୱ ରଖାଯାଇଛି । ପୂଜା କରିବା ଏକ କୌଳିକ ବୃତ୍ତି, ଏଥିରେ ଜ୍ଞାନ ବା ପାଠ ଦରକାର ନାହିଁ । ବାପର ପୁଅ ପୁରୋହିତ, ମୌଲବୀ, ଗ୍ରନ୍ଥୀ ହେବ, ମହନ୍ତର ମନୋନୀତ ଶିଷ୍ୟ ହିଁ ମହନ୍ତ ହେବ, କାର୍ଡିନାଲ ବା ବିଶପ ହେବ । ଧର୍ମ ପ୍ରତି ଆଗ୍ରହ ବା ମନ ଭିତରର ଭକ୍ତି ଉପରେ ଏ ଅଧିକାର ନିର୍ଭର କରେ ନାହିଁ । କୌଳିକ ବୃତ୍ତିରେ ବଢ଼ି ବା ମହନ୍ତର ପାଦସେବା କରି ପୂଜକ ହୋଇଥିବା ଲୋକ କେବେ ଉପାସକର ଭକ୍ତି ମାପି ପାରିବ କି ? ତେଣୁ ସେ ଚେହେରା ଓ ବେଶଭୂଷା ଦେଖି ଠିକ୍ କରୁଛି କିଏ ପୂଜାସ୍ଥଳକୁ ଯାଇ ପାରିବ, କାହାକୁ ସେ ବାରଣ କରିବ । କିଏ ଗଲେ ପୂଜାସ୍ଥଳ ମାରା ହୋଇଯିବ ସେ ଠିକ କରିବ ।

ପୂଜକର ବି ପାର୍ଥିବ ଡର ଅଛି । ରାଜାନୁଗତ ଧର୍ମ ଏକ ନୀତି ରୂପେ ଧରା ହୁଏ । ଆଗକାଳରେ ରାଜାମାନେ ଜୋର ଜବରଦସ୍ତ ଧର୍ମ ପ୍ରଚଳନ କରୁଥିଲେ. ଯାହାର ଶକ୍ତି ପୂଜକର ବୃତ୍ତି ବା ଜୀବନ ଉପରେ ଆଞ୍ଚ ଆଣିପାରେ, ତା କଥାରେ ପୂଜକ ପୂଜାର ରୀତିନୀତିକୁ ପରିବର୍ତ୍ତନ କରିପାରେ, ତାକୁ ସୁହାଇବା ଭଳି ଉକ୍ତି ବା ଉଦାହରଣ ସେ ବିଭିନ୍ନ ଶାସ୍ତ୍ରରୁ ଆହରଣ କରିପାରେ । ନନ୍ ବଟ୍ ଅର୍ଥୋଡକ୍ସ ହିନ୍ଦୁଜ ଆର୍ ଆଲାଓଡ୍ ଟୁ ଏଣ୍ଟର ଦି ଟେମ୍ପଲ ଅଫ୍ ଶ୍ରୀ ଜଗନ୍ନାଥ ଦେବ ବୋଲି ସେ ମନ୍ଦିରର ପ୍ରବେଶ ଦ୍ୱାରର ବନ୍ଧରେ ଲେଖିବା ଲାଗି ଶାସକ ଫିରିଙ୍ଗୀକୁ ନିମନ୍ତ୍ରଣ କରିପାରେ । ଡର ନଥିଲେ ସେ ଏ କାମ କରିନଥାନ୍ତା । ଏବେ ସେ ଗୋରା ଫିରିଙ୍ଗୀକୁ ଗରୁଡ ସ୍ତମ୍ଭ ପାର ହେବାକୁ ଛାଡିବ ନାହିଁ, ଯଦି କେହି ଅଜାଣତରେ ପଶିଯାଏ ମନ୍ଦିର ମାରା ହୋଇଗଲା କହି ଶୁଦ୍ଧିକ୍ରିୟା ଆରମ୍ଭ କରିଦେବ, ଶୁଦ୍ଧି କ୍ରିୟା ନ ସରିଲା ଯାଏ ସେ ଠାକୁରଙ୍କୁ ଉପାସ ରଖିଦେବ । ପୂଜା ବନ୍ଦ କରି ଶ୍ରଦ୍ଧାଳୁମାନଙ୍କୁ ହଇରାଣ କରିଦେବ । ସତେ ଯେପରି ତା ହାତରୁ ଠାକୁର ଖାଆନ୍ତି । ଯଦି ଖାଆନ୍ତି ତା ଘରେ ରୋଷେଇ କରି ସେ ଠାକୁରଙ୍କୁ ଖାଇବାକୁ ଦେଉନାହିଁ କାହିଁକି? ଠାକୁର ଯେଉଁ ମଣିଷର ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି

ସେହି ମଣିଷ ପୁଣି ଠାକୁରଙ୍କୁ ଉପବାସରେ ରଖି ପାରୁଛି -ପୁରୋହିତଗିରିର ଏ ଏକ ଆଷ୍ଚର୍ଯ୍ୟ!

କିଛି ଦିନ ତଳେ କେରଳର ଗୁରୁବାୟୁର ମନ୍ଦିର ବେଶ୍ ଚର୍ଚ୍ଚାରେ ଥିଲା । ଭକ୍ତମାନଙ୍କ କେରଳ ଭ୍ରମଣ ସଫଳ ହୁଏ ନାହିଁ ଯେପର୍ଯ୍ୟନ୍ତ ସେମାନେ କୋଚିନରୁ ୮୦ କିଲୋମିଟର ଦୂର ୧୬ଶ ଶତାବ୍ଦୀର ଗୁରୁବାୟୁର ସ୍ଥିତ ଶ୍ରୀକୃଷ୍ଣ ମନ୍ଦିର ଦର୍ଶନ କରିନାହାନ୍ତି । ଦକ୍ଷିଣର ଦ୍ୱାରକା ଭାବେ ପରିଚିତ ଏହି ମନ୍ଦିର କିଛି ଦିନ ତଳେ ତତ୍କାଳୀନ ପ୍ରବାସୀ ଭାରତୀୟ ବ୍ୟାପାର ମନ୍ତ୍ରଣାଳୟର କେନ୍ଦ୍ର ମନ୍ତ୍ରୀ ଭୟାଲାର ରବି ତାଙ୍କ ନାତିର ଅନ୍ନପ୍ରାସନ ଉତ୍ସବ ମନ୍ଦିର ଭିତରେ କରାଇ ମନ୍ଦିରକୁ ମାରା କରିଦେଲେ ବୋଲି ଏକ ଖବର ଖବରକାଗଜମାନଙ୍କ ପୃଷ୍ଠା ମଣ୍ଡନ କରିଥିଲା । ଉତ୍ସବ ପରେ ମନ୍ଦିରର ମୁଖ୍ୟ ପୂଜକ (ତନ୍ତ୍ରୀ) ଚେନାସ ରମଣ ନାମପୁଥିରି ମନ୍ଦିରର ଶୁଚିକ୍ରିୟା କରାଇଥିଲେ । ନାତିର ନାମ ମର୍ସି ରବି । ଖ୍ରୀଷ୍ଟିଆନ ବୋଲି ତନ୍ତ୍ରୀ ଜାଣିଥିବାରୁ ଏପରି ଶୁଦ୍ଧିକରଣ କଲେ । ୭ ବର୍ଷ ଆଗରୁ ଭୟାଲାର ରବିଙ୍କ ପୁତ୍ର ରବି କୃଷ୍ଣର ବିଭାଘର ଏହି ମନ୍ଦିରରେ ହୋଇଥିଲା ବେଳେ ଏହି ଭଳି ଶୁଚିକ୍ରିୟା କରାହୋଇଥିଲା । ମନ୍ତ୍ରୀ କହନ୍ତି, 'ଆମେ ଇଝାବ, ତେଣୁ ହିନ୍ଦୁ । ପୁଅର ବିଭାଘର ହିନ୍ଦୁ ମତରେ ହୋଇଛି, କୃଷ୍ଣର ପ୍ରଥମ ପିଲା ଦୁଇ ବର୍ଷ ତଳେ ଚାଲିଗଲା । ଗୁରୁବାୟୁର ଅପ୍ପାନ ଆମ ପ୍ରାର୍ଥନା ଶୁଣି ଦ୍ୱିତୀୟ ପିଲା ଦେଇ ଥିବାରୁ ଆମେ କୃତଜ୍ଞତାରେ ଏ ପୂଜା କରିଥିଲୁ । ପୁଣି କୃଷ୍ଣର ସ୍କୁଲ ରେକର୍ଡରେ ସେ ହିନ୍ଦୁ ବୋଲି ଲେଖା ଅଛି ।' ମନ୍ତ୍ରୀଙ୍କ ଏ କଥା ପୁରୋହିତମାନଙ୍କ କାନରେ ପଶିଲା ନାହିଁ ।

ଶୁଚିକ୍ରିୟା ଶୁଣି କେରଳ ସରକାର ବ୍ୟତିବ୍ୟସ୍ତ ହୋଇଗଲେ । ମନ୍ଦିରର ରୀତିନୀତି ଓ ପରମ୍ପରା ବଦଳାଇବା ଲାଗି ବ୍ୟସ୍ତ ହୋଇଗଲେ । ତେଣେ କେତେକ ଗୋଷ୍ଠୀ କହିଲେ, ସିପିଏମ୍ (ମାର୍କସିଷ୍ଟ) କେବଳ ହିନ୍ଦୁମାନଙ୍କ ପୂଜା ସ୍ଥାନ ଉପରେ ଏତେ ନଜର ରଖୁଛନ୍ତି କାହିଁକି ? ଆଗ କାଳର ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟକୁ ସାରା ଜଗତ ନିନ୍ଦା କରୁଥିଲା, ଆମ ହିନ୍ଦୁମାନେ ବି ଛି ଛାକର କରୁଥିଲେ, ତାହାଠାରୁ ବଳି ବର୍ଣ୍ଣବୈଷମ୍ୟ ତ ସବୁ ଧର୍ମସ୍ଥଳୀରେ ଚାଲୁଛି, କେହି ଅଛବ ପଶିଗଲେ ତାକୁ ବାଡେଇ ପିଟି ଫୋପାଡି ଦେବା ଭଳି ଲୋକ ବା ପଣ୍ଡା ଏ ଦେଶରେ ଅଛନ୍ତି । ମନ୍ଦିରରେ ପ୍ରବେଶ ଉପରେ କଟକଣା ସମ୍ପର୍କୀୟ ବିବାଦ ନୂଆ କଥା ନୁହେଁ । ସ୍ୱାଧୀନତା ସଂଗ୍ରାମର ଅଙ୍ଗ ରୂପେ ଶ୍ରୀ କେ· କେଲାପ୍ପାନଙ୍କ ନେତୃତ୍ୱରେ ୧୯୩୪ରେ ଗୁରୁବାୟୁର ମନ୍ଦିରରେ ଅସବର୍ଣ୍ଣ ପ୍ରବେଶ ଘେନି ଏକ ସତ୍ୟାଗ୍ରହ ଓ ଆମରଣ ଅନଶନ

ଆରମ୍ଭ ହୋଇଥିଲା । ୧୨ ଦିନ ମନ୍ଦିର ବନ୍ଦ ରହିଥିଲା । ମହାତ୍ମା ଗାନ୍ଧି ତାଙ୍କୁ ସେଥିରୁ ନିବୃତ୍ତ କରିଥିଲେ: ଅଭିଯାନ ଯୋଗୁ ୧୫ ବର୍ଷ ପରେ ମନ୍ଦିରରେ ଦଳିତ ମାନଙ୍କ ଅବାଧ ପ୍ରବେଶ ଘୋଷଣା ପ୍ରକାଶ ପାଇଲା ।

ଯେଉଁମାନେ ସମ୍ପୃକ୍ତ ଦେବଦେବୀଙ୍କୁ ବିଶ୍ୱାସ କରି ଆସୁଛନ୍ତି ସେମାନଙ୍କୁ ମନ୍ଦିର ପ୍ରବେଶ ସୁଯୋଗ ମିଳୁ ବୋଲି ଯେତେ କହିଲେ ବି ପୂଜକମାନେ ବାରଣ କରୁଛନ୍ତି । କେ· ଜେ· ୟେସୁଦାସଙ୍କ ଶ୍ରୀକୃଷ୍ଣ ଗୀତ ଗୁରୁବାୟୁର ମନ୍ଦିରରେ ପ୍ରତିଦିନ ବୋଲା ଯାଉଛି, ଅଥଚ ତାଙ୍କୁ ମନ୍ଦିର ପ୍ରବେଶ ମନା । କାରଣ ସେ କାଥୋଲିକ ହୋଇଥିବାରୁ ଶରୀର ଅଶୁଦ୍ଧ । ଶରୀର ଅଶୁଦ୍ଧ ଥିଲେ ହେବନାହିଁ । ମନ୍ଦିରରେ ପୂରେଇ ଦେଉନଥିବା ହିନ୍ଦୁ ପୂଜକମାନେ ଗୀତାରୁ ଉଦ୍ଧାର କରି ବଡ ବଡ କଥା କହନ୍ତି ଯେ ଶରୀର ସାମୟିକ, ଏକ ବସ୍ତ୍ର ଭଳି, କିନ୍ତୁ ଆତ୍ମା ଚିରନ୍ତନ, ତାହା କେବେ ନଷ୍ଟ ହୁଏ ନାହିଁ, ତାହା ପୁନଃ ପୁନଃ ବିଭିନ୍ନ ଶରୀରରେ ପ୍ରବେଶ କରେ । ପରିବାର କାଥୋଲିକ, ମନ ହିନ୍ଦୁ ହୋଇଥିଲେ କଣ ହେଲା, ତାକୁ ହିନ୍ଦୁ ମନ୍ଦିର ମନା ।

ସାବରୀମାଳାର ଆୟାପାନ ମନ୍ଦିରରେ ସବୁ ଧର୍ମର ଲୋକେ ପଶି ପାରିବେ, କିନ୍ତୁ ଋତୁସ୍ରାବ କାଳ ବନ୍ଦ ହୋଇ ନଥିବା ଯାଏ ସ୍ତ୍ରୀମାନଙ୍କୁ ମନା । ପୁରୀ ଜଗନ୍ନାଥ ମନ୍ଦିରରେ ଶିଖ, ବୌଦ୍ଧ ଓ ଜୈନ ମାନଙ୍କୁ ପ୍ରବେଶ ଅଧିକାର ଦିଆଯାଇଛି, କିନ୍ତୁ ଅସବର୍ଣ୍ଣ ହିନ୍ଦୁମାନଙ୍କୁ ମନା । ତିରୁପତିର ଭେଙ୍କଟେଶ୍ୱର ମନ୍ଦିରକୁ ଅଣହିନ୍ଦୁମାନଙ୍କୁ ଷଷ୍ଠ ହଲ୍ (ପ୍ରାର୍ଥନା ଗୃହ) ପର୍ଯ୍ୟନ୍ତ ପ୍ରବେଶ ଅନୁମତି ଅଛି । ୧୬ଶ ଶତାବ୍ଦୀରେ ମୁସଲମାନମାନେ ଏ ମନ୍ଦିରରେ ପ୍ରାର୍ଥନା କରିଥିବାର ପ୍ରବାଦ ଅଛି । ଗୁଜରାଟ ଦ୍ୱାରକାର ଦ୍ୱାରକାଧୀଶ ମନ୍ଦିର ସମସ୍ତଙ୍କ ପାଇଁ ଖୋଲା, ହିନ୍ଦୁ, ମୁସ୍ଲିମ୍, ଖ୍ରୀଷ୍ଟିଆନ, ଅସବର୍ଣ୍ଣ ସମସ୍ତେ ପଶି ପାରିବେ । ଯେତେବେଳେ ତ୍ରାଭାଙ୍କୋର ମହାରାଜା ୧୯୩୧ରେ ଏକ ଘୋଷଣାନାମା ଜରିଆରେ ଅସବର୍ଣ୍ଣମାନଙ୍କୁ ମନ୍ଦିର ପ୍ରବେଶ ଅଧିକାର ଦେଇଥିଲେ, ପୁରୋହିତମାନେ ତ ଜୋର ପ୍ରତିବାଦ କରିନଥିଲେ । ରାଜାନୁଗ୍ରହ ନ ହେଲେ ପଣ୍ଡାମାନଙ୍କ ସ୍ୱତ୍ତ୍ୱ ସ୍ୱୀକୃତ ହେବ ନାହିଁ, ସେମାନଙ୍କ ଜୀବିକାର୍ଜ୍ଜନରେ ବାଧା ପଡିବ, ତେଣୁ ପୁରୋହିତମାନେ ରାଜାଙ୍କ ଆଦେଶ ମାନିନେଲେ । ସେମିତି ଦିନେ ଆମ ପଣ୍ଡାମାନେ ଇଂରେଜମାନଙ୍କୁ ଖୁସି କରିବା ପାଇଁ ସେମାନଙ୍କୁ ମନ୍ଦିର ଦ୍ୱାରକୁ ଡାକି ତାଙ୍କ ଦ୍ୱାରା ଇଂରାଜୀରେ ଲେଖାଇ ନେଇଥିଲେ — ନନ୍ ବଟ୍ ଅର୍ଥୋଡକ୍ସ ହିନ୍ଦୁଜ୍ ଆର୍ ଆଲାଓଡ୍ ଟୁ ଏଣ୍ଟର ଦ ଟେମ୍ପଲ ଅଫ୍ ଶ୍ରୀ ଜଗନ୍ନାଥ ଦେବ୍ । ଯେମିତି କେତେକ ଅଣବ୍ରାହ୍ମଣ ଜଗନ୍ନାଥଙ୍କ ସେବାରେ ଓ ରୋଷ

ଘରେ କାମ କରୁଛନ୍ତି, ତହିଁରୁ ଜଣାଯାଏ ଯେ ପ୍ରଶାସନ ଆଦେଶ କଲେ ପୂଜକମାନେ ତା'ର ପ୍ରତିବାଦ କରନ୍ତି ନାହିଁ । ଏ ସବୁର ଅର୍ଥ ପ୍ରଶାସନ ବାଧ୍ୟ ନକଲାଯାଏ ପୂଜକ ଯାହା ଚାହୁଁଛି ତାହା ହିଁ ଭଗବାନଙ୍କ ଇଚ୍ଛା ବୋଲି ଧରିନିଆଯାଉଛି । ପୂଜକ ଉଦାର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ହେଲେ ଭଗବାନ ବି ଉଦାର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ହେବେ । ମଣିଷର ମିଜାଜ୍ ବା ମନୋଭାବ (ମୁଡ୍) ଅନୁଯାୟୀ ଭଗବାନଙ୍କ ମୁଡ୍ ବଦଳେ – ଏ ଐତିହାସିକ ସତ୍ୟକୁ ସବୁ ଧର୍ମରେ ପୂଜକମାନଙ୍କ ବ୍ୟବହାର ପ୍ରମାଣିତ କରେ ।

The full edict of Temple Entry Proclamtion by His Highness Sree Padamanabhadasa Vanchipaala Sir Rama Varma Chithira Thirunal Kulasekhara Kireetapathi Manney Sulthan Maharajah Ramarajabahadur Shemsherjung, KNIGHT GRAND COMMANDER OF THE MOST EMINENT ORDER OF THE INDIAN EMPIRE Maharajah of Travancore, on the eve of the Maharajah's 24th birthday in 1112 (1936 A.D.) that the edict was promulgated. as follows :

" 'Profoundly convinced of the truth and validity of our religion, believing that it is based on divine guidance and on all-comprehending toleration, knowing that in its practice it has throughout the centuries, adapted itself to the needs of changing times, solicitous that none of our Hindu subjects should, by reason of birth or caste or community, be denied the consolation and the solace of the Hindu faith, we have decided and hereby declare, ordain and command that, subject to such rules and conditions as may be laid down and imposed by us for preserving their proper atmosphere and maintaining their rituals and observances, there should henceforth be no restriction placed on any Hindu by birth or religion on entering or worshipping at temples controlled by us and our Government.' "

****



ପୁରୀ ଗଜପତି ମହାରାଜାଙ୍କ ଛେରା ପହଁରା

# ଧର୍ମରେ ଯୁକ୍ତିଯୁକ୍ତତା

ଭଗବାନ ଉପରେ ବିଶ୍ୱାସ ଏବଂ ବୈଜ୍ଞାନିକ ଚିନ୍ତାଧାରା ପରସ୍ପର ବିରୋଧୀ ବୋଲି କହୁଥିବା ବୈଜ୍ଞାନିକମାନେ ବି କହନ୍ତି ଭଗବତ୍ ବିଶ୍ୱାସ ଓ ବୈଜ୍ଞାନିକ ମନୋବୃତ୍ତି ପରସ୍ପରର ଅନୁପୂରକ । ଡଃ ଫ୍ରାନ୍‌ସିସ୍ ଏସ୍ କଲିନ୍‌ସ ତାଙ୍କ 'ଦ ଲାଙ୍ଗୁଏଜ୍ ଅଫ୍ ଗଡ୍', 'ଭଗବାନଙ୍କ ଭାଷା' ବହିରେ କହନ୍ତି ଓ ଡଃ ଓୟେନ ଗିଙ୍ଗରିଚ୍ ତାଙ୍କ 'ଗଡ୍‌ସ୍ ୟୁନିଭର୍ସ', 'ଭଗବାନଙ୍କ ବିଶ୍ୱ'ରେ ମାନିଛନ୍ତି ଯେ ମହାବିଶ୍ୱ ଭିତରେ ଓ ମହାବିଶ୍ୱ ବାହାରେ ଏକ ମହାଜ୍ଞାନୀ ସ୍ରଷ୍ଟା ଅଛନ୍ତି । କିନ୍ତୁ ଧର୍ମ-ବିଶ୍ୱାସ ଏକ ରୋଗ ସଦୃଶ । ଅକ୍ସଫୋର୍ଡରେ ପବ୍ଲିକ୍ ଅଣ୍ଡରଷ୍ଟାଣ୍ଡିଂ ଅଫ ସାଇନ୍‌ସର ପ୍ରଫେସର ରିଚାର୍ଡ ଡଅକିନ୍‌ସ ତାଙ୍କ ବହି 'ଦ ଗଡ୍‌ସ ଡିଲୁଜନ', 'ଭଗବାନଙ୍କ ଭ୍ରମ'ରେ ପାଠକ ମାନଙ୍କୁ ବୁଝାଇଛନ୍ତି ଯେ ନାସ୍ତିକ ହେବା ଏକ ସାହସ ।

ଆମ ଆଗରେ ଦୁଇଟି ବଡ କଥା ଦିଶେ : (୧) ବିବର୍ତ୍ତନବାଦ ଠିକ୍, ସୃଷ୍ଟିବାଦ (ଇଣ୍ଟେଲିଜେଣ୍ଟ ଡିଜାଇନ) ଭୁଲ; (୨) ବିବର୍ତ୍ତନବାଦୀ ମନସ୍ତତ୍ତ୍ୱ (ଇଭୋଲୁସନାରୀ ସାଇକୋଲଜି) ବୁଝାଇପାରେ ମଣିଷ ଜାତିରେ ଧର୍ମବିଶ୍ୱାସ କିପରି ଆସିଲା ଓ କାହିଁକି ବିଶ୍ୱବ୍ୟାପୀ ହେଲା । ମନେ ରଖିବାକୁ ହେବ ଯେ ବିବର୍ତ୍ତନବାଦ ଈଶ୍ୱର ଅଛନ୍ତି କି ନାହିଁ କହେନାହିଁ । ଯେତେବେଳେ ଧର୍ମ ସଂସାର ବିଷୟରେ, ମୂଳତଃ ତ୍ରୁଟିପୂର୍ଣ୍ଣ ଦାବି ଉପରେ, ବିଶ୍ୱାସ କରିବାକୁ ବାଧ୍ୟ କରେ ତାହା ସନ୍ଦିଗ୍ଧ ବୁଦ୍ଧିମାନ ଲୋକଙ୍କୁ ବିଜ୍ଞାନ ତ୍ୟାଗ କରିବାକୁ ବାଧ୍ୟ କରେ, ବୁଦ୍ଧିର ବଳି ଦେବାକୁ କହେ । ତା ବୋଲି କଣ ବିଜ୍ଞାନ ବିଶ୍ୱାସକୁ ତ୍ୟାଗ କରିବାକୁ କହୁଛି ? ନା । ବୈଜ୍ଞାନିକମାନେ ଅନୀତିବାଦୀ ନୁହନ୍ତି, ବିଜ୍ଞାନ ଓ ନୀତିତତ୍ତ୍ୱ ଭିତରେ ଯୁଦ୍ଧ ନାହିଁ । ନାସ୍ତିକବାଦୀ ପଦାର୍ଥବିତ୍ ଷ୍ଟିଭେନ୍ ୱିନ୍‌ବର୍ଗ ଯାହା କହନ୍ତି ଓ ଡଃ ଡଅକିନ୍‌ସ ଓ ଡେନେଟ୍ଟ ଯେଭଳି ମନେ ପକାଇଦିଅନ୍ତି ତାହା ହେଉଛି ଯେ ଭଲ ଲୋକେ ଭଲ ଆଡକୁ ଆଗେଇବେ, ଖରାପ ଲୋକେ ଖରାପ କରିବାକୁ ଚାହିଁବେ, କିନ୍ତୁ ଭଲ ଲୋକଟିଏ ଖରାପ କରିବାକୁ ପଛେଇବ, କାରଣ ତାକୁ ଧର୍ମ ଶିଖାଇଥିବା ନୈତିକତା ମାଡି ବସିବ । ବିଜ୍ଞାନ ଯେଉଁ କାର୍ଯ୍ୟ-କାରଣ ସମ୍ପର୍କ କହେ ବା ତଥ୍ୟ ଯୋଗାଏ ତାହାକୁ ହିଁ ଅନେକ ନୀତି (ନୈତିକତା) ଦୃଢ଼ କରିଥାଏ, ତେଣୁ ନୀତିଗୁଡିକ ମଣିଷ ସମାଜକୁ ଧାରଣ କରିଛି ଏବଂ ମଣିଷ ପ୍ରଜାତିକୁ ସୁରକ୍ଷିତ ରଖିଛି । ଷ୍ଟେମ୍ ସେଲ୍ ରିସର୍ଚ୍ଚ ବା ବାୟୋଟେକ୍ନୋଲଜି ଭଳି ଆଧୁନିକ ବିଜ୍ଞାନ ଯେ ମଣିଷର ତଥା ମଣିଷ ପ୍ରଜାତିର ଅଭିବୃଦ୍ଧି ପାଇଁ କାମ କରୁଛି – ଏ କଥା ବୁଝାଇ ପାରିଲେ ବିଜ୍ଞାନ ଓ ଧର୍ମବିଶ୍ୱାସ ଭିତରେ ଦ୍ୱନ୍ଦ୍ୱ

ରହିବ ନାହିଁ, ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବୁଷ୍ ଭଳି କାଥୋଲିକ୍ ଲୋକେ ବି ଷ୍ଟେମ୍ ସେଲ୍ ଗବେଷଣା ଉପରେ ଆପତ୍ତି କରିବେ ନାହିଁ ।

କାରଣ ଓ ପରିଣାମ ସମ୍ପର୍କରେ ଆମେ ଯେପରି ଭାବୁଁ ତାହା ଆମ ପରିବେଶ ଓ ଲାଳନପାଳନ ସମୟର ପରିବାରରୁ ମିଳିଥିବା ଶିକ୍ଷା ଓ ତାଲିମ ଦ୍ୱାରା ପ୍ରଭାବିତ । ଯେପରି ଆମେ ଯୁକ୍ତି କରୁଁ, ଯେପରି ଆମେ ବିପଦ ମାପୁଁ, ସେସବୁଥିରେ ଆମ ପକ୍ଷପାତିତା ଆମ ନିଷ୍ପତ୍ତିକୁ ପ୍ରଭାବିତ କରେ । ଆମେ ପିଲାବେଳୁ ବାପା ମା ଓ ସାଇପଡିଶାଙ୍କଠୁଁ ଶିଖି ଥିବା କଥା ହିଁ ଠିକ୍ ବୋଲି ଭାବିଛୁଁ, ତାହା ହିଁ ଆମର ପକ୍ଷପାତିତା । ଧର୍ମ-ବିଶ୍ୱାସ, ଶିକ୍ଷାଦୀକ୍ଷା, ପରିବେଶ, ଗାଁ ବା ମହଲାର ମୁରବିମାନଙ୍କ ତାଗିଦା ସାଧାରଣ ଲୋକର ବିଚାରକୁ ରଙ୍ଗ ଦେଇଥାଏ, ତା ବିଚାରରେ ବିଜ୍ଞାନ ନାହିଁ । ଆମେ ଯାହା କିଛି ଦେଖୁଛୁଁ ବା ଅନୁଭବ କରୁଛୁଁ ସେସବୁ ମୂଳରେ ଗୋଟିଏ ଅଲୌକିକ କାରଣ ଅଛି - ଏ ଧାରଣା ବିଜ୍ଞାନ ଆଡକୁ ମୁହେଁଇବାକୁ ଦିଏ ନାହିଁ । ଭଗବତ୍ ଶକ୍ତି ହିଁ ସବୁ କାମ କରୁଛି, ମୁଁ କିଛି କରୁନାହିଁ; କୁଆ ଉଡିଗଲା ବେଳେ ତାଳ ପଡିଗଲେ କୁଆ ପକାଇଲା ବୋଲି ଭାବିବା; ସାକ୍ଷ୍ୟ ପ୍ରମାଣକୁ ବିକୃତ କରି ପ୍ରବଚନ ଦେଉଥିବା ଗଡ୍‌ମ୍ୟାନର କଥାକୁ ସତ ଭାବିବା , ଗୋଳେଇମୋଳେଇ ଯୁକ୍ତିରେ (ସାର୍କୁଲାର ରିଜନିଂ) ଭୁଲି ପ୍ରବଚକର ସିଦ୍ଧାନ୍ତ ଗ୍ରହଣ କରିନେବା, ରୋଚକ କାହାଣୀ ବର୍ଣ୍ଣନା ଜରିଆରେ ପ୍ରବଚକ ନିଜର ମତକୁ ଲୋକଙ୍କ ମୁଣ୍ଡରେ ପୂରେଇବା, - ଏଭଳି ଘଟଣା ଆମକୁ ବିଜ୍ଞାନ ଠାରୁ ଦୂରେଇ ଦିଏ ଏବଂ ଲଜିକାଲ ପ୍ରବ୍ଲମ୍ ସୃଷ୍ଟି କରେ, ଯୁକ୍ତିଯୁକ୍ତତା ବିଫଳ ହୁଏ । ଏ ସବୁ କାରଣରୁ ଧର୍ମ ସମ୍ପର୍କରେ ଏକ ସାର୍ବଜନୀନ ଅବୁଝାମଣା ରହିଛି। ଆମର ଦାୟିତ୍ୱ ହେଉଛି ଯେଉଁଠି ବିଶ୍ୱାସକୁ ପ୍ରମାଣ କରିବା ଅସମ୍ଭବ ବା ବିଶ୍ୱାସଟି ଦୁର୍ବଳ ତାକୁ ବଦଳାଇବା । ଯେପରି ବୈଜ୍ଞାନିକମାନେ ସେମାନଙ୍କ ପ୍ରତିପାଦ୍ୟ (ଉପପାଦ୍ୟ) ଉଲ୍ଲେଖ କରି କିପରି ତାହାର ପ୍ରମାଣ କଲେ ତାହା କହନ୍ତି, ଯାହା କିଛି ତଥ୍ୟ ପାଇଲେ ତାକୁ ଖୋଲି କହନ୍ତି, କିପରି ବିଶ୍ଳେଷଣ କଲେ ଓ ସେ ବିଶ୍ଳେଷଣରୁ ସିଦ୍ଧାନ୍ତ କିପରି କାଢିଲେ ତାହା ବୁଝାନ୍ତି, ସେହିପରି ଯଦି ଧର୍ମଗୁରୁମାନେ ପ୍ରମାଣ ଦେଇ ଲୋକଙ୍କୁ ବୁଝାନ୍ତେ, ତେବେ ଲୋକେ କାହାକୁ ପ୍ରାର୍ଥନା କରୁଛନ୍ତି ବା କାହାରିକୁ ପ୍ରାର୍ଥନା କରୁନାହାନ୍ତି, ତାହା ଚିନ୍ତାର ବିଷୟ ହୁଅନ୍ତା ନାହିଁ ।

ଅନ୍ୟ ପକ୍ଷରେ ଧର୍ମ ଶାସ୍ତ୍ରରେ ଥିବା ଅଯୌକ୍ତିକ ଧାରଣା ଗୁଡିକ ବିରୁଦ୍ଧରେ ଲଢେଇ ନ କରି ସମ୍ପୃକ୍ତ ଧର୍ମର ଅନୁଗତ ମାନଙ୍କୁ ଓ ସାଧୁ ସନ୍ଥଙ୍କୁ ବୁଝାଇବା ଦରକାର ଯେ ଧର୍ମଗ୍ରନ୍ଥର

କେଉଁ କେଉଁ ଲେଖାଗୁଡିକ ଆଉ ଯୁଗୋପଯୋଗୀ ନୁହେଁ, ତେଣୁ ବର୍ଜନୀୟ । ଏପରି ଲଢେଇ ମାଲିମକଦମାର ରୂପ ନେଲେ ସମାଧାନ ଆସେ ନାହିଁ, ବରଂ ତିକ୍ତତା ବଢେ । ଧର୍ମର ରୀତି ନୀତିର ବ୍ୟାଖ୍ୟା ବିଭିନ୍ନ ଦେଶର ଆଇନର ବ୍ୟାଖ୍ୟା ସହିତ ମେଳ ନ ଖାଇପାରେ । ଏ ସମ୍ପର୍କରେ ଦୁଇଟି ଉଦାହରଣ: (୧) ଅଗଷ୍ଟ, ୨୦୦୭ରେ ଓଲନ୍ଦାଜ ରାଜନେତା ତଥା ବିଦେଶୀବିରୋଧୀ (ଆଣ୍ଟିଇମିଗ୍ରେସନ) ନେତା ସରକାରଙ୍କୁ କହିଛନ୍ତି, ନେଦରଲାଣ୍ଡରେ କୋରାନକୁ ନିଷିଦ୍ଧ କରାଯାଉ, ଆଡଲଫ୍ ହିଟ୍ଲରଙ୍କ ମେନ୍ କାମ୍ପ ବହି ଭଳି କୋରାନ ଏକ ଫାସିଷ୍ଟ ବହି, ଓ ହିଂସାକୁ ପ୍ରଶ୍ରୟ ଦେଉଛି । ବହିଟିକୁ ନିଷିଦ୍ଧ କରି ଇସ୍‌ଲାମିଷ୍ଟମାନଙ୍କୁ ଜଣାଇଦିଅ ଯେ ଆମ ଦେଶରେ କୋରାନ କଦାପି ହିଂସାର ଉଦ୍ରେକ କରିବା ଲାଗି ଏକ ଆଳ ରୂପେ ବ୍ୟବହାର ହୋଇପାରିବ ନାହିଁ । (୨) ଋଷିଆରେ ଗୋଟିଏ ମାମଲା ହୋଇଥିଲା ଭଗବତଗୀତାକୁ ବାସନ୍ଦ କରିବାକୁ କାରଣ ତାହା ଯୁଦ୍ଧ କରିବାକୁ ଉତ୍ସାହିତ କରୁଛି ।

****



ନାଗା ସାଧୁ

# କୋର୍ଟ ନ୍ୟାୟ ଓ ଧର୍ମ ଆଚରଣ

ପରିବେଶ ଓ ଲାଳନପାଳନ ସମୟର ଶିକ୍ଷା ଓ ତାଲିମ ଏବଂ ସମସାମୟିକ ପରିବେଶରେ ଘଟଥିବା କାର୍ଯ୍ୟ-କାରଣ ସମ୍ପର୍କ ବିଷୟରେ ଆମର ଜ୍ଞାନ ଆମ ପକ୍ଷପାତିତା ତିଆରି କରେ, ଆମ ନିଷ୍ପତ୍ତିକୁ ତିଆରି କରେ । ସେହିସବୁ କାରଣ ବି ବିଚାରପତିମାନଙ୍କ ରାୟକୁ ପ୍ରଭାବିତ କରେ । ବିଚାରପତିମାନଙ୍କ ପକ୍ଷପାତିତା ଅଛି; ନିଜ ଜୀବନର ଦର୍ଶନ ଉପରେ, ସେମାନେ ଜୀବନକୁ କିପରି ଦେଖନ୍ତି ତାହା ଉପରେ, ସେମାନଙ୍କ ବିଚାର ଓ ରାୟ ଆଧାରିତ ହୋଇଥାଏ; ନଚେତ୍ ଗୋଟିଏ କୋର୍ଟର ଜଜ୍ ଯାହା ରାୟ ଦେଇଥାଏ ତାହା ଉପର କୋର୍ଟ ରଦ୍ଦ କରନ୍ତା ନାହିଁ; ଗୋଟିଏ ସମୟର ରାୟ ପରବର୍ତ୍ତୀ କାଳରେ ବଦଳନ୍ତା ନାହିଁ । ଦାସତ୍ୱ ପ୍ରଥା ଥିଲା ବେଳେ ମାର୍କିନ୍ କୋର୍ଟ କଳା ଓ ଗୋରା ବିବାହ କରିବା ବେଆଇନ କହୁଥିଲା, ଏବେ ତ ପୁରୁଷକୁ ପୁରୁଷ କି ନାରୀକୁ ନାରୀ ବିବାହ କଲେ (ସମଲିଙ୍ଗୀ ବିବାହକୁ) ଆଇନସଂଗତ ବୋଲି କହୁଛି । ଧର୍ମଗ୍ରନ୍ଥର ଫଣ୍ଡାମେଣ୍ଟାଲିଜିମ୍, ବିଶ୍ୱାସର ନିଖୁଣ ପାଳନ ବା ଧର୍ମର ରକ୍ଷଣଶୀଳତା ଉପରେ ରାୟ ଦେବାବେଳେ ଜଜ୍‌ମାନଙ୍କ ଯୁକ୍ତିର ବେଶ୍ କିଛି ଅଂଶ ସେମାନଙ୍କ ଜୀବନାଦର୍ଶ ଦ୍ୱାରା ପ୍ରଭାବିତ ହୋଇଥାଏ । ଯଦି ଆମ ଦେଶର କୋର୍ଟ କେବେ ଧର୍ମର ଅନ୍ୟାୟ ରୀତି ଉପରେ ରାୟ (ମହମ୍ମଦ ବେଗମ୍ ବନାମ ଶାହ ବାନୋ ବେଗମ୍) ଦିଅନ୍ତି ତେବେ ଧର୍ମିରପେକ୍ଷ ବୋଲାଉଥିବା ଆମ ନେତାମାନେ ନୂଆ ଆଇନ ତିଆରି କରି ରାୟକୁ ଅକାମୀ କରି ଦିଅନ୍ତି । ୧୯୬୨ର ସର୍ଦ୍ଦାର ନରମ ସୈଦନା ତାହେର ବନାମ ବମ୍ବେ ପ୍ରଦେଶ (ଏଆଇଆର୍ ୧୯୬୨ ଏସ୍‌ସି ୮୫୩) ମକଦମାରେ ସୁପ୍ରିମ କୋର୍ଟ ସୈଦନା ସମାଜର ସାମାଜିକ ବାସନ୍ଦ ବ୍ୟବସ୍ଥାକୁ ବାତିଲ କରିଥିବା ଏକ ଆଇନକୁ ରଦ୍ଦ କଲେ, ସୁପ୍ରିମ କୋର୍ଟ ବୁଝିଲେ ନାହିଁ ଯେ ଧାର୍ମିକ ବାସନ୍ଦର ପରିଣାମ ସ୍ୱରୂପ ଲୋକ ସମ୍ବିଧାନର ଧାରା ୨୬(ଖ) ପ୍ରଦତ୍ତ ମୌଳିକ ଅଧିକାର ହରାଇ ପାରେ । ମୁଖ୍ୟ ବିଚାରପତି ସିହ୍ନା ଏହିଭଳି ଭିନ୍ନ ମତ ଦେଇଥିଲେ- ଦାଉଦୀ-ବୋହରାମାନେ କାହାକୁ ସମାଜରୁ ବାସନ୍ଦ କରିବା କେବଳ ଏକ ଧାର୍ମିକ ବିଷୟ ନୁହେଁ; ବାସନ୍ଦ ଫଳରେ ଲୋକ କେବଳ ଉପାସନା ସ୍ଥଳକୁ ଯିବା ବନ୍ଦ ହୁଏ ନାହିଁ, ସମାଜର ଶ୍ମଶାନରେ ଶବସତ୍କାରର ଓ ଅନ୍ୟ ପ୍ରକାରର ସାମ୍ପ୍ରଦାୟିକ ସମ୍ପତ୍ତି ସମ୍ପର୍କୀୟ ନାଗରିକ ଅଧିକାର ହରାଏ । ବାସନ୍ଦ ଲୋକକୁ ତା ସମ୍ପ୍ରଦାୟରେ ଅଛୁଆଁ କରିଦିଏ, ସମ୍ବିଧାନର ଧାରା ୧୭ ଅସ୍ପୃଶ୍ୟତା ଉଠାଇ ଦେଇଛି । ତେଣୁ ବାସନ୍ଦ ସମ୍ବିଧାନର ବିରୁଦ୍ଧାଚରଣ କରୁଛି । ଆମ ଦେଶରେ ସମ୍ବିଧାନ ବିରୁଦ୍ଧାଚରଣ କରୁଥିବା ଲୋକ ଯଦି ମହାରାଷ୍ଟ୍ର ନବନିର୍ମାଣ ସଂସ୍ଥାର ଠାକ୍‌ରେ ହୋଇଥିବ, ତେବେ ସାତଖୁଣ ମାଫ୍, କୋର୍ଟ ବି ହୁଗୁଳା ।

୧୯୭୬ ଓ ୧୯୮୬ ଭିତରେ ଧର୍ମନିରପେକ୍ଷତା ଉପରେ ସୁପ୍ରିମ କୋର୍ଟ ୩ଟି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଜେଡ୍ ବି ବୁଖାରୀ ବନାମ ବି ଆର୍ ମେହେରା ମାମଲାରେ (୧୯୭୬-୨ ଏସ୍‌ସିସି ୧୭) ପ୍ରଥମ ଥର ଲାଗି କୋର୍ଟ ନିର୍ଦ୍ଦେଶ ଦେଲେ ଯେ ଧର୍ମନିରପେକ୍ଷ ରାଷ୍ଟ୍ର ବାଛବିଚାର କରିବ ନାହିଁ, ନିରପେକ୍ଷ ରହିବ (ସେକୁଲାର ଆଣ୍ଡ ନିୟୁଟ୍ରାଲ) । ଏ ଦୁନିଆରେ ଯାହା କିଛି ଦୈବ ଶକ୍ତିର ହସ୍ତକ୍ଷେପ ବିନା କରାଯାଏ ତାହାକୁ ବୁଝାଇବା ପାଇଁ ସେକୁଲାର ଶବ୍ଦ ବ୍ୟବହାର ହୁଏ । ଧର୍ମନିରପେକ୍ଷତା ଧର୍ମ ଉପରେ ନିର୍ଭର କରେ ନାହିଁ, ଧର୍ମଠାରୁ ଏହା ସ୍ୱତନ୍ତ୍ର । ୧୯୮୦ରେ ବାବୁରାଓ ପଟେଲ ବନାମ ରାଷ୍ଟ୍ର (୧୯୮୦-୨ ଏସ୍‌ସିସି ୪୦୨) ମାମଲାରେ କୋର୍ଟ କହିଲେ ଭାରତୀୟ ଦଣ୍ଡବିଧି ଆଇନର ୧୫୩-ଏ(୧)(ଏ) ସେକ୍ସନ୍‌ଟି ଧର୍ମ, ଗୋଷ୍ଠୀ ବା ସମ୍ପ୍ରଦାୟ ଭିତରେ ଶତ୍ରୁତା, ଘୃଣା, ବା ଦୁର୍ଭାବନା ବୃଦ୍ଧି କରିବାରେ ସୀମିତ ନୁହେଁ । ଜାତି, ଜନ୍ମସ୍ଥାନ, ବାସସ୍ଥାନ, ଭାଷା, ବର୍ଣ୍ଣ ବା ସମ୍ପ୍ରଦାୟ ଭିତ୍ତିରେ ବି ବିଭେଦ ସୃଷ୍ଟି କରିବା ଏ ଧାରା ଦ୍ୱାରା ଦୋଷ ବୋଲି ଧରାଯିବ । ତା ପରେ ୧୯୮୬ରେ ବିଜୋଏ ଏମାନୁଏଲ ବନାମ କେରଳ ରାଜ୍ୟ (୧୯୮୬-୩ ଏସ୍‌ସିସି ୬୧୫) ମାମଲାରେ କୋର୍ଟ କହିଲେ, ଜାତୀୟ ସଂଗୀତ ଗାନ ନ କରିବାରୁ ଜେହୋବାଙ୍କ ସାକ୍ଷୀ ନାମକ ଏକ ଖ୍ରିଷ୍ଟିଆନ ଗୋଷ୍ଠୀର ପିଲାମାନଙ୍କୁ ସ୍କୁଲରୁ ତଡା ଯାଇଥିବା ସେମାନଙ୍କ ମୌଳିକ ଅଧିକାର (ଧାରା ୨୫) କ୍ଷୁଣ୍ଣ କରୁଛି ।

ଆମ ଦେଶରେ ଧର୍ମ ବିବାଦ ଘେନି ବିଶେଷ ବର୍ଷଟି ହେଲା ୧୯୯୪ । ୯ ଜଣିଆ ସାମ୍ବିଧାନିକ ବେଞ୍ଚ ଏସ୍‌ଆର୍ ବୋମାଇ ବନାମ କେନ୍ଦ୍ର ସରକାର (୧୯୯୪ – ୩ ଏସ୍‌ସିସି) ମାମଲାରେ ରାୟ ଦେଲେ, 'ରାଷ୍ଟ୍ର ଧର୍ମ ଠାରୁ ଦୂରରେ ରହେ । ଖାଣ୍ଟି ଧର୍ମ ସମ୍ବନ୍ଧୀୟ ବିଷୟ ବ୍ୟକ୍ତିର ନିଜ ମାମଲା ଏବଂ ଅଣଧର୍ମ (ସେକୁଲାର) ଭାଗଟି ରାଷ୍ଟ୍ରର କାମ । ରାଷ୍ଟ୍ର କୌଣସି ଗୋଟିଏ ଧର୍ମର ସପକ୍ଷ ବା ବିରୋଧୀ ନୁହେଁ ।' କିନ୍ତୁ ଇସ୍‌ମାଇଲ ଫାରୁକି ବନାମ ୟୁନିଅନ ଅଫ୍ ଇଣ୍ଡିଆ (୧୯୯୪ – ୬ ଏସ୍‌ସିସି ୩୬୦) ମାମଲାରେ ସଂଖ୍ୟାଧିକ ମତରେ ବିଚାରପତିମାନେ ଅଯୋଧ୍ୟାର ମସ୍‌ଜିଦ ସମ୍ପର୍କରେ କହିଲେ 'ଇସ୍‌ଲାମ ଧର୍ମର ପାଳନ ପାଇଁ ମସ୍‌ଜିଦଟିଏ ଅତ୍ୟାବଶ୍ୟକ ଅଙ୍ଗ ନୁହେଁ ।' ଜଷ୍ଟିସ ଅହମଦି ଓ ଜଷ୍ଟିସ୍ ଭାରୁଚି ବିରୋଧୀ ମତ ଦେଇଥିଲେ: ରାଷ୍ଟ୍ରର ଧର୍ମ ନାହିଁ, ସୁପ୍ରିମ କୋର୍ଟ ସେ ଜାଗାରେ ମନ୍ଦିର ନଥାଇ ମସ୍‌ଜିଦ ଥିଲା ବୋଲି କହିଥିଲେ ବି ରାଷ୍ଟ୍ର କଣ ମସ୍‌ଜିଦ ନିର୍ମାଣ କରିଥାନ୍ତା ? ମହମଦ ଇସ୍‌ଲାମ ବନାମ ୟୁନିଅନ ଅଫ୍ ଇଣ୍ଡିଆ (୧୯୯୪ – ୬ ଏସ୍‌ସିସି ୪୪୨) କେଶ୍‌ରେ ସହଜରେ କୋର୍ଟ କଥାଟା ସାରିଦେଲେ । ସୁପ୍ରିମ କୋର୍ଟ ଆଦେଶକୁ ବେଖାତିର କରିଥିବାରୁ ଓ ବାବ୍ରି ମସ୍‌ଜିଦ ଉଡାଇ

ଦେବାରେ ସହାୟତା କରିଥିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କୁ ଗୋଟିଏ ଦିନ ପାଇଁ ପ୍ରତୀକ ଜେଲ ଦଣ୍ଡ ଏବଂ ଦୁଇମାସ ଭିତରେ ୨୦୦୦ ଟଙ୍କା ଜୋରିମାନା ଦେବାର ଦଣ୍ଡ ସୁପ୍ରିମ କୋର୍ଟ ଦେଇଥିଲେ ।

ମନୋହର ଯୋଶୀ ବନାମ ଏଲ୍ ବି ପାଟିଲ ମାମଲାରେ, ୧୯୯୬ (୧) ଏସ୍ଏସ୍ସି ୧୬୯, ସୁପ୍ରିମ କୋର୍ଟ ହାଇକୋର୍ଟ ଦେଇଥିବା ରାୟକୁ ନାକଚ କରିଦେଲେ । ହାଇକୋର୍ଟରେ ରାୟ ଥିଲା, ମହାରାଷ୍ଟ୍ରରେ ପ୍ରଥମ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ହେବ କହିବା 'ଯେତେ ଘୃଣ୍ୟ ହେଲେ ବି ତାହା ଧର୍ମ ଭିତ୍ତିରେ ଭୋଟ ମଗାଗଲା ବୋଲି କୁହାଯିବ ନାହିଁ ।' ମହାରାଷ୍ଟ୍ର ହାଇକୋର୍ଟ ରାୟ ଦେଇଥିଲେ ଯେ ମନୋହର ଯୋଶୀ ତାଙ୍କ ଦଳର ପ୍ରୋଗ୍ରାମ ଅନୁସାରେ ହିନ୍ଦୁତ୍ୱକୁ ମୁଖ୍ୟ ପ୍ରସଙ୍ଗ କରିଥିବାରୁ ରିପ୍ରେଜେଣ୍ଟେସନ ଅଫ୍ ପିପୁଲ୍ସ ଆକ୍ଟ ୧୨୩ ସେକ୍ସନର ବ୍ୟାଖ୍ୟା ଭିତରେ ଆସୁଛି, ତେଣୁ ଦଳ ଓ ପ୍ରାର୍ଥୀ ଉଭୟ ଦୋଷୀ । କିନ୍ତୁ ବାଲ୍ ଥାକ୍ରେ ବନାମ ପି କେ କୁନ୍ତେ ମାମଲା (୧୯୯୬ - ୧ ଏସ୍ସିସି - ୧୩୦)ରେ ବାଲ୍ ଥାକ୍ରେଙ୍କୁ ଭ୍ରଷ୍ଟାଚାର ଦୋଷରେ ଦଣ୍ଡିତ କରିଥିଲେ । ବାଲ୍ ଥାକ୍ରେ ହିନ୍ଦୁମାନଙ୍କୁ ସ୍ପଷ୍ଟ ଭାବେ ନିବେଦନ କରିଥିଲେ ଯେ ଡଃ ରମେଶ ଯଶୋବନ୍ତ ପ୍ରଭୁ ହିନ୍ଦୁ ହୋଇଥିବାରୁ ତାଙ୍କୁ ଭୋଟ ଦିଅନ୍ତୁ । ...... ପ୍ରଥମ ଭାଷଣରେ ମୁସଲମାନଙ୍କୁ ଅବମାନନା କରି ସାପ ଓ ଲଣ୍ଡେ (ସୁନତ୍ ହୋଇଥିବା ବ୍ୟକ୍ତିକୁ ଲଣ୍ଡେ କହିବା ଏକ ଘୃଣାସୂଚକ ଶବ୍ଦ) ବୋଲି କହିଥିଲେ । ଏପରି ଭାଷା ହିନ୍ଦୁ ମୁସ୍ଲିମ ମଧ୍ୟରେ ଧର୍ମ ଦୃଷ୍ଟିରୁ ଶତ୍ରୁତା ବା ଘୃଣା ବଢାଇବାର ଉଦ୍ୟମ । ତେଣୁ ସବ୍ସେକ୍ସନ ୩-୪ ରେ କରପ୍ଟ ପ୍ରାକ୍ଟିସ୍ ଭାବେ ଧର୍ତ୍ତବ୍ୟ ।

ଧର୍ମାନ୍ତରୀକରଣ ଉପରେ ପ୍ରଥମ ଉଲ୍ଲେଖନୀୟ ରାୟ ରେଭରେଣ୍ଡ ଷ୍ଟାଇନିସ୍ଲାସ୍ ବନାମ ମଧ୍ୟପ୍ରଦେଶ (୧୯୭୭ ୧ ଏସ୍ସି ୬୭୭) ମାମଲାରେ ମିଳିଲା । ସମ୍ବିଧାନର ଧାରା ୨୫(୧) ନିଜ ଧର୍ମ ପ୍ରଚାରର ସ୍ୱାଧୀନତା ଦେଇଛି ମାନେ ନୁହେଁ ଯେ କାହାରିକୁ ଜୋର୍ ଜବରଦସ୍ତ କରି ବା ଠକେଇ ତାହାର ଧର୍ମ ବଦଳାଇବ । ଏହା ବନ୍ଦ ନ ହେଲେ ଦେଶରେ ସାର୍ବଜନୀନ ବିଶୃଙ୍ଖଳା ଦେଖା ଦେବ । ମଧ୍ୟ ପ୍ରଦେଶ ଧର୍ମ ସ୍ୱାତନ୍ତ୍ର୍ୟ ଅଧିନିୟମ ୧୯୬୮କୁ ମଧ୍ୟ ପ୍ରଦେଶ ହାଇକୋର୍ଟ ବୈଧ କହିଥିଲେ ହେଁ ଓଡିଶା ହାଇକୋର୍ଟ ତଦନୁରୂପ ଓଡିଶା ବିଧେୟକକୁ ଅବୈଧ କହିଥିଲେ । ଋଷିକେଶ ମୁନିସିପାଲିଟି ସୀମା ଭିତରେ ଅଣ୍ଡା ବିକିବା ଉପରେ ବାରଣ କରିଥିବା ଆଦେଶ କାହାରି ଧର୍ମ ଉପରେ ପାତର ଅନ୍ତର କରୁନାହିଁ ତ ସମ୍ବିଧାନର ୧୯(୧) (ଜି) ଧାରାର ବି ଖିଲାପ କରୁନାହିଁ ବୋଲି ସୁପ୍ରିମ କୋର୍ଟ କହିଛନ୍ତି ।

ଆଲ୍ଲାହାବାଦ ହାଇକୋର୍ଟ ଓମ୍ ପ୍ରକାଶ ବନାମ ୟୁ ପି ରାଜ୍ୟ (୨୦୦୪ ୩ ଏସ୍‌ସିସି ୪୦୨) ମାମଲାରେ ରାୟ ଦେଲେ ଯେ ପରମ୍ପରା ଅନୁଯାୟୀ ଅଣ୍ଡା ଭଳି ଆମିଷ ବିକ୍ରି ଉପରେ ବାରଣ ଉଚିତ ହୋଇଛି । ଏଠାରେ ସଂଖ୍ୟାଧିକ ଜନତାର ରୀତିନୀତିକୁ ସମ୍ମାନ ଦିଆଯାଇଛି । ଅଣ୍ଡା ଭିତରେ ଚିଆଁ ନ ଥିଲେ ବି ତାହା ନିରାମିଶ ନୁହେଁ ବା ଜୀବହତ୍ୟା ନୁହେଁ ବୋଲି କହି ବିକ୍ରି କରାଯିବା ଉଚିତ ନୁହେଁ । ବମ୍ବେ ମୁନିସିପାଲ କର୍ପୋରେସନ ଆକ୍ଟରେ ଥିବା ଚମଡା ଓ ହାଡ ବଜାର ଉପରେ କଟକଣା ଜାରିକରିବା ବ୍ୟବସ୍ଥାକୁ ବୈଧ ଧରିଥିଲେ, କାରଣ ତାହା ସଂଖ୍ୟାଧିକ ଲୋକଙ୍କ ମନୋଭାବକୁ ସମ୍ମାନ ଦେଉଛି । ହରଦ୍ୱାର ବା ଋଷିକେଶ ସହରରେ ସଂଖ୍ୟାଧିକ ଲୋକ ଚାହାନ୍ତି ଏକ ନିରାମିଷ ଆବହାୱା ରହୁ, ତେଣୁ ତୀର୍ଥସ୍ଥଳର ମର୍ଯ୍ୟାଦା ରକ୍ଷା କରିଥିବା ଆଇନଟି ବୈଧ ।

କିନ୍ତୁ ଗୋହତ୍ୟା ସମ୍ବନ୍ଧୀୟ କେଶ୍‌ରେ ରାୟ ଅଦ୍ଭୁତ । ଗୁଜରାଟ ରାଜ୍ୟ ବନାମ ମିର୍ଜାପୁର ମୋତି କୁରେଷି କାସାବ ଜମାତ୍ (୨୦୦୫ - ୮ ଏସ୍‌ସିସି ୫୩୪) ମାମଲାରେ ଗୋହତ୍ୟା ବାରଣ କରିଥିବା ବମ୍ବେ ଆନିମାଲ ପ୍ରିଜର୍ଭେସନ ଆକ୍ଟ ୧୯୪୮କୁ ଗ୍ରହଣ କରି ପାରିତ ହୋଇଥିବା ଗୁଜରାଟ୍ ସଂଶୋଧନ ୧୯୬୧ ଓ ସଂଶୋଧନ ୧୯୯୪ ଉପରେ ପ୍ରଶ୍ନ ଉଠିଥିଲା । କୁରେଷି ମାନଙ୍କ ପ୍ରତିନିଧି ଏ ଆଇନକୁ ବିରୋଧ କରି ଦରଖାସ୍ତ କରିଥିଲେ । ମୁସଲମାନଙ୍କ ଧର୍ମ ଗୋ-ବଳି ପାଇଁ ଗୋଟିଏ ଦିନ ଧାର୍ଯ୍ୟ କରିଛି; ତଥାପି ଦୁଧ ଦେଉଥିବା ଗାଈ, ବାଛୁରୀ, ଓ କାର୍ଯ୍ୟକ୍ଷମ ବଳଦକୁ ବଳି ଦେବା ଅବୈଧ ବୋଲି କୋର୍ଟ କହି ସମ୍ପୂର୍ଣ୍ଣ ବାରଣକୁ ବୈଧ କହିଥିଲେ । କୋରାନର କୌଣସି ସୁରା ଗାଈର ବଳି ଚାହୁଁଛି ବୋଲି କେହି ପ୍ରମାଣ ଦେଇନାହାନ୍ତି ବୋଲି କୋର୍ଟ ଧରିଥିଲେ । ଜୋରାଷ୍ଟ୍ରିଆନ କୋଅପରେଟିଭ ହାଉସିଂ ସୋସାଇଟି ବନାମ ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାର (୨୦୦୫ - ୫ ଏସ୍‌ସିସି ୬୩୨) ମାମଲାରେ ସୁପ୍ରିମ କୋର୍ଟ କହିଲେ ସୋସାଇଟିର ପ୍ରମୁଖ ଉଦ୍ଦେଶ୍ୟ ବୃହତ୍ ସମାଜର ଉଦ୍ଦେଶ୍ୟ ନୁହେଁ, ତେଣୁ ପାର୍ସୀମାନେ ଅଣପାର୍ସୀଙ୍କୁ ଜମି ହସ୍ତାନ୍ତର କରିପାରିବେ ନାହିଁ । ସୋସାଇଟି ଏପରି କଟକଣା କରି ଆଇନର ଖିଲାପ କରିନାହିଁ । ଏହାଦ୍ୱାରା ଧର୍ମଭିତ୍ତିକ, ସାମ୍ପ୍ରଦାୟିକ ବସ୍ତି ସଂଖ୍ୟା ବଢିବ । ଗୁଜରାଟରେ ଏପରି ଘଟିଛି । ଏଥିଲାଗି ବିଧେୟକ ବଦଳିବା ଦରକାର । ଯେ ପର୍ଯ୍ୟନ୍ତ ତାହା ନ ହୋଇଛି ସମବାୟ ଆଇନରେ ସମସ୍ୱାର୍ଥଜନିତ ସୋସାଇଟି ଗଢିବା ଆଇନସମ୍ମତ ।

****

# ପ୍ରଳୟର ଚିହ୍ନ

ସଂସାରରେ ପାପ ଭାର ବଢିଗଲେ ଭଗବାନ ସହି ପାରନ୍ତି ନାହିଁ, ପ୍ରଳୟ ରଚନା କରି ସେ ଦୁନିଆରୁ ପାପଭାରା କମାନ୍ତି, ଏ ପ୍ରକାର ଧର୍ମ-ଧାରଣା ପ୍ରଳୟଙ୍କରୀ ବନ୍ୟା ଦେଖିଥିବା ଲୋକଙ୍କ ସ୍ମୃତିରୁ ଆସିଛି । ନଦୀକୂଳ ଓ ନଦୀମୁହାଣର ଉପତ୍ୟକାରେ ବସବାସ କରୁଥିବା କୃଷିପ୍ରଧାନ ଲୋକଙ୍କ ଭିତରେ ହିଁ ଏ ପ୍ରକାର ଧାରଣାର ଆବିର୍ଭାବ ହୋଇଥିଲା;  କୃଷି ଦୈନନ୍ଦିନ ଓ ଭବିଷ୍ୟତର ଖାଦ୍ୟ ଚିନ୍ତା ଦୂର କରିପାରିଥିବାରୁ ଲୋକେ ଖାଦ୍ୟାତିରିକ୍ତ ଚିନ୍ତା, ମାନସିକ ଅନୁଶୀଳନ, ସୃଜନଶୀଳତା ଆଦି ଅଣପାଶବିକ କାର୍ଯ୍ୟରେ ଲାଗିବାକୁ ସମୟ ପାଇଲେ । କିନ୍ତୁ ନଦୀର ପ୍ରବଳ ବନ୍ୟା, ବିଶେଷତଃ ନଦୀର ତ୍ରିକୋଣଭୂମିରେ ସୁନାମୀ-ଜନିତ ବନ୍ୟା ବହୁତ ଧନଜୀବନ ନଷ୍ଟ କରିଥିବ, ଯେଉଁମାନେ ତିଷ୍ଠିଗଲେ ସେମାନେ ଭଗବାନ ସେମାନଙ୍କୁ ବଞ୍ଚାଇଲେ ବୋଲି ବନ୍ୟାର ପ୍ରଳୟ କାହାଣୀକୁ ପିଢି ପରେ ପିଢି ବର୍ଣ୍ଣନା କରି ଚାଲିଲେ, ତାହା କାଳକ୍ରମେ ଧର୍ମଗ୍ରନ୍ଥରେ ସ୍ଥାନ ପାଇ ଭଗବାନଙ୍କ ଗୁଣ ଗାନ କରିବାରେ ସାହାଯ୍ୟ କଲା । ଏ ପ୍ରକାରର ପ୍ରଳୟର ମାନେ ପୃଥିବୀର ଶେଷ ନୁହେଁ । ୫୦୦ କୋଟି ବର୍ଷ ପରେ ସୂର୍ଯ୍ୟର ଜାଳେଣି ସରି ଆସିବ ଓ ପୃଥିବୀ ବସବାସର ପୂରାପୂରି ଅଯୋଗ୍ୟ ହୋଇପଡିବ, ସେ ସମୟର କଥା ଛାଡନ୍ତୁ । ଅଦୂର ଭବିଷ୍ୟତରେ ଦିନେ କୌଣସି ଏକ ମହାଜାଗତିକ ବସ୍ତୁ ପୃଥିବୀରେ ଧକ୍କା ଦେଇ ଜୀବଜଗତ ନଷ୍ଟ କରିଦେଇପାରେ, ଏ ସମ୍ଭାବନା ଘେନି ବୈଜ୍ଞାନିକମାନେ ବେଶି ଚିନ୍ତିତ । କେତେଗୁଡିଏ ଭୂତାତ୍ତ୍ୱିକ ପ୍ରମାଣ ବୈଜ୍ଞାନିକମାନଙ୍କୁ ଏପ୍ରକାର ଚିନ୍ତା ଆଣିଦେଇଛି । ବୈଜ୍ଞାନିକମାନେ ନିଶ୍ଚିତ ଯେ ଲକ୍ଷ ଲକ୍ଷ ବର୍ଷ ଅନ୍ତରରେ ମଝିରେ ମଝିରେ ବହୁ ସଂଖ୍ୟାରେ ଜୀବଜନ୍ତୁ ଓ ଗଛଲତା ନଷ୍ଟ ହେବାର ଘଟଣା ଘଟେ । ଏହା ଏକ ପ୍ରାକୃତିକ ବା ବିଜ୍ଞାନ-ସମ୍ମତ ଘଟଣା, ଅର୍ଥାତ୍ ଘଟିବ ହିଁ ଘଟିବ । ଧର୍ମପ୍ରାଣ ଲୋକେ ବି ବଞ୍ଚିବେ ନାହିଁ, ଯେଉଁମାନେ ଘଟଣା ଘଟୁଥିବା କ୍ଷେତ୍ରରୁ ଦୂରରେ ଥିବେ ସେହିମାନେ ବଞ୍ଚିଯିବେ । ଉଣାଅଧିକେ ଜଣାପଡିଛି ଯେ ପ୍ରାୟ ସାଢେ ଛଅକୋଟି ବର୍ଷ ତଳେ ପୃଥିବୀରେ ଥିବା ଡାଇନୋସାର୍ ଜାତୀୟ ମହାକାୟ ଜୀବଜନ୍ତୁମାନେ ବିନାଶ ହୋଇଯିବାର କାରଣ ସେଇ ସମୟରେ ଏକ ପ୍ରକାଣ୍ଡକାୟ ଉଲ୍କା ପୃଥିବୀରେ ଧକ୍କା ଖାଇଥିଲା । ଏହା ଆଗରୁ କୋଟି କୋଟି ବର୍ଷ କାଳ ଡାଇନୋସାରର ବଂଶ ଆସ୍ତେ ଆସ୍ତେ ଲୁପ୍ତ ହୋଇଆସୁଥିଲା ସତ, କିନ୍ତୁ ଯେଉଁ କେତୋଟି ଜାତିର ଡାଇନୋସାର ବଞ୍ଚି ରହିଥିଲେ, ସେମାନେ ଏହି ଖଣ୍ଡପ୍ରଳୟ ଦ୍ୱାରା ନଷ୍ଟ ହୋଇଗଲେ । କେତେକ ସନ୍ଦେହ କରୁଥିଲେ ଯେ ସାଢେ ଛଅକୋଟି ବର୍ଷ ତଳେ ଏପରି ଦୁର୍ଘଟଣା ଘଟିଥିବାର ପ୍ରମାଣ ନାହିଁ । ଯଦି ଗୋଟିଏ ବଡ଼ ଆକାରର ଉଲ୍କା ପ୍ରଚଣ୍ଡ ବେଗରେ ପୃଥିବୀ ଉପରେ ପଡେ, ତାହା ତ

ଗୋଟିଏ ପ୍ରକାଣ୍ଡ ଗାତ କରିଥିବ । ସେ ଗାତ କାହିଁ ? – ଏବେ ଅନୁସନ୍ଧାନରୁ କ୍ୟାରିବିଆନ୍ ସାଗରରେ ହିଁ ଏହି ଗାତଟି ଥିବାର ଜଣା ପଡିଛି । ଭୂଗୋଳରେ କ୍ରେଟାସିଅସ୍ ଯୁଗର ଶେଷ (୧୪ କୋଟିରୁ ସାଢେ ଛଅକୋଟି ବର୍ଷ ପୂର୍ବେ) ଓ ଟର୍ସିଆରୀ ଯୁଗର ଆରମ୍ଭ (ସାଢେ ୬ କୋଟିରୁ ୨୦ ଲକ୍ଷ ବର୍ଷ ପୂର୍ବେ) ସମୟରେ ଯେଉଁ ଶିଳାସ୍ତର ତିଆରି ହୋଇଥିବ, ତହିଁରେ ହିଁ ଏହି ପ୍ରଳୟର ଚିହ୍ନ (ମୃତ ଡାଇନୋସାରମାନଙ୍କର ଅସ୍ଥି) ମିଳିବ । ପ୍ରକୃତରେ ଭୂପୃଷ୍ଠର ବହୁତଳେ ଥିବା ଏହି ଯୁଗର ଭୂସ୍ତରରେ ହିଁ ଡାଇନୋସାର ଫସିଲ୍ ମିଳୁଛି, କିନ୍ତୁ ତା' ଉପରର ଭୂସ୍ତରରେ ମିଳୁନାହିଁ । ଏ ସମ୍ପର୍କରେ କ୍ୟାରିବିଆନ୍‌ରେ ଆଉ କେତେକ ପ୍ରମାଣ ମଧ୍ୟ ମିଳିଛି । ପ୍ରଚଣ୍ଡ ଭାବରେ ଆଘାତ ହେଲେ ଯେଉଁ ଭୂତାତ୍ତ୍ୱିକ ତରଙ୍ଗ ସୃଷ୍ଟି ହେବ, ତହିଁର ପ୍ରଭାବରେ ବାଲୁକାକଣା ବା କ୍ୱାର୍ଜ ବିରୂପ ହୋଇପଡିବ, ଆଘାତ ଫଳରେ ଏତେ ବେଶି ତାପ ଜନ୍ମ ନେଇଥିବ ଯେ ସେଇ ତାପରେ ସାଙ୍ଗେ ସାଙ୍ଗେ ବାଲିରୁ ମାଇକ୍ରୋଟେକ୍‌ଟାଇଟ୍ ନାମକ କାଚ ବିନ୍ଦୁ ତିଆରି ହୋଇ ଯାଇଥିବ, ଏବେ ତାହା ମିଳୁଛି । ଆଉ ଗୋଟିଏ ବଡକଥା ଯେ ପୃଥିବୀରେ ମିଳୁନଥିବା, ଅଥଚ ଉଲ୍‌କାରେ ପ୍ରଚୁର ଥିବା, ଇରିଡିଅମ୍ ନାମକ, ଏକ ଧାତୁ ପ୍ରଚୁର ପରିମାଣରେ ସେହି ସ୍ଥାନରେ ମିଳୁଛି ।

କୌଣସି ଗୋଟିଏ ବାହାରର ବସ୍ତୁ ବାୟୁମଣ୍ଡଳରେ ପ୍ରବେଶ କଲା କ୍ଷଣି ଘର୍ଷଣ ଯୋଗୁଁ ଅଗ୍ନିପିଣ୍ଡୁଳା ହୋଇଯାଏ ଏବଂ ତାହା ଭୂପୃଷ୍ଠରେ ଧକ୍‌କା ଦେଲେ ଦୁଇ ପ୍ରକାରର ପରିଣାମ ଦେଖାଏ । ଧୂଆଁ ତଥା ଧୂଳି ବାୟୁମଣ୍ଡଳର ଖୁବ୍ ଉପରକୁ ଉଠିଯାଇ ଘୂରିବୁଲିବ ଏବଂ ବର୍ଷ ବର୍ଷ ଓ ମାସ ମାସ ଧରି ଭୂପୃଷ୍ଠକୁ ଖସୁଥିବ । ଦ୍ୱିତୀୟତଃ ଭୂଇଁର ମୋଟା, ଶକ୍ତ, ଶିଳା ଚୁରମାର୍ ହୋଇ ଟୁକୁରା ଟୁକୁରା ଅଂଶ ଉପରକୁ ଉଠିଥିବ, କିନ୍ତୁ ସାଙ୍ଗେ ସାଙ୍ଗେ ଖସିପଡିଥିବ । ପ୍ରଥମ ପ୍ରକାରର ତିଆରି ହୋଇଥିବା ଶିଳାସ୍ତରକୁ ଫାୟାର୍ ବଲ ଲେୟର (ଅଗ୍ନିପିଣ୍ଡ ସ୍ତର) ଏବଂ ଦ୍ୱିତୀୟ ପ୍ରକାରରେ ଘଟୁଥିବା ସ୍ତରକୁ ଇଜେକ୍‌ଟ ଲେୟାର (ପିଛୁଡା ସ୍ତର) କୁହାଯାଏ । ସମୟ ଅନୁପାତରେ ଇଜେକ୍‌ଟସ୍ତର ଆଗେ ତିଆରି ହେବ ଓ ତା'ପରେ ଅଗ୍ନିପିଣ୍ଡ ସ୍ତର ତିଆରି ହୋଇଥିବ । ସ୍ୱଭାବତଃ ଅଗ୍ନିପିଣ୍ଡ ସ୍ତର ତିଆରି ହୋଇ ପୃଥିବୀ ସାରା ବ୍ୟାପି ଯାଇଥିବ ଏବଂ ପ୍ରାୟ ସମାନ ମୋଟା ହୋଇଥିବ । ଧକ୍‌କା ଲାଗିଥିବା ଜାଗାର ପାଖାପାଖି ଅଞ୍ଚଳରେ ହିଁ ଇଜେକ୍‌ଟ ସ୍ତରଟି, ଅର୍ଥାତ୍ ନିଦା, ଓଜନିଆ ଶିଳା ଛିଞ୍ଚାଡି ହୋଇ ବେଶି ବାଟ ଯାଇନଥିବ । ପୃଥିବୀସାରା ତ ଊଣାଅଧିକେ ମାଇକ୍ରୋଟେକ୍‌ଟାଇଟ୍ ଓ ଇରିଡିଅମ୍ ମିଳୁଛି । କେବଳ କେଉଁଠାରେ ଇଜେକ୍‌ଟ ସ୍ତର ବେଶି ମୋଟା ତା' ଖୋଜିବାକୁ ପଡୁଛି ।

ଆରିଜୋନା ବିଶ୍ୱବିଦ୍ୟାଳୟର ଆଲାନ ହିଲଡେବ୍ରାଣ୍ଡ ଓ ଡଃ ଇଉଲିଅମ୍ ବୋଇଟନ୍

ହାଇଟି ଦ୍ୱୀପପୁଞ୍ଜ ପାଖରେ କ୍ରେଟାସିଅସ୍ ଓ ଟର୍ସିଆରୀ ସମୟର ଶିଳାସ୍ତରକୁ ବିଶ୍ଳେଷଣ କରୁ କରୁ ଦେଖିଛନ୍ତି ଯେ ତହିଁରେ ଇରିଡିଅମ୍ ତ ଅଛି, ପୁଣି ଅସାଧାରଣ ରୂପର ଟେକ୍‌ଟାଇଟ୍ ମିଳୁଛି । ତରଳ ଶିଳା ଭିତରେ ବାହାର ଜିନିଷଟିଏ ପଡିଗଲେ ଛିଟ୍‌କା ପଡିଥିବ ଓ ସେ ଛିଟ୍‌କା ବା ତରଳ ଶିଳାବିନ୍ଦୁ ଆକାଶକୁ ଉଠିଗଲାବେଳେ ଥଣ୍ଡା ହୋଇ ନିଦା କାଚବିନ୍ଦୁ ଖସିପଡିଥିବ । ଏପ୍ରକାରର ଟେକ୍‌ଟାଇଟ୍ ହାଇଟି ଦେଶର ଭୂଇଁତଳେ ମିଳୁଛି । ଇଜେକ୍‌ଟା ସ୍ତର ସେଠାରେ ଅଧମିଟରରୁ ବେଶି ମୋଟା । ପୃଥିବୀର ଅନ୍ୟତ୍ର ମିଳୁଥିବା ଇଜେକ୍‌ଟା ସ୍ତରର ମୋଟେଇଠାରୁ ଏହା ୨୫ ଗୁଣ ବେଶି । କ୍ୟାରିବିଆନରେ ଏଭଳି ଧକ୍‌କା ଲାଗିଥିବାର ଆଉ କେତେକ ପ୍ରମାଣ ମଧ୍ୟ ମିଳିଛି । ସମୁଦ୍ରଶଯ୍ୟାରେ ଗାତ ଖୋଳି ଦେଖାଯାଇଛି ଯେ ସେ ସମୟର ସମୁଦ୍ରଶଯ୍ୟା ପୂରାପୂରି ସଫା ହୋଇ ରହିଛି, ତା' ଉପରେ ସ୍ତରୀଭୂତ ଶିଳା ଜମିଛି । ଶଯ୍ୟା ଚାଞ୍ଛି ସଫା କରିବା କାମ କେବଳ ଖୁବ୍ ଜୋର୍‌ରେ ଆସିଥିବା ତରଙ୍ଗ ଦ୍ୱାରା ହୋଇପାରେ । ୬.୫ କୋଟି ବର୍ଷ ତଳର ଉଲ୍‌କା ଧକ୍‌କାର ପ୍ରଭାବ ଏତେ ଜୋର ଥିଲା ଯେ ଏଭେରେଷ୍ଟ ଉଚ୍ଚତାର ତରଙ୍ଗ ତିଆରି ହୋଇଥିବ ଏବଂ ତା' ସମୁଦ୍ର ଶଯ୍ୟାକୁ ଖୋଳି ତାଡି ପକାଇଥିବ । ଖୋଳାତଡା କାମ ଧକ୍‌କା ଲାଗିବାର ୧୦୦୦ କିଲୋମିଟର ଭିତରେ ସୀମିତ ଥିବ । ବେଶି ଦୂରଯାଏ ଖୋଳି ହୋଇନଥିବ ।

କଲମ୍ବିଆ ଦେଶର ଉତ୍ତରକୁ କ୍ୟାରିବିଆନ୍ ସାଗରରେ ଭୂକମ୍ପ ପ୍ରଭାବ ପର୍ଯ୍ୟାୟ ଅନୁଧ୍ୟାନ କରୁ କରୁ ହିଲଡେବ୍ରାଣ୍ଡ ଗୋଟିଏ ଗହ୍ୱର ଥିବାର ପ୍ରମାଣ ପାଇଛନ୍ତି । ମାଗ୍‌ଡାଲେନା ନଦୀ ଦ୍ୱାରା ବୋହି ଆସିଥିବା ପଟୁରେ ପ୍ରାୟ ଦୁଇ ତିନି କିଲୋମିଟର ପର୍ଯ୍ୟନ୍ତ ପୋତି ହୋଇପଡିଥିବା ଏହି ଗହ୍ୱରଟି ଆଡରେ ୨୫୦ କିଲୋମିଟର । କେବଳ ସେତିକି ନୁହେଁ, ଧକ୍‌କାରେ ଗାତ ହେଲେ ଗାତର କାଛରେ ଗୋଟି ଗୋଟି କରି ଗୁଡିଏ ବୃତ୍ତାକାର ଶିଳାସ୍ତର ଚିହ୍ନ ହୁଏ, ଏହି ଗହ୍ୱରରେ ସେଇଭଳି ଏକକେନ୍ଦ୍ରିକ ବହୁତ ବୃତ୍ତଚିହ୍ନ ମିଳୁଛି । ଶିଳାଗୁଡିକୁ ଥରେ ତରଳାଇ ଦେଇ ପୁଣି ଥରେ ବସାଇଦେଲେ, ଯେଭଳି ଚୁମ୍ବକୀୟ କ୍ଷେତ୍ର ବଦଳିଯାଏ, ଏଠାରେ ଚୁମ୍ବକୀୟ କ୍ଷେତ୍ର ସେହିଭଳି ଅସାଧାରଣ ରୂପ ନେଇଛି ।

ଏଠାରେ ମନେ ରଖିବା ଉଚିତ୍ ଯେ, କ୍ରେଟାସିଅସ୍ ଯୁଗର ଶେଷବେଳକୁ କଲମ୍ବିଆର ଉତ୍ତର ଉପକୂଳ ଏଭଳି ନଥିଲା । ପାନାମା ଯୋଜକ ବି ନଥିଲା । ପ୍ରଶାନ୍ତ ମହାସାଗର ଓ ଆଟଲାଣ୍ଟିକ୍ ମହାସାଗରକୁ ଯୋଡି ଗୋଟିଏ ବଡ ସମୁଦ୍ର ଥିଲା । ପରବର୍ତ୍ତୀ କାଳରେ ଦକ୍ଷିଣ ଆମେରିକା ପଶ୍ଚିମକୁ ଘୁଞ୍ଚି ଘୁଞ୍ଚି ଯାଇଛି ଏବଂ ଦୁଇ ମହାସାଗର ମଝିରେ ଥିବା ବ୍ୟବଧାନକୁ

ସଙ୍କୁଚିତ କରିଦେଇଛି । ସେଇ କାରଣରୁ ସମୁଦ୍ର ଶଯ୍ୟାଟିର ଅଧିକାଂଶ ଅଂଶ ଉଡିଗଲାଣି । ସାଢେ ଛଅ କୋଟି ବର୍ଷ ତଳର ଧକ୍କା ଫଳରେ ତିଆରି ହୋଇଥିବା ଗହ୍ୱର ସମ୍ଭବତଃ ଭୂଖଣ୍ଡ ଚଳନ ଦ୍ୱାରା ଲିଭି ଯାଇଥିବ । ଯଦି ଲିଭିନାହିଁ ତାହାହେଲେ ବୈଜ୍ଞାନିକମାନେ ଏଠାରେ ହୋଇଥିବା ଗହ୍ୱରର ଖବର ପାଇବେ । ହାଇଟି ଦେଶ ତଳର ମୃତ୍ତିକା ଓ ନିକଟସ୍ଥ ସମୁଦ୍ରର ଗଭୀର ଖନନ ସମ୍ପର୍କରେ ଆଜିକାଲି ଯେଉଁ ଗବେଷଣା ଚାଲୁ ରହିଛି, ତା' ଖୁବ୍ କମ୍ ଦିନ ଭିତରେ ନୂଆ ଆଲୋକ ପକାଇବ ।

ଚିହ୍ନବର୍ଣ୍ଣ ନାହିଁ କିନ୍ତୁ ପ୍ରଳୟ ହୋଇଛି, ଏବେ ବି ହେଉଛି – ଏବେ ଯେଉଁ ରୀତିରେ ଗଛଲତା ଓ ପଶୁପକ୍ଷୀ ଲୋପ ପାଇବାରେ ଲାଗିଛନ୍ତି । ପୃଥିବୀରେ ଯେତେ ଜୀବନ୍ତ ପ୍ରଜାତି ଅଛନ୍ତି ଏହି ଶତାବ୍ଦୀ ଭିତରେ ତାହାର ୨୦ରୁ ୫୦ ଶତାଂଶ ବିଲୁପ୍ତ ହୋଇ ଯାଇଥିବେ । ମଣିଷର ଅବିମୃଶ୍ୟକାରୀ କାର୍ଯ୍ୟକଳାପ ଯୋଗୁଁ ପାଣିପାଗର ଯେପରି ପରିବର୍ତ୍ତନ ଘଟୁଛି ସେହି କାରଣରୁ ଷଷ୍ଠ ପ୍ରଳୟ ଘଟିବ । ପୃଥିବୀରେ ଆଗରୁ ୫ଟି ପ୍ରଳୟ ଘଟି ସାରିଛି ବୋଲି ବୈଜ୍ଞାନିକମାନେ ପ୍ରମାଣ ପାଇଛନ୍ତି । ୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ଲୋକେ କେବେ ଭାବିପାରି ନଥିଲେ ଯେ ପୃଥିବୀରେ ଥରେ ପ୍ରାଣୀଟିଏ ବା ଉଦ୍ଭିଦଟିଏ ଜନ୍ମ ନେଇଛି ମାନେ ତା ବଂଶ ବିନାଶ ହୋଇପାରିବ । ଧର୍ମଗ୍ରନ୍ଥ ମାନଙ୍କରେ ଏହି ଧାରଣା ଦିଆଯାଇଛି । ପୃଥିବୀରେ ଗ୍ରହର ଏପରି ଏକ ପ୍ରବଳ ବଳ କାମ କରୁଛି ଯେ ତାହା ପ୍ରାଚୀନ କାଳରେ ଅତି ସାଧାରଣ ଭାବେ ଦେଖାଯାଉଥିବା ଓ ବଞ୍ଚିଥିବା ଅନେକ ଜୀବ ଓ ଗଛଲତାକୁ ବିନାଶ କରିଦେଇଥିବ । ସେହି କାରଣ ବି ଦିନେ ଆଜି ସାଧାରଣ ଭାବେ ଦେଖାଯାଉଥିବା ଓ ବଞ୍ଚିଥିବା ଅନେକ ପ୍ରାଣୀ ଓ ଉଦ୍ଭିଦକୁ ଲୋପ କରିଦେବ – ଏ କଥା ବି ଆମ ଭିତରୁ ଅନେକେ ଭାବିପାରୁନାହାନ୍ତି । ଏପରି ଭାବିବାର ମାନସିକତା ବି ଆମର ଆସିନାହିଁ । ଯାଦୁକର ଯେପରି ତାର ଦେଖଣାହାରୀ ମାନଙ୍କୁ ମୋହିତ କରି ଦେଖାଇଦିଏ ଆମେ ବି ସେହିପରି ଧର୍ମଗୁରୁମାନଙ୍କ ଦ୍ୱାରା ମୋହଗ୍ରସ୍ତ ହୋଇ ଜାଣିପାରୁନାହୁଁ ବା ଜାଣିବାକୁ ଚାହୁଁ ନାହୁଁ ଯେ ଥରେ ଗୋଟିଏ ପ୍ରଜାତି ନଷ୍ଟ ହୋଇଗଲେ ଆଉ ଫେରି ପାରିବ ନାହିଁ, ପୁନରୁଜୀବିତ ହେବ ନାହିଁ । ଏ ମନସ୍ତାତ୍ତ୍ୱିକ ପାଚେରୀ ଭାଙ୍ଗି ପାରୁନାହୁଁ ।

ବାୟୁମଣ୍ଡଳର ଉଦାହରଣ ନିଅନ୍ତୁ । ଆମେ ବାୟୁମଣ୍ଡଳକୁ ଗୋଟିଏ ଖୋଲା ନର୍ଦ୍ଦମା ବୋଲି ଧରିନେଇଛୁଁ, ପ୍ରତି ଦିନ ୯ କୋଟି ଟନ୍‌ରୁ ବେଶି ବାଷ୍ପୀୟ ଆବର୍ଜନା ଆମେ ଛାଡୁଛୁଁ,

ଏହି ରୀତି ଚାଲୁ ରହିଲେ ବାୟୁ ମଣ୍ଡଳ ଧୂଆଁ ମଣ୍ଡଳ ହୋଇଯିବ, ସୂର୍ଯ୍ୟତାପ ଯାହା କିଛି ପଥିବୀକୁ ଆସୁଥିବ ତାହା ଫେରି ନ ପାରି ବାୟୁମଣ୍ଡଳକୁ ତତାଇ ଦେବ, ତାତି ଏମିତି ବଢି ବଢି ଭୂପୃଷ୍ଠର ରୂପ ବଦଳାଇ ଦେବ । ଜଳବାୟୁ ବିଶାରଦ ଜେମ୍ସ୍ ହାନ୍‌ସେନ୍ ହିସାବ କରି କହିଛନ୍ତି ବାୟୁମଣ୍ଡଳରେ ଏଯାବତ୍ ମଣିଷ ତିଆରି ପ୍ରଦୂଷଣ ଯେତେ ପଶିଗଲାଣି ତାହା ପ୍ରତି ୨୪ ଘଣ୍ଟାରେ ଯେତେ ତାପ ଶୋଷି ରଖୁଛି ତାହା ୪ ଲକ୍ଷ ହିରୋସୀମା–ଶ୍ରେଣୀର ପରମାଣୁ ବୋମା ବିସ୍ଫୋରଣ ଦ୍ୱାରା ଛଡାଯିବା ତାପ ସହ ସମାନ । ଏହା ଫଳରେ ଦ୍ରୁତ ଗତିରେ ଗରମ ହେଉଥିବା ବାୟୁମଣ୍ଡଳ ଓ ମହାସାଗରମାନ ଆମେ ତିଆରି କରୁଥିବା ଅଙ୍ଗାରକାମ୍ଳ ବାଷ୍ପର ଏକ ତୃତୀୟାଂଶ ଶୋଷି ସାରିଲାଣି । ପୃଥିବୀର ନାଜୁକ (କୋମଳ) ପରିବେଶ–ବ୍ୟବସ୍ଥାକୁ ଏହା ଛିନିଛତର କଲାଣି । ପୃଥିବୀର ଜୀବ ଜଗତରେ ଥିବା ସମନ୍ୱୟକୁ ଏହା ବିପର୍ଯ୍ୟସ୍ତ କଲାଣି, ତାହା ଭିତରେ ଆମେ ମଣିଷ ବି ଅଛୁଁ । ମଣିଷ ସଭ୍ୟତା ବି ତିଷ୍ଠିବ କି ନାହିଁ ସନ୍ଦେହ । ଆମ ବଞ୍ଚି ରହିବା ଉପରେ ପ୍ରଶ୍ନବାଚୀ ଆସି ଗଲାଣି; ପୃଥିବୀର ଜଳ–ଚକ୍ର ଓଲଟପାଲଟ ହେଲାଣି । ଉଷ୍ଣତର ମହାସାଗର ବେଶି ପରିମାଣର ଜଳୀୟ ବାଷ୍ପ ବାୟୁମଣ୍ଡଳକୁ ଛାଡୁଛି । ଗତ ୩୦ ବର୍ଷ ଭିତରେ ପାର୍ଥିବ ଆର୍ଦ୍ରତା ୪ ଶତାଂଶ ବୃଦ୍ଧି ପାଇଛି । ଉଷ୍ଣତର ବାୟୁ ବେଶି ପରିମାଣର ଜଳୀୟ ବାଷ୍ପ ଧରି ରଖିପାରେ, (ବେଶି ଆର୍ଦ୍ର ରହିପାରେ), ଜଳୀୟ ବାଷ୍ପର ଏକ କାହାଳୀ ଭୂଖଣ୍ଡ ଆଡକୁ ବୋହିନିଏ, ସ୍ଥଳଭାଗରେ ପ୍ରବଳତର ବର୍ଷା ହୁଏ, ତାହା ବୃହତ୍ତର ବନ୍ୟା କରାଏ, ଭୂସ୍ଖଳନ କରାଏ । (ବଦ୍ରିନାଥ ବାଦଲଫଟା ବର୍ଷା ଓ ଭୂସ୍ଖଳନ ଏଭଳି ଏକ ଘଟଣା ।) ମହାସାଗରର ଉପରଭାଗ ଜଳରେ ଅଧିକା ତାପ ପଡି ପାଣି ଗରମ ହୁଏ ଓ ମହାସାଗରରୁ ଉଠୁଥିବା ଝଡକୁ ସାଂଘାତିକ କରିଦିଏ । ଆମ ରାଜ୍ୟର ଫାଇଲିନ ବାତ୍ୟା ସମୟର ତାପର ମାପ ନାହିଁ, କିନ୍ତୁ ଆମେରିକାର ହରିକେନ୍ ସାଣ୍ଡି ବୋହିବା ପୂର୍ବରୁ ନିୟୁୟର୍କ ଓ ନିୟୁଜର୍ସି ଆଡକୁ ଥିବା ଆଟ୍‌ଲାଣ୍ଟିକ୍ ଇଲାକାରେ ଉତ୍ତାପ ସାଧାରଣ ଉତ୍ତାପ ଠାରୁ ୯ ଡିଗ୍ରୀ ବେଶି ଥିଲା, ଫିଲିପାଇନ୍‌ସରେ ଟାଇଫୁନ୍ ହାଇୟାନ୍ ପହଞ୍ଚିବା ପୂର୍ବରୁ ପାଖ ପ୍ରଶାନ୍ତ ମହାସାଗରର ଉପରିଭାଗରେ ତାପ ହାରାହାରି ଉତ୍ତାପ ଠାରୁ ୫-୪ ଡିଗ୍ରୀ ବେଶି ଥିଲା । ମହାସାଗର ତ ଅର୍ବୁଦ (ବିଲିଅନ) ଅର୍ବୁଦ ଜୀବଜନ୍ତୁ ଓ ଗଛଲତା ପାଇଁ ଖାଦ୍ୟର ଉତ୍ସ । କୋଟି କୋଟି ବର୍ଷ ଧରି ମହାସାଗର ଯେତିକି ଉଷ୍ଣ ଓ ଅମ୍ଳ ଥିଲା ଏବେ ତାହାଠାରୁ ଖୁବ୍ ବେଶି ହୋଇ ପଡିଛି । ଅଧିକ ତାପ ଓ ଅଙ୍ଗାରକାମ୍ଳ ଶୋଷିବାର ଚେଷ୍ଟା କରି ମହାସାଗର ସାମୁଦ୍ରିକ ଜୀବଜଗତ ପାଇଁ ବିଷାକ୍ତ ହୋଇପଡୁଛି । ପ୍ରଥମେ ନଷ୍ଟ ହେବ କୋରାଲ୍ ରିଫ୍, ପ୍ରବାଳ ପାହାଡ ।

ଏହି ପ୍ରକାରର ଅଧିକା ତାପ ମାଟି ତଳୁ ପାଣି ଟାଣି ନେଉଛି, ମୃତ୍ତିକାରୁ ଆର୍ଦ୍ରତା ଶୋଷି ନେଉଛି, ମରୁଡିପ୍ରବଣ ଇଲାକାରେ ଗଭୀରତର ଓ ଦୀର୍ଘତର ମରୁଡି ଘଟୁଛି । ଗଛଲତା ଶୁଖିଯାଉଥିବାରୁ ବାରମ୍ବାର ନିଆଁ ଲାଗୁଛି ଓ ବନାଗ୍ନି ଆକାର ବଢୁଛି । ବର୍ଷା ଓ ଗ୍ରୀଷ୍ମ ଋତୁର କାଳ ବା ଅବଧି ଠିକ୍ ରହୁନାହିଁ; ମକା, ଗହମ, ଧାନ ଓ ଅନ୍ୟ ଶସ୍ୟ ଉପରେ ତାପର ଚାପ ପଡୁଛି । ମୂଳରେ ପାଣି ଥିଲେ ବି ଉପରେ ପ୍ରବଳ ଗରମ ଫସଲର ଅମଳକୁ ପ୍ରଭାବିତ କରୁଛି । ଜଳବାୟୁ ସମ୍ପର୍କରେ ଭବିଷ୍ୟବାଣୀ ଶୁଣାଇବା ଅସମ୍ଭବ ହେଉଛି । କୀଟ ପତଙ୍ଗର ଆକ୍ରମଣ ବଢୁଛି । ପୃଥିବୀର ବରଫାବୃତ୍ତ ଅଞ୍ଚଳ ତରଳୁଛି । ଉତ୍ତର ମେରୁର ବରଫ ଟୋପି ଉଭେଇ ଯାଉଛି, ତେଣୁ ସେଠାରେ ଯେଉଁଭଳି ସୂର୍ଯ୍ୟର ତଥା ବାୟୁମଣ୍ଡଳର ତାପ ଶୋଷିହେଉଥିଲା, ତାହା ବଦଳୁଛି । ଉତ୍ତର ଗୋଲାର୍ଦ୍ଧରେ ଯେଉଁଠି ଜେଟ୍ ଷ୍ଟ୍ରିମ୍ ଓ ବାତ୍ୟା ମାର୍ଗ ଥିଲା ତାହା ବଦଳୁଛି, ତେଣୁ ବାତ୍ୟା କେଉଁଠୁ ଜନ୍ମ ନେବ ତାହା ସଠିକ୍ କହିହେଉ ନାହିଁ । ଆଣ୍ଟାର୍କଟିକା (ଦକ୍ଷିଣ ମେରୁ) ଓ ଗ୍ରୀନ୍ ଲାଣ୍ଡ (ଉତ୍ତର ମେରୁ ପାଖ ଏକ ଭୂଖଣ୍ଡ)ରେ ବରଫ ତରଳୁଥିବାରୁ ସମୁଦ୍ର ପତ୍ତନ ଉଚ୍ଚତର ହେଉଛି, ଉପକୂଳବର୍ତ୍ତୀ ସହର ଓ ଇଲାକାମାନ ପାଣିରେ ବୁଡି ଯିବାର ଆଶଙ୍କା ଆସିଲାଣି । ଭୂତାଣୁମାନେ, ଜୀବାଣୁମାନେ, ମଶା ଓ ଉକୁଣୀ ଭଳି ରୋଗବାହକ ପ୍ରଜାତିମାନେ ଏବଂ ଶସ୍ୟହାନିକାରୀ କୀଟପତଙ୍ଗମାନେ ସେମାନଙ୍କ ରହିବା ଜାଗାଠାରୁ ବହୁତ ଦୂରକୁ ପେଲି ହୋଇ ଯାଉଛନ୍ତି, ମଣିଷକୁ ନୂଆ ନୂଆ ରୋଗ ଘାରୁଛି । ଗୋଟିଏ କଥାରେ କହିଲେ, ଜୀବନ ତିଷ୍ଠିବା ଲାଗି ଯେଉଁ ସୂକ୍ଷ୍ମ ପାରସ୍ପରିକତା ଅଛି, ଯେଉଁ କୋମଳ ଭାରସାମ୍ୟ ଅଛି, ତାହା ଗଣ୍ଡଗୋଳ ହୋଇ ଯାଉଛି, ଖିନିଖରାପ ହୋଇଯାଉଛି ।

୧୮ଶ ଶତାବ୍ଦୀ ପୂର୍ବରୁ ଜଣା ନଥିଲା ଯେ ମଝିରେ ମଝିରେ ପ୍ରଳୟ ହୁଏ, ଏବଂ ପ୍ରଳୟର କାରଣ ପୃଥିବୀର ଜୀବନ୍ତ ଗ୍ରହସୁଲଭ ଗୁଣ । ମାଟି ତଳୁ ମିଳିଥିବା ଏକ ପ୍ରକାଣ୍ଡ ହାତୀର ହାଡକୁ ୧୭୩୯ରେ ଯେତେବେଳେ ଅନୁଧ୍ୟାନ କରାଗଲା ଲୋକେ ଭାବିଲେ ତାହା କୌଣସି ହାତୀ ବା ହିପୋପଟାମସ୍‌ର, କିନ୍ତୁ ୧୭୯୬ରେ ଫରାସୀ ପ୍ରକୃତିବିତ୍ ଦର୍ଜେସ୍ କର୍ଭିଅର୍ ପ୍ରମାଣ କଲେ ଯେ ହାଡଗୁଡିକ ଏକ ଲୁପ୍ତ ପ୍ରାଣୀର, କର୍ଭିଅର୍ ପରେ ପରେ ବହୁତ ଲୁପ୍ତ ପ୍ରାଣୀର ହାଡ ଉଦ୍ଧାର କରି ପ୍ରମାଣ କରିଥିଲେ ଯେ ଆମକୁ ଅଜଣା, ଏବେ ବିଲୁପ୍ତ, ବହୁତ ପ୍ରାଣୀ ଆମ ଆଗରୁ ଏ ଦୁନିଆରୁ ବିଲୋପ ହୋଇଯାଇଛନ୍ତି । ଚାର୍ଲସ୍ ଲିଏଲ୍ ଓ ଚାର୍ଲସ୍ ଡାରୱିନ୍ (Charles Lyell and Charles Darwin) ସହ ମିଶି ସେ କହିଲେ, ପ୍ରଳୟ ଏକ ବୈଜ୍ଞାନିକ ଘଟଣା; ବିବର୍ତ୍ତନ ଏହାର କାରଣ; ଭଗବାନଙ୍କ କାମ ନୁହେଁ । ପୃଥିବୀରେ ଜୀବ-

ସତ୍ତା ୩୮୦ କୋଟି ବର୍ଷ ତଳେ ଆରମ୍ଭ ହେବା ପରଠାରୁ ୫ ଥର ଗଣ ପ୍ରଳୟ (ମାସ୍ ଏକ୍ସ୍‌ଟିଙ୍କସନ୍) ଘଟିଛି, ଶେଷ ବା ପଞ୍ଚମଟି ୬ କୋଟି ୬୦ ଲକ୍ଷ ବର୍ଷ ତଳେ ଘଟିଛି; ଏକ ୧୦ କିଲୋମିଟର ପ୍ରସ୍ଥ ଗ୍ରହାଣୁ (ଆଷ୍ଟରଏଡ୍) ପୃଥିବୀରେ ଧକ୍କା ଖାଇଥିଲା, ଡାଇନୋସାର୍ ବଂଶ ବିଲୋପ ହୋଇଗଲେ । କ୍ରିଟାସିଅସ୍ (Cretaceous) ଯୁଗର ଏହି ପ୍ରଳୟ ଜୈବବିବିଧତାର ଗଠନ ପୂରାପୂରି ବଦଳାଇଦେଲା, ସାମୁଦ୍ରିକ ପରିବେଶ ବ୍ୟବସ୍ଥା ଭୁଶୁଡି ପଡିଲା । ସବୁ ପ୍ରାଣୀ ଓ ଉଦ୍ଭିଦ ପ୍ରଜାତିର ପ୍ରାୟ ୭୫ ଶତାଂଶ ଅଦୃଶ୍ୟ (ନିଶ୍ଚିହ୍ନ) ହୋଇଗଲେ । ପ୍ରକୃତିରେ ସଦା ସର୍ବଦା ଧ୍ୱଂସଲୀଳା ଚାଲିଛି, କିନ୍ତି ମଣିଷ ଏବେ ଯେପରି ଧ୍ୱଂସଲୀଳା ଚଳାଇଛି ଏବଂ ଗ୍ରୀଷ୍ମ ମଣ୍ଡଳରେ ଯେପରି ଧ୍ୱଂସଲୀଳା ଚାଲିଛି ତାହାର ବେଗ (ଏକ୍ସ୍‌ଟିଙ୍କସନ୍ ରେଟ୍) ପ୍ରଚ୍ଛନ୍ନ ଭାବେ ପୃଷ୍ଠଭୂମିରେ ଚାଲିଥିବା ଧ୍ୱଂସଲୀଳାବେଗର ୧୦,୦୦୦ ଗୁଣରୁ ବେଶି ବୋଲି ଇ· ଓ· ୱିଲ୍‌ସନ୍ ନାମକ ପରିବେଶବିଦ ହିସାବ କରିଛନ୍ତି । ଏହି ହାର ଚାଲୁ ରହିଲେ ଗତ ପ୍ରଳୟ ତୁଳନାରେ ଏଥରର ଜୈବ ବିବିଧତାର ସ୍ତର ସର୍ବନିମ୍ନକୁ ଆସିଯିବ । ଏଥର ପ୍ରଳୟର କାରଣ ଏକ ପ୍ରକାଣ୍ଡ ଗ୍ରହାଣୁ ହେବ ନାହିଁ, ମଣିଷ ପ୍ରଜାତି ହିଁ ହେବ । ସଭ୍ୟତା ଓ ପରିବେଶ ଭିତରେ ଥିବା ସମନ୍ୱୟକୁ ତିନିଟି ଜିନିଷ (ଫାକ୍ଟର) ଚରମ ରୀତିରେ ଗଣ୍ଡଗୋଳ କରିଦେଉଛି: (୧) ମାତ୍ର ଶହେ ବର୍ଷ ଭିତରେ ମଣିଷ ସଂଖ୍ୟାରେ ଅତୀବ ବୃଦ୍ଧି, ପ୍ରାୟ ଚାରିଗୁଣ; (୨) ଶକ୍ତିଶାଳୀ ବୈଷୟିକ କୌଶଳର ବିକାଶର ଫାଇଦା ଉଠାଇ ୯୦୦ କୋଟିଙ୍କ ମୁଣ୍ଡପିଛା ପ୍ରଭାବ; ଏବଂ (୩) ଦୀର୍ଘକାଳୀନ ବାସ୍ତବ ପରିଣାମ ଓ ତାହାର ମୂଲ୍ୟାୟନ ନ କରି ଶିଳ୍ପ, କୃଷି, ଜଙ୍ଗଲ ଓ ରାଜନୀତିରେ ଆଶୁ ବିକାଶର ଚିନ୍ତା । ଏବେ ସବୁଆଡେ ଚିନ୍ତା – ଆମେ କିପରି ଜୀବନକୁ ଚାଲୁ ରଖିବା, ଅବିରତ ଅଭିବୃଦ୍ଧି ବା ସଷ୍ଟେନେବ୍‌ଲ୍ ଗ୍ରୋଥ୍ ଲକ୍ଷ୍ୟ ନେଇ ପ୍ରଚେଷ୍ଟା ଓ କାର୍ଯ୍ୟକ୍ରମ ଆପଣେଇବା । ଏସବୁର ମୂଳ କଥା ହେଲା ଭଗବାନ ବା ଈଶ୍ୱର ଦୁନିଆକୁ ନଷ୍ଟ କରୁନାହାଁନ୍ତି, ମଣିଷ ଜାତି ନଷ୍ଟ କରୁଛି । ଭଗବାନ ଦ୍ୱାହି ଦେଇ ଧନୀମାନେ, ସେମାନଙ୍କ ପଇସାରେ ଚଳୁଥିବା ଧର୍ମଯାଜକ ଓ ସମ୍ପତିଯାଜକ ମାନେ ସଂସାରକୁ ନଷ୍ଟ କରିଦେବେ । ଯାଜକ ଅର୍ଥ ମତ୍ତହସ୍ତୀ, ପାଗଳା ହାତୀ, ବୋଲି ଜାଣିଛନ୍ତି ତ !

****

# କର୍ମ ହିଁ ଧର୍ମ, ସେବା ହିଁ ପୂଜା

କୌଣସି ଧର୍ମ ଗ୍ରନ୍ଥ କୌଣସି ଠାରେ କହି ନାହିଁ ୱର୍‌ସିପ୍ ଇଜ୍ ୱାର୍କ, ବରଂ କହିଛି ୱାର୍କ ଇଜ୍ ୱର୍ସିପ୍ । ପୂଜା ଧର୍ମ କରିବା ଉପାସନା ନୁହେଁ, କର୍ମଠ ହେବା ହିଁ ଉପାସନା । ବସି ରହି ବା ଜୀବିକାର୍ଜନର କିଛି ଉପାୟ ନ କଲେ ଅର୍ଥାତ୍ ବଞ୍ଚି ରହିବାର କର୍ମ ନ କଲେ ଈଶ୍ୱର ସନ୍ତୁଷ୍ଟ ହେବେ ନାହିଁ କି ବଞ୍ଚାଇ ରଖିବେ ନାହିଁ, ପ୍ରାର୍ଥନା ମଧ୍ୟ କାମ କରିବ ନାହିଁ । ଭଗବାନ୍ ଭିକ୍ଷାଦାନର ଥଳି ଧରି ବସିନାହାନ୍ତି ବା ଯାଦୁକର ନୁହଁନ୍ତି ଯେ ସେ ତୁମ ଚାହିଁବା ଅନୁଯାୟୀ କାମ କରିବେ । ଭଗବାନଙ୍କୁ ଭୋଗ ଦେଇ, ଲାଞ୍ଚ ଦେଇ, ଭଲ ମଣିଷ ହୋଇ ପାରିବ ନାହିଁ । ନିଜର ମନ-ଶୁଦ୍ଧି ନ ଥିଲେ ନିଜ କର୍ମରେ ସାଧୁତାର ଭିତ୍ତି ନଥିଲେ ଭଗବାନ ପ୍ରାର୍ଥନା ଶୁଣିବେ ନାହିଁ । ଶୁଦ୍ଧ ମନ, ସାଧୁ କର୍ମ, ଆଦି କହିବା ମୂଳରେ ଅଛି ଅନ୍ୟକୁ ପ୍ରତିହତ କରି ଆଗେଇ ଯିବା ନୁହେଁ; ଅନ୍ୟର ଗଳା କାଟି ନିଜେ ଖାଇବା ନୁହେଁ । ଅନ୍ୟର ଭଲକୁ ବାଧା ଦେଇ ନିଜେ ଭଲରେ ତିଷ୍ଠିବା ଏକ ଋଣାତ୍ମକ ବା ନାକାରାତ୍ମକ ଗୁଣ । ଅନ୍ୟକୁ ଉଠାଇ ନିଜେ ଉଠିବା ବା ନିଜେ ଉଠିବାର ମାର୍ଗ ଯେପରି ଅନ୍ୟର ସହାୟକ ହୁଏ ତାହା ଦେଖିବା ହିଁ ଧର୍ମ । ଅର୍ଥାତ୍ ମାନବ ସେବା ହିଁ ମାଧବ ସେବା । 'ପରୋପକାରାୟ ସ୍ୱର୍ଗାୟ' ଏପରି ଆପ୍ତ ବାକ୍ୟ ଲେଖିଥିବା ମୁନି ଋଷୀ ମାନେ ମଣିଷର ସ୍ୱାର୍ଥାନ୍ଧତା ମଣିଷକୁ ଅସାମାଜିକ କରି ଦେଇ ପାରେ ବୋଲି ଅଙ୍ଗେ ଅଙ୍ଗେ ଲିଭାଇଥିବେ ।

ସ୍ୱାର୍ଥ ହିଁ ମଣିଷକୁ ପଶୁ କରିଦିଏ, ଦୁର୍ବଳକୁ ଶୋଷଣ କରିବାକୁ ପ୍ରବର୍ତ୍ତାଏ, ଅନ୍ୟମାନଙ୍କୁ ପଛରେ ପକାଇ ନିଜର ଲକ୍ଷ୍ୟ ହାସଲ କରିବାରେ ଆଗେଇନିଏ । ଅନ୍ୟମାନଙ୍କ ଲକ୍ଷ୍ୟ ଯେପରି ଭ୍ରଷ୍ଟ ହୁଏ ତାହା ସବଳ ମଣିଷ ଚାହେଁ । କେବଳ ଶାରୀରିକ ବଳ ନୁହେଁ, ଧନ ଓ ବୁଦ୍ଧି ବି ସବଳ କରିଥାଏ – ଗରିବକୁ ଦାସ କରିବାକୁ ଓ ନିର୍ବୋଧକୁ ବଶ କରିବାକୁ । ଲାଭ ଓ ଲୋଭ, ଆହରଣ ଓ ଭଣ୍ଡାରଣ (ଦରକାରଠାରୁ ବେଶି ମହଜୁଦ କରିବାର ପ୍ରବୃତ୍ତି) – ଏ ସବୁ ପଶୁ ପ୍ରବୃତ୍ତି, ସମାଜରେ ଚଳିବାର ପରିପ୍ରନ୍ଥୀ । ଅନ୍ୟକୁ ଦୁର୍ବଳ କରି ରଖିବାର, କାହାର ଅସୁବିଧା ଥିଲେ ତହିଁରୁ ଫାଇଦା ଉଠାଇବାର, ତିରୋଟ ସମୟରେ ଲାଭ ଉଠାଇବାର ପ୍ରବୃତ୍ତି ପଶୁର ଶିକାର କରିବା ପ୍ରବୃତ୍ତି ଠାରୁ କୌଣସି ଗୁଣରେ କମ୍ ନୁହେଁ । ଦୁର୍ବଳ ତାହାର ଅଧିକାର, ତାହାର ଧନ ଓ ତାହାର ଶାନ୍ତି ହରାଏ । ଧନୀ ଲୁଟ୍ କରିବାରେ ଯେଉଁ ଆନନ୍ଦ ପାଏ, ତାହା ହିଂସ୍ରପଶୁଟିଏ ଶିକାରକୁ ଖାଇଦେବା ପୂର୍ବରୁ ତାକୁ ଚାଟିବାର ଆନନ୍ଦ ।

ଏହା କଣ ମାନବିକତାର ନିଦର୍ଶନ? ଯେତେବେଳେ ପରାଧୀନ ହୋଇ ରହିବାର, ଗରିବ ହୋଇ ରହିବାର ଏବଂ ଶୋଷିତ ହୋଇ ରହିବାର ପ୍ରତିକ୍ରିୟା ଜନ୍ମେ ଓ ଯେଉଁମାନଙ୍କ ଠାରେ ଜନ୍ମେ ସେମାନଙ୍କ ସଂଖ୍ୟା ଏତେ ବେଶି ହୋଇଯାଏ, ସେତେବେଳେ ସେମାନଙ୍କ ପ୍ରତିକ୍ରିୟା ସମାଜରେ ଶାନ୍ତିକୁ ବିପର୍ଯ୍ୟସ୍ତ କରେ, ବିଶୃଙ୍ଖଳା ବଢାଏ, ମୁଷ୍ଟିମେୟଙ୍କ ଧନ ଓ ସମ୍ପତ୍ତିକୁ, ଏପରିକି ଜୀବନକୁ ବିପନ୍ନ କରେ । ଲୋଭ ଓ ଜମେଇବା ଦୁର୍ବଳର ବିପକ୍ଷରେ ଯାଉଥିବାରୁ ସେମାନଙ୍କ ଭିତରେ ପ୍ରତିହିଂସାର ନିଆଁ ଜନ୍ମେ । କେତେ ଦିନ ଧରି ଆମେ କହୁଥିବା ଯେ ତୁମର ପୀଡା ଓ କଷ୍ଟ, ତୁମର ଅଭାବ ଓ ଦୁଃଖ ତୁମର ପୂର୍ବ ଜନ୍ମର ଫଳ, ତୁମର କୃତକର୍ମର ଫଳ ? ଅର୍ଥାତ୍ ଆମ ମନ ଭିତରେ କେତେ ଦିନ ଧରି ରଖିଥିବା ସେମାନଙ୍କୁ ସାହାଯ୍ୟ ନ କରିବାର ପ୍ରବୃତ୍ତି ? ଦୁଃଖ କଷ୍ଟରେ ଥିବା ଲୋକର ସହାୟତା ନ କରିବା ପାଇଁ ଆମେ କଣ କର୍ମବାଦର ଦୁହାଇ ନେବା ? ପୂର୍ବ ଜନ୍ମରେ ଭଲ କାମ କରିଥିଲ ବୋଲି ତୁମେ କଣ ଏ ଜନ୍ମରେ ଧନଧାନ୍ୟ ଠୁଳ କରୁଛ, ଅନ୍ୟର ନ୍ୟୁନତମ ଅଧିକାରରୁ ତାକୁ ବଞ୍ଚିତ କରୁଛ ? ଧର୍ମ କଣ ଏପରି କାମକୁ ଭଲ କାମ ବୋଲି କହୁଛି ? ଯଦି କହୁନାହିଁ ତେବେ ତୁମରି ପ୍ରବଚନ ଅନୁସାରେ ତୁମେ ତ ପରଜନ୍ମରେ ଦୁଃଖ କଷ୍ଟ ପାଇବ । କର୍ମବାଦ ତୁମକୁ ତ ଭଲ କାମ କରିବାକୁ ପ୍ରବର୍ତ୍ତାଇବା କଥା, ଅଥଚ ପରୋପକାର ନ କରି ନିଜର ଯଥାଯଥ ଆବଶ୍ୟକତା ଠାରୁ କାହିଁକି ବେଶି ଜମାଉଛ ? କାହିଁକି ବେଶି ବ୍ୟୟ କରୁଛ ? ତଦନୁଯାୟୀ ବେଶି ନଷ୍ଟ କରୁ ନାହଁ କି ? ସେତକ ତ ଅଭାବୀ ଲୋକର ଆବଶ୍ୟକତା ମେଣ୍ଟାଇପାରନ୍ତା ।

ଉପକାର କରିବା ଅର୍ଥ ଆମେ ଅନ୍ୟମାନଙ୍କୁ, ଆମଠାରୁ ଦୁର୍ବଳତର ସ୍ତରରେ ଥିବା ଲୋକଙ୍କୁ, ଉପରକୁ ଉଠାଇବାର ଚେଷ୍ଟା କରିବା । ଯେ ପର୍ଯ୍ୟନ୍ତ ତଳ ସ୍ତରର ଲୋକେ ଉପରରୁ ଉପରକୁ ନ ଉଠୁଛନ୍ତି ସେ ପର୍ଯ୍ୟନ୍ତ ଆମ ସଭ୍ୟତା ଆମ ସଂସ୍କୃତି ଉଚ୍ଚତର ହେବ ନାହିଁ । ଜଣେ ଅଧେ ତ ସଭ୍ୟତାକୁ ଉଚ୍ଚତର କରନ୍ତି ନାହିଁ ? ଏହା ଏକ ସାମୂହିକ ପ୍ରଚେଷ୍ଟା । ପରୋପକାର ସମାଜକୁ ଉନ୍ନତ କରେ । ସେବାର ପରିମାଣ ହିଁ ସଭ୍ୟ ଲୋକର ମାପକାଠି, ସଭ୍ୟତାର ମାନଦଣ୍ଡ । ଧନୀ ଓ କ୍ଷମତାଶାଳୀମାନେ କେତେ ଦିନ ଏକ ପ୍ରାଚୀରଘେରା ଦୁର୍ଗ ଭିତରେ ରହିପାରିବେ? ସମାଜ ମାନେ ନୁହେଁ ଯେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ନିର୍ଜନ ଦ୍ୱୀପର ଏକମାତ୍ର ଅଧିବାସୀ । ସେପ୍ରକାରର ଜୀବନ ଦିନେ ଅସହ୍ୟ ହୁଏ, ଜୀବନକୁ ସହନୀୟ କରିବା ଲାଗି ମଣିଷ ସମାଜଟିଏ ଦରକାର କରେ ଏବଂ ସମାଜରେ ରହିବାର ଅପର ଦିଗ ହେଉଛି ପରସ୍ପରର ଅନୁପୂରକ ତଥା ପରିପୂରକ ହେବା । ତାହା ହିଁ ସେବା, ତାହା ହିଁ ପରୋପକାର ।

ସହରୀ ସଭ୍ୟତା ଲୋକଙ୍କୁ ଗୋଟିଏ ଗୋଟିଏ ଦ୍ୱୀପ କରିଦେଉଛି, ନିଜ ରୋଜଗାରରେ ମଣିଷ ଏତେ ବ୍ୟସ୍ତ ରହୁଛି ଯେ ତା ଆଖି ଆଗରେ କେହି ଜଣେ ଗାଡି ତଳେ ଦଳି ହୋଇଗଲେ, କେହି ଗୋଟିଏ ଶିଶୁ ଫୋପଡା ହୋଇଥିଲେ, କେହି ଗୋଟିଏ ରୋଗୀ ଛଟପଟ ହେଉଥିଲେ, ତାକୁ ସମୟ ନାହିଁ ଆହା କହିବାକୁ, ସେ ଆଡ ଆଖିରେ ବି ଦେଖୁନାହିଁ । ସେ କେବେ ଭାବୁନାହିଁ ସେ ଯଦି କେବେ ଗୋଟିଏ ରାସ୍ତାରେ ଏମିତି ଛଟପଟ ହୁଏ ବା ଦୁର୍ଘଟଣାରେ ପଡି ଶେଷ ନିଶ୍ୱାସର ପାଖ ମାଡୁଥାଏ, ଅଥଚ କେହି ଟେକି ନେଇ ସାହାଯ୍ୟ କରିବାର ଚେଷ୍ଟା ବି କରନ୍ତି ନାହିଁ ତେବେ ପରିଣତି କଣ ହେବ । ସାହାଯ୍ୟ ନ କରିବାର ତୁମର ଖରାପ ଉଦାହରଣ ଅନ୍ୟମାନଙ୍କୁ ସଂକ୍ରମଣ କରିବ ତ ଦୁନିଆ ଏକ ନର୍କକୁଣ୍ଡ ହୋଇଯିବ । ଏତକ ଯଦି କେବେ ଭାବନ୍ତ, ପରୋପକାର ସ୍ୱର୍ଗୀୟ ଉକ୍ତିର ଅର୍ଥ ବୁଝନ୍ତ ।

ଯେଉଁ କାଳରେ ଆୟୁର୍ବିଜ୍ଞାନର ଉନ୍ନତି ତୁମକୁ ଶତାୟୁ କଲାଣି ବା କରିବାର ଆଶା ଦେଖାଇଲାଣି, ତୁମେ ଷାଠିଏ ପରବର୍ତ୍ତୀ ବୟସରେ କଣ କରିବ? ଅନ୍ୟକୁ ସାହାଯ୍ୟ କର, ତାର କର୍ମଠପଣିଆକୁ, ଖଟି ଖାଇବାର ବା କାମ କରିବାର ପ୍ରବୃତ୍ତିକୁ, ଉତ୍ସାହିତ କର, ତାହାର କାମ ଭିତରେ ତୁମେ ଖୁସି ପାଇବ । ଜଣେ ଦି ଜଣକୁ ଉପରକୁ ଉଠାଇବାର ଆନନ୍ଦ ତୁମକୁ ସ୍ୱର୍ଗ ସୁଖ ଦେବ । ସ୍ୱର୍ଗ ଦୂରରେ ବା କେଉଁ ଆକାଶରେ ନାହିଁ, ଏଇଠି ଅଛି, ତାକୁ ଅନୁଭବ କରିବାର ଶକ୍ତି ହାସଲ କର, ହାସଲ କରିବାର ଉପାୟ ହେଉଛି ପରୋପକାର । ଷାଠିଏ ପରର କାଳ ହେଉଛି ଅନ୍ୟର ଉପକାର କରିବାର ପ୍ରକୃଷ୍ଟ ସମୟ, ପରୋପକାର ପାଇଁ ଶାରୀରିକ ଶକ୍ତି ଯେତେ ଦରକାର ନୁହେଁ ମନୋବଳ ତତୋଧିକ ଦରକାର । ପାଖରେ ରହିବା, ଆଉଁସି ଦେବା, ନିଜର ସାମର୍ଥ୍ୟ ଅନୁଯାୟୀ ଯତ୍ କିଞ୍ଚିତ ସାହାଯ୍ୟ ପ୍ରଦାନ କରିବା – ଏ ସବୁ ତ ପରୋପକାରର, ସେବାର, ଚିହ୍ନ । ଏତକ କରି ଦେଖ ତୁମେ କେତେ ଖୁସି ହେଉଛ, ସେହି ଖୁସି ସେହି ସମୟ ପାଇଁ ନୁହେଁ କାଳ କାଳକୁ ତୁମକୁ ଖୁସି ରଖିବ । ଅନ୍ୟର ଆଖିରେ ତୁମେ ପରୋପକାରୀ ଭାବେ ପରିଚିତ ହୋଇ ପାରିଲେ ତୁମେ ସ୍ୱର୍ଗକୁ ଗଲ ବୋଲି ଲୋକେ କହିବେ । ସ୍ୱର୍ଗ କେହି ଦେଖିନାହିଁ, ଲୋକମୁହଁରେ ହିଁ ସ୍ୱର୍ଗ, ଲୋକ ମୁଖରେ ହିଁ ଅମରତ୍ୱ ।

ଆମେରିକାରେ ପିୟୁ ଗବେଷଣା ସଂସ୍ଥା ବିଭିନ୍ନ ଧର୍ମର ଲୋକଙ୍କ ଭିତରେ ସ୍ୱର୍ଗର ଧାରଣା ସମ୍ପର୍କରେ ଗୋଟିଏ ସର୍ଭେ କରିଥିଲା । କେବଳ ଗୋଟିଏ ଧର୍ମର ଲୋକେ କଣ ସ୍ୱର୍ଗ ଯିବେ, ଅନ୍ୟ ଧର୍ମର ଲୋକେ କଣ ଯାଇ ପାରିବେ ନାହିଁ, କେବଳ ଧର୍ମ-ଉପାସନା କରୁଥିବା

ଲୋକ କଣ ସ୍ୱର୍ଗକୁ ଯିବ, ଭଲଗୁଣର ଲୋକେ ପୂଜାପୂଜି ନ କରି କଣ ସ୍ୱର୍ଗକୁ ଯାଇ ପାରିବେ ନାହିଁ - ଏମିତି କେତୋଟି ପ୍ରଶ୍ନର ଉତ୍ତର ବିଭିନ୍ନ ବର୍ଗର ଓ ଧର୍ମର ଲୋକଙ୍କଠାରୁ ପିୟୁ ଚାହିଁଥିଲା । ସର୍ଭେ ଫଳରୁ ଜଣାଗଲା ଯେ ଭଲ ଲୋକଟିଏ ଯେଉଁ ଧର୍ମର ହେଉ ନା କାହିଁକି ସ୍ୱର୍ଗକୁ ଯାଉଥିବ, ଖରାପ ଲୋକଟିଏ ଯେତେ ଠାକୁର ପୂଜା କଲେ ବି ସେ ନର୍କକୁ ଯିବ ବୋଲି ସେମାନଙ୍କର ଉତ୍ତର ଥିଲା । ସ୍ୱର୍ଗର ମାନେ କଣ ଏ ସର୍ଭେ ଜଣାଏ । ମୃତ୍ୟୁପରେ ଯଦି ସ୍ୱର୍ଗ ଭଳି କୌଣସି ଜାଗା ଥାଏ ତାହା କେବଳ ଭଲ ଲୋକଙ୍କ ପାଇଁ ବୋଲି ସମସ୍ତଙ୍କ ଧାରଣା । ଏବଂ ଭଲ ଗୁଣ ମାନେ ପରର ଉପକାର, ନିଜର ସମୃଦ୍ଧି ହାସଲ ନୁହେଁ । ହିନ୍ଦୁ ଗୀତାରୁ କୁହ, କି ମୁସଲମାନ କୋରାନରୁ କୁହ, କି ଖ୍ରିଷ୍ଟିଆନ ବାଇବେଲରୁ ବା ଶିଖ ଗୁରୁଗ୍ରନ୍ଥରୁ କୁହ ବା ବୌଦ୍ଧ ତ୍ରିପିଟକରୁ ବା ଜୈନ ସୂତ୍ରରୁ କୁହ, ଅଥବା ରାଜନୀତି ଶାସ୍ତ୍ରର କମୁନିଜମ, ସୋସାଲିଜିମ ବା ଡିମୋକ୍ରାସି ବା ସେମିତି ଯାହା କିଛି ତତ୍ତ୍ୱରୁ କୁହ, ସବୁଥିରେ ତଳ ସ୍ତରର ଲୋକଙ୍କୁ ଉପରକୁ ଉଠାଇବା ପ୍ରଚେଷ୍ଟାକୁ ଧର୍ମ କହନ୍ତି, ଉପକାର କରିବାକୁ ଭଲ କାମ କହନ୍ତି । ଜନମଙ୍ଗଳ କାମ ନୁହେଁ ଧନୀର ଧନ ବଢାଇବା । ଏହା ସତ୍ତ୍ୱେ 'କଥା' ଆଉ 'କାମ' ଭିତରେ ଆମେ ଏତେ ଫରକ କାହିଁକି ରଖୁଛୁ ? ଅନ୍ତତଃ ଏ ଫରକ ଅଭିଜ୍ଞତାସମ୍ପନ୍ନ ଷାଠିଏ-ପର ବୟସର ଲୋକଙ୍କ କ୍ଷେତ୍ରରେ ରହିବା କଥା ନୁହେଁ । ସେମାନେ ଯେ ଏତେ ବର୍ଷ ତିଷ୍ଠିଲେଣି ତାହା କଣ ସମାଜର ଦାନ ନୁହେଁ? ଏ ଦାନର ପ୍ରତିଦାନ ଦେବା କଣ ସେମାନଙ୍କ କର୍ତ୍ତବ୍ୟ ନୁହେଁ ?

****



ବର୍ଷା ପାଇଁ ବରୁଣ ଦେବଙ୍କୁ ସନ୍ତୁଷ୍ଟ କରିବାକୁ ମୁମ୍ବାଇର ପୂଜକମାନେ ପାଣି ପିମ୍ପାରେ ପାର୍ଥନା କରୁଛନ୍ତି



## ସହଦେବ ସାହୁ

ଶିକ୍ଷାଗତ ମେଧା : ୩ୟ, ୫ମ ଓ ୭ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଶିକ୍ଷାଜିଲ୍ଲାରେ, ଏଚ.ଏସ୍.ସି. ଓ ଆଇ.ଏସ୍.ସି. ରେ ରାଜ୍ୟରେ ଏବଂ ରାଜନୀତି ବିଜ୍ଞାନରେ (ଆହ୍ଲାହାବାଦ) ବିଶ୍ୱବିଦ୍ୟାଳୟରେ ପ୍ରଥମ ।

ନିଯୁକ୍ତିକାଳ:୧୯୬୩-୬୪ ବାରାଣାସୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ସ୍ୱଳ୍ପକାଳୀନ ଅଧ୍ୟାପନା । ୧୯୬୪-୨୦୦୦ ଓଡ଼ିଶାରେ ଭାରତୀୟ ପ୍ରଶାସନିକ ସେବା । ୧୯୯୯ ଅକ୍ଟୋବର ୧୦ରେ ମୁଖ୍ୟ ଶାସନ ସଚିବ ପଦବୀ ଶେଷ । ୨୦୦୦ରେ ସ୍ୱେଚ୍ଛାକୃତ ଅବସର ପରେ ୨୦୦୩ ଯାଏ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି, ୨୦୦୪-୦୫ ରାୟପୁର ସୁପ୍ରିମ ୟୁନିଭର୍ସିଟିର ଚାନ୍‌ସେଲର ।

୪୪ରୁ ଅଧିକ ପୁସ୍ତକ ପ୍ରକାଶିତ । ଦୁଇଟି ଇଂରାଜୀ, ଗୋଟିଏ ହିନ୍ଦୀ ପୁସ୍ତକ ପ୍ରକାଶିତ । ଦୁଇବର୍ଷରୁ ଅଧିକକାଳର ସମ୍ପାଦନାରେ ସୁଲଭ ଓ ସୁନ୍ଦର "ସାରଳା ମହାଭାରତ" ଶବ୍ଦକୋଷ ସହ ସାରଳା ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ ।

ବନ୍ଧନମୁକ୍ତ ପ୍ରାବନ୍ଧିକ (ଫ୍ରିଲାନ୍ସ ରାଇଟର) : ସଂସାର, ସମାଜ, ପ୍ରଜାତନ୍ତ୍ର, ସମୟ, ଧରିତ୍ରୀ, ପ୍ରଗତିବାଦୀ, ସମ୍ବାଦ, ପ୍ରଜାତନ୍ତ୍ର ପ୍ରତିଭା, ଝଙ୍କାର ଆଦି ଆହୁରି କେତେ ପତ୍ରପତ୍ରିକାରେ ଲେଖା । ବେତାର ଓ ଟେଲିଭିଜନରେ ଆଳାପ ଆଲୋଚନା । ହଜାରରୁ ଅଧିକ ପ୍ରବନ୍ଧ ପ୍ରକାଶିତ । ଡାକଟିକଟ ସଂଗ୍ରହରେ ଭାରତର ସର୍ବୋଚ୍ଚ ଆସୋସିଏସନର ସଭାପତି, ଟିକଟ ପ୍ରଦର୍ଶନୀମାନଙ୍କରେ ବିଚାରପତି । ଜାତୀୟ କମିସନର ଭାବେ ବିଂଶାଧିକ ଦେଶରେ ଭାରତର ପ୍ରତିନିଧିତ୍ୱ ।

ପୁରସ୍କାର: ଶ୍ରେଷ୍ଠ ଗାଳ୍ପିକ ୧୯୮୬ର, ଦି ଫଲ୍‌ଗୁ: ୧୯୮୭ର ଇନାଦୁ । ଜନପ୍ରିୟ ବିଜ୍ଞାନରେ -ପଠାଣି ସାମନ୍ତ ପୁରସ୍କାର, ଓଡ଼ିଶା ବିଜ୍ଞାନ ପ୍ରଚାର ସମିତି, ଡକ୍ଟର୍ସ ଇଣ୍ଟରନାସନାଲ, ପ୍ରାଣକୃଷ୍ଣ ବିଜ୍ଞାନ ସାହିତ୍ୟ, ଉତ୍କଳ ସାହିତ୍ୟ ସମାଜ । ସାମଗ୍ରିକ ସୃଷ୍ଟି ପୁରସ୍କାର -ନିଖିଳ ଉତ୍କଳ ଲେଖକ ସମାବେଶ, ସାରସ୍ୱତ ସାହିତ୍ୟ ସଂସ୍କୃତି ପରିଷଦ, ସ୍ୱର ଓ ସ୍ୱାକ୍ଷର, ଚିନ୍ତା ଓ ଚେତନା, ଆଦିକବି ସମ୍ମାନ, ମାହାଙ୍ଗା ବିପ୍ଳବ ମିଳନ, ବାଗ୍‌ଦେବୀ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମି, ସାରଳା ସମ୍ମାନ । ସାଧାରଣ କୃତି ସମ୍ମାନ - ରାଷ୍ଟ୍ରୀୟ ମୈତ୍ରୀ ସମ୍ମାନ, ବାଲ୍ ସହଚର ବନ୍ଧୁ, ସଂସାର, ନୀଳଶୈଳ , ରାଜୀବ ଗାନ୍ଧି ସଦ୍ଭାବନା ।

ଉପାଧି: ବିଦ୍ୟାରତ୍ନ-୧୯୮୪, ସଜ୍ଜନ -୧୯୯୬, ଉତ୍କଳଶ୍ରୀ - ୨୦୦୭ । ବିଦେଶୀ ସମ୍ମାନ -ଡିଷ୍ଟିଙ୍ଗୁଇସ୍ଡ ଲିଡରସିପ୍, ମ୍ୟାନ ଅଫ୍ ଦି ଇୟର, ଅନରାରି ଆଡ୍‌ଭାଇଜର ଟୁ ଦି ରିସର୍ଚ୍ଚ ବୋର୍ଡ ଅଫ୍ ଆଡ୍‌ଭାଇଜରସ, ଏ.ବି.ଆଇ.ର ଇନ୍‌ସିଗିନିଆ ଅଫ୍ ରେକଗ୍ନିସନ୍ ସ୍ୱର୍ଣ୍ଣପଦକ, କ୍ୟାମ୍ବ୍ରିଜ । ଅନରାରୀ କର୍ଣ୍ଣେଲ କମାଣ୍ଡାଣ୍ଟ, ଏନ୍‌ସିସି ।

ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ ସମାଜସେବା ବ୍ୟାପାରରେ ବହୁ ସଂସ୍ଥା ସହ ଜଡ଼ିତ ।